

# ପ୍ରବୋଧ


ରଚୟିତା : **ତ୍ରିମତ ଏକୈକ ଗୁରୁ**

ଆଧାତ୍ମିକ ସାମ୍ରାଜ୍ୟର ଚକ୍ରବର୍ତ୍ତୀ, (୧୦୦) ଶତାଧିକ ଗ୍ରନ୍ଥକର୍ତ୍ତା,

ଇନ୍ଦୁ ଜ୍ଞାନ ଧର୍ମପ୍ରଦାତା, ଗୃଞ୍ଜଲ୍ୟ ସୃଷ୍ଟିକାରୀ ରଚୟିତା, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା

## ଶ୍ରୀଶ୍ରୀଶ୍ରୀ ଆଗ୍ରୂର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର

ଅନୁବାଦକ : **ରଘୁନାଥ ମାନସିଂହ**






ପ୍ରକାଶକ :

**ଇନ୍ଦୁ ଜ୍ଞାନବେଦିକା**

(Estd. in 1978 - Regd.No.: 168/2004)

ତ୍ରୈତ ଶକାବ୍ଦ - 45 ପ୍ରଥମ ମୁଦ୍ରଣ : March 2023

ସଂଖ୍ୟା : 1000 ମୂଲ୍ୟ : /-

## ଯୋଗୀଶ୍ୱରଙ୍କ ଗ୍ରନ୍ଥାବଳୀ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)


୧. ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା
୨. ଇନ୍ଦୁ ରୀତି
୩. ଇନ୍ଦୁତ୍ୱର ରକ୍ଷା କରିବା
୪. ଆଧ୍ୟାତ୍ମିକ ପ୍ରଶ୍ନ - ଉତ୍ତର
୫. ହିନ୍ଦୁ ମତରେ ଜାତିଆଣ ଭାବ
୬. ଗାଳିରେ ଜ୍ଞାନ - ଆଶିଷରେ ଅଜ୍ଞାନ
୭. ଶ୍ରୀକୃଷ୍ଣ ଈଶ୍ୱର ! କି ଭଗବାନ ! !
୮. ଯଜ୍ଞ (ସତ କି ମିଛ ?)
୯. କେଉଁ ମତରେ କେତେ ମତଦ୍ୱେଷ ?
୧୦. ହିନ୍ଦୁ ମତର ସିଦ୍ଧାନ୍ତକର୍ତ୍ତାମାନେ
୧୧. ଦୈବଗ୍ରନ୍ଥରେ ସତ୍ୟାସତ୍ୟ ବିବେଚନା
୧୨. କ'ଣ ଏହା ଈଶ୍ୱରଙ୍କ ଆଗମନର ସମୟ ନୁହେଁ !
୧୩. ତିନି ଗ୍ରନ୍ଥ, ଦୁଇ ଗୁରୁ
୧୪. ପ୍ରେତ-ଭୂତଙ୍କ ଯଥାର୍ଥ ସଂଘଟନା
୧୫. ପ୍ରତିମା× ବିଗ୍ରହ - ଦୈବ× ପ୍ରେତ
୧୬. ତ୍ରୈତକାର ରହସ୍ୟ (ତ୍ରୈତକାର ବେର୍ମୁଣ୍ଡା)
୧୭. ହେତୁବାଦ ପ୍ରଶ୍ନ- ସତ୍ୟବାଦ ଜବାବ
୧୮. ଜ୍ୟୋତିଷ୍ୟଶାସ୍ତ୍ର (ଶାସ୍ତ୍ର- ଅଶାସ୍ତ୍ର ?)
୧୯. ମନ୍ତ୍ର - ମହିମା(ସତ- ମିଛ ?)
୨୦. ଅନ୍ତିମ ଦୈବଗ୍ରନ୍ଥର ଜ୍ଞାନବାକ୍ୟାବଳୀ
୨୧. ଆମ ପର୍ବ (କିପରି ପାଳିବା ଜାଣନ୍ତି ?)
୨୨. କଳିଯୁଗ (କଦାପି ଯୁଗାନ୍ତ ହେବ ନାହିଁ)
୨୩. କୃଷ୍ଣମୁଷା (ଶ୍ରୀକୃଷ୍ଣଙ୍କମରଣୋତ୍ତର ଜୀବନ)
୨୪. ସ୍ୱର୍ଗ ଇନ୍ଦ୍ରଲୋକ ! ନରକ ଯମରାଜ୍ୟ ! !
୨୫. ତିନି ଦୈବଗ୍ରନ୍ଥ - ତିନି ପ୍ରଥମ ବାକ୍ୟ ।
୨୬. ନିଷ୍ପତି - ଈଶ୍ୱରଙ୍କ ନିଷ୍ପତି
୨୭. ଗୁତ୍ତା
୨୮. ପ୍ରବୋଧ
୨୯. ସୁବୋଧ
୩୦. ଆଦିତ୍ୟ
୩୧. ସମାଧି
୩୨. ମାତା - ପିତା
୩୩. କଷଟିପଥର
୩୪. ତ୍ରୈତାରାଧନା
୩୫. ଧର୍ମଚକ୍ର
୩୬. ପ୍ରସିଦ୍ଧ ବାଣୀ
୩୭. କର୍ମଗ୍ରନ୍ଥ
୩୮. ତୋ ପାଇଁ ମୋ ଲେଖା
୩୯. ଜଣେ ହିଁ ଦୁଇଜଣ
୪୦. ଦୈବମୁଦ୍ରା
୪୧. ଭାବ - ଭାଷା
୪୨. କାହାଣୀରେ ଜ୍ଞାନ
୪୩. ସତ୍ୟାନ୍ୱେଷୀ କଥା
୪୪. କୃଶ କଣ ଈଶ୍ୱର ?
୪୫. ଆତ୍ମଲିଙ୍ଗାର୍ଥ
୪୬. ପ୍ରାଥମିକ ଜ୍ଞାନ
୪୭. ବିଶ୍ୱବିଦ୍ୟାଳୟ
୪୮. ଜିହାଦ୍ କହିଲେ ଯୁଦ୍ଧ ?
୪୯. ଜନନ ମରଣ ସିଦ୍ଧାନ୍ତ
୫୦. ମତାତୀତ ଈଶ୍ୱରମାର୍ଗ
୫୧. ଦୈବ ଚିହ୍ନ
୫୨. ମତ-ପଥ
୫୩. ଦ୍ରାବିଡ ବ୍ରାହ୍ମଣ
୫୪. ପ୍ରବକ୍ତାମାନେ କିଏ ?
୫୫. ଧର୍ମଶାସ୍ତ୍ର କେଉଁଟି ?
୫୬. ଈଶ୍ୱରଙ୍କ ଚିହ୍ନ-୯୬୩
୫୭. ଇନ୍ଦୁ କଣ କ୍ରୈସ୍ତବ ?
୫୮. ନାସ୍ତିକ-ଆସ୍ତିକ

# ଯୋଗୀଶ୍ୱରଙ୍କ ଚାଞ୍ଚଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ରଚନାବଳୀ (ପ୍ରକାଶକ–ଇନ୍ଦୁ ଜ୍ଞାନ ବେଦିକା)

୫୯. ପ୍ରବୋଧ ତରଙ୍ଗ
୬୦. ଗୀତା ପରିଚୟ
୬୧. ତୈତ ସିଦ୍ଧାନ୍ତ
୬୨. ବାର୍ତ୍ତକ - ବର୍ତ୍ତକ
୬୩. ଧର୍ମ - ଅଧର୍ମ
୬୪. ତତ୍ତ୍ୱରେ ଜ୍ଞାନ
୬୫. ମରଣ ରହସ୍ୟ
୬୬. ପୁନର୍ଜନ୍ମ ରହସ୍ୟ
୬୭. ଗୁରୁ ପ୍ରାର୍ଥନା ମଞ୍ଜରୀ
୬୮. ରଢ଼ିରେ ଜ୍ଞାନ
୬୯. ଦ୍ୱନ୍ଦାର୍ଥ କାହାଣୀ ଜ୍ଞାନ
୭୦. କେଉଁଟି ସତ୍ୟ ଜ୍ଞାନ ?
୭୧. ନିଗୁଢ଼ ତତ୍ତ୍ୱାର୍ଥ ବୋଧିନି
୭୨. ଦେବାଳୟ ରହସ୍ୟ
୭୩. ପ୍ରବୋଧାନନ୍ଦ ନାଟକ
୭୪. ହେତୁବାଦ - ପ୍ରତିବାଦ
୭୫. ମତ ବଦଳାଇବା ଦୈବଦ୍ରୋହ
୭୬. ମୋର ଲୋଚନା-ତୋର ଆଲୋଚନା
୭୭. ଧ୍ୟାନ-ପ୍ରାର୍ଥନା-ନମାଜ୍
୭୮. ସାଇବାବା ଈଶ୍ୱର ! କି ନୁହନ୍ତି ?
୭୯. ଲୁ କହିଲେ କଅଣ ?
୮୦. ପ୍ରଥମେ ଗଛ ! କି ମଞ୍ଜି ?
୮୧. ଗୀତମ୍-ଗୀତା
୮୨. ମରଣ ପରେ ଜୀବନ
୮୩. ପ୍ରଥମ ଦୈବଗ୍ରନ୍ଥ ଭଗବଦ୍ଗୀତା
୮୪. ଦୈବ ଜ୍ଞାନ କବ୍ଜା ହୋଇଛି
୮୫. ଅଜ୍ଞାନ ହିଁ ଉଗ୍ରବାଦର ବୀଜ
୮୬. ଗୋଟିଏ ବାଣୀ ତିନି ଗ୍ରନ୍ଥ
୮୭. ତ୍ରୈତ ସିଦ୍ଧାନ୍ତ ଆଧ୍ୟାତ୍ମିକ ଘଂଟ
୮୮. ଯୀଶୁ ମୃତ୍ୟୁବରଣ କରିଥିଲେ ?
କି ତାଙ୍କୁ ହତ୍ୟା କରାଯାଇଥିଲା ?
୮୯. କ'ଣ ସତ୍ୟ- କ'ଣ ଅସତ୍ୟ ?
୯୦. ଜଣେ ବ୍ୟକ୍ତି ଦୁଇ କୋଣ
୯୧. ଅନ୍ତିମ ଦୈବଗ୍ରନ୍ଥର ବଜ୍ର ବାକ୍ୟାବଳୀ
୯୨. ବ୍ରହ୍ମ-ରାବଣବ୍ରହ୍ମ-ଭଗବାନ୍ ରାବଣବ୍ରହ୍ମ
୯୩. ଦ୍ୱିତୀୟ ଦୈବଗ୍ରନ୍ଥର ରତ୍ନବାକ୍ୟ
୯୪. ହିନ୍ଦୁଧର୍ମର ରକ୍ଷଣ ଆବଶ୍ୟକ ?
୯୫. ବେଦ ମଣିଷର ଆବଶ୍ୟକ ?
୯୬. ଉପନିଷଦରେ ତ୍ରୁଟି
୯୭. କୋରାନ-ହଦିସ୍
୯୮. ସୁପ୍ରସିଦ୍ଧ ବାଣୀ
୯୯. ଭକ୍ତିରେ ତୁମେ ସଂସାରୀ ? କି ବ୍ୟଭିଚାରୀ ?
୧୦୦. ଶତଂ
୧୦୧. ସିଦ୍ଧ ବାଣୀ
୧୦୨. ସତ୍ୟାର୍ଥ ପ୍ରକାଶିକାରେ ସତ୍ୟ କେତେ ?
୧୦୩. ରୂପ ବଦଳିଥିବା ଗୀତା
୧୦୪. ଶୁନ
୧୦୫. ତତ୍ତ୍ୱାର୍ଥ ଛବିଳ ଜ୍ଞାନ



**ଭାଷାରେ ପାଣ୍ଡିତ୍ୟକୁ ଛାଡି ଭାବରେ ପାଣ୍ଡିତ୍ୟକୁ ଦେଖୁଥିବା ପାତ୍ର ହିଁ ପ୍ରକୃତ ଜ୍ଞାନୀ ।**

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗୃନ୍ଥଲ୍ୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)


୧. ଗୁର୍ତିଞ୍ଚବଡନିବାଡୁ ଗୁରବୁ

୨. ପୁଟିନରୋଜୁ ଏବରିକି ରାଦୁ

୩. ଦ୍ୱିତୀୟୁଡୁ-ଅଦ୍ୱିତୀୟୁଡୁ

୪. ଏକ୍ ନିରଞ୍ଜନ୍ ଆଲେକ୍ ନିରଞ୍ଜନ୍

୫. ମାୟକୁଡୁ-ଅମାୟକୁଡୁ

୬. ତଲ୍ଲି ତଣ୍ଡ୍ରି-ଗୁରୁ ଦୈବମୁ

୭. ଗୁରୁବୁଲେନି ବିଦ୍ୟା ଗୁଡ୍ଡିବିଦ୍ୟା

୮. ମତମୁଲଲୋ ପବିତ୍ରଯୁଦ୍ଧମୁ

୯. ପ୍ରପଂଚ ଶ୍ରଦ୍ଧା-ପରମାତ୍ମା ଶ୍ରଦ୍ଧା

୧୦. ଦେଶଂ ମୋସଂ-ଦେହଂ ମୋହଂ

୧୧. ଏଦମିଦା ମୁଦ୍ରା-ତଲ୍ଲିତଣ୍ଡ୍ରି ଗୁର୍ତୁ

୧୨. ମୁଡୁ ପୁଟକାଲୁ-ରେଣ୍ଡୁ ଜାଗାଲୁ

୧୩. ଯୋଗୀଶ୍ୱରୁଲ ଜନ୍ମଦିନ ସଂଦେଶମ୍

୧୪. ତେଲୁଗୁଲୋ ମୁଡୁ-ଆରୁ-ତୁମ୍ମିଦି

୧୫. ମାୟା ମର୍ମ-ଆତ୍ମା ଧର୍ମ

୧୬-ବାୟିଟି ସମାଜମ୍-ଲୋପଲି ସମାଜମ୍

୧୭. ଦେଉନି ଜ୍ଞାନଂ-ମାୟା ମାହାତ୍ମ୍ୟମ୍

୧୮. ମୁଡୁ ନିର୍ମାଣାଲୁ-ଓକ ପରିଶୁଭ୍ରତା

୧୯. ସହଜ ମରଣମ୍-ତାତ୍କାଳିକ ମରଣମ୍

୨୦. ମେଘଂ ଓକ ଭୂତଂ-ରୋଗଂ ଓକ ଭୁତଂ

୨୧. କର୍ମ ଲେନି କୃଷ୍ଣୁଡୁ-କର୍ମ ଉନ୍ନା କୃଷ୍ଣୁଡୁ

୨୨. ସ୍ୱାର୍ଥ ରାଜକୀୟଂ (ସ୍ୱ+ଅର୍ଥ ରାଜକୀୟଂ)

୨୩. ଶ୍ରୀକୃଷ୍ଣୁଡୁ ଚନିପୋୟାଡା ? ଗୁଞ୍ଚବଡ୍ଡାଡା ?

୨୪. ଅନ୍ତିମ ଗ୍ରନ୍ଥମୁଲୋ ପ୍ରଥମ ବାକ୍ୟମୁଲୁ

୨୫. ଇଚ୍ଛାଧିନକାର୍ୟମୁଲୁ-ଅନିଚ୍ଛାଧିନ କାର୍ୟମୁଲୁ

୨୬. ଟକ୍କୁଟମାରା,ଇନ୍ଦ୍ରଜାଲ ମହେନ୍ଦ୍ରଜାଲ, ଗଜକର୍ଣ୍ଣ, ଗୋକର୍ଣ୍ଣ

୨୭. ଆତ୍ମା, ୨୮-ତାତା

୨୯. ତଲ୍ଲି , ୩୦-ଭୟଂ

୩୧. ଆତ୍ମାପନି ୩୨-ବଛତଲା

୩୩. ୟାଦବ୍, ୩୪-ଜ୍ଞାନଶକ୍ତି

୩୫. ସମାଧି , ୩୬-୬-୩=୬

୩୭. ସନ୍ତକମ୍ , ୩୮-ପ୍ରଭୂ-ପ୍ରଜା

୩୯. ତ୍ରୈତଶକମ୍, ୪୦. ତୋଲେବାଡୁ

୪୧. ତଲ୍ଲି ତଣ୍ଡ୍ରି, ୪୨. ନଟିଂଚେ ଆତ୍ମା

୪୩. ସଂଚିତ କର୍ମ, ୪୪. ଗୁରୁ ଚିହ୍ନଂ

୪୫. ଆସ୍ତି- ଦୋସ୍ତି, ୪୬. ବେଲୁଗୁବଂଟୁ

୪୭. ଧର୍ମଚକ୍ରଂ, ୪୮. ଦୈବଗ୍ରନ୍ଥମୁ

୪୯. ଭକ୍ତି-ଶ୍ରଦ୍ଧାଲୁ

୫୦. ପୁରୁଷୋତ୍ତମ

୫୧. ମତଦ୍ୱେଷମୁ, ୫୨. ଗ୍ରହୀତଶକ୍ତି

୫୩. ଆଡିଂଚେ ଆତ୍ମା

୫୪. ଏଦି ଶାସ୍ତ୍ରମୁ ?, ୫୫. ଭଗବନ୍ତୁଡୁ

୫୬. ଏଦି ଧର୍ମମୁ ?, ୫୭. ଗୁରୁ ପୌର୍ଣ୍ଣମୀ

୫୮. ଶ୍ରୀକୃଷ୍ଣାଷ୍ଟମୀ, ୫୯. ଗୋରୁ - ଗୁରୁ

୬୦. ଦଶ- ଦିଶାଲୁ, ୬୧. ମାଟା-ମନ୍ଦୁ

୬୨. ସୃଷ୍ଟି - ସୃଷ୍ଟିକର୍ତା

୬୩. କଲିଯୁଗମୁ, ୬୪. ସେବା ଶାତମୁ

୬୫. ପ୍ରକୃତି-ବିକୃତି, ୬୬. ପୈତ୍ୟଂ-ସୈତ୍ୟଂ

୬୭. ନୈଜଂ-ସହଜଂ, ୬୮. ଭକ୍ତି-ଭୟମୁ

୬୯. ସାମ୍ପ୍ରଦାୟମୁ, ୭୦. ଅଦୁରୁ-ବେଦୁରୁ

୭୧. ନି ବେନୁକାବାଡୁ, ୭୨. ଶବମୁ-ଶିବମୁ

୭୩. ଶୈବମୁ-ବୈଷ୍ଣବମୁ,

୭୪. ଧର୍ମମୁ-ଅଧର୍ମମୁ

୭୫. ଦ୍ରାବିଡୁଲୁ-ଆର୍ୟୁଲୁ

୭୬. କାୟି-ପଣ୍ଡୁ-କାୟି, ୭୭. ୟୁଗମୁ-ଯୋଗମୁ

୭୮. ଦେଉନିକି ମତମୁନ୍ନାଦା ?

୭୯. କର୍ମ ମର୍ମମୁ

# ଯୋଗୀଶ୍ୱରଙ୍କ ଦ୍ୱାରା କଥିତ ଗ୍ରନ୍ଥାଲୟ ସୃଷ୍ଟିକାରୀ ତ୍ରିମତ ଆଧ୍ୟାତ୍ମିକ ପ୍ରସଙ୍ଗାବଳୀ (ତେଲୁଗୁ)

୮୦. ପୁଟ୍ଟୁଟା-ଗିଟ୍ଟୁଟା, ୮୧. ଏକତା-ଏକାଗ୍ରତା
୮୨. ଚମତ୍କାର ଆତ୍ମା, ୮୩. ନିଦର୍ଶ-ନିରୂପ
୮୪. ଗୁରୁବୁ ଏବରୁ ?, ୮୫. ତ୍ରୈତ ସିଦ୍ଧାନ୍ତମୁ
୮୬. ସ୍ତ୍ରୀ/ ପୁଂ - ଲିଙ୍ଗମୁ, ୮୭. ଜୀର୍ଣ୍ଣ+ଆଶୟମୁ
୮୮. ଶ୍ରୀକୃଷ୍ଣୁଡୁ ଏବରୁ ?
୮୯. ଆଟା-ଦୋବୁଚଲାଟା
୯୦. ପ୍ରଜାଲୁ-ମାନବୁଲୁ
୯୧. ଦନ୍ତମୁ-ଅନ୍ତମୁ, ୯୨. ମତମୁ-ପଥମୁ
୯୩. ଏଡୁ ଆକାଶମୁଲୁ, ୯୪. ଅର୍ଥମୁ-ଅପାର୍ଥମୁ
୯୫. ମୁଡୁ ଗ୍ରନ୍ଥମୁଲୁ, ୯୬. ଗ୍ରନ୍ଥମୁ-ବୋଧା
୯୭. ପ୍ରଭୂବୁ-ପ୍ରଭୂତ୍ୱଂ
୯୮. ଜ୍ଞାନମୁ-ବିଜ୍ଞାନମୁ
୯୯. ବାର-ମାସ-ବତ୍ସର
୧୦୦. ଭୂତଂ-ମହାଭୂତଂ
୧୦୧. ସେକୁବଲି-କୁଲିସେବା
୧୦୨. ଆତ୍ମାକୁ ବେଂଟ୍ରକୁଲୁ ଗୁର୍ତ୍ତୁ
୧୦୩. କୋଡିପୁଞ୍ଜୁ-ପାଦରସମ୍
୧୦୪. ଇନ୍ଦୁ ମହାସମୂଦ୍ରମୁ
୧୦୫. ଶ୍ରୀକୃଷ୍ଣ ଜନ୍ମ ମଥୁରା
୧୦୬. ଅଧର୍ମ ଆରାଧନାଲୁ
୧୦୭. ପୁସ୍ତକମୁ-ଗ୍ରନ୍ଥମୁ
୧୦୮. ହରିକାଲୁ-ହରିଚେୟି
୧୦୯. ପୁଟଗୋସି-ମୁଲତ୍ରାଡୁ
୧୧୦. ୧୨୩ ଗୁରୁପୌର୍ଣ୍ଣମୀ
୧୧୧. କ୍ଷମିଂଚରାନି ପାପମୁ
୧୧୨. ମରଣମୁ -ଶରୀରମୁ
୧୧୩. ଦିବ୍ୟ ଖୁରାନ୍-ହଦୀସୁ
୧୧୪. ଇନ୍ଦୁ-ହିନ୍ଦୁ
୧୧୫. ସୁଖମୁ-ଆନନ୍ଦମୁ
୧୧୬. କାଲଜ୍ଞାନ ବାକ୍ୟମୁଲୁ
୧୧୭. ଭୌତିକମୁ-ଅଭୌତିକମୁ
୧୧୮. ଦେଉନି ଆଜ୍ଞା-ମରଣମୁ
୧୧୯. ଜ୍ଞାନମୁ ଦଗ୍‌ଗରା ଜାଗ୍ରତା
୧୨୦. ଚନ୍ଦ୍ରାକାରମୁ(ବଙ୍ଗତଲା)
୧୨୧. ଜ୍ଞାନମୁ କବ୍ଚା ଆଇନ୍ଦି !
୧୨୨. ଦେଉଡୁ-ଇଦ୍ଦରା ! ଓକରା ! !
୧୨୩. ମତ ସାମରସ୍ୟଂ
୧୨୪. ମୋକ୍ଷମୁ-ମୋସମୁ
୧୨୫. ଅକ୍ଷର ଜ୍ଞାନମୁ
୧୨୬. ଲାଲା ଜଲମୁ
୧୨୭. ଦୈବ ଧର୍ମମୁଲୁ-ମତ ସାମ୍ପ୍ରଦାୟଲୁ
୧୨୮. ଆହାରମୁ ନିକା ! ନି ଆତ୍ମାକା !
୧୨୯. ମାତ୍ରା-ମନ୍ତ୍ରୁ
୧୩୦. କାଲଚକ୍ରଂ
୧୩୧. ବ୍ରହ୍ମବିଦ୍ୟା ,୧୩୨-ଶକ୍ତି
୧୩୩. ପୌର୍ଣ୍ଣମୀ-ଅମାବାସ୍ୟା
୧୩୪. ଈଶ୍ୱର-ପରମେଶ୍ୱର
୧୩୫. ପୁରୁଷୋତମ-ଶ୍ରୀରାମ
୧୩୬. ଦେଉନିକି ଓକଡେ କୁମାରୁଡୁ-ଦେଉନିକି ଅନେକମନ୍ଦି କୁମାରୁଲୁ
୧୩୭. ଜଳଂ,୧୩୮- ଅଧିପତି
୧୩୯. ଗ୍ରହାନ୍ତର ବାସୁଲୁ
୧୪୦. ଦେଉଡୁ ଦ୍ୱିତୀୟୁଡା ? ଅଦ୍ୱିତିୟୁଡା ?
୧୪୧. ଆଧ୍ୟାତ୍ମିକ ପ୍ରଶ୍ନଲୁ-ଜବାବୁଲୁ
୧୪୨. ଗଶରୀରମୁଲୋ ରକ୍ତମୁ-ଗ୍ରନ୍ଥମୁଲୋ ଜ୍ଞାନମୁ

# ଇନ୍ଦୁ ଜ୍ଞାନବେଦିକା ଦ୍ୱାରା ପ୍ରକାଶିତ ଆଧ୍ୟାତ୍ମିକ ଗ୍ରନ୍ଥଗୁଡିକର ପ୍ରାପ୍ତିସ୍ଥାନ

## ପ୍ରବୋଧାଶ୍ରମ (ଶ୍ରୀକୃଷ୍ଣ ମନ୍ଦିର)

ଗ୍ରାମ-ଚିନ୍ନାପୋଡମଲା, ମଣ୍ଡଳ-ତାଡିପତ୍ରି, ଜିଲ୍ଲା- ଅନନ୍ତପୁରମ୍ (ଏ.ପି)
ଫୋନ୍ ନମ୍ବର : 6371487960, 8260963963, 6370369563.

*****

## ପ୍ରବୋଧା ସେବା ସମିତି (ଶାଖା)

ଗ୍ରାମ- କଡବ, ବେଗୁନିଆ, ଖୋରଧା, 752062 ଓଡିଶା
ସେଲ୍ ନମ୍ବର : 6371487960 (ପ୍ରେସିଡେଣ୍ଟ୍)

୧.କଳ୍ପନା ସୁନ୍ଦରାୟ:7978498668, ୨.ଏସ୍. ବିଶ୍ୱେଶ୍ୱର ରାଓ:9437527499.
୩.ତେଜସ୍ୱିନୀ ମାନସିଂହ:9777075446, ୪.ଦିପ୍ତିରଞ୍ଜନ ପଣ୍ଡା : 7873229092.
୫.ଲକ୍ଷ୍ମୀଧର ପାଇକରାୟ:9692557801, ୬.ରଘୁନାଥ ମାନସିଂହ : 6371487960.

*****

## ଇନ୍ଦୁ ଜ୍ଞାନବେଦିକା ଶାଖା,

ମଲ୍ଲିଗାଓଁ (ଗ୍ରାମ), କୋତପେଟା (ପୋ) ରାୟଗଡା ଜିଲ୍ଲା (ଓଡିଶା)
ସେଲ୍ ନଂ - 8260963963 (ପ୍ରେସିଡେଣ୍ଟ୍)
୧. ଏସ୍. ବିଶ୍ୱେଶ୍ୱର ରାଓ : 9437527499
୨. ଇ. ଅଶୋକ କୁମାର : 6370043490
୩. ଆର୍. ସନ୍ତୋଷ କୁମାର ଶର୍ମା : 6370369563
୪. ଡି.ରବି (ପାରଳାଖେମୁଣ୍ଡି) : 8248683055
୫. ଏସ୍. ଗୌରିଶଙ୍କର ରାଓ : 9348538123
୬. ଇ. ସିହାଂଚଲମ୍:9437527470, ୭. ଡି. ପ୍ରସାଦ୍ ରାଓ : 7013546537

**www.thraithashakam.org**
Youtube : thraitha siddantham

# ଯୋଗୀଶ୍ୱରଙ୍କ ଶୃଙ୍ଖଳ୍ୟାତ୍ମକ ତ୍ରିମତ ଆଧ୍ୟାତ୍ମିକ ରଚନା ସାରାଂଶ

୧. ତ୍ରୈତ ସିଦ୍ଧାନ୍ତର ଅକ୍ଷର ସମାବେଶ ହିଁ, ଆତ୍ମା ସମାର ହୋଇ ରହିଛି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ କ୍ଷୟ, ଅକ୍ଷୟ ସମାଚ୍ଚର ଏବଂ ପରମାତ୍ମା ସମାଚ୍ଚର ରହିଛି ।

୨. ତ୍ରୈତ ସିଦ୍ଧାନ୍ତ ସମ୍ବନ୍ଧୀୟ ଗ୍ରନ୍ଥଗୁଡିକ ଭୌତିକତଃ ଲେଖିଛନ୍ତି ଯୋଗୀଶ୍ୱର । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଅଭୌତିକ ଭାବରେ ଯୋଗଶକ୍ତି ରହିଛି ।

୩. ତ୍ରୈତ ସିଦ୍ଧାନ୍ତ ଇନ୍ଦୁ (ହିନ୍ଦୁ) ଧର୍ମରେ ବିପ୍ଳବାତ୍ମକ ଭାବରେ ରହିଛି । ତ୍ରୈତ ସିଦ୍ଧାନ୍ତର ଜ୍ଞାନ ଶୃଙ୍ଖଳ୍ୟ ସୃଷ୍ଟି କରୁଛି । ପଢି ଦେଖନ୍ତୁ ।

୪. ତ୍ରୈତ ସିଦ୍ଧାନ୍ତ ସବୁଠାରୁ ମହାନ । ତ୍ରୈତ ସିଦ୍ଧାନ୍ତ ସମସ୍ତ ଗ୍ରନ୍ଥଗୁଡିକ ଭିତରେ ମହାନ । ତାର ରଚୟିତା ହେଉଛନ୍ତି ଯୋଗୀମାନଙ୍କର ଈଶ୍ୱର ହୋଇଥିବା ଯୋଗୀଶ୍ୱର ।

୫. ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକୁ ଦେଖିଲେ ଦୁଷ୍ଟଶକ୍ତିମାନେ ଭୟରେ ଚ୍ଚଲିଯାଇଥାନ୍ତି । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକ ସେମାନଙ୍କ ପାଖରେ ରଖିଲେ ଯୋଗଶକ୍ତିର ଉତ୍ତାପକୁ ସେମାନେ ସହ୍ୟ କରି ପାରିନଥାନ୍ତି ।

୬. ଭଗବଦ୍ଗୀତା ପରେ କୁହାଯାଇଥିବା ଅତି ମହାନ ଜ୍ଞାନ ହେଉଛି ତ୍ରୈତ ସିଦ୍ଧାନ୍ତ ଜ୍ଞାନ । ତ୍ରୈତ ସିଦ୍ଧାନ୍ତ ଗ୍ରନ୍ଥଗୁଡିକରେ ଶ୍ରୀକୃଷ୍ଣ ଆଗରୁ କହି ନଥିବା ଜ୍ଞାନ ମଧ୍ୟ ଯୋଗୀଶ୍ୱର କହିଛନ୍ତି ।

୭. ତ୍ରୈତ ସିଦ୍ଧାନ୍ତ ଜ୍ଞାନ ମାନବ ଜୀବନର ଏକ ଉଜ୍ଜ୍ୱଳ ଆଲୋକ । ତ୍ରୈତ ସିଦ୍ଧାନ୍ତ ଆଲୋକକୁ ଗଲାପରେ ତାହା ଦୈବଶକ୍ତି ବୋଲି ଜଣାପଡେ ।

୮. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାକୁ ଲେଖିଛନ୍ତି ଯୋଗୀଶ୍ୱର । ସେଥିଲାଗି ତ୍ରୈତ ସିଦ୍ଧାନ୍ତ କଣ ଆଉ କେତେ ମହାନ ତାହା ଜଣା ପଡିଯାଇଛି ।

୯. ତ୍ରୈତ ସିଦ୍ଧାନ୍ତକୁ ଜାଣି ପାରିଲେ,ଯୋଗୀଶ୍ୱରଙ୍କ ରଚନାକୁ ପଢିପାରିଲେ କୌଣସି ମତାବଲମ୍ବୀ ତାହା ସ୍ୱୀକାର କରିବାକୁ ବାଧ ହୋଇଥାଏ ଏବଂ ଆଚରଣ କରିଥାଏ ।

୧୦. ତ୍ରୈତ ସିଦ୍ଧାନ୍ତକୁ ସାକ୍ଷାତ୍ ଭଗବାନ କହିଛନ୍ତି । ତେଣୁ ପ୍ରତ୍ୟେକ ମତର ସାରାଂଶ ତ୍ରୈତ ସିଦ୍ଧାନ୍ତରେ ରହିଛି ।

୧୧. ତ୍ରୈତ ସିଦ୍ଧାନ୍ତକୁ ଜଣେ ବ୍ୟକ୍ତି ଲେଖି ନାହାନ୍ତି, ଜଣେ ବ୍ୟକ୍ତିଙ୍କର ଶକ୍ତି ଲେଖିଛି । ତେଣୁ ସେଥିରେ ଥିବା ରହସ୍ୟଗୁଡିକୁ ପଢି ଜାଣନ୍ତୁ ।

୧୨. ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା, ବାଇବେଲ୍ କୋରାନରେ ରହିଛି ହେଲେ ହିନ୍ଦୁ, ମୁସ୍ଲିମ୍, କ୍ରୈସ୍ତବମାନଙ୍କୁ ତାହା ଜଣା ନାହିଁ ।

# ତ୍ରୈତ ସିଦ୍ଧାନ୍ତ

ଆଧ୍ୟାତ୍ମିକ ବିଦ୍ୟାରେ ତୃତୀୟ ସିଦ୍ଧାନ୍ତ ହୋଇ ରହିଥିବା ତ୍ରୈତ ସୃଷ୍ଟି ପ୍ରାରମ୍ଭରେ ପରମାତ୍ମା ରୋପଣ କରିଥିବା ମହାବୃକ୍ଷ ଭଳି ଥିଲା । କାଳକ୍ରମେ ତାହା ଦୁର୍ବଳ ହୋଇ ଶୁଖିଯିବା ଭଳି ସମସ୍ତଙ୍କ ପାଇଁ ଅଜଣା ରହିଗଲା । ମାୟା ପ୍ରଭାବରେ ମାନବଲୋକରେ ଅନେକକାଳ ଧରି ଅଜଣା ରହିଥିବା ତ୍ରୈତ ଏବେ କଅଁଳିଛି । ଏହି ବୃକ୍ଷ ଅଜ୍ଞାନ ନାମକ ରୋଗପାଇଁ ମହୌଷଧି ବୋଲି ଜଣାଇ ଅନେକଙ୍କ ପାଖରେ ପହଞ୍ଚାଇବା ମୋର ମହାଭାଗ୍ୟ ବୋଲି ଭାବୁଛି । କେତେ ମହାନ ମତବାଦୀମାନେ ହୁଅନ୍ତୁ, ସେମାନେ ଏହା ଆମର ବୋଲି ସ୍ୱୀକାର କରିବା ତ୍ରୈତର ମହାନତା ବୋଲି ଭାବୁଛି । ଆମ ମତ ଅଲଗା, ଆମ ଈଶ୍ୱର ଅଲଗା ବୋଲି ଏହାକୁ ଜାଣିଥିବା କେହି ମଧ୍ୟ କହି ପାରିବେ ନାହିଁ । ଏହା ସ୍ୱଚ୍ଛ ଦୈବ ଜ୍ଞାନ ବା ଐଶ୍ୱରୀୟ ଜ୍ଞାନ ହୋଇଥିବାରୁ ଜାଣିବା ଆଗରୁ ଏହା ବାବଦରେ କେଉଁଭଳି ନିନ୍ଦାକରି କହିଥିଲେ ମଧ୍ୟ, ଜାଣିବା ପରେ ନିଶ୍ଚୟ ସ୍ୱୀକାର କରିବବାକୁ ବାଧ୍ୟ ହୋଇଥାନ୍ତି । ପ୍ରାୟ ଦୁଇହଜାର ବର୍ଷରୁ ରହିଥିବା ଅଦ୍ୱୈତ, ଦ୍ୱୈତ ସିଦ୍ଧାନ୍ତ ଜାଣିଥିବା ଲୋକମାନେ କିଛି ଅନିଚ୍ଛା ପ୍ରକାଶ କରୁଥିଲେ ମଧ୍ୟ, ସେମାନେ ବୁଦ୍ଧିରେ ବିଚାର କରି, ସ୍ୱାନୁଭବ ଅନୁସାରେ ଦେଖିଲେ ଦ୍ୱୈତ, ଅଦ୍ୱୈତ କେବଳ କଥା କହିବା ପାଇଁ ରହିଛି ସିନା, ସତ୍ୟ ନିର୍ଦ୍ଧାରଣ ଅନୁଭବ, ବାସ୍ତବ ଆଚରଣ କେବଳ ତ୍ରୈତରେ ରହିଛି ବୋଲି ଜାଣି ପାରିବେ । ଅନ୍ୟ ମତଗୁଡିକୁ ମଧ୍ୟ ନିଜଠାରେ ମିଶାଇ ପାରୁଥିବା ତ୍ରୈତ ପରମାତ୍ମା ଜଣାଇଥିବା ବାସ୍ତବ ଇନ୍ଦୁପଥ ଭାବରେ (ଜ୍ଞାନମାର୍ଗ ଭାବରେ) ସମସ୍ତଙ୍କର ଉପକାର କରିବ ବୋଲି ଭାବୁଛି ।

ଇତି

**ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

ଅବଶ୍ୟ ପାଠକରନ୍ତୁ    ପାଠକରାନ୍ତୁ

ପ୍ରଥମ ଦୈବଗ୍ରନ୍ଥ

# ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା

(୫୭୮ ଶ୍ଲୋକ ବିଶିଷ୍ଟ)

ଆଧ୍ୟାତ୍ମିକ ରଙ୍ଗମଞ୍ଚରେ ଚାଞ୍ଚଲ୍ୟାତ୍ମକ ହୋଇ, ବିଜ୍ଞାନ ମଂଚରେ ବିପ୍ଳବାତ୍ମକ ହୋଇ ପାରିଛି ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା । ୫୧୬୧ ବର୍ଷରୁ ଅଜଣା ରହିଯାଇଥିବା ଐଶ୍ୱରୀୟ ରହସ୍ୟଗୁଡିକ ଏହି ଗ୍ରନ୍ଥରେ ପଦାରେ ପଡିଯାଇଛି । ଜୀବାତ୍ମା ଆଉ ପରମାତ୍ମାଙ୍କ ମଝିରେ ତୃତୀୟପାତ୍ର ହୋଇଥିବା ଆତ୍ମା କଅଣ, ତାହାର କାର୍ଯ୍ୟକଳାପ କଅଣ ତାହା ଜଣାଇଥିବା ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ହେଉଛି ଏହି ଗୀତା । ଏହି ଭଗବଦ୍ଗୀତା ଅଦ୍ୱୈତ, ବିଶିଷ୍ଟାଦ୍ୱୈତାଦି ସିଦ୍ଧାନ୍ତଗୁଡିକୁ ଖଣ୍ଡନ କରି ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛି । ଏହାର ପଠନପାଠନରେ ଐଶ୍ୱରୀୟ ଜ୍ଞାନ କହିଲେ କଅଣ ଜଣାପଡିଥାଏ ।

**ରଚୟିତା** : ତ୍ରିମତ ଏକୈକ ଗୁରୁ, ତ୍ରୈତ ସିଦ୍ଧାନ୍ତ ଆଦିକର୍ତ୍ତା **ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର**

# ସୂଚୀପତ୍ର


| କ୍ର.ସଂ. | | | ପୃଷ୍ଠାଙ୍କ |
|---|---|---|---|
| 1. | ମାନବ ଜୀବନର ପ୍ରାଧାନ୍ୟତା | --- | 11 |
| 2. | ଚର, ଅଚର ପ୍ରକୃତି | --- | 14 |
| 3. | ମୋକ୍ଷ | --- | 25 |
| 4. | ଯମଲୋକ-ସ୍ୱର୍ଗଲୋକ | --- | 29 |
| 5. | ଦେବତା-ରାକ୍ଷସ | --- | 38 |
| 6. | ବିଦ୍ୟା-ଅବିଦ୍ୟା | --- | 47 |
| 7. | ଯୋଗବିଦ୍ୟା | --- | 52 |
| 8. | ବକ୍ରମାର୍ଗ | --- | 58 |
| 9. | ଯୋଗଶକ୍ତି | --- | 63 |
| 10. | ଯୋଗଦଣ୍ଡର ଆବଶ୍ୟକତା | --- | 68 |
| 11. | ଚର୍ମାସନର ଆବଶ୍ୟକତା | --- | 85 |
| 12. | ଆଶ୍ରମ | --- | 90 |
| 13. | ଗୁରୁବାଣୀର ଆବଶ୍ୟକତା | --- | 93 |
| 14. | ଆଜି ଗୁରୁମାନଙ୍କର ଅବସ୍ଥା | --- | 96 |
| 15. | ଭଗବାନଙ୍କ ଆଗମନ | --- | 107 |
| 16. | କାହାକୁ କହିବା ଯୋଗୀ | --- | 113 |
| 17. | ତପସ୍ୟା-ଯୋଗ | --- | 119 |
| 18. | ମନ୍ତ୍ରଶକ୍ତି | --- | 130 |
| 19. | ଗ୍ରହ-ବିଗ୍ରହ | --- | 137 |
| 20. | ମହର୍ଷି-ଆନନ୍ଦ | --- | 152 |
| 21. | ଶିବ | --- | 159 |
| 22. | ପ୍ରାଣାୟାମ | --- | 165 |
| 23. | ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର | --- | 181 |
| 24. | ସଗୁଣ-ସାକାର-ନିରାକାର | --- | 196 |
| 25. | ଜ୍ଞାନଯଜ୍ଞ | --- | 204 |
| 26. | ଜପମାଳାରେ କେତେଗୋଟି ମାଳି ଥାଏ ? | --- | 206 |
| 27. | ପର୍ବ | --- | 212 |
| 28. | କୀର୍ତ୍ତି ?- ତତ୍ତ୍ୱ ? | --- | 217 |
| 29. | ଶରୀର ଏକ ଭଡାଘର | --- | 227 |
| 30. | ଶେଷମରଣ | --- | 237 |
| 31. | ହିନ୍ଦୁ ରକ୍ଷଣ ! ହିନ୍ଦୁ ଭକ୍ଷଣ ! ! | --- | 250 |

# ମାନବ ଜୀବନର ପ୍ରାଧାନ୍ୟତା

ଜଗତର ମୋଟ ଜୀବଜାତି ସଂଖ୍ୟା ୮୪ଲକ୍ଷ ବୋଲି କହିଥା'ନ୍ତି, ହେଲେ ମୋଟ ଜୀବଜାତି ସଂଖ୍ୟା ଯେ, ୮୪ଲକ୍ଷ କହିବା ପାଇଁ ଆଜି କାହା ପାଖରେ ସଠିକ ବିବରଣ ନାହିଁ ।

ଅନ୍ୟ ଜୀବରାଶିଙ୍କୁ ନିଜ ଅଧିନରେ ରଖିପାରିବା କ୍ଷମତା ଏକୈକ ମାନବ ଜାତିର ରହିଛି । ମୁଣ୍ଡରେ ଥିବା ବୁଦ୍ଧିରେ ଅତି ମହାନ ହୋଇଥିବା ମାନବଜାତି ଜଗତରେ ଅତ୍ୟୁନ୍ନତ ଜାତିର ପରିଗଣିତ ହୋଇଥାଏ । ଅନ୍ୟ ପଶୁ, ପକ୍ଷୀ, କୃମୀ, କୀଟପତଙ୍ଗ, ତରୁଲତାଦି ମାନବ ଜାତି ଅପେକ୍ଷା ବୁଦ୍ଧିହୀନ କହିବାରେ ସନ୍ଦେହ ନାହିଁ । ଜନ୍ତୁ, ପକ୍ଷୀ ଇତ୍ୟାଦି ଅନ୍ୟ ଜୀବରାଶିମାନେ ଆହାର ସଂଗ୍ରହ କରିବା, ଖାଇବା, ଶୋଇବା, ସମ୍ଭୋଗ କରିବା, ସୁଖାନୁଭବ କରିବା ଛଡା ସେମାନଙ୍କର କୌଣସି ପ୍ରାପଞ୍ଚିକଜ୍ଞାନ (ଭୌତିକଜ୍ଞାନ) ନଥାଏ । ମାନବକୁ ଖାଇବା, ଶୋଇବା, ସନ୍ତାନ ଉତ୍ପତି କରିବା ଛଡା ଅନେକ ପ୍ରକାରର ପ୍ରପଞ୍ଚଜ୍ଞାନ ଜଣାଥାଏ । ଅଧିକ ବୁଦ୍ଧି ଥିବା ମାନବ ହାତରେ ଅତି ବଳଶାଳୀ ବୁଦ୍ଧିହୀନ ସିଂହ ମଧ୍ୟ ହାର ମାନି ବଶୀଭୂତ ହୋଇଥାଏ । ଏହାର କାରଣ ପଛରେ ମାନବର ବିଶେଷ ପ୍ରାପଞ୍ଚିକ ବୁଦ୍ଧି ରହିଛି ବୋଲି କହିପାରିବା । ପ୍ରାପଞ୍ଚିକ ବୁଦ୍ଧିରେ ଅତ୍ୟୁନ୍ନତ ହୋଇଥିବା ମାନବଜାତି, ପ୍ରପଞ୍ଚ ଜ୍ଞାନରେ ଅତ୍ୟୁନ୍ନତ ହୋଇଥିବା ମାନବ ଜାତି, କେତେ ଉନ୍ନତ ଗବେଷଣା କରି ଯାନ୍ତ୍ରିକତଃ କମ୍ପ୍ୟୁଟର, ରୋବୋଟ୍ ଇତ୍ୟାଦିକୁ, ଭୌତିକତଃ ଜିନ୍ସକୁ, ଆୟୁଧତଃ କ୍ଷେପଣାସ୍ତ୍ର, ଅଣୁବମ୍ ଇତ୍ୟାଦିକୁ ଉଦ୍ଭାବନ କରିଥିଲେ ମଧ୍ୟ ଏକୈକ ପରମାତ୍ମା ଜ୍ଞାନରେ ସମ୍ପୂର୍ଣ୍ଣ ପଛରେ ପଡି ରହିଛି ।

ଜ୍ଞାନ ଦୁଇ ପ୍ରକାରର । ଗୋଟିଏ ପ୍ରପଞ୍ଚ ଜ୍ଞାନ, ଆଉ ଗୋଟିଏ ପରମାତ୍ମା ଜ୍ଞାନ । ପ୍ରପଞ୍ଚଜ୍ଞାନରେ ଉନ୍ନତ ହୋଇଥିବା ମାନବ, ପରମାତ୍ମା ଜ୍ଞାନରେ ଅତି ପଛରେ ରହିଛି । ଅତ୍ୟୁନ୍ନତ ବୁଦ୍ଧିଥିବା ମାନବ ସୂକ୍ଷ୍ମରୂପରେ

ରହିଥିବା ପାପ କ'ଣ, ପୁଣ୍ୟ କ'ଣ ବିଚାର ନକରି, ସ୍ଥୁଳଭାବରେ ଥିବା ପ୍ରାପଞ୍ଚିକ ବିଷୟକୁ ମହାନ ଭାବି, ଆଧ୍ୟାତ୍ମିକ ନଜାଣି, ନିଜର ସ୍ଥିତି ବାବଦରେ ଅବଗତ ନହୋଇ, ନିଜେ କିଏ ପରମାତ୍ମା କିଏ ତାହା ଜାଣିବାକୁ ପ୍ରୟାସ ନକରି ବୃଥା କାଳାତିପାତ କରି କର୍ମ ଅର୍ଜନ କରୁଛି । ପ୍ରଥମ ଜ୍ଞାନ ହୋଇଥିବା ପ୍ରପଞ୍ଚ ଜ୍ଞାନରେ ଅତି ଉନ୍ନତ ହୋଇଥିବା ମାନବ, ଦ୍ୱିତୀୟ ଜ୍ଞାନ ହୋଇଥିବା ପରମାତ୍ମା ଜ୍ଞାନରେ ସମସ୍ତଙ୍କ ପଛରେ ପଡିଥିବା ବେଳେ, ଅନ୍ୟ ଜୀବରାଶିମାନେ ପ୍ରପଞ୍ଚ ଜ୍ଞାନରେ ପଛରେ ପଡିଥିଲେ ମଧ୍ୟ ପରମାତ୍ମା ଜ୍ଞାନରେ ମାନବଠାରୁ ଆଗରେ ଅଛନ୍ତି ବୋଲି କହିପାରିବା । ମଣିଷ  ଅପେକ୍ଷା କମ୍ କର୍ମ ସଞ୍ଚୟ କରୁଥିବା ଜୀବରାଶି ମଣିଷ ଭଳି ଗୁଣରାଜିର ବିଷୟରେ ତୀବ୍ର ପ୍ରଭାବିତ ହୋଇ ନଥା'ନ୍ତି । ମଣିଷଠାରୁ ଭିନ୍ନ ଭାବରେ ସେମାନଙ୍କର ସମସ୍ତ ଗୁଣ କମ୍ ଥାଏ । ମଣିଷର ଆଶାଗୁଣ ଏତେ ଗାଢ଼ ହୋଇଥିବା ସ୍ଥଳେ ସେମାନଙ୍କର ସେତେ ପରିମାଣରେ ନଥାଏ । ସବୁ ଗୁଣରେ ଅଧିକ ପ୍ରଭାବିତ ହେଉଥିବା ମଣିଷ ପରମାତ୍ମାଙ୍କଠାରୁ ଦୂରରେ ରହିଥିବା ବେଳେ, ଗୁଣରାଜିରେ କମ୍ ଛନ୍ଦି ହେଉଥିବା ଅନ୍ୟ ଜୀବରାଶି ବାସ୍ତବରେ ପରମାତ୍ମାଙ୍କର ନିକଟତର ଭାବେ ରହିଥା'ନ୍ତି । କର୍ମକୁ ଅନୁଭବ କରିବା ଛଡା କର୍ମବନ୍ଧନରେ ପଡୁନଥିବା ଜନ୍ତୁର ବୁଦ୍ଧି କମ୍ ହେଲେ ମଧ୍ୟ ଦୈବଜ୍ଞାନରେ ଆଗରେ ରହିବା ଭଳି ରହିଥାଏ । ଗୁଣରାଜିରେ ଛନ୍ଦି ହୋଇ ଅନୁଭବ କରିବାକୁ ଥିବା କର୍ମ ଅପେକ୍ଷା ଅଧିକ କର୍ମ ବନ୍ଧନରେ ପଡୁଥିବା ଆଜିର ମାନବ ଦୈବଜ୍ଞାନରେ ନିଶ୍ଚୟ ସବୁଠାରୁ ପଛରେ ପଡିରହିଛି ।

ପ୍ରପଞ୍ଚଜ୍ଞାନରେ ଏତେ ଉନ୍ନତ ହୋଇ ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ହୋଇପାରୁଥିବା ମାନବ ଏବେ ମଧ୍ୟ ଟିକିଏ ସତର୍କ ରହି ପ୍ରପଞ୍ଚ ଉପରେ ଦୃଷ୍ଟିଦେବା ସହିତ ପରମାତ୍ମା ଉପରେ ଦୃଷ୍ଟିଦେଇ ପାରିଲେ ପରମାତ୍ମା ଜ୍ଞାନ (ଦୈବଜ୍ଞାନ ବା ଐଶ୍ୱରୀୟ ଜ୍ଞାନ) ଜାଣି ପାରିବ, ଜନ୍ମ ମରଣ ନଥିବା ମୋକ୍ଷକୁ ମଧ୍ୟ ପାଇପାରିବ ।

ମାନବ ତା'ଜୀବନରେ ଯଦି ସତର୍କ ରହି ପାରିବ ତେବେ ସେ ଅନ୍ୟ ଜୀବରାଶିଙ୍କ ଅପେକ୍ଷା ଖୁବ୍‌ଶୀଘ୍ର ଦୈବ ସନ୍ନିଧିରେ ପହଞ୍ଚିପାରିବ, ନଚେତ୍ ଅନ୍ୟ ଜୀବଜାତିଙ୍କ ଅପେକ୍ଷା ସଂପୂର୍ଣ୍ଣ ପଛରେ ପଡିଯିବ । ମାନବ ଜୀବନ ଅଜ୍ଞାନତାରେ ପୂର୍ଣ୍ଣ ହୋଇଥିଲେ ମଧ୍ୟ, ତା'ର ଶ୍ରଦ୍ଧା ବଳରେ ସେ ଖୁବ୍ ଶୀଘ୍ର ଦୈବମାର୍ଗରେ ପ୍ରବେଶ କରିପାରିବ । କାରଣ ! ଅନ୍ୟ ଜୀବରାଶିଙ୍କ ଅପେକ୍ଷା ସବୁଠାରୁ ପଛରେ ମାନବ ପଡିଛି ବୋଲି ଜାଣିଥିବା ପରମାତ୍ମା, ମାନବକୁ ଜ୍ଞାନ କହିବାପାଇଁ ମାନବରୂପରେ ହିଁ ଆସିଥା'ନ୍ତି । ଦୈବଜ୍ଞାନ ଆବଶ୍ୟକ ହୋଇଥାଏ ମଣିଷର । ସେଥିଲାଗି ସେ ମଣିଷଭାବରେ ଜନ୍ମ ହୋଇ ମଣିଷର ଆବଶ୍ୟକ ହେଉଥିବା ଜ୍ଞାନ କହି ଚାଲିଯାଇଥା'ନ୍ତି । ସ୍ୱୟଂ ପରମାତ୍ମା ଆସି ଜନ୍ମ ହେଉଥିବା ଜନ୍ମ ହେଉଛି ମାନବର । ତେଣୁ ଦୈବିବିଷୟକୁ ବୁଝିବାକୁ ଚେଷ୍ଟାକଲେ କେବଳ ମଣିଷ ହିଁ ସଂପୂର୍ଣ୍ଣରୂପେ ବୁଝିପାରିବ । ଏହି ସୁଯୋଗ ପରମାତ୍ମା ସ୍ୱୟଂ ଜନ୍ମହୋଇ ମଣିଷକୁ ଦେଇଛନ୍ତି । ପରମାତ୍ମା ଜନ୍ତୁମାନଙ୍କ ଭିତରେ ଜନ୍ମହୋଇ ନାହାନ୍ତି, ଯେହେତୁ ସେ ମଣିଷ ସମାଜ ଭିତରେ ଜନ୍ମ ହୋଇଥା'ନ୍ତି ସେହେତୁ କହି ପାରିବା ଯେ, ମଣିଷର ହିଁ ଜ୍ଞାନ ଆବଶ୍ୟକ ।

ମଣିଷ ଦୈବଜ୍ଞାନ ଜାଣିବାକୁ ହେଲେ ତା'କୁ ଗୁରୁଙ୍କ ଆଶ୍ରୟ ନେବାକୁ ହେବ, ଗୁରୁ ମିଳିବା ପରେ ତାଙ୍କଠାରେ ତା'କୁ ଅମାପ ବିଶ୍ୱାସ ରଖିବାକୁ ହେବ, ସେହି ବିଶ୍ୱାସ ନଥିଲେ ସେ ଗୁରୁଙ୍କଠାରୁ କିଛି ମଧ୍ୟ ଗ୍ରହଣ କରିପାରିବ ନାହିଁ, ବିଶ୍ୱାସ ଥିଲେ ଗୁରୁଙ୍କଠାରୁ ସେ ସବୁକିଛି ପାଇପାରିବ । ଏହି ବିଶ୍ୱାସ ହେଉଛି ଭକ୍ତି, ସେ କୌଣସି ମଣିଷ ହେଉ ତା'ର ଭକ୍ତି ନଥିଲେ ସେ ନିଷ୍ପ୍ରୟୋଜକ । ମାନବଜନ୍ମ ପାଇ ବୁଦ୍ଧି ବିବେକକୁ ପ୍ରପଞ୍ଚରେ କିଛିକାଳ ଖଟାଇ ଶେଷରେ ଆମେ ଦିନେ ମୃତ୍ୟୁବରଣ କରୁଛେ ! ସେ ଜୀବନରେ କ'ଣ ବା ମୂଲ୍ୟ ଅଛି ? ଆମ ବୁଦ୍ଧି ବିବେକକୁ କାହା ଉପରେ ଖଟାଇବାକୁ ହେବ ଜାଣି, ତା'ରି ଉପରେ ଖଟାଇଲେ ମାନବ ଜୀବନ

ସାର୍ଥକ ହେବ । ତା'ନ ହେଲେ ପଶୁ ଆଉ ଆମ ଭିତରେ କ'ଣ ବା ପାର୍ଥକ୍ୟ ରହିଯିବ ? ପଶୁ ଖାଉଛି, କରୁଛି, ସେହିଭଳି ଆମେ ଖାଉଛେ କାର୍ଯ୍ୟ କରୁଛେ । କ'ଣ ବା ତଫାତ ଅଛି ? ତା'ନଭାବି ନାଇଁ ମାନବ ଜୀବନରେ କିଛି ଭିନ୍ନତା ଅଛି ବୋଲି ଭାବିଲେ, କୌଣସି ଜୀବରାଶି କରି ପାରୁନଥିବା କାର୍ଯ୍ୟ ଆମେ କରି ଦେଖାଇ ପାରିବା । ତାହା ହିଁ ପରମାତ୍ମାଙ୍କୁ ପାଇବାର ସାଧନା । ମାନବ ଜୀବନରେ ସମସ୍ତେ ଜଣେ ଜଣେ ସାଧକ । ମାନବ ଜନ୍ମ ହିଁ ଉନ୍ନତ ଜନ୍ମ ବୋଲି ପ୍ରମାଣିତ କରି ଆପଣଙ୍କ ନାନା ମାର୍ଗର ଜୀବନ ପରମାତ୍ମାମାର୍ଗକୁ ନେଇ ଯାଆନ୍ତୁ ।

******

# ଚର, ଅଚର ପ୍ରକୃତି

ପ୍ରକୃତି କହିଲେ ଯାହା ଆଖିକୁ ଦେଖାଯାଉଛି । ସ୍ଥାବର, ଜଙ୍ଗମ ରୂପେ ଯାହାସବୁ ରହିଛି ତାହା ହିଁ ପ୍ରକୃତି । ଏହି ପ୍ରକୃତି ଦୁଇଟି ବୋଲି କହି ପାରିବା । ଗୋଟିଏ ହେଲା ଚର ପ୍ରକୃତି, ଦ୍ୱିତୀୟଟି ହେଲା ଅଚର ପ୍ରକୃତି । ଏହି ଦୁଇଟିକୁ ଚେତନ, ଅଚେତନ ପ୍ରକୃତି ବୋଲି ମଧ୍ୟ କହିଥା'ନ୍ତି । ଚେତନ ଏବଂ ଅଚେତନ ପ୍ରକୃତି କିପରି ତିଆରି ହେଲା ? ବୋଲି ବିଚାରକଲେ !

କହିବାକୁ, ଲେଖିବାକୁ ସାଧ୍ୟ ହେଉନଥିବା ପରମାତ୍ମାଙ୍କଠାରୁ ପ୍ରଥମେ ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ନାମକ ପାଞ୍ଚଗୋଟି ଶକ୍ତିଭାଗ ସୃଷ୍ଟି ହୋଇଥିଲା । ତାପରେ ଆକାଶ ଦୁଇଭାଗ, ବାୟୁ ଦୁଇଭାଗ, ଅଗ୍ନି ଦୁଇଭାଗ, ଜଳ ଦୁଇଭାଗ, ଭୂମି ମଧ୍ୟ ଦୁଇଭାଗ ହୋଇଗଲା । ଆକାଶର ଦୁଇଭାଗରୁ ପ୍ରଥମଭାଗ ଆକାଶ ଆମକୁ ଆମ ଉପରେ ଦେଖାଯାଉଛି । ବାୟୁର ଦୁଇ ଭାଗରୁ ପ୍ରଥମଭାଗ ଆମ ଭୂପୃଷ୍ଠରୁ କିଛିଦୂର ଆକାଶଦିଗରେ ବ୍ୟାପିରହିଛି । ଅଗ୍ନିର ଦୁଇଭାଗରୁ ପ୍ରଥମଭାଗ ସୂର୍ଯ୍ୟଠାରୁ ଆରମ୍ଭ କରି

ଭୂପୃଷ୍ଠକୁ ଲାଗିରହିଛି । ଜଳର ଦୁଇଭାଗରୁ ପ୍ରଥମଭାଗ ସମୁଦ୍ର ରୂପରେ ରହିଛି । ଭୂମିର ଦୁଇଭାଗରୁ ମଧ୍ୟ ଆମେ ପ୍ରଥମଭାଗ ହୋଇଥିବା ଭୂପୃଷ୍ଠରେ ବାସକରୁଛେ । ଏହିଭଳି ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଦ୍ୱାରା ଏହି ପ୍ରପଞ୍ଚ (ପଞ୍ଚଭୌତିକ) ସୃଷ୍ଟି, ଏହାକୁ ହିଁ ଅଚର ପ୍ରକୃତି କୁହାଯାଏ । ସେହିପରି ଚର ପ୍ରକୃତି କିପରି ସୃଷ୍ଟିହେଲା ଦେଖିଲେ ! ଆକାଶ, ବାୟୁ, ଅଗ୍ନି, ଜଳ, ଭୂମିର ଆଉ ଏକ ଏକ ଭାଗ ରହିଛି ବୋଲି ଆମେ ଟିକିଏ ଆଗରୁ ଜାଣିଥିଲେ । ସେହି ଦ୍ୱିତୀୟଭାଗର ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ପ୍ରତ୍ୟେକ ପାଞ୍ଚ (୫) ଭାଗରେ ବିଭାଜିତ ହୋଇଗଲେ । ଏଭଳି ସେଗୁଡିକ ବିଭାଜିତ ହୋଇଯିବା ଦ୍ୱାରା ମୋଟ ଚର ପ୍ରକୃତି ପଚିଶଗୋଟି ଭାଗ ହୋଇଗଲା ।

| | | | | | |
|---|---|---|---|---|---|
| **ଦ୍ୱିତୀୟ ଭାଗ ହୋଇଥିବା** | **-** | **ଆକାଶ** | **-** | **୫ ଭାଗ** |
| **ଦ୍ୱିତୀୟ ଭାଗ ହୋଇଥିବା** | **-** | **ବାୟୁ** | **-** | **୫ ଭାଗ** |
| **ଦ୍ୱିତୀୟ ଭାଗ ହୋଇଥିବା** | **-** | **ଅଗ୍ନି** | **-** | **୫ ଭାଗ** |
| **ଦ୍ୱିତୀୟ ଭାଗ ହୋଇଥିବା** | **-** | **ଜଳ** | **-** | **୫ ଭାଗ** |
| **ଦ୍ୱିତୀୟ ଭାଗ ହୋଇଥିବା** | **-** | **ଭୂମି** | **-** | **୫ ଭାଗ** |

ଏହିଭଳି ମୋଟ ଭାଗ ସଂଖ୍ୟା ହେଲା ୨୫ । ଏହି ୨୫ଗୋଟି ଭାଗ ଗୋଟିକ ସହିତ ଗୋଟିଏ ମିଶି ଜୀବର ଶରୀର ସୃଷ୍ଟି ହେଲା । ଅଧା ଆକାଶ ୫ ଭାଗ ହେଲା ବୋଲି ଜାଣିଥିଲେ । ଏବେ ସେହି ୫ ଭାଗର ଆକାଶରୁ ପ୍ରଥମ ଭାଗର ଆକାଶ ସହିତ ପରମାତ୍ମା ଅଂଶ ମିଶି ଜୀବ ସୃଷ୍ଟିହେଲା । ସେହିଭଳି ବାୟୁର ଏକଭାଗ ସହିତ ମିଶି ମନ ସୃଷ୍ଟିହେଲା । ଅଗ୍ନିର ଏକ ଭାଗ ମିଶି ବୁଦ୍ଧି ସୃଷ୍ଟି ହେଲା । ଜଳର ଏକ ଭାଗ ସହିତ ମିଶି ଚିତ୍ତ ସୃଷ୍ଟି ହେଲା । ଭୂମିର ଏକ ଭାଗ ମିଶି ଅହଂ ସୃଷ୍ଟିହେଲା । ଏହିଭଳି

ପ୍ରଥମ ଆକାଶ ଭାଗ  ପାଞ୍ଚଗୋଟି ଅନ୍ୟ ଭାଗଗୁଡିକ ସହିତ ମିଶି ଜୀବ, ମନ, ବୁଦ୍ଧି, ଚିତ୍ତ, ଅହଂ ସୃଷ୍ଟି ହୋଇଗଲା । ଏହାକୁ ଆକାଶ ତତ୍ତ୍ୱ କହନ୍ତି, ଅନ୍ତଃକରଣ ମଧ୍ୟ କହନ୍ତି ।

**ଆକାଶର ପ୍ରଥମଭାଗ ୧ + ପରମାତ୍ମା ଅଂଶ = ଜୀବ**

**ଆକାଶର ପ୍ରଥମଭାଗ ୧ + ବାୟୁର ୧ମ ଭାଗ = ମନ**

**ଆକାଶର ପ୍ରଥମଭାଗ ୧ + ଅଗ୍ନିର ୧ମ ଭାଗ = ବୁଦ୍ଧି**

**ଆକାଶର ପ୍ରଥମଭାଗ ୧ + ଜଳର ୧ମ ଭାଗ = ଚିତ୍ତ**

**ଆକାଶର ପ୍ରଥମଭାଗ ୧ + ଭୂମିର ୧ମ ଭାଗ = ଅହଂ**

**ଜୀବ, ମନ, ବୁଦ୍ଧି, ଚିତ୍ତ, ଅହଂ ଏଗୁଡିକ ଆକାଶର ପ୍ରଥମଭାଗ ଦ୍ୱାରା ସୃଷ୍ଟି ହୋଇଛନ୍ତି ବୋଲି ମନେ ରଖିବା ଉଚିତ୍ ।**

ବାୟୁ ୫ଭାଗରେ ବିଭକ୍ତ ହୋଇଥିଲା ବୋଲି ଜାଣିଥିଲେ । ବାୟୁର ପ୍ରଥମଭାଗ ଆକାଶତତ୍ତ୍ୱ ସହିତ ମିଶି ମନ ସୃଷ୍ଟିହେଲା । ଆଉ ଚାରି ଭାଗ ବଳକା ରହିଲା । ସେଥିରୁ ଦ୍ୱିତୀୟ ଭାଗ ପରମାତ୍ମା ଅଂଶ ସହିତ ମିଶି ଆମ ଶରୀରରେ ଥିବା ବ୍ୟାନବାୟୁ ସୃଷ୍ଟି ହେଲା । ବାୟରୁ ଦ୍ୱିତୀୟ ଭାଗ ଆକାଶର ଦ୍ୱିତୀୟ ଭାଗ ସହିତ ମିଶି ସମାନବାୟୁ ସୃଷ୍ଟି ହେଲା । ବାୟୁର ଦ୍ୱିତୀୟ ଭାଗ ଅଗ୍ନିର ଦ୍ୱିତୀୟ ଭାଗ ସହିତ ମିଶି ଉଦାନବାୟୁ ସୃଷ୍ଟି ହେଲା । ବାୟୁର ଦ୍ୱିତୀୟ ଭାଗ ଜଳର ଦ୍ୱିତୀୟ ଭାଗ ସହିତ ମିଶି ପ୍ରାଣବାୟୁ ସୃଷ୍ଟି ହେଲା । ବାୟୁର ଦ୍ୱିତୀୟ ଭାଗ ଭୂମିର ଦ୍ୱିତୀୟ ଭାଗ ସହିତ ମିଶି ଅପାନବାୟୁ ସୃଷ୍ଟି ହେଲା । ଏହାକୁ ବାୟୁତତ୍ତ୍ୱ କହନ୍ତି, ପଞ୍ଚପ୍ରାଣ ମଧ୍ୟ କହନ୍ତି ।

**ବାୟୁର ଦ୍ୱିତୀୟଭାଗ + ପରମାତ୍ମା ଅଂଶ = ବ୍ୟାନବାୟୁ**

**ବାୟୁର ଦ୍ୱିତୀୟଭାଗ + ଆକାଶର ଦ୍ୱିତୀୟଭାଗ = ସମାନବାୟୁ**

**ବାୟୁର ଦ୍ୱିତୀୟଭାଗ + ଅଗ୍ନିର ଦ୍ୱିତୀୟଭାଗ = ଉଦାନବାୟୁ**

**ବାୟୁର ଦ୍ୱିତୀୟଭାଗ + ଜଳର ଦ୍ୱିତୀୟଭାଗ = ପ୍ରାଣବାୟୁ**

**ବାୟୁର ଦ୍ୱିତୀୟଭାଗ + ଭୂମିର ଦ୍ୱିତୀୟଭାଗ = ଅପାନବାୟୁ**

**ବ୍ୟାନ, ସମାନ, ଉଦାନ, ପ୍ରାଣ, ଅପାନ ବାୟୁଗୁଡ଼ିକ ବାୟୁର ଦ୍ୱିତୀୟ ଭାଗରୁ ଜନ୍ମ ହୋଇଛନ୍ତି ବୋଲି ମନେ ରଖିବା ଉଚିତ୍ ।**

ଅଗ୍ନି ମଧ୍ୟ ୫ ଭାଗ ହୋଇଥିଲା ବୋଲି ଜାଣିଥିଲେ । ସେହି ୫ ଭାଗରୁ ପ୍ରଥମଟି ଆକାଶ ତତ୍ତ୍ୱ ସହିତ ମିଶି ବୁଦ୍ଧି ହୋଇଥିଲା । ଦ୍ୱିତୀୟ ଭାଗଟି ବାୟୁତତ୍ତ୍ୱରେ ମିଶି ଉଦାନବାୟୁ ହୋଇଥିଲା,ତେଣୁ ଅଗ୍ନିର ଆଉ ୩ ଭାଗ ବଳକା ରହିଲା, ସେଥିରୁ ତୃତୀୟଭାଗ ଅଗ୍ନି ପରମାତ୍ମା ଅଂଶ ସହିତ ମିଶି ଆଖି ସୃଷ୍ଟି ହେଲା । ଆକାଶର ତୃତୀୟ ଭାଗ ସହିତ ମିଶି କାନ ସୃଷ୍ଟିହେଲା । ବାୟୁର ତୃତୀୟ ଭାଗ ସହିତ ମିଶି ଚର୍ମ ସୃଷ୍ଟିହେଲା । ସେହିଭଳି ଜଳର ତୃତୀୟ ଭାଗ ସହିତ ମିଶି ଜିଭ ସୃଷ୍ଟିହେଲା । ଭୂମିର ତୃତୀୟ ଭାଗ ସହିତ ମିଶି ନାକ ସୃଷ୍ଟିହେଲା । ଏହିଭଳି ଅଗ୍ନିରୁ ତିଆରି ହୋଇଥିବା ଭାଗଗୁଡ଼ିକୁ ଜ୍ଞାନେନ୍ଦ୍ରିୟ କୁହାଯାଏ, ଅଗ୍ନିତତ୍ତ୍ୱ ମଧ୍ୟ କୁହାଯାଏ ।

**ଅଗ୍ନିର ତୃତୀୟଭାଗ + ପରମାତ୍ମା ଅଂଶ = ଆଖି**

**ଅଗ୍ନିର ତୃତୀୟଭାଗ + ଆକାଶର ତୃତୀୟଭାଗ = କାନ**

**ଅଗ୍ନିର ତୃତୀୟଭାଗ + ବାୟୁର ତୃତୀୟଭାଗ = ଚର୍ମ**

**ଅଗ୍ନିର ତୃତୀୟଭାଗ + ଜଳର ତୃତୀୟଭାଗ = ଜିଭ**

**ଅଗ୍ନିର ତୃତୀୟଭାଗ + ଭୂମିର ତୃତୀୟଭାଗ = ନାକ**

**ଆଖି,କାନ,ଚର୍ମ,ଜିଭ,ନାକଗୁଡ଼ିକ ବିଷୟସଂଗ୍ରହକଭାବରେ ଅଗ୍ନିର ତୃତୀୟଭାଗରୁ ସୃଷ୍ଟି ହୋଇଛନ୍ତି, ଏହାକୁ ମନେ ରଖିବା ଉଚିତ୍ ।**

ଜଳ ମଧ୍ୟ ୫ ଭାଗ ହୋଇଥିଲା ବୋଲି ଜାଣିଥିଲେ । ସେହି ୫ ଭାଗରୁ ପ୍ରଥମ ଭାଗଟି ଆକାଶତତ୍ତ୍ୱରେ ମିଶି ଚିତ୍ତ ଭାବରେ, ବାୟୁର ଦ୍ୱିତୀୟ ଭାଗ ସହିତ ମିଶି ପ୍ରାଣବାୟୁ ଭାବରେ, ଅଗ୍ନିର ତୃତୀୟ ଭାଗ ସହିତ ମିଶି ଜିଭ ଭାବରେ ତିଆରି ହେବା ପରେ ଆଉ ବଳକା ରହିଲା ଦୁଇଟି ଭାଗ । ସେହି ଦୁଇ ଭାଗରୁ ଚତୁର୍ଥତମ ଭାଗଟି ପରମାତ୍ମା ଅଂଶରେ ମିଶି ରସ (ରୁଚି) ତିଆରି ହେଲା । ଆକାଶର ଚତୁର୍ଥ ଭାଗ ସହିତ ମିଶି ଶବ୍ଦ ହେଲା । ବାୟୁର ଚତୁର୍ଥ ଭାଗ ସହିତ ମିଶି ସ୍ପର୍ଶ ହେଲା ଆଉ ଅଗ୍ନିର ଚତୁର୍ଥ ଭାଗ ସହିତ ମିଶି ରୂପ ହୋଇ, ଭୂମିର ଚତୁର୍ଥ ଭାଗ ସହିତ ମିଶି ଗନ୍ଧ (ବାସନା) ଭାବରେ ତିଆରି ହେଲା । ଏହାକୁ ଜଳତତ୍ତ୍ୱ କୁହାଯାଏ ।

**ଜଳର ଚତୁର୍ଥଭାଗ + ପରମାତ୍ମା ଅଂଶ = ରସ**

**ଜଳର ଚତୁର୍ଥଭାଗ + ଆକାଶର ଚତୁର୍ଥଭାଗ = ଶବ୍ଦ**

**ଜଳର ଚତୁଥଭାଗ + ବାୟୁର ଚତୁଥଭାଗ = ସ୍ପର୍ଶ**

**ଜଳର ଚତୁର୍ଥଭାଗ + ଅଗ୍ନିର ଚତୁର୍ଥଭାଗ = ରୂପ**

**ଜଳର ଚତୁର୍ଥଭାଗ + ଭୂମିର ଚତୁର୍ଥଭାଗ = ଗନ୍ଧ(ବାସନା)**

**ରୁଚି, ଶବ୍ଦ, ସ୍ପର୍ଶ, ରୂପ, ଗନ୍ଧ ନାମକ ୫ଗୋଟି ବିଷୟ ଜଳର ଚତୁର୍ଥ ଭାଗରୁ ଜନ୍ମ ହୋଇଛି ବୋଲି ମନେ ରଖିବା ଉଚିତ୍ ।**

ଭୂମି ମଧ୍ୟ ୫ ଭାଗରେ ବିଭକ୍ତ ହୋଇଥିଲା ବୋଲି ଜାଣିଥିଲେ । ସେହି ୫ ଭାଗରୁ ଗୋଟିଏ ଭାଗ ଆକାଶ ସହିତ ମିଶି ଅହଂ ଭାବରେ, ଦ୍ୱିତୀୟ ଭାଗ ବାୟୁରେ ମିଶି ଅପାନବାୟୁ ଭାବରେ, ତୃତୀୟ ଭାଗ ଅଗ୍ନି ସହିତ ମିଶି ନାକ ଭାବରେ, ଚତୁର୍ଥ ଭାଗ ଜଳରେ ମିଶି ଗନ୍ଧ ଭାବରେ ତିଆରି ହୋଇଥିଲା ବୋଲି ମଧ୍ୟ ଜାଣିଲେ । ଏବେ ତା'ର ଆଉ କେବଳ ବଳକା ଥିବା ୫ମଭାଗ ଶେଷରେ ପରମାତ୍ମା ଅଂଶ ସହିତ ମିଶି ଗୁଦ

(ମଳଯନ୍ତ୍ର) ଭାବରେ, ଆକାଶର ୫ମଭାଗ ସହିତ ମିଶି ମୁଖ ଭାବରେ, ବାୟୁର ୫ମଭାଗ ସହିତ ମିଶି ହାତ ଭାବରେ, ଅଗ୍ନିର ୫ମଭାଗ ସହିତ ମିଶି ପାଦ ଭାବରେ, ଜଳର ୫ମଭାଗ ସହିତ ମିଶି ଲିଙ୍ଗ ଭାବରେ ତିଆରି ହୋଇଗଲା । ଏଗୁଡିକୁ କର୍ମେନ୍ଦ୍ରିୟ କୁହାଯାଏ ।

**ଭୂମିର ପଞ୍ଚମଭାଗ + ପରମାତ୍ମା ଅଂଶ = ଗୁଦ**

**ଭୂମିର ୫ମଭାଗ + ଆକାଶର ୫ମଭାଗ = ମୁଖ**

**ଭୂମିର ୫ମଭାଗ + ବାୟୁର ୫ମଭାଗ = ହାତ**

**ଭୂମିର ୫ମଭାଗ + ଅଗ୍ନିର ୫ମଭାଗ = ପାଦ**

**ଭୂମିର ୫ମଭାଗ + ଜଳର ୫ମଭାଗ = ଲିଙ୍ଗ**

**ଗୁଦ, ମୁଖ, ହାତ, ପାଦ, ଲିଙ୍ଗ (ସ୍ତ୍ରୀ ମାନଙ୍କର ଯୋନୀ) ଭୂମିର ୫ମ ଭାଗରୁ ସୃଷ୍ଟି ହୋଇଥିଲା ବୋଲି ଜାଣି ମନେରଖିବା ଉଚିତ୍ ।**

ଏହିଭଳି ଅଧାଭାଗର ହୋଇଥିବା ପାଞ୍ଚଶକ୍ତି ମୋଟ ୨୫ ଭାଗରେ ବିଭକ୍ତ ହୋଇ, ଗୋଟିକ ସହିତ ଗୋଟିଏ ମିଶି ଜୀବରୂପ ଶରୀରରେ ସଞ୍ଚରଣ କଲେ । ଏହାକୁ ଚର ପ୍ରକୃତି ବା ଚେତନ ପ୍ରକୃତି କୁହାଯାଏ । ଏଭଳି ଅଚେତନ ପ୍ରପଞ୍ଚ,ଚେତନ ଜୀବରାଶିଙ୍କୁ ମିଶାଇ ପ୍ରକୃତି କୁହାଯାଏ । ସେଥିଲାଗି ଆମେ ପ୍ରକୃତିକୁ ବିଭାଜନ କରି ଚେତନ ଅଚେତନ ବା ଚର, ଅଚର ଭାବରେ କହି ପାରିବା । ୧– ଚେତନ କହିଲେ ସର୍ବ ଜୀବରାଶିର ମୋଟ ଶରୀର, ଏହାକୁ ଚରପ୍ରକୃତି ବା ଜଗତ କୁହାଯାଏ । ୨– ଅଚେତନ ଅର୍ଥାତ୍ ଆକାଶ, ବାୟୁ, ଅଗ୍ନି, ଜଳ, ଭୂମି ଇତ୍ୟାଦି । ଅଚେତନ ହୋଇଥିବା ଏହି ୫ଶକ୍ତି ମିଶି ପ୍ରପଞ୍ଚ ସୃଷ୍ଟିହୋଇଛି । ଚେତନଶରୀର ଥିବା ଜୀବରାଶି ଅଚେତନ ପ୍ରପଞ୍ଚରେ ବ୍ୟାପିରହିଛନ୍ତି, ଅର୍ଥାତ୍ ଏବେ ଭଲରେ ବୁଝିହେଉଛି ଆମର ଥିବା ଶରୀର ମଧ୍ୟ ପ୍ରକୃତିର ଗୋଟିଏ ଭାଗ ।

ଭଗବଦ୍ଗୀତାର ବିଜ୍ଞାନ ଯୋଗରେ ପରମାତ୍ମା, **"ଜୀବରାଶିଙ୍କ ଜନ୍ମ ମରଣ ଏହି ଚେତନ ଅଚେତନ ପ୍ରକୃତି କରୁଛି, ମୁଁ କେବଳ କାରଣଭୂତ ହୋଇ ରହିଛି"** ବୋଲି କହିଛନ୍ତି । ପୁଣି "ପ୍ରତି ଗୁଣ ଏହି ପ୍ରକୃତି ଦ୍ୱାରା ଜନ୍ମ ହେଉଛି ବୋଲି ଜ୍ଞାନୀ ଜାଣିପାରେ, ପ୍ରକୃତି ମୋର ଅଧିନରେ ଥାଏ, ଜୀବରାଶିଙ୍କ ପାପପୁଣ୍ୟ ଅନୁସାରେ ମୋ ପ୍ରକୃତି ସେମାନଙ୍କୁ କଷ୍ଟସୁଖ, ଲାଭନଷ୍ଟ ଦେଇଥାଏ, ମୁଁ କେବଳ ସାକ୍ଷୀଭାବରେ ରହି ସବୁ ଦେଖୁଥାଏ । ଏହିପରି ରହିଥିବା ମୋତେ କେବଳ ଯୋଗୀମାନେ ଜାଣି ପାରନ୍ତି । ମୁଁ ଉପରେ ଆକାଶଠାରୁ ଆରମ୍ଭ କରି ତଳେ ଭୂମି ପର୍ଯ୍ୟନ୍ତ ଥିବା ସର୍ବ ଦିଗରେ ବ୍ୟାପିରହି, ଅଚେତନ ପ୍ରକୃତିର ସୂଚ୍ୟଗ୍ର ସ୍ଥାନ ମଧ୍ୟ ନଛାଡି ସର୍ବତ୍ର ବ୍ୟାପିରହିଥାଏ । ସେହିଭଳି ଚେତନ ପ୍ରକୃତି ହୋଇଥିବା ପ୍ରତ୍ୟେକ ଶରୀରର ପାଦଠାରୁ ଆରମ୍ଭ କରି ମୁଣ୍ଡପର୍ଯ୍ୟନ୍ତ ମୁଁ ବ୍ୟାପିରହିଥାଏ । ସେଥିଲାଗି ଏହି ଚରାଚର ପ୍ରକୃତିରେ ଯାହାସବୁ ଘଟୁଛି ତାହା ମୋ ଅଜାଣତରେ ଘଟୁ ନାହିଁ । ଏହି ଚରାଚର ପ୍ରପଞ୍ଚରେ ରାତି ହେଉ, ଦିନ ହେଉ, କୌଣସି ସମୟରେ ହେଉ, କୌଣସି ସ୍ଥଳରେ ହେଉ, ଯାହାସବୁ ହୋଇଛି, ହେଉଛି, ହେବାକୁ ବାକି ଅଛି ତାହାସବୁ ମୋତେ ଭଲରେ ଜଣାଥାଏ, ସେଥିଲାଗି ବିଜ୍ଞାନ ଯୋଗରେ **"ଜଗତରେ ଭୂତଗଣଙ୍କ ଅତୀତ, ଭବିଷ୍ୟତ ବୃତ୍ତାନ୍ତ ମୋତେ ଜଣାଥିବା ଭଳି କାହାକୁ ଜଣା ନଥାଏ" ବୋଲି ମୁଁ କହିଛି । ପୁଣି ସେହି ବିଜ୍ଞାନ ଯୋଗରେ "ଏହି ଚେତନ ଅଚେତନ ପ୍ରକୃତି ଦ୍ୱାରା ଭୂତମାନେ ଜନ୍ମ ହୋଇଥାନ୍ତି, ମୁଁ ସେହି ଅଖିଳ ଜଗତର ଜନ୍ମ, ମରଣର ହେତୁ ହୋଇ ରହିଥାଏ"** ବୋଲି କହିଛି । ଏବେ ତୋଠାରେ କିମ୍ବା କାହାଠାରେ ମଧ୍ୟ ଏହି ଚରାଚର ପ୍ରକୃତି କିପରି ରହିଛନ୍ତି । ପ୍ରକୃତିରେ ଘଟୁଥିବା ଏହି ପ୍ରଳୟସମ୍ଭବ କାର୍ଯ୍ୟ ହେଉଛି ? ବୋଲି ପ୍ରଶ୍ନ ଉଙ୍କିମାରି ପାରେ, ତେଣୁ ତା ବାବଦରେ ଏବେ ଟିକିଏ ଗବେଷଣା କରିବା ।

ଏହି ବିଷୟରେ ପରମାତ୍ମା **"ମୋର ଅଚେତନ (ଅଚର) ପ୍ରକୃତି ୫ ଭାଗରେ ରହିଛି, ସେହି ପାଞ୍ଚଭାଗ ଭିତରୁ କେବଳ ବାୟୁ ଯଦି ତା'ର ବିଭତ୍ସକୁ ଦେଖାଏ ତେବେ କୌଣସି ବସ୍ତୁ ତାହା ସହ୍ୟ କରି ପାରିବ ନାହିଁ । ବଡ ବଡ ପାହାଡକୁ ମଧ୍ୟ ବାୟୁ ଉପରକୁ ଉଠାଇ ଘିରିଘିରି କରି ବୁଲାଇ କେତେ ମାଇଲ୍ ଦୂରରେ ନେଇ ପକାଇଦେଇ ପାରେ । ବଡବଡ ଗଛକୁ ମଧ୍ୟ ଚେରସହିତ ଉପାଡିଦେଇ ପାରେ । ମୋ ଅଧିନରେ ଥିବା ଏହି ବଳଶାଳୀ ବାୟୁ ଘର, ଗଛ, ମାଟି, ବସ୍ତୁ ଇତ୍ୟାଦିକୁ ଛିନ୍ନ ଭିନ୍ନ କରିଦେଇ ପାରେ । ପ୍ରକୃତି ଶକ୍ତିର ମାତ୍ର ଏକ ଶକ୍ତି ହୋଇଥିବା ବାୟୁର ବିଶୃଙ୍ଖଳାରେ ପ୍ରପଞ୍ଚର କୌଣସି ଜୀବରାଶି ବଞ୍ଚିବା ଅସମ୍ଭବ । ଆଉ ଅଗ୍ନି କଥା କ'ଣ କହିବା ! ତା'ଆଗରେ ବଶୀଭୂତ ହୋଇନଥିବା ଜିନିଷ କିଛି ନାହିଁ । ପ୍ରପଞ୍ଚର ପଥରକୁ, ଲୁହାକୁ, ବୃକ୍ଷଲତାକୁ, ମଣିଷକୁ ସର୍ବସ୍ୱକୁ ଜାଳି ପାଉଁଶ କରିଦେଇ ପାରେ ଅଗ୍ନି । ତା'ପରେ ଜଳ କଥା କଅଣ କହିବି ! ଜଳର ବିଶୃଙ୍ଖଳାରେ ସର୍ବସ୍ୱ ନଷ୍ଟ ହୋଇଯାଏ । ଭୂମିକଥା କହିଲେ ! ଭୂମିକମ୍ପରେ ସବୁକିଛି ଓଲଟପାଲଟ କରିଦେଇ ସମସ୍ତଙ୍କୁ ଭୂସମାଧି କରିଦେଇ ପାରେ । ଏହିଭଳି ମୋ'ର ପ୍ରକୃତି ହୋଇଥିବା ପାଞ୍ଚଶକ୍ତି ଯଦି ଏକକାଳୀନ ବିଶୃଙ୍ଖଳା ଆଣନ୍ତି ତେବେ ଆଉ କିଛି ନ କହିଲେ ବି ତା'ର ପରିଣାମ କ'ଣ ହେବ ଭାବି ଦେଖ୍ । ଏହି ପ୍ରକୃତିରେ ଚେତନ ହୋଇ ରହିଥିବା ଏହି ଜୀବରୂପ ପ୍ରପଞ୍ଚ ମଧ୍ୟ ମୋ' ପ୍ରକୃତିର ଅଧିନରେ ରହିଛି ।** ଏହିଭଳି କହିଥିବା ପରମାତ୍ମାଙ୍କ କଥା ଶୁଣି କେତେକ କହନ୍ତି ଯେ, ରୋଗହୋଇ ମୃତ୍ୟୁବରଣ କରୁଥିବା ଜୀବମାନଙ୍କୁ ପ୍ରକୃତି ବା କଅଣ କଷ୍ଟ ଦେଇପାରିଲା ? ସେମାନେ ତ ରୋଗରେ ମରିଗଲେ ! ସେମାନଙ୍କ କଥା କଣ ? ସେମାନଙ୍କୁ ପରମାତ୍ମା, **"ମାୟାରେ ଘୋଡାଇ ହୋଇ ରହିଥିବା ତୁମେମାନେ ମୋତେ, ମୋର ମାହାତ୍ମ୍ୟକୁ ନ ଜାଣି ଏମିତି କହୁଛ**

**ସିନା ଆଉ କିଛି ନୁହେଁ, ତା'ର ରହସ୍ୟକୁ କହୁଛି ସତର୍କତାର ସହିତ ଶୁଣ ।"** ବୋଲି କହୁଛନ୍ତି ।

"ସର୍ବ ଜୀବରାଶିର ଶରୀର ପଞ୍ଚଭୂତରେ ନିର୍ମାଣ ହୋଇଛି । ଏହି ଶରୀରରୂପ ହୋଇ ଯାହା ରହିଛି ତାହାକୁ ଚେତନପ୍ରକୃତି କହୁଛେ । ପ୍ରକୃତିର ଗୋଟିଏ ଭାଗ ହୋଇଥିବା ଏକମାତ୍ର ବାୟୁର ଟିକିଏ ବିଶୃଙ୍ଖଳାରେ କାଶ, ଛିଙ୍କ ହେବା ଆରମ୍ଭ ହୋଇଥାଏ, ଥଣ୍ଡା ହୋଇଛି ବୋଲି କହୁଛେ, ଏହା ଦ୍ୱାରା କ'ଣ ଜୀବ କଷ୍ଟ ଭୋଗୁ ନାହିଁ ? ଶ୍ୱାସ ରୋଗରେ କ'ଣ ଜୀବ କଷ୍ଟ ପାଉନାହିଁ ? ଅପାନ ବାୟୁ ଅଧିକ ହେଲେ ପେଟ ଫୁଲି କଷ୍ଟହୋଇ ଝାଡା ହୋଇଥାଏ । ଏହା ଦ୍ୱାରା କ'ଣ କଷ୍ଟ ହୁଏ ନାହିଁ ? ଉପବାୟୁ ହୋଇଥିବା ଧନୁଞ୍ଜୟବାୟୁ ବ୍ୟତିରେକ ହେଲେ ଗର୍ଭରେ ଥିବା ଛୁଆ ବାହାରକୁ ଆସିପାରେ ନାହିଁ, ଏହା ଦ୍ୱାରା ଜୀବ କ'ଣ କଷ୍ଟ ଭୋଗେ ନାହିଁ ? ବ୍ୟାନ ଆଉ ସମାନବାୟୁର ବୈପରିତ୍ୟରେ ଶରୀରରେ ଥିବା ବଳ ଅଧା ଚାଲିଯାଏ । ଏକମାତ୍ର ବାୟୁ ଦ୍ୱାରା ଜୀବ ନାନା କଷ୍ଟ ଅନୁଭବ କରି ମରଣ ସ୍ଥିତିରେ ପହଞ୍ଚିଥାଏ । ସେହିଭଳି ଶରୀରରେ ଥିବା ଜଳର ବିଶୃଙ୍ଖଳାରେ ଶରୀରରେ ଜଳ ଭରିଯାଇ ହାତଗୋଡ ଫୁଲିଯାଏ । ତା'ଦ୍ୱାରା ଜୀବ କେତେ କଷ୍ଟ ଅନୁଭଭ କରେ, ତା'ଛଡା ଏହା ଦ୍ୱାରା ମୂତ୍ରବ୍ୟାଧି ମଧ୍ୟ ହୋଇଥାଏ । ମସ୍ତିସ୍କରୁ ଜଳ ଲୋପ ହେଲେ ନିଦ କମ୍ ହୁଏ, ହାତଗୋଡ ଭାରି ହୋଇଯାଏ, ଶେଷରେ ସେଗୁଡିକ ସ୍ପର୍ଶଶକ୍ତି ହରାଇଥା'ନ୍ତି, ଦୃଷ୍ଟିଶକ୍ତି କମ୍ ହୋଇଯାଏ, ଶବ୍ଦ ଠିକ୍ ଭାବରେ ଶୁଣାଯାଏ ନାହିଁ, ନାକ ଶୁଙ୍ଘିବା ଶକ୍ତି ମଧ୍ୟ ହରାଇବସେ । ଏହିଭଳି କୌଣସି ଗୋଟିଏର ଲୋପ ଦେଖାଦେଲେ ଜୀବ କଷ୍ଟ ଅନୁଭବ କରେ, ମୃତ୍ୟୁବରଣ ମଧ୍ୟ କରେ । ଚେତନ ପ୍ରକୃତିର ଏକ ଭାଗ ହୋଇଥିବା ଭୂମି ବିଗିଡିଯାଇ କମିଗଲେ ହାତ ଗୋଡ କାର୍ଯ୍ୟ କରିନଥାଏ, କଷ୍ଟ ଅନୁଭବ ହୋଇଥାଏ, ମଳକଣ୍ଟକ ହୁଏ, ସୁଖବ୍ୟାଧି ହୁଏ, ଦାନ୍ତ ବିନ୍ଧା ହୁଏ, ଅପସ୍ମାର ମଧ୍ୟ ହୁଏ । ଏହିଭଳି ଭୂମି ମଧ୍ୟ ନାନା

କଷ୍ଟ ଦେଇ ମାରି ଦେଇପାରେ । ଚେତନ ପ୍ରକୃତି ହୋଇଥିବା ଆକାଶ ଓଲଟା କାର୍ଯ୍ୟକଲେ ନାକପୁଡା ବନ୍ଦ ହୋଇ ନିଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ହୋଇଥାଏ । ନାକ ସଂପୂର୍ଣ୍ଣ ବନ୍ଦ ହୋଇଯାଇ ପାରେ, ଗଳାରେ ଥିବା ମାଂସପେଶୀ ଫୁଲିଯାଇ କଣ୍ଠରନ୍ଧ୍ର ବନ୍ଦ ହୋଇ ଖାଇବାରେ, ପିଇବାରେ କଷ୍ଟ ଅନୁଭବ ହୋଇଥାଏ । ମୂତ୍ରନଳୀ ମଧ୍ୟ ବନ୍ଦ ହୋଇ ମୂତ୍ର ବିସର୍ଜନରେ କଷ୍ଟ ହୋଇଥାଏ । ମନର ସ୍ଥିରତା ହଜିଯାଇ ମନୋରୋଗ ସୃଷ୍ଟି ହୁଏ, ପାଗଳାମୀ ମଧ୍ୟ ଧରିପାରେ । ଏହିଭଳି ଅନେକ ପ୍ରକାରର ଶରୀର ସମ୍ବନ୍ଧୀୟ ରୋଗ ଦେଖାଦେଇ ଜୀବକୁ ନାନା କଷ୍ଟଦେଇ ଶେଷରେ ତା'କୁ ମୃତ୍ୟୁମୁଖରେ ପକାଇଥାଏ । ଚେତନ ପ୍ରକୃତି ହୋଇଥିବା ଅଗ୍ନି ବିଗିଡିବା ଆରମ୍ଭକଲେ ନାନା ପ୍ରକାରର ରୋଗ ଦେଖାଦେଇ ଜୀବର ମୃତ୍ୟୁ ହୋଇଥାଏ । ଏହିଭଳି ଚେତନ ଅଚେତନ ପ୍ରକୃତି ଜୀବକୁ ମୃତ୍ୟୁ କୂପରେ ପକାଇଥା'ନ୍ତି । ସେହିଭଳି ସେହି ପ୍ରକୃତି ଭାଗଗୁଡିକ ଗୋଟିକ ସହିତ ଗୋଟିଏ ମିଶି ଜୀବକୁ ଜନ୍ମ ମଧ୍ୟ କରିଥା'ନ୍ତି । ତେଣୁ ଜୀବର ପ୍ରଳୟ ସମ୍ଭବ ପାଇଁ ମୋର ପ୍ରକୃତି ହିଁ କାରଣ ହୋଇଥାଏ ବୋଲି ପରମାତ୍ମା କହିଛନ୍ତି ।"

"ଚେତନ, ଅଚେତନ ପ୍ରକୃତି ହିଁ ଜୀବର ଜନ୍ମ ମରଣକୁ ସେମାନଙ୍କର ପାପପୁଣ୍ୟ ଅନୁସାରେ ଦେଇଥାଏ । ମୁଁ ପ୍ରକୃତିର ଅଧକ୍ଷତା ବହନ କରିଥାଏ । ସେଥିଲାଗି ଏ ଜଗତ ଚକ୍ର ଭଳି ଘୁରୁଛି । ମୁଁ କାହାର ପାପକୁ କିମ୍ବା ପୁଣ୍ୟକୁ ଉଚ୍ଛେଦ କରି ନଥାଏ । ପ୍ରପଞ୍ଚରେ ସମସ୍ତେ ମୋ ପାଇଁ ସମାନ, କିନ୍ତୁ ମୋର ଭକ୍ତମାନେ ମୋର ଅତିପ୍ରିୟ ହୋଇଥାନ୍ତି । କେବଳ ସେଇମାନଙ୍କ ପାପପୁଣ୍ୟ ମୋ'ଦ୍ୱାରା ଦିଆଯାଉଥିବା ଜ୍ଞାନ ନାମକ ଅଗ୍ନି ଦ୍ୱାରା ଜଳି ପାଉଁଶହେବା ଭଳି ହୋଇଯାଇଥାଏ । ତେଣୁ ସେମାନେ ସେମାନଙ୍କ ପାପପୁଣ୍ୟ ଅନୁଭବ କରିବାରୁ ବଞ୍ଚିଯାଇଥା'ନ୍ତି । ପ୍ରପଞ୍ଚରେ ମୋର ଭକ୍ତମାନଙ୍କୁ ମୁଁ ଖୁବ୍ ଭଲପାଏ । ସେମାନଙ୍କ ସହିତ ମୋର ନିତ୍ୟ ସମ୍ପର୍କ ରହିଥାଏ । ତେଣୁ ସେମାନେ ହିଁ ମୁଁ ଆଉ ମୁଁ ହିଁ

ସେମାନେ ବୋଲି ମୁଁ ଭାବିଥାଏ । ସେମାନେ ମୋ'ଜ୍ଞାନକୁ ଜାଣି ପାରିବା ଭଳି ମୁଁ କରାଇଥାଏ, ତାଦ୍ୱାରା ସେମାନେ ସେମାନଙ୍କ କର୍ମକୁ ଦହନ କରି ପାପ ଆଉ ପୁଣ୍ୟକୁ ନିଖୋଜ କରି ମୋ'ଠାରେ ଐକ୍ୟ ହୋଇଯାଇଥା'ନ୍ତି । ତେଣୁ ମୁଁ ମୋ'ଗୀତାଶାସ୍ତ୍ରରେ "ହେ ଅର୍ଜୁନ କେବଳ ମୋତେ ବିଶ୍ୱାସ କର ତୋତେ ସର୍ବପାପରୁ ମୁକ୍ତ କରିଦେବି" ବୋଲି କହିଥିଲି । ଅର୍ଜୁନ କାହିଁକି ମୁଁ କହିବା ଭଳି କେହି ମଧ୍ୟ ମୋତେ ବିଶ୍ୱାସ କଲେ ତା'କୁ ନିଃସନ୍ଦେହରେ ମାୟା ସମୁଦ୍ରରୁ ପାର କରାଇଦେବି । ମୁଁ ପ୍ରପଞ୍ଚ ସାରା ବ୍ୟାପିରହିଛି । ମୋ ଅଜାଣତରେ କିଛି ମଧ୍ୟ ହୁଏ ନାହିଁ, ମୋତେ ମୁଁ ପରିଚାଳିତ କରିଥାଏ । ସର୍ବ ଜୀବରାଶିରେ ଥିବା ଆତ୍ମା ହିଁ ମୁଁ ବୋଲି ଯଦି କୌଣସି ବ୍ୟକ୍ତି ଜାଣି ମୋତେ ଅନୁକ୍ଷଣ ତା'ର ମନରେ ରଖିଥାଏ, ସେହିଭଳି ଭକ୍ତର ମୁଁ ଖୁବ୍ ନିକଟରେ ଥାଏ । ମୋ' ଭକ୍ତ ମୋ' ପ୍ରକୃତିରୁ ଅତୀତ ହୋଇ ପାରେ । ତା'କୁ ମୋ' ପ୍ରକୃତିର ଅଗ୍ନି ଜଳାଇପାରେ ନାହିଁ କି ସେ ଜଳେ ନାହିଁ । ଜଳ ତା'କୁ ବୁଡାଇପାରେ ନାହିଁ, ସେ ବୁଡେନାହିଁ । ସେହିଭଳି ସେ ପବନରେ ଉଡିଯାଏ ନାହିଁ କି ଭୂମି ତା'ର କିଛି କରିପାରେ ନାହିଁ । ମୋ'ଭକ୍ତ ମୋ'ଭଳି ହୋଇଯାଏ, ସେ ଶୁଖିଯାଏ ନାହିଁ, ଭିଜିଯାଏ ନାହିଁ, ଜଳିଯାଏ ନାହିଁ, କଟିଯାଏ ନାହିଁ କି ତାର କୌଣସି ପ୍ରକୃତି ଶକ୍ତି କିଛି କରିପାରେ ନାହିଁ । ସେ ମୁଁ ହୋଇଯାଏ, ମୁଁ ସେ ହୋଇଯାଏ, ଏହା ହିଁ ମୋକ୍ଷ । ଏହା ହିଁ "ଜୀବବ୍ରହ୍ମ ଐକ୍ୟସନ୍ଧାନ" ବୋଲି କହିଥିବା ପରମାତ୍ମା ଆହୁରି କହୁଛନ୍ତି ଯେ !

ହେ ଜୀବ! ତୁ କେବଳ ମୋତେ ବିଶ୍ୱାସ କରି, ସର୍ବଦା, ସବୁଠାରେ, ସବୁ ଅବସ୍ଥାରେ ମୋ'ର ନିରାକାର ସ୍ୱରୂପକୁ ଭାବନା କର୍ ଅର୍ଥାତ୍ ତୁ ସର୍ବଦା ସକ୍ରମ ଭାବରେ ଯୋଗରେ ରହ । କିଛିଦିନ ପରେ ତୁ ମୋ' ଭଳି ହୋଇଯିବୁ । ତୁ ମୁଁ ହୋଇଯିବା ପରେ ପ୍ରକୃତିର ନିର୍ମାଣକର୍ତ୍ତା ମୁଁ ହୋଇଥିବାରୁ ମୋ ପ୍ରକୃତି ତୋ'ର କିଛି କରିପାରିବ ନାହିଁ । ସେତେବେଳେ

ତୁ ମୋଠାରେ ଐକ୍ୟ ହୋଇ ରହିଥିବୁ ପ୍ରକୃତି ତୋ'ର କିଛି କରି ପାରିବ ନାହିଁ । ତେଣୁ ସମସ୍ତେ ପ୍ରକୃତିରେ ଛନ୍ଦି ହୋଇ ନାନା ବାଧାବିଘ୍ନ ଅନୁଭବ କରିବାଠାରୁ ଦୂରରେ ରହିବାପାଇଁ ଆଜିଠାରୁ ଜ୍ଞାନାଗ୍ନି ଅର୍ଜନ କରିବାକୁ ଚେଷ୍ଟା କରନ୍ତୁ ।

*****

# ମୋକ୍ଷ

ସମସ୍ତେ ଜାଣିବା ଦରକାର ଯେ, ମୋକ୍ଷ କ'ଣ । ମୋକ୍ଷ ବାବଦରେ ନଜାଣିଲେ ନାଇଁ ମଣିଷ ଅତି କମରେ ଆତ୍ମା ବାବଦରେ ମଧ୍ୟ ଜାଣିବାକୁ ଚେଷ୍ଟା କରେ ନାହିଁ । ଯଦି କେହି ସେ ବାବଦରେ କହେ ତେବେ ସେଥିରୁ ଆମର କ'ଣ ମିଳିବ ? ବୋଲି କହିଥାଏ । ମୋକ୍ଷର ମୂଲ୍ୟକୁ ଜାଣିନଥିବା ମାନବର ଜୀବନ ଗନ୍ଧହୀନ ଫୁଲ ଭଳି ହୋଇଥାଏ । ସେ ଜନ୍ମ ହୋଇ ମଧ୍ୟ ନହେବା ଭଳି । ମୋକ୍ଷ ବାବଦରେ ଜାଣି ନଥିବା ଲୋକର ଭକ୍ତି ଲକ୍ଷ୍ୟହୀନ ପଥ ଭଳି । କେତେକ ସେମାନଙ୍କୁ ମୋକ୍ଷ ବାବଦରେ ଜଣାଇ ମୋକ୍ଷ ହେଲେ ଆଉ ଜନ୍ମ ହେବାକୁ ପଡିନଥାଏ କହିଲେ ମଧ୍ୟ, ତା'କଥାର ମୂଲ୍ୟ ଜାଣି ନଥିବା ସେହି ଅଜ୍ଞାନୀମାନେ "ସେଠାରେ ଯାଇ କିଛି ନ କରି ରହିଲେ କେମିତି ଦିନ ସରିବ ? ମରି ଜନ୍ମ ହେଉଥିଲେ ସିନା ଦିନ ସରିବ" ବୋଲି କହୁଛନ୍ତି । ଆହୁରି "ଚୁପ୍ ରହି କି ଲାଭ, ଭୂପୃଷ୍ଠରେ ଜନ୍ମ ହୋଇ ସୁଖ ଅନୁଭବ କରିହେବ"ବୋଲି କହୁଛନ୍ତି । ତା'ଛଡା କହନ୍ତି ଯେ, "ତମେ ଅଯଥା ପାଗଳ ହୋଇ ମୋକ୍ଷ ମୋକ୍ଷ ହେଉଛ, ତାହା ଆମ ଦ୍ୱାରା ଅସମ୍ଭବ" । ଏଭଳି କହି ସେମାନେ ଜ୍ଞାନୀମାନଙ୍କୁ ମଧ୍ୟ ଉପାୟ ବତାଉଛନ୍ତି । ମୋକ୍ଷ ବାବଦରେ ଜାଣି ନଥିବା ଲୋକକୁ ପରମାତ୍ମା ବାବଦରେ କହିଲେ ତା'କୁ ପବନ ନଥିବା ଘରେ କବାଟ ବନ୍ଦକରି ରଖିବା

ଭଳି ଲାଗିବ । ତେଣୁ ସେମାନେ ତ ଏକଥା ଶୁଣିବେ ନାହିଁ, କହୁଥିବା ଜାଗାରୁ କେମିତି ଖସି ପଳାଇବେ ସେଇ ଚେଷ୍ଟା କରିବେ । ଯେଉଁମାନେ ମୋକ୍ଷ ବିଷୟରେ ଜାଣି ନାହାନ୍ତି ସେମାନେ କେହି ମଧ୍ୟ ପରମାତ୍ମାଙ୍କ ବିଷୟରେ ଶୁଣିବାକୁ ଇଚ୍ଛା କରନ୍ତି ନାହିଁ । ପରମାତ୍ମା ବିଷୟରେ କହୁଥିବା ଲୋକର କଥାକୁ ମଧ୍ୟ ସହ୍ୟ କରିପାରନ୍ତି ନାହିଁ । ତେଣୁ ସମସ୍ତେ ପ୍ରଥମେ ମୋକ୍ଷ ବାବଦରେ କିଛି ଜାଣିବା ଉଚିତ୍ ।

ମୋକ୍ଷ ବିଷୟରେ କିଛି ବିଚାର କରି ଦେଖିଲେ, ଏହା ଅଜ୍ଞାନୀମାନେ ଭାବିବା ଭଳି ଏକ ଲୋକ (ସ୍ଥଳ) ନୁହେଁ । ମୋକ୍ଷ କେଉଁ ଅନ୍ୟ ସ୍ଥାନରେ ଥାଏ ବୋଲି ଭାବିଥା'ନ୍ତି । ଏହା ବାସ୍ତବରେ ଆଉ କେଉଁଠାରେ ନୁହେଁ ସବୁଆଡେ ରହିଛି । ମୋକ୍ଷ ପାଉଥିବା ଜୀବ କାଳଭାବରେ ବଦଳି ଯାଇଥାଏ । ସେ କାଳ ହୋଇଯିବା ପରେ ଦିନ କଟିବାର ପ୍ରଶ୍ନ ବା କେଉଁଠାରୁ ଆସିବ ? ମୋକ୍ଷ ହୋଇଥିବା ଜୀବ ଅଣୁ ଅଣୁରେ ପୂର୍ଣ୍ଣହୋଇ, ପ୍ରାପଞ୍ଚିକ ବାଧାବିଘ୍ନକୁ ଅନୁଭବ ନକରି, ସବୁକିଛିର ସାକ୍ଷୀ ହୋଇଯାଏ, ତେଣୁ ସେଠାକୁ ଯାଇ କଅଣ କରିବି ବୋଲି ସମସ୍ୟା ହିଁ ନଥାଏ । ମୋକ୍ଷ ପାଇଥିବା ଜୀବ ପ୍ରକୃତିର ବାହାରେ, ଭିତରେ ସବୁଆଡେ ରହିଥାଏ, ତେଣୁ ପ୍ରକୃତି ତା'ର ବା କ'ଣ କରିବ ? ସାଧାରଣ ମାନବ ପ୍ରକୃତିର ଅଧିନରେ ରହିବା ଦ୍ୱାରା ପ୍ରକୃତି ତା'କୁ ବିନାଶ କରିପାରେ । ମୋକ୍ଷ ପାଇଥିବା ଜୀବ ନିଜେ ଅଗ୍ନି ହୋଇଥିବାରୁ ଅଗ୍ନି ତା'ର କିଛି କରିପାରେ ନାହିଁ । ମୋକ୍ଷ ହୋଇନଥିବା ଜୀବ ଅଗ୍ନି ହୋଇନଥିବାରୁ ସେ ଜୀବଶରୀରକୁ ଅଗ୍ନି ଜଳାଇଦେଇପାରେ । ମୋକ୍ଷ ପାଇଥିବା ଜୀବ ଗୁଣାତୀତ ହୋଇଯାଇଥାଏ, ତେଣୁ ଗୁଣ ତା'ର କିଛି କରିପାରେ ନାହିଁ । ସାଧାରଣ ମାନବ ଗୁଣରେ ଛନ୍ଦିହୋଇ ରହିଥାଏ । ଗୁଣ ହିଁ ମାନବକୁ ନାନା ବାଧାବିଘ୍ନରେ ପକାଇଥାଏ । ମୋକ୍ଷ ପାଇଥିବା ଜୀବ ଦେଖାଯାଇ ନଥାଏ, ତେଣୁ ସେ ଅମୁକ ସ୍ଥାନରେ ଅଛି ବୋଲି ଜାଣିହୁଏ

ନାହିଁ । ସାଧାରଣ ମାନବ କେଉଁଠାରେ ଅଛି ଜାଣିହୁଏ । ମୋକ୍ଷ ପାଇଥିବା ଜୀବ ପ୍ରଳୟରେ ସବୁକିଛିର ବିନାଶ ହୋଇଗଲେ ମଧ୍ୟ ଅବିନାଶି ହୋଇ ରହିଥାଏ । ମୋକ୍ଷ ପାଇଥିବା ଜୀବ ପ୍ରପଞ୍ଚର ପ୍ରତ୍ୟେକ ଶରୀରରେ ରହିଥାଏ । ମୋକ୍ଷ ପାଇନଥିବା ଜୀବ ଶରୀର ଭିତରେ ରହିଥାଏ । ମୋକ୍ଷ ପାଇଥିବା ଜୀବ ପ୍ରତ୍ୟେକ ସ୍ଥଳକୁ ଦେଖିପାରେ ସିନା, ପାଇନଥିବା ଜୀବ ସେଭଳି ଦେଖିପାରେ ନାହିଁ । ମୋକ୍ଷ ପାଇଥିବା ଜୀବ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବା ଆବଶ୍ୟକ ନାହିଁ । କାରଣ ! ସେ ସବୁଆଡେ ଥାଏ । ମୋକ୍ଷ ପାଇନଥିବା ଜୀବ ବ୍ୟୟ ପ୍ରୟାସରେ ଗୋଟିଏ ସ୍ଥାନରୁ ଆଉ ଗୋଟିଏ ସ୍ଥାନକୁ ଯାଇଥାଏ । ମୋକ୍ଷ ପାଇଥିବା ଜୀବ ଅଗ୍ନିରେ ପୋଡେ ନାହିଁ, ପବନରେ ଉଡେ ନାହିଁ, ଜଳରେ ବୁଡେ ନାହିଁ ତେଣୁ ତା'ର କୌଣସି ଭୟ ନଥାଏ । ମୋକ୍ଷ ପାଇନଥିବା ଜୀବ ଅଗ୍ନି, ଜଳ, ବାୟୁ ଇତ୍ୟାଦିକୁ ନିତି ଭୟ କରିଥାଏ । ମୋକ୍ଷ ପାଇଥିବା ଜୀବର ଆହାର ଆବଶ୍ୟକ ନଥାଏ । ମୋକ୍ଷ ହୋଇନଥିବା ଜୀବର ସବୁଦିନ ଆହାର ଆବଶ୍ୟକ ହୋଇଥାଏ । ମୋକ୍ଷ ପାଇଥିବା ଜୀବ ଶାଶ୍ୱତ ଭାବରେ କହିହେଉ ନଥିବା ଶାଶ୍ୱତ ସୁଖକୁ ଅନୁଭବ କରି ତୃପ୍ତ ଥାଏ । ତାହା ପାଇନଥିବା ଜୀବ କ୍ଷଣକାଳର ସୁଖକୁ ଅନୁଭବ କରି ସବୁବେଳେ ଅସନ୍ତୃପ୍ତିରେ ରହିଥାଏ । ମୋକ୍ଷ ପାଇଥିବା ଜୀବ କେଉଁଥି ପାଇଁ ମଧ୍ୟ ଦୁଃଖିତ ହୋଇନଥାଏ । କୌଣସି କଷ୍ଟକୁ ଅନୁଭବ କରିନଥାଏ, କିନ୍ତୁ ମୋକ୍ଷ ପାଇନଥିବା ଜୀବ ନାନା ବାଧାବିଘ୍ନ ଅନୁଭବ କରିଥାଏ । ମୋକ୍ଷ ହୋଇଥିବା ଜୀବଠାରୁ ବଡ ଆଉକିଛି ନଥାଏ । ମୋକ୍ଷ ପାଇନଥିବା ଜୀବ ପାଇଁ ପରମାତ୍ମା ସର୍ବଦା ବଡ ହୋଇ ରହିଥା'ନ୍ତି । ମୋକ୍ଷ ହୋଇଥିବା ଜୀବ ସର୍ବଦା ଏକ ପ୍ରକାରର ହୋଇ ରହିଥାଏ ସିନା, ମୋକ୍ଷ ହୋଇନଥିବା ଜୀବ ନାନା ଜନ୍ମ ପାଇ ସେ ରହୁଥିବା ଶରୀରରେ ବାଲ୍ୟ, ଯୌବନ, ବାର୍ଦ୍ଧକ୍ୟାଦି ଦଶାକୁ ଅନୁଭବ କରିଥାଏ । ଏହିଭଳି କହି ଚାଲିଲେ ମୋକ୍ଷର ମୂଲ୍ୟ ଅନେକ ରହିଛି, କିନ୍ତୁ ତା'ବାବଦରେ ସଂପୂର୍ଣ୍ଣ କହିପାରିବା

ଅସମ୍ଭବ । କେହି ମଧ୍ୟ ସଂପୂର୍ଣ୍ଣ ମୋକ୍ଷ ବାବଦରେ କହି ପାରିବେ ନାହିଁ । ଏସବୁ ଏବେ ଜାଣୁଥିବା ଆମେ, ରହିଥିବା ଏହି ସ୍ଥିତି ଭଲ ? କି ମୋକ୍ଷ ସ୍ଥିତି ଭଲ ? ସେକଥା ଆପଣମାନେ ବିଚାର କରନ୍ତୁ ।

ଯେଉଁମାନେ ମୋକ୍ଷ ସ୍ଥିତି ବାବଦରେ ଜାଣି ନାହାନ୍ତି ସେମାନେ ସେଥିରୁ ଆମକୁ କ'ଣ ମିଳିବ ବୋଲି କହିଥା'ନ୍ତି । ମୋକ୍ଷ ଆଗରେ ଏବେ ଆମେ ଅନୁଭବ କରୁଥିବା ସ୍ଥିତି ପର୍ବତ ଆଗରେ ଥିବା ଛୋଟ ପଥର ସ୍ଥିତି ସହିତ ସମାନ ବୋଲି ସେମାନଙ୍କୁ ଜଣା ନାହିଁ । ତେଣୁ ମୋକ୍ଷ ବିଷୟରେ ଜାଣିନଥିବା ଲୋକମାନେ ପରମାତ୍ମାଙ୍କ ବିଷୟରେ ଜାଣିବାକୁ ଚେଷ୍ଟା କରନ୍ତି ନାହିଁ । ତେଣୁ ସର୍ବପ୍ରଥମେ ମଣିଷ ମୋକ୍ଷ ବାବଦରେ ଜାଣିବା ଦରକାର । ମୋକ୍ଷ ବାବଦରେ ଜାଣିବା ପରେ ତା'କୁ ପାଇବାକୁ ଚେଷ୍ଟା କରିବା ଉଚିତ୍ । ମୋକ୍ଷ ପାଇବାପାଇଁ ଜ୍ଞାନ ଆବଶ୍ୟକ । ଜ୍ଞାନ ପାଇବା ପାଇଁ ଗୁରୁ ଆବଶ୍ୟକ । ଗୁରୁ ମିଳିବା ପରେ ତାଙ୍କ ଦ୍ୱାରା ମୋକ୍ଷ ମିଳିବା ସୁଯୋଗ ରହିଛି ।

ମୋକ୍ଷ ସାମ୍ରାଜ୍ୟରେ ପହଞ୍ଚିବା ପାଇଁ ଗୁରୁ ହେଉଛନ୍ତି ଦ୍ୱାର ଭଳି । ଗୁରୁଙ୍କ ଆଶ୍ରୟ ନେଇ ତାଙ୍କ ଦ୍ୱାରା ଜ୍ଞାନକୁ, ଯୋଗକୁ ପାଇ ଜନ୍ମରହିତ ମୋକ୍ଷଲାଭ କରନ୍ତୁ । ୬୦ କି ୭୦ ବର୍ଷ କାଳ ମଣିଷ ବଞ୍ଚୁଥିବା ଜୀବନରେ ୨୦ କି ୩୦ ବର୍ଷ ପ୍ରାପଞ୍ଚିକ (ଭୌତିକ) ପାଠପଢ଼ି, ବଡ ବଡ ଡିଗ୍ରୀ ଉପାର୍ଜନ କରି, ବଡଲୋକ ହୋଇପାରିଲେ କ'ଣ ହେବ ? ସେ ସବୁ ମରଣର ସୀମା ଯାଏଁ ସିନା ! ଡାକ୍ତର, ଇଞ୍ଜିନିୟର, ବୈଜ୍ଞାନିକ ବୋଲି ବଡ ବଡ ପଦ୍‌ବୀ ଅର୍ଜନ କଲେ ତା'ର ପ୍ରୟୋଜନ ବା କେତେକାଳ ? କେତେ ଟଙ୍କା ରୋଜଗାର କଲେ ମଧ୍ୟ ସେଥିରେ ଆମେ ବଞ୍ଚିବା ମାତ୍ର କିଛିକାଳ । ମଣିଷର ଜନ୍ମ ମାତ୍ର କିଛିକାଳ ପାଇଁ । ଆଜିର ଏ ଜନ୍ମ ମଧ୍ୟ ମାତ୍ର କିଛିକାଳ ରହିବ । ଅନ୍ଧାରେ ଦଉଡିକୁ ସାପ ଭାବିବା ଭଳି, ଅଜ୍ଞାନରେ

ଶାଶ୍ୱତ ହୋଇନଥିବା ଜିନିଷକୁ, ଶାଶ୍ୱତ ଭାବି ଆମେ କେତେଭୂଲ୍ କରୁଛେ । ସେହି ଭୂଲକୁ ଜାଣିପାରି ଅଶାଶ୍ୱତ ଜୀବନ ଉପରେ ସେତେ ଲକ୍ଷ୍ୟ ନଦେଇ ଶାଶ୍ୱତ ମୋକ୍ଷପାଇଁ ଚେଷ୍ଟାକରିବା ଉଚିତ୍ । ମାନବ ହୋଇ ଆମର ବୁଦ୍ଧି ଅଛି, ତା'କୁ ଉପଯୋଗ କରି ଆଜିଯାଏଁ ମୋକ୍ଷ ବାବଦରେ ଆଲୋଚନା କରିନଥିବା ଲୋକମାନଙ୍କ ବିଷୟରେ ଆଲୋଚନା କଲେ, ଆମଠାରୁ ଅଧିକ ବୁଦ୍ଧିଥିବା ଲୋକମାନେ ମୋକ୍ଷ ପାଇବାକୁ ଚେଷ୍ଟା କରୁଥିଲେ ବୋଲି ଜଣାଯାଏ । ମୋକ୍ଷ ବାବଦରେ କହି ଠକୁଥିବା ଢେର ଭକ୍ତମାନେ ସମାଜରେ ଅନେକ ଥାଇ ପାରନ୍ତି, ସେମାନଙ୍କୁ ଦେଖି ମୋକ୍ଷରେ ଲାଭ ନାହିଁ, ତାହା ପାଇବାକୁ ଚେଷ୍ଟା କରୁଥିବା ଲୋକମାନେ ଖରାପ ବୋଲି ନଭାବି, ମୋକ୍ଷ ବାବଦରେ ଥିବା ଏଇ ସାରାଂଶ ଉପରେ ଆଖିବୁଲାଇ ଆପଣଙ୍କ ସ୍ୱଦୃଷ୍ଟିରେ ଦେଖନ୍ତୁ । ମୋକ୍ଷ ବାବଦରେ ଜାଣିନଥିବା ଜୀବନ ନିରର୍ଥକ ବୋଲି ଜାଣନ୍ତୁ । ମୋକ୍ଷ ବାବଦରେ ଜାଣିଲେ ଜୀବନ ସାର୍ଥକ ହୋଇଥାଏ ବୋଲି ମଧ୍ୟ ଜାଣନ୍ତୁ ।

*****

# ଯମଲୋକ-ସ୍ୱର୍ଗଲୋକ

ଜୀବ ଭୂପୃଷ୍ଠରେ ଜନ୍ମ ହୋଇ ନିତ୍ୟଭାବରେ ତା'ର କର୍ମ କରି ଆସୁଛି, ଜୀବନରେ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ କଷ୍ଟସୁଖକୁ ଅନୁଭବ କରି ଆସୁଛି । ଜୀବନରେ ମଣିଷ ତା'ର ସ୍ୱାର୍ଥ ପାଇଁ ଉଭୟ ଉଚିତ୍ ଅନୁଚିତ କାର୍ଯ୍ୟମାନ କରି ପାପପୁଣ୍ୟ ଅର୍ଜନ କରୁଛି । କରୁଥିବା କାର୍ଯ୍ୟରେ ଆଖିକୁ ଦେଖା ଯାଉନଥିବା ପାପପୁଣ୍ୟର ଭୀତି ଆଜି ମଣିଷର ନାହିଁ । କରୁଥିବା କାର୍ଯ୍ୟରୁ ପାପ ଆସିଥାଏ ବୋଲି ଜାଣି ମଧ୍ୟ ଯମଲୋକକୁ ଗଲେ ସିନା ପାପରୂପରେ ନରକ ଅନୁଭବ କରିବି, କେଉଁଦିନ ଥିବା ନରକ ଭୟରେ

ଆଜି ମୋର ଅନୁକୂଳିତ କାର୍ଯ୍ୟକୁ କାହିଁକି ନକରି ଛାଡିବି, ନରକଯନ୍ତ୍ରଣା ଭୋଗିବାଦିନ ଆସିଲେ ଦେଖାଅଛି ବୋଲି ମଣିଷ ଭାବୁଛି ପାପପୁଣ୍ୟ କିଛି ଅଛି ବୋଲି ମଣିଷକୁ ଜଣାଅଛି, ତାହା ନିଶ୍ଚୟ ଅନୁଭବ କରିବାକୁ ହେବ ତାହା ମଧ୍ଯ ଜଣା ଅଛି, କିନ୍ତୁ ତା'କୁ ଭୟ ନକରି ଇଚ୍ଛା ଅନୁସାରେ କାର୍ଯ୍ୟ କରୁଛି ଅର୍ଥାତ୍ ତା'ର ପ୍ରକୃତ ସ୍ୱରୂପ କ'ଣ ତା'କୁ ଜଣା ନାହିଁ, ତାର ସ୍ୱର୍ଗ ନରକ ବାବଦରେ ତାକୁ ଜଣା ନାହିଁ ବୋଲି ସ୍ପଷ୍ଟ ଜଣାଯାଉଛି ।

କର୍ମ କାରଣ ଦ୍ୱାରା ଜୀବ ଭୂପୃଷ୍ଠରେ ଜନ୍ମ ହୋଇଥାଏ । କର୍ମ କହିଲେ ପାପ ପୁଣ୍ୟର ମିଶ୍ରଣ । ପାପ ଦ୍ୱାରା ନରକ ବା ନର୍କ, ପୁଣ୍ୟ ଦ୍ୱାରା ସ୍ୱର୍ଗ ଅନୁଭବ ହୋଇଥାଏ । କେତେକଙ୍କୁ ପଚାରି ବୁଝିଲେ ସେମାନେ କହନ୍ତି ଯେ, ନରକ ଯମଲୋକରେ, ସ୍ୱର୍ଗ ଦେବେନ୍ଦ୍ରଲୋକରେ ଅଛି । ପାପ କରିଥିବା ଲୋକମାନଙ୍କୁ ଯମଲୋକରେ ଯମ ଆଉ ଯମକିଙ୍କରମାନେ ନାନା ଯନ୍ତ୍ରଣା ଦେଇଥା'ନ୍ତି । ସେଠିକାର ଯନ୍ତ୍ରଣା ସବୁ ଅନୁଭବ କରିବା ପରେ ପୁଣ୍ୟ ଥିଲେ ସେଠାରୁ ସ୍ୱର୍ଗଲୋକକୁ ଯାଇ ସୁଖ ଅନୁଭବ କରିବାକୁ ହୁଏ ବୋଲି କହୁଛନ୍ତି । ଗୀତାର **ସାଂଖ୍ୟଯୋଗରେ "ଜୀବ ଶରୀର ଛାଡିବା ପରେ ମାତୃଗର୍ଭରେ ସମ୍ପୂର୍ଣ୍ଣ ତିଆରି ହୋଇ ଜନ୍ମ ହୋଇଥିବା ଅନ୍ୟ ଏକ ଶରୀରରେ ପ୍ରବେଶ କରିଥାଏ । କିଭଳି ନା! 'ପୁରୁଣା ବସ୍ତ୍ର ଛାଡି ଆମେ ଯେପରି ନୂଆବସ୍ତ୍ର ପିନ୍ଧୁଛେ, ଠିକ୍ ସେଇଭଳି" ବୋଲି ଭଗବାନ କହିଥିବା ବେଳେ"** ଆମେ ଅଜ୍ଞାନ ଦ୍ୱାରା ଜୀବ ମୃତ୍ୟୁ ପରେ ଆଉ ଏକ ଜାଗାରେ ଥିବା ଯମଲୋକକୁ ଯିବ ବୋଲି ଭାବୁଛେ । ଏଭଳି ହୁଏ ନାହିଁ ବୋଲି ଜାଣିଥିବା ଲୋକମାନେ କହୁଥିବା ବେଳେ, କିଛି ଲୋକେ ତାହା ନଶୁଣି, ଜୀବ ଯମଲୋକକୁ ଯାଇ ସେଠାରେ ନର୍କ ଅନୁଭବ ନକଲେ ସେଠାରେ ଥିବା ଯମରାଜାର କାର୍ଯ୍ୟ ବା କଅଣ ରହିଯିବ ? ଯମକିଙ୍କରମାନେ କଅଣ କରିବେ ? ସେ ଯମଲୋକ ବା କାହିଁକି ସେଠାରେ ଅଛି ? ବୋଲି ଯୁକ୍ତି କରିଥା'ନ୍ତି, ସେମାନଙ୍କ କଥା ଅନୁସାରେ

ଗଲେ ଗୀତାରେ ଭଗବାନ କହିଥିବା କଥା ମିଛ ହୋଇଯାଏ । ଗୀତା କଥା ଅନୁସାରେ ଗଲେ ଏମାନଙ୍କ କଥା ମିଛ ହୋଇଯାଏ । ଏ ଦୁଇଟିଯାକ ତୀବ୍ର ଯୁକ୍ତିକଥା ସିନା, ପରମାତ୍ମାଙ୍କ ବାଣୀ କଦାପି ଅସତ୍ୟ ନୁହେଁ । ମଣିଷର ଯୁକ୍ତି ମଧ୍ୟ ମିଛ ନୁହେଁ କହିଲେ, ସେ ବାବଦରେ ଆମକୁ ନିଶ୍ଚୟ କିଛି ଜାଣିବାକୁ ପଡିବ ।

ମାନବ ଜନ୍ମହେବାଠାରୁ ଆରମ୍ଭକରି ଦୁଃଖସୁଖକୁ ଅନୁଭବ କରି ଆସୁଛି । କେତେଲୋକ ଅଧିକ ସୁଖ ଅନୁଭବ କରିଥା'ନ୍ତି, କେତେଲୋକ ଅଧିକ ଦୁଃଖକଷ୍ଟ ଅନୁଭବ କରିଥା'ନ୍ତି । କେହି କୌଣସି କାର୍ଯ୍ୟ ନକରି ମଧ୍ୟ ଅଷ୍ଟଐଶ୍ୱର୍ଯ୍ୟକୁ ଅନୁଭବ କରିଥାଏ । କେହି ଦିନସାରା ଖଟିଖଟି ମଧ୍ୟ ଖାଇବାକୁ ପାଏ ନାହିଁ । ପରମାତ୍ମା ଅଂଶ ସମସ୍ତଙ୍କଠାରେ ସମାନ ଭାବରେ ଥିଲେ ମଧ୍ୟ କେତେକ କାହିଁକି ଅଧିକ କଷ୍ଟ ଅନୁଭବ କରିଥା'ନ୍ତି ବୋଲି କେହି ଆଲୋଚନା କରିନଥା'ନ୍ତି । ଟଙ୍କା ଥିବା ଲୋକ ସୁଖାନୁଭବ କରୁଛି, ନଥିବା ଲୋକ ଦୁଃଖକଷ୍ଟ ଅନୁଭବ କରୁଛି ବୋଲି ଭାବିଥା'ନ୍ତି ସିନା, କଷ୍ଟସୁଖର ମୂଳ କାରଣ ହୋଇଥିବା ପାପପୁଣ୍ୟକୁ କେହି ଗ୍ରହଣ କରିପାରୁ ନାହାନ୍ତି । ନିଯେ କଷ୍ଟ କରୁଥା'ନ୍ତି ଅନ୍ୟମାନେ କଷ୍ଟ କରୁଥିବା ମଧ୍ୟ ଦେଖୁଥା'ନ୍ତି, ଅଥଚ ଏମିତି କେବଳ ଆମ୍ଭେ କାହିଁକି କଷ୍ଟ କରୁଛୁ ବୋଲି ଆଲୋଚନା କରନ୍ତି ନାହିଁ । ଭାବନ୍ତି ନାହିଁ ଯେ, ଏହା ଆମ ପୂର୍ବଜନ୍ମ ପାପପୁଣ୍ୟର ଫଳ ! ଜାଣିଥିବା ଲୋକମାନେ କହିଲେ ସେମାନଙ୍କ କଥାକୁ ମଧ୍ୟ ବିଶ୍ୱାସ କରନ୍ତି ନାହିଁ । କେହି ବିଶ୍ୱାସ କରୁ ବା ନକରୁ ସେ ସବୁ ପୂର୍ବ ଜନ୍ମରେ କରିଥିବା ପାପପୁଣ୍ୟର ଫଳ, ଆଉ ସେ ସବୁକୁ ମଣିଷ ତା'ର ଅଜାଣତରେ ଏ ଜନ୍ମରେ ଅନୁଭବ କରୁଛି । ନିରାଟ ସତ୍ୟ ହୋଇଥିବା ଏହା କିପରିନା ! ଯେପରି ଜଣେ ଚାକିରିଆ ମାସେ କାଳ ଧରି ଡିଉଟି କଲେ ମାସ ଶେଷକୁ ତା'ର ଦରମା ମିଳେ, ତା'ର ସେହି ଦରମା ଗତମାସରେ ସେ କରିଥିବା ଡିଉଟିର ଫଳ ହୋଇଥାଏ, ସେହି

ଫଳ ବା ଦରମାରେ ସେ ଆସନ୍ତା ମାସ ପାଇଁ ତା'ର ନିତ୍ୟ ବ୍ୟବହାର୍ଯ୍ୟ ଜିନିଷ କିଣି ଅନୁଭବ କରିଥାଏ, ସେହିଭଳି ଜଣେ ମଜୁରିଆ ଦିନତମାମ ଜମିରେ କାର୍ଯ୍ୟକରି ତା'ର ଫଳକୁ ତା'ପରଦିନ ଅନୁଭବ କରିଥାଏ । ଋଷି ବର୍ଷେକାଳ କଷ୍ଟକରି ଅମଳ କରୁଥିବା ଶସ୍ୟକୁ ପରବର୍ଷ ଅନୁଭବ କରିଥାଏ । ସେହିଭଳି ମାନବ ଗୋଟିଏ ଜନ୍ମରେ ଅର୍ଜନ କରିଥିବା ପାପ ଆଉ ପୁଣ୍ୟକୁ ଦ୍ୱିତୀୟ ଜନ୍ମରେ, ଦ୍ୱିତୀୟ ଜନ୍ମରେ କରିଥିବା ପାପପୁଣ୍ୟକୁ ତୃତୀୟ ଜନ୍ମରେ ଅନୁଭବ କରିଥାଏ । ତେଣୁ ଶ୍ରୀକୃଷ୍ଣ ପରମାତ୍ମା କହିବା ଭଳି, ଆମେ କହି ପାରିବା ଯେ, ଜୀବ ଶରୀର ଛାଡିବା ପରେ ଅନ୍ୟ ଏକ ଶରୀର ଧାରଣ କରିଥାଏ ସିନା ଯମଲୋକକୁ ଯାଇନଥାଏ । ସେଥିଲାଗି ଜୀବ ଗତ ଜନ୍ମରେ କରିଥିବା ପାପ ପୁଣ୍ୟ ଅନୁସାରେ ଏ ଜନ୍ମରେ ଦୁଃଖ ସୁଖକୁ ଅନୁଭବ କରିଥାଏ ବୋଲି କହିପାରିବା । ଗୋଟିଏ ଜୀବ ଖାଲି ଖରାପକାର୍ଯ୍ୟ କରୁନାହିଁ କି ଖାଲି ଭଲକାର୍ଯ୍ୟ କରୁନାହିଁ । ଭଲକାର୍ଯ୍ୟରୁ ପୁଣ୍ୟ, ଖରାପକାର୍ଯ୍ୟରୁ ପାପ ମଣିଷର ଅଜାଣତରେ ସମ୍ଭବ ହୋଇଥାଏ, ଅର୍ଥାତ୍ କର୍ମଗଣ୍ଠିଳିରେ ମିଶିଥାଏ । ତେଣୁ କୌଣସି ଜୀବ ହେଉ ସେ ପାପପୁଣ୍ୟର ମିଶ୍ରିତ ଫଳକୁ ଅନୁଭବ କରିଥାଏ । ଜୀବ ତା'ର ଜୀବନ କାଳରେ ଅଧିକ ଭଲକାର୍ଯ୍ୟ କରିଥିଲେ ତା'ର ପୁଣ୍ୟ ଅଧିକ ହୋଇଥାଏ, ପାପ ଅଧିକ କରିଥିଲେ ପାପ ଅଧିକ ହୋଇଥାଏ । ସେଥିଲାଗି କେହି ଅଧିକ ସୁଖ ଭୋଗେ ତ କେହି ଅଧିକ ଦୁଃଖକଷ୍ଟ ଭୋଗିଥାଏ ।

ଧର୍ମରାଜ ଯମ କେଉଁଠାରେ ଅଛି ? ଯମକିଙ୍କରମାନେ କେଉଁଠାରେ ଅଛନ୍ତି ? ଯମଲୋକ କେଉଁଠାରେ ଅଛି ପଚରିଲେ ତା'ର ସମାଧାନ ହେଉଛି ! ଗୀତାଶାସ୍ତ୍ରରେ "ଦଣ୍ଡଧାରୀମାନଙ୍କ ଭିତରେ ମୁଁ ଯମ" ବୋଲି ପରମାତ୍ମା କହିଛନ୍ତି । ତେଣୁ ଯମଧର୍ମରାଜ ସବୁ ଶରୀରରେ ନିବାସ କରୁଥିବା ଆତ୍ମା ଆଉ ଯମକିଙ୍କରମାନେ ଆତ୍ମା ଦ୍ୱାରା ପ୍ରେରିତ ହୋଇ ଗୋଟିଏ ଜୀବକୁ କଷ୍ଟ ଦେଉଥିବା ଅନ୍ୟ ରୂପମାନେ ବୋଲି ଜାଣିବା

ଉଚିତ୍ । ସେଥିଲାଗି ବଡମାନେ "ନାନା ରୂପେଣ ଯମକିଙ୍କରଃ" ବୋଲି କହିଥା'ନ୍ତି । ଯମଲୋକ କହିଲେ ଜୀବ କଷ୍ଟକୁ ଅନୁଭବ କରୁଥିବା ସ୍ଥଳ, ତେଣୁ ଭୂଲୋକ ହିଁ ଯମଲୋକ ବୋଲି ଜଣାଯାଉଛି । ଏଇଠାରେ ସନ୍ଦେହ ଆସେ ଯେ, ପାପ ରୂପରେ ଆସୁଥିବା କଷ୍ଟ କ'ଣ ଧର୍ମରାଜା ଯମ ଦେଇଥା'ନ୍ତି ? କି ଯମକିଙ୍କରମାନେ ଦେଇଥା'ନ୍ତି ? ଏହାର ସମାଧାନ ଦେଖିଲେ ! ନିଜ ଶରୀର ଭିତରୁ ଆସୁଥିବା କଷ୍ଟକୁ ଯମରାଜା ଦେଇଥାନ୍ତି, ଅନ୍ୟମାନଙ୍କ ଶରୀର ଦ୍ୱାରା ଆସୁଥିବା କଷ୍ଟକୁ ଯମକିଙ୍କରମାନେ ଦେଇଥାନ୍ତି ବୋଲି ଜଣାଯାଉଛି । ଆମ ଶରୀରରେ ସର୍ବଦା ଆତ୍ମା ରହିଥାଏ, ଆତ୍ମାର ଅଜାଣତରେ କିଛି ବି ହୋଇନଥାଏ । ତେଣୁ ସବୁକିଛିର ସାକ୍ଷୀଭାବରେ ଆତ୍ମା ସର୍ବଦା ରହିଥାଏ । ବାସ୍ତବରେ ସେ ହିଁ ଯମ ଆଉ ସେ ହିଁ ଇନ୍ଦ୍ର । ଶରୀରରେ ଥିବା ଆତ୍ମା ହିଁ ନବଗ୍ରହମାନଙ୍କ ଦ୍ୱାରା ପାପପୁଣ୍ୟକୁ ଗ୍ରହଣ କରି ତା'କୁ କର୍ମଚକ୍ରରେ ରଖି ଅନ୍ୟ ଜନ୍ମରେ ଅନୁଭବ କରିବା ଭଳି କରିଥାଏ । ତେଣୁ ସେ (ଆତ୍ମା) ହିଁ ଶରୀରରେ ଗୁପ୍ତଭାବରେ ଥିବା ଚିତ୍ରଗୁପ୍ତ ବୋଲି ଜାଣିବା ଉଚିତ୍ ।

ଆମେ ପାପପୁଣ୍ୟକୁ ଅନୁଭବ କରୁଥିଲେ ମଧ୍ୟ ସେଗୁଡିକୁ ମାୟା ପ୍ରଭାବ ଦ୍ୱାରା ଗ୍ରହଣ କରିପାରୁ ନାହେଁ । ମାୟା ହିଁ ପାପପୁଣ୍ୟର ସ୍ୱରୂପକୁ ଜାଣି ନପାରିବା ଭଳି କରିଥାଏ । ଅନ୍ଧ ହାତୀର ଗୋଡକୁ ଧରି ଖୁଣ୍ଟକୁ ଧରିଛି ଭାବି ହାତୀକୁ ଜାଣିନପାରିବା ଭଳି ମାୟା ନାମକ ଅନ୍ଧତ୍ୱ ଦ୍ୱାରା ଦେଖି ପାରୁନଥିବା ଲୋକମାନେ ପାପପୁଣ୍ୟକୁ ଅନୁଭବ କରି ଭ୍ରମିତ ହୋଇଥା'ନ୍ତି । କିପରିନା !

ଆମ ଗଣ୍ଠିଲିକୁ ଆମେ ବୋହୁଛେ ସିନା ଅନ୍ୟ କେହି ବୋହିନଥାନ୍ତି । ଏଇ ମୋ'ଗଣ୍ଠିଲିକୁ ମୁଁ ବୋହିଛି ଭାବିବା ହିଁ ମାୟା । ଆମେ ଆମ ଗଣ୍ଠିଲି ବୋହି ନେଉଥିଲେ ମଧ୍ୟ, ବାସ୍ତବରେ ଆଉଜଣେ ବହନ କରାଇଥାଏ ।

ସେ ହେଉଛି କର୍ମ । ଆମଠାରେ ଗଣ୍ଠିଲିକୁ ଆଉଏକ ସ୍ଥାନକୁ ନେବାରେ କର୍ମ ସଙ୍କଳ୍ପ ଥିଲେ ସିନା, ଆମେ ବୋହିନେବା । କାର୍ଯ୍ୟ ପ୍ରେରଣର ମୂଳ ହେଉଛି କର୍ମ । କୌଣସି କାର୍ଯ୍ୟର କାରଣ ହେଉଛି କର୍ମ । କରୁଥିବା କାର୍ଯ୍ୟ ଆମର ହେଉ କି ଆଉ କାହାର ହେଉ, ଗଣ୍ଠିଲିର ଭାର ବହନ କରିଥାଏ ଜୀବ । ତେଣୁ କଷ୍ଟ ଭୋଗିଥାଏ ଜୀବ, ଦଣ୍ଡ ଦେଇଥାଏ କାଳ (ଆତ୍ମା) । ଏହିଭଳି କର୍ମ ପ୍ରେରଣ ଦ୍ୱାରା ନାନା କାର୍ଯ୍ୟ କରୁଥାଇ, ସେଥିରୁ ମିଳୁଥିବା କଷ୍ଟକୁ  ଆମେ ଅନୁଭବ କରୁଛେ । ଜଣେଲୋକ ଏକ ପଥର ମୁଣ୍ଡାଇ ଏହାକୁ ମୁଁ ମୋ'ପାଇଁ ନେଉଛି ବୋଲି ଭାବିଲେ, ବାସ୍ତବରେ ସେ ବୋହି ନେଉଥିବା ବେଳେ ଅନୁଭବ କରୁଥିବା କଷ୍ଟ ତା'ର ପାପ ହୋଇ ତା ଦ୍ୱାରା ଅନୁଭବ ହେଉଛି ବୋଲି ସେ ଜାଣୁ ନାହିଁ । ମୃତ୍ୟୁବରଣ କରିଥିବା ଏକ କୁକୁରର ଶବକୁ ଜଣେ ଟାଣି ଘୋଷାରି ନେବାବେଳେ ମୁଁ କୁକୁରର ଶବକୁ ବୋହି ନେଉଛି ବୋଲି ଭାବେ ସିନା, ଏହି ସମୟରେ ଯମ ମୋ ଦ୍ୱାରା କୁକୁରର ଶବକୁ ଟାଣି ନେବା ଭଳି ଦଣ୍ଡ ଅମଳ କରୁଛି ବୋଲି ସେ ଜାଣି ପାରେ ନାହିଁ । ବାଇଗଣଝୁଡି ମୁଣ୍ଡାଇ ଜଣେ ବେପାର କରୁଥିବା  ଲୋକ ମୋତେ ଯମ ଏ ସମୟରେ ବାଇଗଣଝୁଡିର ଭାର ମୁଣ୍ଡାଇ ଗାଆଁ ଗାଆଁ ବୁଲାଉଛି ବୋଲି ଜାଣି ପାରେ ନାହିଁ । ଥଣ୍ଡାକାଶ  ହୋଇଥିବା ରୋଗି ଅମୁକ କୂଅର ପାଣି ପିଇବାରୁ ହେଲା ବୋଲି ଭାବୁଛି ସିନା, ଏଭଳି ସେ ମାୟା ଦ୍ୱାରା ଭ୍ରମିତ ହୋଇଥାଏ ବୋଲି ତା'କୁ ଜଣା ନଥାଏ ।  ଥଣ୍ଡାକାଶ ହେବାର କାରଣ ହେଉଛି ପାପକର୍ମ, ସେହି ପାପକୁ ଅନୁଭବ କରିବା ସମୟ ଏବେ ଆସିଛି ତେଣୁ ଯମ ସେହି ପାପର ଫଳ ହିସାବରେ ମୋର ଥଣ୍ଡାକାଶ ଭାବରେ, ମୁଣ୍ଡବିନ୍ଧା ଭାବରେ ଦଣ୍ଡ ଦିଆଉଛି ବୋଲି ଜାଣିପାରେ ନାହିଁ । କାହାର ପେଟବ୍ୟଥା ହେଉଛି ତାହା କେମିତି ହେଉଛି ? ଭିତରୁ ସେ କଷ୍ଟ କିଏ ଦେଉଛି ? ବୋଲି ଆମେ ଜାଣି ପାରୁ ନାହେଁ, ହେଲେ ଭୂଲ୍ ନଥାଇ ଦଣ୍ଡ ନଥାଏ, ତେଣୁ ପ୍ରତ୍ୟେକ

ଯନ୍ତ୍ରଣାକୁ ଯମ ଭିତରେ ଥାଇ କେତେ ଅନୁଭବ କରିବାକୁ ହେବ ନ୍ୟାୟ ପୂର୍ବକ ସେତିକି ଅନୁଭବ କରାଉଛି ବୋଲି ଜଣେ ଜ୍ଞାନୀ ଭାବିଥାଏ । ଯମ ଆମ ଭିତରେ ହିଁ ନିବାସ କରି ଆମ କର୍ମ ଅମଳ କରାଉଛି । ଆମକୁ ନାନା କାର୍ଯ୍ୟ ପାଇଁ ପ୍ରେରଣା ଦେଉଛି । ଜଣକୁ ରେଳଗାଡ଼ିର ଚକାତଳେ ପକାଇ ସେ ତା'ଦ୍ୱାରା କେତେ କଷ୍ଟ ଅନୁଭବ କରିବ ସେତିକି ଆଘାତ କରାଇ ତା'କୁ ଅନୁଭବ କରାଉଛି । ଏହିଭଳି ଅନେକ କର୍ମକୁ ଆମେ ନିତ୍ୟ ଭାବରେ ଅନୁଭବ କରୁଛେ ସିନା, ସତ୍ୟ ନଜାଣି ଯମ ଆଉ କେଉଁଠାରେ ଅଛନ୍ତି, ଯମଲୋକ ଅନ୍ୟ କେଉଁଠାରେ ଅଛି ବୋଲି ଭାବୁଛେ । ବଞ୍ଚିଥିବା ସାପକୁ ପିମ୍ପୁଡ଼ିଦଳ କାମୁଡ଼ିବା ବେଳେ ତାହା ସାପପାଇଁ ଜମକିଙ୍କର ଯନ୍ତ୍ରଣା ହୋଇଥାଏ । ପିମ୍ପୁଡ଼ିକୁ ଏଣ୍ଡୁଅ ଖାଉଥିବା ବେଳେ ପିମ୍ପୁଡ଼ିପାଇଁ ଏଣ୍ଡୁଅ ହିଁ ଯମକିଙ୍କର ବୋଲି ଆମେ ଜାଣିପାରୁ ନାହେଁ । ଛେଳିକୁ ମଣିଷ କାଟି ଚିରି ଦେଉଛି, ସେ ସମୟରେ ଛେଳି ପାଇଁ ମଣିଷ ହିଁ ଯମକିଙ୍କର ରୂପରେ ରହିଛି ବୋଲି ଜାଣିପାରୁ ନାହେଁ । ଜଙ୍ଗଲରେ ବାଘ କୌଣସି ଜନ୍ତୁକୁ ମାରି ଖାଉଛି, ସେତେବେଳେ ବାଘ ସେ ଜନ୍ତୁ ପାଇଁ ଜମକିଙ୍କର ହୋଇଛି ବୋଲି ଜାଣି ପାରୁନାହେଁ । ରିକ୍ସାରେ ଜଣେ ବସିଛି, ସେହି ରିକ୍ସାକୁ ଆଉଜଣେ କଷ୍ଟକରି ଚଲାଉଛି, ସେଠାରେ ରିକ୍ସାରେ ବସିଥିବା ଲୋକଟି ସୁଖ ଅନୁଭବ କରୁଛି, ରିକ୍ସାକୁ ଚଲାଉଥିବା ଲୋକଟି କଷ୍ଟାନୁଭବ କରୁଛି । ତା'କୁ ଦେଖି ଆମେ ବସିଥିବା ଲୋକଟି ତା'ର ପୁଣ୍ୟ ଅନୁଭବ କରୁଛି, ତା'କୁ ଟାଣୁଥିବା ଲୋକଟି ତା'ର ପାପକୁ ଅନୁଭବ କରୁଛି ବୋଲି ଜାଣିପାରୁ ନାହେଁ । ଏଭଳି ଏ ପ୍ରପଞ୍ଚରେ ଘଟୁଥିବା ସବୁକିଛିକୁ ମାୟା କାରଣରୁ ଆମେ ଜାଣି ପାରୁନାହେଁ । ଗୋଟିଏ କଥା ଘଟୁଥିବା ବେଳେ, ଆମେ ଆଉ ଗୋଟିଏ କଥା ଭାବୁଛେ । ମାୟାକୁ ଛାଡ଼ି ସତରେ କ'ଣ ହେଉଛି ? କିଏ କରାଉଛି ? ବୋଲି ଜାଣିବାକୁ ଚେଷ୍ଟାକଲେ ବାସ୍ତବ ଯମଲୋକ କେଉଁଠି ଅଛି, ଯମ କିଏ ଆଉ କେଉଁମାନେ ଯମକିଙ୍କର ତାହା ଜାଣିହେବ ।

କିଛି ଭଲ ଲୋକମାନେ "ଆମେ ତ କିଛି ଖରାପ କାର୍ଯ୍ୟ କରି ନାହୁଁ! ଭଗବାନ ଆମକୁ ହିଁ ଅଧିକ ଦୁଃଖ ଦେଉଛନ୍ତି । ଦୁର୍ମାର୍ଗରେ ଚାଲୁଥିବା ଲୋକ ଖରାପ କାର୍ଯ୍ୟ କଲେ ମଧ୍ୟ ତା'କୁ ସୁଖ ଦେଉଛନ୍ତି । ହେ ଭଗବାନ ! ଏହା କଉଳି ନ୍ୟାୟ ?" ବୋଲି କହୁଛନ୍ତି । କେତକେ ମୁଢ଼ମାନେ ଦୈବଭକ୍ତମାନଙ୍କୁ ଦେଖି ତମେମାନେ ପରା ଭକ୍ତ! ସେ ତୁମମାନଙ୍କୁ କାହିଁକି କଷ୍ଟ ଦେଉଛନ୍ତି ? ସେ ତୁମମାନଙ୍କୁ ଏଭଳି କଷ୍ଟ ଦେବା ଉଚିତ ନୁହେଁ ବୋଲି ହେଳନ ଦୃଷ୍ଟିରେ କଥା କହୁଛନ୍ତି । ବାସ୍ତବରେ "କାହାର ପାପ କି ପୁଣ୍ୟକୁ ଆତ୍ମା ଉଚ୍ଛେଦ କରିନଥାଏ" ବୋଲି ଭଗବାନ ଗୀତାରେ କହିଛନ୍ତି । ଆଉ "କାହାର ପାପ ପୁଣ୍ୟ ସହିତ ମୋର ସମ୍ପର୍କ ନାହିଁ" ବୋଲି ମଧ୍ୟ କହିଛନ୍ତି । ତେଣୁ କେହି ଏ ଜନ୍ମରେ କେତେ ଭଲଲୋକ ହେଲେ ମଧ୍ୟ ଗତ ଜନ୍ମର ପାପଫଳ କାରଣରୁ ସେ ଏ ଜନ୍ମରେ ଦୁଃଖକଷ୍ଟ ଭୋଗିଥାଏ । ଏହା ନିରାଟ ସତ ସିନା 'ଏହା କଉଳି ନ୍ୟାୟ ?' ବୋଲି ଭଲଲୋକମାନେ ଭାବିବା ଉଚିତ ନୁହେଁ । ଏ ଜନ୍ମର ଖରାପ ଲୋକ ଗତଜନ୍ମର ପୁଣ୍ୟଫଳ କାରଣରୁ ସୁଖ ଅନୁଭବ କରିଥାଏ । ଏ ଜନ୍ମରେ ସେ ଯଦି ଖରାପ କାର୍ଯ୍ୟ କରୁଛି ତେବେ ତା'ର ଫଳସ୍ୱରୂପ ଆଗତ ଜନ୍ମରେ ସେ ନିଶ୍ଚୟ କଷ୍ଟ ଅନୁଭବ କରିବ । ସେହିଭଳି ଏ ଜନ୍ମରେ ଭଲଲୋକ କରୁଥିବା ଭଲ କାର୍ଯ୍ୟର ଫଳକୁ ଆସନ୍ତା ଜନ୍ମରେ ନିଶ୍ଚୟ ସୁଖ ଅନୁଭବ କରିବ । ଏ ଜନ୍ମର ଭକ୍ତମାନେ ଭୋଗୁଥିବା ଦୁଃଖକଷ୍ଟ ସେମାନଙ୍କର ଗତଜନ୍ମର ପାପଫଳ । ଏବେ କେହି ପଚାରିପାରେ ଯେ, ଯିଏ ପାପ କରୁଛି ସିଏ ନିଶ୍ଚୟ ତା'ର ଫଳକୁ ଭୋଗିବ କି ସେଥିରୁ ମୁକୁଳିବାବାଟ କିଛି ଅଛି ? ଏ ପ୍ରଶ୍ନର ସମାଧାନ ଜ୍ଞାନଯୋଗରେ କହିବାକୁ ଯାଇ **"ଅଖିଳ ପାପାତ୍ମାମାନଙ୍କ ମଧ୍ୟରେ ତୁ କେତେ ଅଧମ ପାପୀ ହୋଇଥିଲେ ମଧ୍ୟ ଜଳଧିକୁ ଛୋଟ ଡଙ୍ଗାରେ ପାରିହେବା ଭଳି, ଜ୍ଞାନ ନାମକ ଡଙ୍ଗାରେ ତୁ ପାପକୁ ପାର କରିପାରିବୁ"** ବୋଲି ଭଗବାନ କହିଛନ୍ତି । ତେଣୁ କେତେବଡ ପାପୀ

ହେଲେ ମଧ୍ୟ ସେ ଜ୍ଞାନ ଦ୍ୱାରା ତାହା ଖଣ୍ଡନ କରିଦେଇ ପାରେ । କାଠକୁ ଜାଳିଦେବା ନିଆଁର ଗୁଣ ହେବାଭଳି, ପାପକୁ ବିନାଶ କରିବା ଗୁଣ ଜ୍ଞାନର ଅଛି । ତେଣୁ ଯେତେବେଳେ ଜ୍ଞାନାର୍ଜନ ହୁଏ ସେତେବେଳେ ପାପ ଜ୍ଞାନାଗ୍ନି ଦ୍ୱାରା ଜଳି, ଅନୁଭବ ହେବା ଆଗରୁ ବଞ୍ଚିଯାଇହୁଏ । ଜ୍ଞାନ ପାଇବାକୁ ହେଲେ ସେହି ପରମାତ୍ମାଙ୍କୁ ଆଶ୍ରୟ କରିବାକୁ ହେବ । କେତେକ ଭକ୍ତ ଜ୍ଞାନମାର୍ଗକୁ ଆଶ୍ରୟକରି ମଧ୍ୟ ପ୍ରାପଞ୍ଚିକ ବାଧାକୁ ସହ୍ୟ କରି ନପାରି ଆମେ ପରମାତ୍ମାଙ୍କ ଭକ୍ତ, ଆମକୁ ଜ୍ଞାନ ଜଣାଅଛି ହେଲେ ଆମକୁ କାହିଁକି ଏତେ ଦୁଃଖକଷ୍ଟ ଭୋଗିବାକୁ ପଡୁଛି ? ଏଭଳି ନିଜ ଭିତରେ ପ୍ରଶ୍ନ କରି, ତା'ର ଜବାବ ନପାଇ ଶେଷରେ ଜ୍ଞାନମାର୍ଗରୁ ବିଚ୍ୟୁତ ହୋଇଯାଇଥା'ନ୍ତି । ଏହା ଦ୍ୱାରା ସେମାନେ ପରମାତ୍ମା କହିଥିବା କଥାକୁ ମିଛ କରିଦେଇଥାନ୍ତି । ପରମାତ୍ମା କହିଥିବା କଥା କେବେ ମଧ୍ୟ ମିଛ ନୁହେଁ ବୋଲି ଜାଣିପାରନ୍ତି ନାହିଁ । ଅଗ୍ନିରେ କାଠ ଜଳିଯିବା ଭଳି ଜ୍ଞାନାଗ୍ନିରେ ସମସ୍ତ କର୍ମ ଜଳିଯାଏ । ଖାଲି ପାପନୁହେଁ ପୁଣ୍ୟ ମଧ୍ୟ ଜ୍ଞାନାଗ୍ନିରେ ଭସ୍ମୀଭୂତ ହୋଇଯାଇଥାଏ । କାରଣ ପାପ ଆଉ ପୁଣ୍ୟ ମିଶି ତ କର୍ମ ! ଉଭୟ ପାପ ଆଉ ପୁଣ୍ୟ ଜ୍ଞାନାଗ୍ନି ଦ୍ୱାରା ଧିରେ ଧିରେ ବିନାଶ ହେବାକୁ ଆରମ୍ଭ କରି ଶେଷରେ ଦିନେ ଉଭୟ ଅର୍ଥାତ୍ କର୍ମ ବଳକା ନରହିବା ବେଳେ ମଣିଷର ମୋକ୍ଷ ହୁଏ । ପରମାତ୍ମାଙ୍କୁ କିଛିକାଳ ବିଶ୍ୱାସ କଲେ ଯେ ସବୁକର୍ମ ଜଳିଯିବ ତା ନୁହେଁ, ବିଡାଏ କାଠ ଜଳିବାକୁ ଘଣ୍ଟାଏ ଲାଗେ, ଗାଡିଏ କାଠ ଜଳିବାକୁ ଦିନଟିଏ ତ ଲାଗିବ ! ସେମିତି ଶହେଗାଡି କାଠ ଜଳିବାକୁ ଅନେକଦିନ ଲାଗିବ କି ନାଇଁ ? କାଠ ଅଧିକ ହେଲେ ତାହା ପୋଡିବାକୁ ନିଶ୍ଚୟ ଅଧିକ ସମୟ ଲାଗିବ । ଠିକ୍ ଏହିଭଳି କର୍ମଗଣ୍ଠିଲିକୁ ବିନାଶ କରିବାପାଇଁ ଜ୍ଞାନାଗ୍ନି ଅଧିକ ଦରକାର । ଜ୍ଞାନାଗ୍ନି ଅର୍ଜନ ଅନୁସାରେ ଧିରେ ଧିରେ କର୍ମ ଜଳିଥାଏ । ସମସ୍ତ କର୍ମ ଜଳି ଶେଷ ହେବାପାଇଁ ଜୀବ ତାର ପ୍ରାରବ୍ଧକୁ ଅନୁଭବ କରିବାକୁ ହେବ । ତେଣୁ ଭକ୍ତମାନେ ଗୋଟିଏ ଦିଗରେ ଜ୍ଞାନାଗ୍ନି ଅର୍ଜନ କରି ସେମାନଙ୍କ

କର୍ମକୁ ଜଳାଉଥିଲେ ମଧ୍ୟ ଆଉ ଗୋଟିଏ ଦିଗରେ ଥିବା କର୍ମକୁ ଅନୁଭବ କରିଥା'ନ୍ତି ।

ଯମଲୋକ ଏଇଠାରେ ଅଛି, ଯମଧର୍ମରାଜ, ଯମକିଙ୍କର ମଧ୍ୟ ଏଇଠାରେ ଅଛନ୍ତି । ଆମେ ଅନୁଭବ କରୁଥିବା ଦୁଖକଷ୍ଟ ହିଁ ଆମର ନରକ । ଦେବତା, ଦେବରାଜ, ଦେବଲୋକ ମଧ୍ୟ ଏଇଠାରେ । ଆମେ ଅନୁଭବ କରୁଥିବା ସୁଖ ହିଁ ଆମର ସ୍ୱର୍ଗ ବୋଲି ସ୍ପଷ୍ଟ ଜଣାଯାଉଛି । ତେଣୁ ବାସ୍ତବତାକୁ ଜାଣି ସ୍ୱର୍ଗଲୋକ କି ନର୍କଲୋକକୁ ଇଚ୍ଛା ନକରି କେବଳ ପରମାତ୍ମାଙ୍କୁ ପାଇବାକୁ ଇଚ୍ଛା କରିବା ଉଚିତ୍ । ଆପଣମାନେ ତାଙ୍କୁ ହିଁ ପାଇବାକୁ ଇଚ୍ଛା କରନ୍ତୁ ବୋଲି ଆଶା କରୁଛୁ ।

*****

## ଦେବତା - ରାକ୍ଷସ

ପ୍ରପଞ୍ଚରେ ଅନେକ ଦେବତା ଅଛନ୍ତି, ରାକ୍ଷସମାନେ ମଧ୍ୟ ଅଛନ୍ତି । ଦୁଇଟି ଜାତିର ମାନବ ଆଦିକାଳରୁ ସର୍ବଦା ଭୂପୃଷ୍ଠରେ ରହିଛନ୍ତି, ସେମାନେ ହେଲେ ୧-ଦେବତାଜାତି, ୨-ରାକ୍ଷସଜାତି । ଜ୍ଞାନ ଜାଣିଥିବା ଲୋକମାନେ ଏହି ଦୁଇ ଜାତିଙ୍କୁ ଚିହ୍ନିପାରନ୍ତି ଆଉ ସେମାନେ ମଧ୍ୟ କେଉଁ ଜାତିର ନିଜେ ଜାଣିପାରନ୍ତି । ଏହି ଦୁଇଜାତି କିପରି ସୃଷ୍ଟି ହୁଅନ୍ତି ବୋଲି ବିଚାରକଲେ ! ସେମାନେ ସେମାନଙ୍କର ଗୁଣ ଅନୁସାରେ ନାମିତ ହୋଇଥା'ନ୍ତି ବୋଲି ଜଣାଯାଉଛି । ଅମୁକ ଗୁଣର ଲୋକମାନେ ରାକ୍ଷସ ଜାତିର, ଅମୁକ ଗୁଣର ଲୋକମାନେ ଦେବତା ଜାତିର ବୋଲି ଜାଣି ହୁଏ । ଭଗବଦ୍ଗୀତାର ଦୈବାସୁର ସମ୍ପଦ୍ବିଭାଗ ଯୋଗ ନାମକ ଅଧ୍ୟାୟରେ ଭଗବାନ ଦେବତାଗୁଣ ଏବଂ ରାକ୍ଷସଗୁଣକୁ ଚିହ୍ନାଇଛନ୍ତି, ସେହି ଗୁଣଗୁଡିକ ରହିଥିବା ବ୍ୟକ୍ତିମାନଙ୍କର ଆଚରଣ କିପରିଥାଏ ତାହା ମଧ୍ୟ ଜଣାଇଛନ୍ତି । ଶ୍ରୀକୃଷ୍ଣ ପରମାତ୍ମା

ସେଥିରେ ଜଣାଇଛନ୍ତି ଯେ, **"ଦ୍ୱୌଭୂତା ସର୍ଗା ଲୋକେସ୍ମିନ୍ ଦୈବାସୁର ଏବ ଚ"** ଅର୍ଥାତ୍ ଲୋକରେ ଦେବତା, ରାକ୍ଷସ ନାମରେ ଦୁଇ ପ୍ରକାରର ଜୀବରାଶି ଜନ୍ମ ହୋଇଥା'ନ୍ତି । ପରମାତ୍ମାଙ୍କର ଏଇ କଥାରୁ ଭୂପୃଷ୍ଠରେ ଦେବତା ରାକ୍ଷସ ନାମକ ଦୁଇ ଜାତି ଅଛନ୍ତି ବୋଲି କହି ପାରିବା ।

ଦେବତାମାନେ ୩୩ କୋଟି ଅଛନ୍ତି ଏକ ପ୍ରତୀତି । ସେମାନେ କେତେ ଜଣ ହେଲେ ମଧ୍ୟ ବିଷ୍ଣୁ, ଈଶ୍ୱର, ବ୍ରହ୍ମା ଇତ୍ୟାଦିଙ୍କଠାରୁ ଆରମ୍ଭ କରି ଇନ୍ଦ୍ରାଦି ଦେବତାମାନେ କେଉଁଠାରେ ଅଛନ୍ତି ? ସେମାନେ ତ କାହିଁ ଭୂପୃଷ୍ଠରେ ଦେଖାଯାଉ ନାହାନ୍ତି ? ବୋଲି କେତେକ ପଚାରି ପାରନ୍ତି । ତା'ର ସମାଧାନ ହେଉଛି ! ପରମାତ୍ମାଙ୍କ କଥା ଅନୁସାରେ ସେମାନେ ଏଇ ଭୂପୃଷ୍ଠରେ ଅଛନ୍ତି, କିନ୍ତୁ ଆମେ ସେମାନଙ୍କୁ ଚିହ୍ନିପାରୁ ନାହେଁ । ଆଖି ନଥାଇ ସାମ୍ନାରେ କିଛି ନାହିଁ କହିବା ଭଳି, ଆମେ ସେମାନଙ୍କୁ ଦେଖିପାରୁ ନଥିବାରୁ, ସେମାନେ ନାହାନ୍ତି ବୋଲି କହୁଛେ । ଦୈବବାଣୀ ଅନୁସାରେ ସେମାନେ ଆମର ଥିବା ସ୍ଥୁଳ ଦୃଷ୍ଟିକୁ ମାନବାକାର ଦେଖାଯାଇଥାନ୍ତି ସିନା, ମାନବାକାରରେ ଥିବା ଦୈବତ୍ୱକୁ ଆମେ ଦେଖିପାରୁ ନାହେଁ । ମାନବ ଦୈବତ୍ୱକୁ ଚିହ୍ନି ଅମୁକ ବ୍ୟକ୍ତି ଅମୁକ ସ୍ଥିତିର ବୋଲି ଜାଣିବାପାଇଁ ଜ୍ଞାନଦୃଷ୍ଟି ଆବଶ୍ୟକ । ଜ୍ଞାନଦୃଷ୍ଟି ନଥିଲେ ସ୍ଥୁଳ ଦୃଷ୍ଟିରେ କେବଳ ଉପର ଆକାର ଦେଖାଯିବ । ତା'ଦ୍ୱାରା ସମସ୍ତେ ମାନବ ବୋଲି ଜାଣିବା ସିନା ଦେବତାମାନଙ୍କୁ ଜାଣି ପାରିବା ନାହିଁ ।

କିଛି ଜ୍ଞାନଶକ୍ତି ଥିବା ଲୋକମାନେ ହିଁ ଦୈବାଂଶ ହୋଇଥିବା ଦେବତାମାନେ । ଦେବତାମାନେ ସମସ୍ତେ ସମାନ ନୁହନ୍ତି । କାରଣ ! ସେମାନଙ୍କଠାରେ ସମାନ ଜ୍ଞାନଶକ୍ତି ନଥାଏ । ଅତ୍ୟଧିକ ଜ୍ଞାନଶକ୍ତି ଥିବା ପାତ୍ର ବିଷ୍ଣୁ, ବିଷ୍ଣୁପଦଠାରୁ ଜ୍ଞାନଶକ୍ତି ବା ଯୋଗଶକ୍ତିର କ୍ରମନିମ୍ନଭାବେ ରହିଥା'ନ୍ତି ଈଶ୍ୱର ଆଉ ବ୍ରହ୍ମା, ସେମାନଙ୍କର ତଳସ୍ତରରେ ରହିଥା'ନ୍ତି ଦିଗପାଳମାନେ । ସେହିଭଳି ଅଜ୍ଞାନତାରେ ଥିବା ପାତ୍ରମାନେ ହେଉଛନ୍ତି

ରାକ୍ଷସ, ସେମାନେ ମଧ୍ୟ ସମସ୍ତେ ସମାନ ନୁହନ୍ତି, ସେମାନଙ୍କଠାରେ ଥିବା ଅଜ୍ଞାନତା ଅନୁସାରେ ସେମାନେ ଛୋଟବଡ ଭେଦରେ ରହିଥା'ନ୍ତି । ଏହି ଅନୁସାରେ ଜ୍ଞାନଶକ୍ତି ଥିବା ପାତ୍ରମାନେ ଦେବତା ଆଉ ଜ୍ଞାନଶକ୍ତି ନଥିବା ପାତ୍ରମାନେ ରାକ୍ଷସ ବୋଲି ଜଣାଯାଉଛି ।

ଦେବତା ହୋଇଥିବା ବିଷ୍ଣୁ, ଈଶ୍ୱର, ବ୍ରହ୍ମା ଇତ୍ୟାଦି କ'ଣ ଏଇ କଳିଯୁଗରେ ଅଛନ୍ତି ? ସେମାନଙ୍କର କ'ଣ ମୋକ୍ଷ ହୋଇ ନାହିଁ । କ'ଣ ସେମାନେ ସମସ୍ତଙ୍କ ଭଳି ଜନ୍ମ ହୋଇଥା'ନ୍ତି ? ବୋଲି ସମସ୍ତଙ୍କର ସନ୍ଦେହ ରହିଥାଏ । ସେମାନଙ୍କର ଏହି ସନ୍ଦେହ ଦୂର କରିବା ପାଇଁ ଆମ ତରଫରୁ କହିବାକୁ ଥିବା କଥା ହେଉଛି ! ଦେଶରେ ରାଜା, ଯୁବରାଜା, ମନ୍ତ୍ରୀ, ମୁଖ୍ୟମନ୍ତ୍ରୀ, ସେନାଧିପତି ଇତ୍ୟାଦି ଅନେକ ପଦବୀ ରହିଥାଏ । ଆଗରୁ ହିଁ ଆଜିଯାଏଁ କେହି ଜଣେ ବ୍ୟକ୍ତି କ'ଣ ରାଜା ହୋଇ ଚିରକାଳ ରହି ପାରିଛି ? ନାଇଁ ନା ! ସେଭଳି ସବୁବେଳେ କେବଳ ଜଣେ ରାଜା ହୋଇ ରହିବା ଅସମ୍ଭବ । ସେ ରାଜା ହେଉ କି କୌଣସି ମନ୍ତ୍ରୀ ବା ସେନାଧିପତି ହେଉ କେହି ସ୍ଥିର ଭାବରେ ଆଜିଯାଏ ନାହାନ୍ତି, କିନ୍ତୁ ସେମାନେ ଯେଉଁ ପଦବୀରେ ଥିଲେ ସେହି ପଦବୀ ଆଜିଯାଏ ରହିଛି । ରାଜା, ମନ୍ତ୍ରୀ, ସେନାଧିପତି ଇତ୍ୟାଦି ଏକ ଏକ ପଦବୀ । ସେହି ପଦବୀରେ ଯୋଗ୍ୟତା ଅନୁସାରେ ଜଣକ ପରେ ଜଣେ ଆସନରେ ବସୁଛନ୍ତି । ଏହିଭଳି ଏହି ପ୍ରପଞ୍ଚରେ ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ପଦବୀମାନ ରହିଥାଏ । ଯୋଗଶକ୍ତିର କ୍ରମପଦ୍ଧତି ଅନୁସାରେ ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ପଦବୀ ଜୀବଲୋକରେ ଥାଏ । ଏକ ଜୀବ ସାରା ପ୍ରପଞ୍ଚରେ ଯୋଗ ଶକ୍ତିରେ ବଡ ବା ପ୍ରଥମ ବୋଲି ଭାବିବା । ସେହି ଜୀବ ଭୂପୃଷ୍ଠରେ ଶରୀର ଧାରଣ କରି ଜନ୍ମହୁଏ । ସେ ଯୋଗଶକ୍ତିରେ ପ୍ରଥମ ହୋଇଥିବାରୁ ପ୍ରଥମ ଦେବତା ପଦବୀ ପାଇଁ ସେ ଯୋଗ୍ୟ ହୋଇଥାଏ । ତେଣୁ ସେହି ଜୀବ ହିଁ ଭୂପୃଷ୍ଠରେ ଥିବା ବିଷ୍ଣୁ, ସେ ମଧ୍ୟ ସେହି ଜନ୍ମରେ ସମ୍ପୂର୍ଣ୍ଣ ଯୋଗଶକ୍ତି ହାସଲ କରି ପରମାତ୍ମାରେ

ଐକ୍ୟ ହୋଇଥାଏ । ସେଥିଲାଗି ପୂର୍ବକାଳରେ ବୈକୁଣ୍ଠରେ ଥିବା ବିଷ୍ଣୁ ମଧ୍ଯ ଯୋଗ କରିଥିବା ଜଣାଯାଉଛି, ସେହି ଅଂଶର ଅନ୍ୟମାନେ ମଧ୍ଯ ଯୋଗ କରିଥିବା ଜଣାଯାଉଛି, ସେହି ବିଷ୍ଣୁଅଂଶ ମଧ୍ଯ କିଛିକାଳ ରହି ଯୋଗଶକ୍ତିର ପୂର୍ଣ୍ଣତାରେ ଦିନେ ପରମାତ୍ମାରେ ଐକ୍ୟ ହୋଇଯାଉଛି, ପରେ ସେହି ବିଷ୍ଣୁ ପଦବୀରେ ଆଉଏକ ଯୋଗ୍ୟ ଜୀବ ଅଧିଷ୍ଠିତ ହୋଇଯାଉଛି । ରାଜପଦବୀ ଖାଲି ହେଉ ହେଉ ଦେଶରେ ଆଉଜଣେ ରାଜ ପଦବୀ ପାଇଁ ଯୋଗ୍ୟ ବିବେଚିତ ହୋଇଥିବା ବ୍ୟକ୍ତି ରାଜା ପଦବୀରେ ଅଧିଷ୍ଠିତ ହେବା ଭଳି, ବିଷ୍ଣୁ ପଦବୀ ଖାଲି ହେଉହେଉ ଆଉ ଏକ ଯୋଗ୍ୟ ବିବେଚିତ ଜୀବ ସେହି ବିଷ୍ଣୁ ପଦବୀରେ ଅଧିଷ୍ଠିତ ହେଉଛି । ଏହିଭଳି ପ୍ରପଞ୍ଚରେ ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ପଦବୀଗୁଡିକରେ ସେହି ସେହି ପଦବୀ ପାଇଁ ଯୋଗ୍ୟ ବିବେଚିତ ହେଉଥିବା ଜୀବ ଅଧିଷ୍ଠିତ ହୋଇ ଆସୁଛନ୍ତି । ତେଣୁ ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ଦେବତାମାନେ ଏହି ଭୂପୃଷ୍ଠରେ ଶରୀର ଧାରଣ କରି ରହିଛନ୍ତି, ସେମାନେ ମଧ୍ଯ ମୋକ୍ଷ ପାଇଁ ଯୋଗ ଆଚରଣ କରି ଆସୁଛନ୍ତି । ସେମାନଙ୍କ ଭିତରେ ଯେଉଁମାନେ ଯୋଗଶକ୍ତିର ପୂର୍ଣ୍ଣତାକୁ ପ୍ରାପ୍ତ ହେଉଛନ୍ତି ସେମାନେ ପରମାତ୍ମାରେ ଐକ୍ୟ ହେଉଛନ୍ତି, ପଦବୀ ଖାଲି ହେବା ପରେ ପୁଣି ଅନ୍ୟ ଏକ ଜୀବ ସେହି ପଦବୀ ଅନୁସାରେ ପରିଗଣିତ ହେଉଛି ।

ଏଠାରେ କେତେକଙ୍କଠାରେ ଏକ ସନ୍ଦେହ ଆସି, କଣ ଏକ କାଳରେ ଏକଅଂଶର ଦୁଇଟି ଜୀବ ଭୂପୃଷ୍ଠରେ ରହିପାରନ୍ତି ! ଗୋଟିଏ କାଳରେ ଥିବା ରାମ, ପରଶୁରାମ ଉଭୟ ତ ବିଷ୍ଣୁ ଅଂଶର !! ବୋଲି ପ୍ରଶ୍ନ କରିପାରନ୍ତି, ସମାଧାନ ଖୋଜିଲେ, ଏକ କାଳରେ ଏକ ଅଂଶର ଦୁଇଟି ଜୀବ ରହିବା ଅସମ୍ଭବ । ଯଦି ରାମ, ପରଶୁରାମ ବିଷ୍ଣୁ ଅଂଶର ବୋଲି ଭାବିବା ତେବେ ସେ ଦୁଇ ଜୀବ ଏକ କାଳରେ ବିଷ୍ଣୁ ଅଂଶପାଇଁ ଯୋଗ୍ୟ ହୋଇନଥିବେ । କେତେଦିନ ପରଶୁରାମ ବିଷ୍ଣୁ ଅଂଶରେ ରହି ଆଉ କେତେଦିନ ରାମ ବିଷ୍ଣୁ ଅଂଶରେ ରହିଥାଇ ପାରନ୍ତି, ଏବାବଦରେ

ଜଣାଯାଇଛି ଯେ, ରାମଙ୍କ ବିବାହ ପୂର୍ବରୁ ବିଷ୍ଣୁ ଅଂଶରେ ପରଶୁରାମ ରହିଥିଲେ, ସେତେବେଳଯାଏ ଯୋଗଶକ୍ତିରେ ତାଙ୍କଠାରୁ ଆଉ କେହି ବଡ ନଥିଲେ । ରାମଙ୍କ ବିବାହ ଆଉ ପରଶୁରାମଙ୍କ ସହିତ ରାମଙ୍କର ସାକ୍ଷାତ ହେବା ସମୟରେ ଯୋଗଶକ୍ତିରେ ରାମଙ୍କର ଶକ୍ତି ପରଶୁରାମଙ୍କଠାରୁ ଉନ୍ନତ ଥିଲା । ସେହିଦିନରୁ ରାମ ତାଙ୍କ ଜୀବନକାଳ ବିଷ୍ଣୁ ପଦବୀରେ ରହି ବିତାଇଥିଲେ ବୋଲି ଜଣାଯାଉଛି । ଏହିଭଳି ତେତିଶିକୋଟି ଦେବତା ଅଂଶ ରହିଛନ୍ତି । ସେହି ସେହି ଅଂଶ ପାଇଁ ଉପଯୁକ୍ତ ଜ୍ଞାନଶକ୍ତି ଥିବା ଜୀବମାନେ ଦେବତା ଭାବରେ ରହିଛନ୍ତି । ଗତକାଳକୁ ବିଶୋଧନ କରି ଦେଖିଲେ ମଶ୍ଚିନ୍ଦ୍ର ବିଷ୍ଣୁ ପଦବୀ ପାଇଁ, ତାଙ୍କ ଶିଷ୍ୟ ଗୌରକୁମାର ଈଶ୍ୱର ପଦବୀ ପାଇଁ ଯୋଗ୍ୟ ହୋଇଥିଲେ ବୋଲି ଜଣାଯାଉଛି । ସେ କାଳରେ ନୁହେଁ ଆଜି ମଧ୍ୟ ଯୋଗଶକ୍ତିର କ୍ରମରେ ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ଦେବତାମାନେ ରହିଛନ୍ତି । ମାୟା ଦ୍ୱାରା ସେମାନଙ୍କଠାରେ ଥିବା ଯୋଗଶକ୍ତିକୁ ଆଜି ସେମାନେ ମଧ୍ୟ ଚିହ୍ନିପାରୁ ନାହାନ୍ତି । କେତେକ ସେମାନଙ୍କ ଯୋଗ୍ୟତାକୁ ଜାଣି ପାରନ୍ତି । ଗୀତାରେ ପରମାତ୍ମା କହିବା ଭଳି, ଭୂପୃଷ୍ଠରେ ଦେବତାମାନେ ସଜୀବ ରହିଛନ୍ତି, ସେମାନେ ପରମାତ୍ମାରେ ଲୀନ ହେବାପାଇଁ ଯୋଗ ଆଚରଣ କରୁଛନ୍ତି ।

ଜ୍ଞାନୀମାନଙ୍କର ଅର୍ଥାତ୍ ଜ୍ଞାନଶକ୍ତି ବା ଯୋଗଶକ୍ତି ଯୁକ୍ତ ବ୍ୟକ୍ତିମାନଙ୍କର (ଦେବତାମାନଙ୍କର) ବିରୁଦ୍ଧ ଭାବରେ ଯେଉଁମାନେ ରହିଥାନ୍ତି ସେମାନେ ରାକ୍ଷସ, ଏମାନଙ୍କଠାରେ ଜ୍ଞାନଶକ୍ତି ନଥାଏ, ଯାହା ହେଉଛି ତାହା ମୋଶକ୍ତି ଦ୍ୱାରା ହେଉଛି ବୋଲି ଭାବିଥା'ନ୍ତି । ଦୈବି ବିଷୟର ବ୍ୟତିରେକ ଭାବରେ ରହିଥା'ନ୍ତି, ଭୟଙ୍କର ପାପ ସଞ୍ଚୟ କରିଥା'ନ୍ତି । ରାକ୍ଷସମାନେ ଆଶାଠାରୁ ଅଧିକ ଆଶା କରିଥା'ନ୍ତି । ଅମାପ ଗର୍ବ ଏମାନଙ୍କଠାରେ ଥାଏ । ଏମାନେ ଅପରିମିତ ଆଶାରେ ବିଷୟ ସୁଖଠାରୁ ଆଉ କିଛି ବଡସୁଖ ନାହିଁ ବୋଲି କହିଥା'ନ୍ତି । ଆଶାପାଶରେ ବାନ୍ଧିହୋଇ ସୁଖ ଆଶା କରୁଥାଇ, ସେହି ସୁଖକୁ

ପାଇବା ପାଇଁ ଅନ୍ୟାୟ ମାର୍ଗରେ ଧନ ଉପାର୍ଜନ କରିଥା'ନ୍ତି । ଆମଠାରୁ ବଡ ବୁଦ୍ଧିମନ୍ତ ଆଉ କେହି ନାହାନ୍ତି ଭାବି ନିଜ ଇଚ୍ଛାରେ ନାନା ପୂଜାଦି କରିଥା'ନ୍ତି । ଏହିଭଳି ଥିବା ରାକ୍ଷସମାନଙ୍କୁ ଗୀତାରେ **"କୃରମାନଙ୍କୁ, ଦ୍ୱେଷୀମାନଙ୍କୁ, ଭଲକୁ ଘୃଣା କରୁଥିବା ଲୋକମାନଙ୍କୁ ରାକ୍ଷସ ଗର୍ଭରେ ଜନ୍ମହେବା ଭଳି କରି ମାୟାରେ ପଡି ଦୁଃଖ ଭୋଗିବା ଭଳି କରିଥାଏ, ସେମାନେ ଏଭଳି ରାକ୍ଷସଗର୍ଭରୁ ଜନ୍ମହୋଇ ଜନ୍ମ ଜନ୍ମ ପର୍ଯ୍ୟନ୍ତ ଅଜ୍ଞାନୀ ହୋଇ ମୋତେ ଜାଣିପାରିବା ଭଳି ଜ୍ଞାନର ଗନ୍ଧ ମଧ୍ୟ ନ ପାଇ ଅଧୋଗତି ହୋଇଥାନ୍ତି"** ବୋଲି ଭଗବାନ ଜଣାଇଛନ୍ତି । ତେଣୁ ଏ ପ୍ରପଞ୍ଚରେ ଅଜ୍ଞାନରେ ପଡି ରାକ୍ଷସ ଜନ୍ମ ନପାଇ, ଜ୍ଞାନମାର୍ଗ ଅନ୍ୱେଷଣ କରି, ଜ୍ଞାନଶକ୍ତି ଅର୍ଜନ କରି ଦେବତା ଗର୍ଭରେ ଜନ୍ମହୋଇ, କ୍ରମେ ଜନ୍ମ ଜନ୍ମକୁ ଯୋଗଶକ୍ତି ବଢାଇ ଶେଷରେ ପରମାତ୍ମାଙ୍କଠାରେ ଐକ୍ୟ ହୁଅନ୍ତୁ ବୋଲି ଜଣାଉଛୁ ।

ଏତେ କହିଲେ ମଧ୍ୟ କେତେକଙ୍କଠାରେ ସନ୍ଦେହ ରହିଯାଇଥାଏ, ତେଣୁ ଗୀତାର ଅକ୍ଷରପରବ୍ରହ୍ମ ଯୋଗରେ ଭଗବାନ ଶ୍ରୀକୃଷ୍ଣ **କହିବାକୁ ଯାଇ, "ଆବ୍ରହ୍ମ ଭୁବନାଲ୍ଲୋକାଃ ପୁନରାବର୍ତ୍ତିନୋଽର୍ଜୁନ । ମାଂ ମୁପେତ୍ୟ ତୁ କୌନ୍ତେୟ ! ପୁନର୍ଜନ୍ମ ନ ବିଦ୍ୟତେ ॥ ଅର୍ଥାତ୍ ହେ ଅର୍ଜୁନ ! ବ୍ରହ୍ମଲୋକ ଇତ୍ୟାଦି ଲୋକଗୁଡିକ ପାଉଥିଲେ ମଧ୍ୟ ସେଥିରେ ପୁନର୍ଜନ୍ମ ରହିଥାଏ, କିନ୍ତୁ ମୋତେ ପାଉଥିବା ପାତ୍ରର ପୁନର୍ଜନ୍ମ ନଥାଏ"** ବୋଲି କହିଛନ୍ତି । ଆଉକେତେକ ଏଇଠାରେ କିଛି କହିବାକୁ ଯାଇ ଭଗବାନଙ୍କର ଏଇ କଥାରୁ ଜଣାପଡୁଛି ଯେ, କୌଣସି ଅନ୍ୟ ଲୋକ (ଅଞ୍ଚଳ)ଟିଏ କେଉଁଠାରେ ରହିଛି, ସେଇଠାରେ ଦେବତାମାନେ ରହିଛନ୍ତି ! ହେଲେ ଆପଣ କହୁଛନ୍ତି ଯେ, ସବୁ ଏଇଠାରେ ଅଛି !! ଆପଣଙ୍କ କଥା କ'ଣ ସତ ? ଏହି ପ୍ରଶ୍ନରେ ସେମାନଙ୍କପାଇଁ ଆମ୍ଭ ତରଫରୁ ସମାଧାନ ହେଉଛି ! ସମସ୍ତ ଦେବତା ଏଇଠାରେ ହିଁ ଅଛନ୍ତି । ସେମାନଙ୍କଠାରୁ ଜନ୍ମ ହେବାକୁ

ହେଲେ ଅନେକ ପୂଣ୍ୟ ଅର୍ଜନ କରିବାକୁ ହୋଇଥାଏ । ସେମାନଙ୍କଠାରେ ଜନ୍ମହେବା ଅର୍ଥାତ୍ ସେମାନଙ୍କ ଲୋକରେ ଜନ୍ମହେବା । ଏଭଳି ପୁଣ୍ୟକରି ସେମାନଙ୍କଠାରୁ କେହି ଜନ୍ମ ହେଲେ ମଧ୍ୟ ତା'ର ଆହୁରି ପୁନର୍ଜନ୍ମ ରହିଥାଏ, ଯିଏ ମୋତେ ପାଇଯାଏ ତା'ର ଆଉ ପୁନର୍ଜନ୍ମ ନଥାଏ ବୋଲି ପରମାତ୍ମା ଉପର ଶ୍ଳୋକରେ ଜଣାଇଛନ୍ତି,ଏକଥା ତୁ ବୁଝିନାହୁଁ ସିନା, ଏଥିରେ ଅନର୍ଥ କିଛିନାହିଁ । ସେହିଭଳି ରାଜବିଦ୍ୟାରାଜଗୁହ୍ୟ ଯୋଗରେ **"ତ୍ରୈବିଦ୍ୟା ମାଂ ସୋମପାଃ ପୂତପାପା ଯଜ୍ଞୈରିଷ୍ଟ୍ୱାସ୍ୱର୍ଗତିଂ ପାର୍ଥୟନ୍ତେ, ତେ ପୁଣ୍ୟ ମାସାଦ୍ୟ ସୁରେନ୍ଦ୍ରଲୋକମଶ୍ନନ୍ତି ଦିବ୍ୟାନ୍ ଦିବିଦେବଭୋଗାନ୍, ତେ ତଂ ଭୁକ୍ତ୍ୱା ସ୍ୱର୍ଗଲୋକଂବିଶାଳଂ କ୍ଷୀଣେ୍ୟପୁଣେ୍ୟ ମର୍ତ୍ୟଲୋକଂ ବିଶନ୍ତି ଏବଂ ତ୍ରୟୀଧର୍ମ ମନୁପ୍ରପନ୍ନା ଗତାଗତଂ କାମକାମା ଲଭନ୍ତେ ॥"** ଅର୍ଥାତ୍ "ଯେଉଁମାନେ ତିନିବିଦ୍ୟା ଶିଖିଛନ୍ତି, ଯେଉଁମାନେ ସୋମ ପାନକାରୀ, ଯେଉଁମାନେ ପାପହୀନ, ଯଜ୍ଞରେ ଯେଉଁମାନଙ୍କର ଶ୍ରଦ୍ଧା ଥାଏ ସେମାନେ ସ୍ୱର୍ଗ ପାଇବା ପାଇଁ ମୋତେ ପ୍ରାର୍ଥନା କରିଥା'ନ୍ତି, ସେମାନେ ପୁଣ୍ୟ ଫଳସ୍ୱରୂପ ସୁରେନ୍ଦ୍ରଲୋକ ପାଇ ସେଠାରେ ଦିବ୍ୟ ଦେବଭୋଗ ପାଇଥା'ନ୍ତି, ସେଠାରେ ସ୍ୱର୍ଗସୁଖ ଅନୁଭବ କରି ସେମାନଙ୍କର ପୁଣ୍ୟ ଶେଷ ହୋଇଯିବା ପରେ ସାଙ୍ଗେ ସାଙ୍ଗେ ନୀଚ ସ୍ଥିତିକୁ ଆସିଥା'ନ୍ତି । ଏହିଭଳି ଆଶାବାନ୍ ମାନଙ୍କର ତିନିବିଦ୍ୟାର ଧର୍ମରେ ଥିବା ସୁଖଫଳ ଅଶାଶ୍ୱତ (ଅଳ୍ପ) ହୋଇଥାଏ" ବୋଲି ପରମାତ୍ମା କହିଛନ୍ତି । ଏଠାରେ ମଧ୍ୟ ସ୍ୱର୍ଗଲୋକ ଆଉ କେଉଁଠାରେ ଅଛି ବୋଲି କେତେକ ଭ୍ରମିତ ହୋଇଥା'ନ୍ତି । ଯେଉଁମାନେ ପୁଣ୍ୟ କରିଛନ୍ତି ସେମାନଙ୍କ ସ୍ୱର୍ଗ ଏଇଠାରେ ଅଛି, ସେମାନେ ସ୍ୱର୍ଗ ସୁଖକୁ ଏଇଠାରେ ହିଁ ଅନୁଭବ କରୁଛନ୍ତି, ପୁଣ୍ୟ ଫଳ ଶେଷ ହୋଇଯିବା ପରେ ସେମାନେ ପୁଣି କଷ୍ଟ ଭୋଗିବା ଜନ୍ମ ପାଇଥା'ନ୍ତି । ସେଥିଲାଗି ଅନୁଭବ ଅନୁସାରେ ସୁଖିକୁ ଉପରେ ବା ଉଚ୍ଚ ସ୍ଥିତିରେ ଅଛି ବୋଲି, ଦୁଃଖିକୁ ନିଚ ସ୍ଥିତିରେ ଅଛି ବୋଲି କହୁଛେ । ସେହିଭଳି ସୁଖି, ଦୁଃଖିକୁ ତୁଳନା କରିବା

ବେଳେ "ସିଏ କେଉଁଠି ଆଉ ଇଏ କେଉଁଠି" ବୋଲି କହୁଛେ । ଏହି କଥାରୁ ମଧ୍ୟ ଜାଣିହୁଏ ଯେ, ସେମାନଙ୍କ ମଧ୍ୟରେ କିଛି ଦୂରତା ଅଛି । ବାସ୍ତବରେ ତାହା ଦୂରତା ନହେଲେ ମଧ୍ୟ ଏହା ଏକ ତୁଳନା । ସେହି ଦୂରତା କ'ଣ ଯଦି ବୁଝିନପାରିବେ ଆଉ ବା କ'ଣ କହି ବୁଝାଇବା ! ସେହି ଦୂରତାର ଭେଦ ଭୂପୃଷ୍ଠରେ ହିଁ ଦେଖାଯାଉଛି । **"ସେ ଉଚ୍ଚ ସ୍ଥିତିରେ ଅଛି, ସେ ନୀଚ ସ୍ଥିତିରେ ଅଛି" ବୋଲି କହୁଛେ । ଜଣେ ଉଚ୍ଚ ସ୍ଥିତିରେ ରହି ସୁଖ ଅନୁଭବ କରି ଦିନେ ନୀଚ ସ୍ଥିତିକୁ ଚାଲିଗଲା ବୋଲି ଭାବିଲେ ତା'ର ସେତେବେଳେ ଅଧୋଗତି ହେଲା ବୋଲି କହୁଛେ । ଏହି ଅଧୋଗତି ହିଁ ନୀଚ ସ୍ଥିତି । ଉଚ୍ଚସ୍ଥିତି, ନୀଚସ୍ଥିତି ଏଇ ଭୂପୃଷ୍ଠରେ ହିଁ ରହିଛି ବୋଲି ଜାଣିବା ଉଚିତ୍ ।**

ଯିଏ ପୁଣ୍ୟକରିଛି ସେ ଭୂପୃଷ୍ଠରେ ସ୍ୱର୍ଗସୁଖ ଅନୁଭବ କରୁଛି । ଯିଏ ପାପ କରିଛି ସେ ଏଇ ଭୂପୃଷ୍ଠରେ ନରକ ଅନୁଭବ କରୁଛି । ଉପରଲୋକ, ତଳଲୋକ ସବୁ ଏଇଠାରେ ଅଛି । "ଯାହାଲୋକ ଯାହାର" । "ତା'ଲୋକକୁ ସିଏ ଆସିବନି କି ତା' ଲୋକକୁ ଇଏ ଯିବନି" ବୋଲି ଜ୍ଞାନୀ ଅଜ୍ଞାନୀ ତୁଳନାରେ ବଡମାନେ ଏକଥାଟି କହିଥାନ୍ତି । ଦିନେ କାଳଜ୍ଞାନ ଲେଖିଥିବା ବୀରବ୍ରହ୍ମଙ୍କ ତାଙ୍କ ଶିଷ୍ୟ ସିଦ୍ଧୟାଙ୍କୁ ପଚାରିଲେ ଶିଶ୍ୟ ! ଲୋକ କିପରି ଅଛି ? ସେତେବେଳେ ସିଦ୍ଧୟା "ସ୍ୱାମୀ ! ଯାହାଲୋକ ଯାହାର" ବୋଲି କହିଥିଲେ । ପରମାତ୍ମା ମଧ୍ୟ ମୁଁ ସର୍ବଲୋକରେ ଆବହମାନ, ମୁଁ ନଥିବା ସ୍ଥାନ ନାହିଁ ବୋଲି କହିଛନ୍ତି । ଶେଷରେ ଲୋକ ବାବଦରେ କହିଲେ ତାହା କେବଳ ଜ୍ଞାନଦୃଷ୍ଟିରେ କହିହୁଏ । ତାଛଡା ଏଠାରେ ସମସ୍ତ ଲୋକ ଭୂପୃଷ୍ଠରେ ହିଁ ଅଛି କହିଲେ, ଏହି ଲୋକ ବାବଦରେ ସଂପୂର୍ଣ୍ଣ କହିପାରିବା ଅସାଧ୍ୟ ବୋଧହୁଏ । ଏ ପ୍ରପଞ୍ଚରେ କେତେ ଲୋକ ଅଛି ? କିଏ କେଉଁ ଲୋକରେ ବାସ କରୁଛନ୍ତି କହିବା ମଧ୍ୟ ଅସମ୍ଭବ, କିନ୍ତୁ ଜ୍ଞାନାନୁସାରେ ବିବରଣ ଦେବାକୁ ଗଲେ ଏକଥା ସହଜରେ ବୁଝିହୁଏ ।

ମୁଖ୍ୟତଃ ତିନିଗୋଟି ଲୋକ ରହିଛି । ସେହି ମୁଖ୍ୟ ଲୋକଗୁଡ଼ିକର ପ୍ରତ୍ୟେକ ଲୋକରେ ୧୦୮ ଗୋଟି ଲେଖାଏ ଉପଲୋକ ରହିଛି । ମୋଟ ୩୨୪ ଗୋଟି ଲୋକ ଆମ ମୁଣ୍ଡରେ ଗୁଣରୂପରେ ରହିଥାଏ । ଏକ ଜୀବ ତା'ର କର୍ମାନୁସାରେ ଶରୀରଧାରୀ ହୋଇ ଭୂପୃଷ୍ଠରେ ଥିବା ଲୋକଗୁଡ଼ିକରେ ଛନ୍ଦିହୋଇ ରହିଥାଏ । ବାସ୍ତବରେ, ଯାହାଲୋକ ଯାହାକୁ ଭଲଲାଗେ । ଚଳିତ ସନ୍ଦର୍ଭ ସେ ସବୁର ବିବରଣ ଦେବା ସନ୍ଦର୍ଭ ନୁହେଁ । ଏ ସନ୍ଦର୍ଭରେ ଆମେ ଜାଣିବା ଉଚିତ୍ ଯେ, ସ୍ୱର୍ଗର ସୁଖ, ଆଉ ନର୍କର ଯନ୍ତ୍ରଣା ଏଇ ଭୂପୃଷ୍ଠରେ ହିଁ ରହିଛି । ଯଦି ମଣିଷ ପାପପୁଣ୍ୟକୁ ଆଉ କେଉଁଠାରେ ଅନୁଭବ କରୁଥାନ୍ତା, ତେବେ ଭୂପୃଷ୍ଠରେ କାହିଁକି ଜନ୍ମ ହୁଅନ୍ତା ? ଆମେ ଭଲରେ ଜାଣିଛେ ଯେ, ପାପପୁଣ୍ୟର କାରଣ ନେଇ ଆମେ ଭୂପୃଷ୍ଠକୁ ଅନୁଭବ କରିବା ପାଇଁ ଆସୁଛେ । ପୁଣି ଯଦି କହିବା ଯେ, ପାପପୁଣ୍ୟ ଆଉକେଉଁଠି ଅନୁଭବ କରି ଆସିବାକୁ ହୁଏ ତେବେ ସେ କଥାର ମୁଲ୍ୟ ବା କେତେ ରହୁଛି ? ଆପଣ ବିଚାର କରନ୍ତୁ । ଅନ୍ୟ ଲୋକରେ ପାପପୁଣ୍ୟକୁ ଅନୁଭବ କଲେ ପୁଣି ଏଠାରେ ଜନ୍ମହେବା ଆବଶ୍ୟକ ନାହିଁ । ତେଣୁ ସମସ୍ତଲୋକ ଏଇଠାରେ ଅଛି । ଦେବତାମାନେ ମଧ୍ୟ ଏଇଠାରେ ଅଛନ୍ତି ବୋଲି ଜାଣିବା ଦରକାର । ପରମାତ୍ମା ମଧ୍ୟ ଏଇ ଭାବ ଅନୁସାରେ ଗୀତାରେ କହିଛନ୍ତି । ଏହାକୁ ବୁଝି ନପାରି ଆମେ ଭ୍ରମିତ ହେଉଛେ । ପରମାତ୍ମା ଜଣାଇଥିବା ଗୀତାଶାସ୍ତ୍ରରେ ତାଙ୍କ ଭାବ ଅନୁସାରେ ବୁଝିବାକୁ ହେଲେ ଜ୍ଞାନାର୍ଜନ କରିଥିବା ଉଚିତ୍, ନଚେତ୍ ଗୀତାର ଅର୍ଥକୁ ଅନର୍ଥ କରିଦେବା ଦୁର୍ଯୋଗ ରହିଛି । ଆଜି ଗୀତାର ଭାବକୁ ସମସ୍ତେ ଭିନ୍ନ ଭିନ୍ନ ପ୍ରକାରରେ କହୁଛନ୍ତି । ଆମ ଦୃଷ୍ଟିରେ ଗୀତାଶାସ୍ତ୍ର ଅନୁସାରେ ବକ୍ରମାର୍ଗରେ ଅର୍ଥ ବୁଝୁଥିବା ଲୋକମାନଙ୍କୁ ପରମାତ୍ମା ମଣିଷ ଭାଷାରେ ମୁର୍ଖ କହିଥା'ନ୍ତି, ସେଇମାନଙ୍କୁ ହିଁ ଧର୍ମ, ଜ୍ଞାନବାଣୀ ବୁଝାଇ ଅଧର୍ମ ହୋଇଯାଇଥିବା ଧର୍ମକୁ ସ୍ଥାପନ କରିବାପାଇଁ ଆସିଥା'ନ୍ତି । ପରମାତ୍ମା ପୁନର୍ବାର ମାନବରୂପରେ

ଆସି ଜ୍ଞାନ କହୁଥିଲେ ମଧ୍ୟ ଯିଏ କହୁଛି ସିଏ ଆମରି ଭଳି ସାଧାରଣ ମଣିଷ ! ଆମଠାରୁ କ'ଣ ସିଏ ଅଧିକ ଜାଣିଛି ? ବୋଲି ଗର୍ବକୁ ଛାଡି ପାରୁ ନାହିଁ । ଆମେ ଏଭଳି ହେଲେ ମଣିଷ ଜୀବନ ପାଇ କିଛି ଲାଭ ନାହିଁ ।

ଆମେ ଯେତେବେଳେ ଗର୍ବକୁ ଛାଡିବା, ଆମକୁ ଜଣା ନଥିବା ଯଥାର୍ଥ ରହସ୍ୟ ଅନେକ ଅଛି ବୋଲି ଯେତେବେଳେ ଭାବିବା ସେତେବେଳେ ବଦଳି ପାରିବା । ତେଣୁ ମୋତେ ଜଣାଅଛି ଭାବକୁ ଛାଡି ଦେବଲୋକ ବା ସ୍ୱର୍ଗଲୋକ, ଯମଲୋକ ବା ନର୍କଲୋକ ଏଇଠାରେ ଅଛି, ଏଇଠାରେ ଦେବତାମାନେ ଆଉ ରାକ୍ଷସମାନେ ରହିଥା'ନ୍ତି ବୋଲି ଜାଣିବା ଉଚିତ୍ ।

*****

# ବିଦ୍ୟା – ଅବିଦ୍ୟା

ବିତ୍ ଶବ୍ଦରୁ ବିଦ୍ୟା ଜନ୍ମ ହୋଇଛି । ବିତ୍ କହିଲେ ଜାଣିବା । ତେଣୁ ସେଥିରୁ ଜନ୍ମ ହୋଇଥିବା ବିଦ୍ୟା ନାମକ ଶବ୍ଦର ମଧ୍ୟ ସେହି ଅର୍ଥ ହେବ, ଅବିଦ୍ୟା କହିଲେ ଜାଣି ନପାରିବା ହିଁ ହେବ । ଛୋଟବେଳେ ଚାଟଶାଳି (ସ୍କୁଲ୍) କୁ ଯାଇ ଆମକୁ ଜଣାନଥିବା ଭାଷା, ପରିବେଶ, ଗଣିତ, ଭୁଗୋଳ ଇତ୍ୟାଦି ଯାହା ଜଣା ନାହିଁ ତାହା ଆମେ ଜାଣୁଛେ । ଏଭଳି ଯାହା ଜାଣୁଛେ ତାକୁ ବିଦ୍ୟା କହୁଛେ । ବିଦ୍ୟା ଜାଣିବା ପାଇଁ ଆମଘରୁ କିଛି ଧନବ୍ୟୟ କରି ଆମକୁ ଜଣା ନଥିବା ବିଦ୍ୟା ଆଶା କରିବା ବେଳେ ଆମେ ବିଦ୍ୟାର୍ଥୀ ବୋଲାଉଛେ । ଅର୍ଥୀ କହିଲେ ମାଗିବା ବା ଆଶା କରିବା । ଆମେ ଶିକ୍ଷକଙ୍କୁ ବିଦ୍ୟା ମାଗି ସେଠାରେ ବିଦ୍ୟାର୍ଥୀ ହେଉଛେ । ତେଣୁ ବିଦ୍ୟା + ଅର୍ଥୀ = ବିଦ୍ୟାର୍ଥୀ । ବିଦ୍ୟାର୍ଥୀ କହିଲେ ବିଦ୍ୟା ମାଗିବା, ଆଉ ଟିକିଏ ଜାଣିପାରିବା ଭଳି କହିଲେ, ଯାହା ଜଣା ନାହିଁ ତାହା ଜାଣିବା ପାଇଁ ଆଉଜଣକ ପାଖକୁ ଯାଇ ଯିଏ ମାଗିଥାଏ ।

ଯାହା ଜଣା ନାହିଁ ତାହା ଯିଏ ଜଣାଇଥାଏ ତା'କୁ ବୋଧକ (ଶିକ୍ଷକ) କୁହାଯାଏ । ଯିଏ ଜଣାଏ ସେ ବୋଧକ ବା ଶିକ୍ଷକ ଆଉ ଯିଏ ଜାଣେ ସେ ବିଦ୍ୟାର୍ଥୀ । ଏହା ଏକ ସୁତ୍ର ଭଳି । ଏହି ସୁତ୍ର ଅନୁସାରେ କୌଣସି ଅଜଣା ବିଷୟ ହେଉ ତାହା ଯିଏ ଜଣାଇଥାଏ ସେ ବୋଧକ (ମାଷ୍ଟର ବା ଶିକ୍ଷକ) । (ବୋଧକ, ଶିକ୍ଷକ ଭିତରେ ମଧ୍ୟ ଟିକିଏ ଭିନ୍ନତା ରହିଛି । ଯେଉଁ ବିଦ୍ୟା ତୁଣ୍ଡରୁ କୁହାଯାଏ ତାହା ବୋଧକ ପାଇଁ ଲାଗୁ ହେବ, ଯେଉଁ ବିଦ୍ୟା ତୁଣ୍ଡରୁ ନହୋଇ ଅଙ୍ଗପ୍ରତ୍ୟଙ୍ଗ ଦ୍ୱାରା ଜଣାଇ ଦିଆଯାଏ ତାହା ଶିକ୍ଷକ ପାଇଁ ଲାଗୁହେବ । ଆମକୁ ତୁଣ୍ଡରୁ ବିଦ୍ୟା କହୁଥିବା ବୋଧକମାନଙ୍କୁ ମଧ୍ୟ ଶିକ୍ଷକ କହି ପାରିବା ।) ସେହିଭଳି କୌଣସି ବିଦ୍ୟା ହେଉ ଯିଏ ଶିଖେ ସେ ବିଦ୍ୟାର୍ଥୀ, ଯାହା ଶିଖିବାକୁ ହୁଏ ତାହା ବିଦ୍ୟା । ମାନବ ଛୋଟବେଳୁ କୌଣସି ଏକ ବିଦ୍ୟା ଶିଖିଥାଏ । ମଣିଷ ଯୁକ୍ତବୟସ ହେବା ପର୍ଯ୍ୟନ୍ତ ନାନା ବିଦ୍ୟା ଶିଖି ଏମ୍.ଏ, ଏମ.ଏସ୍.ସି, ବି.ଏସ୍.ସି ଇତ୍ୟାଦି ଡିଗ୍ରୀ ହାସଲ କରି ପି.ଏଚ୍.ଡି ନେଇ ମୁଁ ବିଦ୍ୟାକୁ ସଂପୂର୍ଣ୍ଣ ଶିଖିଗଲି ବୋଲି ଭାବିଥାଏ । ମୁଁ ବିଦ୍ୟାବନ୍ତ ବୋଲି ଭାବିଥାଏ । ଏକଥା ସତ କି ମିଛ ବିଚାରକଲେ, ସେ ଯେଉଁପର୍ଯ୍ୟନ୍ତ ଶିଖିଛି ସେତିକି ସଂପୂର୍ଣ୍ଣ ଶିଖିଛି ସିନା ଆହୁରି ଶିଖିବାକୁ ଅନେକ ଅଛି । ତେଣୁ ତା'କୁ ସଂପୂର୍ଣ୍ଣ ବିଦ୍ୟାର୍ଥୀ କହି ପାରିବା ନାହିଁ । ସେ ଅବିଦ୍ୟାବନ୍ତ ବୋଲି କହି ପାରିବା ।

ଯାହା ମୁଖ୍ୟ ନୁହେଁ ତାହା ମୁଖ୍ୟ ସହିତ ସମାନ ନୁହେଁ । ତେଣୁ ଯାହା ମୁଖ୍ୟ ନୁହେଁ ତାହା ଅନେକ ଶିଖି, ଯାହା ମୁଖ୍ୟ ତାହା ଟିକିଏ ନ ଶିଖିଲେ ମଧ୍ୟ ଶିଖିଥିବା ବିଦ୍ୟା ବିଦ୍ୟା ହେବନାହିଁ ବା ତାହାକୁ ଅବିଦ୍ୟା କହିପାରିବା । ତେବେ ମୁଖ୍ୟବିଦ୍ୟା କଅଣ ? ମୁଖ୍ୟ ହୋଇନଥିବା ବିଦ୍ୟା କଅଣ ? କେତେକଙ୍କୁ ବୋଧହୁଏ ଜଣାନଥିବ । ସେ ବାବଦରେ ଟିକିଏ ଜାଣିବା । ପ୍ରପଞ୍ଚରେ ଥିବା ବିଦ୍ୟା ଯାହାକି ଜାଣିବାକୁ ହୁଏ ତାହା ମାତ୍ର ଛଅଗୋଟି ରହିଥାଏ । ତାହା ୧-ଗଣିତଶାସ୍ତ୍ର, ୨-ରସାୟନିକଶାସ୍ତ୍ର,୩-

ଭୌତିକଶାସ୍ତ୍ର,୪–ଖଗୋଳଶାସ୍ତ୍ର,୫–ଜ୍ୟୋତିଷ୍ୟଶାସ୍ତ୍ର,୬–ବ୍ରହ୍ମବିଦ୍ୟାଶାସ୍ତ୍ର । ମୋଟ ଏହି ଛଅଗୋଟି ଶାସ୍ତ୍ର ମଧ୍ୟରୁ ଅତି ମୁଖ୍ୟ ହେଉଛି ବ୍ରହ୍ମବିଦ୍ୟାଶାସ୍ତ୍ର । ଶରୀରରେ ମୁଖ୍ୟ ପାତ୍ରପୋଷଣ କରୁଥିବା ଜୀବାତ୍ମା, ଆତ୍ମାଙ୍କ ବାବଦରେ ଏହି ଯୋଗଶାସ୍ତ୍ର ହିଁ ଜଣାଇଥାଏ । ଜୀବାତ୍ମା, ଆତ୍ମା ନଥିଲେ ସାରା ପ୍ରପଞ୍ଚ ଚୈତନ୍ୟହୀନ ହୋଇ ଜୀବରହିତ ଜଡ ପାଲଟିଯିବ । ସେହିଭଳି ପରମାତ୍ମା ନଥିଲେ ଥିବା ଜଡତା ମଧ୍ୟ ରହିବ ନାହିଁ । ଏହି ତିନି ଆତ୍ମା ବାବଦରେ ଜଣାଉଥିବାରୁ ଯୋଗଶାସ୍ତ୍ରକୁ ଅତି ମୁଖ୍ୟ ଶାସ୍ତ୍ର ବୋଲି କହିପାରିବା ।

ଅନ୍ୟ ୫ ଗୋଟି ଶାସ୍ତ୍ରରେ କେବଳ ପ୍ରପଞ୍ଚ ସମ୍ବନ୍ଧୀୟ ବିଦ୍ୟା ବା ଭୌତିକ ବିଦ୍ୟା ରହିଥାଏ । ଆଜି ପ୍ରାଥମିକ ପାଠଶାଳାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଯେଉଁ ବିଦ୍ୟା ଶିଖାଯାଉଛି ସେସବୁ ପ୍ରାପଞ୍ଚିକ ବିଦ୍ୟା ବା ଭୌତିକ ବିଦ୍ୟା । ଷଷ୍ଠତମ ଶାସ୍ତ୍ର ହୋଇଥିବା ଯୋଗଶାସ୍ତ୍ର ଗୋଟିଏ ଅଛି ବୋଲି ଆଜି ମଧ୍ୟ କେହି କହୁଥିବା ଲୋକ ନାହାନ୍ତି । ତାହା ଆଜିର ବିଦ୍ୟା ବୋଧନରେ ମଧ୍ୟ ନାହିଁ । ତେଣୁ ଆଜି କୌଣସି ବିଦ୍ୟାର୍ଥୀକୁ ଯୋଗଶାସ୍ତ୍ର ଜଣା ନାହିଁ । କିଏ କେତେ ପାଠପଢିଲେ ମଧ୍ୟ ସବୁଠାରୁ ମୁଖ୍ୟ ହୋଇଥିବା ଯୋଗଶାସ୍ତ୍ର ନଜାଣିବା ପର୍ଯ୍ୟନ୍ତ କେହି ବିଦ୍ୟାର୍ଥୀ ନୁହନ୍ତି ଅର୍ଥାତ୍ ଅପାଠୁଆ ବୋଲି କହିପାରିବା । କେତେ ବିଦ୍ୟା ଶିଖିଲେ ମଧ୍ୟ ଯୋଗଶାସ୍ତ୍ର ନ ଜାଣିଲେ ସେ ଅବିଦ୍ୟାବନ୍ତ ବା ମୂର୍ଖ ବୋଲି କହିବା ପାଇଁ ଏକ କାରଣ ମଧ୍ୟ ରହିଛି । ତାହା ହେଉଛି !

କୌଣସି ବିଦ୍ୟା ହେଉ ତାହା ଏକ ଭାଷାର ଲିପିରୁ ଆରମ୍ଭ ହୋଇଥାଏ । ସେହି ଲିପି ଅକ୍ଷର ସମୁଦାୟ ସହିତ ଥାଏ । ଯିଏ ବିଦ୍ୟା ଶିଖିଛି ବା ପାଠ ପଢିଛି ତା'କୁ ଅକ୍ଷର ଜ୍ଞାନ ଜଣାଅଛି ବୋଲି କହନ୍ତି । ଅକ୍ଷର କହିଲେ କ'ଣ ନଜାଣି ଏହା ସାଧାରଣ ପ୍ରାପଞ୍ଚିକ ପାଠ ବୋଲି ସମସ୍ତେ ଭାବନ୍ତି । ଏହାର ଅସଲି ଅର୍ଥକୁ ଦେଖିଲେ କ୍ଷର ଅର୍ଥ ହେଉଛି ଯାହା କ୍ଷରି ହୋଇଯାଏ ବା ବିନାଶ ହୋଇଯାଏ, ସେଥିରେ ଆଉ 'ଅ'ଟିଏ

ଯୋଗ କରି ଅକ୍ଷର କହିଲେ ଯାହା ବିନାଶ ରହିତ ବା ଅବିନାଶୀ । ସେହି ଅବିନାଶୀ ଆତ୍ମଜ୍ଞାନ ବାବଦରେ ଜାଣିଥିବା ଲୋକ ହିଁ ଅକ୍ଷରକୁ ଜାଣିଛି, ସେ ହିଁ ବିଦ୍ୟାବନ୍ତ ବୋଲି କହି ପାରିବା । ଅକ୍ଷରଜ୍ଞାନକୁ ବା ଆତ୍ମଜ୍ଞାନକୁ ଯିଏ ନ ଜାଣିଛି ସେ ଅବିଦ୍ୟାବନ୍ତ ବୋଲି କହି ପାରିବା । ତେଣୁ ସେହି ଅନୁସାରେ ଆତ୍ମଜ୍ଞାନ ନଥିବା ବିଦ୍ୟା କେତେ ଶିଖିଲେ ମଧ୍ୟ ସେ ଅବିଦ୍ୟାବନ୍ତ ବା ମୁର୍ଖ ବୋଲି କହିପାରିବା ।

ଆଜି ଅକ୍ଷର ସାରାଂଶ ନଥିବା ବିଦ୍ୟା ଅନେକ ରହିଛି । ତାହା ଶିଖିବା ପାଇଁ ପ୍ରାଥମିକ ବିଦ୍ୟାଳୟରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ରହିଛି । ଅକ୍ଷର ଜ୍ଞାନ ନଥିବା ବିଦ୍ୟା ଶିଖିବାପାଇଁ ହଜାର ହଜାର, ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ବାସ୍ତବତାକୁ ଜାଣିନଥିବା ମାନବ କେତେ ବ୍ୟୟ ପ୍ରୟାସରେ, ଅକ୍ଷରଜ୍ଞାନ ନଥିବା ବିଦ୍ୟା ଶିଖି, ମୁଁ ଜଣେ ବିଦ୍ୟାବନ୍ତ ଭାବି ଗର୍ବ କରୁଛି ସିନା, ନିଜେ ମୂର୍ଖ ବୋଲି ଜଣା ନାହିଁ । ଆଜିର ପ୍ରାପଞ୍ଚିକ ବିଦ୍ୟାଗୁଡିକ ପ୍ରପଞ୍ଚରେ ବଞ୍ଚିବାପାଇଁ ଯୋଗ୍ୟ ହେଉଛି ସିନା ପରମାତ୍ମାଙ୍କୁ ପାଇବାକୁ ଯୋଗ୍ୟ ହେଉନାହିଁ । ଏକ ହିସାବରେ କହିଲେ ଜଣେ ଆଜି ଅନେକ ପ୍ରାପଞ୍ଚିକ ବିଦ୍ୟା ଶିଖି ମଧ୍ୟ ଚାକିରି ନମିଳିବାରୁ ମୋ' ବିଦ୍ୟା ଶିଖିବାର କୌଣସି ମୂଲ୍ୟ ନାହିଁ, ଶେଷରେ ବିଦ୍ୟା ଶିଖିନଥିବା ଲୋକ ଭଳି କଷ୍ଟକରି ବଞ୍ଚିବାକୁ ହେଉଛି କହି ନିରସଜୀବନ ବଞ୍ଚୁଛି । ଆତ୍ମବିଦ୍ୟା ଶିଖିଥିବା ଲୋକ ପ୍ରପଞ୍ଚରେ ଧୈର୍ଯ୍ୟର ସହିତ ବଞ୍ଚିପାରେ । ମୃତ୍ୟୁ ପରେ ମଧ୍ୟ ସ୍ଥିର ସ୍ଥିତିରେ ରହି ପାରେ ।

ସବୁ ଶାସ୍ତ୍ରଠାରୁ ବଡ, ଷଷ୍ଠତମ ଶାସ୍ତ୍ର ଯୋଗଶାସ୍ତ୍ରକୁ ଜାଣିଥିବା ବ୍ୟକ୍ତିର କୌଣସି କଷ୍ଟ ଆସିଲେ ମଧ୍ୟ ତାହା ତା'କୁ କଷ୍ଟଭଳି ଲାଗେ ନାହିଁ, ସେ ସେଗୁଡିକର ବନ୍ଧନକୁ ଖାତର କରେ ନାହିଁ । ତେଣୁ ଷଷ୍ଠଶାସ୍ତ୍ର ଯୋଗଶାସ୍ତ୍ର ଗୀତାରେ "ପବିତ୍ରମିହ ବିଦ୍ୟତେ" କୁହାଯାଇଛି । ତା'ଛଡା "ନ ହି ଜ୍ଞାନେନ ସଦୃଶ୍ୟଂ" ମଧ୍ୟ କୁହାଯାଇଛି ଅର୍ଥାତ୍ ଏହାଠାରୁ ବଳି ବିଦ୍ୟା

ନାହିଁ । ଏହା ସମାନ ଆଉ ମଧ୍ଯ କିଛି ନାହିଁ ବୋଲି କୁହାଯାଇଛି । ହେଲେ ତା'କୁ ଶିଖାଏ କିଏ? ଶିଖେ କିଏ? ବୋଲି ପ୍ରଶ୍ନ କେତେକଙ୍କଠାରେ ଆସିପାରେ । ତା'ର ସମାଧାନ ହେଉଛି! ଯୋଗଶାସ୍ତ୍ର ଜାଣିଥିବା ବ୍ୟକ୍ତି କ୍ୱଚିତ୍ ଥାଆନ୍ତି । ତାହା ଶିଖିଥିବା ଲୋକ ମଧ୍ଯ ଆହୁରି କ୍ୱଚିତ୍ ମିଳନ୍ତି ।

ଆଜି ପ୍ରାପଞ୍ଚିକ ବିଦ୍ୟା ଶିଖିଥିବା କେତେକ ମୁର୍ଖ ଯୋଗଶାସ୍ତ୍ରର ମୁଲ୍ୟ ନ ଜାଣି ଗୁରୁଙ୍କୁ ନୀଚ ମନେ କରନ୍ତି । ଗୁରୁଙ୍କ ପାଖରେ ଆତ୍ମଜ୍ଞାନ ଶିଖୁଥିବା ଲୋକମାନଙ୍କୁ ମଧ୍ଯ କିଛି ଜାଣିନଥିବା ଲୋକ ଭାବନ୍ତି । ଜୀବନରେ କିଛିକାଳ ରହୁଥିବା କେତେଜଣ ଚାକିରିଆ, ସେମାନଙ୍କୁ ସରକାର ଦେଇଥିବା ଅଧିକାର ଅନୁସାରେ ଗର୍ବକରି, ପୁଜ୍ୟନୀୟ ହୋଇଥିବା ଗୁରୁପରମ୍ପରାକୁ ହୀନ ମନେକରି ଗୁରୁଙ୍କୁ ମଧ୍ଯ ନିନ୍ଦା କରନ୍ତି । ସେମାନଙ୍କୁ ଆମେ ପଚାରୁଛୁ ଯେ, ମାସିକ ଦରମା ନେଇ ମଧ୍ଯ ଅକ୍ଷର ସାରାଂଶ ନଥିବା ବିଦ୍ୟା କହୁଥିବା ଶିକ୍ଷକମାନଙ୍କ ଅପେକ୍ଷା ମାଗଣାରେ, ନିସ୍ୱାର୍ଥ ଭାବରେ ସବୁଠାରୁ ବଡ ହୋଇଥିବା ଯୋଗଶାସ୍ତ୍ର କହୁଥିବା ବ୍ୟକ୍ତି କ'ଣ ଛୋଟ? ସରକାରଙ୍କର ଗୋଲାମି କରି ଅଧିକାରରେ ଥିବା ପର୍ଯ୍ୟନ୍ତ ଅନ୍ୟମାନଙ୍କ ଦ୍ୱାରା ନିଜକୁ ନମସ୍କାର କରାଇ,ଅଧିକାର ଚାଲିଯିବା ପରେ କେହି ମଧ୍ଯ ପଚାରୁ ନଥିବା ଜୀବନ ବଞ୍ଚୁଥିବା ଲୋକ ଅପେକ୍ଷା, ଅନେକ ଲୋକଙ୍କ ଦ୍ୱାରା ଜୀବନସାରା ପୁଜ୍ୟ ବୋଲାଇ ବଞ୍ଚୁଥିବା ଗୁରୁ କ'ଣ ଛୋଟ? ଟଙ୍କା ଖର୍ଚ୍ଚ କରି ଚୈତନ୍ୟହୀନ ବିଦ୍ୟା ଶିଖୁଥିବା, ଶିଖାଉଥିବା ଲୋକମାନଙ୍କ ଅପେକ୍ଷା, ବିନା ଟଙ୍କାରେ ଅତୁଳନୀୟ ବିଦ୍ୟା ଶିଖୁଥିବା, ଶିଖାଉଥିବା ଗୁରୁଶିଷ୍ୟ କ'ଣ କିଛି ଜାଣି ନଥିବା ନିର୍ବୋଧ?

ଅନେକଲୋକ ତାତ୍କାଳିକ ସମ୍ପତ୍ତି, ଅଧିକାର ଗର୍ବ, ସ୍ଥିତିକୁ ନେଇ ଅତ୍ୟନ୍ତ ଖୁସି ହୋଇ, କାଲି ମୋ'ଜୀବନ କ'ଣ ହେବ ବିଚାର ନକରି, ଖାଲି ମାସ ଶେଷରେ ମୋ'ଦରମା କେତେ ବୋଲି ବିଚାର କରିଥା'ନ୍ତି ।

କାଳ ଗର୍ଭରେ ମିଶିଯାଉଥିବା ଶରୀର ବାବଦରେ, ନିଜଠାରେ ଆସୁଥିବା ଅବସ୍ଥା ବାବଦରେ, ତା'କୁ ଆଉ କେହି ରକ୍ଷା କରି ପାରିବେ ନାହିଁ ବୋଲି ଥିବା ଅନୁଭବ ବାଦରେ ବିଚାର ନକରି ଅନ୍ଧଭାବରେ ମାନବ ବଞ୍ଚୁଛି । ଏମ୍.ଏ. ପାଠପଢି ମୋର ଏସ୍.ଆଇ ଚାକିରି ହେଲା, ଏଥର ମୋ'ଷ୍ଟେସନ୍ ପରିଧିରେ ଥିବା ଲୋକମାନଙ୍କୁ ପିଟିପାରିବି ବୋଲି ଭାବୁଛି ସିନା, ମୋ' ଶରୀର ପରିଧିର ଜଣେ ଅଧିକାରୀ ଅଛି, ସେ ମୋତେ ଦଣ୍ଡ ଦେବାବେଳେ କେହି ମଧ ବଞ୍ଚାଇପାରିବେ ନାହିଁ ବୋଲି ଜାଣିପାରୁନାହିଁ । ଭୌତିକ ପାଠ ଯେତେ ପଢିଲେ କ'ଣ ହେବ ଆତ୍ମଜ୍ଞାନ ନଜାଣିଲେ ସେ ମୁର୍ଖ । ତେଣୁ ବିଦ୍ୟା କଅଣ ଜାଣ୍, ଅକ୍ଷର କହିଲେ କ'ଣ ଜାଣ୍ । ଭାଷା ଅକ୍ଷରରେ ହିଁ ଅସଲି ବିଦ୍ୟା ତିଆରି ହୋଇଛି ବୋଲି ନଭାବି, ଅକ୍ଷର ଯୁକ୍ତ ଭାବରେ ଯାହା ତିଆରି ହୋଇଛି ତାହା ବିଦ୍ୟା ବୋଲି ଭାବ୍ । ତୁ କେତେ ଡିଗ୍ରୀ ହାସଲ କରିଥିଲେ କ'ଣ ହେବ ସେଥିରେ କିଛି ସାର ନାହିଁ ବୋଲି ଜାଣ୍ । ତୃପ୍ତିକୁ, ଶାନ୍ତିକୁ ଜାଣ୍ । ମାନବ ଜୀବନର ମୂଲ୍ୟକୁ ବୁଝ୍ । ତାହା ଜଣାଉଥିବା ବିଦ୍ୟା ହିଁ ବ୍ରହ୍ମବିଦ୍ୟା(ଯୋଗଶାସ୍ତ୍ର)ବୋଲି ଜାଣ୍ । ମୁର୍ଖ ନହୋଇ ବିଦ୍ୟାବନ୍ତ ହୁଅ । ଶେଷରେ କ୍ଷରକୁ ଛାଡି ଅକ୍ଷର ଶିଖିବା ଆରମ୍ଭ କର୍ ।

*****

# ଯୋଗବିଦ୍ୟା

ଆତ୍ମାକୁ ଜାଣିବା ପାଇଁ, ଆତ୍ମାକୁ ଜାଣି ପରମାତ୍ମାରେ ଐକ୍ୟ ହେବା ପାଇଁ, ଜନନ ମରଣ ପ୍ରବାହରୁ ଦୂରରେ ଥିବା ଶୂନ୍ୟରେ ସର୍ବତ୍ର ନିଜେ ହୋଇ ରହିବା ପାଇଁ ଜୀବକୁ ଯୋଗବିଦ୍ୟା ଶିଖିବାକୁ ହେବ । ପ୍ରପଞ୍ଚର ସବୁ ବିଦ୍ୟାଠାରୁ ମହାନ ଆଉ ପବିତ୍ର ହେଉଛି ଯୋଗବିଦ୍ୟା । ମାନବର ବୁଦ୍ଧି ମହାନ ନ ହେଲେ ଏ ବିଦ୍ୟା ବୁଝି ହେବ ନାହିଁ । ବାସ୍ତବରେ ଏହି ବିଦ୍ୟା

ଅଛି ବୋଲି ମଧ୍ୟ କେତେକଙ୍କୁ ଜଣା ନାହିଁ । କେତେକଙ୍କୁ ଜଣାଥିଲେ ମଧ୍ୟ ତାହା କେଉଁଠାରୁ ଆରମ୍ଭ କରିବାକୁ ହୁଏ ଜଣା ନାହିଁ । ଥିବା ବିଦ୍ୟାଗୁଡିକ ଭିତରୁ କେଉଁଟି ଯୋଗବିଦ୍ୟା ତାହା ମଧ୍ୟ ଜଣା ନାହିଁ । ଏହି ବିଦ୍ୟା ଜାଣିବାକୁ ହୁଏ ବୋଲି ନଜାଣିଲେ ନାଇଁ କିନ୍ତୁ ଅନ୍ୟ ବିଦ୍ୟାଗୁଡିକୁ ଯୋଗବିଦ୍ୟା ଭାବି, ଶିଖି, ଆଚରଣ କଲେ ବଡ ଭୂଲ୍ ହୋଇଥାଏ । ମୂଲ୍ୟବାନ ଜୀବନକାଳ ବ୍ୟର୍ଥ ହୋଇଥାଏ ।

ଯୋଗବିଦ୍ୟା ଜାଣିବାକୁ ଇଚ୍ଛା କରୁଥିବା ଲୋକମାନେ ଏ ବିଦ୍ୟା କିଏ କେତେବେଳୁ ପ୍ରାରମ୍ଭ କରିଥିଲେ ? ଏହାକୁ ଆଚରଣ କରି କିଏ ଅନୁଭବ ପାଇଛନ୍ତି ? ଏହାର ଆଧାର ଭାବରେ କ'ଣ କୌଣସି ଶାସ୍ତ୍ର ଅଛି ? ବୋଲି ପ୍ରଥମେ ପ୍ରଶ୍ନକରି ଜାଣିବା ଦରକାର । ଏତିକି ନଜାଣି କାହାଠାରୁ ଶୁଣିଥିବା କଥା କିମ୍ବା କାହାର କଳ୍ପନାକୁ ଯୋଗବିଦ୍ୟା ଭାବିବା ଭୂଲ୍ । ବାସ୍ତବରେ ଏହି ଯୋଗବିଦ୍ୟା ଷଡଶାସ୍ତ୍ର ଭିତରେ ଥିବା ଯୋଗଶାସ୍ତ୍ର ଉପରେ ଆଧାରିତ । ଯୋଗଶାସ୍ତ୍ରରେ ଯୋଗ ସମ୍ବନ୍ଧୀୟ ଶାସନ ବିବରଣାତ୍ମକ ଭାବରେ ରହିଛି । ଯୋଗଶାସ୍ତ୍ରକୁ ଛାଡିଦେଲେ ବାକି ପାଞ୍ଚଗୋଟି ଶାସ୍ତ୍ର ମଣିଷ ତିଆରି କରିଛି । କେବଳ ଯୋଗଶାସ୍ତ୍ର ମାନବ ରୂପରେ ଥିବା ଭଗବାନ (ପରମାତ୍ମା)ଙ୍କ ଦ୍ୱାରା ଆସିଛି । ଅନ୍ୟ ପାଞ୍ଚଗୋଟି ଶାସ୍ତ୍ର ଦ୍ୱାରା ଅନେକ ଭୌତିକଫଳ ମିଳୁଥିଲେ ମଧ୍ୟ, ଯୋଗଶାସ୍ତ୍ର ଦ୍ୱାରା ଗୋଟିଏ ଫଳ ମିଳିଥାଏ, ସେହି ଫଳ ହେଉଛି ମୋକ୍ଷ ।

ଏକୈକ ଫଳଦାୟୀ ଯୋଗବିଦ୍ୟା ସମସ୍ତ ବିଦ୍ୟାଠାରୁ ମହାନ ଏବଂ କଠିନ । ତେଣୁ ଏହା କାହାକୁ ସହଜରେ ବୁଝାପଡେ ନାହିଁ । ପଚ୍ଛୁତାର ସହିତ ନରହିଲେ ମିଳୁନଥିବା ଯୋଗବିଦ୍ୟାକୁ ଯେଉଁମାନେ ବୋଧକରନ୍ତି ସେମାନେ ପ୍ରପଞ୍ଚ ବିଦ୍ୟା ଶିଖାଉଥିବା ବୋଧକମାନଙ୍କଠାରୁ ମହାନ । ଯୋଗବିଦ୍ୟାର ବୋଧକମାନେ ପୂର୍ବକାଳରୁ ଆଜିଯାଏ ଅଛନ୍ତି ।

ଯୋଗଶାସ୍ତ୍ର ସେଦିନରୁ ଆଜିଯାଏ ଗୋଟିଏ ହୋଇ ରହିଥିଲେ ମଧ୍ୟ ତାହା ବୋଧକରୁଥିବା ବୋଧକମାନେ ବଦଳୁଛନ୍ତି । ସେତେବେଳର ବୋଧକମାନେ ଯୋଗଶାସ୍ତ୍ର ଅନୁସାରେ ବୋଧ କରୁଥିଲେ । ଆଜି କେତେକ ଗୁରୁ ବୋଲାଉଥିବା ବୋଧକମାନେ ଶାସ୍ତ୍ରାନୁସାରେ ବୋଧ ନକରି ଅଶାସ୍ତ୍ରୀୟ ପଦ୍ଧତିରେ ବୋଧ କରୁଛନ୍ତି । ସେତେବେଳେ ଭକ୍ତକୁ ସଂପୂର୍ଣ୍ଣ ଜ୍ଞାନୀ କରି, ତା'ପରେ ଯୋଗବିଦ୍ୟା ଶିଖାଇ ଉପଦେଶ ଦେଉଥିଲେ । ସେଥିପାଇଁ ଅନେକଦିନ ଲାଗୁଥିଲା । ଆଜିର ବୋଧକମାନେ ସେମାନଙ୍କ ପାଖକୁ ଯାଉଯାଉ ଉପଦେଶ ଦେବା ଆରମ୍ଭ କରିଦେଉଛନ୍ତି । ପୂର୍ବକାଳରେ କେତେ ପବିତ୍ରଭାବରେ ବୋଧ କରାଯାଉଥିବା ବିଦ୍ୟା ଆଜି ସ୍କୁଲ୍ ପର୍ଯ୍ୟନ୍ତ ପହଞ୍ଚିଲାଣି । ସେତେବେଳେ ଶିଷ୍ୟମାନଙ୍କର ଗୁରୁ ଜଣେ ଥିଲେ । ତାଙ୍କରି ଦ୍ୱାରା ଉପଦେଶ ପ୍ରାପ୍ତ ହୋଇ, ତାଙ୍କୁ ଦୈବ ଭାବରେ ପୂଜା କରୁଥିଲେ । ଆଜି ଜଣେ ବଡ ଗୁରୁ ହେଲେ ତାଙ୍କ ପାଖରେ ଆସିଷ୍ଟାଣ୍ଟ୍ ଗୁରୁମାନେ ମଧ୍ୟ ରହିଲେଣି । ବଡ ଗୁରୁଙ୍କର ଟାଇମ୍ ନାହିଁ ତେଣୁ ଆସିଷ୍ଟାଣ୍ଟ୍ ଗୁରୁମାନେ ଉପଦେଶ ଦେଇ ଦେଉଛନ୍ତି । ଉପଦେଶ ନେଉଥିବା ଲୋକମାନେ ମଧ୍ୟ ଆମକୁ ଖାଲି ଉପଦେଶ ମିଳିଗଲେ ହେଲା ବୋଲି ଭାବୁଛନ୍ତି ।

ଉପଦେଶ ଗ୍ରହଣ କରୁଥିବା ଲୋକମାନେ ଉପଦେଶ ନେବା ପାଇଁ ଆଶା କରିଥା'ନ୍ତି ସିନା, ଉପଦେଶ କହିଲେ କଅଣ, ତା'ର ଫଳ କଅଣ ଆଲୋଚନା କରିନଥା'ନ୍ତି । କିଛି ପାଠପଢିଥିବା ଲୋକମାନେ ମଧ୍ୟ ବିଚାର ନକରି ନିଜ ଇଚ୍ଛାର ମାର୍ଗକୁ ଅନୁସରଣ କରିଥା'ନ୍ତି । ପୂର୍ବକାଳରେ ବଡମାନେ କହୁଥିଲେ ଯେ ତୁମେମାନେ ବିଚାରପୂର୍ବକ ଜାଣ, ଯାହା ଜାଣିଲ ତା'କୁ ଆଚରଣ କରି ଅନୁଭବପୂର୍ବକ ଗ୍ରହଣ କର । ତୁମେ ଜାଣିଥିବା ଜ୍ଞାନ ଅନ୍ୟମାନଙ୍କୁ ମଧ୍ୟ ଜଣାଅ । ଆଜି, ଏହା ଗୁରୁଙ୍କ ରହସ୍ୟ ବାଣୀ, ଏ ବାଣୀ ଅନ୍ୟମାନଙ୍କୁ ଜଣାଇବା ଉଚିତ୍ ନୁହେଁ ବୋଲି ନିୟମ ନିର୍ଦ୍ଧାରଣ କରିଥିବା ଗୁରୁମାନେ ବି ବାହାରିଲେଣି । ଆମେ କହୁଥିବା ଜ୍ଞାନ ହିଁ ଶୁଣିବା ଉଚିତ୍,

ଆଉ କାହାକଥା ଶୁଣିବା ଅନୁଚିତ୍, ଅନ୍ୟମାନେ ଲେଖିଥିବା ପୁସ୍ତକ ପଢିବା ଅନୁଚିତ୍ ବୋଲି କହୁଥିବା ଗୁରୁମାନେ ମଧ୍ୟ ବାହାରିଲେଣି । ସେମାନଙ୍କ ବିଦ୍ୟା ଯଦି ମହାନ ତେବେ ତାହା ଅନ୍ୟମାନଙ୍କୁ କାହିଁକି ଜଣାଇବା ଉଚିତ୍ ନୁହେଁ ! କିଛି ବୁଝି ହେଉନାହିଁ ।

ଜ୍ଞାନ ସର୍ବଦା ସଂଶୟରହିତ । ସଂଶୟ ବା ସନ୍ଦେହ ଥିଲେ ତାହା ଜ୍ଞାନ ନୁହେଁ । ଆଜି ସନ୍ଦେହସ୍ପଦ, ଅଶାସ୍ତ୍ରୀୟ ଜ୍ଞାନକୁ ଲୋକମାନେ ଅନୁସରଣ କରୁଛନ୍ତି । ଏହା ସନ୍ଦେହ ରହିତ ଜ୍ଞାନ ନୁହେଁ କହିଲେ ମଧ୍ୟ ସେମାନେ ଶୁଣନ୍ତି ନାହିଁ । ଯାହା ଜ୍ଞାନ ନୁହେଁ ତାହା ଅନୁସରଣ କରି ଏହା ହିଁ ସ୍ୱଚ୍ଛଜ୍ଞାନ ବୋଲି ଭାବୁଛନ୍ତି । ଦୈବଜ୍ଞାନ କେତେକ ନିୟମରେ ପରିପୂର୍ଣ୍ଣ ବୋଲି ନଜାଣି ନିଜ ଇଚ୍ଛାରେ ଯାହା ଶିଖୁଛନ୍ତି ତାହାକୁ ହିଁ ଜ୍ଞାନ ଭାବୁଥିବା ଲୋକମାନେ ଅନେକ ଅଛନ୍ତି । ଗୁଣିଗାରିଡି ବିଦ୍ୟା ଭଳି ମାହାତ୍ମ୍ୟକୁ ମହାନ ଭାବୁଥିବା ଲୋକମାନେ ବ୍ରହ୍ମବିଦ୍ୟାକୁ ଟିକିଏ ଚିହ୍ନିପାରୁ ନାହାନ୍ତି । ଇହ ଫଳଦାୟୀ, ପ୍ରାପଞ୍ଚିକ ସୁଖ ପାଇଁ ନହୋଇ ପରମରେ ଥିବା ଦୈବସନ୍ନିଧି ପାଇଁ ଜ୍ଞାନ ଦରକାର ବୋଲି ଅସଲ ବିଷୟକୁ ଭୂଲିଯାଇ, ଭୌତିକ ସୁଖ କାମନା ପୂରଣ ନିମନ୍ତେ ନାନା କ୍ରିୟା ବାବଦରେ କହୁଥିବା ଗୁରୁମାନଙ୍କୁ ଆଶ୍ରୟ କରୁଛନ୍ତି ।

ଜ୍ଞାନ ନଜାଣି ସାଧନା କରିବା ଅନୁଚିତ୍ ବୋଲି ଶାସ୍ତ୍ର କହୁଥିବା ବେଳେ, ସଂପୂର୍ଣ୍ଣ ଜ୍ଞାନ ଜାଣିବା ଆଗରୁ କେଉଁଠାରୁ ଉପଦେଶ ପାଇ ସାଧନା ଆରମ୍ଭ କରୁଥିବା ଲୋକମାନେ ଆଜି ଅନେକ ଅଛନ୍ତି । ଆମେ କରୁଥିବା ସାଧନାରୁ ତୃପ୍ତି ମିଳୁଛି, ସାଧନାରେ ସୁଖ ମିଳୁଛି, ଏକ ନିଶା ଭଳି ବୋଧ ହେଉଛି ବୋଲି ସେମାନେ କହୁଛନ୍ତି । ଏପରି ସେମାନେ ସେମାନଙ୍କର ଅନୁଭବକୁ କେତେ କେଉଁ ପ୍ରକାରରେ କହିଲେ ମଧ୍ୟ, ଏହା ଦ୍ୱାରା ଆମକୁ କି ଫଳ ମିଳୁଛି ? କେଉଁ ଫଳ ଆଶାରେ ଆମେ ସାଧନା

କରୁଛୁ ବୋଲି ଜାଣି ନାହାନ୍ତି । ପ୍ରତ୍ୟେକ କାର୍ଯ୍ୟର କିଛି ଫଳ ଥାଏ ! ଆପଣ କରୁଥିବା ସାଧନାରେ କି ଫଳ ମିଳୁଛି ବୋଲି କିଛି ସାଧକମାନଙ୍କୁ ପଚାରିବାରୁ ସେଥିରୁ ଆତ୍ମଶାନ୍ତି ମିଳୁଛି, ଆଗ ଅପେକ୍ଷା ଆମେ ନିର୍ମଳ ହୋଇଯାଇଛୁ ବୋଲି କହୁଛନ୍ତି । ବାସ୍ତବ ଫଳକୁ ନଜାଣି ସାଧନା କରିବା ହିଁ ମୁଖ୍ୟ ଭାବୁଛନ୍ତି । ଯୋଗଶାସନ ବ୍ୟତୀତ ରହିଥିବା ପଦ୍ଧତିସବୁ ବାସ୍ତବରେ ଯୋଗ ନୁହେଁ, ଏକଥା ନଜାଣି ଅଶାସ୍ତ୍ରୀୟ ପଦ୍ଧତିରେ ସାଧନା କରୁଛନ୍ତି । ଏଭଳି ସାଧନାରୁ କର୍ମ ବିନାଶ ଶକ୍ତି ମିଳିନଥାଏ । କର୍ମ ବିନାଶ ହେଉନଥିବା ସାଧନା କେତେ ଗାଢଭାବରେ କଲେ ମଧ୍ୟ ନିଷ୍ପ୍ରୟୋଜନ ।

ଆଉ କେତେକ ଆତ୍ମା ବାବଦର ସାଧନା କରୁଛୁ କହି ମଧ୍ୟ କହିଥା'ନ୍ତି ଯେ, ଏଭଳି ସାଧନା କରିବା ଦ୍ୱାରା କେତେକ ଜନ୍ମ ପରେ ଆମକୁ ଦେବତା ଜନ୍ମ ମିଳିବ । ଯୋଗ ନାମକ ଶବ୍ଦ ବ୍ୟବହାର କରି ମଧ୍ୟ ସେମାନଙ୍କ ତୁଣ୍ଡରୁ ଆମେ ଦେବତା ଜନ୍ମ ପାଇବୁ ବାହାରିବା ଆଶ୍ଚର୍ଯ୍ୟ ଲାଗୁଛି । ଜୀବାତ୍ମା ଆତ୍ମା ସହିତ ମିଳିତ ହେବାକୁ ଯୋଗ କହନ୍ତି । ଯୋଗ ଦ୍ୱାରା ମୋକ୍ଷ ମିଳିଥାଏ, ପୁଣ୍ୟ ଦ୍ୱାରା ଉନ୍ନତ ଜନ୍ମ, ଦେବତା ଆରାଧନା ଦ୍ୱାରା ଦେବତା ଜନ୍ମ ମିଳିଥାଏ ବୋଲି ଯୋଗଶାସ୍ତ୍ର ଜଣାଇଥାଏ । ତେଣୁ ଯୋଗ ଦ୍ୱାରା ଦେବତା ଜନ୍ମ ମିଳିଥାଏ କହିବା ଅଶାସ୍ତ୍ରୀୟ ।

ଆମ ସାଧନାରେ ଶାସ୍ତ୍ରର ଆବଶ୍ୟକତା ନାହିଁ । ଆମଗୁରୁ ଆମ ଆଗରେ ରଖିଥିବା ଆହାର ଖାଇବା ଆମର ମୁଖ୍ୟ କାର୍ଯ୍ୟ ବୋଲି କେତେକ କହୁଛନ୍ତି । ଏମିତି ଖାଇଲେ ଦୁଃଖ ନାହିଁ, କିନ୍ତୁ ଖାଉଥିବା ଆହାର ଦ୍ୱାରା ଆମ ଶରୀରର ରୋଗ ଯାଉଛି, କି ନଥିବା ରୋଗ ଆସୁଛି ତାହା ବିଚାର କରିବା ମୁଖ୍ୟକଥା । ତେଣୁ କେଉଁ କଥା କଅଣ ତାହା ବିଚାର କରିବା ଶକ୍ତି ତୋ'ଠାରେ ଆସିବା ଦରକାର । ବିଚାର, ବିମର୍ଶ ଦ୍ୱାରା ସତ୍ୟାସତ୍ୟକୁ ଜାଣିବା ସ୍ଥିତି ଆସିଥାଏ । ସେତେବେଳେ ତୁ ତୋ'ର ସନ୍ଦେହକୁ ଦୂରକରି

ଜ୍ଞାନୀ ହୋଇ ପାରିବୁ, ଯୋଗସାଧନା କରିପାରିବୁ । ତା'ନକରି ପ୍ରପଞ୍ଚରେ ଗୁରୁ ହୋଇ ନଥିବା ଗୁରୁମାନଙ୍କୁ ଆଶ୍ରୟ କଲେ ତୋ'ଜୀବନ ବୃଥାହେବ । ସେମାନେ କହୁଥିବା ମାର୍ଗ ବାବଦରେ ବିଚାର କରି ତା'ର ଶାସ୍ତ୍ରବଦ୍ଧତା ଥିଲେ ତା'କୁ ଗ୍ରହଣ କର୍, ସେତେବେଳେ ତୋ'ଜୀବନ ସାଫଲ୍ୟମଣ୍ଡିତ ହେବ ।

ଏକ ହଜାର ବୋଧକମାନଙ୍କ ଭିତରେ ଜଣେ ଗୁରୁ ଥାଇପାରେ, ନଥାଇପାରେ । ଗୁରୁ ଅନେକ ହଜାର ବର୍ଷ ପରେ ଭୂପୃଷ୍ଠକୁ ଆସି ପାରନ୍ତି, ନପାରନ୍ତି, ତେଣୁ  ଗୁରୁଙ୍କ ବାବଦରେ ନିର୍ଣ୍ଣୟ ନେବାବେଳେ ସତର୍କତା ଅବଲମ୍ବନ କରିବା ଉଚିତ, ନଚେତ୍ ତୋ'ର ଜୀବନ ବୃଥା ହିଁ ହେବ । ପ୍ରତି ବିଦ୍ୟା ଷଡଶାସ୍ତ୍ର ସମ୍ବନ୍ଧୀୟ । ପ୍ରତି ବିଦ୍ୟା ଶାସ୍ତ୍ର ସମ୍ବନ୍ଧୀୟ ହୋଇଥିବା ବେଳେ ବ୍ରହ୍ମବିଦ୍ୟାର କ'ଣ ଶାସ୍ତ୍ରବଦ୍ଧତା ନାହିଁ ? ଶାସ୍ତ୍ରୀୟ ପଦ୍ଧତିରେ ଯୋଗ ସାଧନା କଲେ ମଣିଷ କର୍ମ ବିନାଶ କରି ମୁକ୍ତି ପାଇ ପାରିବ । ଯୋଗଶାସ୍ତ୍ର ବିଶାରଦ ଭଗବାନ ଶ୍ରୀକୃଷ୍ଣ କହିଥିବା ଯୋଗଶାସ୍ତ୍ର ଭଗବଦ୍ଗୀତାକୁ ଦେଖନ୍ତୁ, ସେଥିରେ ଥିବା ଶାସନାବଳୀକୁ ନିଜ ଭିତରକୁ ଆଣି ଆଚରଣ କରନ୍ତୁ, ନିଶ୍ଚୟ ଯୋଗୀଠାରୁ ବ୍ରହ୍ମର୍ଷି ସ୍ଥିତିକୁ ଯାଇପାରିବେ । ଶାସ୍ତ୍ର ଜାଣିଥିବା ପାତ୍ର ଶାସ୍ତ୍ରୀ, ଯୋଗ ଜାଣିଥିବା ପାତ୍ର ଯୋଗୀ । ତେଣୁ ଯୋଗଶାସ୍ତ୍ର ଜାଣି ଦିନେ ଶାସ୍ତ୍ରୀ ହୋଇ, ତା'ଦ୍ୱାରା ଯୋଗ ଆଚରଣ କରି ଯୋଗୀ ହୋଇ, କର୍ମ ନିର୍ମୂଳନ କରି, ସିଦ୍ଧ ହେବା ପାଇଁ ଆପଣମାନଙ୍କୁ ଏକଥା ଜଣାଉଛୁ । ଶାସ୍ତ୍ରୀ ହୋଇନଥିବା ଯୋଗୀ, ଯୋଗୀ ହୋଇନଥିବା ଶାସ୍ତ୍ରୀ ପରମାତ୍ମାଙ୍କୁ ପାଇ ପାରେ ନାହିଁ ।

*****

# ବକ୍ରମାର୍ଗ

ଭୂପୃଷ୍ଠରେ ଗୋଟିଏ ଦେଶ ଛୋଟ ହେଲେ ଆଉ ଗୋଟିଏ ଦେଶ ବଡ ଥାଏ । ଏଭଳି ଅନେକ ଛୋଟ ବଡ ଦେଶ ଭୂପୃଷ୍ଠରେ ରହିଛି । ଛୋଟ ହେଉ ବା ବଡ କୌଣସି ଦେଶରେ ମଧ୍ୟ କେହି ଜଣେ ଅଧ୍ୟକ୍ଷ ରହିଥା'ନ୍ତି । ତାଙ୍କ ଆଜ୍ଞାକୁ ସାରା ଦେଶର ଲୋକେ ମାନିଥା'ନ୍ତି । ଶାସନ ନିୟମ ଅନୁସାରେ ତାଙ୍କୁ ସମସ୍ତେ ସମ୍ମାନ ଦେଇଥା'ନ୍ତି । ମାତ୍ର ଚାରିପାଞ୍ଚ ବର୍ଷ ରହୁଥିବା ଏକ ଦେଶାଧ୍ୟକ୍ଷକୁ କେତେ ସମ୍ମାନ ଦେଉଥିବା ପ୍ରଜାମାନେ, ଭୂପୃଷ୍ଠରେ ଥିବା ସବୁ ଦେଶର, ସାରା ବିଶ୍ୱରେ ଥିବା ପ୍ରତ୍ୟେକ ଗୋଳର ଆଦିକର୍ତ୍ତା ଶାଶ୍ୱତଦୈବଙ୍କୁ କେହି ସମ୍ମାନ ଦିଅନ୍ତି ନାହିଁ । ସାରାବିଶ୍ୱର ଅଧିପତି କେହି ଜଣେ ଅଛି, ସେ ହିଁ ପରମାତ୍ମା ବା ଈଶ୍ୱର ବୋଲି ଜାଣିଥିବା ଲୋକମାନେ ଭୂପୃଷ୍ଠରେ କ୍ୱଚିତ୍ କୋଟିଏରେ ଗୋଟିଏ ଥାଇ ପାରନ୍ତି । ଏକଥା କେତେକଙ୍କୁ ଆଶ୍ଚର୍ଯ୍ୟ ଲାଗୁଥିବ । ଅନେକ ମନ୍ଦିର ଅଛି, ଅନେକ ଭକ୍ତ ଅଛନ୍ତି, ନାନାବିଧ ଆରାଧନା ଅଛି, ଅନେକ ଟଙ୍କା ଖର୍ଚ୍ଚ କରି ନାନା ପୂଜା କରୁଛେ ସେତେବେଳେ ଆପଣ କହୁଛନ୍ତି ଯେ, କୋଟିଏରେ ଗୋଟିଏ କ୍ୱଚିତ୍ ଥାଇ ପାରନ୍ତି ! ଏହା କେତେଦୂର ସନ୍ଦେହହୀନ ?

ସତ କଥା କହିବାକୁ ଗଲେ, ଆଜି ମାନବର ଭକ୍ତି ଅଛି ସିନା ସେ ଭକ୍ତି ପ୍ରକୃତ ଦୈବଙ୍କ ଉପରେ ନାହିଁ । ମଣିଷ ହଜାର ହଜାର ଦେବତାଙ୍କୁ ସୃଷ୍ଟିକରି ସେମାନଙ୍କର ଆରାଧନା କରୁଛି । ମାନବର ଭକ୍ତି ଦେବାଧିଦୈବ ପରମାତ୍ମାଙ୍କ ଉପରେ ନଥାଇ ନାନା ଦେବତାଙ୍କ ଉପରେ ରହିବା ସଠିକ ମାର୍ଗ ନହୋଇ ଅନେକ ଦିନରୁ ବକ୍ରମାର୍ଗ ହୋଇଯାଇଛି । ନିର୍ଗୁଣ ପରମାତ୍ମାଙ୍କର ମଧ୍ୟ ଗୁଣ ଅଛି ବୋଲି କଳ୍ପନା କରି, ମୋର ଅମୁକ କାର୍ଯ୍ୟ ହୋଇଯାଉ, ତୋତେ ଅମୁକ ଜିନିଷ ଦେବି କହି ଆମ ଭକ୍ତିକୁ ଆମେ ବକ୍ରମାର୍ଗରେ ନେଇଯାଇଛେ । ସିଦ୍ଧାନ୍ତ ଅନୁସାରେ ପରମାତ୍ମା କୌଣସି କାର୍ଯ୍ୟ କରନ୍ତି ନାହିଁ, କେବଳ ସାକ୍ଷୀଭୂତ ହୋଇ ରହିଥା'ନ୍ତି, ଏକଥା ସେ

ଶାସ୍ତ୍ରବଦ୍ଧ ଭାବରେ ସ୍ୱୟଂ ପ୍ରକଟିତ କରିଛନ୍ତି । ପରମାତ୍ମା କହିଲେ କିଏ ବୋଲି ଯେଉଁମାନେ ଜାଣି ନାହାନ୍ତି ସେମାନେ ଦେବତାମାନଙ୍କୁ କଳ୍ପନା କରି ବାସ୍ତବ ଦୈବଙ୍କ ବାବଦରେ ଚିନ୍ତା କରନ୍ତି ନାହିଁ । ଦେବତାମାନଙ୍କ ଭ୍ରମରେ ପଡିଥିବା ଲୋକମାନେ ଅଗମ୍ୟ ଅଗୋଚରଭାବେ ପରମାତ୍ମା କେହି ଅଛନ୍ତି ବୋଲି ଜାଣି ପାରନ୍ତି ନାହିଁ । କଣ୍ଠମାଧୁର୍ଯ୍ୟରେ ବାହାରକୁ ଦେଖା ଯାଉଥିବା ଭଜନ, ଛାନ୍ଦ, ଦେଖିବାକୁ ସୁନ୍ଦର ହୋଇଥିବା ମନ୍ଦିର, ମୂର୍ତ୍ତି, ଉତ୍ସବାଦି ଆଜି ଅନେକ ରହିଛି । ଦୈବ ନାମରେ ଏସବୁ ଆଜି ଦଳବଳ ହୋଇ କୋଳାହଳ ନିମିତ୍ତ ରହିଛି, ଏଇସବୁ ହିଁ ବକ୍ରମାର୍ଗ । ପୂର୍ବେ ଦୈବଙ୍କୁ ଜଣାଉଥିବା ଚିହ୍ନଭାବେ ଗଢିଉଠିଥିବା ଦେବାଳୟ ଆଜି ଦର୍ଶନ ପାଇଁ ଟିକେଟ୍ କରି, ନାନା ପୂଜାର ନାନା ଦର କରି ଟଙ୍କା ଆଦାୟ କରିବାରେ ପ୍ରତିଯୋଗୀତା ହେଉଛି, କ'ଣ ଏହା ବକ୍ରମାର୍ଗ ନୁହେଁ! ପରମାର୍ଥ ଚିନ୍ତନଯୁକ୍ତ ହୋଇ ପରମ ଅର୍ଥକୁ ବୁଝାଇବା ଆମର କର୍ତ୍ତବ୍ୟ କହି ବୋଧ କରାଉଥିବା ବ୍ରହ୍ମବିଦ୍ୟା ଗୁରୁମାନେ ଆଜି ଛୋଟ ଛୋଟ ବିଦ୍ୟାସଂସ୍ଥାରୁ ଆରମ୍ଭ କରି ବିଶ୍ୱବିଦ୍ୟାଳୟରେ ଧନାର୍ଜନ ପାଇଁ ଅଛନ୍ତି, କ'ଣ ଏହା ବକ୍ରମାର୍ଗ ନୁହେଁ! ସାରା ପ୍ରପଞ୍ଚର ଦୈବ ବା ଈଶ୍ୱର ଜଣେ ବୋଲି ନଜାଣି ସବୁ ମତରେ (ଧର୍ମରେ) ଏକ ଏକ ଆରାଧ୍ୟଙ୍କୁ ନେବା କ'ଣ ବକ୍ରମାର୍ଗ ନୁହେଁ! ନିଜ କୁଟୁମ୍ବର ଲୋକକୁ ଉଦ୍ଦେଶ୍ୟ କରି ତାକୁ ତୁ ମାରିଦେ, ମୋତେ ତା'ର ଯେଉଁ ଧନ ମିଳିବ ସେଥିରେ ତୋ'ପାଇଁ ଅମୁକ ଜିନିଷ ତିଆରି କରିଦେବି କହି, କାମନା କରି ଭକ୍ତି କରୁଥିବା ଲୋକମାନଙ୍କର ଭକ୍ତିକୁ ଦେଖିଲେ ଆମ ଭକ୍ତି କ'ଣ ବକ୍ରମାର୍ଗରେ ଯାଇଛି ବୋଲି ଲାଗୁ ନାହିଁ, ଏଇସବୁ ତ ବକ୍ରମାର୍ଗ !

ମାନବ ଏମିତି ବଦଳିଯିବାର କାରଣ କ'ଣ ବୋଲି ବିଚାର କଲେ, ବାସ୍ତବ କଥାକୁ ଅର୍ଥାତ୍ ଦୈବମାର୍ଗକୁ ଦେଖାଉଥିବା ଗୁରୁମାନେ କି ସ୍ୱାମିଜୀମାନେ ଆଜି ନାହାନ୍ତି । ବାସ୍ତବ ଦୈବ, ଈଶ୍ୱର ବା ପରମାତ୍ମା

ଜଣେ ଅଛନ୍ତି ବୋଲି କେହି କହିବା ବେଳେ ତାହା ଶୁଣିବା ଲୋକ କେହି ନାହାନ୍ତି । ଏହି ଦୁଇଟି କାରଣ ଲାଗି ଆଜି ଦୈବମାର୍ଗ ବକ୍ରମାର୍ଗ ହୋଇଯାଇଛି । ଆଜି ଭକ୍ତି ଜାତ କରାଉଥିବା ଗୁରୁମାନେ, ଜ୍ଞାନୀମାନେ ଅଛନ୍ତି ପରା ! ଆପଣ କିପରି କହୁଛନ୍ତି ଯେ, ନାହାନ୍ତି ? ଏ ବାବଦରେ ଆମ ସମାଧାନ ହେଉଛି ! ଦୈବତ୍ୱକୁ ଜାଣିଥିବା ଜ୍ଞାନୀ ଯଦି କେହି ଥାଆନ୍ତି ତେବେ ଆଜିର ସମାଜ ପରିସ୍ଥିତିକୁ ଦେଖି, ଅସଲ ସତ୍ୟକୁ କହିଲେ ଆମ କଥାକୁ କେହି ଶୁଣିବେ ନାହିଁ, କହିଲେ ଆମ ଉପରେ ବିପଦ ବୋଲି ଡରି କିଛି ନକହି ଚୂପ୍ ରହନ୍ତି । କେତେକ ବଡମାନେ ଦୈବସାରାଂଶକୁ ଜାଣିନଥିଲେ ମଧ୍ୟ, ଯାହା ଜାଣିଛନ୍ତି ତାହା କହୁଛନ୍ତି, ଲୋକମାନଙ୍କୁ ତାହା ଭଲ ଲାଗୁଛି । ତେଣୁ ଲୋକମାନଙ୍କୁ ଯାହା ଭଲଲାଗୁଛି ତାହା ଜ୍ଞାନହେଉ କି ଅଜ୍ଞାନହେଉ, ତାହା ହିଁ ଜଣାଇଥା'ନ୍ତି, ଜଣାଇବା ପାଇଁ, ପ୍ରଚାର କରାଇବା ପାଇଁ ଆହୁରି କେତେକଙ୍କୁ ସେହି ମାର୍ଗରେ ପ୍ରବେଶ କରାଇଥା'ନ୍ତି । ଏହାର ଏକ ଉଦାହରଣ କହୁଛୁ ତଳେ ଦେଖନ୍ତୁ ।

ପୂର୍ବର ବଡମାନେ ପରମାତ୍ମା ମାର୍ଗରେ ସୃଷ୍ଟି କରିଥିବା ପଦ୍ଧତିକୁ ସଂପୂର୍ଣ୍ଣ ଛାଡିଦେଇ, କେତେକ ନିଜ ଇଚ୍ଛାରେ କୌଣସି ଆରାଧ୍ୟର କଳ୍ପନା କରି, ନିଜେ ଆରାଧନା କରୁଥାଇ, ଅନ୍ୟମାନଙ୍କୁ ସେ ବାବଦରେ କହି ଅନେକଙ୍କୁ ବକ୍ର ମାର୍ଗରେ ପଠାଇଥା'ନ୍ତି । ସେମାନେ କହନ୍ତି ଯେ, ଆମ କାମନାକୁ ପୁରଣ କରିବା ପାଇଁ ଅମୁକ ଦେବତା ଅଛନ୍ତି, ଆମେ ଲାଭ ପାଇବା ପାଇଁ ଏକ କ୍ରମପଦ୍ଧତି ରହିଛି, ଅମୁକ ଦେବତାକୁ ପୂଜାକଲେ ଅମୁକ ଲାଭ ମିଳିବ, ନକଲେ କ୍ଷତିହେବ ବୋଲି ଲାଭକ୍ଷତିର ଲିଷ୍ଟ୍ ଲେଖି କେତେଶହ କାଗଜରେ ତାହା ଛପାଇ ବାଣ୍ଟିଥା'ନ୍ତି । ଖାଲି ସେତିକିରେ ଚୂପ୍ ନରହି ଯେଉଁମାନେ ସେ କାଗଜକୁ ପାଇବେ ସେମାନେ ମଧ୍ୟ ଶହଶହ କାଗଜ ଛପାଇ ବାଣ୍ଟିଲେ ଅମୁକ ଲାଭ ମିଳିବ, ଅମୁକ ସୁଖ ମିଳିବ,

ନକଲେ ଘୋର କ୍ଷତି ହେବ ବୋଲି ଭୟ ଦେଖାଇ ଲେଖିବା ଦ୍ୱାରା ପଢୁଥିବା ଲୋକଟି ମଧ୍ୟ ଲାଭ ଆଶାରେ ହେଉ କି ଭୟରେ ହେଉ ସେହିଭଳି କାଗଜଗୁଡିଏ ଛପାଇ ବାଣ୍ଟୁଛି ।

କିଛି ଜଣାନଥିବା ଲୋକମାନଙ୍କ ଭିତରେ କିଛି ଜାଣିଥିବା ଲୋକମାନେ ଯଦି ଏଭଳି ଏକ ରୋଗ ପ୍ରବେଶ କରାଇବା ଭଳି କରୁଛନ୍ତି, ସେ ରୋଗ ହଇଜା ଜୀବାଣୁ ଭଳି ବ୍ୟାପିଯାଉଛି । ଏହିଭଳି ଦୈବମାର୍ଗର ବ୍ୟତିରେକ ଭାବରେ ସମାଜରେ ଅନେକ ବିଷୟ ରୋଗ ଜୀବାଣୁ ଭଳି ମାନବକୁ କାବୁ କରିଛି । ଆଜି କେହି ଏହା ଉଚିତ ମାର୍ଗ ନୁହେଁ ବକ୍ରମାର୍ଗ ବୋଲି କହେ, ତା'କଥା କେହି ଶୁଣିବାକୁ ନାରାଜ । ଈଶ୍ୱର ଅଣୁଅଣୁ ହୋଇ ସର୍ବତ୍ର ବ୍ୟାପିରହିଛନ୍ତି, ସେ ଆମଠାରେ ମଧ୍ୟ ବ୍ୟାପିରହିଛନ୍ତି । ସେ ହିଁ କର୍ମ ନାମକ ମୂଳସୂତ୍ର ଅନୁସାରେ ସାରା ଦୁନିଆକୁ ପାଳନ କରୁଛନ୍ତି । ଆମେ କରୁଥିବା ପାପ ପୁଣ୍ୟ ହିଁ କର୍ମ । ସେହି କର୍ମ ପ୍ରତ୍ୟେକ ଜୀବକୁ କ୍ରମାନ୍ୱୟରେ ନିଶ୍ଚୟ ପରିଚାଳିତ କରିଥାଏ । କର୍ମ ଦ୍ୱାରା ହିଁ ଜୀବନରେ ସୁଖଦୁଃଖ ଆସିଥାଏ, ଲାଭ ନଷ୍ଟ ଆସିଥାଏ । ସୁଖଦୁଃଖ, ଲାଭନଷ୍ଟାଦି କର୍ମାନୁସାରେ ଆସିଥାଏ, ଏହା ଶାସ୍ତ୍ର ପ୍ରମାଣିତ କରୁଥିବା ବେଳେ ଅଜ୍ଞାନୀ ମାନବ ଏ କାର୍ଯ୍ୟକଲେ ଲାଭମିଳିବ, ସେ କାର୍ଯ୍ୟ ନକଲେ କ୍ଷତିହେବ ନାମକ ଆଶା କିମ୍ୱା ଭୟ କଳ୍ପନା କରିଥା'ନ୍ତି । ଆମ କର୍ମ ତାଲିକାରେ ଦୁଃଖକଷ୍ଟ ଭୋଗିବାକୁ ଥିଲେ ନିଶ୍ଚୟ ଭୋଗିବାକୁ ହେବ, ଲାଭକ୍ଷତି ଆସିବାକୁ କର୍ମରେ ଥିଲେ ଆସିବ ସିନା, ଭୂପୃଷ୍ଠର କୌଣସି ଦେବତା କିଛି କରି ପାରିବେ ନାହିଁ ବୋଲି ଅନେକ ଲୋକଙ୍କୁ ଜଣା ନାହିଁ । ଆମେ ଏତେକରି କହିଲେ ମଧ୍ୟ, ଯାହା ଯୋଗଶାସ୍ତ୍ର କହୁଛି, ଆଉ ଯାହା ପୂର୍ବର ମହର୍ଷିମାନେ କହିଛନ୍ତି ତାହା ବାସ୍ତବ ହେଲେ ମଧ୍ୟ କେତେକ ବାସ୍ତବ ରାସ୍ତାକୁ ଚିହ୍ନି ନପାରି ବକ୍ରମାର୍ଗକୁ ଅନୁସରଣ କରି ଆମକଥାକୁ ଖାତର କରନ୍ତି ନାହିଁ ।

ଯିଏ ଯାହା କହିଲେ ମଧ୍ୟ କର୍ମ ବ୍ୟତୀତ କୌଣସି ଦେବତା ଆମର ଲାଭ କି କ୍ଷତି କରି ପାରିବେ ନାହିଁ । ଅମୁକ ସମୟରେ ମୃତ୍ୟୁବରଣ କରିବ ବୋଲି ଯାହାର କର୍ମରେ ଲେଖାଯାଇଛି ସେ ହଜାରେ ଦେବତାଙ୍କୁ ମୁଣ୍ଡିଆ ମାରିଲେ ମଧ୍ୟ ବଞ୍ଚିବ ନାହିଁ । ଯାହାର କର୍ମରେ ମରଣ ନାହିଁ ସେ ମୁଣ୍ଡିଆ ମାରୁ କି ନମାରୁ ବଞ୍ଚିରହିବ । ଆଜି କେତେ ପବିତ୍ର ମନ୍ଦିରକୁ ଯାଉଥିବା ଲୋକମାନେ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି, ସେମାନଙ୍କୁ ସେଠିକାର ଦେବତା କାହିଁକି ବଞ୍ଚାଇ ପାରିଲା ନାହିଁ ? ମାନସିକ ରଖିଥିବା ଲୋକ ତା'ର ମାନସିକ ପୁରଣ କରି ମୁଁ ଆରବର୍ଷ ଆହୁରି ଥରେ ତୋ' ପାଖକୁ ଆସିବି କହି ଘରକୁ ଫେରିଆସିବା ଆଗରୁ ଦୁର୍ଘଟଣାରେ ପ୍ରାଣ ହରାଉଛି । ସେତେବେଳେ ସେ ଦେବତା ତା'କୁ କାହିଁକି ରଖି ପାରିଲା ନାହିଁ ? ତାହା ତା'ର କର୍ମାନୁସାରେ ଘଟିବାରେ ଥିଲା ତେଣୁ ଘଟିଲା । କର୍ମରହିତ ହେଉନଥିବା ମାର୍ଗରେ ପରମାତ୍ମାଙ୍କୁ ଆରାଧନା କଲେ କୌଣସି ଫଳ ମିଳେ ନାହିଁ । ଦୈବଜ୍ଞାନ ଜାଣିଥିବା ପ୍ରବକ୍ତାମାନେ କହିଥିବା ପଦ୍ଧତି ଅନୁସାରେ କିମ୍ବା ଭଗବଦ୍ଗୀତା ଅନୁସାରେ କୁହାଯାଇଥିବା ନିୟମ ଅନୁସାରେ ଆରାଧନା କଲେ ତାହା ସଠିକ ମାର୍ଗ ହୋଇଥାଏ ସିନା, ଅନ୍ୟ ସବୁ ଆରାଧନା ବକ୍ରମାର୍ଗର ହୋଇଥାଏ । ପ୍ରଥମେ ଦୈବମାର୍ଗରେ ସକ୍ରମମାର୍ଗ କ'ଣ ଆଉ ବକ୍ରମାର୍ଗ କ'ଣ ବିଚାର କରନ୍ତୁ । ମାନବ କରୁଥିବା କଳ୍ପନାରେ ପରମାତ୍ମା ବଶୀଭୂତ ହୁଅନ୍ତି ନାହିଁ ବୋଲି ଜାଣନ୍ତୁ । ଆଶା କରି ପୂଜା କରିବା ପରେ ଯାହାର ଲାଭ ହେଲା ସେ ପରମାତ୍ମାଙ୍କୁ ବିଶ୍ୱାସ କରୁଛି, ଯାହାର କ୍ଷତି ହେଲା ସେ ପରମାତ୍ମାଙ୍କୁ ନିନ୍ଦା କରୁଛି । ସେସବୁ ନାନା ପ୍ରକାରର ପଦ୍ଧତିକୁ ଛାଡି ସବୁକିଛିର କାରଣ ହୋଇଥିବା କର୍ମ ବାବଦରେ ଜାଣି, ସେହି କର୍ମକୁ ବିନାଶ କରି ପ୍ରକୃତ ଦୈବ ସନ୍ନିଧିରେ ପହଞ୍ଚିବାକୁ ଚେଷ୍ଟା କରନ୍ତୁ ।

*****

# ଯୋଗଶକ୍ତି

ମଣିଷ ଚର୍ମାଶନ ବ୍ୟବହାର କରି, ଯୋଗଦଣ୍ଡର ସାହାଯ୍ୟ ନେଇ ଯୋଗରେ ସ୍ଥିର ରହିବା ବେଳେ ଶରୀରରେ ଯୋଗଶକ୍ତି ପ୍ରବେଶ କରେ ବୋଲି ଆମେ ଜାଣିଛେ । ଏଠାରେ ଏହି ଯୋଗଶକ୍ତି କଅଣ ? ତାହା କିପରି ଶକ୍ତି ? ତା'ର ପ୍ରୟୋଜନ କଅଣ ? ଏହିଭଳି ପ୍ରଶ୍ନଗୁଡିଏ ଆସେ । ଏହି ପ୍ରଶ୍ନଗୁଡିକର ସମାଧାନ ହେଲା !

ଯୋଗଶକ୍ତିର ଅନେକ ନାମ ଅଛି, ଜ୍ଞାନଶକ୍ତି, ପରମାତ୍ମାଶକ୍ତି, ଯୋଗଶକ୍ତି, ଆତ୍ମାଶକ୍ତି, ଜ୍ଞାନାଗ୍ନି,ଐଶ୍ୱରୀୟ ଶକ୍ତି ଇତ୍ୟାଦି ନାନା ନାମରେ କହିଥା'ନ୍ତି । ନାଆଁ ଯେତେ ହେଲେ ମଧ୍ୟ ଶକ୍ତି ସେହି ଗୋଟିଏ ଶକ୍ତି । ଏ ଶକ୍ତିର ଆକାର ନଥାଏ, ରଙ୍ଗ, ରୂପ ନଥାଏ କି ଗନ୍ଧ ନଥାଏ । ସ୍ଥୁଳଚକ୍ଷୁରେ ଏହି ଶକ୍ତି ଦେଖାଯାଇ ନଥାଏ । କେବଳ ଜ୍ଞାନଚକ୍ଷୁକୁ ଦେଖାଯାଇଥାଏ, ତେଣୁ ସେ ବିଷୟରେ କହିହେବ । ମାନବପାଇଁ ଯୋଗଶକ୍ତିର ପ୍ରୟୋଜନ ତୁଣ୍ଡରେ କହିହୁଏ ନାହିଁ । ଜ୍ଞାନଶକ୍ତି (ଯୋଗଶକ୍ତି) ନଥିବା ମାନବର ଜୀବନ ନିରର୍ଥକ । ପବିତ୍ର ମାନବଜନ୍ମ ଲାଭକରି ଆତ୍ମବିଷୟର ମୁଖ୍ୟ ଜ୍ଞାନଶକ୍ତି କଅଣ ନଜାଣିଲେ ମାନବର ଏ ଜନ୍ମ ବୃଥା । ତେଣୁ ଏବେ ଯୋଗଶକ୍ତି ବାବଦରେ କିଛି ଜାଣିବା ।

ଯୋଗଶକ୍ତିର ରୂପ ନାହିଁ, କିନ୍ତୁ ଆପଣମାନଙ୍କୁ ବୁଝାଯିବା ପାଇଁ ଏକ ରୂପ କଳ୍ପନା କରି କହୁଛୁ । ଯୋଗଶକ୍ତି ଏକ ପ୍ରକାର ନୂଆ ରୂପରେ ଅଛି ବୋଲି ଭାବନ୍ତୁ । ତାହା ଭୂପୃଷ୍ଠରୁ ଆକାଶ ପର୍ଯ୍ୟନ୍ତ ବ୍ୟାପିରହିଛି । ମାନବର ଶରୀରରେ ମଧ୍ୟ ରହିଛି, ବାହାରେ ମଧ୍ୟ ରହିଛି । ସମୁଦ୍ରର ଜୀବରାଶି ଯେଉଁଠାରେ ଥିଲେ ମଧ୍ୟ ଜଳରେ ଥିବା ଭଳି, ସକଳ ଜୀବରାଶି ଯୋଗ (ଆତ୍ମା)ଶକ୍ତିରେ ରହିଥା'ନ୍ତି । ଆପଣ ଆଉ ମୋ' ଭିତରେ ଥିବା ଖାଲିସ୍ଥାନରେ ମଧ୍ୟ ଆଖିକୁ ଦେଖାଯାଉ ନଥିବା ଯୋଗଶକ୍ତି ରହିଛି । ସେହି ଶକ୍ତିରେ ନଥିବା ଜୀବରାଶି କେହି ନଥା'ନ୍ତି । ସାରା ବିଶ୍ୱର ଅଣୁ ଅଣୁରେ

ଏହି ଶକ୍ତି ବ୍ୟାପିରହିଛି, ତାହାକୁ ପରମାତ୍ମାଶକ୍ତି କୁହାଯାଇଥାଏ । ତାହା ହିଁ ପରମାତ୍ମା । ଏହିଶକ୍ତି ଦ୍ୱାରା ସ୍ଥୁଳଦେହର ସୂର୍ଯ୍ୟ, ଚନ୍ଦ୍ର, ନକ୍ଷତ୍ର, ନବଗ୍ରହାଦି ଶୁନ୍ୟରେ ଭାସୁଛନ୍ତି । ଏହି ଯୋଗଶକ୍ତିକୁ (ଜ୍ଞାନ ବା ଆତ୍ମାଶକ୍ତିକୁ) ସଂପୂର୍ଣ୍ଣ ଜାଣିଗଲେ ଜୀବର ଆଉ ଜନ୍ମ ନଥାଏ ।

ଯୋଗଶକ୍ତି କେବଳ ଯୋଗୀଠାରେ ଥାଇ କ'ଣ ସାଧାରଣ ମାନବଠାରେ କିଛି ନଥାଏ ? ବୋଲି ଯଦି ପ୍ରଶ୍ନ ଆସେ ତେବେ ତା'ର ସମାଧାନ ହେଉଛି ! ଶକ୍ତି ମାନବ ଛଡା ସମସ୍ତ ଜୀବରାଶିଙ୍କଠାରେ ମଧ୍ୟ ଥାଏ, କିନ୍ତୁ ଯିଏ ଯୋଗୀ ତା'ଠାରେ ବାହାରେ ଥିବା ଯୋଗଶକ୍ତି ପ୍ରବେଶ କରିଥାଏ । ସେଥିଲାଗି ଭଗବାନ ଗୀତାରେ କହିଛନ୍ତି ଯେ, ମୋର ଚାରି ପ୍ରକାରର ଭକ୍ତଙ୍କ ଭିତରୁ ଜ୍ଞାନୀ ହିଁ ଶ୍ରେଷ୍ଠ । ଏହି ଜ୍ଞାନଶକ୍ତି ଶରୀରରେ ପ୍ରବେଶ କରି ଶରୀରର ସାତଗୋଟି ସ୍ଥାନରେ ଗଚ୍ଛିତ ହୋଇଥାଏ । ଏହିଭଳି ପ୍ରବେଶ କରୁଥିବା ଜ୍ଞାନ ବା ଯୋଗଶକ୍ତି ଏକ ନିର୍ଦ୍ଦିଷ୍ଟ ବା ସଂପୂର୍ଣ୍ଣ ସ୍ଥିତିକୁ ଆସିଗଲେ ଯୋଗୀର ମୋକ୍ଷ ହୋଇଥାଏ । ଯୋଗ ଆଚରଣ କରୁଥିବା ଯୋଗୀମାନେ ସମସ୍ତେ ସମାନ ନୁହନ୍ତି । ଏହା ଜଣକଠାରୁ ଜଣକର ଭିନ୍ନ ଭିନ୍ନ ପରିମାଣରେ ଥାଏ । ଏହି ଶକ୍ତିର ଭିନ୍ନତା ନେଇ ଯୋଗୀମାନଙ୍କୁ ମଧ୍ୟ ବଡ ସାନରେ ବିଭକ୍ତ କରିପାରିବା । ଯୋଗଶକ୍ତିକୁ ଧୂଆଁଭଳି ତୁଳନା କରିବା ବେଳେ ତାହା ଶରୀରରେ ଥିବା ସୂକ୍ଷ୍ମ ରନ୍ଧ୍ର ଦ୍ୱାରା ପ୍ରବେଶ କରିଥାଏ । ଯୋଗଶକ୍ତି ମାନବ ଶରୀରକୁ ପ୍ରବେଶ କଲାବେଳେ ବାହାରେ ଥିବା ଯୋଗଶକ୍ତିର ପରିମାଣ କଣ କମିଯାଏ ? ବୋଲି ସନ୍ଦେହ କଲେ, ଆମେ ଧୂଆଁ ଭଳି କଳ୍ପନା କରିଥିବା ଯୋଗଶକ୍ତି ବା ଧୂଆଁ ଗୋଟିଏ ଘରେ ଅଛି ବୋଲି ଭାବିବା, ସେହି ଧୂଆଁ ଝରକା, କବାଟ, ଦେଇ କିଛି ବାହାରକୁ ଚାଲିଯିବା ବେଳେ, ଘରେ କିଛି ଖାଲିସ୍ଥାନ ପଡେ ନାହିଁ, କିନ୍ତୁ ଧୂଆଁର ସାନ୍ଦ୍ରତା କମିଯାଏ । ସେହିଭଳି ପରମାତ୍ମାଶକ୍ତି ହେଉଛି ଅପାର ଶକ୍ତି । ସେଥିରୁ ଅଣୁମାତ୍ରଶକ୍ତି ଯୋଗୀଠାରେ ପ୍ରବେଶକଲେ ତାହା ଖାଲି

ହୋଇଯାଏ ନାହିଁ । ତା'ର ସାନ୍ଦ୍ରତାରେ ମଧ୍ୟ କୌଣସି ଭିନ୍ନତା ଦେଖାଦିଏ ନାହିଁ, କାରଣ ତାହା ଧୂଆଁଭଳି ମଧ୍ୟ ନୁହେଁ । ଯୋଗୀ ସଂପୂର୍ଣ୍ଣ ସ୍ଥିତିରେ ପହଞ୍ଚି ମୋକ୍ଷ ପାଇବା ପରେ ତା ଠାରେ ଥିବା ଯୋଗଶକ୍ତି ପୁନର୍ବାର ଶୂନ୍ୟରେ ମିଶିଯାଇଥାଏ । ତେଣୁ ସେ ଶକ୍ତିର କୌଣସି ସମୟରେ ଊଣାଅଧିକ ନଥାଏ । ଏହି କଥା ଅନୁସାରେ ଜୀବରୂପ ଦୈବରୂପ ହୋଯାଇଥାଏ ବୋଲି ଏକ ଆଧାର ମିଳିଥାଏ । ଶକ୍ତି ହିଁ ଦୈବ, ଦୈବ ହିଁ ଶକ୍ତି । ରଙ୍ଗ, ରୂପ, ରୁଚି, ଗନ୍ଧ ଥିବା କର୍ପୁର ଶୁନ୍ୟରେ ମିଶିଯିବା ପାଇଁ ଯେମିତି ଅଗ୍ନି ଦରକାର ସେହିଭଳି ରଙ୍ଗ, ରୂପ, ଗୁଣ ଥିବା ଜୀବ ପରମାତ୍ମାଙ୍କଠାରେ ମିଶିଯିବା ପାଇଁ ଯୋଗଶକ୍ତି ଦରକାର । ବିନା ଯୋଗଶକ୍ତିରେ ଯୋଗୀମାନେ ଈଶ୍ୱରଙ୍କଠାରେ ବା ପରମାତ୍ମାଙ୍କଠାରେ ମିଳିତ ହୋଇପାରି ନଥା'ନ୍ତି । ତେଣୁ ଯୋଗୀ ଯୋଗର ଚରମସୀମାରେ ପହଞ୍ଚିବାକୁ କଷ୍ଟ କରିବାକୁ ପଡିବ ।

ଅନନ୍ତ ପରମାତ୍ମାଙ୍କଠାରୁ ସଞ୍ଚଳିତ ହୋଇ ଉଦ୍ଭବିତ ଜୀବରାଶି ପୁନର୍ବାର ତାଙ୍କରିଠାରେ ଲୀନ ହେବାପାଇଁ ଯେଉଁ ଶକ୍ତି ଆବଶ୍ୟକ ସେହି ଶକ୍ତି ବିଷୟରେ ଆମକୁ ଜାଣିବାକୁ ହେବ । ଶକ୍ତିକୁ ଜାଣିବା ପରେ ନିଜର ସ୍ଥିତି, ନାମ, ପ୍ରକୃତରେ ନିଜେ କିଏ, କାର୍ଯ୍ୟ କଅଣ ସବୁକିଛି ଜାଣି ହେବ । ଶକ୍ତି ବିଷୟରେ ନଜାଣି ନିଜ ବିଷୟରେ କେହି ଜାଣି ପାରି ନଥାଏ । ଶେଷରେ ନିଜ ନାମ ପଚାରିଲେ ମଧ୍ୟ ନିଜର ଭୌତିକ ନାମ କହିଥାଏ ସିନା, ପ୍ରକୃତ ନାମ କହିପାରି ନଥାଏ । ତୁ କିଏ ବୋଲି ପଚାରିଲେ ମୁଁ ଅମୁକର ପୁଅ ବୋଲି କହିଥାଏ ସିନା, ତା'ର ପ୍ରକୃତ ପିତାମାତା ପ୍ରକୃତି ପରମାତ୍ମା ବୋଲି ସେ ଜାଣି ନଥାଏ ।

ଯେଉଁମାନେ ଆତ୍ମଶକ୍ତି ଅର୍ଜନ କରିଥାନ୍ତି ସେମାନଙ୍କୁ ଯୋଗୀ କହନ୍ତି । ଯୋଗୀଶରୀରରେ ପ୍ରବେଶ କରିଥିବା ଆତ୍ମଶକ୍ତି ସେହିଭଳି ରହିଥାଏ କି ? ବୋଲି ପଚାରିଲେ ସେହିଭଳି ରହି ନଥାଏ

ବୋଲି କହିହେବ । କାରଣ ସାଧାରଣ ଅଗ୍ନିର ଏ ପୃଥିବୀର ସମସ୍ତ ବସ୍ତୁକୁ ଜଳାଇଦେବା ଗୁଣ ଅଛି । ସେହିଭଳି ଯୋଗୀଠାରେ ଥିବା ଜ୍ଞାନଶକ୍ତି (ଯୋଗଶକ୍ତି)ର ସମସ୍ତ କର୍ମକୁ ଜାଳିଦେବା ଗୁଣଅଛି । ତେଣୁ ଯୋଗୀ କର୍ମ ଜାଳିବାରେ ତା'ର ଶକ୍ତି ଖର୍ଚ୍ଚ ହେଉଛି । ଯୋଗଶକ୍ତି ଅର୍ଜନ କରିହୁଏ ଏବଂ କର୍ମକୁ ଜଳାଇବା ପାଇଁ ତାକୁ ଉପଯୋଗ କରିହୁଏ ତଥା କିଛି ବଳକା ମଧ୍ୟ ରଖିହୁଏ । ସଂପୂର୍ଣ୍ଣ କର୍ମ ଜଳିଯିବା ପରେ ଥିବା ବଳକା ଶକ୍ତିରେ ଜୀବ ଶେଷରେ ପରମାତ୍ମାରେ ଲୀନ ହୋଇଥାଏ ଏବଂ ଜନ୍ମରୁ ମୁକ୍ତ ହୋଇଥାଏ । ଜନ୍ମନେବାକୁ ହେଲେ କର୍ମ ଅର୍ଜନ ଏବଂ ମୋକ୍ଷ ପାଇଁ ଜ୍ଞାନଶକ୍ତି ବା ଯୋଗଶକ୍ତି ଅର୍ଜନ କରିବା ଦରକାର । ତେଣୁ କର୍ମ ନଥିବା ଜନ୍ମ ନାହିଁ କି ଜ୍ଞାନ ନଥିଲେ ମୋକ୍ଷ ନାହିଁ । ଜ୍ଞାନଶକ୍ତିର କର୍ମପୋଡିବା ଶକ୍ତି ଅଛି, ତେଣୁ ଭଗବଦ୍ଗୀତାରେ ପରମାତ୍ମା ସ୍ୱୟଂ ଜ୍ଞାନଯୋଗର ୩୭ତମ ଶ୍ଳୋକରେ **"ଯଥୈଧାଂସି ସମିଦ୍ଧୋଗ୍ନିଃ ଭସ୍ମସାତ୍ କୁରୁତେଽର୍ଜୁନ । ଜ୍ଞାନଗ୍ନି ସର୍ବକର୍ମାଣି ଭସ୍ମସାତ୍ କୁରୁତେ ତଥା ॥"** "ଅର୍ଥାତ୍ ଅଗ୍ନିରେ ଯେଉଁଭଳି ସମିଧ (କାଠ)ଜଳି ଭସ୍ମ ହୋଇଥାଏ ସେହିଭଳି ଜ୍ଞାନାଗ୍ନିରେ ସମସ୍ତ କର୍ମ ଜଳି ଭସ୍ମସାତ୍ ହୋଇଥାଏ" ବୋଲି କହିଛନ୍ତି । ତେଣୁ ଜଣାପଡୁଛି ଯେ, କର୍ମ ଜ୍ଞାନଶକ୍ତି ଦ୍ୱାରା ବିନାଶ ହୋଇପାରେ । ଜ୍ଞାନଶକ୍ତିର ବିଶେଷତା ଆହୁରି ମଧ୍ୟ ଅଛି । ତାହା ଯୋଗୀ ନିଜର କର୍ମକୁ ବିନାଶ କରିବା ସହିତ ଅନ୍ୟର କର୍ମକୁ ମଧ୍ୟ ବିନାଶ କରିପାରେ । ଅଗ୍ନି କୌଣସି କାଠକୁ ଜଳାଇଦେବା ଭଳି ଜ୍ଞାନାଗ୍ନି କାହାର କର୍ମକୁ ମଧ୍ୟ ଜଳାଇଦେଇ ପାରେ । ତାହା କିପରି ନିମ୍ନ ମତେ ଦେଖନ୍ତୁ ।

ଶରୀରରେ ପ୍ରବେଶ କରିଥିବା ଯୋଗଶକ୍ତି ଯୋଗୀ ନିଜର ସଂକଳ୍ପ ଦ୍ୱାରା ଅନ୍ୟମାନଙ୍କ ଶରୀରକୁ ପ୍ରବେଶ କରାଇ ପାରେ । ସେହିଭଳି ଶକ୍ତିକୁ ପ୍ରବେଶ କରାଇବା ପାଇଁ ଚାରିଗୋଟି ମାର୍ଗ ରହିଥାଏ । ସେଥିମଧ୍ୟରୁ ଗୋଟିଏ ହେଲା **ହାତର ପାପୁଲି, ଦ୍ୱିତୀୟଟି ପାଦ, ତୃତୀୟଟି ଚକ୍ଷୁ, ଚତୁର୍ଥଟି**

**ବାକ୍ ବା ବାଣୀ** । ଏହି ଚାରିଗୋଟି ଯୋଗୀ ଶରୀରର ଶକ୍ତିକୁ ବାହାରକୁ ପଠାଇବାର ଦ୍ୱାର । ଶ୍ରୀ ପୋତୁଲୁରି ବୀରବ୍ରହ୍ମ ମହାଶୟ 'ଅଚ୍ଚମ୍ମା'ଙ୍କ ପୁଅର ଆଖିରେ ନିଜ ହାତର ପାପୁଲି ଦ୍ୱାରା ଶକ୍ତି ପ୍ରବେଶ କରାଇ ଅନ୍ଧତ୍ୱ କାରଣର ପାପକୁ ବିନାଶ କରିଥିଲେ, ସେ ପୁଅଟି ତା'ପରେ ଦେଖି ପାରିଥିଲା । ଏହିଭଳି ଯୀଶୁ ଅନ୍ଧ ଆଖିକୁ ତାଙ୍କର ପାପୁଲି ଦ୍ୱାରା ମାଟି ଲଗାଇ ଅନ୍ଧତ୍ୱ ନିବାରଣ କରିଥିଲେ । ହାତ ପାପୁଲିର ସ୍ପର୍ଶରେ କୁଷ୍ଠରୋଗ ମଧ୍ୟ ନିବାରଣ କରିଥିଲେ, ତାଙ୍କ ତୁଣ୍ଡର କଥାରେ ସୂକ୍ଷ୍ମ ପ୍ରେତମାନେ ପଳାଇଥିଲେ । ଶ୍ରୀକୃଷ୍ଣ ଅନ୍ୟମାନଙ୍କୁ ଦେଖିବା ସମୟରେ କେତେକଙ୍କର କଷ୍ଟ ନିବାରଣ ହୋଇଯାଉଥିଲା । ଏହିଭଳି ଅନେକ ମହାନ ମହାନ ଯୋଗୀ ସେମାନଙ୍କ ଯୋଗଶକ୍ତି ଦ୍ୱାରା ନିଜର ଚାରି ଦ୍ୱାରକୁ ଉପଯୋଗ କରି ଅନ୍ୟମାନଙ୍କର କର୍ମକୁ ବିନାଶ କରୁଥିଲେ । ତେଣୁ ଯୋଗଶକ୍ତି ଅନ୍ୟମାନଙ୍କର କର୍ମକୁ ମଧ୍ୟ ବିନାଶ କରିପାରେ ବୋଲି ଜଣାଯାଏ । ଜୀବ ଜନ୍ମର କାରଣ ହେଉଛି କର୍ମ । କର୍ମକୁ ଜଳାଇବା ବା ବିନାଶକରିବା ଶକ୍ତି କେବଳ ପରମାତ୍ମାଶକ୍ତିର ଥାଏ । ତାଙ୍କୁ ବିଶ୍ୱାସ କରୁଥିବା ବ୍ୟକ୍ତିକୁ ହିଁ ଶକ୍ତି ମିଳିଥାଏ । ତାହା ମିଳିଗଲେ ଜନ୍ମ ରହେ ନାହିଁ । ଜୀବ ଅନନ୍ତ ପରମାତ୍ମା ଶକ୍ତିରେ ଲୀନ ହୋଇଥାଏ । ଆତ୍ମାଠାରେ ଲୀନ ହୋଇପାରୁଥିବା ଜୀବ ଜଗତର ପ୍ରଭବ ଏବଂ ପ୍ରଳୟ ସହିତ ସମ୍ବନ୍ଧହୀନ ହୋଇ ନିତ୍ୟ ଆନନ୍ଦରେ ମଗ୍ନ ଥାଏ । ତେଣୁ ଶାଶ୍ୱତ ଆନନ୍ଦ ପଦବୀ ପାଇଁ ଯେଉଁମାନେ ଇଚ୍ଛା କରନ୍ତି ସେମାନେ ନିତ୍ୟ ଭାବରେ ଯୋଗ ଆଚରଣ କରି ଯୋଗଶକ୍ତି ବା ଜ୍ଞାନଶକ୍ତିକୁ ଆହରଣ କରିଥା'ନ୍ତି । ଆପଣମାନେ ମଧ୍ୟ ଯୋଗଶକ୍ତି ହାସଲ କରନ୍ତୁ ।

*****

# ଯୋଗଦଣ୍ଡର ଆବଶ୍ୟକତା

ସର୍ବପ୍ରପଞ୍ଚାତ୍ମକ ପରବ୍ରହ୍ମ ପରମାତ୍ମା ବା ପରମେଶ୍ୱର ସର୍ବ ଜୀବରାଶିର ଶରୀରରେ ନିବାସ କରିଥା'ନ୍ତି । ତେଣୁ ଜୀବରାଶିର ଶରୀର ନିର୍ମାଣ ବିଶେଷତା ବାବଦରେ ଜାଣିବା ହେଉଛି ବ୍ରହ୍ମବିଦ୍ୟାର ମୁଖ୍ୟ ବିଷୟ । ଶରୀର ଅଲଗା ଅଲଗା ହେଲେ ମଧ୍ୟ ସମସ୍ତଙ୍କଠାରେ ଥିବା ପରମାତ୍ମାଶକ୍ତି ବା ଐଶ୍ୱରୀୟ ଶକ୍ତି ଗୋଟିଏ । କୌଣସି ଜୀବ ହେଉ ତା'ସହିତ ଶରୀରରେ ଥିବା ଆତ୍ମା ଦ୍ୱାରା ପରିଚାଳିତ ହୋଇଥାଏ । ଜୀବର ଶରୀରକୁ ବିଭାଜନ କଲେ ପ୍ରତ୍ୟେକ ଶରୀର ଦୁଇ ଭାଗର ବୋଲି ଜାଣି ହୁଏ । ତାହା ହେଲା ବାମ ଏବଂ ଦକ୍ଷିଣ । ବାମ ପାର୍ଶ୍ୱରେ ଯେଉଁ ଅବୟବ ରହିଛି ସେହି ଅବୟବ ଦକ୍ଷିଣ ପାର୍ଶ୍ୱରେ ରହିଛି । ଏହାକୁ ପ୍ରତ୍ୟେକ ଶରୀରରେ ଲକ୍ଷ୍ୟ କରାଯାଇ ପାରେ । ପିମ୍ପୁଡିଠାରୁ ହାତୀ ପର୍ଯ୍ୟନ୍ତ ସମସ୍ତଙ୍କର ଏହି ନିର୍ମାଣ ଏକ ପ୍ରକାରର ।

ମାନବ ଶରୀରକୁ ପରିଶୀଳନ କରି ଦେଖିଲେ ଏକ ଭାଗରେ ଯାହା ଥାଏ ଦ୍ୱିତୀୟ ଭାଗରେ ମଧ୍ୟ ତାହା ଥାଏ ବୋଲି ଜଣାପଡେ । ଗୋଟିଏ ପାର୍ଶ୍ୱରେ କାନ ଅଛି ତ ଆଉ ଗୋଟିଏ ପାର୍ଶ୍ୱରେ ମଧ୍ୟ କାନଟିଏ ଅଛି । ଦକ୍ଷିଣ ପାର୍ଶ୍ୱରେ ଆଖିଟିଏ ଅଛି ତ ବାମ ପାର୍ଶ୍ୱରେ ମଧ୍ୟ ଆଖିଟିଏ ଅଛି । ନାକର ଦକ୍ଷିଣ ପାଶ୍ୱରେ ରନ୍ଧ୍ରଟିଏ ଅଛି ବାମ ପାର୍ଶ୍ୱରେ ମଧ୍ୟ ରନ୍ଧ୍ରଟିଏ ଅଛି । ଗୋଟିଏ ପାର୍ଶ୍ୱରେ ଆଖି, ଆଖିପତା, କାନ ଇତ୍ୟାଦି ଅବୟବଗୁଡିକର ଶିର୍ଷ ବା ଆରମ୍ଭ ଯେଉଁ ଦିଗରେ ଥାଏ ଅପର ପାର୍ଶ୍ୱର ଆରମ୍ଭ ଏବଂ ଶିର୍ଷ ତା'ର ବିପରୀତ ଦିଗରେ ଥାଏ । ମୁଖରେ ଥିବା ଦାନ୍ତଗୁଡିକର ସଂଖ୍ୟା ୩୨ । ସେଗୁଡିକ ମଧ୍ୟ ୧୬/୧୬ ହୋଇ ଅର୍ଦ୍ଧେକର ବିପରୀତ ଦିଗରେ ଅର୍ଦ୍ଧେକ ସମାନ ସଂଖ୍ୟାରେ ଥାଏ । ଗୋଟିଏ ପାର୍ଶ୍ୱର ଦାନ୍ତଗୁଡିକ ଭିତରେ ସାମ୍ନାରେ ଥିବା ଦୁଇଟି

ଓସାରିଆ ଦାନ୍ତ ଥାଏ ଏବଂ ସେ ଦୁଇଟି ବାମ ଦକ୍ଷିଣ ହୋଇ ରହିଥାଏ । ଦାନ୍ତଗୁଡ଼ିକ ଭିତରେ ଥିବା ଶ୍ୱାନଦନ୍ତ ମଧ୍ୟ ସମାନଭାବରେ ସମାନ ସ୍ଥାନରେ ବିପରୀତ ଦିଗରେ ରହିଥା'ନ୍ତି । ସେହିଭଳି ହସ୍ତ ଗୋଟିଏ ଦକ୍ଷିଣଭାଗରେ ଥିବାବେଳେ ବାମଭାଗରେ ମଧ୍ୟ ଗୋଟିଏ ହସ୍ତ ଥାଏ । ଏଭଳି ଶରୀରର ବାହାରେ ଆମେ ଶରୀରକୁ ଦୁଇ ଭାଗରେ ଦେଖିବା ବେଳେ ଶରୀରର ଭିତର ଅବୟବଗୁଡ଼ିକ ମଧ୍ୟ ଦୁଇ ଭାଗରେ ବିଭକ୍ତ ହୋଇ ରହିଥାଏ ବୋଲି ଜଣାଯାଏ । ଆହୁରି ମଧ୍ୟ ଶରୀରଟି ଦୁଇଭାଗ ହୋଇ ଗୋଟିଏ ସ୍ଥାନରେ ମିଳିତ ହୋଇଥାଏ ବୋଲି ଉପରୁ ତଳ ପର୍ଯ୍ୟନ୍ତ ଶରୀରରେ ଏକ ରେଖା ସୃଷ୍ଟି ହୋଇ ରହିଥାଏ, ସେହି ରେଖା ବାମ ଏବଂ ଦକ୍ଷିଣ ଭାଗକୁ ଦୁଇ ଭାଗରେ ବିଭକ୍ତ ହୋଇ ରହିଛି । ଏହା ବାହାରକୁ ସ୍ୱଷ୍ଟ ଦେଖାଯାଏ । ଏହା ଭୃକେନ୍ଦ୍ରଠାରୁ ନାସିକାର ଉପରି ଭାଗ, ଉପର ତଳ ଓଠର ମଧ୍ୟଭାଗ, ଥୋମଣୀର ମଧ୍ୟଭାଗ ଏବଂ କଣ୍ଠଠାରୁ ଆରମ୍ଭ କରି ଲିଙ୍ଗ ପର୍ଯ୍ୟନ୍ତ ଏକ ରେଖା ଭଳି ଦେଖାଯାଏ । ଏହି ରେଖା ସ୍ତ୍ରୀମାନଙ୍କ ଅପେକ୍ଷା ଲୋମଗୁଡ଼ିକ ଦ୍ୱାରା ପୁରୁଷ ଶରୀରରେ ସ୍ୱଷ୍ଟ ଦେଖାଯାଏ । ଏହିଭଳି ଶରୀରଟି ଦୁଇଭାଗ ବୋଲି ଆମକୁ ସ୍ୱଷ୍ଟ ଜଣା ପଡ଼ିଥାଏ ।

ପୂର୍ବକାଳରୁ ଅର୍ଦ୍ଧନାରୀଶ୍ୱର ନାଆଁଟି ଶୁଣାଯାଇଥାଏ । ଏହି ବାକ୍ୟଟିକୁ ଗବେଷଣା କଲେ, ଅଧା ଶରୀର ନାରୀ ଏବଂ ଅଧା ଶରୀର ପୁରୁଷ ବୋଲି ସ୍ୱଷ୍ଟ ହୁଏ, ତେଣୁ ଏହାକୁ ମିଶାଇ ଅର୍ଦ୍ଧନାରୀଶ୍ୱର କୁହାଯାଇଛି । ନାରୀ କହିଲେ ପ୍ରକୃତି ଏବଂ ଈଶ୍ୱର କହିଲେ ପରମାତ୍ମା । ତେଣୁ ପ୍ରକୃତି ପରମାତ୍ମା ଶରୀରରେ ନଥିବା ଜୀବ ଭୂପୃଷ୍ଠରେ ନାହିଁ । ପ୍ରତ୍ୟେକ ଶରୀର ହିଁ ଗୋଟିଏ ଅର୍ଦ୍ଧନାରୀଶ୍ୱର ବୋଲି ଜାଣିବା ଉଚିତ୍ ।

ଏହି ଅର୍ଦ୍ଧନାରୀଶ୍ୱର ସେହି ପରମାତ୍ମାଙ୍କୁ ବୁଝାଏ । ତେଣୁ ଅର୍ଦ୍ଧନାରୀଶ୍ୱର ସାରା ବିଶ୍ୱରେ ପରିପୂର୍ଣ୍ଣ ଭାବରେ ଅଛନ୍ତି । ପ୍ରତ୍ୟେକ

ଜୀବରାଶିର ଶରୀରରେ ଅଛନ୍ତି । କେମିତି ଅଛନ୍ତି କହିଲେ ! ଅର୍ଦ୍ଧ ଅର୍ଥାତ୍ ଅଧା, ନାରୀ କହିଲେ ସ୍ତ୍ରୀ, ଈଶ୍ୱର କହିଲେ ବଳଶାଳୀ ବା ପୁରୁଷ । ପ୍ରତି ଶରୀରକୁ ପରିଶୀଳନ କଲେ ସ୍ତ୍ରୀ ତତ୍ତ୍ୱ ଏବଂ ପୁରୁଷ ତତ୍ତ୍ୱ ଉଭୟଙ୍କଠାରେ ରହିଛି । ଯେଉଁଠାରେ ପୁରୁଷ ତତ୍ତ୍ୱ ରହିଛି ସେଠାରେ ବିପରିତ ସ୍ତ୍ରୀ ତତ୍ତ୍ୱ ନିଶ୍ଚୟ ରହିଛି । ସେଥିଲାଗି ଶରୀର ଦୁଇ ଭାଗରେ ବିଭକ୍ତ ହୋଇଛି । ଗୋଟିଏ ଭାଗରେ ପୁରୁଷ ତତ୍ତ୍ୱ ଥିବାବେଳେ ଅନ୍ୟ ଭାଗରେ ସ୍ତ୍ରୀ ତତ୍ତ୍ୱ ରହିଛି । ତେଣୁ ବଳରେ ମଧ୍ୟ ଗୋଟିଏ ଭାଗରୁ ଅନ୍ୟ ଭାଗଟି ସଂପୂର୍ଣ୍ଣ ଭିନ୍ନ ବୋଲି ଜଣାଯାଉଛି । ଶରୀରର ଗୋଟିଏ ଭାଗର ଅବୟବଗୁଡ଼ିକ ଆକାରରେ ମଧ୍ୟ ଟିକିଏ ବଡ଼ସାନ ରହିଛି । ସେହିଭଳି ଦେଖିବା ଶୁଣିବାରେ ମଧ୍ୟ, ଗୋଟିଏ ଭାଗ ଅପେକ୍ଷା ଅନ୍ୟ ଭାଗର ବିଭେଦ ରହିଛି । ଆମେ ଦକ୍ଷିଣହାତରେ ପଥରଟିଏ ଫିଙ୍ଗିପାରିବା ଭଳି ବାମ ହାତରେ ଫିଙ୍ଗିପାରୁ ନାହେଁ । ଗୋଟିଏ ହାତରେ ଉଠାଇପାରୁଥିବା ଓଜନ ଆଉ ଗୋଟିଏ ହାତରେ ଉଠାଇ ପାରୁ ନାହେଁ । ଏହିଭଳି ପ୍ରତ୍ୟେକ ଶରୀର ଦୁଇଭାଗରେ ବିଭକ୍ତ ହୋଇ ସ୍ତ୍ରୀ ତତ୍ତ୍ୱ ଏବଂ ପୁରୁଷ ତତ୍ତ୍ୱର ମିଶ୍ରଣରେ ଅର୍ଦ୍ଧନାରୀଶ୍ୱର ହୋଇ ରହିଛି । ତାହା ନଜାଣି ପାର୍ବତୀ ଶିବଙ୍କୁ ମିଶାଇ ପୁରାଣ ସୃଷ୍ଟିକରି ଅର୍ଦ୍ଧନାରୀଶ୍ୱର କୈଳାଶ ପର୍ବତରେ ଅଛନ୍ତି ବୋଲି କେତେକ କହିଥାନ୍ତି, ଏହି ଅର୍ଦ୍ଧନାରୀଶ୍ୱରଙ୍କୁ କେବେ କେହି ଦେଖି ନାହାନ୍ତି, ହେଲେ ଆମେ କହୁଥିବା ଅର୍ଦ୍ଧନାରୀଶ୍ୱର ସବୁଠାରେ ଦେଖାଯାଉଛନ୍ତି । ଖାଲି ମାନବ ନୁହେଁ ସମସ୍ତ ଜୀବରାଶିରେ ଅର୍ଦ୍ଧନାରୀଶ୍ୱର ରହିଛନ୍ତି । ବୃକ୍ଷଲତାରେ ମଧ୍ୟ ରହିଛନ୍ତି ବୋଲି ବୃକ୍ଷର ପତ୍ର ପ୍ରମାଣ ଦିଏ । ଛୋଟ କଇଁଆ ପତ୍ରଟିଏ ହେଲେ ମଧ୍ୟ ତାହା ଦୁଇ ଭାଗ ବୋଲି ଆମକୁ ଜଣାପଡ଼ିଥାଏ । ସେଥିରେ ମଧ୍ୟ ବାମ ଦକ୍ଷିଣର ଭିନ୍ନତା ଥାଏ ।

ଶରୀରକୁ କାହିଁକି ଏଠାରେ ଦୁଇ ଭାଗରେ ବିଭକ୍ତ କରିବା ? ଅଧା ବଳଶାଳୀ ଆଉ ଅଧା ବଳହୀନ କାହିଁକି ? ବୋଲି କେତେକଙ୍କଠାରେ

ସନ୍ଦେହ ଆସିପାରେ । ତା'ର ସାମାଧାନ ହେଉଛି ! ମାନବ କର୍ମ ଦ୍ୱାରା ଭୂପୃଷ୍ଠରେ ଜନ୍ମ ହୋଇ ମୃତ୍ୟୁବରଣ କରୁଛି । କର୍ମ କହିଲେ ପାପ ଏବଂ ପୁଣ୍ୟର ମିଶ୍ରଣ । ଜୀବ କର୍ମକୁ ଅନୁଭବ କରିବାପାଇଁ ଶରୀର ଧାରଣ କରୁଛି । ଶରୀର ଧାରଣ କରିବାପାଇଁ ଦୁଇଟି କାରଣ ଥାଇପାରେ । ଗୋଟିଏ ପାପ ଏବଂ ଅନ୍ୟଟି ପୁଣ୍ୟ । ତେଣୁ ଶରୀର ମଧ୍ୟ ଦୁଇ ଭାଗରେ ବିଭକ୍ତ ହୋଇଛି । କର୍ମ ନଥାଇ ଶରୀର କିମ୍ବା ଶରୀର ନଥାଇ କର୍ମ ନଥାଏ । ଏହି ଦୁଇଟିର ଥିବା ସମ୍ବନ୍ଧ ଭଳି ନିବୀଡ ସମ୍ବନ୍ଧ ଆଉ କିଛି ଥାଇ ନପାରେ । ଯେହେତୁ କର୍ମ ଦୁଇ ଭାଗର ସେହି ହେତୁ ଶରୀର ମଧ୍ୟ ଦୁଇଟି ଭାଗ ହୋଇଛି । ଶରୀର ଦୁଇଟି ଭାଗ ହେବାପାଇଁ ଅନ୍ୟଏକ କାରଣ ମଧ୍ୟ ଅଛି । ତାହା କ'ଣନା !

କର୍ମରୂପ ହୋଇ ଛିଡା ହୋଇଥିବା ପ୍ରପଞ୍ଚକୁ ପାଳନ କରିବା ପାଇଁ ପରମାତ୍ମା ଅଂଶ କେତେକ ରୂପର ସମୂହ ହୋଇ ରହିଛି । ସେହି ରୂପଗୁଡିକ ସ୍ୱତନ୍ତ୍ର ଶକ୍ତି ବିଶିଷ୍ଟ ହୋଇ ରହିଛି । ଏ ସାରା ଦୁନିଆଁ ହିଁ କର୍ମରୂପ । ତେଣୁ ପାପ ପୁଣ୍ୟ ରୂପରେ ଥିବା କର୍ମର ଧର୍ମକୁ ଜୀବରାଶିଙ୍କ ଉପରେ ଶାସନଭାବରେ ଅମଳ କରିବା ପାଇଁ ଆତ୍ମାଅଂଶ ହୋଇ ଧର୍ମରାଜ ଅବତାର ନେଇଥା'ନ୍ତି ପରମାତ୍ମା । ସେଥିଲାଗି ଗୀତାରେ କହିଛନ୍ତି ଯେ, **"ଦଣ୍ଡନାଧିକାରୀମାନଙ୍କ ଭିତରେ ମୁଁ ଯମ"** । ଯମ ହିଁ କାଳ, କାଳ ହିଁ ଯମ । କାଳ ଆଗରେ ପାପପୁଣ୍ୟ ସୂକ୍ଷ୍ମାତୀସୂକ୍ଷ୍ମ ଭାବରେ ଜୀବ ଉପରେ ପ୍ରସାର କରିବା ପାଇଁ ଏହି କାଳର ଅଧିନରେ ସାତଗୋଟି ଶକ୍ତି ରହିଥାନ୍ତି । ୧) ସୂର୍ଯ୍ୟ, ୨) ଚନ୍ଦ୍ର, ୩) ମଙ୍ଗଳ (ଅଙ୍ଗାରକ), ୪) ବୁଧ, ୫) ଗୁରୁ, ୬) ଶୁକ୍ର, ୭) ଶନି । ଏହି ଶକ୍ତିଗୁଡିକ ସୃଷ୍ଟିର ଆରମ୍ଭରୁ ନିର୍ମାଣ ହୋଇଛନ୍ତି । ଏମାନେ କର୍ମଚକ୍ରର ଅଧିନାୟକ । ଜାଣିବା କଥା ହେଉଛି ! କାଳକୁ (ଯମକୁ) ଅନୁସରଣ କରି କାଳଚକ୍ର, ଆଦିତ୍ୟାଦି ସପ୍ତଗ୍ରହକୁ ଅନୁସରଣ କରି କର୍ମଚକ୍ର ଘୁରିବୁଲୁଥାଏ । କାଳଚକ୍ରର ଅଧିନରେ କର୍ମ

ରହିଥାଏ । କାଳ ଆଗକୁ ଗତି କରୁଥିବା କ୍ରମରେ କର୍ମଗୁଡିକ କାର୍ଯ୍ୟରୂପ ନେଇଥାଏ । କାଳ ଏବଂ କର୍ମ ପରମାତ୍ମାଙ୍କ ଅଧିନରେ ଥାଏ । ଏହି ବିଷୟ ବାବଦରେ ପରେ ଜାଣିବା । ଏବେ ଯାହା ଜାଣିବା ଦରକାର ତାହା ଜାଣିବା ଉଚିତ୍ ନା !

ସୂର୍ଯ୍ୟଠାରୁ ଆରମ୍ଭ କରି ଶନି ପର୍ଯ୍ୟନ୍ତ ମୋଟ ସାତଜଣ ଅଛନ୍ତି । ଏହି ପ୍ରପଞ୍ଚରେ ସାତଜଣଙ୍କ ମଧ୍ୟରୁ ପ୍ରତ୍ୟେକ ଜଣ ଗୋଟିଏ ଗୋଟିଏ ଦିନ ଲେଖାଏ ପାଳନ କରିବାକୁ ପ୍ରପଞ୍ଚସିଂଘାସନ ଆହରଣ କରିଥା'ନ୍ତି । ତେଣୁ ପ୍ରଥମ ଦିନ ଏହି ପ୍ରପଞ୍ଚସିଂଘାସନରେ ସୂର୍ଯ୍ୟ ଅଧିଷ୍ଠାନ କରନ୍ତି । ତେଣୁ ଏହି ଦିନକୁ ଇଂରାଜୀରେ ମଧ୍ୟ ସଣ୍ଡେ ବା ସନ୍ ଡେ କହନ୍ତି, ରବିବାର ମଧ୍ୟ କହନ୍ତି । ଦ୍ୱିତୀୟ ଦିନକୁ ଚନ୍ଦ୍ରଙ୍କ ଦିନ ଭାବରେ ଚନ୍ଦ୍ର ସିଂଘାସନ ଆରୋହଣ କରି ପାଳନ କରିଥା'ନ୍ତି । ତେଣୁ ଚନ୍ଦ୍ରଙ୍କ ଅନ୍ୟନାମ ଅନୁସାରେ ଏହି ଦିନକୁ ସୋମବାର, ଇଂରାଜୀରେ ମଧ୍ୟ ମୁନ୍ ଡେ ବା ମଣ୍ଡେ କୁହାଯାଏ । ତୃତୀୟ ଦିନ ଅଙ୍ଗାରକ ବା ମଙ୍ଗଳଗ୍ରହ ସିଂଘାସନ ଅଧିଷ୍ଠାନ କରୁଥିବାରୁ ତାଙ୍କ ନାମ ଅନୁସାରେ ଏହି ଦିନଟିକୁ ମଙ୍ଗଳବାର କୁହାଯାଉଛି, ତା'ପରେ ଗୁରୁ, ତା'ପରେ ଶୁକ୍ର, ତା'ପରେ ଶନି ଏହିଭଳି କ୍ରମାନ୍ୱୟରେ ସିଂଘାସନ ଆରୋହଣ କରି ପ୍ରପଞ୍ଚପାଳନ କରୁଥିବାରୁ ସେମାନଙ୍କର ନାମ ଅନୁସାରେ ଦିନଗୁଡିକୁ ନାମିତ କରାଯାଇଛି । ସୃଷ୍ଟି ଯେବେଠାରୁ ହେଲା ସେହି ଦିନକୁ ଆଦି କୁହାଯାଏ ବା ଆଦ୍ୟଦିନ କୁହାଯିବ ଏବଂ ପ୍ରଥମଦିନ ଭାବରେ ଯେହେତୁ ଶାସନଦଣ୍ଡ ରବି ବା ସୂର୍ଯ୍ୟଙ୍କ ହାତରେ ଥାଏ ସେହିହେତୁ ସେହି ଦିନକୁ ଆଦ୍ୟଦିନ ବା ଆଦିବାର କୁହାଯିବ, ସେହି କାରଣରୁ ସୂର୍ଯ୍ୟଙ୍କର ନାମ ମଧ୍ୟ ଆଦିତ୍ୟ ରଖାଯାଇଛି । ସୃଷ୍ଟିର ପ୍ରଥମ ଦିନ ଆଦ୍ୟଦିନ ବା ରବିବାରରୁ ହୋଇଛି । ସୃଷ୍ଟି ପ୍ରଥମେ ରବିବାର ଦିନ ହୋଇଥିଲା ବୋଲି ଜଣାପଡୁଛି । ସେହିଦିନଠାରୁ ଅନ୍ୟ ଗ୍ରହମାନେ ମଧ୍ୟ

କ୍ରମ ବିଚ୍ୟୁତ ନହୋଇ  ପ୍ରପଞ୍ଚ ପରିପାଳନ କରି ଆସୁଛନ୍ତି । ଆଜି ମଧ୍ୟ ସେହି ଦିନଗୁଡିକୁ  ସପ୍ତାହର  ସାତଦିନଭାବରେ ଆମେ ହିସାବକରୁଛେ । ଏହି  ସାତ ଗ୍ରହ  ମଧ୍ୟ  କର୍ମ  ଅନୁସାରେ  ଦୁଇଭାଗ  ହୋଇ ଗୋଟିଏ ଭାଗ  ପାପ ଏବଂ ଆଉ ଗୋଟିଏ ଭାଗ ପୁଣ୍ୟ ଅମଳ କରିଆସୁଛନ୍ତି । ତେଣୁ ସପ୍ତଗ୍ରହକୁ ଦୁଇଟି ବର୍ଗରେ ବିଭକ୍ତ କରାଯାଇଛି । ଗୋଟିଏ ବର୍ଗର ନାୟକ ଗୁରୁ, ତେଣୁ ତାଙ୍କ ନାମ ଅନୁସାରେ ଗୁରୁବର୍ଗ ଏବଂ ଅନ୍ୟ ବର୍ଗର ନାୟକ ଶନିଙ୍କ ନାମ ଅନୁସାରେ ଶନିବର୍ଗ କୁହାଯାଏ । ଏହି ଗ୍ରହଗୁଡିକ ଦୁଇ ଭାଗରେ ବା ଦୁଇ ଦଳରେ ବିଭକ୍ତ ହୋଇ କାର୍ଯ୍ୟ କରୁଥିବା ବେଳେ, ରାହୁ କେତୁ ନାମକ ଦୁଇଟି ଗ୍ରହ ସେମାନଙ୍କର ପର୍ଯ୍ୟବେକ୍ଷକ (ସୁପରଭାଇଜର୍) ଭାବରେ ଏମାନଙ୍କର କାର୍ଯ୍ୟକୁ ନିରୀକ୍ଷଣ କରିଥା'ନ୍ତି ।

ପ୍ରତ୍ୟେକ କାର୍ଯ୍ୟ ସକ୍ରମରେ ହେବାକୁ ହେଲେ କାର୍ଯ୍ୟ କରୁଥିବା ବ୍ୟକ୍ତିର ଜଣେ ପର୍ଯ୍ୟବେକ୍ଷକ ରହିବା ଦରକାର । ପାପପୁଣ୍ୟର ପାଳକ ଭାବରେ ଦୁଇଟି ବର୍ଗର ଗ୍ରହମାନଙ୍କର ପର୍ଯ୍ୟବେକ୍ଷଣ ଅଧିକାର ରାହୁ ଏବଂ କେତୁର ଥାଏ । ଆଗରୁ ନଥିବା ରାହୁ କେତୁ ପରେ ଗ୍ରହମାନଙ୍କ ଦଳରେ ରହି  ସେମାନଙ୍କର ବିପରୀତ ଦିଗରେ ଘୂରି ସେମାନଙ୍କୁ ସାକ୍ଷାତ୍ କରିଥା'ନ୍ତି । ତନଖି  ଅଧିକାରୀଙ୍କ ଭଳି ଆସି ସେମାନେ ମଧ୍ୟ ସେମାନଙ୍କ କାର୍ଯ୍ୟ କରୁ କରୁ ସପ୍ତଗ୍ରହମାନଙ୍କୁ ସାକ୍ଷାତ କରିଥା'ନ୍ତି । ରାହୁ କେତୁ ସମାନ ଦୂରରେ ରହି ସମାନ ବେଗରେ ଘୂରି ବେଳେବେଳେ ସପ୍ତଗ୍ରହମାନଙ୍କୁ ସାକ୍ଷାତ କରୁଥିଲେ ମଧ୍ୟ ସେ ଦୁହେଁ କେତେବେଳେ ଏକାଠିହୁଅନ୍ତି  ନାହିଁ । ପ୍ରତ୍ୟେକ ବିଷୟରେ ସେମାନଙ୍କର ସ୍ୱାଧିନତା ରହିଥାଏ  । ତେଣୁ ସେମାନଙ୍କର ମଧ୍ୟ ପ୍ରତ୍ୟେକ ଦିନ ଉପରେ ଅଧିକାର ଥାଏ । ପ୍ରତ୍ୟେକ ଦିନ ରାହୁକାଳ ନାମରେ ଦେଢ ଘଣ୍ଟା (୧ ୧/୨ ଘଣ୍ଟା) ସମୟ ନିର୍ଣ୍ଣୟ ହୋଇଥାଏ । ତେଣୁ ସାତଦିନର ରାହୁକାଳ ମିଶି ୧୦,୧/୨ ଘଣ୍ଟା ସମୟ ନିର୍ଦ୍ଧାତ ହୋଇଛି । ସେଥିପାଇଁ ଗୋଟିଏ ଗୋଟିଏ ଦିନ ପାଇଁ ଗୋଟିଏ ଗୋଟିଏ ଗ୍ରହର ସମୟ

ସାଢେ ଦଶଘଣ୍ଟା (୧୦.୧/୨ଘଣ୍ଟା) କାଳ ନିର୍ଣ୍ଣୀତ ହୋଇଛି । ରାହୁକେତୁ ମିଶି ଏକ ସପ୍ତାହରେ ମୋଟ ୧୦.୧/୨ କାଳ ଦେଖା ଦେଇଥା'ନ୍ତି । ସେହିଭଳି ସପ୍ତଗ୍ରହମାନେ ମହାକାଶରେ ଦକ୍ଷିଣରୁ ବାମକୁ ଘୂରୁଥିବା ବେଳେ, ରାହୁ କେତୁ ବାମରୁ ଦକ୍ଷିଣ ଦିଗକୁ ସେମାନଙ୍କୁ ପର୍ଯ୍ୟବେକ୍ଷଣ କରିବା ଭଳି ଘୂରୁଥା'ନ୍ତି ।

ମୁଖ୍ୟ ଭାବରେ ସପ୍ତଗ୍ରହର ସ୍ଥିତି କିପରିଥାଏ? ଦେଖିଲେ, ଗ୍ରହଗୁଡିକ ସାତଗୋଟି ଥିବା ବେଳେ ସୃଷ୍ଟି ଆଦିରୁ ସେମାନେ ଦୁଇଭାଗରେ ବିଭକ୍ତ ହୋଇଛନ୍ତି । କାରଣ! ସେମାନେ ଭୂପୃଷ୍ଠର ପାପାପୁଣ୍ୟକୁ ଅମଳ କରିବେ ବୋଲି ହିଁ ତିଆରି ହୋଇଛନ୍ତି । ତେଣୁ ପାପପାଇଁ କେତେଜଣ ଏବଂ ପୁଣ୍ୟପାଇଁ କେତେଜଣ ରହିଥା'ନ୍ତି । ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ ଏବଂ ଗୁରୁ ଏମାନେ ଏକ ଦଳ ତଥା ବୁଧ, ଶୁକ୍ର, ଶନି ଏମାନେ ମଧ୍ୟ ଏକ ଦଳ । ଏଭଳି ଦୁଇଟି ଭାଗରେ ଏଗୁଡିକ ବିଭକ୍ତ ହୋଇଛନ୍ତି । ଏମାନେ ପରସ୍ପର ବିରୁଦ୍ଧ ଭାବରେ ରହିଥା'ନ୍ତି । ପାପଠାରୁ ପୁଣ୍ୟର ଦୂରତା ଭଳି ଏମାନଙ୍କର ସଂପର୍କ । ପାପାପୁଣ୍ୟ ନେଇ ଏମାନେ ଜୀବରାଶିଙ୍କ ଉପରେ ଅଧିକାର ସାବ୍ୟସ୍ତ କରିଥା'ନ୍ତି । ତେଣୁ ଜୀବମାନଙ୍କର ଶରୀର ମଧ୍ୟ ସେମାନଙ୍କ ପାଇଁ ଦୁଇଟି ଭାଗ ହୋଇଛି । ତାହା ହିଁ ବାମ ଦକ୍ଷିଣ । ମୁଖ୍ୟ ଭାବରେ ଲକ୍ଷ୍ୟ କରନ୍ତୁ ଯେ, ଆମେ ନେଉଥିବା ସ୍ୱାସ ମଧ୍ୟ କିଛି ସମୟ ବାମରନ୍ଧ୍ରରେ, କିଛି ସମୟ ଦକ୍ଷିଣରନ୍ଧ୍ରରେ ପ୍ରବାହିତ ହୋଇଥାଏ । ଏ ସବୁର କାରଣ ସପ୍ତଗ୍ରହମାନଙ୍କର ପ୍ରଭାବ ।

ଦୁଇ ବର୍ଗର ଶେଷରେ ଥିବା ଶନି ଏବଂ ଗୁରୁ ନିଜ ନିଜ ଦଳର ଦଳମୁଖ୍ୟ ଭାବରେ ଥାଆନ୍ତି । ତେଣୁ ଦଳ ମଧ୍ୟ ସେମାନଙ୍କ ନାମାନୁଯାୟୀ ଗୁରୁଦଳ ଏବଂ ଶନିଦଳ କୁହାଯାଇଛି । ଗୁରୁଦଳରେ ସୂର୍ଯ୍ୟ, ଚନ୍ଦ୍ର ଏବଂ ମଙ୍ଗଳ ତିନିଜଣ ଥିବାବେଳେ, ଶନିଦଳରେ ବୁଧ ଏବଂ ଶୁକ୍ର ରହିଥିବାରୁ

ଗୁରୁଦଳରେ ଜଣେ ଅଧିକ ରହିଥିବାର ଜଣାପଡୁଛି । ଦୁଇଟି ଦଳକୁ ସମାନ କରିବା ପାଇଁ ପରମାତ୍ମା ଏକ ନିୟମ ସ୍ଥାପନ କରିଛନ୍ତି ତାହା କାଳ (ଯମ) ଦ୍ୱାରା ଚନ୍ଦ୍ରଗ୍ରହକୁ ଦୁଇଟି ଦଳ ଭିତରୁ ଚାଲିଯିବା ପାଇଁ ନିର୍ଣ୍ଣୟ କରିଛନ୍ତି । ତେଣୁ ଚନ୍ଦ୍ରର ଦୁଇଟି ପକ୍ଷ ରହିଛି । ଚନ୍ଦ୍ର କିଛିଦିନ ଗୋଟିଏ ପକ୍ଷରେ ରହି ଆଉ କିଛିଦିନ ଅନ୍ୟ ପକ୍ଷରେ ରହିଥାଏ । ସେହିଭଳି ଆମଠାରେ ପ୍ରବାହ ହେଉଥିବା ଶ୍ୱାସ ମଧ୍ୟ କିଛି ସମୟ ଦକ୍ଷିଣ ରନ୍ଧ୍ରରେ ଏବଂ କିଛି ସମୟ ବାମ ରନ୍ଧ୍ରରେ ପ୍ରବାହିତ ହୋଇଥାଏ । ଚନ୍ଦ୍ର ଗୁରୁ ପକ୍ଷରେ ରହିବାବେଳେ ସେହି ଦିନଗୁଡିକରେ କ୍ରମ ଭାବରେ ଅଭିବୃଦ୍ଧି ଘଟି ପୂର୍ଣ୍ଣମୀ ଦିନରେ ସଂପୂର୍ଣ୍ଣ ହୋଇଥାଏ । ବିପରୀତ ପକ୍ଷ ଶନି ପକ୍ଷରେ ରହିବାବେଳେ ଦିନକୁ ଦିନ କ୍ଷୟ ହୋଇ ଶେଷରେ ଅମାବାସ୍ୟା ହୋଇଥାଏ । ଏହା ସମସ୍ତଙ୍କୁ ପ୍ରତ୍ୟକ୍ଷ ଭାବରେ ଭୂପୃଷ୍ଠରୁ ହିଁ ଦେଖାଯାଇଥାଏ । ଏହି ଅନୁସାରେ ଶରୀରର ମଧ୍ୟ ନିର୍ମାଣ ଘଟିଛି ବୋଲି ଜଣାପଡିଛି । ଶରୀର କାହିଁକି ଦୁଇଭାଗ ହୋଇଛି ? ଏହା ଜାଣିବା ପାଇଁ ଇଚ୍ଛାକଲେ ! ପାପ ଏବଂ ପୁଣ୍ୟ ପାଇଁ ଶରୀର ଦରକାର ସେଥିଲାଗି ଏଭଳି ହୋଇଛି ବୋଲି ଜାଣି ହେଉଛି । ସପ୍ତଗ୍ରହ ପାପପୁଣ୍ୟ ଭାବରେ ଦୁଇଟି ପକ୍ଷ ହୋଇ ରହିଥା'ନ୍ତି । ତେଣୁ ଜୀବର ଶରୀର ମଧ୍ୟ ଦୁଇଟି ପକ୍ଷ ଭାବରେ ତିଆରି ହୋଇଛି । ସେଥିଲାଗି ଏହି ଶରୀରର ନାମ ଅର୍ଦ୍ଧନାରୀଶ୍ୱର । ଶରୀର ଭିତରେ ସୂର୍ଯ୍ୟନାଡୀ ଏବଂ ଚନ୍ଦ୍ରନାଡୀ ବିଭାଜିତ ହୋଇ, ବାହାରେ ବାମଦକ୍ଷିଣ ଭାବରେ ବିଭାଜନ ହୋଇ ରହିଥାଏ । ଶରୀର ବାବଦରେ ଜାଣି ପାରିଲେ, ପରମାତ୍ମା କଅଣ ତାହା ଜାଣିବାପାଇଁ କିଛି ମାର୍ଗ ମିଳିଥାଏ । **"ଭଗବଦ୍ଗୀତାରେ ଏ ଶରୀର ଏକ କ୍ଷେତ୍ର ଏବଂ ମୁଁ ତା'ର କ୍ଷେତ୍ରଜ୍ଞ ବୋଲି ପରମାତ୍ମା କହିଛନ୍ତି"** । ତେଣୁ ପ୍ରଥମେ ଶରୀରକ୍ଷେତ୍ରକୁ ଜାଣିଗଲେ ତା'ର କ୍ଷେତ୍ରଜ୍ଞ ବିଷୟରେ ଜାଣିବା ସହଜ ହୋଇଥାଏ । ପ୍ରଥମେ ଶରୀର ବାବଦରେ ନଜାଣି ପରମାତ୍ମାଙ୍କୁ ବା ଈଶ୍ୱରଙ୍କୁ ଜାଣିବା ସମ୍ଭବ ନୁହେଁ ।

ବାମଦକ୍ଷିଣ ଦୁଇ ଭାଗ ମିଶି ସୃଷ୍ଟି ହୋଇଥିବା ଶରୀରରେ ହିଁ ମଣିଷ ଭକ୍ତି, ଧ୍ୟାନ, ଯୋଗ ଆଚରଣ କରି ଆତ୍ମାକୁ ଜାଣିବ । ତେଣୁ ଯୋଗ ଇଚ୍ଛା କରୁଥିବା ପ୍ରତ୍ୟେକ ବ୍ୟକ୍ତି ଗୁରୁପକ୍ଷ ଏବଂ ଶନିପକ୍ଷ ବାବଦରେ ନିଶ୍ଚୟ ଜାଣି ଯୋଗ ଆଚରଣ କରିବା ଉଚିତ୍ । ଏଭଳି ନକଲେ ଯୋଗ ନିଷ୍ପ୍ରୟୋଜନ ହୋଇଯାଇଥାଏ । ଗୁରୁ ପକ୍ଷର ଦିନଗୁଡିକରେ ଦକ୍ଷିଣପାର୍ଶ୍ୱର ଶରୀର ବ୍ରହ୍ମଶକ୍ତି ଗ୍ରହଣ କରିପାରେ । ଶନିପକ୍ଷର ଦିନଗୁଡିକରେ ବାମପାର୍ଶ୍ୱର ଶରୀର ବ୍ରହ୍ମଶକ୍ତି ଗ୍ରହଣ କରିପାରେ । ଏ ବାବଦରେ କେଉଁ ପୁରାକାଳରୁ ଆମ ପୂର୍ବପୁରୁଷ ମହର୍ଷିମାନେ ଜାଣିପାରି ଯୋଗ ସମୟରେ ଯୋଗଦଣ୍ଡର ବ୍ୟବହାର କରୁଥିଲେ । କାଳକ୍ରମେ ତାହା ଲୋପ କରିଦେବାକୁ ବସିଥିବା ବିପରୀତଭକ୍ତମାନେ ପୂର୍ବର ବଡଲୋକମାନେ କରିଥିବା ଆଚରଣ ହିଁ ବ୍ୟର୍ଥ ବୋଲି କହିବାକୁ ପଛାଇ ନାହାନ୍ତି, ହେଲେ ଯେଉଁମାନେ ବ୍ୟର୍ଥ ବୋଲି କହୁଥିଲେ, ବାସ୍ତବରେ ସେମାନଙ୍କ ଆଚରଣ ବ୍ୟର୍ଥ ବୋଲି ସେମାନଙ୍କୁ ଜଣା ନଥିଲା । ପବିତ୍ର ମହର୍ଷିମାନେ ଚାଲି ଦେଖାଇଥିବା ପଥକୁ ସେମାନେ ଠିକ୍ ଭାବିଲେ ନାହିଁ, ଯାହା କଲେ ତାହା ପରମ୍ପରାଗତ ହୋଇଗଲା । ସେଥିଲାଗି ସୂତ୍ର ଜଣାନଥିବା ଆଜିର ଭକ୍ତମାନେ ଯୋଗଦଣ୍ଡର ଆବଶ୍ୟକ କ'ଣ ବା ଅଛି ବୋଲି କହୁଛନ୍ତି ।

ଯୋଗ କହିଲେ ଆତ୍ମାରେ ମିଳିତ ହେବା । ତେଣୁ ଯୋଗଦଣ୍ଡ କହିଲେ ତାହା ସେହି ଆତ୍ମା ସମ୍ବନ୍ଧୀୟ କିଛି ହୋଇଥିବ ବୋଲି ସହଜରେ ଜଣାପଡୁଛି, କିନ୍ତୁ ଆଜିର କାଳରେ ସେହି ଯୋଗଦଣ୍ଡର କୌଣସି ଆବଶ୍ୟକ ନାହିଁ ବୋଲି ଅନେକ ଲୋକ କହୁଛନ୍ତି । ସେଦିନ ବିଶ୍ୱାମିତ୍ର, ବଶିଷ୍ଠାଦି ମୁନିମାନେ କ'ଣ ଆମମାନଙ୍କଠାରୁ ବୁଦ୍ଧିହୀନ ଥିଲେ ? ନା କୌଣସି ନିୟମ ଜାଣି ନଥିଲେ ? ଏତେ ମହାନ ଯୋଗବିଦ୍ୟା ସମ୍ପନ୍ନ ହୋଇ ଯୋଗଦଣ୍ଡ ବ୍ୟବହାର କରି ଯୋଗସାଧନ କରିଥିବାବେଳେ, ସେମାନଙ୍କ ଅପେକ୍ଷା ଅତିଛୋଟ ହୋଇଥିବା ଆମେ ବିନା ଯୋଗଦଣ୍ଡରେ

ଯୋଗସାଧନ କରିଦେବା ବୋଲି ଭାବିବା ସତରେ ସ୍ୱପ୍ନର କଥା ଭଳି ହୋଇଯାଉଛି । ସେଥିଲାଗି ଆଜି ବଡବଡ ସ୍ୱାମିଜୀ ବୋଲାଉଥିବା ଲୋକମାନେ ମଧ୍ୟ ଭଗବାନ ଗୀତାଶାସ୍ତ୍ରର ଅକ୍ଷରପରବ୍ରହ୍ମ ଯୋଗରେ କହିବା ଭଳି ରାତିକାଳରେ, ଦକ୍ଷିଣାୟନରେ,କୃଷ୍ଣପକ୍ଷରେ ମୃତ୍ୟୁବରଣ କରୁଛନ୍ତି । ଏହା ଦ୍ୱାରା ସେମାନଙ୍କର ପୁନର୍ଜନ୍ମ ହୋଇଥାଏ ବୋଲି ଜଣାଯାଉଛି । ଭକ୍ତ ବୋଲାଉଥିବା ଲୋକମାନେ ମଧ୍ୟ ଦିନବେଳେ ନହୋଇ, ଶୁକ୍ଳପକ୍ଷ ନହୋଇ, ଉତ୍ତରାୟଣ ହୋଇ ନଥିବା ସମୟରେ ମୃତ୍ୟୁବରଣ କରୁଛନ୍ତି । ତେଣୁ ସେମାନେ ବହୁତକିଛି ଜାଣିବାକୁ ଅଛି, ଆଚରଣ କରିବାକୁ ଅନେକ କିଛି ଅଛି । **ଗୀତାଶାସ୍ତ୍ରର ଅକ୍ଷରପରବ୍ରହ୍ମ ଯୋଗର, ୨୮ତମ ଶ୍ଳୋକରେ "ଶୁକ୍ଳପକ୍ଷକୁ, କୃଷ୍ଣପକ୍ଷକୁ ଜାଣିଥିବା ଲୋକମାନେ ବେଦ-ପାଠ ଦ୍ୱାରା, ଯଜ୍ଞ ଦ୍ୱାରା, ତପସ୍ୟା ଦ୍ୱାରା କିମ୍ବା ଦାନଦେବା ଦ୍ୱାରା ମିଳୁଥିବା ପୁଣ୍ୟଫଳକୁ ଅତିକ୍ରମ କରିବା ଭଳି ହୋଇଥା'ନ୍ତି"** ବୋଲି ଭଗବାନ ଜଣାଇଛନ୍ତି । ଗୀତାଶାସ୍ତ୍ରରେ ବୋଧ କରୁଥିବା ବୋଧକମାନଙ୍କୁ ଯଦି ପକ୍ଷ କ'ଣ ଜଣା ନାହିଁ, ସେମାନଙ୍କୁ ଶୁକ୍ଳ, କୃଷ୍ଣପକ୍ଷ ବାବଦରେ କ'ଣ ବା ଜ୍ଞାନ ମିଳିଥିବ ? ଗୀତାଶାସ୍ତ୍ରରେ ଭଗବାନ ଏ ବିଷୟକୁ ବିପୁଳ ଭାବରେ ଜଣାଇଥିବା ବେଳେ, ଆଜି ନାନା କଥା, ନାନା ଉପମା ଖଚିତ ବାଣୀ କହୁଥିବା ଲୋକମାନେ ଭଗବାନଙ୍କ କଥାର ବ୍ୟତିରେକ ଆଚରଣ କରୁଛନ୍ତି । ଗୋଟିଏ ଦିନ କୁହାଯାଉଥିବା ରାତି ଦିନ, ପକ୍ଷ କୁହାଯାଉଥିବା କୃଷ୍ଣପକ୍ଷ, ଶୁକ୍ଳପକ୍ଷ, ବର୍ଷ କୁହାଯାଉଥିବା ଉତ୍ତରାୟଣ, ଦକ୍ଷିଣାୟନ କାହିଁକି ଅଛି ବୋଲି ବିଶୋଧିତ ଭାବରେ ଯିଏ ଗୁରୁଙ୍କ ଦ୍ୱାରା ଜାଣି ପାରିବ ସେ ଧନ୍ୟ ହୋଇଯିବ, ସର୍ବଜ୍ଞ ହୋଇପାରିବ । ପରମାତ୍ମା ଅଛନ୍ତି ବୋଲି କିଏ କହୁଥିବାର ଶୁଣି କହୁଛନ୍ତି ସିନା ସେ କିଏ, କିଭଳି ଅଛନ୍ତି ଜାଣି ନାହାନ୍ତି । ଶୁକ୍ଳପକ୍ଷ, କୃଷ୍ଣପକ୍ଷ ତ ଆମକୁ ଦେଖାଯାଉଛି ବୋଲି ଭାବୁଛନ୍ତି, ହେଲେ କାହିଁକି ଅଛି ? କିପରି ଅଛି ଜାଣି ନାହାନ୍ତି । ମନ୍ଦିରର ଦେବତା ସୂକ୍ଷ୍ମଭାବରେ

କାହା ଶରୀରରେ ଆସି କଥା କହୁଛି ବୋଲି ପ୍ରତ୍ୟକ୍ଷ ଭାବରେ ଦେଖୁଛନ୍ତି, ଭୂତ, ପ୍ରେତମାନେ କାହା ଶରୀରରେ ଆସି କଥା କହିବା ଦେଖୁଛନ୍ତି, ହେଲେ ଏହା କିପରି ସମ୍ଭବ ? ଏହାର ପ୍ରକୃତ ରହସ୍ୟ କଅଣ ସେ ବାବଦରେ ଜାଣିବା ପାଇଁ ଆଜି ମଣିଷର ଆଶକ୍ତି ନାହିଁ । ଆଜି ମଣିଷଠାରେ ଯାହା ଅଛି ତାହା କେବଳ ସ୍ୱାର୍ଥ । ଏହା ଉପରେ କେତେ ତାପତ୍ରୟ ପଡି କିଛି ନେଇ ପାରୁଥିବା ଲୋକ କେହି ନାହାନ୍ତି । ଏକଥା ସମସ୍ତେ ଜାଣିଛନ୍ତି ସିନା, ନିଜର ବାସ୍ତବ ସ୍ଥିତିକୁ ନଜାଣି ଦିନେ ସବୁକିଛିକୁ ଛାଡି ଯାଉଥିବା ମଣିଷ କାଳକୁ ସେହି ଅଯଥା ସ୍ୱାର୍ଥ ପାଇଁ ବିନିଯୋଗ କରୁଛି ।

ସପ୍ତଗ୍ରହ, ନବଗ୍ରହ ବ୍ୟତୀତ ଆଗରୁ ଥିବା ବିଧାନ ହେଉଛି ! ସପ୍ତଗ୍ରହମାନଙ୍କ ପାଇଁ ସାତଗୋଟି ଦିନ ନିର୍ଦ୍ଦେଶିତ ହୋଇ, ଗ୍ରହଗୁଡିକ ଦୁଇ ଭାଗରେ ବିଭକ୍ତ ହୋଇଛନ୍ତି, ସେମାନଙ୍କ ଅନୁସାରେ ଦିନଗୁଡିକ ମଧ୍ୟ ଦୁଇ ପକ୍ଷ ଭାବରେ ବିଭାଜିତ ହୋଇ ରହିଛି । ଆଦିବାର (ରବିବାର), ସୋମବାର, ମଙ୍ଗଳବାର ଏବଂ ଗୁରୁବାର, ଗୋଟିଏ ଭାଗର ହୋଇ ବୁଧବାର ଶୁକ୍ରବାର, ଶନିବାର ଆଉ ଗୋଟିଏ ଭାଗ ପାଇଁ ନିର୍ଦ୍ଧାରିତ ହୋଇ ରହିଛନ୍ତି । ଦୁଇଭାଗର ସମାନତା ରକ୍ଷା କରିବା ପାଇଁ ଚନ୍ଦ୍ର ଗୋଟିଏ ପକ୍ଷରେ ୧୫ ଦିନ ରହି ଅନ୍ୟ ପକ୍ଷକୁ ବଦଳି ୧୫ ଦିନ ରହିଥାଏ । ଏହିଭଳି ଚନ୍ଦ୍ର ବଦଳିବାକୁ ପକ୍ଷ କହନ୍ତି । ଚନ୍ଦ୍ର ବଦଳିବା ଦ୍ୱାରା ଦୁଇ ପକ୍ଷ ଗ୍ରହମାନଙ୍କର ସମାନତାକୁ ବଜାୟ ରଖିଛି । ଚନ୍ଦ୍ର ଗୁରୁପକ୍ଷରେ ରହିବାବେଳେ ଶୁକ୍ଳପକ୍ଷ ଏବଂ ଶନିପକ୍ଷରେ ରହିବାବେଳେ କୃଷ୍ଣପକ୍ଷ ହୋଇଥାଏ ବୋଲି ଆମକୁ ଜଣାଯାଉଛି । ଶୁକ୍ଳପକ୍ଷରେ ଆଦି (ରବି), ସୋମ, ମଙ୍ଗଳ, ଗୁରୁବାର ଏକ ହୋଇ ଥିବାବେଳେ କୃଷ୍ଣ ପକ୍ଷରେ ବୁଧ, ଶୁକ୍ର, ଶନି ଏବଂ ସୋମବାର ଏକ ହୋଇ ରହିଆ'ନ୍ତି । ତେଣୁ ଶୁକ୍ଳପକ୍ଷର ଆଦି, ସୋମ, ମଙ୍ଗଳ ଏବଂ ଗୁରୁବାର ଦିନଗୁଡିକରେ ଶରୀରର ଦକ୍ଷିଣ ପାର୍ଶ୍ୱରେ କେବଳ ବ୍ରହ୍ମଶକ୍ତି ପ୍ରବେଶ କରିପାରିବା ସୁଯୋଗ ରହିଛି । ଅର୍ଥାତ୍ ଶରୀରର ଦକ୍ଷିଣପାର୍ଶ୍ୱ

ବଳଶାଳୀ ହେଉଛି । ଏହି ଦିନଗୁଡିକରେ ଶରୀରର ବାମ ପାର୍ଶ୍ୱରେ ବ୍ରହ୍ମଶକ୍ତି କଦାପି ପ୍ରବେଶ କରିପାରେ ନାହିଁ । କୃଷ୍ଣପକ୍ଷର ବୁଧ, ଶୁକ୍ର, ଶନି ଏବଂ ସୋମବାର ଦିନଗୁଡ଼ିକରେ ଶରୀରର ବାମପାର୍ଶ୍ୱରେ ବ୍ରହ୍ମଶକ୍ତି ପ୍ରବେଶ କରିବାର ସାମର୍ଥ୍ୟ ରହିଛି । ଏହି ଦିନଗୁଡିକରେ ଶରୀରର ଦକ୍ଷିଣ ପାର୍ଶ୍ୱରେ ବ୍ରହ୍ମଶକ୍ତି ପ୍ରବେଶ କରିପାରେ ନାହିଁ । ତେଣୁ ଯୋଗ ଆଚରଣ କରୁଥିବା ସମୟରେ ଆମେ କେଉଁ ଦିନ ଗୁଡିକରେ ଯୋଗ ଆଚରଣ କରୁଛେ, ସେଦିନ ଶରୀରର କେଉଁ ପାର୍ଶ୍ୱ ଆବଶ୍ୟକ ତାହା ଜାଣି ସେହି ଭାଗରେ ଆମ ଭିତରେ ପ୍ରବାହିତ ହେଉଥିବା ଶ୍ୱାସକୁ ଚଲାଇବା ଆବଶ୍ୟକ, ସେ ସମୟରେ ଶରୀରରେ ଯେଉଁ ପାର୍ଶ୍ୱରେ ଅଧିକ ବେଗରେ ଶ୍ୱାସ ପ୍ରବାହିତ ହେଉଥିବ ସେହି ଭାଗର ଅଧିପତି ହୋଇଥିବା ଗ୍ରହମାନେ ସେହି ପାର୍ଶ୍ୱରେ ବ୍ରହ୍ମଶକ୍ତିକୁ ପହଞ୍ଚାଇଦେବା ଭଳି କରିଥା'ନ୍ତି । ତାଛଡା ବିପରୀତ ଦିଗରେ ଶ୍ୱାସ ଚଳୁଥିଲେ ବ୍ରହ୍ମଶକ୍ତି ଗ୍ରହଣ କରିବା ସାମର୍ଥ୍ୟକୁ ସେହି ପାର୍ଶ୍ୱର ଶରୀର ହରାଇବସେ । ଏହି ବିଷୟକୁ ବୁଝିବା ପାଇଁ ଏକ ଉଦାହରଣ ନିହାତି ଆବଶ୍ୟକ ।

ଜଣେ ଯୋଗୀ ମଙ୍ଗଳବାର ଦିନ ଯୋଗ ଆଚରଣ କରୁଛି ବୋଲି ଭାବିବା । ମଙ୍ଗଳବାର ହେଉଛି ଗୁରୁ ପକ୍ଷର, ଗୁରୁପକ୍ଷ ଶରୀରର ଦକ୍ଷିଣ ପାର୍ଶ୍ୱରେ ଅଧିକାର ଜମାଇ ରହିଛି । ତେଣୁ ସେହି ଯୋଗୀ ତା'ର ଶ୍ୱାସକୁ ନାକର ଦକ୍ଷିଣପାର୍ଶ୍ୱରେ ଥିବା ରନ୍ଧ୍ରରେ ପ୍ରବାହିତ କରିବା ଉଚିତ୍ । ତା'ର ଶ୍ୱାସ ଯେତେବେଳଯାଏଁ ନାକର ଦକ୍ଷିଣରନ୍ଧ୍ରରେ ପ୍ରବାହିତ ହେଉଥିବ ସେତେବେଳ ଯାଏ ତା'ର ଶରୀର ଭିତରକୁ ଦକ୍ଷିଣପାର୍ଶ୍ୱରେ ଥିବା ସୂକ୍ଷ୍ମ ରନ୍ଧ୍ରଗୁଡିକରେ ବ୍ରହ୍ମଶକ୍ତି ପ୍ରବେଶ କରୁଥିବ । ତା'ନହୋଇ ଯଦି ତା'ର ଶ୍ୱାସ ନାକର ବାମପାର୍ଶ୍ୱରେ ପ୍ରବାହିତ ହେଉଥିବ ତେବେ ସେ ଯୋଗୀ ଯେତେ ସମୟ ଧରି ଯୋଗ ଆଚରଣ କଲେ ମଧ୍ୟ ଯୋଗଶକ୍ତି ଟିକିଏ ବି ପ୍ରବେଶ କରିବ ନାହିଁ । କାରଣ ! ସେତେବେଳେ ଯୋଗଶକ୍ତି ପ୍ରବେଶ କରିବା ଦ୍ୱାର

ହିଁ ବନ୍ଦ ରହିଥିବ । ଶ୍ୱାସ ଶରୀରର ବାମପାର୍ଶ୍ୱର ରନ୍ଧ୍ରକୁ ବଦଳିଯିବା ଦ୍ୱାରା ସେ ପାର୍ଶ୍ୱରେ ଥିବା ସୂକ୍ଷ୍ମ ରନ୍ଧ୍ରଗୁଡିକର ଦ୍ୱାର ଖୋଲା ରହିଥିବ, ସେଦିନର ମଙ୍ଗଳବାରଟି ଗୁରୁ ପକ୍ଷର ହୋଇଥିବାରୁ ବ୍ରହ୍ମଶକ୍ତି ବାମପାର୍ଶ୍ୱରେ ପ୍ରବେଶକରିବା ସୁଯୋଗ ନାହିଁ । କାରଣ ! ସେଦିନ ବାମପାର୍ଶ୍ୱରେ ରହୁଥିବା ଗ୍ରହମାନଙ୍କର ଦିନ ନୁହେଁ । ଏହି ଉଦାହରଣ ଅନୁସାରେ ଜଣାପଡୁଛି ଯେ, ଶ୍ୱାସ ଯେଉଁପାର୍ଶ୍ୱରେ ପ୍ରବାହିତ ହେଉଛି, ସେହି ପାର୍ଶ୍ୱର ଶରୀରରେ ଥିବା ସୂକ୍ଷ୍ମରନ୍ଧ୍ରଗୁଡିକ ହିଁ କେବଳ ଶକ୍ତିକୁ ଗ୍ରହଣ କରିପାରନ୍ତି । ଦିନଗୁଡିକ ଯେଉଁ ପକ୍ଷର ସେହି ପକ୍ଷଭାଗରେ ବ୍ରହ୍ମଶକ୍ତି ଥାଏ । ତେଣୁ ବ୍ରହ୍ମଶକ୍ତି ଅର୍ଜନ କରୁଥିବା ଯୋଗୀମାନେ ପୂର୍ବେ ଯୋଗ ସମୟରେ ଯେଉଁ ପକ୍ଷର ଦିନ ସେହି ପାର୍ଶ୍ୱରେ ଶ୍ୱାସକୁ ପ୍ରବାହିତ କରାଉଥିଲେ ।

ଗୁରୁଦଳ, ଶନିଦଳର ଦିନଗୁଡିକ କାଳକ୍ରମେ ପଦ୍ଧତିବଦ୍ଧ ଭାବରେ ବଦଳିଥା'ନ୍ତି ସିନା, ଆମଠାରେ ପ୍ରବାହିତ ହେଉଥିବା ଶ୍ୱାସର ପଦ୍ଧତି ଅନୁସାରେ ବଦଳି ନଥାନ୍ତି । ଶ୍ୱାସ ତା'ର ଇଚ୍ଛାନୁଯାୟୀ କୌଣସିନା କୌଣସି ଦିଗକୁ ବଦଳୁଥାଏ । ତେଣୁ ପଦ୍ଧତିହୀନ ଶ୍ୱାସକୁ ଗୋଟିଏ ପାର୍ଶ୍ୱରେ ସ୍ଥିରକରି ଯୋଗ ସାର୍ଥକ କରିବାପାଇଁ ଯେଉଁ ପଦ୍ଧତିର ବ୍ୟବହାର କରାଯାଇଥାଏ ତାହା ହେଉଛି "ଯୋଗଦଣ୍ଡ" । ଯୋଗଦଣ୍ଡର ବ୍ୟବହାର ଆଜି କେହି କରୁ ନଥିଲେ ମଧ୍ୟ, ତାହା (ଯୋଗଦଣ୍ଡ) କଅଣ ବୋଧହୁଏ ଅନେକଙ୍କୁ ଜଣାଥାଏ ।

ଆମଠାରେ ପ୍ରବାହିତ ହେଉଥିବା ଶ୍ୱାସକୁ ଗୋଟିଏ ପାର୍ଶ୍ୱର ନାସିକା ରନ୍ଧ୍ରରେ ପ୍ରବାହିତ କରାଇବା ପାଇଁ ହେଲେ, ତା'ର ବିପରୀତ ପାର୍ଶ୍ୱରେ ଯୋଗଦଣ୍ଡ ବିନିଯୋଗ କରିବା ଉଚିତ୍ । ଭୂଜର ତଳକୁ ଥିବା ବାହୁ ଭାଗରେ ଯୋଗଦଣ୍ଡର ଖାଲୁଆ ଅଂଶକୁ ରଖି ଅର୍ଥାତ୍ ଯୋଗଦଣ୍ଡର ଖାଲୁଆ ଅଂଶ ଉପରେ ବାହୁକୁ ରଖି, ଯୋଗଦଣ୍ଡକୁ ତଳେ ଭୂମି ଉପରେ ଦଣ୍ଡାୟମାନ କରିବା ଉଚିତ୍ । ଯୋଗଦଣ୍ଡ ଏଭଳି ରହିବା ଦ୍ୱାରା ବାହୁରେ

ଥିବା ଶୀରାଗୁଡିକ ଦଣ୍ଡର ପ୍ରଭାବରେ ପ୍ରଭାବିତ ହୋଇଯିବା ଦ୍ୱାରା ଶ୍ୱାସ ଅପର ପାର୍ଶ୍ୱକୁ ବଦଳିଯାଏ । ଉଦାହରଣ ସ୍ୱରୂପ ବୁଧବାର ଦିନ ଯୋଗ ଆଚରଣ କରିବାବେଳେ ଶ୍ୱାସ ବାମପାର୍ଶ୍ୱରେ ପ୍ରବାହିତ ହେବା ଉଚିତ୍ । ତେଣୁ ଯୋଗଦଣ୍ଡ ଦକ୍ଷିଣ ହାତର ବାହୁ ତଳେ ରଖିବା ଉଚିତ୍ । ଦକ୍ଷିଣ ପାର୍ଶ୍ୱରେ ଯୋଗଦଣ୍ଡ ରଖିବା ଦ୍ୱାରା ଶ୍ୱାସ ଆପଣାଛାଏଁ ଦକ୍ଷିଣ ପାର୍ଶ୍ୱକୁ ବଦଳିଯିବ । ଦକ୍ଷିଣ ପାର୍ଶ୍ୱରେ ଅଧିକ ଶ୍ୱାସ ପ୍ରବାହିତ ହେଉଥିଲେ ତାହା ସୂର୍ଯ୍ୟନାଡୀର ଏବଂ ଶ୍ୱାସ ବାମପାର୍ଶ୍ୱରେ ଅଧିକ ପ୍ରବାହିତ ହେଉଥିଲେ ତାହା ଚନ୍ଦ୍ରନାଡୀର ବୋଲି ବଡମାନେ କହୁଥିଲେ । ସୂର୍ଯ୍ୟନାଡୀ ଏବଂ ଚନ୍ଦ୍ରନାଡୀ ଆମର ସ୍ୱାଧିନରେ ରହିବାକୁ ହେଲେ ଯୋଗଦଣ୍ଡର ବ୍ୟବହାର ଆବଶ୍ୟକ ହୋଇଥାଏ । ଏ କଥାକୁ ବିପୁଳଭାବରେ ଜାଣିଥିବା ବଶିଷ୍ଠାଦି ମହାମୁନିମାନେ ସେମାନଙ୍କ ପାଖରେ ସବୁବେଳେ ଯୋଗଦଣ୍ଡ ରଖୁଥିଲେ । ଯୋଗଦଣ୍ଡ ସହିତ ସେମାନେ ମୃଗଚର୍ମ ମଧ ପାଖରେ ରଖୁଥିଲେ । ଯେଉଁ ସ୍ଥାନକୁ ଯାଉଥିଲେ ତାହାକୁ ସେମାନେ ସାଙ୍ଗରେ ନେଇ ଯାଉଥିଲେ, କିନ୍ତୁ ଆଜିର କାଳରେ କ'ଣ ଚର୍ମାଶନ ନହେଲେ ପରମାତ୍ମା ଆମ ଯୋଗ ସ୍ୱୀକାର କରିବେ ନାହିଁ ? ବୋଲି ପ୍ରଶ୍ନ କରୁଥିବା ଲୋକମାନେ ତିଆରି ହେଲେଣି । ସେକାଳର ଲୋକମାନେ କଷ୍ଟ ସ୍ୱୀକାର କରି ମଧ ଯେଉଁ ସ୍ଥାନକୁ ଯାଉଥିଲେ ସେ ସ୍ଥାନକୁ ଯୋଗଦଣ୍ଡ ଆଉ ଚର୍ମାସନକୁ ନେଇ ଯାଉଥିଲେ, କିନ୍ତୁ ଆଜି ତା'ର ବ୍ୟବହାର ଦୂରେଥାଉ ଯଦି ସେ ବାବଦରେ କେହି କହେ ତେବେ ତା'କଥାକୁ ମଧ ହେଳିତ କର୍ଣ୍ଣରେ ଶୁଣୁଛନ୍ତି ।

ଚନ୍ଦ୍ର ଦୁଇ ପକ୍ଷକୁ ବଦଳୁଥାଏ । ତେଣୁ ଉପର କଥାକୁ ଭଲ ଭାବରେ ମନେ ରଖିବା ଉଚିତ୍ । ଯୋଗ ଆଚରଣ କରିବା ସମୟରେ ଏହି ପଦ୍ଧତିଗୁଡିକୁ ଧାନ ଦେଇ କଲେ ଆପଣ ନିଶ୍ଚୟ ଯୋଗଶକ୍ତି ପାଇ ପାରିବେ । ପଦ୍ଧତିହୀନ ଭାବରେ ଯୋଗ ଆଚରଣ କଲେ ଯୋଗଶକ୍ତି ନଷ୍ଟ ହୁଏ, କଷ୍ଟ ସ୍ୱୀକାର ଧାର୍ଯ୍ୟ ହୁଏ । (ଯୋଗ ମୋଟ ତିନି ପ୍ରକାରର । ସେହି

ତିନି ପ୍ରକାରର ଯୋଗ ଭିତରୁ କେବଳ ବ୍ରହ୍ମଯୋଗରେ ଯୋଗଦଣ୍ଡ ଆବଶ୍ୟକ ଥାଏ, ଅନ୍ୟ ଦୁଇଟି ଯୋଗରେ ଯୋଗଦଣ୍ଡର ଆବଶ୍ୟକ ନଥାଏ ବୋଲି ଜାଣିବା ଉଚିତ୍ ।)

**୧) ଆଦିବାର (ରବିବାର) ସୂର୍ଯ୍ୟଙ୍କ ଦିନ :-** ସୂର୍ଯ୍ୟ ଗୁରୁ ଦଳର । ଗୁରୁଦଳ ଶରୀରର ଦକ୍ଷିଣ ପାର୍ଶ୍ୱର ଅଧିକାରୀ । ତେଣୁ ସେଦିନ ବ୍ରହ୍ମଶକ୍ତି ଶରୀରର ଦକ୍ଷିଣ ପାର୍ଶ୍ୱରେ ପ୍ରବେଶ କରିବା ସୁଯୋଗ ଥାଏ । ଶକ୍ତି ଶରୀରରେ ପ୍ରବେଶ କରିବା ପାଇଁ ଶରୀରର ଦକ୍ଷିଣପାର୍ଶ୍ୱର ସୂକ୍ଷ୍ମରନ୍ଧ୍ର ଉନ୍ମୁକ୍ତ ରହିବା ଆବଶ୍ୟକ । ସୂକ୍ଷ୍ମରନ୍ଧ୍ର ଉନ୍ମୁକ୍ତ ରହିବାପାଇଁ ଶ୍ୱାସ ନାସିକାର ବାମପାର୍ଶ୍ୱ ରନ୍ଧ୍ରରେ ପ୍ରବାହିତ ହେବା ଆବଶ୍ୟକ । ଅର୍ଥାତ୍ ଶ୍ୱାସ ସୂର୍ଯ୍ୟନାଡୀରେ ପ୍ରବାହିତ ହେବା ଉଚିତ୍ । ତେଣୁ ଯୋଗଦଣ୍ଡ ବାମ ବାହୁର ତଳେ ରଖିବା ଉଚିତ୍ ।

**୨) ସୋମବାର ଚନ୍ଦ୍ରଙ୍କର ଦିନ :-** ଶୁକ୍ଳପକ୍ଷ ସୋମବାର ଦିନଟି ଗୁରୁଦଳର । ତେଣୁ ଶ୍ୱାସ ଦକ୍ଷିଣ ନାସାରନ୍ଧ୍ରରେ (ସୂର୍ଯ୍ୟନାଡୀରେ) ପ୍ରବାହିତ ହେବା ଉଚିତ୍ । କିନ୍ତୁ କୃଷ୍ଣପକ୍ଷର ସୋମବାରଟି ଶନିଦଳର । ତେଣୁ ଶ୍ୱାସ ବାମ ନାସାରନ୍ଧ୍ର (ଚନ୍ଦ୍ରନାଡୀ)ରେ ପ୍ରବାହିତ ହେବା ଉଚିତ୍ । ଶୁକ୍ଳପକ୍ଷରେ ଆସୁଥିବା ସୋମବାର ଦିନ ଯୋଗଦଣ୍ଡ ବାମପାର୍ଶ୍ୱରେ ରଖିବା ଉଚିତ୍ । କୃଷ୍ଣପକ୍ଷରେ ଆସୁଥିବା ସୋମବାର ଦିନ ଯୋଗଦଣ୍ଡ ଦକ୍ଷିଣ ପାର୍ଶ୍ୱରେ ରଖିବା ଉଚିତ୍ ।

**୩) ମଙ୍ଗଳବାର ଅଙ୍ଗାରକର (ମଙ୍ଗଳଙ୍କ) ଦିନ :-** ତେଣୁ ଗୁରୁଦଳର । ଶ୍ୱାସ ଦକ୍ଷିଣପାର୍ଶ୍ୱରେ (ସୂର୍ଯ୍ୟନାଡୀରେ) ଚଲାଇବା ଉଚିତ୍ ଆଉ ଯୋଗଦଣ୍ଡ ବାମପାର୍ଶ୍ୱରେ ରଖିବା ଉଚିତ୍ ।

**୪) ବୁଧବାର ବୁଧଙ୍କର ଦିନ :-** ଶନିପକ୍ଷର ବା ଶନିଦଳର,

ତେଣୁ ଶ୍ୱାସ ବାମପାର୍ଶ୍ୱରେ (ଚନ୍ଦ୍ରନାଡୀରେ) ଚଲାଇବା ଉଚିତ୍ ଏବଂ ଯୋଗଦଣ୍ଡ ଦକ୍ଷିଣ ପାଶ୍ୱରେ ବ୍ୟବହାର କରିବା ଉଚିତ୍ ।

**୫) ଗୁରୁବାର ଗୁରୁଙ୍କର ଦିନ :-** ତେଣୁ ଗୁରୁପକ୍ଷର । ଶ୍ୱାସ ଦକ୍ଷିଣ ପାର୍ଶ୍ୱରେ (ସୂର୍ଯ୍ୟନାଡୀରେ) ଚାଲୁଥିବା ଆବଶ୍ୟକ । ଯୋଗଦଣ୍ଡ ବାମହାତ ତଳେ ରଖିବା ଉଚିତ୍ ।

**୬) ଶୁକ୍ରବାର ଶୁକ୍ରଙ୍କର ଦିନ :-** ତେଣୁ ଶନିଦଳର । ଶ୍ୱାସ ବାମପାର୍ଶ୍ୱରେ (ଚନ୍ଦ୍ର ନାଡୀରେ) ଚାଲୁଥିବା ଦରକାର । ଯୋଗଦଣ୍ଡ ଦକ୍ଷିଣପାର୍ଶ୍ୱରେ ବ୍ୟବହାର କରିବା ଉଚିତ୍ ।

**୭) ଶନିବାର ଶନିଙ୍କର ଦିନ :-** ତେଣୁ ଶନି ଦଳର, ଶ୍ୱାସ ବାମପାର୍ଶ୍ୱରେ (ଚନ୍ଦ୍ରନାଡୀରେ) ଚଲାଇବା ଉଚିତ୍ ଏବଂ ଯୋଗଦଣ୍ଡ ଦକ୍ଷିଣବାହୁରେ ବ୍ୟବହାର କରିବା ଉଚିତ୍ ।

**ସୂଚନା :-** ଯୋଗସାଧନ କରିବାକୁ ଇଚ୍ଛା କରୁଥିବା ଲୋକମାନଙ୍କ ପାଇଁ ଏହା ଏକ ମୁଖ୍ୟ ସୂଚନା, ମନେରଖନ୍ତୁ । ଶ୍ୱାସ ବାମ, ଦକ୍ଷିଣ ହୋଇ ଦୁଇ ପାର୍ଶ୍ୱରେ ପ୍ରବାହିତ ହୋଇଥାଏ । ଗୁରୁପକ୍ଷର ଦିନଗୁଡିକରେ ଯୋଗ କରୁଥିବା ସମୟରେ ଦକ୍ଷିଣପାର୍ଶ୍ୱ, ଶନିପକ୍ଷ ଦିନଗୁଡିକରେ ଯୋଗ କରୁଥିବା ସମୟରେ ବାମପାର୍ଶ୍ୱରେ ଶ୍ୱାସକୁ ପ୍ରବାହିତ କରାଇବା ଉଚିତ୍ । ସେଥିଲାଗି ଯୋଗଦଣ୍ଡକୁ ବିପରୀତ ଦିଗରେ ବ୍ୟବହାର କରିବା ଉଚିତ୍ ବୋଲି ଜଣାଇଛୁ, କିନ୍ତୁ ଏହିଭଳି ଯୋଗସାଧନା କରୁଥିବା ଲୋକମାନଙ୍କ ଭିତରୁ ମାତ୍ର କେଇଜଣଙ୍କର ଶ୍ୱାସ ଆମେ କହିଥିବା ଉପାୟ ଦ୍ୱାରା ମଧ୍ୟ ବଦଳି ନଥାଏ, ଆପଣ କହିଥିବା ଉପାୟରେ କଲି ହେଲେ ମୋ'ଠାରେ ପ୍ରବାହିତ ହେଉଥିବା ଶ୍ୱାସ କାହିଁକି ବଦଳିଲା ନାହିଁ ? ବୋଲି ଚିନ୍ତିତ ହେବା ଆବଶ୍ୟକ ନାହିଁ । ଯୋଗଦଣ୍ଡର ବ୍ୟବହାର ବାବଦରେ ଆମେ ଯେଉଁଭଳି କହିଛୁ ସେହିଭଳି କରିଚାଲନ୍ତୁ ।

ଏ ବାବଦରେ ଆହୁରି ବିପୁଳ ଭାବରେ କହିଲେ ! ଶରୀରର ଦକ୍ଷିଣ ଭାଗରେ ସୂର୍ଯ୍ୟନାଡୀ ଥାଏ । ସେହିଭଳି ବାମଭାଗରେ ଚନ୍ଦ୍ରନାଡୀ ଥାଏ । ଆମ ଶରୀରରେ ଥିବା ଅନ୍ତଃକରଣଗୁଡିକ ଭିତରୁ ଦ୍ୱିତୀୟ ଏବଂ ମୁଖ୍ୟ ହୋଇଥିବା ମନ ଜାଗ୍ରତ ଅବସ୍ଥାରେ ଏହି ସୂର୍ଯ୍ୟନାଡୀରେ ହିଁ ରହିଥାଏ । ଗୋଟିଏ ଦିନରେ ସେ ସୂର୍ଯ୍ୟନାଡୀରେ କିଛି ସମୟ, ଚନ୍ଦ୍ରନାଡୀରେ କିଛି ସମୟ ନିବାସ କରିଥାଏ । ମନ ଦକ୍ଷିଣପାର୍ଶ୍ୱର ସୂର୍ଯ୍ୟନାଡୀରେ ଥିବାବେଳେ ଶ୍ୱାସ ଦକ୍ଷିଣ ନାସାରନ୍ଧ୍ରରେ, ବାମପାର୍ଶ୍ୱରେ ଥିବା ଚନ୍ଦ୍ରନାଡୀରେ ଥିବାବେଳେ ଶ୍ୱାସ ବାମ ନାସାରନ୍ଧ୍ରରେ ଅଧିକ ପ୍ରବାହିତ ହୋଇଥାଏ । ଭିତରେ ଥିବା ମନ ଯେଉଁ ପାର୍ଶ୍ୱକୁ ଯାଏ ଶ୍ୱାସ ସେହି ପାର୍ଶ୍ୱରେ ଅଧିକ ପ୍ରବାହିତ ହୋଇଥାଏ, ତେଣୁ ମନକୁ ଏକ ନାଡୀ ଉପରେ ସ୍ଥିର କରିବାପାଇଁ ଯୋଗଦଣ୍ଡର ଆବଶ୍ୟକ ପଡିଥାଏ ବୋଲି ଆମେ ଜଣାଇଛୁ । ଯୋଗଦଣ୍ଡ ବିନିଯୋଗ ହୋଇଥିବା ଦିଗରେ ମନ ନଥାଇ ତା'ର ବିପରୀଜନମ

ଦିଗରେ ଥାଏ । ତେଣୁ ଶ୍ୱାସ ମଧ୍ୟ ଯୋଗଦଣ୍ଡ ବିନିଯୋଗ ହୋଇଥିବା ଦିଗରେ ନରହି ତା'ର ବିପରିତ ଦିଗକୁ ଚାଲିଯାଏ, କିନ୍ତୁ ମାତ୍ର ଏକ ଶତାଂଶ ଲୋକେ ଯୋଗଦଣ୍ଡ ବିନିଯୋଗ କଲେ ମଧ୍ୟ ସେମାନଙ୍କ ଶ୍ୱାସ ନ ବଦଳି ଯଥାରୀତିରେ ଚାଲିଥାଏ । ଅର୍ଥାତ୍ ଯୋଗଦଣ୍ଡ ବିନିଯୋଗ ହୋଇଥିବା ଦିଗରେ ଶ୍ୱାସ ପ୍ରବାହିତ ହୋଇଥାଏ ସିନା, ଭିତରେ ଥିବା ମନ ସେଭଳି ନରହି ବିପରୀତ ଦିଗକୁ ଚାଲିଯାଇଥାଏ । ଯୋଗ ପାଇଁ ମନର ପ୍ରାଧାନ୍ୟତା ଅଧିକ ଥାଏ, ଶ୍ୱାସର ନଥାଏ । ତେଣୁ ଶ୍ୱାସ ବଦଳିଲା ନାହିଁ ବୋଲି ଚିନ୍ତିତ ହେବା ଆବଶ୍ୟକ ନାହିଁ ।

ଯୋଗଦଣ୍ଡର ବ୍ୟବହାର ହେଉହେଉ ଉପରେ ଶ୍ୱାସ ବଦଳୁ ବା ନବଦଳୁ କିନ୍ତୁ ଭିତରେ ଥିବା ମନ ତୁରନ୍ତ ବଦଳିଯାଇଥାଏ । ତେଣୁ

ଯୋଗଶକ୍ତି ମଧ୍ୟ ମନ ଥିବା ଦିଗରେ ପ୍ରବେଶ କରିବା ଆରମ୍ଭ କରିଥାଏ । ଯୋଗଦଣ୍ଡ ବିନିଯୋଗ କଲେ ମଧ୍ୟ ଯେଉଁମାନଙ୍କର ଶ୍ୱାସ ବଦଳୁ ନାହିଁ ସେମାନେ ମଧ୍ୟ ଯୋଗଶକ୍ତିକୁ ନଷ୍ଟ ନକରି ଅର୍ଜନ କରୁଛନ୍ତି ବୋଲି ଜାଣିବା ଉଚିତ୍ । ମୁଖ୍ୟଭାବରେ ସମସ୍ତେ ଜାଣିବା ଦରକାର ଯେ, ମନକୁ ବାମ କିମ୍ବା ଦକ୍ଷିଣଦିଗକୁ ବଦଳାଇବା ପାଇଁ ଯୋଗଦଣ୍ଡର ବ୍ୟବହାର କରାଯାଇଥାଏ । ତେଣୁ ଆମେ ଜଣାଇଥିବା ନିୟମ ଅନୁସାରେ ଯୋଗ ଦଣ୍ଡର ବ୍ୟବହାର କରିବା ଉଚିତ୍ । ପୂର୍ବେ ନିଜର ମନକୁ ବଦଳାଇ ସୂର୍ଯ୍ୟ କିମ୍ବା ଚନ୍ଦ୍ରନାଡୀକୁ ନେବାପାଇଁ ଶଙ୍କର ଯୋଗଦଣ୍ଡର ବ୍ୟବହାର କରିଥିଲେ, ବିଷ୍ଣୁ ନିଜର ମୁଣ୍ଡକୁ ବାମ କିମ୍ବା ଦକ୍ଷିଣ ହାତରେ ରଖି ଯୋଗ ଆଚରଣ କରିଥିବା ଜଣାଯାଏ । ବିଷ୍ଣୁ, ଶଙ୍କରାଦି ସେହି ଯୋଗ ଆଚରଣ କରିଥିବା ବେଳେ, ଆମେ ତା'ର ମୂଲ୍ୟକୁ ଅତି କମ୍‌ରେ ଜାଣିବା ଉଚିତ୍, କିନ୍ତୁ ଆମେ ଆମଠାରେ ଆଲୋଚନା ଶକ୍ତି ଥାଇ ମଧ୍ୟ ଜାଣିବା ପାଇଁ ଇଚ୍ଛା କରୁନାହେଁ । ଯେଉଁମାନେ ଏହି ବ୍ରହ୍ମଯୋଗ ଆଚରଣ କରିବାକୁ ଇଚ୍ଛା କରନ୍ତି ସେମାନେ ଯୋଗ ସମୟରେ ଯୋଗଦଣ୍ଡର ବ୍ୟବହାର କରିବା ଉଚିତ୍ ।

*****

# ଚର୍ମାସନର ଆବଶ୍ୟକତା

ପୂର୍ବେ ମୁନି ଋଷିମାନେ, ମହର୍ଷିମାନେ ହାତରେ ଯୋଗଦଣ୍ଡ ଆଉ ଚର୍ମାସନ ଧରି ବୁଲୁଥିଲେ ବୋଲି ପ୍ରାୟ ସମସ୍ତେ ଜାଣନ୍ତି । ଏବେ ଆମେ ପୂର୍ବବିଷୟରେ ଜାଣିଲେ ଯେ, ଯୋଗଦଣ୍ଡ ନହେଲେ ଯୋଗ ଆଚରଣ କରିବା କାଠିକର ପାଠ ହୋଇଥାଏ । ଏବେ ସେମାନେ ଚର୍ମାସନର ବ୍ୟବହାର କାହିଁକି କରୁଥିଲେ ସେ ବାବଦରେ କିଛି

ଜାଣିବା । ଯୋଗ ଆଚରଣ କରୁଥିବା ସମୟରେ ଶରୀରରେ ଯୋଗଶକ୍ତି ପ୍ରବେଶ କରେ । ଏହିଭଳି ଯୋଗଶକ୍ତି ଶରୀର ଭିତରେ ଥିବା ବ୍ରହ୍ମନାଡୀରେ ପ୍ରବେଶକରି ତା'ଦ୍ୱାରା ବ୍ରହ୍ମନାଡୀରେ ଥିବା ସପ୍ତମସ୍ଥାନ ବା ସହସ୍ରାର ଚକ୍ରରେ ଗଚ୍ଛିତ ହୁଏ । ସହସ୍ରାର ଚକ୍ରରେ ହିଁ ଯୋଗଶକ୍ତି ବା ବ୍ରହ୍ମଶକ୍ତି ରହିଥାଏ ବୋଲି ବିଷ୍ଣୁ, ଈଶ୍ୱରାଦିଙ୍କ ମୁଣ୍ଡର ପଛ ଭାଗକୁ ତେଜଯୁକ୍ତ କରି ସେମାନଙ୍କ ଚିତ୍ରରେ ଚିତ୍ରିତ କରାଯାଏ । ତାହା ସେମାନଙ୍କର ଯୋଗଶକ୍ତି, ଜ୍ଞାନଶକ୍ତି ବା ବ୍ରହ୍ମଶକ୍ତି ବୋଲି ଆମେ ଜାଣିପାରିବା । ଏହି ପ୍ରକାଶିତ ଶକ୍ତିକୁ ଦେବତାମାନେ ସେମାନଙ୍କ ପଦ୍ଧତିଯୁକ୍ତ ଯୋଗ ବଳରେ ହାସଲ କରିଛନ୍ତି । ପଦ୍ଧତି ଅନୁସାରେ ଅର୍ଥାତ୍ ଯୋଗଦଣ୍ଡ ଆଉ ଚର୍ମାସନର ବ୍ୟବହାର ଦ୍ୱାରା ହାସଲ କରିଛନ୍ତି । ଯୋଗଦଣ୍ଡ କଥା ଆମେ ଜାଣିଥିଲେ । ଏବେ ଚର୍ମାସନ ବାବଦରେ ଜାଣିବା ।

ଯୋଗୀ ବ୍ରହ୍ମଯୋଗ ଆଚରଣ କରୁଥିବା ସମୟରେ ଜ୍ଞାନଶକ୍ତି ତା'ଠାରେ ପ୍ରବେଶ କରିଥାଏ । ଶରୀରରେ ପ୍ରବେଶ କରିଥିବା ଶକ୍ତି ବ୍ରହ୍ମନାଡୀରେ ପ୍ରବେଶକରି ଉର୍ଦ୍ଧ୍ୱମୁଖି ଭାବରେ ଯାତ୍ରାକରି, ମୁଣ୍ଡରେ ଥିବା ସପ୍ତମ କେନ୍ଦ୍ରରେ ଗଚ୍ଛିତ ହୋଇଥାଏ । ଏହିଭଳି ଶକ୍ତି ପ୍ରବେଶ କରୁଥିବା ସମୟରେ କିଛି ଶକ୍ତି ବ୍ରହ୍ମନାଡୀ ଦ୍ୱାରା ମୂଳାଧାର ଚକ୍ରରେ ପହଞ୍ଚି ଭୂମିର ଆକର୍ଷଣ ଦ୍ୱାରା ବାହାରକୁ ଚାଲିଯାଏ, କିନ୍ତୁ ଯୋଗୀ ଯୋଗ କରୁନଥିବା ସମୟରେ ଯୋଗଶକ୍ତିକୁ ଭୂମି ଆକର୍ଷଣ କରିପାରେ ନାହିଁ । ତେଣୁ ଯୋଗ ସମୟରେ ଅର୍ଥାତ୍ ଶକ୍ତି ଭୂମିକୁ ଯାଇ ପୁନର୍ବାର ଶୁନ୍ୟରେ ମିଶିଯାଇଥାଏ । ଭୂମିର ଏକ ଶକ୍ତି (ମାଧ୍ୟାକର୍ଷଣ ଶକ୍ତି) ଅଛି ବୋଲି ଆମର ପୂର୍ବଜମାନେ ବହୁତ ଆଗରୁ ଜାଣି ସେମାନେ ବ୍ରହ୍ମଯୋଗ ଆଚରଣ କରୁଥିବା ସମୟରେ ଚର୍ମାସନର ବ୍ୟବହାର କରୁଥିଲେ । ଚର୍ମାସନରେ ବସିବା ଦ୍ୱାରା ଭୂମି ଯୋଗୀର ଯୋଗଶକ୍ତିକୁ ତଳକୁ ଟାଣିପାରେ ନାହିଁ । କାଚକୁ ଡେଇଁ ଯେମିତି ସୂର୍ଯ୍ୟରଶ୍ମି ପ୍ରବେଶ କରିପାରେ ନାହିଁ ସେହିଭଳି ଚର୍ମକୁ ଭେଦକରି ଯୋଗଶକ୍ତି

ବାହାରକୁ ଯାଇପାରେ ନାହିଁ । ଶକ୍ତି ପାଇଁ ନିରୋଧ ଶକ୍ତି ହେଉଛି ଚର୍ମ । ଚର୍ମ ବ୍ୟତୀତ ଅନ୍ୟ କିଛି ଶକ୍ତିକୁ ଅଟକାଇ ପାରେ ନାହିଁ । ସପ ଉପରେ ବସିଲେ କିମ୍ବା ଖଟ ଉପରେ ବସିଲେ ମଧ୍ୟ ଯୋଗଶକ୍ତି ନଷ୍ଟ ହୋଇପାରେ । କିନ୍ତୁ ଚର୍ମ ଉପରେ ବସିଥିବା ଯୋଗୀର ଯୋଗଶକ୍ତି ନଷ୍ଟ ହୁଏ ନାହିଁ ।

ପଞ୍ଚଭୂତ ଭିତରୁ ଭୂମି ଅନ୍ୟତମ ହୋଇଥିବାରୁ ଏହାର ମଧ୍ୟ ଏକ ବିଚିତ୍ର ଆକର୍ଷଣ ଶକ୍ତି ରହିଥାଏ । ଉପରକୁ ଫିଙ୍ଗାଯାଇଥିବା ବସ୍ତୁକୁ ଭୂମି ନିଜର ଆକର୍ଷଣ ଶକ୍ତି ଦ୍ୱାରା ଟାଣିବା ଭଳି ଯୋଗୀ ଯୋଗ କରୁଥିବା ସମୟରେ ଭୂମି ଯୋଗୀର ଯୋଗଶକ୍ତିକୁ ଆକର୍ଷଣ କରିଥାଏ । ସହସ୍ରାର ଚକ୍ରରେ ଥିବା ଶକ୍ତିକୁ ଭୂମି ନିଜ ଦିଗକୁ ଟାଣିପାରେ ନାହିଁ କାରଣ ! ଭୂମି ଉପରେ ଥିବା ବସ୍ତୁକୁ ଭୂମି ହଲଚଲ୍ କରିପାରେ ନାହିଁ । କେବଳ ଯୋଗ ହେଉଥିବା ସମୟରେ ଯୋଗୀର ଅସଂଯମତା କାରଣରୁ ତା’ଠାରେ ପ୍ରବେଶ କରୁଥିବା ଯୋଗଶକ୍ତିର ଅର୍ଦ୍ଧେକ ଅଂଶ ଭୂମି ଦିଗକୁ ଆକର୍ଷିତ ହୋଇ ନଷ୍ଟ ହୋଇଥାଏ, କିନ୍ତୁ ଯୋଗ ପରେ ଯୋଗୀର ସହସ୍ରାର ଚକ୍ରରେ ଥିବା ଯୋଗଶକ୍ତି ନଷ୍ଟ ହୋଇନଥାଏ ।

ଯୋଗୀ ଯୋଗ କରିବା ସମୟରେ ସେ କାହିଁକି ଅର୍ଦ୍ଧେକ ଶକ୍ତି ନଷ୍ଟ କରିଥାଏ ? କମ୍ ବା କିଛି ଅଧିକ ଶକ୍ତି ସେ କାହିଁକି ହରାଇ ନଥାଏ ? ବୋଲି କେତେକଙ୍କ ମନରେ ପ୍ରଶ୍ନ ଆସିପାରେ । ସେଥିପାଇଁ ଆମର ସମାଧାନ ହେଉଛି ! ଶକ୍ତି ଶରୀର ମାଧ୍ୟମରେ ବ୍ରହ୍ମନାଡୀରେ ପହଞ୍ଚେ । ବ୍ରହ୍ମନାଡୀର ନାଭିସ୍ଥାନଠାରୁ ନିମ୍ନ ଭାଗରେ ପ୍ରବେଶ କରୁଥିବା ଶକ୍ତିକୁ ଭୂମି ଟାଣି ନେଇଥାଏ । ନାଭିର ଉପରିଭାଗରେ ପ୍ରବେଶ କରୁଥିବା ଶକ୍ତିକୁ ଟାଣି ନେଇପାରେ ନାହିଁ । ତେଣୁ ନାଭି ଉପରେ ଥିବା ତିନିଚକ୍ରର ଶକ୍ତିକୁ ଭୁମି ଟାଣି ନେଇପାରେ ନାହିଁ, କିନ୍ତୁ ନାଭିର ତଳ ଭାଗରେ ଥିବା ତିନି ଚକ୍ରର ଶକ୍ତିକୁ ଆକର୍ଷିତ କରିଦେଇ ପାରେ । ତେଣୁ ଯୋଗୀର ଅର୍ଦ୍ଧେକ ଯୋଗଶକ୍ତି ନଷ୍ଟ ହୋଇଥାଏ । ଯୋଗାସନରେ ଚର୍ମର ବ୍ୟବହାର ହୋଇଥିଲେ ଯୋଗଶକ୍ତିକୁ

ଭୂମିର ଆକର୍ଷଣ ଶକ୍ତି (ମାଧ୍ୟାକର୍ଷଣ) ଶକ୍ତି କୌଣସି କ୍ଷତି କରିପାରେ ନାହିଁ । ମାଧ୍ୟାକର୍ଷଣ ଶକ୍ତି ଚର୍ମଠାରୁ ଉପରେଥିବା ଶକ୍ତିକୁ ଟାଣି ପାରେ ନାହିଁ । ବିଦ୍ୟୁତ୍‌ଶକ୍ତି ପାଇଁ ରବରକୁ ଯେମିତି ନିରୋଧକ ଭାବେ ବ୍ୟବହାର କରାଯାଏ ସେହିଭଳି ଯୋଗଶକ୍ତି ପାଇଁ ଚର୍ମକୁ ବା ଚର୍ମାସନକୁ ନିରୋଧକ ଭାବରେ ବ୍ୟବହାର କରାଯାଇଥାଏ ।

ପୂର୍ବକାଳରେ ଯୋଗୀମାନେ ଏହି ପଦ୍ଧତି ଦ୍ୱାରା ସଂପୂର୍ଣ୍ଣ ଯୋଗଶକ୍ତିକୁ ଆପଣାର କରୁଥିଲେ । ଆଜିର ଯୋଗୀମାନେ ଚର୍ମାସନ ଆବଶ୍ୟକତା ନଜାଣି ଚର୍ମର ଆବଶ୍ୟକତା ବା କ'ଣ ଅଛି ବୋଲି କହୁଛନ୍ତି । ଯଦି ତାହା ଦରକାର ନାହିଁ ତେବେ ଭଗବଦ୍ଗୀତାର ଆତ୍ମସଂଯମ ଯୋଗରେ ଭଗବାନ କାହିଁକି କହିଲେ ଯେ, ଚର୍ମାସନ ଉପରେ ବସିବା ଉଚିତ୍ ? ଆଜି ସେହି ଯୋଗଦଣ୍ଡ, ମୃଗଚର୍ମକୁ ପୁରୁଣା କାଳର ପଦ୍ଧତି କହୁଛନ୍ତି ସିନା, ପୂର୍ବକାଳର ଯୋଗୀମାନଙ୍କ କଥାରେ ପ୍ରକୃତି ନିଜର ମଥା ନୁଆଁଇଥିଲା ସେ କଥା ସେମାନେ ଜାଣି ନାହାନ୍ତି । ନୂଆ କାଳରେ ନୂଆ ପଦ୍ଧତିରେ ଆଜି ଏମାନେ କ'ଣ ସାଧନ କରିଛନ୍ତି ତାହା ସେମାନେ ମଧ୍ୟ କହି ପାରିବେ ନାହିଁ । ଶିବ ସବୁବେଳେ ଚର୍ମକୁ ବସ୍ତ୍ର ଭଳି ବ୍ୟବହାର କରୁଥିଲେ । ବଶିଷ୍ଠ, ବିଶ୍ୱାମିତ୍ରଙ୍କ ଭଳି ମହା ମୁନିମାନେ ଚର୍ମାସନ, ଯୋଗଦଣ୍ଡକୁ ସବୁବେଳେ ପାଖରେ ରଖି ତାର ଯତ୍ନ ନେଉଥିଲେ । ସେସବୁକୁ ପୁରୁଣା ପଦ୍ଧତି କହି ଆଜି ନାନା ପ୍ରକାର ପଦ୍ଧତି ଅବଲମ୍ବନ କରୁଛନ୍ତି । ନିଜର ଅଜ୍ଞାନତା କାରଣରୁ ସେଭଳି ଜିନିଷ ବାବଦରେ ଜାଣି ନପାରି ଆଜି ମଣିଷ ଦିନକୁ ଦିନ ତଳକୁ ଗତି କରୁଛି ।

କେବଳ ମୃଗଚର୍ମ ବ୍ୟବହାର କରାଯାଏ ନା ଆଉ କୌଣସି ଜୀବର ଚର୍ମ ବ୍ୟବହାର କରାଯାଏ ବୋଲି ଏକ ସଂଦେହ ଆସି ପାରେ । ହେଲେ ଏହା ସତ୍ୟ ଯେ, କୌଣସି ଜୀବର ଚର୍ମ ଯୋଗଶକ୍ତିର ନିରୋଧକ ।

ସେଥିଲାଗି ପୂର୍ବେ ଶିବ କେତେବେଳେ ହାତୀଚର୍ମ ତ କେତେବେଳେ ବାଘର ଆଉ ପୁଣି କେତେବେଳେ ହରିଣଚର୍ମ ବ୍ୟବହାର କରିଥିବା ଜଣାପଡିଛି । ଯୀଶୁଙ୍କ ଗୁରୁ ଯୋହନ ମଧ୍ୟ ଓଟଚର୍ମକୁ ବସ୍ତ୍ର ଭଳି ବ୍ୟବହାର କରିଥିଲେ । ଶ୍ରୀ ମହାବିଷ୍ଣୁ ମଧ୍ୟ ଜୀବନ୍ତ ସର୍ପ ଉପରେ ଶୋଇରହି ଦକ୍ଷିଣ ଏବଂ ବାମ ହସ୍ତ ଦ୍ୱାରା ସୂର୍ଯ୍ୟ, ଚନ୍ଦ୍ରନାଡୀର ଶ୍ୱାସକୁ ବଦଳାଇ ଯୋଗ ଆଚରଣ କରୁଥିଲେ । ତେଣୁ ଚର୍ମ ସଜୀବ ହେଉ ବା ନିର୍ଜୀବ ହେଉ ଯୋଗଶକ୍ତିକୁ ନିରୋଧ କରିବା ଶକ୍ତି ସେଥିରେ ଥାଏ । ଆଜି ଆମେ ଅହଂକାରଯୁକ୍ତ ହୋଇ ସବୁ ଆମକୁ ଜଣାଅଛି ଭାବି କେହି ଭଲକଥା କହିଲେ ତା'କୁ ଅପମାନ ଦେଇ ଅଧୋଗତି ପ୍ରାପ୍ତ ହେଉଛେ । ଏହା କଳ୍ପନା ନୁହେଁ ବାସ୍ତବ । ବିଷ୍ଣୁ, ଈଶ୍ୱର, ମହର୍ଷିମାନଙ୍କଠାରୁ କ'ଣ ଆମେ ଅଧିକ ଜାଣିଛେ ? ଆଖି ନଥିବା ଅନ୍ଧ ଖାଲରେ ପଡିବା ଭଳି ଜ୍ଞାନଦୃଷ୍ଟି ନଥିବା ମାନବ ମାୟାରୂପୀ ଖାଲରେ ପଡି ନାନା କଷ୍ଟକୁ ନିଜର ଅଜ୍ଞାନରେ ବରଣ କରୁଛି । ସମସ୍ତେ ଯାହା କରନ୍ତି ତାକୁ ହିଁ ଅନୁସରଣ କରୁଛି । ମାୟାଖାଲରୁ ବାହାରି ପରମାତ୍ମାମାର୍ଗ କେଉଁଠାରେ ଅଛି ଟିକିଏ ଜାଣିବାକୁ ଚେଷ୍ଟା କରୁ ନାହିଁ । ନିଜେ ଜାଣି ନଥିବା କଥା ଯଦି କେହି କହେ, ଦେଖାଯାଉନଥିବା ଜିନିଷକୁ କେହିଜଣେ ଦେଖାଏ, ଅଜ୍ଞାନର ପ୍ରତିକାର ହୋଇଥିବା ଜ୍ଞାନ ଯଦି କେହି କହେ, ଅନ୍ଧାରରେ କେହି ଦୀପ ଜାଳେ, ତେବେ ସେହି ଲୋକକୁ ଚିହ୍ନିବାକୁ ହୋଇଥାଏ । କାରଣ ସେ ହିଁ ଗୁରୁ, ସେହି ଗୁରୁ ଏତେ ସହଜରେ ଚିହ୍ନା ପଡନ୍ତି ନାହିଁ । ଗୁରୁଙ୍କୁ ଚିହ୍ନି, ବିଶ୍ୱାସ କରି ତାଙ୍କର କୃପା ଲାଭକରି ଜୀବନକୁ ସାର୍ଥକ କରିବାକୁ ହେବ । କାରଣ ମାନବକୁ ହିଁ ବୁଦ୍ଧିବିଚାର ମିଳିଛି । ସହଜରେ ଭାବବ୍ୟକ୍ତ କରିବାର ଆଶିଷ ମିଳିଛି ଏବଂ ଧର୍ମ ଆଚରଣ ପାଇଁ ମାନବ ଶରୀର ମିଳିଛି ।

*****

# ଆଶ୍ରମ

ଜଣାଉଥିବା ବିଷୟଗୁଡ଼ିକ କେତେକ ଆଶ୍ରମବାସୀଙ୍କୁ ବିରୁଦ୍ଧ ବିଷୟ ଭଳି ଲାଗିପାରେ । ଏଥିରେ ମୋର ବା ଭୂଲ୍ ରହିଲା କେଉଁଠି ? ମୋତେ ବା କଅଣ ଜଣାଅଛି ? ଏହି ଗ୍ରନ୍ଥଟି ଆତ୍ମା ଦ୍ୱାରା ପ୍ରେରିତ ହୋଇ ଲେଖୁଛି ସିନା, ମୋତେ କିଛି ଜଣା ନାହିଁ । ତେଣୁ ମୋ'ଉପରେ ଘୃଣ୍ୟ ଭାବ ରଖନ୍ତୁ କି ମୋତେ ଭଲ ପାଆନ୍ତୁ ଏଥିରୁ ମିଳୁଥିବା କୀର୍ତ୍ତି, ଅପକୀର୍ତ୍ତି ମୋର ପରମପିତା ପରମାତ୍ମାଙ୍କୁ ଏବଂ ମୋର ସହଯାତ୍ରୀ ଆତ୍ମାଙ୍କୁ ହିଁ ମିଳିବ ।

ଆଜି କେତେକ ଭକ୍ତ ବୋଲାଉଥିବା ଲୋକମାନେ ନାନା ଆଶ୍ରମ ସୃଷ୍ଟି କରିଛନ୍ତି । ସେଥି ମଧ୍ୟରୁ କେତେକଙ୍କର ନାମ ପ୍ରଖ୍ୟାତ ନଥାଇ ମଧ୍ୟ ପବିତ୍ର ଭାବେ, କେତେକ ନାମ ପ୍ରଖ୍ୟାତ ଥାଇ ମଧ୍ୟ କୌଣସି ପବିତ୍ରତା ବିହୀନ ହୋଇ ରହିଥା'ନ୍ତି । କେତେକ ଆଶ୍ରମରେ ନାନା ବିଗ୍ରହ ପ୍ରତିଷ୍ଠା ହୋଇ ତାହା ଆଶ୍ରମ କି ମନ୍ଦିର ବୋଲି ସନ୍ଦେହ ଜାତ କରାଏ । କେତେକ ଆଶ୍ରମ ସ୍କୁଲ୍, ମେଡିଟେସନ୍ ପଏଣ୍ଟ୍ ଭାବେ ବଦଳିଗଲାଣି । ଆଉ କିଛିଦିନ ପରେ ଆଶ୍ରମର ସ୍ଥିତି ଆଉ କଅଣ ହେବ କିଛି କହିହେଉ ନାହିଁ ।

ପୂର୍ବ କାଳରେ କେତେକ ଭକ୍ତମାନେ ଭୂପୃଷ୍ଠରେ ଆଶ୍ରମ ନିର୍ମାଣ କରି ପରମ ପବିତ୍ରତାର ସହିତ ସେଠାରେ ବାସ କରୁଥିଲେ । ଯୋଗ ସାଧନ ପାଇଁ ଯୋଗଦଣ୍ଡକୁ, ଚର୍ମାସନ ଇତ୍ୟାଦିକୁ ଯତ୍ନ ସହକାରେ ରଖୁଥିଲେ । ଆଜିର ଆଶ୍ରମରେ ସେସବୁ ଦେଖିବାକୁ ମିଳୁ ନାହିଁ । ଯଦିବା କେଉଁଠି ଦେଖିବାକୁ ମିଳୁଛି ତାହା କେବଳ ଦେଖିବା ପାଇଁ ରହିଥିବା ଜଣାଯାଉଛି । ସେତେବେଳେ ଆଶ୍ରମରେ କୌଣସି ଦେବତା ବିଗ୍ରହ କିମ୍ବା ଛବି ରଖି ନଥିଲେ । ଆଜି ସବୁ ଆଶ୍ରମରେ ଏସବୁ ଦେଖିବାକୁ ମିଳୁଛି । ସେତେବେଳେ ଆଶ୍ରମମାନଙ୍କରେ ବ୍ରହ୍ମବିଦ୍ୟା ଶିଖିବା, ଶିଖାଇବା କାର୍ଯ୍ୟ

ହେଉଥିବାବେଳେ ଆଜିର ଆଶ୍ରମରେ ସଂସ୍କୃତ ଶିକ୍ଷା ଦିଆଯାଉଛି । ସଂସ୍କୃତ ଶିଖିଗଲେ ଆଜି ଆଶ୍ରମରେ ବାବା ହୋଇ ରହିବାରେ କୌଣସି ଅସୁବିଧା ନାହିଁ । ଜାଣିନଥିବା ଲୋକଙ୍କୁ କେଇପଦ ସଂସ୍କୃତ ଶ୍ଳୋକ କହି ତା'ର ଭାବାର୍ଥ ବୁଝାଇଦେଲେ ଅତି ସହଜରେ ସ୍ୱାମିଜୀ ପଦ ମିଳିଯାଉଛି ।

ଆଶ୍ରମରେ କେବଳ ବ୍ରହ୍ମବିଦ୍ୟା ଶିଖିବା ଏବଂ ଶିଖାଇବା କାର୍ଯ୍ୟ ଛଡା ଦେବତାମାନଙ୍କର ବିଗ୍ରହ, ଛବି କିମ୍ବା ସେମାନଙ୍କ ବିଷୟରେ କୌଣସି ଆଲୋଚନା ନିଷେଧ ହେବା ଉଚିତ୍ । କେବଳ ପରମାତ୍ମା ବିଦ୍ୟା ବା ଐଶ୍ୱରୀୟ ବିଦ୍ୟା ଶିଖାଇବା ହିଁ ଆଶ୍ରମର ଆଦର୍ଶ ହେବା ଉଚିତ୍ । ସେହି ନିରାକାର ପରମାତ୍ମା ସାକାର ରୂପରେ ଥିବା ଶ୍ରୀ ଗୁରୁଦେବଙ୍କର ପ୍ରତିମା କିମ୍ବା ଚିତ୍ରକୁ ଆଶ୍ରମରେ ରଖାଯାଇ ପାରେ । ଗୁରୁଙ୍କ ବ୍ୟତୀତ ଅନ୍ୟ କୌଣସି ଦେତାମାନଙ୍କ ବିଗ୍ରହ କିମ୍ବା ଚିତ୍ର ଆଶ୍ରମରେ ରଖାଯାଏ ନାହିଁ । ଗୀତାଶାସ୍ତ୍ରର ବିଜ୍ଞାନଯୋଗରେ, **"ପ୍ରକୃତି ସମ୍ବନ୍ଧୀୟ ପାପଦ୍ୱାରା କାମନାପୂର୍ଣ୍ଣ ଅଜ୍ଞାନୀ ହୋଇ ଅନ୍ୟ ଦେବତାମାନଙ୍କୁ ଆରାଧନା କରୁଛନ୍ତି । ଏହାଦ୍ୱାରା କାମ୍ୟାର୍ଥ ସିଦ୍ଧି ହୋଇଥାଏ ସିନା, ମୋକ୍ଷ ମିଳିନଥାଏ, ସେମାନେ ପ୍ରାପ୍ତ ହେଉଥିବା ଫଳ ଏଇଠାରେ ରହିଯାଏ । ଦେବତାମାନଙ୍କର ଭକ୍ତମାନେ ଦେବତାମାନଙ୍କୁ ପାଇଥା'ନ୍ତି, କିନ୍ତୁ ମୋର ଭକ୍ତ ମୋତେ ପ୍ରାପ୍ତ ହୋଇଥାଏ"** ବୋଲି କହିଛନ୍ତି । ତେଣୁ ଦେବତାମାନଙ୍କୁ ଆରାଧନା କଲେ ମୋକ୍ଷ ମିଳେନାହିଁ, ପରମାତ୍ମାଙ୍କ ଆରାଧନା କଲେ ମିଳିଥାଏ । ଆଶ୍ରମରେ ମୋକ୍ଷାର୍ଥୀମାନେ ରହିବା ଉଚିତ୍, କାମ୍ୟାର୍ଥୀମାନେ ରହିବା ଅନୁଚିତ୍ । ଆଶ୍ରମ ନିଶ୍ଚଳ ପରବ୍ରହ୍ମଙ୍କ ଆଳୟ ଭଳି ରହିବା ଉଚିତ୍ ସିନା ଦେବତାମାନଙ୍କ ମନ୍ଦିର ଭଳି ରହିବା ଅନୁଚିତ୍ । ଆଶ୍ରମବାସୀମାନେ ପରମାତ୍ମାଙ୍କ ବିଷୟରେ ଅନ୍ୟମାନଙ୍କୁ କହିବା ଉଚିତ୍ । ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ଦେବତାମାନେ ମଧ୍ୟ ସବୁବେଳେ ପରମାତ୍ମାଙ୍କୁ ପାଇବା ପାଇଁ ଯୋଗମୁଦ୍ରାରେ ରହିଥା'ନ୍ତି । ମୋକ୍ଷ ପାଇବା ପାଇଁ ଜୀବର ଚେଷ୍ଟା ହେଉଛି

ଆରାଧନା । ପରମାତ୍ମା ହିଁ ତାପାଇଁ ଏକୈକ ଆରାଧ୍ୟ, ତେଣୁ ସବୁବେଳେ ଆମେ କଷ୍ଟସାଧ୍ୟ ଯୋଗରେ ବସିଥିବା ବେଳେ, ବୁଦ୍ଧିହୀନମାନେ ଆମ ପାଖକୁ ଆସି ଆମକୁ ମୋକ୍ଷ ମାଗିଥାନ୍ତି ବୋଲି କେବେ ଶଙ୍କର କହିଥିବା ଜଣାଯାଏ । ସେତେବେଳେ ଆଶ୍ରମ ନିର୍ମାଣ କରି ପବିତ୍ର ବିଧିବିଧାନ ଅନୁସାରେ ଆଚରଣ କରି ପରମାତ୍ମାଙ୍କୁ ପାଇବାକୁ ଚେଷ୍ଟା କରୁଥିବା ବେଳେ, ଆଜି ଆଶ୍ରମରେ ଦେବତାମାନଙ୍କର ବିଗ୍ରହ କିମ୍ବା ଛବି ଇତ୍ୟାଦି ରହିଛି, ନାନା ଦେବତା ଆରାଧନା ଇତ୍ୟାଦି ହେଉଛି, ପୂଜା ଚାଲିଛି, ହେଲେ ସେଠାରେ ମୋକ୍ଷର ପ୍ରଶ୍ନ ଆସିଲେ ଭିକାରୀକୁ ଭିକ୍ଷା ମାଗିବା ଭଳି ଉତ୍ତର ମିଳୁଛି । ଦେବତାମାନେ ସବୁବେଳେ ମୋକ୍ଷ ପାଇଁ ବ୍ୟାକୁଳ ହୋଇ ଯୋଗ ଅଭ୍ୟାସରେ ଥିବା ବେଳେ, ଦେବତା ଆରାଧନା କରୁଥିବା ଆଶ୍ରମବାସୀମାନେ ଆମକୁ ମୋକ୍ଷ କଥା କ'ଣ କହିବେ ? ସାଧାରଣ ପ୍ରଜାମାନେ ଅଜ୍ଞାନ ବଶତଃ ଦେବତାମାନଙ୍କ ଆରାଧନା କରି ପାରନ୍ତି, କିନ୍ତୁ ଆଶ୍ରମବାସୀମାନେ ଯଦି ଦେବତାମାନଙ୍କ ଆରାଧନା କରନ୍ତି ସେତେବେଳେ ଜ୍ଞାନୀ ଆଉ ଅଜ୍ଞାନୀ ଭିତରେ ଆଉ କଅଣ ବା ଭିନ୍ନତା ରହିଲା ?

ଜୀବ ମାୟା ସମୁଦ୍ରର ବିଷୟ ରୂପକ କୁମ୍ଭୀରମାନଙ୍କ ଦ୍ୱାରା, ସ୍ତ୍ରୀ ପିଲାଙ୍କ ଭଳି ତିମିମାଛ ଦ୍ୱାରା, ଧନସମ୍ପତ୍ତିର ଲହଡି ଦ୍ୱାରା ନାନା ସଂଘର୍ଷ କରି ମଧ୍ୟ ସେହି ସମୁଦ୍ରକୁ ପହଁରି କୂଳରେ ପହଞ୍ଚି ପାରୁନଥିବା ବେଳେ ସମୁଦ୍ର ଭିତରେ ନାବଟିଏ ଭଳି ଦେଖା ଦେଇଥାଏ ଆଶ୍ରମ । ଅଜ୍ଞାନ ରୂପକ ଅନ୍ଧକାରରେ ନିଜର ପଥହୁଡି ଅବାଟର କାଳସର୍ପ ଦ୍ୱାରା କବଳିତ ହେବାବେଳେ ସେମାନଙ୍କୁ ରକ୍ଷାକରି ଆଶ୍ରୟ ଦିଏ ଆଶ୍ରମ ।

ଶରୀରର ନାନା ରୋଗ ନିବାରଣ କରିବା ପାଇଁ ବୈଦ୍ୟଶାଳା, ବୈଦ୍ୟମାନେ ଥିବାଭଳି, ପାପପୁଣ୍ୟର ଭବରୋଗ ନିବାରଣ କରିବା ପାଇଁ

ଆଶ୍ରମ ଏବଂ ଆଶ୍ରମବାସୀମାନେ ରହିଥାନ୍ତି । ପ୍ରାପଞ୍ଚିକବିଦ୍ୟା ଶିକ୍ଷା କରିବା ପାଇଁ ପାଠଶାଳା ଏବଂ ସେଥିରେ ଶିକ୍ଷକମାନଙ୍କ ଭଳି ପରମାତ୍ମାବିଦ୍ୟା ଶିଖାଇବା ପାଇଁ ଆଶ୍ରମ ଏବଂ ଆଶ୍ରମବାସୀମାନେ ରହିଥା'ନ୍ତି ।

ବ୍ରହ୍ମବିଦ୍ୟାର ପ୍ରାଣବାୟୁ ଭଳି ଆଶ୍ରମ ଏବଂ ଆଶ୍ରମବାସୀମାନେ ଥାଆନ୍ତି । ତେଣୁ ଏତେକରି କହିବାକୁ ପଡିଛି, ଏ ବାବଦରେ କେହି ଭୂଲ୍ ବୁଝନ୍ତୁ ନାହିଁ ବୋଲି ଜଣାଉଛୁ ।

*****

# ଗୁରୁବାଣୀର ଆବଶ୍ୟକତା

ଗୁରୁ ନାମକ ଶବ୍ଦ ଅପାର, ଅନନ୍ତ ତଥା ଏକ ଶକ୍ତିବନ୍ତ ଶବ୍ଦ । ଏହି ଗୁରୁପଦ ପ୍ରପଞ୍ଚର ଯେଉଁ ମଣିଷ ପାଇଛି ସେ ହିଁ ସାକାର ଗୁରୁ । ଗୁରୁ ତାଙ୍କ ରୂପକୁ ହିଁ ବାଣୀ ମାଧ୍ୟମରେ କହନ୍ତି । ଗୁରୁ ନିଜକୁ ଅନୁସରଣ କରିବାକୁ କହନ୍ତି । ଗୁରୁ ତାଙ୍କଠାରେ ହିଁ ଐକ୍ୟ ହେବାକୁ ଶିଖାନ୍ତି । ଗୁରୁଙ୍କ ବାବଦରେ କହିବା ଅସାଧ, ସେ ଭାବନାରେ ମଧ୍ୟ ମିଳିବା ଅସମ୍ଭବ, ସେହି ଗୁରୁଙ୍କର ସାକାର ରୂପରୁ ଯେତେବେଳେ ଜୀବ ଶକ୍ତି ପାଏ ସେତେବେଳେ ତା'ଠାରେ ନିରାକାର ଶକ୍ତି ପ୍ରବାହ ହେବାକୁ ଲାଗେ । ସାକାର ରୂପରୁ ଉପଦେଶ ନ ପାଇବା ପର୍ଯ୍ୟନ୍ତ ଜୀବଠାରେ ନିରାକାର ଶକ୍ତି ପ୍ରବେଶ କରିପାରେ ନାହିଁ । କାରଣ ! ସେହି ସାକାର ରୂପ ହିଁ ନିରାକାର, ନିରାକାର ହିଁ ସାକାର । ଜୀବ ସାକାର ରୂପକୁ ଆଶ୍ରୟ କରି ରହିଛି ତେଣୁ ନିରାକାର ହୋଇଥିବା ସାକାର ଗୁରୁଙ୍କୁ ଆଶ୍ରୟ କରିବା ଉଚିତ୍ । ଗୁରୁଙ୍କୁ ଆଶ୍ରୟ କରି ତାଙ୍କର ଚତୁର୍ବିଧ ସେବା କରି, ବିନୟ ବିଧେୟତାର ରହିବା ଦ୍ୱାରା ଦିନେନାଦିନେ ଗୁରୁ ତା'ର ଶ୍ରଦ୍ଧାରେ ମୁଗ୍ଧହୋଇ ନିଶ୍ଚୟ ତାଙ୍କର କୃପା ପ୍ରସାର କରିବେ । ସେହି କୃପାରେ ଶିଷ୍ୟର ହୃଦୟରେ ଜ୍ଞାନବୀଜ ଅଙ୍କୁରୋଦ୍ଗମ ହେବ

ଆଉ ସେହି ଜ୍ଞାନର ଆଚରଣ କରି ଶେଷରେ ସେ ମୋକ୍ଷ ନାମକ ଫଳକୁ ପାଇ ପାରିବ ।

ସଂପୂର୍ଣ୍ଣ ବିଶ୍ୱାସ ରଖି ଶିଷ୍ୟ ଯଦି ଗୁରୁସେବା କରୁଥାଏ ତେବେ ସର୍ବଜ୍ଞ ହୋଇଥିବା ଗୁରୁ ଶିଷ୍ୟର ବିଶ୍ୱାସକୁ ଚିହ୍ନି, ଦେବାକୁ ଯାଉଥିବା ଉପଦେଶକୁ ସେ ସକ୍ରମ ପାଳନ କରିପାରିବ କି ନାହିଁ ଜାଣି ଉପଯୁକ୍ତ ପାତ୍ରକୁ ଉପଦେଶ ଦେଇଥା'ନ୍ତି । ଗୁରୁ ଉପଦେଶ ଦେବାବେଳେ ତାହା ଆଖିକୁ ଦେଖାଯାଇ ନଥାଏ । ତାହା କିପରି ଥାଏ ଆଉ ଶ୍ରଦ୍ଧାବାନକୁ କିପରି ପ୍ରଭାବିତ କରେ ତାହା ଜାଣିବାକୁ ଗଲେ, ଗୁରୁ ହେଉଛନ୍ତି ସମ୍ପୂର୍ଣ୍ଣ ଜ୍ଞାନର କେନ୍ଦ୍ର । ଗୁରୁ ଉପଦେଶ ପ୍ରସାର କରିବାବେଳେ ତାଙ୍କଠାରୁ ପ୍ରସାରିତ ହେଉଥିବା ଜ୍ଞାନଶକ୍ତି ଶିଷ୍ୟଠାରେ ପ୍ରବେଶ କରିଥାଏ । ସେତେବେଳଯାଏ ଶିଷ୍ୟଠାରେ ପ୍ରବେଶ କରିନଥିବା ବାହ୍ୟଶକ୍ତି (ପରମାତ୍ମାଶକ୍ତି, ଜ୍ଞାନାଗ୍ନି ) ଗୁରୁପୋଦେଶ ପାଇବା କ୍ଷଣରେ ଭିତରକୁ (ଶିଷ୍ୟଠାରେ) ପ୍ରବେଶ କରେ । ସେହି ଦିନଠାରୁ ଆରମ୍ଭକରି ଶିଷ୍ୟ ଯୋଗରେ ରହିବା ସମୟରେ ତା'ଠାରେ ପରମାତ୍ମାଶକ୍ତି ପ୍ରବେଶ କରୁଥାଏ । ଶିଷ୍ୟର ଯୋଗ ସମୟ ଅନୁସାରେ ତା'ଠାରେ ଯୋଗଶକ୍ତି (ଜ୍ଞାନଶକ୍ତି) ବୃଦ୍ଧି ହୋଇଥାଏ । ଏହା ହିଁ ବାସ୍ତବ ପଦ୍ଧତି । ଗୁରୁଙ୍କ ବିନା ଆଶ୍ରୟରେ, ଶାସ୍ତ୍ର ଦ୍ୱାରା ବିଷୟ ଜାଣି, ମୁଁ ସବୁ ଜାଣିଗଲି ଆଉ ଗୁରୁଙ୍କର ଆବଶ୍ୟକ ବା କଅଣ ? ଏବେ ମୁଁ ଅନ୍ୟମାନଙ୍କୁ ଜ୍ଞାନ କହିପାରିବି ଭାବିଲେ ତା'ଠାରେ ଅଣୁମାତ୍ର ଯୋଗଶକ୍ତି ମଧ୍ୟ ପ୍ରବେଶ କରିବ ନାହିଁ । ପ୍ରଥମେ ଦେହରେ ଯୋଗଶକ୍ତି ପ୍ରବେଶ କରାଇବା ପାଇଁ ଗୁରୁ ଆବଶ୍ୟକ ହୋଇଥାନ୍ତି । ନିଆଁ (ଅଗ୍ନି) ନଥିବା ଚୂଲିରେ ଯେତେ ବଡ କି ଯେତେ ଛୋଟ କାଠ ରଖି ଫୁଙ୍କିଲେ କ'ଣ ସେଥିରେ ନିଆଁ ଧରିବ ? ଧରିବ ନାହିଁ । ପ୍ରଥମେ କାହାର ଚୂଲିରୁ ଟିକିଏ ନିଆଁ ଆଣି ନିଜ ଚୂଲିରେ ରଖି ଫୁଙ୍କିଲେ ନିଆଁ ଧରିଥାଏ, ତାପରେ ବଡବଡ କାଠକୁ ଜଳାଇ ପାରିବା କ୍ଷମତା ନିଆଁର ଆସିଯିବ । ଅନ୍ୟ ଚୂଲିରୁ ଅଗ୍ନି ଆଣିବା ଭଳି ତୁ ଜ୍ଞାନାଗ୍ନିକୁ

ଗୁରୁଙ୍କଠାରୁ ପାଇବୁ, ଗୁରୁଙ୍କର କଣିକାଏ ଜ୍ଞାନାଗ୍ନି ଦ୍ୱାରା ତୁ ଚୂଲିକୁ ଫୁଙ୍କିବା ଭଳି ତୋ'ର ଚେଷ୍ଟା (ଶ୍ରଦ୍ଧା,ସାଧନା) ବଳରେ ଜ୍ଞାନାର୍ଜନ କରି ତୋ'ର ବଡ ବଡ କର୍ମକୁ ଚୂଲିର ପ୍ରଚୁର ନିଆଁ ବଡକାଠକୁ ଜଳାଇବା ଭଳି ଜଳାଇ ପାରିବୁ । କେତେକେ ଗୁରୁଙ୍କଠାରୁ ଉପଦେଶ ପାଇ ମଧ୍ୟ ଆମକୁ ସବୁକିଛି ମିଳିଗଲା ଭାବି ସାଧନା କରନ୍ତି ନାହିଁ । ସେଭଳି ଲୋକମାନେ ପାଖଘରୁ ଆଣିଥିବା ନିଆଁକୁ ନିଜ ଚୂଲିରେ ଦେଇ ନ ଫୁଙ୍କି ଆଣିଥିବା ନିଆଁକୁ ମଧ୍ୟ ଲିଭାଇଦେବା ଭଳି ଗୁରୁଙ୍କ ଉପଦେଶକୁ ବ୍ୟର୍ଥ କରିଦିଅନ୍ତି । ଗୁରୁବାଣୀ ବା ଗୁରୁଙ୍କ ଉପଦେଶ ଆଣି ଯଦି ସାଧନା ନ କରିବା ତେବେ ସେହି ଗୁରୁପୋଦେଶ (ଜ୍ଞାନ) କିଛିକାଳ ପରେ ଆଉ ଆମ ପାଖରେ ରହିବନାହିଁ । ସର୍ବପ୍ରଥମେ ଆମର ଗୁରୁଙ୍କ ଉପଦେଶ ଆବଶ୍ୟକ, ତା'ପରେ ତାଦ୍ୱାରା ଯୋଗସାଧନା କରିବା ଉଚିତ୍ ।

ପୋଖରୀପାଣି ଋଷଜମିକୁ ଯିବାକୁହେଲେ ପୋଖରୀରେ ଥିବା ମୁହାଣ ଦେଇ ଯିବାକୁ ହେବ ସିନା ଅନ୍ୟମାର୍ଗ ନାହିଁ । ସେହିଭଳି ଜ୍ଞାନକେନ୍ଦ୍ର ଗୁରୁଙ୍କ ଜ୍ଞାନଶକ୍ତି ଶିଷ୍ୟ ପାଖକୁ ଯିବାକୁ ହେଲେ ତାହା ଗୁରୁବାଣୀ ଦ୍ୱାରା ଯିବ ସିନା ଅନ୍ୟମାର୍ଗ ନାହିଁ । ପୋଖରୀପାଣି ଜମିକୁ ଗଲେ ହିଁ ସେଠାରେ ଶସ୍ୟଶ୍ୟାମଳ ହୋଇପାରିବ । ସେହିଭଳି ଗୁରୁଙ୍କର ଜ୍ଞାନଶକ୍ତି ତୋଠାରେ ପ୍ରବେଶକଲେ ତୋର ସାଧନା ସଫଳିକୃତ ହୋଇପାରିବ । ପାଣି ନଥାଇ ଯେତେ କଷ୍ଟକଲେ ଯେମିତି କିଛି ଲାଭ ନାହିଁ ସେମିତି ଗୁରୁବାଣୀ ନଥାଇ ଯୋଗଶକ୍ତି ଅଭିବୃଦ୍ଧି ହୁଏ ନାହିଁ, ତେଣୁ ପ୍ରପଞ୍ଚରେ ଗୁରୁବାଣୀର ଆବଶ୍ୟକତାକୁ ଜାଣିବା ଉଚିତ୍ । ବାସ୍ତବତାକୁ ଜାଣି, ଅହଂକାରକୁ ତ୍ୟାଗକରି, ଗୁରୁଙ୍କୁ ଆଶ୍ରୟ କରି, ତାଙ୍କଠାରୁ ଜ୍ଞାନଶକ୍ତି ପାଇ, ସାଧନାକଲେ ଆପଣ ମଧ୍ୟ ଆପଣଙ୍କ ଜୀବନକୁ ସାଫଲ୍ୟମଣ୍ଡିତ କରିପାରିବେ ।

*****

# ଆଜି ଗୁରୁମାନଙ୍କର ଅବସ୍ଥା

## (ବୋଧକମାନଙ୍କୁ ଗୁରୁ କହିଲେ ଚଳିବ, ହେଲେ ଗୁରୁଙ୍କୁ ବୋଧକ କହିବା ଉଚିତ୍ ନୁହେଁ)

ଗୁରୁ ଅନେକ ହଜାର ବର୍ଷ ପରେ କ୍ୱଚିତ୍ ଭୂପୃଷ୍ଠକୁ ଆସିଥା'ନ୍ତି । ତେଣୁ ଗୁରୁ ସବୁବେଳେ ଭୂପୃଷ୍ଠରେ ନଥା'ନ୍ତି । ଭୂପୃଷ୍ଠରେ ବୋଧକମାନେ ସବୁବେଳେ ରହିଥା'ନ୍ତି । ବୋଧ କରୁଥିବା ସମସ୍ତ ବୋଧକମାନେ ଗୁରୁ ନୁହନ୍ତି, ସେମାନେ କେବଳ ବୋଧକ ବା ବକ୍ତା । ଗୁରୁ ଭୂପୃଷ୍ଠରେ ଥିବାବେଳେ ବୋଧକମାନଙ୍କ ସହିତ ମିଶି ରହିଥିବାରୁ ତାଙ୍କୁ ଚିହ୍ନିବା ଅସମ୍ଭବ ହୋଇଥାଏ । ମଣିଷ ମଧ୍ୟ ତା'କୁ ଜ୍ଞାନ କହୁଥିବା ବୋଧକମାନଙ୍କ ଭିତରୁ କିଏ ଗୁରୁ ତାହା ଚିହ୍ନିପାରିବା ସ୍ଥିତିରେ ନଥାଏ । ତେଣୁ ବୋଧକମାନଙ୍କୁ ଗୁରୁ କହିଲେ ମଧ୍ୟ ଭୂଲ୍ ନାହିଁ, କିନ୍ତୁ ଗୁରୁଙ୍କୁ ସେ ଯଦି ବୋଧକ କହେ ତେବେ ତାହା ବଡଭୂଲ୍ ହୋଇଥାଏ । ତେଣୁ ନିମ୍ନଲିଖିତ ବିଷୟରେ ବୋଧକ ଲେଖାଯିବା ସ୍ଥାନରେ ଗୁରୁ ଲେଖିଛୁ ।

ପ୍ରପଞ୍ଚରେ ଅନେକ ପ୍ରକାରର ବିଦ୍ୟା ରହିଛି, ସେଗୁଡିକୁ ଯେଉଁମାନେ ଜଣାଇଥା'ନ୍ତି ସେମାନଙ୍କୁ ଆମେ ଗୁରୁ କହୁଛେ । ସମସ୍ତ ବିଦ୍ୟାଠାରୁ ମହାନ ବିଦ୍ୟା ହେଉଛି ବ୍ରହ୍ମବିଦ୍ୟା । କୌଣସି କାର୍ଯ୍ୟ ବା କଥା ପ୍ରସଙ୍ଗରେ "ହଃ..(ହେୟ) ଇଏ କେଉଁ ବ୍ରହ୍ମବିଦ୍ୟା ଯେ" ନାମକ ରୂଢି ଦ୍ୱାରା ବ୍ରହ୍ମବିଦ୍ୟାର ମହାନତାକୁ ଆମେ ଆମ ଅଜାଣତରେ ବ୍ୟକ୍ତ କରୁଛେ । ସବୁ ବିଦ୍ୟା ଥିବା ଭଳି ବ୍ରହ୍ମବିଦ୍ୟା ଶିଖାଉଥିବା ଗୁରୁମାନେ ମଧ୍ୟ ଭୂପୃଷ୍ଠରେ ଅଛନ୍ତି । ସବୁ ବିଦ୍ୟା ଭୂପୃଷ୍ଠରେ ଜୀବ ରହିଥିବା ପର୍ଯ୍ୟନ୍ତ କେବଳ ଲାଭଦାୟକ ହେଉଥିବା ବେଳେ, ବ୍ରହ୍ମବିଦ୍ୟା ମୃତ୍ୟୁ ପରେ ମଧ୍ୟ ଆମକୁ ଲାଭ ଦେଇ ଶେଷରେ ଜନନ ମରଣ କୂପରୁ ଉଦ୍ଧାର କରିଥାଏ । ବୋଧହୁଏ ସେଥିଲାଗି ପୂର୍ବର ରାଜା, ମହାରାଜାମାନଙ୍କ ସମେତ ସମସ୍ତେ

ଗୁରୁଙ୍କୁ ସମ୍ମାନ ଦେଇ, ସେମାନଙ୍କର ପୂଜା କରୁଥିଲେ । ପୂର୍ବକାଳରେ ବ୍ରହ୍ମବିଦ୍ୟାକୁ ଅତି ପବିତ୍ର ମନେ କରୁଥିଲେ । ତେଣୁ ସେହି ବିଦ୍ୟାକୁ ଜଣାଉଥିବା ଗୁରୁମାନଙ୍କୁ ରାଜା ମହାରାଜାମାନେ ବ୍ରହ୍ମରଥରେ ବସାଇ ଆଣୁଥିଲେ । ଯଦି କେହି ଗୁରୁ ରାଜସଭାକୁ ଆସୁଥିଲେ ତେବେ ସେଠାରେ ଥିବା ସାଧାରଣ ପ୍ରଜା, ସୈନ୍ୟ ସାମନ୍ତମାନଙ୍କଠାରୁ ଆରମ୍ଭକରି ରାଜାମାନେ ମଧ୍ୟ ବସିଥିବା ଆସନରୁ ଉଠି ସବିନୟ, ସସମ୍ମାନର ସହିତ ତାଙ୍କୁ ପାଛୋଟି ଆଣି ରାଜ ଆସନରେ ବସାଉଥିଲେ, ଗୁରୁଙ୍କର ପାଦ ଧୋଇ ସେହି ପାଦଧୁଆ ଜଳକୁ ଅତି ପବିତ୍ରଜଳ ଭାବି ମୁଣ୍ଡରେ ସିଞ୍ଚନ କରୁଥିଲେ । ସାଧାରଣ ପ୍ରଜାମାନେ ମଧ୍ୟ ବ୍ରହ୍ମବିଦ୍ୟାକୁ ଅତି ପବିତ୍ର ମର୍ଯ୍ୟାଦା ଦେଇ ଗୁରୁମାନଙ୍କୁ ଭକ୍ତି ସହକାରେ ପୂଜା କରୁଥିଲେ ।

ଏହିଭଳି କାଳଗମନରେ ଆଜି ବ୍ରହ୍ମବିଦ୍ୟା କଅଣ ତାହା ସମାଜରେ ଅଜଣା ରହିବା ସ୍ଥିତି ଉପୁଜିଛି । ଜନ୍ମ ହେବାଠାରୁ ଆରମ୍ଭ କରି ୨୫ ବର୍ଷ ପର୍ଯ୍ୟନ୍ତ ପ୍ରାୟ ସମସ୍ତେ ପ୍ରାପଞ୍ଚିକ ପାଠ ପଢୁଛନ୍ତି । ସମସ୍ତେ ପାଠପଢାଠାରୁ ଆରମ୍ଭ କରି ଚାକିରି, ବ୍ୟାପାର କି କୌଣସି ଅନ୍ୟ କାମଧନ୍ଦା କରି ପେଟ ପୋଷିବା ପାଇଁ ନିଜର ବୁଦ୍ଧି ବିବେକକୁ ଉପଯୋଗ କରୁଛନ୍ତି । ଶେଷରେ ନିଜେ ସନ୍ତାନସନ୍ତତି ଜନ୍ମ କରିବା, ସନ୍ତାନସନ୍ତତି ମାନଙ୍କୁ ନିଜ ଭଳି ତିଆରି କରିବା ଭଳି କାର୍ଯ୍ୟକରି ବୃଦ୍ଧାବ୍ୟରେ ପହଞ୍ଚୁଛନ୍ତି । ବୃଦ୍ଧାବ୍ୟଦଶାରେ ମଧ୍ୟ ପୂର୍ବରୁ ଆସୁଥିବା ଚିନ୍ତା ଭଳି ଚିନ୍ତା ଆସିଥାଏ, କିଛି ନୂଆ ଆସି ନଥାଏ । ତେଣୁ ସତକଥା ହେଉଛି ଯେ ଚିନ୍ତାରେ ଆମର ସାରା ଜୀବନ ବିତିଯାଉଛି । ଏହିଭଳି ଗତି କରୁଥିବା ଆଜିର ନବୀନ କାଳରେ ବ୍ରହ୍ମବିଦ୍ୟା କହିଲେ କଅଣ, ଆତ୍ମଚିନ୍ତା କହିଲେ କଅଣ ? ବ୍ରହ୍ମବିଦ୍ୟା ଶିଖାଉଥିବା ଗୁରୁ କିଏ ? ସେସବୁ ଜାଣି ନପାରିବା ସ୍ଥିତିରେ ମାନବ ସ୍ଥିର ରହିଯାଇଛି ।

ଏହି ପରିସ୍ଥିତିରେ ବ୍ରହ୍ମବିଦ୍ୟା ଶିଖାଉଥିବା ଗୁରୁମାନଙ୍କ ସ୍ଥିତି କେତେ ପ୍ରୟୋଜନ ତାହା କିଛି ବିବରଣୀ ଦ୍ୱାରା ଜାଣିବା । ଜଣେ ଗୁରୁ ସେ

ନିଜେ ଗୁରୁ ବୋଲି କୌଣସି ସ୍ୱତନ୍ତ୍ର ବେଶ ଧାରଣ ନକରି କୌଣସି କାର୍ଯ୍ୟ ପାଇଁ ଏକ ଅଫିସ୍‌କୁ ଗଲେ ବୋଲି ଭାବିବା । ତାଙ୍କୁ ଦେଖି ସେଠାରେ କାର୍ଯ୍ୟ କରୁଥିବା ଛୋଟ ଗୁମାସ୍ତା ଜଣେ ମଧ୍ୟ ଖାତର କରିବେ ନାହିଁ । ଜୀବନସାରକୁ ଜଣାଉଥିବା ଗୁରୁଙ୍କୁ ସେଠି କେହିମଧ୍ୟ ସମ୍ମାନ ଦେବେ ନାହିଁ । ସାଧାରଣ ମଣିଷଠାରୁ ଆହୁରି ହୀନ ମନେକରି ତାଙ୍କ କାର୍ଯ୍ୟ କରି ପଠାଇଦେବେ ସିନା, ଅତି କମ୍‌ରେ ଟିକିଏ ବସିବାକୁ ମଧ୍ୟ କହିବେ ନାହିଁ, ଏହା ସତକଥା । ପୂର୍ବେ ଦେଶାଧିନେତା ମଧ୍ୟ ଗୁରୁମାନଙ୍କୁ ସମ୍ମାନୀତ କରୁଥିବା ବେଳେ, ଆଜି ଗୁରୁ ପରମ୍ପରାର ଅର୍ଥ ନଜାଣି ଛୋଟ ସରକାରୀ ଅଫିସ୍‌ରେ ମଧ୍ୟ ଗୁରୁମାନଙ୍କୁ କେହି ସମ୍ମାନ ଦେଖାଉନାହାନ୍ତି ।

ବ୍ରହ୍ମବିଦ୍ୟାକୁ ଲୋକମାନେ ଜାଣନ୍ତୁ ବୋଲି କେହି ଗୁରୁ ଯଦି କୌଣସି ଛୋଟ ଗାଆଁକୁ ଯାଆନ୍ତି ତେବେ ସେଠିକାର ବୃଦ୍ଧମାନେ 'ଆମର ତ ବୟସ ହୋଇଗଲାଣି ଏ ବ୍ରହ୍ମବିଦ୍ୟା ଆଉ ଆମର କ'ଣ ଦରକାର ? ମଲାଯାଏ ଭଲରେ ଭଲରେ କାଳ କଟିଗଲେ ଗଲା' ବୋଲି କହୁଛନ୍ତି । ଯୁବକମାନଙ୍କୁ କିଛି ଜ୍ଞାନ ଜାଣ ବୋଲି କହିଲେ 'ଆମର ସମୟ ନାହିଁ, ଯେଉଁମାନଙ୍କର କୌଣସି କାମଧନ୍ଦା ନାହିଁ ସେଇମାନଙ୍କୁ କୁହ' ବୋଲି ଜବାବ ଦେଉଛନ୍ତି । ପୂର୍ବକାଳର ରାଜା, ମହାରାଜାମାନେ ମଧ୍ୟ ରାଜ୍ୟଭାର ଅନ୍ୟକୁ ଦେଇ ଜ୍ଞାନ ଆଶାରେ ଗୁରୁମାନଙ୍କ ପାଖକୁ ଯାଇ ଜ୍ଞାନ ଶୁଣୁଥିଲେ, ହେଲେ ଆଜିର ଲୋକମାନେ ସାଧାରଣ ସଂସାର କାର୍ଯ୍ୟରୁ ଟିକିଏ ମଧ୍ୟ ସମୟ ବାହାର କରିପାରୁ ନାହାନ୍ତି ।

ଯଦି ସମୟ ନାହିଁ ତେବେ ସମୟ ମିଳିବା ବେଳେ ଜ୍ଞାନଗ୍ରନ୍ଥ ପଢ କହି ଜଣେ ଗୁରୁ କାହାକୁ ଗ୍ରନ୍ଥଟିଏ ଦେବାକୁ ଗଲାବେଳେ କେତେକ 'ସେ ଗ୍ରନ୍ଥ ଆମକୁ ମାଗଣାରେ ଦେବେ କି'? ବୋଲି କହୁଛନ୍ତି । ଆମେ କାଗଜ କିଣି ପ୍ରିଣ୍ଟିଙ୍ଗ୍ କରି, ପଇସା ଖର୍ଚ୍ଚକରି ତୁମମାନଙ୍କ ପାଇଁ ଏ ଗ୍ରନ୍ଥ ତିଆରି କରିଛୁ, ଅତି କମ୍‌ରେ ତା'ର ମୂଲ୍ୟ ତ ଦିଅନ୍ତୁ କହିଲେ

'ତୁମ ଭକ୍ତମାନେ କ'ଣ ତୁମକୁ ଟଙ୍କା ଦେଉନାହାନ୍ତି' ବୋଲି ଆଜି କହିବା ଲୋକମାନେ ମଧ୍ୟ ଅଛନ୍ତି । ପୂର୍ବକାଳର ରାଜା, ମହାରାଜାମାନେ ବ୍ରହ୍ମବିଦ୍ୟା ଲୋକମାନସରେ ପ୍ରଚାର ହେଉ ବୋଲି ଗୁରୁମାନଙ୍କର ସମସ୍ତ ଖର୍ଚ୍ଚ ବହନ କରୁଥିଲେ । ଆଜି ଗୁରୁମାନେ ଟଙ୍କାଥିବା ଲୋକମାନଙ୍କ ପାଖକୁ ଯାଇ କିଛି ଟଙ୍କା କରଜ ଦିଅନ୍ତୁ ବୋଲି ମାଗିଲେ ମଧ୍ୟ ନଦେବା କାଳ ଆସି ପହଞ୍ଚିଛି । ମୁଁ କଣ ମାଗଣାରେ ଦେଉଛି ବୋଲି ଭାବୁନଥିବା ଲୋକେ ବହି କିଣି କ'ଣ ବା ଜ୍ଞାନ ପଢିବେ !

ଆଉ ଭକ୍ତମାନଙ୍କ କଥା କଅଣ କହିବା ! ଜଣେ ଗୁରୁଙ୍କର ଭକ୍ତ ବୋଲାଉଥିବା କିଛି ଶିଶ୍ୟମାନେ ଅଛନ୍ତି ବୋଲି ଭାବିଲେ, ସେମାନଙ୍କ ଭିତରୁ କେତେଜଣ ଗୁରୁଙ୍କଠାରୁ ଲାଭ ଆଶା କରି ରହିଥା'ନ୍ତି । ଯଦି ଜ୍ଞାନ ଦୃଷ୍ଟିରୁ ଗୁରୁ ସେମାନଙ୍କର କିଛି ଭୂଲ୍ ଭଟକା ଦେଖି ଦଣ୍ଡିତ କରନ୍ତି ତେବେ ଆମେ ତୋ'ପାଖକୁ ନଆସିଲେ ତୋ'ରି କ୍ଷତି ହେବ କହି ସେଠାକୁ ଯିବା ବନ୍ଦ କରିଦିଅନ୍ତି । ଯଦି କେହି ସେମାନଙ୍କୁ ପଚାରେ ଯେ, 'ଗୁରୁଙ୍କ ପାଖକୁ ଆଉ କାହିଁକି ଯାଉନାହୁଁ' ତେବେ ସେ ଗୁରୁଙ୍କର ଅମୁକ ଖରାପଗୁଣ ରହିଛି ଅର୍ଥାତ୍ ମୁଁ ଭଲଲୋକ, ଗୁରୁ ଖରାପଲୋକ ବୋଲି ଭାବର ସହିତ ରହି ନିଜକୁ ମହାନ କରି ଗୁରୁଙ୍କୁ ଛୋଟ କରି କହୁଛି ।

ଆଉ କେତେକ ଆଧ୍ୟାତ୍ମିକ ମାର୍ଗରେ ଥିବା ଲୋକମାନେ ଗୁରୁ ଲେଖିଥିବା ପୁସ୍ତକ ପଢିଥା'ନ୍ତି ସିନା, ସେଥିରେ ଥିବା ବିଷୟ ସେମାନଙ୍କର ଅନୁକୂଳିତ ଭାବରେ ଥାଆନ୍ତା ବୋଲି ଭାବିଥା'ନ୍ତି । ଲେଖାଯାଇଥିବା ବିଷୟର ସତ୍ୟାସତ୍ୟକୁ ବିଚାର କରିନଥା'ନ୍ତି । ସେମାନଙ୍କୁ ଆଗରୁ ଯାହା ଜଣାଥିଲା, ଯଦି ଗୁରୁ ଲେଖିଥିବା ପୁସ୍ତକରେ ତାହା ନାହିଁ ତେବେ ଲେଖା ଠିକ୍ ନୁହେଁ ବୋଲି କହୁଥିବା ଲୋକମାନେ ମଧ୍ୟ ଅଛନ୍ତି । ସେମାନଙ୍କର ଏହିଭଳି ଭାବନା ଦ୍ୱାରା ଗୁରୁ ଲେଖିଥିବା ବିଷୟସବୁ ମୂଲ୍ୟହୀନ ହୋଇଯାଉଛି । ସେହିଭଳି ଜଣେ ଗୁରୁ ଏକ ମଞ୍ଚ ଉପରେ କିଛି ବ୍ରହ୍ମବିଦ୍ୟା ସମ୍ବନ୍ଧୀୟ

ଆତ୍ମଜ୍ଞାନ ପ୍ରବଚନ କହୁଛନ୍ତି ବୋଲି ଭାବିଲେ ତାହା ଅନେକଙ୍କୁ ରୁଚେ ନାହିଁ । କହିବା ବେଳେ ମଝିରେ ମଝିରେ ଥଟା, ମଜା, ଗପ, ଗୀତ ଯଦି ନାହିଁ ତେବେ ସେ ଯାହା କହୁଛନ୍ତି କାହା କାନରେ ପ୍ରବେଶ କରିବ ନାହିଁ । ଗୁରୁ ଜ୍ଞାନ କହିବାକୁ ଚାହୁଁଥିବା ବେଳେ, ଯଦି ଏସବୁ ନାହିଁ, ତେବେ ସେ ଗୁରୁଙ୍କୁ ଜ୍ଞାନ ହିଁ ଜଣା ନାହିଁ ବୋଲି କହନ୍ତି ।

ପୂର୍ବେ ଜ୍ଞାନକୁ ବିପୁଳ ଭାବରେ କହୁଥିବା ଲୋକମାନଙ୍କୁ ଗୁରୁ ଭାବୁଥିଲେ । ଆଜି ପିନ୍ଧୁଥିବା ବସ୍ତ୍ର ଅନୁସାରେ, ଛାଡିଥିବା ଦାଢ଼ି ଅନୁସାରେ ଅନୁଭବ କରି, ସେ ଗୁରୁ ବୋଲି କହୁଛନ୍ତି ସିନା, କହୁଥିବା ଜ୍ଞାନ ଅନୁସାରେ ନୁହେଁ । ଆଜିର କାଳରେ ଗୁରୁମାନଙ୍କର ମୂଲ୍ୟ ନାହିଁ । ପୂର୍ବେ ଗୁରୁମାନଙ୍କୁ ରାଜାମାନେ କିମ୍ବା ଅନ୍ୟମାନେ ପୋଷଣ କରୁଥିଲେ, ସେଥିଲାଗି ସେ କାଳର ଗୁରୁମାନଙ୍କର ମୁଣ୍ଡ ସବୁବେଳେ ଜ୍ଞାନ ଉପରେ ଉପଯୋଗ ହେଉଥିଲା । ଆଜି ଗୁରୁମାନଙ୍କର ସ୍ଥିତି ବଦଳି ଯାଇଛି, ସେମାନେ ଜ୍ଞାନ ଉପରେ ମୁଣ୍ଡ ଖେଳାଇବାକୁ ସୁଯୋଗ ନାହିଁ, କିଛି ଗୋଟିଏ ଉପାୟ କରି ପେଟ ପୋଷିବାକୁ ପଡୁଛି । ଆମଠାରେ ଥିବା ଜ୍ଞାନର କିଛି ମୂଲ୍ୟ ନାହିଁ ବୋଲି ଭାବୁଥିବା ଗୁରୁମାନେ ଜ୍ୟୋତିଷ୍ୟ ଜ୍ଞାନ କହି ପେଟ ପୋଷି କାଳ କାଟୁଛନ୍ତି । ଆଉକେତେକ ଚିକିତ୍ସା କରୁଛନ୍ତି ତ କେତେକ ମନ୍ତ୍ରଯନ୍ତ୍ର ଶିଖି, ପେଟପୋଷିବା ମାର୍ଗରେ ରହିଛନ୍ତି । ତା'ଛଡା କେତେକ ସେମାନଙ୍କ ପାଖାପାଖି ଥିବା ଲୋକମାନଙ୍କର ଇଚ୍ଛା ଅନୁଗୁଣ ବଦଳି ସେମାନଙ୍କ ଦୃଷ୍ଟିରେ ଯାହା ଭକ୍ତି ଭଳି ଲାଗୁଛି ସେହି ଅନୁସାରେ କାର୍ଯ୍ୟ କରୁଛନ୍ତି । ଯଦି କିଛି ମାହାତ୍ମ୍ୟ ନଦେଖାଇବା ତେବେ ଭକ୍ତମାନେ ଆମକୁ ସ୍ୱାମିଜୀ ବୋଲି ଭାବିବେ ନାହିଁ ଭାବ ନେଇ କାର୍ଯ୍ୟ କରୁଛନ୍ତି । ପୁରାଣ ଅଦ୍ଭୁତ କଳ୍ପନା ବୋଲି କେତେକ ଗୁରୁମାନଙ୍କୁ ଜଣାଥିଲେ ମଧ୍ୟ ପ୍ରଜାମାନଙ୍କ ଇଚ୍ଛା ଅନୁସାରେ ପୁରାଣର କଥା କହି କାଳ କାଟୁଛନ୍ତି ।

ଏହିଭଳି ଆଜିର ନବୀନକାଳରେ ଅନେକ ଗୁରୁ ଅନେକ ପ୍ରକାରର ବଦଳିଗଲେଣି । ଏଭଳି ନ ହେଲେ ଆଜି ଗୁଜୁରାଣ ମେଣ୍ଟିବ ନାହିଁ; ତଥାପି ନବଦଳି କେଉଁଠି କେମିତି ଆତ୍ମଜ୍ଞାନ କହୁଥିବା ଗୁରୁମାନେ ମଧ୍ୟ ଅଛନ୍ତି । ସେହି ଗୁରୁମାନଙ୍କୁ ଆଜି ନାନା କଷ୍ଟ ସ୍ୱୀକାର କରିବାକୁ ପଡୁଛି । ପ୍ରଜାମାନଙ୍କ ତରଫରୁ ନାନା ବିମର୍ଶ ସମ୍ମୁଖୀନ କରିବାକୁ ପଡୁଛି । ପ୍ରଜାମାନେ ସେମାନଙ୍କୁ ଅଜ୍ଞାନୀ କହନ୍ତି, ତେଣୁ ପ୍ରଜାମାନଙ୍କ ଦୃଷ୍ଟିରେ ସେମାନେ ଖୁବ୍ ନୀଚ ଦେଖାଯାଆନ୍ତି । ଏହିଭଳି ଥିବା ଜଣେ ଗୁରୁଙ୍କୁ ଆମେ ମଧ୍ୟ ଦେଖିଥିଲୁ । ସେ କାହାଠାରୁ କିଛି ଆଶା ନକରି ସ୍ୱୟଂ ନାନା କଷ୍ଟକୁ ସମ୍ମୁଖୀନ କରି ପ୍ରଜାମାନସରେ ଜ୍ଞାନର ବୀଜ ବୁଣିବା ଉଦ୍ଦେଶ୍ୟ ନେଇ ରହିଥିଲେ । ଜ୍ଞାନ କହିବାବେଳେ ଶାଶ୍ୱତ ଶାସ୍ତ୍ରଧର୍ମକୁ କହୁଥିଲେ । ଉଧାର, କରଜରେ ଜ୍ଞାନ ପ୍ରସାର କରି ନିଜ କଷ୍ଟ ଦ୍ୱାରା ସେହି କରଜ ଶୁଝୁଥିଲେ, ସେ ଜଣେ ଗୁରୁ ବୋଲି ନଭାବି ସାଧାରଣ ମଜୁରିଆଠାରୁ ଅଧିକ ପରିଶ୍ରମ କରୁଥିଲେ, ତାଙ୍କୁ କେହି ଦେଖିନଥିବା ଅଞ୍ଚଳରେ ନିଜେ ଗୁରୁବୋଲି କାହାକୁ ନକହି ଜଣେ ଭକ୍ତଭାବରେ ପରିଚୟ ଦେଇ ଜ୍ଞାନବୋଧ କରୁଥିଲେ । ଏହି ଭଳି ପରିସ୍ଥିତିରେ ତାଙ୍କୁ ଦେଖିନଥିବା କେତେକ ଲୋକ ତାଙ୍କ ଜ୍ଞାନ ଶୁଣି ତାଙ୍କୁ ମହାନ ଭାବୁଥିବା ସମୟରେ ମଧ୍ୟ ସେ ସାଧାରଣ ମଣିଷ ଭଳି ରହି ନିରହଙ୍କାର ଜୀବନ ବଞ୍ଚୁଥିଲେ, ତାଙ୍କ ପାଖକୁ ଏହି ସମୟରେ କେତେକ ଭକ୍ତମାନେ ଆସି ସେ କହୁଥିବା ଜ୍ଞାନକୁ କିଛିଦିନ ଶୁଣି ଶେଷରେ ନିନ୍ଦା କରିବାକୁ ଲାଗିଲେ, ତାଙ୍କଠାରୁ ମିଳୁଥିବା ଶାଶ୍ୱତଜ୍ଞାନକୁ ମଧ୍ୟ କେତେକ ଅଜ୍ଞାନ କହି ପ୍ରଚାର କରିବା ଆମେ ସ୍ୱଚକ୍ଷୁରେ ଦେଖିଛୁ, ସେମାନେ ଆଜି ଠକ, ଜୁଆଡି, ମଦୁଆ ମାନଙ୍କ ସାଥିରେ ବୁଲୁଥିବା ମଧ୍ୟ ଦେଖିଛୁ । ଆତ୍ମଜ୍ଞାନ କହୁଥିବା ଗୁରୁଙ୍କୁ ହୀନ ମନେ କରି, ତାଙ୍କୁ ନିନ୍ଦା, ଅପମାନ ଦେବା ଭଳି ଅନ୍ୟମାନଙ୍କ ଆଗରେ କହିଥିବା ଲୋକମାନଙ୍କ ବାବଦରେ ସେ ଗୁରୁଙ୍କ ଅନ୍ତରରୁ ଆଜି

ବୁଦ୍ଧିର ପ୍ରଶ୍ନ ଆଉ ତା'ର ସମାଧାନ ଆସୁଛି । ତାହା ନିମ୍ନମତେ ରହିଛି, ଟିକିଏ ନଜର ପକାନ୍ତୁ ।

**ପ୍ରଶ୍ନ :** ଆଜି ଅନେକ ଗୁରୁ ପ୍ରଜାମାନଙ୍କର ଅନୁକୂଳ ଭାବରେ ସେମାନଙ୍କୁ ପସନ୍ଦ ହେଉଥିବା ଜ୍ଞାନ ଜଣାଉଛନ୍ତି, କିନ୍ତୁ ଆପଣ ତା'ନକରି ଆପଣଙ୍କ ପଦ୍ଧତିରେ କହୁଛନ୍ତି । ସେଥିଲାଗି ତାହା କାହାକୁ ପସନ୍ଦ ହେଉ ନାହିଁ । ଏ ବାବଦରେ ଆପଣ କ'ଣ କହିବେ ?

**ସମାଧାନ:** ପ୍ରଜାମାନେ ଅଜ୍ଞାନ ଅନ୍ଧକାରରେ ସଂସାର ସାଗରକୁ ସେମାନଙ୍କ ଶକ୍ତି ଥିବା ପର୍ଯ୍ୟନ୍ତ ପାରିହେବାକୁ ଚେଷ୍ଟା କରନ୍ତି, ହେଲେ ସେ ଶକ୍ତି ଚାଲିଗଲେ ବୁଡିଯାଇଥା'ନ୍ତି । ସଂସାର ସାଗରରେ ଏମିତି ପହଁରିବା ଉଚିତ୍, ସେମିତି ପହଁରିବା ଉଚିତ୍ ନୁହେଁ ବୋଲି ସହଜ ଉପାୟ କହିବା ଅପେକ୍ଷା, ନ ପହଁରି, ଦେହରେ ପାଣି ଟୋପାଏ ନଲଗାଇ ସେମାନଙ୍କୁ ବାହାରକୁ ଆଣିବା ଉପାୟ କହିଲେ ଭଲ ବୋଲି ସବୁବେଳେ ମୋର ଉଦ୍ଦେଶ୍ୟ ରହିଥାଏ । ପ୍ରଜାମାନଙ୍କର ଅନୁକୂଳ ଭାବରେ ଗୁରୁ ବଦଳିବା ଅନୁଚିତ୍ । ଗୁରୁଙ୍କୁ ଦେଖି ଗୁରୁପଦ୍ଧତିରେ ଯଦି କେହି ଜଣେ ବି ବଦଳେ ତା'ହେଲେ ଭଲ । ଆମେ କହୁଥିବା ବାଣୀ ଯେ, ସମସ୍ତଙ୍କୁ ପସନ୍ଦ ହେଉ ତା'ନୁହେଁ ହଜାରକେ କେହି ଜଣେ ପସନ୍ଦ କଲେ ମଧ୍ୟ ତାହା ଆମ ପାଇଁ ଯଥେଷ୍ଟ ହେବ । ପସନ୍ଦ ହେବା, ନହେବା ମୁଖ୍ୟକଥା ନୁହେଁ । ଯାହା କହୁଛୁ ତାହା ଧର୍ମ କି ଧର୍ମ ନୁହେଁ ତାହା ଆମ ଦୃଷ୍ଟିରେ ଅତି ମୁଖ୍ୟକଥା ବୋଲି ଆମେ ଭାବିଥାଉ । ଜଗତରେ ଅଧର୍ମକୁ ଅଧିକ ଭଲପାଉଥିବା ଲୋକମାନେ ଅଛନ୍ତି ଏହା ସତକଥା, ତେଣୁ ଆମ ବାଣୀ ଅନେକଙ୍କୁ ପସନ୍ଦ ହୁଏ ନାହିଁ ।

**ପ୍ରଶ୍ନ:** ଆପଣ କହୁଛନ୍ତି ଯେ, ଅନେକଙ୍କୁ ପସନ୍ଦ ହୁଏ ନାହିଁ, ତେଣୁ ସେମାନଙ୍କୁ ପସନ୍ଦ ହେବାଭଳି କହିଲେ ଆପଣଙ୍କର କ୍ଷତି କଅଣ ?

**ସମାଧାନ :** ଇଏ ଧର୍ମ, ସିଏ ଅଧର୍ମ ଜାଣି ମଧ୍ୟ ଆଉ ଜଣେ ପସନ୍ଦ କରିବ ବୋଲି ଅଧର୍ମବାଣୀ କହିବା ଦୈବଦ୍ରୋହ, ଦୈବବିରୁଦ୍ଧ ହୋଇଥାଏ । ତେଣୁ ଅକ୍ଷମଣୀୟ ପାପକର୍ମ ଆସେ ବୋଲି ଜାଣିବା ପରେ ଆମେ କିପରି କହି ପାରିବୁ ?

**ପ୍ରଶ୍ନ:** ଯାହାକୁ ଶାସ୍ତ୍ର କହିଲେ କଅଣ ଜଣା ନାହିଁ, ତା'କୁ ଏହା ଶାସ୍ତ୍ର ବୋଲି ଆପଣ କହିଲେ କ'ଣ ରୁଚିବ ?

**ସମାଧାନ:** ଶାସ୍ତ୍ର କହିଲେ କଅଣ ? ତାହା କେତେଗୋଟି ? କଅଣ ? କଅଣ ? ସେ ବିଷୟକୁ ଆମେ ଅନେକ ଥର ଜଣାଇଛୁ; ତଥାପି ସବୁଗ୍ରନ୍ଥକୁ ଶାସ୍ତ୍ର ଭାବିବା ଲୋକମାନେ ମଧ୍ୟ ଅଛନ୍ତି, ଏହା ସେମାନଙ୍କର କର୍ମ, ଆମେ ବା କ'ଣ କରି ପାରିବୁ । ବିବରଣ ଦେବା ଜଣେ ଗୁରୁ ଭାବରେ ମୋର ଧର୍ମ, ମୁଁ ତାହା ହିଁ କରୁଛି । ଜଣେ ଲୋକକୁ ଖଲି ପକାଇ ସେଥିରେ ଅନ୍ନ, ଦୁଇ ତିନି ପ୍ରକାରର ତରକାରି, ଡାଲି, ଆଚ୍ଛର ସହିତ ଲେମ୍ବୁ, ଲୁଣ, ଲଙ୍କା ଇତ୍ୟାଦି ବାଢ଼ି ଖାଇବାକୁ ଦେଲେ ବୋଲି ଭାବନ୍ତୁ, ସେ ଯଦି ଖାଇବା ବେଳେ ଅନ୍ନ ସହିତ ତରକାରି, ଡାଲି ଇତ୍ୟାଦି ଅଲଗା ଅଲଗା ମିଶାଇ ଖାଏ ତେବେ ତା'କୁ ସେଗୁଡିକର ସ୍ୱାଦ ଭିନ୍ନ ଭିନ୍ନ ବୋଧହେବ । ତା'ନକରି ଯଦି ସେ ସବୁଗୁଡ଼ିକୁ ଏକାଠି ମିଶାଇ ଖାଇବ ତେବେ କାହାର ସ୍ୱାଦ କ'ଣ ଜାଣିବ କିପରି ? ଅଲଗା ଅଲଗା ଅନ୍ନ ସହିତ ଗୋଟିଏ ଗୋଟିଏ ତରକାରୀକୁ ଖାଇଲେ କେଉଁ ତରକାରୀର ସ୍ୱାଦ କ'ଣ ସେ କହି ପାରିବ ସିନା, ଯଦି ସବୁ ମିଶାଇ ଖାଇବ ତା'କୁ କେଉଁ ତରକାରୀର ସ୍ୱାଦ କିପରି ପଚ୍ଛରିଲେ ସେ କହି ପାରିବ ନାହିଁ । ଅମୁକ ତରକାରୀର ସ୍ୱାଦ ଏପରି ବୋଲି ଯଦି ତା'କୁ ଆମେ କହିବା ତେବେ ସେ ତାହା ଜାଣି ପାରିବ ନାହିଁ । ଆମେ କହୁଥିବା ତରକାରୀର ସ୍ୱାଦ ଅଲଗା ହୋଇଥିବା ବେଳେ ସେ ଅନୁଭବ କରୁଥିବା ସ୍ୱାଦ ଅଲଗା । ସେହିଭଳି ମୁଁ ଶାସ୍ତ୍ର ଅଲଗା, ପୁରାଣ

ଅଲଗା, ଇତିହାସ ଅଲଗା ବୋଲି କହିଲେ ସବୁଗୁଡିକୁ ପୁସ୍ତକ ଭାବୁଥିବା ଲୋକମାନେ ଶାସ୍ତ୍ରର ମହାନତାକୁ କ'ଣ ଜାଣିବେ ? ସେ ଯାହା ବି ହେଉ ଧର୍ମଯୁକ୍ତ ଯୋଗଶାସ୍ତ୍ରକୁ ଜଣାଇବା ମୋର କାର୍ଯ୍ୟ ।

**ପ୍ରଶ୍ନ:** କିଛିଲୋକ ଆପଣଙ୍କୁ ସାହାଯ୍ୟ କରିବାକୁ ଯାଇ, ଇଏ ଯାହା କହୁଛନ୍ତି ତାହା ଧର୍ମଯୁକ୍ତ ଜ୍ଞାନ ବୋଲି ଯଦି ଆସି କହୁଛନ୍ତି, ସେତେବେଳେ ଆପଣଙ୍କ ଉପକାରସ୍ୱରୂପ କିଛି ଲୋକ ଆପଣଙ୍କ ସପକ୍ଷରେ ଥିବାଭଳି, ଏହି ବଳ ନେଇ ଆଜିର ଜ୍ଞାନୀ ବୋଲି ନାମ କମାଇଥିବା ଲୋକମାନଙ୍କ ସହିତ ଆପଣ ଲଢେଇ କଲେ (ଯୁକ୍ତିର ସହିତ ସେମାନଙ୍କୁ ଉଚିତ୍ କଥା କହିଲେ) ଭଲ ହୁଅନ୍ତା । ଏହା କ'ଣ ଖରାପ ହେବ !

**ସମାଧାନ:** ଏହା ରାଜନୈତିକ ଦଳ ନୁହେଁ ଯେ, ଆମେ କାହା ସହିତ ଲଢେଇ କରିବୁ । ଆଜି ପୃଥିବୀ ଜନସଂଖ୍ୟାର ୭୦ପ୍ରତିଶତ ଲୋକମାନଙ୍କ ଆରାଧ୍ୟ ହୋଇଥିବା ଯୀଶୁପ୍ରଭୂ ସେ ଯାହା କହୁଛନ୍ତି ତାହା ସତ୍ୟ ବୋଲି କହିଥିଲେ ମଧ୍ୟ, ସେଦିନ ତାଙ୍କ କଥା କେତେଜଣ ଶୁଣିଥିଲେ ? ସେଦିନ ଜ୍ଞାନୀ, ଶାସ୍ତ୍ରଜ୍ଞ ବୋଲାଉଥିବା ଲୋକମାନେ ତାଙ୍କର ବିପରୀତ ଭାବରେ ରହି, ସେ ଯାହା କହୁଛନ୍ତି ଅସତ୍ୟ, ଅଜ୍ଞାନ ଇତ୍ୟାଦି କହି କ'ଣ ଯୀଶୁଙ୍କ ମରଣର କାରଣ ହୋଇନଥିଲେ ? ଅନେକ ଲୋକ ତାଙ୍କରି ହାତର ସ୍ପର୍ଷରେ ଭୟଙ୍କର ରୋଗମୁକ୍ତ ହୋଇ, ତାଙ୍କରି ହାତର ରୁଟି ଖାଇ ମଧ୍ୟ କ'ଣ ତାଙ୍କୁ ପଥର ଫିଙ୍ଗିନଥିଲେ ? ଆଜି ହିନ୍ଦୁଧର୍ମରେ ମହାନ କୁହାଯାଉଥିବା ଭଗବଦ୍ଗୀତାକୁ ସେଦିନ ଭଗବାନ ଶ୍ରୀକୃଷ୍ଣ ଏକୈକ ଅର୍ଜୁନଙ୍କୁ କହିଥିଲେ । ସେଦିନ ତାଙ୍କ କଥା ସମସ୍ତେ ଶୁଣନ୍ତୁ ବୋଲି ସେ ବ୍ୟାକୁଳ ହୋଇନଥିଲେ । ସେମାନଙ୍କ ମାର୍ଗରେ ଚାଲୁଥିବା ଆମେ ସେମାନଙ୍କ ଭଳି ସତ୍ୟକୁ ଜଣାଇବାକୁ ଚାହୁଁଛୁ, ଏହା ମୁଖ୍ୟ ହେବ ସିନା, ଆମକୁ କେତେଜଣ ସାହାଯ୍ୟ କରୁଛନ୍ତି ତାହା ମୁଖ୍ୟ କଥା ନୁହେଁ ।

**ପ୍ରଶ୍ନ:** ଆପଣ ଯୀଶୁଙ୍କ ଭଳି, ଅନ୍ୟାନ୍ୟ ମହର୍ଷିମାନଙ୍କ ଭଳି କେତେକ ସନ୍ଦର୍ଭରେ ଆପଣଙ୍କ ହାତର ସ୍ୱର୍ଷ ଦ୍ୱାରା, ତୁଣ୍ଡର କଥା ଦ୍ୱାରା ଅନେକଙ୍କ ଭୟଙ୍କର କର୍ମକୁ ଦୂରକରି ଯୋଗଶକ୍ତି ଥିବା ଯୋଗୀ ଭାବରେ ନିଜକୁ ପ୍ରମାଣିତ କରିଥିଲେ ମଧ୍ଯ ସେମାନଙ୍କ ଭିତରୁ ଅନେକ ଆପଣଙ୍କୁ ଚିହ୍ନି ପାରିଲେ ନାହିଁ । ଶେଷରେ ଭୟଙ୍କର କର୍ମରୁ ବହିର୍ଗତ ହୋଇଥିବା ଲୋକମାନେ ମଧ୍ୟ ଆପଣଙ୍କ ଜ୍ଞାନ ଶୁଣିବାକୁ କାହିଁକି ଇଚ୍ଛା କରୁନାହାନ୍ତି ?

**ସମାଧାନ:** ଯୋଗଶକ୍ତି କ'ଣ ?, ମନ୍ତ୍ରଶକ୍ତି କ'ଣ ? ତା'ର ଅର୍ଥ ଆଉ ତାରତମ୍ୟକୁ ଜାଣିନଥିବା ଲୋକମାନେ ମୋତେ ଜଣେ ଯୋଗୀ ବୋଲି ଚିହ୍ନି ପାରିଲେ ନାହିଁ । ଶେଷରେ ମୋ'ହାତର ସ୍ୱର୍ଶରେ କିମ୍ବା ମୋ'ଚକ୍ଷୁଦୃଷ୍ଟିରେ ସୁସ୍ଥ ହୋଇଥିବା ଲୋକମାନେ ମଧ୍ୟ ଏହା ମନ୍ତ୍ରଶକ୍ତିର କାମ, ମୁଁ ଜଣେ ମାନ୍ତ୍ରିକ (ଗୁଣିଆଁ) ଭାବି ସେମାନଙ୍କ କାର୍ଯ୍ୟ ହୋଇଗଲା ପରେ ମୋ'ଠାରୁ ଦୂରେଇ ଯାଇଛନ୍ତି ।

**ପ୍ରଶ୍ନ:** ସେଭଳି ଲୋକମାନଙ୍କ ପାଇଁ ଆପଣ ଏତେ ମୂଲ୍ୟବାନ ଯୋଗଶକ୍ତିକୁ କାହିଁକି ଖର୍ଚ୍ଚ କଲେ ?

**ସମାଧାନ:** ଏଭଳି ଶକ୍ତି ଜ୍ଞାନର ରହିଛି ବୋଲି ତ ପ୍ରମାଣିତ କରିବାକୁ ହେବ ! ସେଥିଲାଗି ଆମ ପାଖକୁ ଆସିଥିବା କେତେକଙ୍କର କର୍ମକୁ ଜଳାଇବାକୁ ପଡିଛି ଏବଂ ସେମାନଙ୍କ କର୍ମ କେବଳ ଜ୍ଞାନଶକ୍ତି ଜଳାଇଛି । କେବଳ ଜ୍ଞାନଶକ୍ତି (ଜ୍ଞାନାଗ୍ନି) କର୍ମକୁ ଜଳାଇପାରେ, ଆଉ କୌଣସି ଅଗ୍ନି ଜଳାଇ ପାରେ ନାହିଁ ବୋଲି ସେମାନଙ୍କୁ ମଧ୍ୟ ଜଣାଇଛୁ । ଯୀଶୁଙ୍କ ହାତର ରୁଟିଖାଇ, ତାଙ୍କ ଦ୍ୱାରା ରୋଗମୁକ୍ତ ହୋଇଥିବା ଲୋକମାନେ ଶେଷରେ ତାଙ୍କୁ ପଥର ଫିଙ୍ଗିଥିଲେ, ସେ ଅମାନୁଷିକତା କଣ ଆଜି ନାହିଁ ! ଅଛି, ହେଲେ ଆମ ପାଖରୁ ଯାଇଥିବା ଲୋକମାନେ ସେମାନଙ୍କ କାର୍ଯ୍ୟ ହୋଇଯିବା ପରେ ଆମ ପାଖକୁ ଆଉ ଆସି ନାହାନ୍ତି

ସିନା, ଆମ ଉପରକୁ କେବେ ପଥର ଫିଙ୍ଗିନାହାନ୍ତି, ସେଥିପାଇଁ ଆମେ ଖୁସିହେବା ଉଚିତ୍ ।

**ପ୍ରଶ୍ନ:** ଆପଣ ଅନେକ ଗ୍ରନ୍ଥ ରଚନା କରୁଛନ୍ତି । ଆଜିର ଯୁଗରେ କେତେହଜାର ଟଙ୍କା ଖର୍ଚ୍ଚକଲେ ମଧ୍ୟ ଖଣ୍ଡେ ବହି ଛାପିବା କଷ୍ଟ ହେଉଛି ; ତଥାପି ଆପଣ ଅଧିକ ସୁଧରେ ଟଙ୍କା ଆଣି ଲକ୍ଷ ଲକ୍ଷ ଖର୍ଚ୍ଚ କରି ଅନେକ ଗ୍ରନ୍ଥ ଛାପି ପ୍ରଚାର କରୁଛନ୍ତି, ଆପଣଙ୍କ ଭାବନାକୁ ସାକାର କରୁଛନ୍ତି ଆଉ ସ୍ୱୟଂ ଚେଷ୍ଟାରେ ସେହି କରଜ ସୁଝୁଛନ୍ତି । ତା'ଛଡା ଆପଣ କରୁନଥିବା କାର୍ଯ୍ୟ କିଛି ନାହିଁ । ଆପଣ ଜଣେ ଗୁରୁ ହୋଇ ମଧ୍ୟ ସ୍ୱୟଂ କଷ୍ଟକରି ଧନ ଉପାର୍ଜନ କରି ଆପଣଙ୍କ ଭାବନା ସାକାର କରିବା ଅପେକ୍ଷା ଅନ୍ୟ ଗୁରୁମାନଙ୍କ ଭଳି ଗାଆଁଗହଳିରେ ପ୍ରବଚନ କହି ଧନ ରୋଜଗାର କରି ପାରନ୍ତେ ! ଜ୍ଞାନ ପ୍ରଚାର ମଧ୍ୟ ହୁଅନ୍ତା ! ! ସେଭଳି କାହିଁକି କରୁନାହାନ୍ତି ?

**ସମାଧାନ:** ଏଭଳି କରିବାକୁ ମୁଁ ଇଚ୍ଛା କରେନାହିଁ । ମୋ'ଦ୍ୱାରା ହେଉଥିବା କାର୍ଯ୍ୟଗୁଡିକରେ ମୋତେ ସାହାଯ୍ୟ କରିବା ପାଇଁ ଚାହୁଁଥିବା ଲୋକମାନେ ସେମାନଙ୍କ ଶ୍ରମଦାନରେ କଲେ ସେମାନଙ୍କୁ ସେଥିରୁ ଉନ୍ନତ ଫଳ ମିଳିବ ବୋଲି ମୁଁ ଭାବିଥାଏ ।

**ପ୍ରଶ୍ନ:** ଏଭଳି ଶ୍ରମଦାନ କରୁଥିବା ଲୋକମାନେ ଅଛନ୍ତି ବୋଲି ଆପଣ କ'ଣ ତୃପ୍ତି ଅନୁଭବ କରନ୍ତି ?

**ସମାଧାନ:** ହଁ । ମୋତେ, ମୋର ଉଦ୍ଦେଶ୍ୟକୁ ବୁଝି ଖାଲି ଶ୍ରମଦାନ କାହିଁକି ମୋ'ପାଇଁ ଜୀବନ ଦେବାକୁ ପଛାଉ ନଥିବା ଲୋକମାନେ ମଧ୍ୟ ଅଛନ୍ତି । ସେଥିଲାଗି ମୁଁ ସମସ୍ତଙ୍କ ପାଇଁ ନୁହେଁ କେଇଜଣଙ୍କ ପାଇଁ ଅଛି ବୋଲି ଆପଣଙ୍କ ପ୍ରଶ୍ନର ସମାଧାନ ଦେବା ପୂର୍ବକ କେଇଗୁଣା ତୃପ୍ତି ସହିତ ରହି, କେଇଗୁଣା ଉତ୍ସାହରେ ଜ୍ଞାନ ଜଣାଉଛି ।

**ପ୍ରଶ୍ନ:** କ୍ରମାନ୍ୱୟରେ କିଛିଦିନ ଆପଣ ନାନା ଦୁଃଖକଷ୍ଟର ସମ୍ମୁଖୀନ କଲେ ବୋଲି ଭାବନ୍ତୁ, ସେତେବେଳେ କ'ଣ ଆପଣ ଏଇଭଳି ଜ୍ଞାନ ଜଣାଇ ପାରିବେ ?

**ସମାଧାନ:** ଦୁଃଖକଷ୍ଟ ହେଉଛି କର୍ମର ଫଳ ଆଉ ତାହା ପ୍ରକୃତି ସମ୍ବନ୍ଧୀୟ । ତେଣୁ କର୍ମର ନିର୍ଣ୍ଣୟ ଅନୁସାରେ ତାହା ଆସିଥାଏ ଯାଇଥାଏ ସିନା, ତା'ଦ୍ୱାରା ପ୍ରଭାବିତ ହୋଇ ଜ୍ଞାନମାର୍ଗରୁ ପଛକୁ ହଟିଯିବା ଉଚିତ ନୁହେଁ । ଆସିବାକୁ ଥିବା ଦୁଃଖକଷ୍ଟ ନିଶ୍ଚୟ ଆସିବ ବୋଲି ଜଣାଉଥିବା ଆମେ ପଛଘୁଞ୍ଚା ଦେଲେ ଦୃଢ଼ ନିଶ୍ଚୟତାର ଅର୍ଥ ହିଁ ରହିବ ନାହିଁ ।

ଏହା ଜଣେ ଗୁରୁଙ୍କ ଅନ୍ତରରେ ବୃଦ୍ଧି କରୁଥିବା ଦୁଇ ପ୍ରକାରର ବିଘ୍ନର ଆପଣଙ୍କୁ ଜଣାଇଲୁ । ଆଜିର କାଳରେ ଭୂପୃଷ୍ଠରେ ଗୁରୁଭାବରେ ରହିବା ଭାରିକଷ୍ଟ । ସେଥିଲାଗି କେତେକ ପୁରୁଖା କହନ୍ତି ଯେ, ଆଜି ଶହେଜଣ ଗୁରୁଙ୍କ ଭିତରେ ଗୋଟିଏ ଶିଷ୍ୟ ହୋଇ ରହିହେବ ସିନା, ଗୋଟିଏ ଶିଷ୍ୟର ଗୁରୁ ହୋଇ ରହିବା କାଠିକର ପାଠ । ଅର୍ଥାତ୍ ଗୁରୁ ପଦ ସାଧାରଣ କଥା ନୁହେଁ । ଆଜି ଗୁରମାନଙ୍କର ଏହି ଦୁର୍ଦ୍ଦଶାରେ ସମାଜ ଜ୍ଞାନହୀନ ହେବାକୁ ବସିଛି । କେହି ନବୁଝିଲେ ନାଇଁ ଆପଣ ତ ଟିକିଏ ଗୁରୁଙ୍କ ମୂଲ୍ୟ ବୁଝନ୍ତୁ ।

*****

# ଭଗବାନଙ୍କ ଆଗମନ

ପରମାତ୍ମା ପ୍ରତ୍ୟେକ ମତାବଲମ୍ବୀ (ଧର୍ମାବଲମ୍ବୀ)ମାନଙ୍କ ଦ୍ୱାରା ଆରାଧିତ ହୋଇଥା'ନ୍ତି, ସେମାନଙ୍କର ପ୍ରବକ୍ତାମାନେ ବୋଧ କରିଥିବା ନାମ ଅନୁସାରେ ସେମାନେ ପରମାତ୍ମାଙ୍କ ଆରାଧନା କରିଥା'ନ୍ତି । ଭିନ୍ନ

ଭିନ୍ନ ମତାବଲମ୍ବୀମାନେ ଭିନ୍ନ ଭିନ୍ନ ଆରାଧନା କରୁଥିଲେ ମଧ୍ୟ ସେମାନଙ୍କ ଆରାଧନା ସେହି ଏକୈକ ପରମାତ୍ମାଙ୍କ ପାଇଁ ହୋଇଥାଏ । ବିଶାଳ ଦୃଷ୍ଟିରେ ଦେଖିଲେ ପ୍ରତ୍ୟେକ ଧର୍ମାବଲମ୍ବୀର ହୃଦୟରେ ପରମାତ୍ମା ହିଁ ସ୍ମରିତ ହୋଇଥା'ନ୍ତି । ସାରା ପ୍ରପଞ୍ଚର ଆଦିକର୍ତ୍ତା ନାନା ଉପାଧି ଭୂଷିତ ପରମାତ୍ମା ବା ଈଶ୍ୱର ଜଣେ ବୋଲି ପ୍ରତ୍ୟେକ ଧର୍ମର ଲୋକମାନେ କହିଥା'ନ୍ତି, ସେହି ପରମାତ୍ମାଙ୍କ ପାଖରେ ପହଞ୍ଚିବାକୁ ସମସ୍ତ ଧର୍ମର (ସବୁ ମତର) ଲୋକମାନେ ଚାହାନ୍ତି ।

ମାନବ କୌଣସି ଏକ ମତ (ଧର୍ମ)କୁ ଆଶ୍ରୟ କରି ପରମାତ୍ମାଙ୍କୁ ଜାଣିବା ପ୍ରୟାସ କରିବା ହେଉଛି ଦୈବାରାଧନା । କାଳର ଅବିରାମ ଗତିରେ ମତର ଉଦ୍ଦେଶ୍ୟ ଯେ, ଈଶ୍ୱରଙ୍କୁ ଚିହ୍ନାଇବା, ତାହା ଭୂଲି ମତକୁ ବଡ କରିବା ମଣିଷ ତା'ର ଉଦ୍ଦେଶ୍ୟ ବୋଲି ଭାବିନେଇଛି । ମତର ସାରାଂଶ ଈଶ୍ୱରଚିନ୍ତନକୁ ଛାଡି ଈଶ୍ୱରଙ୍କ ପାଇଁ କିଛି ତ୍ୟାଗ କରିପାରୁ ନଥିବା ମଣିଷ ମତ ପାଇଁ ନିଜର ପ୍ରାଣ ଦେଇଦେବା ସ୍ଥିତିରେ ପହଞ୍ଚିଲାଣି । ଏହିଭଳି ପରିସ୍ଥିତିରେ ମତ (ଧର୍ମ) ବଡ ? କି ମତ ଦ୍ୱାରା ଜଣାପଡୁଥିବା ପରମାତ୍ମା ବଡ ? ବୋଲି ପ୍ରଶ୍ନ କେତେକଙ୍କଠାରେ ଉଭବ ହୋଇପାରେ । ତେଣୁ କିଏବଡ ବା ମହାନ ତାର ସମାଧାନ କେବଳ ପରମାତ୍ମା ହିଁ କରିପାରିବେ । ମତୋନ୍ମାଦରେ ରହିଥିବା ମାନବ ପରମାତ୍ମାଙ୍କୁ ଭୂଲିଯାଇଥିବା ବେଳେ, ପରମାତ୍ମା ଦେଖାଇଥିବା ରାସ୍ତାରେ ଚାଲୁନଥିବା ଲୋକମାନଙ୍କୁ ଶେଷରେ ପରମାତ୍ମା ହିଁ ଆସି ଜଣାଇବାକୁ ପଡେ ଯେ, ଏହା ଆଚରଣ କରିବା ଉଚିତ୍, ତାହା ଆଚରଣ କରିବା ଅନୁଚିତ୍ । କେତେ ଧଳାରଙ୍ଗର କାନ୍ଥ ହେଉ ଧୂଆଁ ଭିତରେ ରହିଲେ କିଛିଦିନ ପରେ ନିଶ୍ଚୟ ଟିକିଏ କଳାହେବ । ସେହିଭଳି କଳ୍ମଷହୀନ ମାନବ ମାୟା ଦ୍ୱାରା ସମ୍ବନ୍ଧୀତ ହୋଇ ଅଜ୍ଞାନୀ ଭାବରେ ବଦଳିଯାଏ । ପରମାତ୍ମା ସ୍ୱୟଂ ଭୂପୃଷ୍ଠରେ ଅବତାର ଗ୍ରହଣ କରି ମାୟା ବିମୋହିତ ଅଜ୍ଞାନୀ ମାନବକୁ ପୁଣି ଥରେ ଜ୍ଞାନୀ କରିବା ପାଇଁ ଆସି ତାଙ୍କ

ଧର୍ମକୁ ଜଣାଇ ଚାଲିଯାଇଥାନ୍ତି । ହେଲେ ସେ କେତେବେଳେ ଆସନ୍ତି, କେତେବେଳେ ଯାଆନ୍ତି ତାହା କାହାକୁ ଜଣାନଥାଏ ।

ଅଧର୍ମି ମାନବକୁ ଧାର୍ମିକ କରିବା ପାଇଁ ପରମାତ୍ମା ମାନବ ରୂପରେ ଆସିଥିବା ବେଳେ, ତାଙ୍କୁ ଚିହ୍ନିବାକୁ ଏକମାତ୍ର ଉପାୟ ରହିଛି, ସେ ଜଣାଉଥିବା ଜ୍ଞାନ ଅନୁସାରେ ସେ ବ୍ୟକ୍ତି କିଏ ହୋଇପାରେ ବୋଲି ବିଚାର କରି ଜାଣିପାରିବାକୁ ସୁଯୋଗ ଥିଲେ ମଧ୍ୟ, ସେ ମଣିଷକୁ ଏତେ ସହଜରେ ଚିହ୍ନା ପଡନ୍ତି ନାହିଁ, ଏହିଭଳି ଭାବରେ ଆସିଥିବା ପାତ୍ରକୁ ଆମେ ଭଗବାନ କହୁଛୁ । ପରମାତ୍ମା ମାନବ ରୂପରେ ଆସିବା ଆଗରୁ, ଅଣୁଅଣୁରେ ସର୍ବବ୍ୟାପୀ ହୋଇ ରହିଥିବାବେଳେ ତାଙ୍କୁ ଆମେ କୌଣସି ନାମରେ କହି ପାରିବା ନାହିଁ । ସେ ଆତ୍ମାଠାରୁ ସ୍ୱତନ୍ତ୍ର ହୋଇଥିବାରୁ, ଶ୍ରେଷ୍ଠ ହୋଇଥିବାରୁ ତାଙ୍କୁ ପରମାତ୍ମା, ପୁରୁଷମାନଙ୍କ ଭିତରେ ଉତ୍ତମ ହୋଇଥିବାରୁ ତାଙ୍କୁ ପୁରୁଷୋତ୍ତମ ଇତ୍ୟାଦି ଉପାଧି ଭଳି ଶବ୍ଦରେ କହିବାକୁ ପଡିଥାଏ । ଏହି ଈଶ୍ୱର, ପରମାତ୍ମା, ପରମପୁରୁଷ, ପୁରୁଷୋତ୍ତମ ଇତ୍ୟାଦି ତାଙ୍କର ଏକ ଏକ ନାମ ନୁହେଁ । ବିଶ୍ୱବ୍ୟାପୀ ଦୈବ ମାନବାକୃତି ହେବା ସମୟରେ ତାଙ୍କୁ ଭଗବାନ ବୋଲି ଏକ ସ୍ୱତନ୍ତ୍ର ନାମରେ କୁହାଯାଏ । ଏତେ ମହାନ ପରମାତ୍ମା ଭୂପୃଷ୍ଠକୁ ମାନବ ଅବତାର ନେଇ ଆସିବା ବେଳେ ତାଙ୍କୁ ଭଗବାନ କହିବାରେ ନିଶ୍ଚୟ କିଛି ବିଶେଷତା ରହିଛି । ତେଣୁ ସେହି ଭଗବାନ ନାମଟି କ'ଣ ତା'କୁ ଏବେ ବିପୁଳ ଭାବରେ ଜାଣିବା ।

ଭଗ କହିଲେ ସ୍ତ୍ରୀ ଗର୍ଭ (ଯୋନି) । ତେଣୁ ଭଗବାନ କହିଲେ ଯିଏ ସ୍ତ୍ରୀ ଗର୍ଭରୁ ଜନ୍ମ ହୋଇଛି । ଓଃ ଏତିକି କଥା ! ଏହାର ଅର୍ଥ ତ ଅତି ସାଧାରଣ !! ବୋଲି ଭାବନ୍ତୁ ନାହିଁ, ଏହା ଅତି ମହାନ ଅର୍ଥ ଦେଉଥିବା ପଦ । ଏଥିରେ ବା କେଉଁ ମହାନ ଅର୍ଥ ଅଛି ବୋଲି କେତେକ ଭାବି ପାରନ୍ତି । ଆମେମାନେ ତ ସମସ୍ତେ ସ୍ତ୍ରୀ ଯୋନି(ଗର୍ଭ)ରୁ ଜନ୍ମ

ହୋଇଛେ ! ତା'ହାଲେ ଆମେମାନେ ତ ସମସ୍ତେ ଭଗବାନ ହେବା ! ! ଭଗବାନ କହିଲେ ଯଦି ସ୍ତ୍ରୀ ଯୋନିରୁ ଯିଏ ଜନ୍ମହୁଏ ବୋଲି ବୁଝିବା, ତେବେ ଭଗବାନ ଆଉ ଆମମାନଙ୍କ ଭିତରେ କି ପାର୍ଥକ୍ୟ ରହିଲା ? ବୋଲି ମଧ୍ୟ କେତେକଙ୍କଠାରେ ପ୍ରଶ୍ନ ଆସୁଥିବ । ତେଣୁ ତା'ର ଅର୍ଥ କ'ଣ ତୁରନ୍ତ ଜାଣିବାରେ ଅଛି ! ଅଣୁର ଅଣୁ ହୋଇ, ସର୍ବସ୍ୱର ଅଧିପତି ହୋଇ, ଅବ୍ୟକ୍ତ ଅବିନାଶୀ ଭାବରେ ରହି ସମସ୍ତ ଶରୀରକୁ ଶକ୍ତି ଦେଇ ସର୍ବସ୍ୱକୁ ପରିଚାଳିତ କରୁଥିବା ପରମାତ୍ମା, ପରମପିତା, ଯିଏ ସ୍ୱୟଂ ପରମଧାମ ହୋଇଥିବା ମୋକ୍ଷ ଆଉ ଦେବତାମାନଙ୍କର ଦୈବ ସେ ହିଁ କେବଳ ଭଗରୁ ଜନ୍ମ ହୋଇପାରନ୍ତି, ସେ ହିଁ ଭଗବାନ ହୋଇ ପାରନ୍ତି, ତାଙ୍କ ଛଡା ସାରା ଭୂମଣ୍ଡଳର କୌଣସି ପ୍ରାଣୀ ଭଗରୁ ଜନ୍ମ ହୋଇପାରେ ନାହିଁ କି ଭବିଷ୍ୟତରେ ଜନ୍ମ ହୋଇପାରିବ ନାହିଁ । ତାଙ୍କ ଛଡା ଆଉ କେହି ମଧ୍ୟ ଭଗବାନ ହୋଇ ପାରିବେ ନାହିଁ । ଏକଥା କହୁଥିବା ଆମକୁ ଉଦ୍ଦେଶ୍ୟ କରି ତାଙ୍କର ମେଣ୍ଟାଲ୍‌ଇଫେକ୍ଟ ବୋଲି କେତେକ ସନ୍ଦେହ କରୁଥିବେ । ସତ୍ୟର ଉନ୍ମେଷ ଅତି କ୍ଳିଷ୍ଟ । ଏକଥା ଆପଣଙ୍କୁ ଅଡୁଆ ଲାଗୁଥିଲେ ମଧ୍ୟ ଏହାକୁ ଟିକିଏ ମୂଲ୍ୟ ଦେଇ ବିଚାର କରନ୍ତୁ ବୋଲି ଆଶାକରି ଲେଖୁଛୁ ।

ବାସ୍ତବରେ ଆମେମାନେ କିମ୍ବା କୌଣସି ଅନ୍ୟ ଜୀବରାଶି ହୁଅନ୍ତୁ କେହି ମଧ୍ୟ ଯୋନିରୁ ଜନ୍ମ ହୋଇ ନଥା'ନ୍ତି । ଆମେ ଧାରଣ କରୁଥିବା ଏହି ଶରୀର କେବଳ ସ୍ତ୍ରୀ ଯୋନିରୁ ଜନ୍ମ ହୋଇଛି । ତେଣୁ ସଜୀବ ଭାବରେ ଆମେ ଯୋନି ଭିତରୁ ବାହାରକୁ ଆସିନାହେଁ । ଆମ ଶରୀର ମାତୃଗର୍ଭରୁ ବାହାରକୁ ଆସିବା ପରେ ପୁରୁଣା ବସ୍ତ୍ର ପରିତ୍ୟାଗ କରି ନୂତନ ବସ୍ତ୍ର ପରିଧାନ କରିବା ଭଳି ଆମେ ଶରୀରରେ ପ୍ରବେଶ କରୁଛେ । ପରିମିତ ଜୀବାତ୍ମା ଏକ ଶରୀର ତ୍ୟାଗକରି ଅନ୍ୟ ଏକ ଶରୀରକୁ ଯାତ୍ରା କରିଥାଏ, କିନ୍ତୁ ପରମାତ୍ମା ଅପରିମେୟ, ଗୋଟିଏ ସ୍ଥାନରୁ ମୃତ୍ୟୁବରଣ କରି ଅନ୍ୟ ଏକ ସ୍ଥାନରେ ଜନ୍ମ ହୁଅନ୍ତି ନାହିଁ, ସେ କର୍ମ ଦ୍ୱାରା ବନ୍ଧିତ ହୋଇନଥା'ନ୍ତି,

ସେ ସ୍ତ୍ରୀର ଶରୀରରେ ମଧ୍ୟ ଚୈତନ୍ୟ ଭାବରେ ରହିଥା'ନ୍ତି, ସେ ହିଁ ଗର୍ଭ ଭିତରୁ ସଜୀବ ଭାବରେ ଜନ୍ମ ହୋଇଥା'ନ୍ତି । ଗର୍ଭ ଭିତରୁ ବା ଯୋନି ଭିତରୁ ଯିଏ ସଜୀବ ଭାବରେ ଜନ୍ମଗ୍ରହଣ କରି ବାହାରକୁ ଆସେ କେବଳ ତାକୁ ଭଗବାନ କୁହାଯିବ । ଗର୍ଭରୁ ଚୈତନ୍ୟହୀନ ଭାବରେ ଜନ୍ମ ହେଉଥିବା ଶରୀର ଭଗବାନ ନୁହେଁ । (**ଏ ବିଷୟରେ ଅଧିକ ଜାଣିବା ପାଇଁ ଆମ ରଚନାର ଗ୍ରନ୍ଥ "ଜନନମରଣ ସିଦ୍ଧାନ୍ତ" ପାଠକରନ୍ତୁ** ।)

ମାନବ ସମାଜରେ ଅଧର୍ମ ବ୍ୟାପିଯିବା ବେଳେ, ଧର୍ମରେ ବିପର୍ଯ୍ୟୟ ଆସିବା ବେଳେ ଭୂପୃଷ୍ଠରେ ତାଙ୍କର ଆଗମନ ହୋଇଥାଏ, କିନ୍ତୁ ତାଙ୍କର ଅସ୍ତିତ୍ୱ ବାବଦରେ କାହାକୁ ମଧ୍ୟ ଜଣା ନଥାଏ । ଅତି ରହସ୍ୟମୟ ତାଙ୍କର ଅବତାରକୁ କେବଳ ଜାଣିଗଲେ କୌଣସି ଯୋଗର ଅଭ୍ୟାସ ନକରି ମାନବର ମୋକ୍ଷ ପାଇପାରେ । ପରମାତ୍ମାଙ୍କ ଆଗମନ କେଉଁଠାରେ, କେତେବେଳେ ହେବ ତାହା କାହାକୁ ଜଣାନଥିବା ସ୍ଥଳେ, ଭୂପୃଷ୍ଠରେ ଏକ ସମୟରେ ଅନେକ ବ୍ୟକ୍ତି ଭଗବାନ ନାମରେ ନାମିତ ହୋଇଥାନ୍ତି । ଆଜିର କାଳରେ ଭୂପୃଷ୍ଠରେ ଭଗବାନ ନାମରେ ନାମିତ ହୋଇଥିବା ସ୍ୱାମିଜୀମାନେ, ଯୋଗୀମାନେ ଶହ ଶହ ସଂଖ୍ୟାରେ ଥାଆନ୍ତି । କ'ଣ ସେମାନେ ଭଗବାନ ନୁହନ୍ତି ? ସେମାନଙ୍କ ଭିତରୁ କ'ଣ କିଏ ଜଣେ ପ୍ରକୃତ ଭଗବାନ ଅଛନ୍ତି ? ଏହି ପ୍ରଶ୍ନ ମୋ'ଠାରେ ଆଉ ସମସ୍ତଙ୍କଠାରେ ମଧ୍ୟ ସୃଷ୍ଟି ହେଉଥିବ । ଏହି ପ୍ରଶ୍ନର ସମାଧାନ ଖୋଜିଲେ, ଭୂପୃଷ୍ଠରେ ଏକ ସମୟରେ, ଏକମାତ୍ର ଭଗବାନ କେଉଁଠାରେ କେତେବେଳେ ଥାଇ ପାରନ୍ତି ସିନା ସବୁ ସମୟରେ, ସବୁ ସ୍ଥାନରେ ଭଗବାନମାନେ ଦେଖାଯିବା ଅସମ୍ଭବ । ଯଦି ଦେଖାଯାଉଛନ୍ତି ବୋଲି କହିବା ତେବେ ସେମାନେ ସମସ୍ତେ ମିଛୁଆ ଭଗବାନ ବୋଲି କହିପାରିବା । ସେମାନଙ୍କ ଭିତରେ ପ୍ରକୃତ ଭଗବାନ ଥାଇପାରନ୍ତି, କିନ୍ତୁ ଅନେକ ଭଗବାନ ରହିବା ଅସମ୍ଭବ । ସେମାନେ ସମସ୍ତେ ମାନବ, ଭଗବାନ ନୁହଁନ୍ତି ।

ପରମାତ୍ମା ଶରୀର ଧାରଣ କରି ଭୂପୃଷ୍ଠରେ ଏବେ ଅଛନ୍ତି ଭାବିଲେ, ସେହି ଶରୀରଧାରୀଙ୍କୁ ଆମେ ଭଗବାନ କହିପାରିବା ! ହେଲେ ସେ ଭଗବାନ ବୋଲି କିଛି ପ୍ରମାଣ ନଥିବାରୁ ଚିହ୍ନିବା ଅତି କଷ୍ଟ ହୋଇଥାଏ, କିନ୍ତୁ ସେ ଚାଲିଯିବା ପରେ, ତାଙ୍କୁ ଯେତେବେଳେ ବୁଝି ପାରିବା, ସେତେବେଳେ ଅମୁକ ବ୍ୟକ୍ତିର ଜନ୍ମ ହିଁ ଭଗବାନ ଜନ୍ମ ବୋଲି ଜାଣି ପାରିବା । ଯଦି ସେ ଶରୀରରେ ଥିବାବେଳେ ଆମେ ତାଙ୍କୁ ଜାଣିପାରନ୍ତେ ତେବେ ତିନି ଯୋଗରୁ କୌଣସି ଯୋଗ ମଧ୍ୟ ଆଚରଣ ନକରି ଭୀଷ୍ମଙ୍କ ଭଳି ଆମର ମୋକ୍ଷ ହୋଇପାରନ୍ତା । ପରମାତ୍ମା ମାନବରୂପରେ ଆସି, ମାନବ ପରିଧି ଭିତରେ ମାନବ ଭଳି ଅଭିନୟ କରି, କୌଣସି ପ୍ରକାରରେ ନିଜକୁ ବହିର୍ଗତ ନକରି କେବଳ ଧର୍ମ ଜଣାଇ ଚାଲିଯାଆନ୍ତି । ଭଗବାନ "ମୁଁ ହିଁ ଭଗବାନ"ବୋଲି କହନ୍ତି ନାହିଁ, ତାଙ୍କୁ କେହି ଜାଣିନପାରିବା ଭଳି ସର୍ବଦା ସତର୍କ ରହି, ରହସ୍ୟ ଭାବରେ ସମୟ ବିତାଇ, ନିଜର ଧର୍ମଗୁଡ଼ିକୁ କହି ଚାଲିଯାଆନ୍ତି । **'ଭଗବାନ'** ପଦର ଅର୍ଥ ନଜାଣି ଅନେକ ଲୋକ ଭଗବାନ ଭାବେ ପରିଚିତ ହୋଇଥିବା ଆଜିର କାଳରେ, ପ୍ରକୃତ ଭଗବାନ ଆସି ଅଧର୍ମକୁ ବିନାଶ କରି ଧର୍ମ ଜଣାଇବା ନିହାତି ଆବଶ୍ୟକ । ଆଜି ଭଗବାନ ଆସିଲେ ମଧ୍ୟ, ତାଙ୍କୁ ହଜାର ହଜାର ଆଖିରେ ଦେଖିଲେ ମଧ୍ୟ, ସେ ଅଜଣା ଅଚିହ୍ନା ଭାବରେ ଆସି ଚାଲିଯାଉଥିବାରୁ ତାଙ୍କୁ ଜାଣିବା ପାଇଁ ମଧ୍ୟ ହଜାର ହଜାର ମୁଣ୍ଡର ବିଚାର ଆବଶ୍ୟକ ।

**(ଦୟା,କୀର୍ତ୍ତି,ସମ୍ପଦ,ଜ୍ଞାନ, ବୈରାଗ୍ୟ ଇତ୍ୟାଦି ଥିବା ବ୍ୟକ୍ତିକୁ ଭଗବାନ କୁହାଯାଏ ବୋଲି ଅନେକ ଯୁକ୍ତି କରନ୍ତି, ତାହା ସତ୍ୟ ନୁହେଁ, ଯିଏ ଭଗରୁ ସଜୀବ ଜନ୍ମ ହୁଅନ୍ତି ତାଙ୍କୁ ଭଗବାନ କୁହାଯାଏ । କେବଳ ପରମାତ୍ମା ହିଁ ଭଗବାନ ବୋଲି ତୀବ୍ରଯୁକ୍ତିର ସହିତ ଜଣାଉଛୁ ।)**

*****

# କାହାକୁ କହିବା ଯୋଗୀ

ଆମେ ଛୋଟ ଥିବାବେଳେ ଯୋଗୀମାନେ, ସନ୍ନ୍ୟାସୀମାନେ ଏ ଦୁଆର ସେ ଦୁଆର ହୋଇ ମାଗିଖାଇ ଜୀବନ ବଞ୍ଚଥାନ୍ତି ବୋଲି ଭାବୁଥିଲୁ । ସେତେବେଳ ଆମ ଜେଜେବାପାମାନେ ମଧ୍ୟ ସେହିଭଳି କଥା ହେଉଥିଲେ, ଆମେ  ମଧ୍ୟ ତାହା ଶୁଣି ବିଶ୍ୱାସ କରୁଥିଲୁ ଆଉ ଭାବୁଥିଲୁ ଯେ, ଯୋଗୀ କହିଲେ ମାଗିଖାଇ ଜୀବନ ବଞ୍ଚୁଥିବା ସାଧୁ । ଆଜି ମଧ୍ୟ ଯୋଗୀ କିମ୍ୱା ସନ୍ୟାସୀ କହିଲେ କେତେକ ହୀନ ଦୃଷ୍ଟିରେ ଦେଖନ୍ତି । ସବୁ ଦିଗରୁ ଦୁର୍ବଳ ଲୋକକୁ ଦେଖି **'ଆରେ ତୁ କ'ଣ ସନ୍ନ୍ୟାସୀ ହୋଇଗଲୁ କି !'** କହିବା ଦେଖିଲେ ଜଣାପଡୁଛି ଯେ, ସନ୍ନ୍ୟାସୀ କହିଲେ କେତେକଙ୍କଠାରେ ଏକ ନୀଚଦୃଷ୍ଟିର ଭାବ ରହିଛି । ସମାଜରେ କିଛିଲୋକେ ମଧ୍ୟ ସନ୍ନ୍ୟାସୀ ଆଉ ଯୋଗୀମାନଙ୍କୁ ଜ୍ଞାନୀ ଭାବିଥା'ନ୍ତି ।

ଆଜିର ସମୟରେ ମଧ୍ୟ ଜ୍ଞାନ ଜଣାଥିବା ଉନ୍ନତ ଯୋଗୀମାନେ ରହିଛନ୍ତି । କେତେକ ଯୋଗୀ ନହୋଇ ମଧ୍ୟ ଆମେ ଯୋଗୀ ବୋଲି କହିଥା'ନ୍ତି । ଏଭଳି ପ୍ରକୃତ ଯୋଗୀ, ମିଛୁଆ ଯୋଗୀ ଆଜିର ସମାଜରେ ଅଛନ୍ତି । ସଂପୂର୍ଣ୍ଣ ଜ୍ଞାନ ନଥିବା ମଣିଷ ସତ୍ୟାସତ୍ୟକୁ ଗ୍ରହଣ କରିନପାରି ସମସ୍ତଙ୍କୁ ଯୋଗୀ କହୁଛି । ତେଣୁ କେତେକ ଜ୍ଞାନ ଜୀଜ୍ଞାସୀମାନେ ମଧ୍ୟ ମିଛୁଆ ଯୋଗୀମାନଙ୍କର ଆଶ୍ରୟ ନେଉଛନ୍ତି ଏବଂ ସେହି ଯୋଗୀର କଥାରେ କୌଣସି ଏକ ସାଧନା କରି ତାହା ହିଁ ପ୍ରକୃତ ଯୋଗ ଭାବୁଛନ୍ତି । ସେହିଭଳି  କେତେକ ପ୍ରକୃତ ଯୋଗୀଙ୍କୁ ମଧ୍ୟ ଅବମାନନା କରୁଛନ୍ତି । ପ୍ରକୃତ ଯୋଗୀ ଆସି ବୁଝା ପଡୁନଥିବା କେତେକ ସତ୍ୟର ରହସ୍ୟକୁ କହିଲେ ମଧ୍ୟ, ସନ୍ଦେହ ରହିତ ଯୋଗ ପଦ୍ଧତି ଜଣାଇଲେ ମଧ୍ୟ, ସେସବୁକୁ ଖାତର ନକରି ତୁମ ରାସ୍ତା ଅଲଗା ଆଉ ଆମ ରାସ୍ତା ଅଲଗା ବୋଲି କହୁଛନ୍ତି । ଗୀତାରେ କୁହାଯାଇଥିବା ଯୋଗ ମାତ୍ର ଦୁଇଟି

ଥିବାବେଳେ, ଯୋଗ ହୋଇନଥିବା ନାନା ଯୋଗ ପଦ୍ଧତିକୁ ଆଶ୍ରୟ କରି, ନିଯେ ଠିକ୍ ମାର୍ଗରେ ଅଛନ୍ତି ବୋଲି ଭାବୁଛନ୍ତି । ସେସବୁର କାରଣ ଯେ, ପ୍ରକୃତ ଯୋଗୀକୁ ଚିହ୍ନି ନପାରିବା ବୋଲି କହିପାରିବା ।  ତେଣୁ ପ୍ରକୃତ ଯୋଗୀକୁ ନଚିହ୍ନି ଅନେକ ଜ୍ଞାନଜିଜ୍ଞାସୀମାନେ, ଯୋଗ  ଆଚରଣ କରି ଦୈବ ସନ୍ନିଧି ଆଶା କରୁଥିବା ଲୋକମାନେ ଯୋଗୀ ହୋଇନଥିବା ମିଛୁଆ ଲୋକମାନଙ୍କୁ ଆଶ୍ରୟକରିବା ଦୁର୍ଯୋଗ ଅଛି, ସେହି ମିଛୁଆ ଯୋଗୀମାନେ ସେମାନଙ୍କୁ କହୁଥିବା କୌଣସି ଏକ ସାଧନା ବିଧାନକୁ ସତ୍ୟ ଭାବି ସେହି ମାର୍ଗରେ ରହି ଆମେ ଉପଯୁକ୍ତ ମାର୍ଗରେ ଅଛୁ ବୋଲି ଭାବୁଛନ୍ତି । ଯଦି ପ୍ରକୃତ ଯୋଗୀ କେହି ସେମାନଙ୍କୁ ଦେଖାଦିଏ ତେବେ ସେମାନଙ୍କୁ ଚିହ୍ନିବା ଦୂରେଥାଉ  ତା' ବାବଦରେ ନାନା ସନ୍ଦେହ କରିଥା'ନ୍ତି,  ତଦନୁଗୁଣ ଅପମାନ ଦେଇଥା'ନ୍ତି । ବୁଝିହେଉନଥିବା ଅନେକ ବିଷୟର ପ୍ରକୃତ ସ୍ୱରୂପ ବିବରଣୀକୁ ସନ୍ଦେହହୀନ ଭାବରେ କହୁଥିବା, ଲେଖୁଥିବା ଯୋଗୀମାନଙ୍କୁ ତୁମ କଥାରେ, ତୁମ ଜ୍ଞାନରେ ଆମକୁ କି ଲାଭ ମିଳିବ ? ତୁମ କଥା, ତୁମ ବହି ତୁମ ପାଖରେ ରଖ, ଆମର ତାହା ଦରକାର ନାହିଁ, ଆମେ ସ୍ୱତନ୍ତ୍ର ଯୋଗ ଆଚରଣ କରୁଛୁ ବୋଲି କେତେକ କହୁଛନ୍ତି । ଗୀତାରେ କେବଳ ଦୁଇଟି ଯୋଗ ବାବଦରେ କୁହାଯାଇଥିବା ବେଳେ, ଯୋଗ ହୋଇନଥିବା ମାର୍ଗକୁ ଆଶ୍ରୟ କରି, ସେମାନେ ଆଶ୍ରୟ କରୁଥିବା ମାର୍ଗ ହିଁ ପ୍ରକୃତ ଯୋଗମାର୍ଗ ବୋଲି କହୁଥିବା ଲୋକମାନେ ଅନେକ ଅଛନ୍ତି । ଏସବୁର ମୁଖ୍ୟ କାରଣ ହେଉଛି ସେମାନେ ପ୍ରକୃତ ଯୋଗୀ କିଏ ଜାଣି ନପାରିବା । ତେଣୁ ପ୍ରକୃତ ଯୋଗୀ କିଏ ଜାଣିବା ନିହାତି ଆବଶ୍ୟକ ।

ଯୋଗଶାସ୍ତ୍ର ଅନୁସାରେ ଯିଏ ଜ୍ଞାନ ଜାଣିଥାଏ ତା'କୁ ଯୋଗୀ କୁହାଯାଏ । ଯୋଗ ସାଧନ କରୁଥିବା ବ୍ୟକ୍ତି ଯୋଗସାଧକ ଏବଂ ଆତ୍ମଶକ୍ତିକୁ ହାସଲ କରିଥିବା ବ୍ୟକ୍ତିକୁ ଯୋଗୀ କୁହାଯାଏ । ଯୋଗୀ ଯୋଗସାଧକଠାରୁ, ଜ୍ଞାନୀମାନଙ୍କଠାରୁ,ତପସ୍ୱୀମାନଙ୍କଠାରୁ ଅଧିକ ବୋଲି ଗୀତାର ଆତ୍ମସଂଯମ

ଯୋଗରେ ଥିବା ୪୬ ତମ ଶ୍ଳୋକରେ **"ତପସ୍ୱୀଭ୍ୟୋଧିକୋ ଯୋଗୀ ଜ୍ଞାନୀଭ୍ୟୋଽପି ମତୋଧିକଃ । କର୍ମଭ୍ୟଶ୍ଚାଧିକୋ ଯୋଗୀ ତସ୍ମାତ୍ ଯୋଗୀ ଭବାର୍ଜୁନ ॥ "** ବୋଲି କହିଛନ୍ତି । ଏହି ଶ୍ଳୋକରେ ଥିବା ଭାବାର୍ଥ ଅନୁସାରେ ଦେଖିଲେ ଯୋଗୀ ସମସ୍ତଙ୍କଠାରୁ ଅଧିକ । ତେଣୁ ଯୋଗୀକୁ ଚିହ୍ନିବା ପାଇଁ ଉପାୟ କ'ଣ ଅଛି ଖୋଜିବା ଆବଶ୍ୟକ । ଯୋଗୀ ବାବଦରେ ବିଚାର କରିବା ଆବଶ୍ୟକ । ଏଭଳି ବିଚାର କଲେ ବାହ୍ୟତଃ ଅର୍ଥାତ୍ କୌଣସି ବେଶଭୂଷାରୁ ଆମେ ଯୋଗୀକୁ ଚିହ୍ନିପାରିବା ନାହିଁ ବୋଲି ଜଣାପଡିଥାଏ । ଆମେ ଦେଖିଲେ ଯୋଗୀକୁ ଚିହ୍ନିପାରିବୁ ବୋଲି କେତେକ ଭାବିଥା'ନ୍ତି ସିନା, ଯୋଗତତ୍ତ୍ୱ କ'ଣ ଆଖିକୁ ଦେଖାଯାଏ ! ଦେଖାଯାଏ ନାହିଁ । ତେଣୁ ସନ୍ଦେହ ଆସେ ଯେ, ପ୍ରକୃତ ଯୋଗୀକୁ କ'ଣ ଚିହ୍ନି ପାରିବା ନାହିଁ? ଯୋଗୀକୁ ଚିହ୍ନିଲେ ସିନା ସେମାନଙ୍କୁ ଆଶ୍ରୟ କରିବା ! ତେଣୁ ଯୋଗଶାସ୍ତ୍ର ଗୀତା ଏହାର ସମାଧାନ କରିବାକୁ ଯାଇ ଆତ୍ମସଂଯମ ଯୋଗର ପ୍ରଥମ ଶ୍ଳୋକରେ କହିଛି ଯେ, **"ଅନାଶ୍ରିତଃ କର୍ମଫଳଂ କାର୍ଯ୍ୟଂ କର୍ମ କରୋତି ଯଃ, ସ ସନ୍ନ୍ୟାସି ଚ ଯୋଗୀ ଚ ନନିରଗ୍ନିର୍ନଚାକ୍ରିୟଃ"** । "କର୍ମର ଫଳ ହୋଇଥିବା ପାପପୁଣ୍ୟରେ ବନ୍ଧିତ ନହୋଇ କର୍ମାନୁସାରେ କାର୍ଯ୍ୟ କରୁଥିବା ବ୍ୟକ୍ତି ହିଁ ପ୍ରକୃତ ସନ୍ନ୍ୟାସୀ, ପ୍ରକୃତ ଯୋଗୀ, ଯାହାଠାରେ ଜ୍ଞାନ ନାହିଁ, ଯିଏ କୌଣସି କାର୍ଯ୍ୟ କରିନଥାଏ ସେ ଯୋଗୀ ନୁହେଁ" । ଭଗବାନ କହିଥିବା ଏହି ବାକ୍ୟ ଅନୁସାରେ କିଏ ଯୋଗୀ ଆଉ କିଏ ଯୋଗୀ ନୁହେଁ ତାହା ଚିହ୍ନିବାକୁ ଏକ ସୁଯୋଗ ଅଛି; ତଥାପି ପାପପୁଣ୍ୟରେ ବାନ୍ଧି ନହୋଇ କିଏ କାର୍ଯ୍ୟ କରୁଛି, କାହାଠାରେ ଜ୍ଞାନାଗ୍ନି ଅଛି ଚିହ୍ନିବା ଏତେ ସହଜ କଥା ନୁହେଁ । ତେଣୁ କହିପାରିବା ଯେ, ଯୋଗୀକୁ ଚିହ୍ନିବା ଅତି କଷ୍ଟ । ଯୋଗୀମାନେ ସେମାନଙ୍କ ଅଜାଣତରେ ଅନ୍ୟମାନଙ୍କ ପ୍ରତି କରୁଥିବା କେତେକ ଆଚରଣକୁ ଦେଖି ଭଗବାନଙ୍କ ସୂତ୍ର ଅନୁସାରେ ଯୋଗୀକୁ ଚିହ୍ନାଯାଇ ପାରେ ।

ଜ୍ଞାନ ଜାଣି ଯୋଗ ଆଚରଣ କଲେ ଯୋଗଶକ୍ତି ମିଳିଥାଏ । ଯୋଗଶକ୍ତିର (ଜ୍ଞାନାଗ୍ନି) ଅମାପ ପ୍ରଭାବ ରହିଛି, ତାହା ପ୍ରମାଣିତ କରି ପାରୁଥିବା ଯୋଗୀମାନେ ମଧ୍ୟ ଅଛନ୍ତି । ଜ୍ଞାନ, ଯୋଗ, ପରମାତ୍ମା ଏସବୁ କେବଳ ଏକ ଏକ ବିଶ୍ୱାସ ନୁହେଁ, ହେତୁବାଦୀମାନେ ପ୍ରମାଣକୁ ଗ୍ରହଣ କରିପାରିବା ଭଳି କୌଣସି ନା କୌଣସି ସନ୍ଦର୍ଭରେ ଯୋଗୀମାନେ କେତେକ କାର୍ଯ୍ୟ କରି ଦେଖାଇଥା'ନ୍ତି । ଏହା କିପରି ! ଏକ ଉଦାହରଣ ଭାବରେ କହିଲେ, ଜଣେ ଯୋଗୀ ଅନ୍ଧର ଆଖିରେ ତା'ର ହାତ ରଖି ଅନ୍ଧତ୍ୱକୁ ଦୂର କରି ଦୃଷ୍ଟିଶକ୍ତି ଫେରାଇଆଣିଲେ ବୋଲି ଭାବିବା, ସେ ଯୋଗୀ ଅନ୍ଧର କୌଣସି ଚିକିତ୍ସା ନକରି କେବଳ ତାଙ୍କର ହସ୍ତସ୍ପର୍ଶ ଦ୍ୱାରା ଅନ୍ଧତ୍ୱକୁ ଦୂର କରି ପାରିଛନ୍ତି । ଅର୍ଥାତ୍ ଯୋଗୀ ତାଙ୍କଠାରେ ଥିବା ଜ୍ଞାନାଗ୍ନିକୁ ହସ୍ତ ଦ୍ୱାରା ପ୍ରୟୋଗ କରି ଅନ୍ଧର ଅନ୍ଧତ୍ୱ କାରଣ ହୋଇଥିବା ପାପକୁ ଜଳାଇ ପାରିଛନ୍ତି । ଏହି ସ୍ଥିତିରେ ହିଁ ତାଙ୍କ ଯୋଗଶକ୍ତିକୁ ଚିହ୍ନି ସେ ଜଣେ ଯୋଗୀ ବୋଲି ଜାଣିବାକୁ ସୁଯୋଗ ଅଛି । ମୁଖ୍ୟତଃ ଜାଣିବା କଥା ହେଉଛି ! ଯଦି ଏଭଳି ଯୋଗୀ ଥାଆନ୍ତି ତେବେ ତ ଦେଶରେ ଆଉ କେହି ଅନ୍ଧ ରହନ୍ତେ ନାହିଁ ! ଯଦି ଆମେ ଏମିତି ଭାବିବା ତେବେ ତା'ର ସମାଧାନ ହେଉଛି ! କେବଳ ଯୋଗ ଆଚରଣ ହେଉଥିବା ସମୟରେ ଯୋଗଶକ୍ତି ମିଳିଥାଏ । ଯୋଗ ସମୟରେ କେତେ ଯୋଗଶକ୍ତି ପ୍ରବେଶ କରିଛି ତାହା କୌଣସି ଯୋଗୀକୁ ଜଣାନଥାଏ, ତାହା କୌଣସି ଏକ ସନ୍ଦର୍ଭରେ ବହିର୍ଗତ ହେବା ଛଡା ନିଜଠାରେ କେତେ ଶକ୍ତି ଅଛି ତାହା କୌଣସି ଯୋଗୀକୁ ଜଣା ନଥାଏ । ଏଠାରେ ଅନ୍ୟ ଏକ ପ୍ରଶ୍ନ ଆସି ପାରେ ! ନିଜଠାରେ ଥିବା ଶକ୍ତି ନିଜକୁ ଜଣାନଥିବା ବେଳେ ଅନ୍ୟର ପାପକର୍ମକୁ ବିନାଶ କରିଦେବି ବୋଲି ସେ କିପରି ଭାବିବେ ? ଏହାର ସମାଧାନ ହେଉଛି ! କୌଣସି ଯୋଗୀ ଅନ୍ୟର କର୍ମକୁ ବିନାଶ କରିବା ପାଇଁ ଭାବି ନଥାଏ । କାରଣ ! ତା'ଠାରେ କେତେଶକ୍ତି ଅଛି ତାକୁ ହିଁ ଜଣା ନଥାଏ । ଯଦି କାହାର କର୍ମକୁ

ସେ ବିନାଶ କରିବାକୁ ଭାବେ, କାହାର ରୋଗ ନିବାରଣ କରିବାକୁ ଭାବେ, ରୋଗ ହେଉ ବା କୌଣସି କଷ୍ଟ ହେଉ ତାହା ଦୂର କରିବାକୁ ଚେଷ୍ଟା କରେ ତେବେ ତାହା ନିଷ୍ଫଳ ହୋଇଥାଏ । କୌଣସି ବ୍ୟକ୍ତିର ରୋଗ ବିଷୟ ହେଉ, କଷ୍ଟ ବିଷୟ ହେଉ ବେଳେବେଳେ ସେ ଯୋଗୀ ଛୁଇଁବା ସମୟରେ ଭଲ ହୋଇଯାଏ । ବେଳେବେଳେ ଯୋଗୀ ବହୁତ ଚେଷ୍ଟା କରି ମଧ୍ୟ ଛୋଟ ଛୋଟ କାର୍ଯ୍ୟଟିଏ କରିପାରେ ନାହିଁ । ପୁଣି ଆଉ କୌଣସି ସନ୍ଦର୍ଭରେ ସେହି ଯୋଗୀର ସ୍ପର୍ଶ ମାତ୍ରକେ ବଡବଡ ରୋଗାଦି ନିବାରଣ ହୋଇଯାଏ । ଏହାର କାରଣ ମଧ୍ୟ ରହିଛି ।

ଯୋଗୀ ଅର୍ଜନ କରିଥିବା ଯୋଗଶକ୍ତି ଯୋଗୀର କହୁଥିଲେ ମଧ୍ୟ ତାହା ଯୋଗୀର ଆତ୍ମା ଅଧିନରେ ରହିଥାଏ । ତେଣୁ ଯୋଗ ଶକ୍ତିକୁ ଆତ୍ମାଶକ୍ତି ମଧ୍ୟ କୁହାଯାଇଥାଏ । ଗୋଟିଏ ରୋଗ ନିବାରଣ କରିବା ପାଇଁ ଯୋଗୀ (ଜୀବାତ୍ମା) ଭାବିବା ବେଳେ, ଯୋଗୀର ଆତ୍ମାକୁ ତାହା ପସନ୍ଦ ହେଲେ କାର୍ଯ୍ୟଟି ସଫଳ ହୁଏ । କାରଣ ! ଶକ୍ତିକୁ ଆତ୍ମା ହିଁ ପ୍ରେରଣ କରିଥାଏ, ଯୋଗୀର ଇଚ୍ଛା କାର୍ଯ୍ୟ କରିନଥାଏ । ତେଣୁ ଯୋଗୀଙ୍କ ଦ୍ୱାରା କେତେକ କର୍ମ ବିନାଶ ହୋଇଥାଏ, ଆଉ କେତେକ କର୍ମ ବିନାଶ ହୋଇନଥାଏ । ଭିତରେ ଯୋଗଶକ୍ତି ଆତ୍ମାର ଅଧିନରେ ଅଛି ବୋଲି ଜାଣିଥିବା ଯୋଗୀ ବାହାରର ରୋଗାଦି ନିବାରଣ କରିବାକୁ ଚେଷ୍ଟା କରେ ନାହିଁ । ଯୋଗୀ ଚୂପ୍ ଥିବା ସମୟରେ ନିଜ ଭିତରୁ ଆତ୍ମପ୍ରେରଣ ହେବାବେଳେ, ଯୋଗୀ ସେତେବେଳେ ଯାହା କଲେ ମଧ୍ୟ ଅନ୍ୟର କଷ୍ଟ, ରୋଗାଦି ସହଜରେ ଦୂର ହୋଇଥାଏ । ଯୋଗୀଠାରେ ଥିବା ଜ୍ଞାନର ଏତେ ଶକ୍ତି ଅଛି ବୋଲି ପ୍ରମାଣିତ କରିବା ପାଇଁ ପ୍ରପଞ୍ଚରେ ଆତ୍ମପ୍ରେରଣ ଦ୍ୱାରା କୌଣସି ଚିକିତ୍ସା ନକରି ଅନେକ ରୋଗ ଭଲ ହୋଇଥିବା ଜଣାଯାଇଛି । ମାନବ ଯୋଗୀ ଭାବରେ ବଦଳି ଶକ୍ତି ବିଷୟରେ ଜଣାଇବା ପାଇଁ ଏଭଳି ଘଟଣାଗୁଡିଏ ଘଟିଥାଏ । ଜଣେ ଅଜ୍ଞାନୀକୁ ଯୋଗୀ ଭାବରେ ବଦଳାଇବା ପାଇଁ, ଏବଂ

ସେ ବ୍ୟକ୍ତି ନିଜ କର୍ମକୁ ଜ୍ଞାନ ଦ୍ୱାରା ନିଜେ ବିନାଶ କରିବା ପାଇଁ ଜଣେ ଯୋଗୀଠାରୁ ଯେଉଁ ଜ୍ଞାନଶକ୍ତି ବହିର୍ଗତ ହୁଏ ତାହା ଆତ୍ମପ୍ରେରଣ ଦ୍ୱାରା ବହିର୍ଗତ ହୋଇଥାଏ ।

ଜଣେ ଯୋଗୀ ଆଉଜଣେ ବ୍ୟକ୍ତିକୁ ଯୋଗୀ ଭାବରେ ବଦଳାଇ ତା'ର ଗୁରୁ ହୋଇଥାଏ । ଦୁଃଖସୁଖର କାରଣ ହୋଇଥିବା କର୍ମକୁ ବିନାଶ କରିବା ପାଇଁ ଦରକାରୀ ଜ୍ଞାନକୁ ଗଚ୍ଛିତ କରିବା ନିମନ୍ତେ ଶିଷ୍ୟମାନେ ଗୁରୁଙ୍କର ଆଶ୍ରୟ ନେଇଥା'ନ୍ତି । କେବଳ ଜ୍ଞାନାଗ୍ନି ପ୍ରକାଶ ଦ୍ୱାରା ଜଣେ ଗୁରୁ ଜଣେ ଶିଷ୍ୟକୁ ନିଜଭଳି କରିଦେଇ ପାରେ । ଜ୍ଞାନାଗ୍ନି ଗ୍ରହଣ ନକରି କେବଳ ଉପଦେଶ ଗ୍ରହଣ କରି ନିଜର ସାଧନା ବଳରେ ଯୋଗୀ ହୋଇ ପାରିବା ବୋଲି ଭାବନା କରିବା ବୃଥା । ଜ୍ଞାନାଗ୍ନି ନଥିବା ସାଧନା ଦରମା ନଥିବା ଚାକିରି ଭଳି ହୋଇଥାଏ । ଶକ୍ତି ନଥିବା ଗୁରୁମାନେ ପରମାତ୍ମା କହିଥିବା ସୂତ୍ର ଅନୁସାରେ କଦାପି ଯୋଗୀ ନୁହଁନ୍ତି । ଆଜିର ଶିଷ୍ୟମାନେ ଶକ୍ତି ଅନୁସାରେ ଗୁରୁଙ୍କୁ ଆଶ୍ରୟ କରୁନାହାନ୍ତି । ଯେଉଁ ଗୁରୁମାନଙ୍କର ଯାନ ବାହାନ ଅଛି, ଯାହା ପାଖରେ ଧନ ସମ୍ପତ୍ତି ରହିଛି ଯାହାର ନାଆଁ ଅଧିକ, ଯିଏ ମାହାତ୍ମ୍ୟ ଦେଖାଇ ପାରୁଛି, ଯିଏ କଷାୟ ପିନ୍ଧି ଦାଢି ଛାଡିଛି, ଯାହାର ଅନେକ ଭକ୍ତ ଅଛନ୍ତି ସେଇମାନଙ୍କୁ ଗୁରୁଭାବରେ ଗ୍ରହଣ କରୁଛନ୍ତି । ଉଦାହରଣସ୍ୱରୂପ ଜଣେ ରୋଗୀକୁ କୌଣସି ଡାକ୍ତର ଭଲକରି ନ ପାରିବା ପରେ ଜଣେ ଗରିବ ଯୋଗୀର ହସ୍ତସ୍ପର୍ଶ ଦ୍ୱାରା ସେ ରୋଗ ଭଲ ହୋଇଯିବା ବେଳେ, ଲୋକେ ସେଠାରେ କିଛି ମନ୍ତ୍ର ଶକ୍ତି କାର୍ଯ୍ୟ କରିଛି ବୋଲି ଭାବୁଛନ୍ତି ଏବଂ ତା'କୁ ଜଣେ ମାନ୍ତ୍ରିକ (ଗୁଣିଆ) ଭାବୁଛନ୍ତି, ସେ ଗୁଣିଆ ବୋଲି କୌଣସି ପ୍ରମାଣ ଦେଖାଇ ପାରନ୍ତି ନାହିଁ; ତଥାପି ତା'କୁ ଗୁଣିଆ କହୁଛନ୍ତି ସିନା, ଚିହ୍ନି ପାରୁନାହାନ୍ତି । ଧନ ସମ୍ପତ୍ତି ଥାଇ, ବିଦେଶ ଯାତ୍ରା କରି ବଡବଡ ଭାଷଣଦେଇ ଫେରିଥିବା ବ୍ୟକ୍ତିଠାରେ ଜ୍ଞାନାଗ୍ନି ଅଛି କି ନାହିଁ ଟିକିଏ ଚିନ୍ତା ନକରି ତାଙ୍କୁ ହିଁ ଉନ୍ନତ ଯୋଗୀ ଭାବୁଛନ୍ତି ।

ମୁଖ୍ୟ ଭାବରେ ପରମାତ୍ମାଙ୍କଠାରେ ଐକ୍ୟ ହେବା ପାଇଁ, ଜନ୍ମ ମରଣ ଚକ୍ରରୁ ଉଦ୍ଧାର ପାଇବା ପାଇଁ ଯେଉଁମାନେ ମୋକ୍ଷ ଆଶା କରିଥା'ନ୍ତି ସେମାନେ ପ୍ରକୃତ ଯୋଗୀ । ନିଜର ଜ୍ଞାନ ଖଟାଇ ସେମାନଙ୍କୁ ଜାଣିବା ଦରକାର, ସେମାନଙ୍କଠାରୁ ଜ୍ଞାନ ଜାଣିବା ପରେ ତାର ଆଚରଣ ଦ୍ୱାରା ନିଜର କର୍ମକୁ ଭସ୍ମିଭୂତ କରିହେବ ବୋଲି ଭଗବାନ ମଧ୍ୟ କହିବାକୁ ଯାଇ **"ଯଥୈଧାଂସି ସମିଧୋଗ୍ନିର୍ଭସ୍ମସାତ୍ କୁରୁତେର୍ଜୁନ । ଜ୍ଞାନାଗ୍ନି ସର୍ବ କର୍ମାଣି ଭସ୍ମସାତ୍ କୁରୁତେ ତଥା ।।"** ବୋଲି କହିଛନ୍ତି । ଅର୍ଥାତ୍ ଅଗ୍ନି ଯେପରି ସମିଧଗୁଡିକୁ ଜାଳି ପୋଡି ଭସ୍ମକରିଦିଏ ସେହିପରି ଜ୍ଞାନାଗ୍ନି ସମସ୍ତ ପାପ ପୁଣ୍ୟ ନାମକ କର୍ମକୁ ଜାଳି ପୋଡି ବିନାଶ କରିଦେଇଥାଏ । ଯୋଗସିଦ୍ଧାନ୍ତ ଅନୁସାରେ ଆଜି ମଧ୍ୟ ଭଗବାନଙ୍କର ଏହି ସୂତ୍ର କାର୍ଯ୍ୟ କରେ । ଭଗବାନଙ୍କ ବାକ୍ୟାନୁସାରେ କର୍ମକୁ ଜଳାଇ ଯୋଗୀ ଭାବରେ ଯେଉଁମାନେ ପ୍ରମାଣିତ ହୋଇଥା'ନ୍ତି ସେମାନେ ହିଁ ଗୁରୁ ।

ନିଜେ ଆଶ୍ରୟ ନେଇଥିବା ଗୁରୁଙ୍କ ପାଖରେ ଶକ୍ତି ଅଛି କି ନାହିଁ କିଛି ବିଚାର ନକରି ଅନ୍ୟ ଗୁରୁମାନଙ୍କୁ ହୀନ ଦୃଷ୍ଟିରେ କଥା କହିବା ଉଚିତ୍ ନୁହେଁ । ଯୋଗୀମାନଙ୍କଠାରେ ଥିବା ଶକ୍ତି ଅଧିକ କିମ୍ବା କମ୍ ତାହା ଯୋଗଶକ୍ତି ଅନୁସାରେ ରହିଥାଏ । ତେଣୁ ସେ ଶକ୍ତିର ବିବରଣ ଜାଣିନଥିବା ବ୍ୟକ୍ତି କୌଣସି ଗୁରୁଙ୍କୁ ମଧ୍ୟ କମ୍ ଭାବିବା ଉଚିତ୍ ନୁହେଁ ।

*****

# ତପସ୍ୟା - ଯୋଗ

ଆଜି ମଧ୍ୟ ପରମାତ୍ମା ଅଛନ୍ତି ବୋଲି ସମାଜରେ ଅନେକଙ୍କର ବିଶ୍ୱାସ ରହିଛି । ସେହି ବିଶ୍ୱାସୀ ଲୋକମାନେ ସେମାନଙ୍କର ନାନାବିଧ ଭକ୍ତି ପ୍ରଦର୍ଶିତ କରିଥା'ନ୍ତି । ଶ୍ରଦ୍ଧା ଅନୁସାରେ ସେମାନଙ୍କର ଭକ୍ତି ମଧ୍ୟ ନିର୍ଣ୍ଣୀତ

ହୋଇଥାଏ । ସମାଜରେ ନାନା ପ୍ରକାରର ଶ୍ରଦ୍ଧା ବିଶିଷ୍ଟ ଲୋକମାନେ ରହିଥା'ନ୍ତି । ତେଣୁ ସେମାନେ ଅନୁସରଣ କରୁଥିବା ଭକ୍ତିମାର୍ଗ ମଧ୍ୟ ଅନେକ ପ୍ରକାରର ହୋଇଥାଏ । କେତେକ ମନ୍ତ୍ରଯୁକ୍ତ ପୂଜା କରିଥା'ନ୍ତି, କେତେକ ନିଜ ନିଜର ଇଷ୍ଟ ଦେବତାଙ୍କୁ ପୂଜା କରିଥା'ନ୍ତି । ଆଉ କେତେକ ଯଜ୍ଞ କରିଥା'ନ୍ତି । କେତେକ ତପସ୍ୟା କରିଥା'ନ୍ତି, କେତେକ ଯୋଗାଦି ଆଚରଣ କରିଥା'ନ୍ତି । ଏଭଳି ଅନେକ ପ୍ରକାରର ଭକ୍ତିକୁ ମାନବ ପ୍ରଦର୍ଶନ କରିଥାଏ । ସମସ୍ତେ ଗୋଟିଏ ମାର୍ଗକୁ ଅନୁସରଣ ନକରି ନାନା ମାର୍ଗରେ ଭକ୍ତି ପ୍ରଦର୍ଶନ କରିବା ପଛରେ ସେମାନଙ୍କର ଶ୍ରଦ୍ଧା ଏବଂ କର୍ମ ହିଁ କାରଣ ହୋଇ ରହିଥାଏ । ପୂର୍ବ ଜନ୍ମର ପୁଣ୍ୟଫଳ ଏବଂ ଶ୍ରଦ୍ଧା ନେଇ ସେମାନଙ୍କୁ ଏ ଜନ୍ମରେ ଭକ୍ତିମାର୍ଗରେ ବଞ୍ଚିବା ନିୟମ ମଧ୍ୟ ନିର୍ଣ୍ଣୀତ ହୋଇ ରହିଥାଏ । ସର୍ବ ମାନବଜାତିର ଆରାଧ୍ୟ ହେଉଛନ୍ତି ପରମାତ୍ମା ବା ଈଶ୍ୱର, ତାଙ୍କୁ ପୂଜା (ଆରାଧନା) କରିବା ପାଇଁ ଅନେକ ମାର୍ଗ ରହିଛି । ନାନା ପ୍ରକାରର ପୂଜା, ତପସ୍ୟା, ଯୋଗ ଇତ୍ୟାଦି ପରମାତ୍ମାଙ୍କ ନିମନ୍ତେ ହୋଇଥାଏ । ପ୍ରତ୍ୟେକ ମାନବ କରୁଥିବା ଛୋଟ ପୂଜା ମଧ୍ୟ ତାଙ୍କୁ ପ୍ରାପ୍ତ ହୁଏ । ସାକାର ପୂଜାର ଭୋକ୍ତା ଏକୈକ ପରମାତ୍ମା ହୋଇଥିବା ସ୍ଥଳେ, ମାନବ ନାନା ପ୍ରକାରରେ ନିଜର ଭକ୍ତି ପ୍ରଦର୍ଶନ କରିଥାଏ । ତେଣୁ ନାନା ପ୍ରକାରର ଭକ୍ତିରୁ କେଉଁ ପ୍ରକାରର ଭକ୍ତି ଉନ୍ନତ ତାହା ଜାଣିବା ନିହାତି ଦରକାର । ତା'ନହୋଇ ସମସ୍ତେ ଚାଲୁଥିବା ମାର୍ଗରେ ମୁଁ ମଧ୍ୟ ଚାଲୁଛି ଭାବିଲେ ତା'ର ଲକ୍ଷ୍ୟ ଦୂରରେ ନା ପାଖରେ ? ବୋଲି ବିଚାର କରିବା ଉଚିତ୍ । କେଉଁ ପ୍ରକାରର ଆଚରଣ କଲେ ତାହା ଦ୍ୱାରା ସହଜରେ ପରମାତ୍ମାଙ୍କୁ ପାଇହେବ ଜାଣିବା ଦରକାର । ସମସ୍ତ ପ୍ରକାରର ଭକ୍ତି ପରମାତ୍ମାଙ୍କୁ ପ୍ରାପ୍ତ ହେବାବେଳେ ତା'ର ଫଳାଫଳ ମଧ୍ୟ ଅନେକ ସ୍ଥିତିର ହୋଇଥାଏ । ଯିଏ ଯେପରି ଆଚରଣରେ ଯେଉଁ ପ୍ରକାରର ପୂଜା, ଯେଉଁ ପ୍ରକାରର ଭକ୍ତି କରିଥାଏ ତା'କୁ ସେହିପରି ଭାବର ଫଳ ପ୍ରାପ୍ତ ହୋଇଥାଏ । ଆରାଧନା ନାନା ପ୍ରକାରର ହେଲେ

ମଧ୍ୟ, ଆରାଧ୍ୟ ଦେବତାମାନେ ଯେଉଁ ରୂପର ହେଲେ ମଧ୍ୟ ସବୁର ମୂଳ ପୁରୁଷ ହେଉଛନ୍ତି ଏକମାତ୍ର ପରମାତ୍ମା । ହେଲେ ଆରାଧନା କରୁଥିବା ବ୍ୟକ୍ତିର ଫଳ ଆରାଧିତ ଦେବତା ନିକଟରେ ପ୍ରଦର୍ଶନ କରିଥିବା ଭାବର ଅନୁଗୁଣ ମିଳିଥାଏ । ଏହି ଦୃଷ୍ଟିରୁ ପରମାତ୍ମାଙ୍କଠାରୁ ପରୋକ୍ଷ ଏବଂ ପ୍ରତ୍ୟକ୍ଷ ଭାବରେ ଦୁଇ ପ୍ରକାରର ଫଳ ମିଳିଥାଏ ବୋଲି ଜଣାଯାଉଛି । ସେଥିମଧ୍ୟରୁ ଗୋଟିଏ ହେଉଛି କାମ୍ୟାର୍ଥସିଦ୍ଧି ଏବଂ ଅନ୍ୟଟି ହେଉଛି ମୋକ୍ଷ ସିଦ୍ଧି । ଏହି ଦୁଇଟି ମଧ୍ୟରୁ କାମ୍ୟାର୍ଥସିଦ୍ଧିକୁ ଆଶା କରୁଥିବା ଲୋକମାନେ ୯୯ ପ୍ରତିଶତ ରହିଥା'ନ୍ତି । ବଳକା ଏକ ପ୍ରତିଶତର ଲୋକମାନେ ମୋକ୍ଷ ପାଇଁ ଚେଷ୍ଟା କରିଥା'ନ୍ତି । ଜାଣିଥିବା ଜ୍ଞାନୀମାନେ ମୋକ୍ଷସିଦ୍ଧି ବାବଦରେ କହିବା ବେଳେ ସେଥିରେ ବା ଆମର ଲାଭ କଅଣ ? ଏ ପ୍ରପଞ୍ଚର ସବୁ ପ୍ରକାରର ସୁଖଜୀବନ ବିତାଇବା ପାଇଁ କୌଣସି ଦେବତାଙ୍କୁ ଆରାଧନା କଲେ ଯଥେଷ୍ଟ, ତା'ଛଡା ଆମର ଆଉ କ'ଣ ବା ଦରକାର ବୋଲି କହୁଛନ୍ତି । କାମ୍ୟାର୍ଥସିଦ୍ଧି ମଧ୍ୟ ଅନେକ ପ୍ରକାରର ଥାଏ । ତେଣୁ ନାନା ପ୍ରକାରର ସିଦ୍ଧି ମିଳିଥାଏ । କେତେକ ଏ ଜନ୍ମରେ ଆଶା କରୁଥିବା ସୁଖକୁ ହାସଲ କରିବା ପାଇଁ ଚେଷ୍ଟା କରନ୍ତି ହେଲେ ତାହା କେବେ ବି ପୂରଣ ହୋଇନଥାଏ । ପ୍ରତ୍ୟେକ ଜୀବ ଆଶା କରୁଥରବା ସୁଖ କିଛି ଏ ଜନ୍ମରେ, ବାକି କିଛି ପରଜନ୍ମରେ ଅନୁଭବ କରିଥାଏ । କାମ୍ୟାର୍ଥସିଦ୍ଧି ଖୁବ୍ ଶୀଘ୍ର ଫଳଦାୟୀ ହୋଇଥାଏ । କାମ୍ୟାର୍ଥସିଦ୍ଧି ପର ଜନ୍ମରେ ଫଳଦାୟୀ ହୋଇପାରେ କିନ୍ତୁ ମୋକ୍ଷ ଅନେକ ଜନ୍ମ ପରେ ହୋଇ ପାରେ ।

ମୋକ୍ଷସିଦ୍ଧି ପାଇଁ ଅନେକ ବ୍ୟକ୍ତି ପରମାତ୍ମାଙ୍କୁ ଆରାଧନା କରିଥା'ନ୍ତି, କିନ୍ତୁ କାମ୍ୟାର୍ଥସିଦ୍ଧିକୁ ଅନେକ ବ୍ୟକ୍ତି ଆଶା କରି ଖୁବ୍ କମ୍ ବ୍ୟକ୍ତି ମୋକ୍ଷସିଦ୍ଧିକୁ କାହିଁକି ଆଶା କରିଥା'ନ୍ତି ? ଏ ସନ୍ଦେହ କେତେକଙ୍କଠାରେ ଆସିପାରେ । ଏହାର ସମାଧାନରେ କୁହାଯାଇ ପାରେ ଯେ, ପ୍ରପଞ୍ଚରେ ଭକ୍ତି ଜାତ ହୋଇଥିବା ବ୍ୟକ୍ତିମାନେ ଅନେକ ଅଛନ୍ତି,

କିନ୍ତୁ ସେମାନଙ୍କ ଆରାଧନା କ୍ଷୁଦ୍ର ଦେବତାମାନଙ୍କଠାରୁ ଆରମ୍ଭକରି ମହା ଦେବତାମାନଙ୍କ ପର୍ଯ୍ୟନ୍ତ ହୋଇଥାଏ । କେତେକ ମଙ୍ଗଳା ମାଆ, କେତେକ କାଳୀକା ମାଆ, ଚର୍ଚ୍ଚିକା, ସମଲେଇ, ତାରିଣୀ ମାଆ ଇତ୍ୟାଦି ନାମରେ କେତେକେଉଁ ଦେବୀମାନଙ୍କୁ ଆରାଧନା କରୁଥିବା ସ୍ଥଳେ କେତେକ ଇନ୍ଦ୍ର, ଚନ୍ଦ୍ରଙ୍କଠାରୁ ଆରମ୍ଭ କରି ବ୍ରହ୍ମା, ବିଷ୍ଣୁ, ଶିବ, ଗଣେଶ, କାର୍ତ୍ତିକେୟ, କୁମାରାଦିଙ୍କ ଆରାଧନା କରିଥା'ନ୍ତି । ଦେବତାମାନଙ୍କର ମଧ୍ୟ ଜଣେ ଅନ୍ତର୍ଯ୍ୟାମୀ ଅଛନ୍ତି ବୋଲି କେହି ମଧ୍ୟ ବିଚାର କରନ୍ତି ନାହିଁ । ପୂର୍ବ ଜନ୍ମରେ ବିଶେଷ ଭକ୍ତି ବିଶିଷ୍ଟ ଜ୍ଞାନ ଆହରଣ କରିଥିବା ବ୍ୟକ୍ତିମାନଙ୍କୁ କେବଳ ଦେବତା ମାନଙ୍କଠାରୁ ଅତୀତଭାବରେ ପରମାତ୍ମା ଅଛନ୍ତି ବୋଲି ଜଣାପଡିଥାଏ । ଏଭଳି ପରମାତ୍ମାଙ୍କୁ ଜାଣିଥିବା ବ୍ୟକ୍ତି ହିଁ ପରମାତ୍ମାଙ୍କ ଆରାଧନା କରିଥାଏ ଏବଂ ମୋକ୍ଷ ସିଦ୍ଧି କାମନା କରିଥାଏ । ଭକ୍ତି ମାର୍ଗରେ ପୁଣ୍ୟଫଳ କମ୍ ଥିବାବେଳେ ଲୋକମାନେ ଅଧିକ ସଂଖ୍ୟାରେ ରହିଥା'ନ୍ତି । ତେଣୁ ସେମାନଙ୍କ ପୁଣ୍ୟଫଳର ସମାନ ଦେବତାମାନଙ୍କୁ ସେମାନେ ଆରାଧନା କରିଥା'ନ୍ତି । ଦେବତାରାଧକ ଅଧିକ ରହିଥା'ନ୍ତି ଅର୍ଥାତ୍ କାମ୍ୟାର୍ଥସିଦ୍ଧି ଆଶା କରୁଥିବା ଲୋକମାନେ ସମାଜରେ ଅଧିକ ସଂଖ୍ୟାରେ ରହିଛନ୍ତି ବୋଲି କହିପାରିବା ।

ବିଷ୍ଣୁ, ଈଶ୍ୱର, ବ୍ରହ୍ମାଦି ଦେବତାମାନଙ୍କୁ ମଧ୍ୟ ପରମାତ୍ମା ଜଣେ ଅଛନ୍ତି ବୋଲି କେବଳ ଜାଣିବା ପାଇଁ ଅନେକ ଜନ୍ମର ପୁଣ୍ୟଫଳ ଅର୍ଜନ କରିବାକୁ ପଡିଥାଏ । ବିଶେଷ ପୁଣ୍ୟଫଳ ଦ୍ୱାରା ପରମାତ୍ମାଙ୍କ ମହାନତାକୁ ଜାଣିବା ପରେ,ତାଙ୍କୁ ଆରାଧନାକରି ପାଇବା ପାଇଁ ଶ୍ରଦ୍ଧା ଆବଶ୍ୟକ । ପରମାତ୍ମାଙ୍କୁ ଆରାଧନା କରୁଥିବା କେତେକ ଭକ୍ତମାନେ ଗୋଟିଏ ଜନ୍ମରେ, ଆଉକେତେକ ଅନେକ ଜନ୍ମ ପରେ ମୋକ୍ଷ ପାଇ ପାରିଥା'ନ୍ତି । ପରମାତ୍ମାଙ୍କୁ ଆରାଧନା କରିବା ପାଇଁ ଏଇ ଜନ୍ମରେ ବୁଦ୍ଧିଜାତ ହେବା ପାଇଁ ଅନେକ ଜନ୍ମର ପୁଣ୍ୟଫଳ ଅର୍ଜନ କରିବାକୁ ପଡିଥାଏ । ପୁଣ୍ୟଫଳ ଥିବା

ଭକ୍ତମାନେ ଖୁବ୍ କମ୍ ଥାଆନ୍ତି । ତେଣୁ ମୋକ୍ଷ ଆଶା କରି ପରମାତ୍ମାଙ୍କୁ ଆରାଧନା କରୁଥିବା ବ୍ୟକ୍ତି କ୍ୱଚିତ୍ ଅଛନ୍ତି ବୋଲି କହି ପାରିବା ।

ଯିଏ ଯେଉଁ ପ୍ରକାରର ଭକ୍ତି ଆଚରଣ କରିଥା'ନ୍ତି ସେମାନେ ସେମାନଙ୍କର ସେହି ଭକ୍ତି ବିଧାନକୁ ଉନ୍ନତ ଭାବିଥା'ନ୍ତି । ସମସ୍ତ ଆଚରଣର ନାୟକ ଜଣେ, ତାହା କେହି ମଧ୍ୟ ଜାଣି ପାରୁନାହାନ୍ତି । କେତେକ ନାନା ମତ ସୃଷ୍ଟି କରି ଆମ ମତ ମହାନ କହି ଯୁକ୍ତି କରିଥା'ନ୍ତି, ହେଲେ ସମସ୍ତ ମତର ନାୟକ ଜଣେ, ତାହା ଜାଣିପାରନ୍ତି ନାହିଁ । ସେହିଭଳି ଯେଉଁମାନେ ପୂଜା,ହୋମ,ତପସ୍ୟାଦି କରିଥାନ୍ତି ସେମାନେ ନିଜକୁ ମହାନ ଭାବିଥାନ୍ତି । ପରମାତ୍ମାଙ୍କୁ ପାଇବାର ଉପଯୁକ୍ତ ଠିକଣା କ'ଣ କେହି ଜାଣିବାକୁ ଚେଷ୍ଟା କରନ୍ତି ନାହିଁ । ପରମାତ୍ମାଙ୍କୁ ପାଇବାର ସହଜ ମାର୍ଗକୁ ଆମେ ନିହାତି ଜାଣିବା ଆବଶ୍ୟକ, ଏହି ବିଷୟକୁ ଉଦ୍ଦେଶ୍ୟକରି **ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଭଗବାନ ଏବଂ ପରମାତ୍ମା କହିବାକୁ ଯାଇ :-**

**୫୩ ତମ ଶ୍ଳୋକରେ :-**

**ନାହଂ ବେଦୈର୍ନ ତପସା ନଦାନେନ ନ ଚେଜ୍ୟୟା ।**
**ଶକ୍ୟ ଏବଂ ବିଧୋ ଦ୍ରଷ୍ଟୁଂ ଦୃଷ୍ଟ ବାନସି ମାଂ ଯଥା ॥**

ଅର୍ଥାତ୍ "ହେ ଅର୍ଜୁନ ! ବେଦ ଦ୍ୱାରା ହେଉ କି ଦାନ ଦ୍ୱାରା ହେଉ, ଯଜ୍ଞ ଦ୍ୱାରା ହେଉ କି ତପସ୍ୟା ଦ୍ୱାରା ହେଉ ଏବେ ତୁ ଦେଖିପାରିଥିବା ଏହି ବିଶ୍ୱରୂପକୁ ଦେଖିବାକୁ ଇଚ୍ଛା କଲେ ମଧ୍ୟ ସମ୍ଭବ ହୋଇନଥାଏ ।'

**୪୮ ତମ ଶ୍ଳୋକରେ :-**

**ନବେଦ ଯଜ୍ଞାଧ୍ୟୟନୈର୍ନ ଦାନୈର୍ନ ଚ କ୍ରିୟାଭିର୍ନ ତପଭିରୁଗ୍ରୈଃ ।**
**ଏବଂ ରୂପ ଶକ୍ୟ ଅହଂ ନୃଲୋକେ ଦ୍ରଷ୍ଟୁଂ ତ୍ୱଦନ୍ୟେନ କୁରୁପ୍ରବୀର ॥**

ଅର୍ଥାତ୍ **"ହେ କୁରୁପ୍ରବୀର ! ବେଦ ମନ୍ତ୍ରର ଉଚ୍ଚାରଣ ଦ୍ୱାରା ହେଉ,ବିଭିନ୍ନ ପ୍ରକାରର ଯଜ୍ଞଦ୍ୱାରା ହେଉ, ଦାନ କିମ୍ବା ଉଗ୍ରତପସ୍ୟା ଦ୍ୱାରା ହେଉ ମୋତେ ଜାଣିପାରିବା ଏହି ନରଲୋକରେ ସମ୍ଭବ ହୋଇ ନଥାଏ । ମୋ ରୂପକୁ ତୁ ମୋର ଅନୁଗ୍ରହ ଦ୍ୱାରା ଦେଖି ପାରିଛୁ"** ବୋଲି କହିଛନ୍ତି । ତେଣୁ ଆମେ ଆଚରଣ କରୁଥିବା ନାନା ଆରାଧନା ଦ୍ୱାରା, ମୁଖସ୍ଥ କରି ବେଦ ଗାଇବା ଦ୍ୱାରା, ସର୍ବସ୍ୱ ଦାନ କରିଦେବା ଦ୍ୱାରା କିମ୍ବା ଉଗ୍ରତପସ୍ୟା କରିବା ଦ୍ୱାରା ମଧ୍ୟ ତାଙ୍କୁ ପାଇ ପାରିବା ନାହିଁ । ଏହି କଥାଟି ଅନେକଙ୍କୁ ବାଧିତ କରିପାରେ କାରଣ ! ସମସ୍ତେ ଏହି ଆଚରଣ ମାଧ୍ୟମରେ ହିଁ ତାଙ୍କୁ ପାଇବାକୁ ଚେଷ୍ଟା କରିଥା'ନ୍ତି । **ଉଗ୍ର ତପସ୍ୟା ଦ୍ୱାରା ମଧ୍ୟ ମୋତେ ପାଇ ପାରିବୁ ନାହିଁ, ଏହା ଅନ୍ୟମାନେ କହିଥିବା ବାକ୍ୟ ନୁହେଁ ସ୍ୱୟଂ ଭଗବାନ କହିଛନ୍ତି** । ଭଗବାନ ଏହି ଆଚରଣ କରୁଥିବା ମଣିଷକୁ ଦୁଃଖିତ କରିବାକୁ ଏକଥା କହି ନାହାନ୍ତି ! ସେ ଉପଯୁକ୍ତ ମାର୍ଗରେ ଚାଲି ତାଙ୍କୁ ଜାଣିବା ଉପାୟ କହିଛନ୍ତି । କଷ୍ଟସାଧ୍ୟ ତପସ୍ୟା ଦ୍ୱାରା ତାଙ୍କୁ ଜାଣିହୁଏ ନାହିଁ, ଅର୍ଥାତ୍ ତାଙ୍କୁ ଜାଣିବାପାଇଁ କୌଣସି ଅନ୍ୟଏକ ମାର୍ଗ ନିଶ୍ଚୟ ଅଛି ବୋଲି ଜଣାଯାଉଛି । ଏବେ ତାହା କଅଣ ଜାଣିବା ।

ସବୁଠାରୁ ବଡ ଉପାୟ ତପସ୍ୟା ବୋଲି ଅନେକ ଭାବିଥା'ନ୍ତି । କିନ୍ତୁ ବାସ୍ତବ କଥା କ'ଣ ତାହା ଜଣାଇବା ଉଦ୍ଦେଶ୍ୟରେ ଭଗବାନ ଆତ୍ମସଂଯମ ଯୋଗର ୪୬ ତମ ଶ୍ଳୋକରେ –

**ତପସ୍ୱୀଭ୍ୟୋଽଧିକୋ ଯୋଗୀ ଜ୍ଞାନଭ୍ୟୋପି ମତୋଧିକଃ ।**
**କର୍ମଭ୍ୟଶ୍ଚାଧିକୋ ଯୋଗୀ ତସ୍ମାତ୍ୟୋଗୀ ଭାବର୍ଜୁନ ॥**

ବୋଲି କହିଛନ୍ତି । ଅର୍ଥାତ୍ ହେ ଅର୍ଜୁନ ! ଯୋଗୀ ତପସ୍ୱୀମାନଙ୍କଠାରୁ ଅଧିକ, ଜ୍ଞାନୀଠାରୁ ମହାନ ଏବଂ କର୍ମ କରୁଥିବା ଲୋକମାନଙ୍କଠାରୁ ମଧ୍ୟ ଅଧିକ । ତେଣୁ ତୁ ଯୋଗୀ ହୋଇଯାଆ ।

ଏଥିରୁ ବୁଝିହୁଏ ଯେ, ଯୋଗୀ ହିଁ ସମସ୍ତଙ୍କଠାରୁ ବଡ । ସବୁ ପ୍ରକାରର ଅଭ୍ୟାସ ଅପେକ୍ଷା ଯୋଗ ଅଭ୍ୟାସ ହିଁ ପରମାତ୍ମାଙ୍କୁ ଜାଣିବାର ଶ୍ରେଷ୍ଠ ଉପାୟ । କେହି କହିବା ଦ୍ୱାରା ମଧ୍ୟ କେହି ବିଶ୍ୱାସ କରିବେ ନାହିଁ, ତେଣୁ ଉପର ବାକ୍ୟଟିକୁ ସ୍ୱୟଂ ଭଗବାନ ଗୀତାରେ କହିଛନ୍ତି । ଏଇଠାରେ କେତେକଙ୍କଠାରେ ଏକ ସନ୍ଦେହ ଆସି ଯେଉଁମାନେ ତପସ୍ୟା କରୁଛନ୍ତି ସେମାନଙ୍କ ଅପେକ୍ଷା ଯୋଗୀ ଉନ୍ନତ ବୋଲି ଭଗବାନ କହିଛନ୍ତି । ଆହୁରି ମଧ୍ୟ କହିଛନ୍ତି ଯେ, ଜ୍ଞାନୀଠାରୁ ଯୋଗୀ ଅଧିକ, ତା'ହେଲେ କ'ଣ ଜ୍ଞାନୀ ଆଉ ଯୋଗୀ ଭିନ୍ନ ? ତା'ଛଡା ତପସ୍ୱୀ ଆଉ ଯୋଗୀ ଭିତରେ କି ପାର୍ଥକ୍ୟ ରହିଛି ? ବୋଲି କିଛି ଲୋକ ପଚାରି ପାରନ୍ତି । ତା'ର ସମାଧାନ ହେଉଛି ! ଜ୍ଞାନୀ କହିଲେ ପରମାତ୍ମାଙ୍କୁ ପାଇବାର ସାଧନାକୁ ଯିଏ ଜାଣିଥାଏ । ଅଜ୍ଞାନୀ କହିଲେ ଯିଏ କିଛି ଜାଣି ନଥାଏ । ଜଣେ ଗୋଟିଏ ଗାଆଁକୁ ଯିବାର ରାସ୍ତା ଜାଣିଗଲେ କ'ଣ ସେ ଗାଆଁରେ ପହଞ୍ଚିଥିବା ଲୋକ ସହିତ ସମାନ ହୋଇ ପାରିବ ? ସେହିଭଳି ପରମାତ୍ମାଙ୍କୁ ପାଇବା ବାଟ ଜାଣିଗଲେ କ'ଣ ପରମାତ୍ମାଙ୍କୁ ପାଇଥିବା ବ୍ୟକ୍ତି ସହିତ ସମାନ ହୋଇପାରିବା ? ଦୁଗ୍ଧ ପ୍ରଥମେ ଦଧିଭାବରେ, ତା'ପରେ ଲବଣୀଭାବରେ ବଦଳି ଶେଷରେ ଘିଅ ହୁଏ ବୋଲି ଜାଣିଗଲେ କ'ଣ ହେବ, ଦୁଗ୍ଧ କ'ଣ ସାଙ୍ଗେ ସାଙ୍ଗେ ଘିଅ ହୋଇପାରିବ ? ହୋଇପାରିବ ନାହିଁ । ଦୁଗ୍ଧକୁ ସିଝାଇ ଥଣ୍ଡାକରି ସେଥିରେ କିଛି ଦଧିକୁ ପକାଇ କିଛି ସମୟ ଅପେକ୍ଷାକଲେ ତାହା ଦଧି ହେବ । ଦଧିରୁ ଖୁଆ ମାଧ୍ୟମରେ ଲବଣୀ ବାହାର କରି ସେ ଲବଣୀକୁ ନିଆଁରେ ଗରମ କରିବାପରେ ଆମେ ଘିଅ ଦେଖିପାରିବା । ସେହିଭଳି ପ୍ରପଞ୍ଚରେ ପରମାତ୍ମାଙ୍କୁ ପାଇବା ମାର୍ଗ କେବଳ ଜାଣିଦେଇ, ଆମେ ପରମାତ୍ମାଙ୍କୁ ପାଇଯାଇଛୁ ଭାବିଲେ, ଦର୍ପଣ ଭିତରେ ଦେଖାଯାଉଥିବା ବସ୍ତୁକୁ ଆମେ ଧରିଛୁ କହିବା ଭଳି ହେବ । ସେଥିଲାଗି ଖାଲି ଜ୍ଞାନୀ ହୋଇଗଲେ କଣ ହେବ ଯୋଗୀ ହେବା ମୁଖ୍ୟକଥା ବୋଲି ଭଗବାନ କହିଛନ୍ତି । ଯୋଗୀ

କହିଲେ ଯିଏ ଆତ୍ମାକୁ ସାକ୍ଷାତ୍ କରିଛି । ଆତ୍ମସାକ୍ଷାତ୍କାର ମାର୍ଗ ଜଣିଗଲେ ଯେ, କେହି ଯୋଗୀ ହୋଇପାରିବ ସେକଥା ମଧ୍ୟ କହି ପାରିବା ନାହିଁ । ଜଣାଥିବା ଦୈବବିଧିକୁ ଜାଣି ତା'ର ଯଥାବିଧ ଆଚରଣ କରିପାରିଲେ କେହି ଯୋଗୀହୋଇ ପାରେ । ତେଣୁ ସନ୍ଦେହହୀନ ଭାବରେ କହିପାରିବା ଯେ ଜ୍ଞାନୀ ଅପେକ୍ଷା ଯୋଗୀ ଉନ୍ନତ ।

ତପସ୍ୱୀ ଅପେକ୍ଷା ଯୋଗୀ ଉତ୍ତମ ବୋଲି ଭଗବାନ କାହିଁକି କହିଛନ୍ତି କି ! ଯୋଗୀ ଆଉ ତପସ୍ୱୀ ଭିତରେ ଅନେକ ଭିନ୍ନତା ରହିଛି । ତପ ବା ତପସ୍ୟା ହେଉଛି ତପିତ ହେବା ବା କଷ୍ଟ ସ୍ୱୀକାର କରିବା । ଜଣେ ବ୍ୟକ୍ତି ତପସ୍ୟା କରୁଛି କହିଲେ ସେ କୌଣସି ଏକ ଆକାର ବିଶିଷ୍ଟ ଦେବତାକୁ କିମ୍ବା କୌଣସି ଏକ ମନ୍ତ୍ରକୁ ମନରେ ଲୟ କରିବା ହୋଇପାରେ । ଆଉ କେତେକ ମନକୁ ଏକ ସ୍ଥାନରେ ସ୍ଥିର କରି କୌଣସି ଦୃଶ୍ୟକୁ ଦେଖିବା ହିଁ ତପ ବୋଲି କହନ୍ତି । ମୋଟାମୋଟି ଭାବରେ କହିବାକୁ ଗଲେ ଜୀବ କୌଣସି ଇନ୍ଦ୍ରିୟଗ୍ରାହ୍ୟ ବିଷୟ ଉପରେ କିମ୍ବା ନିଜଠାରୁ ଭିନ୍ନ ହୋଇଥିବା ବସ୍ତୁ ଉପରେ, କୌଣସି ଦେବତା ଉପରେ ମନ ଲଗ୍ନ କରି ତାହା ପାଇବା ପାଇଁ ତାକୁ ଯେଉଁ କଷ୍ଟ ସ୍ୱୀକାର କରିବାକୁ ପଡେ ତାହାକୁ ତପସ୍ୟା କହିପାରିବା । ପୂର୍ବେ ଅନେକ ବ୍ୟକ୍ତି ତପସ୍ୟା କରି ସେମାନଙ୍କ ଇଷ୍ଟ ଦେ-ବତାମାନଙ୍କଠାରୁ ନିଜର ଇପ୍ସିତ ଜିନିଷ ପାଇ ପାରିଥିଲେ । ଜନସମାଜରେ ସେମାନଙ୍କ ତପସ୍ୟା ଫଳି ପାରିବ ନାହିଁ ବୋଲି ସେମାନେ ଜନାକୀର୍ଣ୍ଣ ଜଙ୍ଗଲ କିମ୍ବା ପାହାଡ ଗୁହାରେ ଯାଇ ତପସ୍ୟା କରୁଥିଲେ, ସେମାନଙ୍କର ଇଷ୍ଟ ଦେବତାମାନଙ୍କୁ ଦୃଷ୍ଟିରେ ରଖି କୌଣସି କାମନା ପାଇଁ ଅନେକ ବାଧାବିଘ୍ନକୁ ଖାତର ନକରି ଅର୍ଥାତ୍ ନିଜେ କଷ୍ଟ ସ୍ୱୀକାର କରି ଶେଷରେ ସେମାନଙ୍କ ଦ୍ୱାରା ନିଜର କାମନା ସିଦ୍ଧି କରୁଥିଲେ । ଅର୍ଜୁନ ପଶୁପତି ଅସ୍ତ୍ର ପାଇଁ ଶିବଙ୍କୁ ଦୃଷ୍ଟି ଦେଇ ତପସ୍ୟା କରିଥିଲେ । ବିଶ୍ୱାମିତ୍ର ମଧ୍ୟ ବ୍ରହ୍ମସ୍ତ୍ର ପାଇଁ ତପସ୍ୟା କରିଥିଲେ ବୋଲି ଇତିହାସରୁ ଜଣାଯାଉଛି । ଏହି ତପସ୍ୟା ଦ୍ୱାରା

ମୋକ୍ଷସିଦ୍ଧି ହୋଇନଥାଏ, କେବଳ କାମ୍ୟାର୍ଥ ସିଦ୍ଧି ମିଳିଥାଏ । ସେଥିଲାଗି ତପସ୍ୟା ଦ୍ୱାରା ମୋତେ ପାଇପାରିବୁ ନାହିଁ ବୋଲି ଗୀତାରେ କହିଛନ୍ତି । ତପସ୍ୱୀମାନଙ୍କ ଅପେକ୍ଷା ପରମାତ୍ମାମାର୍ଗ ଜାଣିଥିବା ଜ୍ଞାନୀ ଉନ୍ନତ ବୋଲି ଏବେ ଆମେ ସହଜରେ କହି ପାରିବା । ତପସ୍ୟା ଦ୍ୱାରା ମିଳିଥିବା ଫଳ ଅନୁଭବରେ ସମାପ୍ତ ହୋଇଯାଇଥାଏ, କିନ୍ତୁ ଜ୍ଞାନ ତା'ନହୋଇ ଆଗତ ଜନ୍ମରେ ମଧ୍ୟ ପରମାତ୍ମାଙ୍କୁ ପାଇବା ମାର୍ଗ ଜଣାଇଥାଏ । ତେଣୁ ତପସ୍ୱୀ ଅପେକ୍ଷା ଜ୍ଞାନୀ ଅଧିକ ବୋଲି ନିଃସନ୍ଦେହରେ କହି ପାରିବା । ଜାଣିଥିବା ପାତ୍ର ଅପେକ୍ଷା ପାଇଥିବା ପାତ୍ର ଅଧିକ, ତେଣୁ ଜ୍ଞାନୀ ଅପେକ୍ଷା ଯୋଗୀ ଅଧିକ ବୋଲି କହିପାରିବା । କେବଳ ଜଣେ ଯୋଗୀ ତା'ଦେହରେ ଥିବା ଆତ୍ମାକୁ ଯୋଗ ଦ୍ୱାରା ଦର୍ଶନ କରିପାରେ, ଆତ୍ମାକୁ ଆଉ କେହି ଦେଖିବା ସମ୍ଭବ ହୋଇନଥାଏ । ତେଣୁ ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗର ୧୧ ତମ ଶ୍ଳୋକରେ –

**ଯତନ୍ତୋ ଯୋଗି ଶ୍ଚୈନଂ ପଶ୍ୟନ୍ତ୍ୟାତ୍ମନ୍ୟ ବସ୍ଥିତମ୍ ।**
**ଯତନ୍ତୋପ୍ୟକୃତାତ୍ମାନୋ ନୈନଂ ପଶ୍ୟନ୍ତ୍ୟ ଚେତସଃ ॥**

ବୋଲି କହିଛନ୍ତି । ଅର୍ଥାତ୍ ଚେଷ୍ଟା କରୁଥିବା ଯୋଗୀମାନେ କେବଳ ଦେହରେ ଥିବା ଆତ୍ମାକୁ ଜାଣି ପାରନ୍ତି । ଅନ୍ୟମାନେ ଯେତେ ଚେଷ୍ଟା କଲେ ମଧ୍ୟ ଜାଣି ପାରନ୍ତି ନାହିଁ । ତେଣୁ ଆତ୍ମାକୁ ଜାଣିବାର ଏକମାତ୍ର ପନ୍ଥା ହେଉଛି ଯୋଗ । ଯାହା ବି ହେଉ ବିଚାରପୂର୍ବକ ଗ୍ରହଣ କରିବା ମାନବର କର୍ତ୍ତବ୍ୟ । ଆମ ଅନୁଭବରେ ଅନେକ ବ୍ୟକ୍ତି ତପସ୍ୟାକୁ ମହାନ ଭାବନା କରି ସଫଳିକୃତ ହୋଇନଥିବା ଜାଣିଛୁ । ତେଣୁ ତପସ୍ୟା ଅପେକ୍ଷା ଯୋଗ ମହାନ ବୋଲି ବିଶୋଧିକରଣ ପୂର୍ବକ ନିଃସନ୍ଦେହରେ ଜଣାଉଛୁ ସିନା, ତପସ୍ୱୀ ଆଉ ଜ୍ଞାନୀମାନଙ୍କୁ ତଳେ ପକାଇ କହୁ ନାହୁଁ । ଯାହାମାର୍ଗ ଯାହାର, ଆମେ କେବଳ ସତ୍ୟକୁ ଜଣାଉଛୁ ।

ଆଉ ଗୋଟିଏ କଥା ହେଉଛି **"କର୍ମଭ୍ୟଶ୍ଚାଧିକୋ ଯୋଗୀ"** ବୋଲି ଭଗବାନ ଆତ୍ମସଂଯମ ଯୋଗରେ କହିଛନ୍ତି । କର୍ମକୁ ଆଚରଣ କରି କର୍ମକୁ ସନ୍ନ୍ୟାସ ଦେଇ ତା'ଦ୍ୱାରା ଆସୁଥିବା ପାପପୁଣ୍ୟକୁ ଆସିବାକୁ ନଦେଇ ରହି ପାରିବା ବାଟ କର୍ମଯୋଗରେ ଥିବା ବେଳେ କର୍ମ ଆଚରଣ କରୁଥିବା ବ୍ୟକ୍ତିଠାରୁ ଯୋଗୀ ବଡ ବୋଲି ଆମେ କେମିତି କହିବା ? ବୋଲି କେତେକ ପଚାରି ପାରନ୍ତି । ଏ ପ୍ରଶ୍ନଟି ଖୁବ୍ ଉନ୍ନତ ପ୍ରଶ୍ନ । ଏଇ ସନ୍ଦର୍ଭରେ ଏକ ଜ୍ଞାତବ୍ୟ ରହସ୍ୟ ରହିଛି । ତାହା ହେଉଛି ! କର୍ମକୁ ଆଚରଣ କରୁଥାଇ ସେଥିରୁ ଆସୁଥିବା ପାପପୁଣ୍ୟକୁ ଦୂର କରିବା ମଧ୍ୟ ଯୋଗ ହୋଇଥାଏ । ଏଭଳି ଯେଉଁ ବ୍ୟକ୍ତି କରିପାରେ ସେ କର୍ମଯୋଗୀ । ଆତ୍ମସଂଯମ ଯୋଗରେ ଆତ୍ମଯୋଗୀ ବାବଦରେ ଭଗବାନ କହିଛନ୍ତି । କର୍ମଯୋଗୀ ଅପେକ୍ଷା ଆତ୍ମଯୋଗୀ ବଡ, ଏକଥାରୁ ଯୋଗୀମାନଙ୍କ ଭିତରେ ମଧ୍ୟ ବଡ ସାନ ଅଛି ବୋଲି ଜଣାଯାଉଛି । ତେଣୁ ଭଗବାନ ଗୀତାରେ କେଉଠି କେଉଁଠି କହିଛନ୍ତି ଯେ, ସମସ୍ତ **'ଯୋଗୀମାନଙ୍କ ଭିତରେ ମୋ'ପାଇଁ ଅମୁକ ଯୋଗୀ ଉତ୍ତମ, ଏଭଳି ଯେଉଁ ଯୋଗୀ ଥାଏ ତା'କୁ ମୁଁ ବଡ ବୋଲି ଭାବିଥାଏ'** ବୋଲି କହିଛନ୍ତି । ତା'ଛଡା ଆତ୍ମସଂଯମ ଯୋଗରେ ଶେଷରେ **'ଯୋଗୀମାନଙ୍କ ଭିତରେ ଯେଉଁ ଯୋଗୀ ତା'ର ଅନ୍ତରାତ୍ମାରେ ମୋତେ ଆଶ୍ରୟ କରି, ଶ୍ରଦ୍ଧା ବହି ମୋର ଆରାଧନା କରେ ସେ ଉନ୍ନତ'** ବୋଲି କହିଛନ୍ତି । ତେଣୁ ଯୋଗୀମାନଙ୍କ ଭିତରେ ମଧ୍ୟ ବଡସାନ ଅଛି ବୋଲି ଜଣାଯାଉଛି । ଏବେ କର୍ମଯୋଗୀ ଅପେକ୍ଷା ଆତ୍ମଯୋଗୀ କାହିଁକି ବଡ ସେ ବାବଦରେ ବିଚାର କରିବା ।

କର୍ମଯୋଗ ଆଚରଣ କଲେ କୌଣସି କାର୍ଯ୍ୟରୁ ମିଳୁଥିବା ପାପପୁଣ୍ୟରୁ ମୁକ୍ତ ହୋଇପାରିବା, କିନ୍ତୁ ପୂର୍ବ ଜନ୍ମରୁ ଥିବା କର୍ମ ଅର୍ଥାତ୍ ପ୍ରାରବ୍ଧକର୍ମକୁ ନିଶ୍ଚୟ ଅନୁଭବ କରିବାକୁ ହେବ । କୁମ୍ଭାରପୋକ କାଦୁଅରେ ପଶିଲେ ମଧ୍ୟ ତା'ଦେହରେ କାଦୁଅ ନଲାଗିବା ଭଳି, କର୍ମଯୋଗୀ କୌଣସି

କାର୍ଯ୍ୟ କଲେ ମଧ୍ୟ ତା'ଙ୍କୁ ପାପପୁଣ୍ୟ ସ୍ପର୍ଶ କରିନଥାଏ । ଅର୍ଥାତ୍ ଏ ଜନ୍ମରେ ଆସୁଥିବା ପାପପୁଣ୍ୟରୁ କର୍ମଯୋଗୀ ବଞ୍ଚିତ ରହିଯାଇ ପାରେ ସିନା, ଗତ ଜନ୍ମରୁ ଆସିଥିବା ପ୍ରାରବ୍ଧ କର୍ମକୁ ସେ ଅନୁଭବ କରିବାକୁ ବାଧ୍ୟ ହୋଇଥାଏ । କର୍ମଯୋଗର ଶକ୍ତି କେବଳ ସେ ଜନ୍ମ ପାଇଁ କାର୍ଯ୍ୟ କରିଥାଏ । ଗତଜନ୍ମର ପାପପୁଣ୍ୟରୁ ବଞ୍ଚିତ ହେବା ଅର୍ଥାତ୍ ସଞ୍ଚିତକର୍ମରୁ ବଞ୍ଚିତହେବା କେବଳ ଆତ୍ମଯୋଗୀ ପକ୍ଷରେ ସମ୍ଭବ ହୋଇଥାଏ । ସଞ୍ଚିତକର୍ମରୁ ହିଁ ପ୍ରାରବ୍ଧକର୍ମ ଆଣି ଏଜନ୍ମକୁ ଆସିବାକୁ ହୋଇଥାଏ । ସଞ୍ଚିତକର୍ମରୁ ପ୍ରାରବ୍ଧକର୍ମ ଆସିବା ପରେ ମଧ୍ୟ ସଞ୍ଚିତକର୍ମ ଆହୁରି ବାକିଥାଏ । କାରଣ ସଞ୍ଚିତକର୍ମ ଗୋଟିଏ ଜନ୍ମର ନୁହେଁ । ଅନେକ ଜନ୍ମରୁ ସଞ୍ଚିତ ରହି ରହି ଏ ଜନ୍ମରେ କେତେ କର୍ମ ଅନୁଭବହେବ ସେହିଅନୁସାରେ ପ୍ରାରବ୍ଧକର୍ମ ନିର୍ଣ୍ଣୀତ ହୋଇଥାଏ । ତେଣୁ କର୍ମଯୋଗୀ କେବଳ ପ୍ରାରବ୍ଧକର୍ମରୁ ବଞ୍ଚିତ ହେବାବେଳେ, ଆତ୍ମଯୋଗୀ ସଞ୍ଚିତକର୍ମରୁ ବଞ୍ଚିତ ହୋଇଥାଏ । ଆତ୍ମଯୋଗୀ ଯୋଗ ଦ୍ୱାରା ଜ୍ଞାନାଗ୍ନି ଲାଭକରି ତାର ସଞ୍ଚିତକର୍ମକୁ ବିନାଶ କରିପାରେ । ତେଣୁ ଭଗବାନ କର୍ମ ଆଚରଣ କରୁଥିବା ବ୍ୟକ୍ତି ଅପେକ୍ଷା ଯୋଗୀ ଉତ୍ତମ ବୋଲି କାହିଁକି କହିଛନ୍ତି ତାହା ବୁଝି ହୋଇଯାଏ ।

ପବିତ୍ର ମାନବଜନ୍ମକୁ ଆସିଥିବା ଜୀବମାନେ ! ତୁମମାନଙ୍କୁ ଲାଗି ରହିଥିବା ଅହମ୍ ଛାଡି, ଆଜିଯାଏ ବିଶ୍ୱାସ କରିଥିବା ମାର୍ଗକୁ ଛାଡି, ଅତ୍ୟୁନ୍ନତ  ଖୁବ୍ ଶୀଘ୍ର ଯୋଗମାର୍ଗରେ ଯାତ୍ରାକରି ପରମାତ୍ମାରେ ଲୀନ ହେବାପାଇଁ ଚେଷ୍ଟା କରନ୍ତୁ ବୋଲି ଜଣାଉଛୁ । ଆଜି ମୋ'କଥା ନଶୁଣିଲେ ନାଇଁ ସେଦିନ ଭଗବାନଙ୍କ କହିଥିବା କଥାକୁ ବିଶ୍ୱାସ କରି ଉପଯୁକ୍ତ ମାର୍ଗରେ ଯାତ୍ରା କରନ୍ତୁ ।

*****

# ମନ୍ତ୍ରଶକ୍ତି

ଆଜି ମଧ୍ୟ ଏ ଦୁନିଆରେ ଅନେକ ମାନ୍ତ୍ରୀକ (ଗୁଣିଆ) ଅଛନ୍ତି । ନିଶ୍ଚୟ ମନ୍ତ୍ରର କିଛି ପ୍ରଭାବ ରହିଛି ବୋଲି ମଧ୍ୟ ସେମାନେ ପ୍ରମାଣିତ କରି ପାରୁଛନ୍ତି । ଯୋଗୀମାନଙ୍କୁ ଦେଖି ମନ୍ତ୍ରମହିମାକୁ ବିଶ୍ୱାସ କରୁଥିବା ଲୋକମାନେ କହନ୍ତି ଯେ, ଆପଣମାନେ କରୁଥିବା ପ୍ରୟାସ ପାହାଡ ଖୋଳି ମୂଷା ଧରିବା ପ୍ରାୟ ହେଉଛି, ଅନେକ ଚେଷ୍ଟାକରି ମଧ୍ୟ ଆପଣଙ୍କୁ ଫଳ ମିଳୁନାହିଁ, ସେହି ଅଭ୍ୟାସକୁ ଆମେ କହୁଥିବା ନିୟମ ଅନୁସାରେ ଆପଣ କରି ପାରିଲେ ଖୁବ୍‌ଶୀଘ୍ର ଫଳ ପାଇପାରିବେ । ଏହିଭଳି ଫଳ ପାଇପାରିଛନ୍ତି ବୋଲି ସେମାନେ ପ୍ରମାଣ ଦେଇ ଯୋଗକୁ ତଳେ ପକାଇ, ଯୋଗଭ୍ୟାସକୁ ବେକାମୀ କରି କଥା କହୁଛନ୍ତି । ସେମାନଙ୍କ କଥା ଦ୍ୱାରା ଯୋଗ ଅଭ୍ୟାସ କରୁଥିବା ଲୋକମାନେ ମଧ୍ୟ ତାହା ବିଶ୍ୱାସ କରି ସେହିମାନଙ୍କ ମାର୍ଗକୁ ଅନୁସରଣ କରୁଛନ୍ତି । ଏ ସବୁକୁ ଅନୁଧ୍ୟାନ କଲେ ଯୋଗଶକ୍ତି ଆଉ ମନ୍ତ୍ରଶକ୍ତି ଭିତରେ କି ପାର୍ଥକ୍ୟ ରହିଛି ? ଯୋଗ କ'ଣ ? ମନ୍ତ୍ର କ'ଣ ? ନଜାଣିବା ଦ୍ୱାରା ଅନେକ ଜୀଜ୍ଞାସୁ ଏବଂ ମୋକ୍ଷାର୍ଥୀମାନେ ଯୋଗଭ୍ରଷ୍ଟ ହେଉଛନ୍ତି ବୋଲି ଜଣାଯାଉଛି । ତେଣୁ ମନ୍ତ୍ରଶକ୍ତି ବାବଦରେ ପ୍ରଥମେ କିଛି ଜାଣିବା ଦରକାର ।

କେତେଗୁଡିଏ ଇଟାକୁ ଯୋଡିଲେ ଘରଟିଏ ତିଆରି ହୋଇଥାଏ, ଏକ ଯନ୍ତ୍ର ତିଆରି କରିବାକୁ ହେଲେ କେତେଗୁଡିଏ ଲୁହାର ଉପକରଣର ଆବଶ୍ୟକ ହୋଇଥାଏ । ଏକ ପୁସ୍ତକ ତିଆରି କରିବାକୁ ହେଲେ କେତେଫର୍ଦ୍ଦ କାଗଜର ଯୋଗାଡ କରିବାକୁ ହୋଇଥାଏ । କେତେକ ଇଟାର ଏକୀକରଣକୁ ଘର କହୁଛେ, କେତେକ ଲୁହା ଖଣ୍ଡର ଏକୀକରଣକୁ ଏକ ଯନ୍ତ୍ର କହୁଛେ, କେତେଫର୍ଦ୍ଦ କାଗଜର ଏକୀକରଣକୁ ପୁସ୍ତକ କହୁଛେ । ସେହିଭଳି ଏକ କାର୍ଯ୍ୟସାଧନ ପାଇଁ ବିଭିନ୍ନ ମନ୍ତ୍ରର ଏକୀକରଣ ଆବଶ୍ୟକ ହୋଇଥାଏ । କେହି ପଚାରି ପାରନ୍ତି ଯେ, ବାହାରେ କିଛି ବସ୍ତୁକୁ ଏକତ୍ର କରି କିଛି

ତିଆରି କରି ପାରିବା ହେଲେ ମନ୍ତ୍ର ଦ୍ୱାରା କିପରି ଏକ କାର୍ଯ୍ୟ ସାଧନ କରି ପାରିବା ? ଏ ପ୍ରଶ୍ନର ସମାଧାନ ତଳେ ଦେଖନ୍ତୁ ।

ମନ୍ତ୍ର ହେଉଛି ଏକ ନିର୍ଣ୍ଣୀତ ଶକ୍ତି । ମନ୍ତ୍ର କେତେକ ଅକ୍ଷରକୁ କିମ୍ବା ଏକ ଅକ୍ଷରକୁ ନେଇ ସୃଷ୍ଟି ହୋଇଥାଏ । ମନ୍ତ୍ରର ଅକ୍ଷର ଅନୁସାରେ ମନ୍ତ୍ରର ପ୍ରଭାବ ରହିଥାଏ । ଉଦାହରଣ ସ୍ୱରୂପ 'ରଂ' ହେଉଛି ଏକ ମନ୍ତ୍ର, 'ହ୍ରୀଂ' ମଧ୍ୟ ଏକ ମନ୍ତ୍ର । ସେହିଭଳି କେତେକ ଅକ୍ଷରର ମିଳିତ ମନ୍ତ୍ର ହେଉଛି "ଶ୍ରୀଂ ହ୍ରୀଂ କ୍ଳୀଂ ଐଂ ରଂ" । ଏହିଭଳି ଅନେକ ଅକ୍ଷରର ମିଶ୍ରଣରେ ଅନେକ ମନ୍ତ୍ର ରହିଛି । ପ୍ରତ୍ୟେକ ମନ୍ତ୍ରର ଏକ ଏକ ଶକ୍ତି ପ୍ରଭାବ ରହିଛି, ସେ ଶକ୍ତି କେଉଁଭଳି ବୋଲି ଯେଉଁମାନେ ଜାଣିଥା'ନ୍ତି ସେମାନେ ସେହି ଶକ୍ତି ଅର୍ଜନକରି ତା'ସମ୍ବନ୍ଧୀୟ କାର୍ଯ୍ୟ କରିଥା'ନ୍ତି । ଏଭଳି ମନ୍ତ୍ର ଦ୍ୱାରା ପୂର୍ବେ ଅନେକ କାର୍ଯ୍ୟ ହେଉଥିଲା । ଏଠାରେ ସେମାନେ ମନ୍ତ୍ରଶକ୍ତିକୁ କିପରି ହାସଲ କରୁଥିଲେ ? ବୋଲି ପ୍ରଶ୍ନ କରିପାରିବା । ତା' ବାବଦରେ ଏକ ଉଦାହରଣ କହିବାକୁ ଗଲେ, କେତେକ ଅକ୍ଷରର ସମାହାରରେ ମାରଣମନ୍ତ୍ର ନାମକ ଏକ ମନ୍ତ୍ର ଅଛି ବୋଲି ଭାବନ୍ତୁ । ସେହି ମାରଣ ମନ୍ତ୍ର କିଛି ନିୟମ ସମ୍ବଳିତ ହୋଇ ଏକ ନିର୍ଣ୍ଣୀତ ସଂଖ୍ୟାରେ ଉଚ୍ଚାରଣ କରିବା ଦ୍ୱାରା ସେହି ମନ୍ତ୍ରର ଶକ୍ତି ଏକତ୍ରିତ ହୋଇ ତା'ର ପ୍ରଭାବକୁ ବାହ୍ୟତଃ ଦର୍ଶାଇଥାଏ । ସେହି ମନ୍ତ୍ରର ପ୍ରଭାବ ମନ୍ତ୍ର ଉଚ୍ଚାରଣ କରୁଥିବା ବ୍ୟକ୍ତି ପାଖରେ ନିଗୁଢ ଭାବରେ ରହିଥାଏ । ଏହିଭଳି ମନ୍ତ୍ରର ପ୍ରଭାବକୁ ହାସଲ କରିବାକୁ ମନ୍ତ୍ରସିଦ୍ଧି କୁହାଯାଏ, ସେହି ମନ୍ତ୍ରସିଦ୍ଧ ବ୍ୟକ୍ତି ମନ୍ତ୍ର ଉଚ୍ଚାରଣ କରି ସଂକଳ୍ପ କରିବା ଦ୍ୱାରା ଯାହାକୁ ଉଦ୍ଦେଶ୍ୟ କରି ପ୍ରୟୋଗ କରିଥାଏ ତା'ର ପ୍ରଭାବ ସେହି ବ୍ୟକ୍ତି ଉପରେ ପ୍ରସାରିତ ହୋଇ ତା'କୁ ମାରିଥାଏ । ଏହା ଏକ ଉଦାହରଣ ମାତ୍ର । ଏଭଳି ଅନେକ ମନ୍ତ୍ର ଦ୍ୱାରା ସେତେବେଳେ ଅନେକ କାର୍ଯ୍ୟ ହାସଲ କରି ପାରିଥିବା ଜଣାଯାଏ । ସେତେବେଳେ ମନ୍ତ୍ର ପ୍ରଭାବରେ ବିନିଯୋଗ କରୁଥିବା ଆୟୁଧକୁ **"ଅସ୍ତ୍ର"** କହୁଥିଲେ । ପୂର୍ବେ **'ନାଗାସ୍ତ୍ର'**, **'ବ୍ରହ୍ମାସ୍ତ୍ର'**

ଇତ୍ୟାଦି ଅନେକ ଅସ୍ତ୍ର ଥିଲା ବୋଲି ଜଣାଯାଏ । ପ୍ରତ୍ୟେକ ଅସ୍ତ୍ର ମନ୍ତ୍ର ପ୍ରଭାବଯୁକ୍ତ ହୋଇ ରହିଥାଏ । ସେହି ମନ୍ତ୍ର ପ୍ରଭାବ ଅନୁସାରେ ଫଳ ମଧ୍ୟ ରହିଥାଏ । ସବୁଠାରୁ ଅଧିକ ପ୍ରଭାବଯୁକ୍ତ ଭାବରେ **'ବ୍ରହ୍ମାସ୍ତ୍ର'** ଥିଲା ବୋଲି ଇତିହାସରୁ ଜଣାଯାଏ ।  ରାମ ବ୍ରହ୍ମାସ୍ତ୍ର ପ୍ରୟୋଗ କରିଥିଲେ, କର୍ଣ୍ଣ ଅର୍ଜୁନଙ୍କ ଉପରେ 'ନାଗାସ୍ତ୍ର' ପ୍ରୟୋଗ କରିଥିବା ଜଣାଯାଉଛି । ସେମାନେ ଧନୁରେ ଏକ ତୀର ସଂଯୋଗ କରି ସହସ୍ରମାରଣାସ୍ତ୍ର ମନ୍ତ୍ର ପଢି ପ୍ରୟୋଗ କରିବା ଦ୍ୱରା ତାହା ହଜାରେ ଜଣଙ୍କୁ ମାରି ଦେଉଥିଲା । ଏହା କିପରି ସମ୍ଭବ ବୋଲି ସନ୍ଦେହ ଆସେ, ଏହା ମନ୍ତ୍ର ପ୍ରଭାବ ଦ୍ୱାରା ହିଁ ହେଉଥିଲା,ଏଥିରେ ଆଶ୍ଚର୍ଯ୍ୟ ହେବାରେ କଣ ଅଛି !  ଅସ୍ତ୍ର ଗୋଟିଏ ହେଲେ ମଧ୍ୟ ତାହା ହଜାରେ ଜଣଙ୍କୁ ମାରି ଦେଇପାରେ ।

ପୂର୍ବ କାଳରୁ ଆଜିଯାଏଁ ଏହି ମନ୍ତ୍ରର ପ୍ରଭାବ ରହିଛି । ସାପ ବିଷ ପାଇଁ ଏକ ପ୍ରକାରର ଝାଡଣା ମନ୍ତ୍ର ଥିବା ବେଳେ, କଙ୍କଡା ବିଛାର ବିଷ ହରଣ ପାଇଁ ଏକ ପ୍ରକାରର ମନ୍ତ୍ରେ ମଧ୍ୟ ରହିଛି । ସେହିଭଳି ଭୂତ, ପ୍ରେତମାନଙ୍କ ପାଇଁ ଏକ ପ୍ରକାରର ମନ୍ତ୍ର ଥିବାବେଳେ, ମାରଣ ପାଇଁ ମଧ୍ୟ ଏକ ପ୍ରକାରର ମନ୍ତ୍ର ରହଛି । ଗୋଟିଏ ଗୋଟିଏ ମନ୍ତ୍ର ପାଇଁ ଗୋଟିଏ ଗୋଟିଏ ଆଚରଣ ରହିଥାଏ । ସେହି ଆଚରଣ ପରିଧିରେ ମନ୍ତ୍ରଟିଏ ରହିବା ବେଳେ ତାହା କାର୍ଯ୍ୟ କରିଥାଏ । ଆଚରଣ ତ୍ୟାଗ ହୋଇଗଲେ ମନ୍ତ୍ର କାର୍ଯ୍ୟ କରେନାହିଁ । ମୁଖ୍ୟତଃ ମନ୍ତ୍ର ଅକ୍ଷରଗୁଡିକର ସମାହାର ହୋଇ ନିୟମ ସମ୍ବଳିତ ହୋଇ ରହିଥାଏ, ସେହି ନିୟମଗୁଡିକ ଥିବା ପର୍ଯ୍ୟନ୍ତ ମନ୍ତ୍ରଟି ନଷ୍ଟ ନହୋଇ ରହିଥାଏ ।

ଗୋଟିଏ କୁରାଢିର ଧାର ନଷ୍ଟ ହେବା ପରେ ଯେପରି କାଠ କାଟି ପାରେ ନାହିଁ ଏବଂ ପୁନର୍ବାର କମାରଶାଳରେ ପଜାଇବା (ସାଆଣ କରିବା) ପରେ କାଠ କାଟିଥାଏ । ସେହିଭଳି ଏକ ମନ୍ତ୍ର ଏକ କାର୍ଯ୍ୟ କରିବା ପରେ

ତା'ର ଶକ୍ତି କ୍ଷୀଣ ହୋଇଥାଏ । ପୁନର୍ବାର କାର୍ଯ୍ୟ କରିବା ପାଇଁ ସେ ମନ୍ତ୍ରଟି ପୁନର୍ବାର କେତେଥର ପଢିବା ଆବଶ୍ୟକ ହୋଇଥାଏ । ନିୟମ ଅନୁସାରେ ସେହି ମନ୍ତ୍ରକୁ ନିୟମିତ ଜପିବା ଦ୍ୱାରା ପୁନଃ ଶକ୍ତିସମ୍ପନ୍ନ ହୋଇଥାଏ, ହେଲେ ସେହି ନିୟମକୁ ଲଂଘନ କରିବା ପରେ ମନ୍ତ୍ରସିଦ୍ଧି ହୋଇଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇନଥାଏ ।

ମନ୍ତ୍ରଶକ୍ତି ଦ୍ୱାରା କେତେକ ଦେବାଦେବୀଙ୍କୁ ବଶୀଭୂତ କରି ସେମାନଙ୍କ ଦ୍ୱାରା ଅନେକ କାର୍ଯ୍ୟ ମଧ୍ୟ କରାଯାଇ ପାରୁଛି । କାଳୀ ଶକ୍ତିକୁ, ବଗଳାମୁଖି ଶକ୍ତିକୁ, କାଟେରିଦେବୀ ଶକ୍ତିକୁ, ହନୁମାନ ଶକ୍ତିକୁ ମଧ୍ୟ ବଶୀଭୂତ କରିଥିବା ମାନ୍ତ୍ରିକମାନେ ଆଜି ରହିଛନ୍ତି । କିଛିକାଳ ପରେ ସେହି ଦେବାଦେବୀଙ୍କ ଦ୍ୱାରା ନିଜେ ମାନ୍ତ୍ରୀକ (ଗୁଣିଆ) ମଧ୍ୟ ବିପଦରେ ପଡିଥାଏ । ତାହା କାହିଁକି ହୁଏ ନା ! ଜଣେ ବ୍ୟକ୍ତି ଆଉ ଜଣେ ବଳବାନକୁ କାରାଗାରରେ ରଖି ତା'ଦ୍ୱରା କାର୍ଯ୍ୟ କରାଯାଉଛି ବୋଲି ଭାବିବା । ସେ ସେତେବେଳେ ଭାବୁଥିବ ଯେ, ଏ କାରାଗାରରୁ କେଉଁଦିନ ବାହାରକୁ ବାହାରିବି ! ଯେଉଁ ଦିନ ବାହାରିବି ତା'କଥା ଦେଖିବି । ଆଉ ସେ ଚୁପ୍ ନରହି ବାହାରକୁ ଆସିବା ପାଇଁ ଅନେକ ଯୋଜନା ମଧ୍ୟ କରୁଥିବ । ସେଭଳି ବଳଶାଳୀ ଦେବାଦେବୀମାନଙ୍କୁ ବଶୀଭୂତ କରି ରଖିଥିବା ବେଳେ ସେମାନେ ଗୁଣିଆର ମନ୍ତ୍ରଶକ୍ତି ଦ୍ୱାରା ବାନ୍ଧିହୋଇ ରହି ଗୁଣିଆର ନିର୍ଦ୍ଦେଶରେ କାର୍ଯ୍ୟ କରିଥା'ନ୍ତି । ତେଣୁ ସେମାନେ ସବୁବେଳେ ଚେଷ୍ଟା କରିଥା'ନ୍ତି ଯେ, ମୁଁ ତା'ଠାରୁ କେତେବେଳେ କିପରି ଏ ବନ୍ଧନରୁ ମୁକ୍ତ ହେବି । ଯେତେବେଳେ ମାନ୍ତ୍ରୀକଟି ମନ୍ତ୍ରର ନିୟମ ଲଂଘନ କରେ ସେହି ସୁଯୋଗ ନେଇ ମାନ୍ତ୍ରୀକ ଉପରେ ସେମାନଙ୍କ ପ୍ରଭାବ ଦେଖାଇ ମାନ୍ତ୍ରୀକକୁ ଦରକାର ପଡିଲେ ମରଣ ମୁଖରେ ପକାଇ ନିଜ ଇଚ୍ଛା ଅନୁସାରେ କୁଆଡେ ପଳାଇ ଯାଆନ୍ତି । କେତେକ ଦେବତାମାନେ ମାନ୍ତ୍ରୀକକୁ ନମାରି ତା'ର ଗୋଡ, ହାତ କିମ୍ବା ଶରୀରରକୁ ବେକାମି କରି ଚାଲିଯାଆନ୍ତି । ଏତେଦିନ ଧରି ମାନ୍ତ୍ରୀକ

ସେମାନଙ୍କୁ ନିଜ ଇଚ୍ଛାରେ ଖଟାଉଥିବା ବେଳେ ବଶୀଭୂତ ଦେବତାମାନେ, ଦେବୀମାନେ ମାନ୍ତ୍ରୀକ ଉପରେ ଦ୍ୱେଷଭାବ ରଖିଥା'ନ୍ତି । ମାନ୍ତ୍ରୀକଟି ଆଉ କେବେ ସେମାନଙ୍କୁ କେବେ ବଶୀଭୂତ ନକରୁ ବୋଲି ସେମାନଙ୍କୁ ମାରି ଦେଇଥା'ନ୍ତି କିମ୍ବା ଗୋଡ ହାତ ଇତ୍ୟାଦି ଅଙ୍ଗବୈକଲ୍ୟ କରିଦେଇଥା'ନ୍ତି । ତେଣୁ ଜଣାଯାଉଛି ଯେ, ଦେବାଦେବୀମାନଙ୍କୁ ବଶୀଭୂତ କରି ସେମାନଙ୍କ ଦ୍ୱାରା ନାନାକାର୍ଯ୍ୟ କରାଇବା ବଡ କୁକାର୍ଯ୍ୟ ହୋଇଥାଏ, ସେମାନଙ୍କୁ ବଶୀଭୂତ କରାଇ ନାନା କାର୍ଯ୍ୟ କରାଇ ପାରିଲେ ମଧ୍ୟ ଶେଷରେ ଦିନେ ସେଇମାନଙ୍କ ଦ୍ୱରା ଅନିଷ୍ଟ ଘଟିଥାଏ ।

ମନ୍ତ୍ରଗୁଡିକ ଶିଖିବା ଦ୍ୱାରା ତାତ୍କାଳିକ ଫଳ ମିଳିଥାଏ ଏବଂ ମନ୍ତ୍ର ଦ୍ୱାରା ନଷ୍ଟ ମଧ୍ୟ ଘଟିଥାଏ । ମନ୍ତ୍ର ଦ୍ୱାରା ସ୍ଥୁଳଚକ୍ଷୁକୁ ବିଶ୍ୱାସ କରି ହେଉଥିବା କଙ୍କଡାବିଛା କାମୁଡିବା, ସାପ କାମୁଡିବା ଭଳି କେତୋଟି କାର୍ଯ୍ୟ କରିବା ଭୂଲ୍ ନୁହେଁ । ଆଜି ମଧ୍ୟ ଛୋଟ ଛୋଟ ମନ୍ତ୍ର ଶିଖିଥିବା ମାନ୍ତ୍ରୀକମାନେ କେଉଁଠି କେମିତି ଦେଖିବାକୁ ମିଳିଥା'ନ୍ତି ସିନା, ବଡବଡ ମାନ୍ତ୍ରିକମାନେ ସେତେବେଳ ଭଳି ଆଉ ନାହାନ୍ତି । ଅତି ଛୋଟ ମନ୍ତ୍ରକୁ ବହୁ କଷ୍ଟରେ ଶିଖି ଆମଠାରୁ ବଡ ଆଉ କେହି ନାହାନ୍ତି ବୋଲି କହୁଥିବା ମାନ୍ତ୍ରୀକମାନେ ବା ଗୁଣିଆମାନେ ମଧ୍ୟ ଅଛନ୍ତି । କ୍ଷୁଦ୍ର ଦେବାଦେବୀମାନଙ୍କୁ ବଶୀଭୂତ କରି ସେମାନଙ୍କ ଦ୍ୱାରା ଆଖିକୁ ଦେଖାଯାଉ ନଥିବା ବସ୍ତୁଗୁଡିକ ଅମୁକ ସ୍ଥାନରେ ଅଛି ବୋଲି ମଧ୍ୟ କେତେକ କହି ପାରନ୍ତି, ଏନେଇ ସେମାନଙ୍କର ଜ୍ଞାନ ଅଛି ବୋଲି ବିଶ୍ୱାସ କରାଯାଇ ପାରେ ନାହିଁ । କର୍ଣ୍ଣପିଶାଚକୁ ପଚାରି କେଉଁଠାରେ ଘଟିଥିବା ବିଷୟଗୁଡିକ ତା'ଦ୍ୱାରା ଜାଣି ସେଠାରେ ଏଭଳି ଘଟିଥିଲା ବୋଲି କହି ପାରୁଥିବା ମାନ୍ତ୍ରିକ କ'ଣ ଜ୍ୟୋତିଷ୍ୟ? ମନ୍ତ୍ର ପ୍ରୟୋଗ କରି (ଗୁଣିକରି) ଜଣେ ଲୋକକୁ ମାରିଦେଇ କିମ୍ବା ଅଙ୍ଗ ବିକଳାଙ୍କ କରି, ମୁଁ ଏମିତି କରିପାରେ ବୋଲି ଅଭିଷାପ ଦେଉଥିବା ମହର୍ଷି ଭଳି ନିଜକୁ ନିଜେ ଗର୍ବ କରିପାରୁଥିଲେ କ'ଣ ସେ ଗୁଣିଆକୁ ମହର୍ଷି କହିବା? ସେମାନେ କେବେ ମଧ୍ୟ ସେଭଳି ହୋଇପାରିବେ ନାହିଁ ।

ମନ୍ତ୍ର ଶିଖି କୀର୍ତ୍ତି ଲାଭକରି ତା'ର ଫଳାଫଳ ଯାହା ତାହା ଯୋଗଭ୍ୟାସୀକୁ ଦେଖାଇବା ବେଳେ, ତାହା ଦେଖି ଯୋଗଭ୍ୟାସୀମାନେ ଅଜ୍ଞାନ ବଶତଃ ମନ୍ତ୍ର ପ୍ରଭାବକୁ ଜାଣିନ ପାରି, ଏତେଦିନ ଧରି ଯୋଗ ଅଭ୍ୟାସ ଦ୍ୱାରା ଏମାନଙ୍କ ଭଳି ଗୋଟିଏ କଙ୍କଡାବିଛାର ବିଷକୁ ଝାଡି ପାରୁ ନାହିଁ,ତେଣୁ ଏଇମାନେ ହିଁ ମୋ ଠାରୁ ବଡ ବୋଲି ଭାବୁଛନ୍ତି । ଆମଠାରୁ ଏମାନେ ଉନ୍ନତ ବୋଲି ଭାବି ସେମାନେ ମାନ୍ତ୍ରୀକମାନଙ୍କ ଆଶ୍ରୟ ମଧ୍ୟ ନେଇଥା'ନ୍ତି, କିନ୍ତୁ ଜ୍ଞାନ ଦ୍ୱାରା ଯୋଗ ଆଉ ମନ୍ତ୍ରର ଭେଦ ଜାଣିଥିବା ଲୋକମାନେ ସେମାନଙ୍କ ଆଶ୍ରୟ ନେଇ ନଥା'ନ୍ତି । କାରଣ ! ମନ୍ତ୍ରଗୁଡିକ ବିଭିନ୍ନ ଆଚରଣ ସମ୍ବଳିତ ହୋଇଥାଏ, ଶୋଚନୀୟ ବିକୃତ ନୈବେଦ୍ୟ ଦେଇ ଅନେକ ନିୟମ ଅନୁସାରେ ହାସଲ କରାଯାଇଥାଏ ମନ୍ତ୍ର, କିନ୍ତୁ ଯୋଗରେ ସେଭଳି କିଛି ହୋଇନଥାଏ । ମନ୍ତ୍ର ଦ୍ୱାରା ଦେବାଦେବୀମାନେ ବଶୀଭୂତ ହୋଇ କାର୍ଯ୍ୟକଲେ ମଧ୍ୟ ମାନ୍ତ୍ରୀକ ଉପରେ ସେମାନଙ୍କର ଦ୍ୱେଷଭାବ ରହିଥାଏ । ଯୋଗ ଦ୍ୱାରା ଦେବାଦେବୀମାନେ ବଶୀଭୂତ ହୁଅନ୍ତି ନାହିଁ, ସେମାନେ ଯୋଗୀ ନିକଟରେ ବିନୟ ଭାବ ନେଇ ବିଚରଣ କରିଥା'ନ୍ତି । କୌଣସି ମନ୍ତ୍ର ପ୍ରୟୋଗ ଯୋଗୀର କୌଣସି କ୍ଷତି କରିପାରି ନଥାଏ । ଜଣେ ଯୋଗୀ ମାନ୍ତ୍ରୀକମାନଙ୍କର କାର୍ଯ୍ୟ ଠିକ୍ ନୁହେଁ ବୋଲି କହିବା ବେଳେ ମାନ୍ତ୍ରୀକମାନେ ତା'କୁ ମନ୍ତ୍ର ପ୍ରୟୋଗ କଲେ ମଧ୍ୟ ଯୋଗୀର କୌଣସି କ୍ଷତି ଘଟିନଥାଏ । କାରଣ ! ମନ୍ତ୍ରବଳ ଅପେକ୍ଷା ଯୋଗବଳ ମହାନ । ଜଣେ ଯୋଗୀ ଦ୍ୱାରା ଜଣେ ମାନ୍ତ୍ରୀକର ମନ୍ତ୍ରଶକ୍ତି ନଷ୍ଟ ହୋଇଯାଇଥାଏ । କୌଣସି ମାନ୍ତ୍ରୀକ ଜଣେ ଯୋଗୀ ନିକଟକୁ ମନ୍ତ୍ର ପ୍ରୟୋଗ ଦ୍ୱାରା ଦେବାଦେବୀମାନଙ୍କୁ ପଠାଇଲେ ଯୋଗୀର ଜ୍ଞାନାଗ୍ନି ଦ୍ୱାରା ସେମାନେ ଜଳିଯାଇଥାନ୍ତି କିମ୍ବା ଜ୍ଞାନାଗ୍ନି ଉତ୍ତାପରେ ସେମାନେ ପଳାଇଯାଇଥାନ୍ତି । ପୂର୍ବେ ମନ୍ତ୍ରବଳ ମଧ୍ୟ ଯୋଗୀର କୌଣସି କ୍ଷତି କରିପାରୁ ନଥିଲା । ମନ୍ତ୍ରଯୁକ୍ତ ଅସ୍ତ୍ର ମଧ୍ୟ ଯୋଗୀର କୌଣସି କ୍ଷତି କରିପାରୁ

ନଥିଲା । ସବୁଠାରୁ ବଳଶାଳୀ ବ୍ରହ୍ମସ୍ତ୍ର ବଶିଷ୍ଠଙ୍କ ଉପରକୁ ପ୍ରୟୋଗ କରାଯିବା ଏବଂ ବ୍ରହ୍ମାସ୍ତ୍ର ବଶିଷ୍ଠଙ୍କ ପାଖକୁ ଆସି ତାଙ୍କଠାରେ ଲୀନ ହୋଇଥିବା ଜଣାଯାଏ । ଯଜାତିରାଜ ପାଇଁ ଦିନେ ରାମ ଆଞ୍ଜନେୟଙ୍କ ଯୁଦ୍ଧ ସମୟରେ ରାମ ପ୍ରୟୋଗ କରିଥିବା ବ୍ରହ୍ମସ୍ତ୍ର ମଧ୍ୟ ଆଞ୍ଜନେୟଙ୍କର କିଛି କ୍ଷତି ନକରି ତାଙ୍କ ଯୋଗଶକ୍ତିରେ ବାନ୍ଧିହୋଇ ବ୍ରହ୍ମସ୍ତ୍ରଟି ଫୁଲମାଳ ହୋଇ ତାଙ୍କ ଗଳାରେ ଝୁଲିଥିବା ବିଷୟ ରାମାୟଣରୁ ଜଣାଯାଏ । ସବୁ ଶକ୍ତିଠାରୁ ମହାନ ଶକ୍ତି ହୋଇ ଯୋଗଶକ୍ତି ରହିଥାଏ । ତେଣୁ ତା’ଆଗରେ କୌଣସି ଶକ୍ତି କାର୍ଯ୍ୟ କରିନଥାଏ । ଜ୍ଞାନଶକ୍ତିଠାରୁ ପବିତ୍ର ଏବଂ ତା’ର ସମକକ୍ଷ ଶକ୍ତି ଏ ପ୍ରପଞ୍ଚରେ ନାହିଁ । ତେଣୁ ଭଗବଦ୍ଗୀତାରେ ଭଗବାନ ଜ୍ଞାନଯୋଗରେ କହିଛନ୍ତି ଯେ, **“ନ ହି ଜ୍ଞାନେନ ସଦୃଶଂ ପବିତ୍ରମିହ ବିଦ୍ୟତେ”** ଅର୍ଥାତ୍ ଜ୍ଞାନଠାରୁ ବଳି ଆଉ କିଛି ପବିତ୍ର ଜିନଷ ଏ ସଂସାରରେ ନାହିଁ । ତେଣୁ ମନ୍ତ୍ର, ଯନ୍ତ୍ର, ତନ୍ତ୍ର, ଗଜକର୍ଣ୍ଣ, ଇନ୍ଦ୍ରଜାଲ, ମହେନ୍ଦ୍ରଜାଲବିଦ୍ୟା ଏବଂ ଯକ୍ଷ, ରାକ୍ଷସ, କିନ୍ନର, ଗରୁଡ, ଗନ୍ଧର୍ବ, ନାଗ, ଭୂତ ପ୍ରେତ, ପିଶାଚ ସମସ୍ତେ ଜ୍ଞାନଠାରୁ ହୀନ ଅଟନ୍ତି । ସବୁଠାରୁ ଅଗ୍ର ସ୍ଥାନରେ ସର୍ବଦା ପରମାତ୍ମା ଜ୍ଞାନ ବା ଆତ୍ମଜ୍ଞାନ ଥାଏ । ଆତ୍ମଜ୍ଞାନ ପ୍ରାପ୍ତ ହୋଇଥିବା ବ୍ୟକ୍ତି ଦୁନିଆରେ କୌଣସି ଶକ୍ତିକୁ ଭୟ କରେ ନାହିଁ, ଭୟ ଏବଂ ମନୋବ୍ୟାକୁଳିତ ନହୋଇ ନିଶ୍ଚଳଭାବରେ ପରମାତ୍ମାଙ୍କର ସବୁବେଳେ ପ୍ରିୟପାତ୍ରହୋଇ ରହିଥାଏ । ତେଣୁ ଭଗବାନ ଭକ୍ତିଯୋଗରେ ମଧ୍ୟ କହିଛନ୍ତି । **“ଯସ୍ମାନୋ ବିଦ୍ୟତେ ଲୋକଲୋକାନ୍ନୋ ଦ୍ୱିଦତେଚୟଃ ହର୍ଷମର୍ଷ ଭୟୋଦ୍ୱେର୍ଗୈମୁକ୍ତୋ ଯସଚମେ ପ୍ରିୟଃ” । ଯାହାପାଇଁ କେହି ଅସୁବିଧାରେ ପଡନ୍ତି ନାହିଁ ଏବଂ ଯେ, ଆଦୌ କୌଣସି ପରିସ୍ଥିତିରେ ବିଚଳିତ ହୋଇଯାଏ ନାହିଁ, ସେ ସୁଖ ଦୁଃଖ ସବୁଅବସ୍ଥାରେ ସମଭାବପନ୍ନ, ସେ ମୋର ଅତି ପ୍ରିୟ ।** ତେଣୁ ଯେ ଜ୍ଞାନୀ ସେ ମନ୍ତ୍ରତନ୍ତ୍ରକୁ ଗୁଣିଗାରିଡିକୁ ଆଶ୍ରୟ ନକରି କେବଳ ଯୋଗଶକ୍ତିକୁ ଅର୍ଜନ କରିଥା’ନ୍ତି ।

ଆଜି କେତେକ ମନ୍ତ୍ରକୁ ଆଶ୍ରୟ କରି, କ୍ଷୁଦ୍ର ଦେବତାମାନଙ୍କୁ ଆରାଧନା କରି, ନିଜକୁ ପ୍ରକୃତ ଭକ୍ତ ଭାବି, ଆମଠାରୁ ବଡ ଜ୍ଞାନୀ କେହି ନାହାନ୍ତି ବୋଲି ଭାବିଥା'ନ୍ତି । ମନ୍ତ୍ର ଏବଂ ଯୋଗର ଭେଦଭାବ ଜାଣିଗଲେ, କ'ଣ ଠିକ୍, କ'ଣ ଭୂଲ୍ ତାହା ଜାଣିହେବ । କେତେକ ମାନ୍ତ୍ରିକମାନଙ୍କୁ ନିନ୍ଦା କରିଥା'ନ୍ତି । ଯୋଗୀମାନେ ସାଧାରଣତଃ କିଏ କ'ଣ କଲେ ମଧ୍ୟ କିଛି କହି ନଥା'ନ୍ତି । ଯଦି ସେମାନେ ରାଗିଯାଆନ୍ତି, ତାଙ୍କର ଜ୍ଞାନନେତ୍ର ପଡିବା ମାତ୍ରେ ଗୁଣିଆର ମନ୍ତ୍ର ଶକ୍ତି ଭସ୍ମିଭୂତ ହୋଇଯାଏ । ତେଣୁ ମାନ୍ତ୍ରୀକମାନେ ମଧ୍ୟ ସେମାନଙ୍କର ଏ କାର୍ଯ୍ୟ ଛାଡି ପରମାତ୍ମାଙ୍କୁ ଆଶ୍ରୟ କରି ମୁକ୍ତିମାର୍ଗ ଖୋଜିବା ଦରକାର । ମନ୍ତ୍ରସାଧନା ଅପେକ୍ଷା ଯୋଗସାଧନା ମହାନ । ମନ୍ତ୍ର ସାଧନା ଦ୍ୱାରା ନାଆଁ କମାଇ ହେବ, ସମ୍ମାନ ଅର୍ଜନ କରିହେବ, ଯଶ ଗୌରବ ମିଳିପାରିବ ସିନା ମୋକ୍ଷ ମିଳିବ ନାହିଁ । ତେଣୁ ପରମାତ୍ମାଜ୍ଞାନ ବା ଆତ୍ମଜ୍ଞାନ ମିଳୁଥିବା ଗୁରୁଙ୍କ ସ୍ଥାନଙ୍କୁ ଯାଇ ଦୈବଜ୍ଞାନ ଅର୍ଜନ କରନ୍ତୁ ବୋଲି ଆଶା କରୁଛୁ ।

*****

# ଗ୍ରହ – ବିଗ୍ରହ

ଜନ୍ମିତ ସମସ୍ତ ଜୀବ ଦିନେ ନିଶ୍ଚୟ ମୃତ୍ୟୁବରଣ କରିବେ । ଜୀବ ଶରୀର ଛାଡି ଚାଲିଯିବା ସ୍ଥିତିକୁ ମରଣ ବା ମୃତ୍ୟୁ କୁହାଯାଏ ମୃତ୍ୟୁ କର୍ମକୁ ଅନୁସରଣ କରି ମୁଖ୍ୟତଃ ଦୁଇ ପ୍ରକାରର ଥାଏ । **ପ୍ରଥମଟି କାଳ ମରଣ ଏବଂ ଦ୍ୱିତୀୟଟି ହେଲା ଅକାଳ ମରଣ । କାଳ ଜୀବର ସମସ୍ତ କର୍ମ (ପ୍ରାରବ୍ଧକର୍ମ) ଶେଷ ହେଲେ ବା ଜୀବର ବଞ୍ଚିବାକୁ ଥିବା ଆୟୁଷ ଶେଷ ହୋଇଗଲେ ଆସିଥାଏ । ଅକାଳ ମରଣ ଜୀବ ବଞ୍ଚିବାକୁ ଥିବା ଅୟୁଷ ଶେଷହେବା ଆଗରୁ ଆସିଥାଏ ।**

କାଳମରଣରେ ଜୀବ ତା'ର ସ୍ଥୁଳ ଏବଂ ସୂକ୍ଷ୍ମଶରୀର ଦୁଇଟିକୁ ଛାଡି ଚାଲିଯାଇଥାଏ । ଅକାଳମରଣରେ ଜୀବ କେବଳ ତା'ର ସ୍ଥୁଳଶରୀରକୁ ଛାଡି ସୂକ୍ଷ୍ମଶରୀରରେ ରହିଥାଏ । ଯେଉଁମାନଙ୍କର ଅକାଳମରଣ ହୋଇଥାଏ ସେମାନେ ସେମାନଙ୍କର କାଳମରଣ ଆସିବା ପର୍ଯ୍ୟନ୍ତ ସୂକ୍ଷ୍ମଶରୀରରେ ରହି, କାଳମରଣ ହେବାବେଳେ ସେତବେଳଯାଏ ଥିବା ସୂକ୍ଷ୍ମଶରୀରକୁ ମଧ୍ୟ ଛାଡି ଅନ୍ୟଏକ ଜନ୍ମକୁ ଚାଲିଯାଇଥା'ନ୍ତି ଅର୍ଥାତ୍ ଅନ୍ୟ ଏକ ଶରୀର ଧାରଣ କରିଥା'ନ୍ତି । ତେଣୁ ଭଗବଦ୍ଗୀତାର ସାଂଖ୍ୟଯୋଗରେ **"ଦେହୀ (ଜୀବ) ଦେହ ଧାରଣ କରି ସେଥିରେ ବାଲ୍ୟ, ଯୌବନ, କୌମାର ଏବଂ ବାର୍ଦ୍ଧକ୍ୟ ସ୍ଥିତିକୁ ପାଇବା ଭଳି ଦିନେ ମୃତ୍ୟୁବରଣ ମଧ୍ୟ କରିଥାଏ । ତା'ର ମୃତ୍ୟୁ ହେବା ପରେ ସେ ଏକ ନୂତନ ଶରୀର ଧାରଣ କରିଥାଏ"** ବୋଲି ପରମାତ୍ମା କହିଛନ୍ତି ।

ଅନେକ ଲୋକ ଭାବୁଥିବେ ଯେ, ଅକାଳମରଣ କାହିଁକି ରହିଛି ? ଅକାଳମରଣ ପରେ କାଳମରଣ ପର୍ଯ୍ୟନ୍ତ ଜୀବ କ'ଣ କରିଥାଏ ? ସେମାନଙ୍କର ଭାବନା ଏବଂ ସନ୍ଦେହ ଅନୁସାରେ ତାହାର ସମାଧାନ ହେଉଛି ! ଜୀବ ପାପ ଏବଂ ପୁଣ୍ୟ ଅର୍ଜନ କରିଥାଏ । ତାହାକୁ ହିଁ କର୍ମ କୁହାଯାଏ, ସେହି କର୍ମ ଦୁଇ ପ୍ରକାରର, ଗୋଟିଏ ହେଲା ମାନସିକ କର୍ମ ଏବଂ ଅନ୍ୟଟି ହେଲା ଶାରୀରିକ କର୍ମ । ମାନସିକ କର୍ମ କହିଲେ ଜୀବ ଶରୀରର ସମ୍ପର୍କ ନଥାଇ କେବଳ ମନ ଦ୍ୱାରା ଯାହା ଅନୁଭବ କରିଥାଏ । ଶାରୀରିକ କର୍ମ କହିଲେ ଜୀବ ଶରୀର ଦ୍ୱାରା ଯାହା କରିଥାଏ ଏବଂ ଅନୁଭବ କରିଥାଏ । ଆଉଟିକିଏ ଅଧିକ ଜାଣିବାକୁ ଚାହିଁଲେ ମାନସିକ କର୍ମ କହିଲେ ଜୀବ ସୂକ୍ଷ୍ମଶରୀର ଦ୍ୱାରା ଯାହା ଅନୁଭବ କରିଥାଏ, ଶାରୀରିକ କର୍ମ କହିଲେ ଜୀବ ଯାହା ସ୍ଥୁଳ ଶରୀରରେ ଅନୁଭବ କରିଥାଏ । ଏହି ଦୁଇଟି କର୍ମ ପାଖାପାଖି ସମାନ ରହିବା ବେଳେ, ଦୁଇଟିଯାକ ଅନୁଭବ କରିବାକୁ ଯାଇ ପ୍ରାରବ୍ଧ ଶେଷହେବା କ୍ଷଣରେ କାଳ ମରଣ ପ୍ରାପ୍ତ ହୋଇଥାଏ । ତା'

ନ ହୋଇ ଶାରୀରିକ କର୍ମ କମ୍ ଥାଇ ମାନସିକ କର୍ମ ଅଧିକ ରହିଥିବା ବେଳେ, ପ୍ରାରବ୍ଧର ଶାରୀରିକ କର୍ମ ପ୍ରଥମେ ଶେଷ ହୋଇ କେବଳ ମାନସିକ କର୍ମ ବଳକା ରହିଥାଏ । ଶାରୀରିକ କର୍ମ ଯେତେବେଳେ ଶେଷ ହୋଇଯାଏ ସେତେବେଳେ ସ୍ଥୁଳଶରୀରର ଆଉ କାର୍ଯ୍ୟ ନଥାଏ । ତେଣୁ ସେତେବେଳେ କୌଣସି କାରଣରୁ ସ୍ଥୁଳଶରୀର ମୃତ୍ୟୁବରଣ କରେ, ତାହା ଅକାଳମୃତ୍ୟୁ ହୁଏ ଏବଂ ସୂକ୍ଷ୍ମଶରୀର ବଳକା ରହିଯାଏ ବଳକା ଥିବା ସୂକ୍ଷ୍ମଶରୀର ଦ୍ୱାରା ବାକିଥିବା ସୂକ୍ଷ୍ମକର୍ମକୁ ଜୀବ ଅନୁଭବ କରିଥାଏ । କୁହାଯାଉଥିବା ପାପପୁଣ୍ୟ ବା କର୍ମ ଶାରୀରିକ, ମାନସିକ ଭେଦରେ ଦୁଇ ପ୍ରକାରର ଥିବାରୁ ଦୁଇ ପ୍ରକାରର ମରଣକୁ ଈଶ୍ୱର ଦୁନିଆରେ ରଖିଛନ୍ତି । ଜୀବ ସ୍ଥୁଳଶରୀରରେ ଥିବାବେଳେ ମଣିଷ ବଞ୍ଚିଛି ବୋଲି କହନ୍ତି । ସ୍ଥୁଳଶରୀର ଛାଡି ଚାଲିଯିବା ବେଳେ ସେ ମରିଗଲା ବା ତା'ର ମୃତ୍ୟୁ ହୋଇଗଲା ବୋଲି କହନ୍ତି । ହେଲେ ସେ ମରଣ କାଳମରଣ ? କି ଅକାଳମରଣ ? ବୋଲି ଚିହ୍ନିବା ସହଜ ହୋଇନଥାଏ । ସେହିଭଳି ଅନେକ ଲୋକ ମୃତ୍ୟୁବରଣ କରୁଥିବା ଆମେ ଦେଖୁଛେ । ଜୀବ କାଳମରଣ ପ୍ରାପ୍ତ ହେଲା କି ଅକାଳମରଣ ପ୍ରାପ୍ତ ହେଲା ତାହା ଆମେ ଜାଣିପାରୁ ନାହେଁ । ଜୀବ ଅକାଳମରଣ ପରେ ତା'ର କେବଳ ସୂକ୍ଷ୍ମଶରୀର ବଳକା ଥାଏ । ତା'ର ରୂପ କିପରି ଥାଏ ବୋଲି ଚିନ୍ତାକଲେ ଆଗରୁ ସୂକ୍ଷ୍ମଶରୀର ଯେଉଁ ସ୍ଥୁଳଶରୀରରେ ମିଶିକରି ରହିଥାଏ ସେହି ରୂପକୁ ସେ ସୂକ୍ଷ୍ମଶରୀର ଭାବରେ ପାଇଥାଏ । କିନ୍ତୁ ସୂକ୍ଷ୍ମଶରୀରର ଆଉ କୌଣସି ନୂଆ ନାମ ନଥାଏ । ତେଣୁ ସେହି ସୂକ୍ଷ୍ମ ଶରୀରରକୁ 'ଗ୍ରହ' କୁହାଯାଏ । ଗ୍ରହକୁ କେତେକ ପ୍ରେତ କହନ୍ତି, କେତେକ ଭୂତ ମଧ୍ୟ କହିଥା'ନ୍ତି । ଭୂତ, ପ୍ରେତାଦି ନାମରେ ଯେଉଁମାନଙ୍କୁ ମଣିଷ ଭାବିଥାଏ ତାହା ହିଁ ସୂକ୍ଷ୍ମଶରୀର ହୋଇଥିବା ଗ୍ରହ । ଜୀବ ଅକାଳମରଣରେ ସ୍ଥୁଳଶରୀରକୁ ଥରେ ଛାଡିଯିବା ପରେ ଆଉଥରେ ସେହି ଶରୀରରେ କଦାପି ପ୍ରବେଶ କରିପାରେ ନାହିଁ । ତା'ଛଡା ମୃତ୍ୟୁବରଣ

କରିଥିବା ଆଉ କୌଣସି ଅନ୍ୟ ଶରୀରରେ ମଧ୍ୟ ପ୍ରବେଶ କରିପାରେ ନାହିଁ, କିନ୍ତୁ ବଞ୍ଚିଥିବା କୌଣସି ସ୍ଥୁଳ ଶରୀରରେ ପ୍ରବେଶ କରିପାରେ, ତେଣୁ କେତେବେଳେ କେଉଁଠି ସୂକ୍ଷ୍ମରୂପୀମାନେ ବଞ୍ଚିଥିବା ଶରୀରରେ ପ୍ରବେଶ କରି କଥାବାର୍ତ୍ତା କରୁଥିବା ଦେଖିବାକୁ ମିଳେ । ଏଇଠାରେ କେତେକ ଭାବି ପାରନ୍ତି ଯେ, ଗୋଟିଏ ବଞ୍ଚିଥିବା ଶରୀରରେ ତ ଗୋଟିଏ ସୂକ୍ଷ୍ମଶରୀର ଥାଏ, ସେତେବେଳେ ସେ ଶରୀରରେ ଆଉ ଗୋଟିଏ ସୂକ୍ଷ୍ମଶରୀର କିପରି ପ୍ରବେଶ କରେ ? ବଞ୍ଚିଥିବା ଶରୀରର ସୂକ୍ଷ୍ମଶରୀର ସେତେବେଳେ କୁଆଡେ ଯାଏ ? ଏହି ପ୍ରଶ୍ନର ସମାଧାନ ହେଉଛି ! ସୂର୍ଯ୍ୟକିରଣ କାଚ ଦେହରେ ପ୍ରବେଶ କରି ଯେପରି ଅପର ପାର୍ଶ୍ୱକୁ ଯାଏ ଠିକ୍ ସେହିପରି ସୂକ୍ଷ୍ମଶରୀର ଅନ୍ୟଏକ ଶରୀରରେ ପ୍ରବେଶ କରିଥାଏ । ସେତେବେଳେ ଅନ୍ୟ ଶରୀରରେ ଥିବା ସୂକ୍ଷ୍ମଶରୀର ନିଦ୍ରାବସ୍ଥାକୁ ଗତି କରିଥାଏ । ତେଣୁ ଅନ୍ୟ ଶରୀରର ସୂକ୍ଷ୍ମଶରୀର ତା'ଠାରେ ପ୍ରବେଶ କରିଛି ବୋଲି ସେ ଜୀବ ଜାଣିପାରି ନଥାଏ । ଘୋଡା ଉପରେ ଚଢି ଯେମିତି ଜଣେ ଲୋକ ନିଜ ଇଚ୍ଛା ଅନୁସାରେ ଘୋଡାକୁ ପରିଚାଳିତ କରିଥାଏ । ସୂକ୍ଷ୍ମଶରୀର ସେହିଭଳି ଅନ୍ୟର ସ୍ଥୁଳ ଶରୀରକୁ ନିଜର ଇଚ୍ଛା ମୁତାବକ ପରିଚାଳିତ କରିଥାଏ । ପାନ ଖାଉନଥିବା ଲୋକଠାରେ ଗୋଟିଏ ପାନଖିଆ ଅଭ୍ୟାସ ଥିବା ସୂକ୍ଷ୍ମଶରୀର ଯଦି ପ୍ରବେଶ କରେ, ତେବେ ସେ ଲୋକଟି ପାନ ଖାଇଥାଏ । ତେଲୁଗୁ ଭାଷା ଜଣା ନଥିବା ଜଣେ ଓଡିଆ ଦେହରେ ପ୍ରବେଶ କରିଥିବା ତେଲୁଗୁ ସୂକ୍ଷ୍ମରୂପୀ ତେଲୁଗୁ ଭାଷାରେ କଥାବାର୍ତ୍ତା କରିଥାଏ । ଗୀତ ଗାଉନଥିବା ଜଣେ ବ୍ୟକ୍ତିଠାରେ ଗୋଟିଏ ଗୀତଗାଇବା ଅଭ୍ୟାସ ଥିବା ସୂକ୍ଷ୍ମରୂପୀ ପ୍ରବେଶ କରି ଗୀତ ଗାଇଥାଏ । ଇରାଂଜୀ ଭାଷା ଜଣା ନଥିବା ବ୍ୟକ୍ତିଠାରେ ପ୍ରବେଶ କରିଥିବା ସୂକ୍ଷ୍ମଗ୍ରହ ଇଂରାଜୀ ଭାଷାରେ କଥା କହିଥାଏ । ସେହି ପ୍ରକାରରେ ଗୋଟିଏ ସ୍ଥୁଳଦେହ ଛାଡି ଚାଲିଯାଇଥିବା ଜୀବ ସୂକ୍ଷ୍ମ ଦେହରେ ଅନ୍ୟ ଏକ ଶରୀରରେ ପ୍ରବେଶ କଲାବେଳେ ସେ ପୂର୍ବେ ଥିବା ସ୍ଥୁଳ ଶରୀରରେ ଯାହାସବୁ କରିଥିଲା ସେହିଭଳି କାର୍ଯ୍ୟସବୁ କରିଥାଏ ।

ଏ ଦୁନିଆରେ ଅନେକ ଲୋକେ ଅକାଳମୃତ୍ୟୁ ପ୍ରାପ୍ତହୋଇ ଗ୍ରହ ଭାବରେ ରହିଥା'ନ୍ତି । ସମସ୍ତେ କୌଣସି ସ୍ଥୁଳଦେହରେ ପ୍ରବେଶ ନକରି ମାତ୍ର କେତେଜଣ ପ୍ରବେଶ କରିଥା'ନ୍ତି । ଏଠାରେ ଥିବା ଆଉ ଏକ ରହସ୍ୟ ହେଉଛି ! ସୂକ୍ଷ୍ମଶରୀର କେବଳ ମାନବଜାତିର ହୋଇଥିବା ବେଳେ, କେବଳ ମାନବଜାତିର ଶରୀରରେ ପ୍ରବେଶ କରିବା ଛଡା ଅନ୍ୟ ଜୀବରାଶିଙ୍କ ଶରୀରରେ ମଧ୍ୟ ପ୍ରବେଶ କରିପାରେ । ମାନବଠାରେ ମାନବ ଗ୍ରହ ପ୍ରବେଶ କଲାବେଳେ ମାନବ କଥାକହିବା ଭଳି କହିଥାଏ । ମଣିଷଠାରେ ସାପ ଜାତିର ସୂକ୍ଷ୍ମ ପ୍ରବେଶ କଲାବେଳେ ସେ ମଣିଷ ସାପ ଭଳି ହୋଇଥାଏ, କିଛି କଥା କହିପାରେ ନାହିଁ । କୁକୁରର ସୂକ୍ଷ୍ମଶରୀର ପ୍ରବେଶ କଲାବେଳେ ମଣିଷ କୁକୁର ଭଳି ହୋଇଥାଏ । ଏସବୁ ଦେଖିଲେ କେବଳ ମାନବର ସୂକ୍ଷ୍ମଶରୀର ବ୍ୟତୀତ ନାନା ଜାତିର ସୂକ୍ଷ୍ମଶରୀରଗୁଡିଏ ମଧ୍ୟ ଏ ପ୍ରପଞ୍ଚରେ ଅଛନ୍ତି ବୋଲି ଜଣାପଡେ । ସୂକ୍ଷ୍ମ ଜ୍ଞାନ ଦୃଷ୍ଟିରେ ଦେଖିଲେ ଏ ଦୃଶ୍ୟ ଜଗତ ଛଡା ଅନ୍ୟ ଏକ ସୂକ୍ଷ୍ମଲୋକ ମଧ୍ୟ ଏଇଠାରେ ଅଛି ବୋଲି ବୁଝିହୁଏ । ସୂକ୍ଷ୍ମଦେହ ଧାରଣ କରିଥିବା ଜୀବରାଶିଙ୍କୁ ଜ୍ଞାନ ଦୃଷ୍ଟିରେ ଦେଖିଲେ ଦ୍ୱିତୀୟ ଜଗତ ପରି ଦେଖାଯାଏ । ଏହା ଆପଣ ଜାଣନ୍ତୁ ବା ନଜାଣନ୍ତୁ ସ୍ଥୁଳ ଆଖିକୁ ଦେଖାଯାଉ ନଥିବା ଏକ ସୂକ୍ଷ୍ମଦୁନିଆ ନିଶ୍ଚୟ ରହିଥାଏ । ସ୍ଥୁଳଭାବରେ ମାନବ ଦୁଃଖକଷ୍ଟ ନାମକ ପାପପୁଣ୍ୟକୁ ଅନୁଭବ କରୁଥିବା ଭଳି ସୂକ୍ଷ୍ମ ଦୁନିଆରେ ମଧ୍ୟ ପାପ ପୁଣ୍ୟକୁ ସେମାନେ ଅନୁଭବ କରିଥା'ନ୍ତି । ଆମେ ଏ ଦୁନିଆରେ ବଞ୍ଚିବା ପାଇଁ ନାନା କଷ୍ଟ କରୁଥିବା ଭଳି ସେମାନେ ଅର୍ଥାତ୍ ଗ୍ରହ ବା ସୂକ୍ଷ୍ମମାନେ ମଧ୍ୟ ନାନା କଷ୍ଟ କରିଥା'ନ୍ତି । ଆମେମାନେ ପରସ୍ପର ସ୍ନେହାନୁବନ୍ଧରେ ବାନ୍ଧିହୋଇ ଥିବା ଭଳି ସେମାନେ ମଧ୍ୟ ରହିଥାନ୍ତି । ସେମାନେ ମଧ୍ୟ କଥାବାର୍ତ୍ତା ହୋଇଥା'ନ୍ତି । ଯେଉଁ ଜାତିର ସୂକ୍ଷ୍ମ ସେହି ଜାତିର ଆଚରଣ କରିଥା'ନ୍ତି । ସୂକ୍ଷ୍ମଶରୀରରେ ମଧ୍ୟ ମନ, ବୁଦ୍ଧି, ଅହଂ ରହିଥାଏ । ସବୁକିଛି ମାନବର ସ୍ଥୁଳଜଗତ ଭଳି ହୋଇଥାଏ ସିନା

ସ୍ଥୁଳ ଆଖିକୁ ଏହି ଦ୍ୱିତୀୟ ଜଗତଟି ଦେଖାଯାଏ ନାହିଁ, କିନ୍ତୁ ସୂକ୍ଷ୍ମ ଜଗତର ଜୀବରାଶିମାନେ ସୂକ୍ଷ୍ମଶରୀର ବ୍ୟତୀତ ସ୍ଥୁଳଶରୀରିମାନଙ୍କୁ ଭଲଭାବରେ ଦେଖିପାରନ୍ତି । ଅର୍ଥାତ୍ ଆମେମାନେ ଗ୍ରହମାନଙ୍କୁ ଦେଖି ନ ପାରିଲେ ମଧ୍ୟ ସେମାନେ ଆମମାନଙ୍କୁ ଦେଖିପାରିଥା'ନ୍ତି ।

କେତେକ କହିଥାନ୍ତି ଯେ, ଆମେ ସୂକ୍ଷ୍ମଶରୀରିମାନଙ୍କୁ ଦେଖିଛୁ । ଏହା ସତ କି ମିଛ ? ଦେଖିଲେ ! ଦିନବେଳେ ସାଧାରଣତଃ ଗ୍ରହମାନେ କାହାକୁ ଦେଖାଦେଇ ନଥା'ନ୍ତି, କିନ୍ତୁ ରାତିରେ ସେମାନେ ଦେଖାଦେଇ ପାରନ୍ତି । ରାତିରେ ଅଧିକାଂଶ ଜାଗ୍ରତ ରହୁଥିବା ଲୋକମାନଙ୍କୁ କଦାପି ଦେଖାଯାଇ ନଥା'ନ୍ତି । ରାତିରେ ଜାଗ୍ରତ ସ୍ଥିତି ରହିବା ଦୂରେଥାଉ ଯେଉଁମାନେ ଜଗ୍ରତାବସ୍ଥାରେ ରହିଥିବା ବେଳେ ମଧ୍ୟ ଶୋଇଯାଆନ୍ତି, ରାସ୍ତାରେ ଚାଲୁଚାଲୁ ଯେଉଁମାନଙ୍କୁ ନିଦ୍ରା ଆସିଥାଏ ସେମାନେ ସଂପୂର୍ଣ୍ଣ ଜାଗ୍ରତ ରହିପାରି ନଥା'ନ୍ତି, ସେ ଅବସ୍ଥାରେ ସେମାନଙ୍କ ସୂକ୍ଷ୍ମଶରୀରର ଦୃଷ୍ଟିକୁ ଗ୍ରହମାନେ ଦେଖାଯାଇ ପାରନ୍ତି, ତାହା ମଧ୍ୟ ସଂପୂର୍ଣ୍ଣଭାବରେ ନୁହେଁ, ଅମୁକ ଜାତିର ବୋଲି କେବଳ ଚିହ୍ନି ପାରନ୍ତି, ତେଣୁ ନିଦ୍ରା ଅଧିକ ହେଉଥିବା କେହି ଯଦି ରାତିରେ ବୁଲିଥା'ନ୍ତି ସେମାନଙ୍କୁ ଗ୍ରହମାନେ ଦେଖାଯାଇ ପାରନ୍ତି, ସେମାନେ ଖାଲି ମାନବ ଗ୍ରହ କାହିଁକି ଅନ୍ୟାନ୍ୟ ଜୀବଜାତିର ଗ୍ରହମାନଙ୍କୁ ମଧ୍ୟ ଦେଖିପାରନ୍ତି । ସେଥିଲାଗି ମୋତେ ଭୂତ କୁକୁର ଭଳି, ମଇଁଷି ଭଳି, ଗାଈ ଭଳି କି ମେଣ୍ଢା ଭଳି ଦେଖାଗଲା ବୋଲି କେହି କେହି କହିଥା'ନ୍ତି । ଏମିତି ସେମାନେ ସୂକ୍ଷ୍ମଦୃଷ୍ଟିରେ ଦେଖିବା ପର କ୍ଷଣରେ ସ୍ଥୁଳଦୃଷ୍ଟିରେ ଦେଖିପାରି ନଥାନ୍ତି ।

ଜୀବ ଅକାଳମୃତ୍ୟୁ ପାଇ ଅନେକ କାଳ ରହିପାରେ, ସେତେବେଳେ ସେ ରହିଥାଏ କେଉଁଠି ? ବୋଲି ପ୍ରଶ୍ନକଲେ, ସେମାନେ କେତେକ ଶ୍ମଶାନରେ ରହିଥା'ନ୍ତି ତ କେତେକ ମଣିଷ ରହୁନଥିବା ଘରମାନଙ୍କରେ

ରହିଥା'ନ୍ତି । କେତେକ କଇଁଆଗଛ, ବରଗଛ, ଅଶ୍ୱତ୍‌ଥଗଛ, ଗମ୍ଭାରିଗଛ ଇତ୍ୟାଦିରେ ରହିଥା'ନ୍ତି । କେତେକ ମରିଯାଇଥିବା ସ୍ଥଳରେ ରହିଥା'ନ୍ତି । ଆମେ ଦିନରେ ଜାଗ୍ରତ, ରାତିରେ ନିଦ୍ରାଯିବା ଭଳି ଗ୍ରହମାନେ ରାତିରେ ଜାଗ୍ରତ ରହି ଦିନବେଳେ ନିଦ୍ରାଯାଇଥା'ନ୍ତି । ସେଥିଲାଗି ଗ୍ରହମାନେ ଦିନବେଳା ଅଧିକ ସଞ୍ଚରଣ କରି ନଥା'ନ୍ତି । ଆମକୁ ଭୋକ ଲାଗିବା ଭଳି ସେମାନଙ୍କୁ ମଧ୍ୟ ଭୋକ ଲାଗିଥାଏ । ଆମ ଭଳି ସେମାନେ ମଧ୍ୟ ପେଟ ପାଇଁ ନାନା କାର୍ଯ୍ୟ କରିଥା'ନ୍ତି । ଆମେ ଖାଇବା ଭଳି ଗ୍ରହମାନେ ଆହାର ଖାଇଥା'ନ୍ତି । ଆମର ଅଜାଣତରେ ସେମାନେ ଆମମାନଙ୍କ ଆହାର ନେଇଯାଇଥା'ନ୍ତି । ଏକଥା କେହି ବିଶ୍ୱାସ କରି ନ ପାରନ୍ତି ହେଲେ ଏହା ନିରାଟ ସତ କଥା । ଏସବୁ ଜାଣିଥିବା ଆମ ପୂର୍ବପୁରୁଷମାନେ ଅନେକ ସତର୍କତା ଅବଲମ୍ବନ କରୁଥିଲେ, ସେମାନଙ୍କ ପାଇଁ ସ୍ଥୁଳଜଗତରେ ଅନେକ ଆଚରଣ ରହିଥିଲା ଆଜି ମଧ୍ୟ ଅନେକ ଆଚରଣ ବଞ୍ଚି ରହିଛି । ଧାନ, ପରିବା ବିଭିନ୍ନ ଶସ୍ୟ ଅମଳ କରାଯିବା ବେଳେ ଆଜି ବଞ୍ଚିଥିବା ପୁରୁଣା ଲୋକମାନେ ପ୍ରଥମେ ଗ୍ରହମାନଙ୍କୁ କିଛି ଅର୍ପଣ କରିଥା'ନ୍ତି, ଭୋଜି ହେବାବେଳେ ସେମାନଙ୍କୁ ପ୍ରଥମେ ଦିଆଯାଇଥାଏ, କେହି ମୃତ୍ୟୁବରଣ କଲାବେଳେ ତା'ର ସୂକ୍ଷ୍ମଶରୀର ପାଇଁ ଘରୁ ଭାତ ତରକାରି ରାନ୍ଧି ନେଇ ଶ୍ମଶାନରେ ଦିଆଯାଇଥାଏ । କେହି କୌଣସି ଖାଦ୍ୟପଦାର୍ଥ ଘରକୁ ନେଇଆସିବା ବେଳେ ଗ୍ରହମାନଙ୍କ ଦୃଷ୍ଟିରେ ପଡିଲେ ସେମାନେ ପଛେ ପଛେ ଘର ପର୍ଯ୍ୟନ୍ତ ଆସିପାରନ୍ତି, ତେଣୁ ଜାଣିଥିବା ଲୋକମାନେ ଘରେ ସେ ଦ୍ରବ୍ୟ ଖାଇବା ପୂର୍ବରୁ ବାହାରେ କିଛି ଫିଙ୍ଗି ଦେଇଥା'ନ୍ତି, ନଚେତ୍ ସେମାନେ ସୁଯୋଗ ନେଇ ଶରୀରରେ ପ୍ରବେଶ କରି ନାନା ଅସୁବିଧା ଘଟାଇଥା'ନ୍ତି । ସ୍ଥୁଳଜଗତରେ ସମସ୍ତେ ପ୍ରାୟ ଆମିଷ ପ୍ରିୟ, ସେହିଭଳି କେହି କିଛି ଆମିଷ ଆଣି ଆସିବାବେଳେ ସେମାନଙ୍କ ନଜରରେ ପଡିଲେ ସେମାନେ ସହଜରେ ପିଛା ଛାଡି ନଥା'ନ୍ତି । କେତେକ

ବଗିଚ୍ଛରେ, ଧାନବିଲରେ ସେମାନଙ୍କୁ ଭୋଜି ଦେବାପୂର୍ବକ କୁକୁଡା, ଛେଳି ଇତ୍ୟାଦି ବଳି ଦେଇଥା'ନ୍ତି । ଏମିତି ପୂର୍ବରୁ ଅନେକ ଆଚରଣ ଗ୍ରହମାନଙ୍କ ନିମନ୍ତେ ରହିଥିଲା ହେଲେ ସେସବୁ କହିଲେ ଆଜିର ଯୁଗରେ ସମସ୍ତେ ହସିବେ ସିନା କେହି ବିଶ୍ୱାସ କରିବେ ନାହିଁ ।

ଗ୍ରହମାନେ ଆମ ଭଳି ଯାନ ବାହାନରେ ବିନା ଟିକେଟରେ ଯାତ୍ରା କରିଥା'ନ୍ତି । ଆମ ଭଳି ସ୍ତ୍ରୀ ପୁରୁଷ ଭେଦ ସେମାନଙ୍କର ଥାଏ, ସେମାନେ ଆମମାନଙ୍କ ଭଳି ସ୍ତ୍ରୀ ପୁରୁଷ ସମ୍ଭୋଗ କରିଥା'ନ୍ତି । ଗ୍ରହମାନେ ବଞ୍ଚିଥିବା ମାନବଠାରେ ପ୍ରବେଶ କରି ସେମାନଙ୍କ ସହିତ ସମ୍ଭୋଗ କରିପାରନ୍ତି, ଏହା ସାଧାରଣତଃ କିପରି ହୋଇଥାଏ କେହି ଜାଣି ପାରନ୍ତି ନାହିଁ । ଗ୍ରହମାନେ ଆମମାନଙ୍କ ଭଳି ନିଜ ଭିତରେ କଳହ ମଧ୍ୟ କରିଥା'ନ୍ତି । ମାଡପିଟ ହୋଇପାରନ୍ତି । ମୋଟାମୋଟି ଭାବରେ ସେମାନେ ଆମମାନଙ୍କ ଭଳି ଆଚରଣ କରିଥା'ନ୍ତି ସିନା, ତାହା ଆମମାନଙ୍କୁ ଦେଖାଯାଇ ନଥାଏ । ସେଥିଲାଗି ଅନେକ ଏହି ସତ୍ୟକୁ ବିଶ୍ୱାସ କରନ୍ତି ନାହିଁ, କିନ୍ତୁ ଯେତେବେଳେ ସେମାନଙ୍କର ଅକାଳମରଣ ହୁଏ ସେତେବେଳେ ଗ୍ରହଭାବରେ ବଦଳିଲେ ଜାଣି ପାରିଥା'ନ୍ତି ।

ଗ୍ରହ କହିଲେ ଆଉ କିଛି ନୁହେଁ ସେମାନେ ଠିକ୍ ଆମମାନଙ୍କ ଭଳି ଜୀବ । ଗ୍ରହମାନଙ୍କୁ ଅଜ୍ଞାନୀମାନେ ଭୟ କରିଥା'ନ୍ତି, ସେମାନେ ମଧ୍ୟ ସେଇମାନଙ୍କୁ ଡରାଇଥା'ନ୍ତି । ଜ୍ଞାନୀମାନଙ୍କୁ ସେମାନେ ଡରାଇ ପାରନ୍ତି ନାହିଁ କି ଜ୍ଞାନୀମାନେ ସେମାନଙ୍କୁ ଡରନ୍ତି ନାହିଁ । ସେମାନେ କଦାପି ଜ୍ଞାନୀମାନଙ୍କ ଶରୀରରେ ପ୍ରବେଶ କରିପାରନ୍ତି ନାହିଁ, କାରଣ ଜଳୁଥିବା ଅଗ୍ନିରେ ଆମେ ପ୍ରବେଶ କରିପାରିବା ? ସେହିଭଳି ଗ୍ରହମାନେ ଜ୍ଞାନାଗ୍ନି ଥିବା ଶରୀରରେ ପ୍ରବେଶ କରିପାରନ୍ତି ନାହିଁ । ଯଦିବା ସେମାନେ ଜ୍ଞାନୀର ପାଖାପାଖି ଆସନ୍ତି ସେତେବେଳେ ଜ୍ଞାନଗ୍ନିର ଉତ୍ତାପରେ ସେମାନଙ୍କ ଶରୀର ତାତିଯାଇଥାଏ,

ତେଣୁ ସେମାନେ ସବୁବେଳେ ଜ୍ଞାନୀଠାରୁ ଦୂରରେ ରହନ୍ତି । ସେଥିଲାଗି ଯୀଶୁଙ୍କୁ ଦେଖି ଅନେକ ଗ୍ରହମାନେ ଦୂରକୁ ଚାଲିଯାଇଥିଲେ ବୋଲି ବାଇବେଲ୍ ଗ୍ରନ୍ଥରେ ଲେଖା ରହିଛି । ଜ୍ଞାନୀମାନଙ୍କୁ ଦେଖି ସେମାନେ ଭୟ କରିଥା'ନ୍ତି । ଅନେକ ସ୍ଥାନରେ ଜ୍ଞାନୀମାନଙ୍କ ନିକଟରେ ଗ୍ରହମାନେ ଆତ୍ମସମର୍ପଣ କରିଥା'ନ୍ତି । ଏକଥା ସବୁ ବିଶ୍ୱାସ ନ ହୋଇ ଆମେ ଏତେ ପାଠ ପଢିଛୁ.. କାହିଁ ଏଇ ଭୂତପ୍ରେତଙ୍କ କଥା ତ ଆମ ପାଠରେ ନାହିଁ ? ବୋଲି ଭାବିପାରନ୍ତି,ସେମାନେ ସେମାନଙ୍କ ଭୌତିକବିଦ୍ୟା ଦ୍ୱାରା ଆଖିକୁ ଦେଖାଯାଉଥିବା ସବୁକିଛି ଜାଣିପାରନ୍ତି ସିନା,ପରମାତ୍ମାବିଦ୍ୟା ଯଦି ପଢନ୍ତେ ସେମାନଙ୍କୁ ଦେଖାଯାଉନଥିବା ସବୁକିଛି ଦେଖାଯାଆନ୍ତା । ଅଜ୍ଞାନରେ ଥିବା ଲୋକାମନଙ୍କୁ ଗ୍ରହମାନେ ନାନା ପ୍ରକାରର ବାଧା ଦେଇଥା'ନ୍ତି । କେତେକ ଦୁଃଖକଷ୍ଟ ଗ୍ରହମାନଙ୍କ ଦ୍ୱାରା ହୋଇଥାଏ ବୋଲି ଅନେକଙ୍କୁ ଜଣାନଥାଏ । ଗ୍ରହମାନେ କେତେକଙ୍କଠାରେ ପ୍ରବେଶ କରି ପେଟବ୍ୟଥା, ଆଣ୍ଠୁବ୍ୟଥା ଇତ୍ୟାଦି କଷ୍ଟ ଦେଇଥା'ନ୍ତି । ଏଭଳି ରୋଗକୁ ଡାକ୍ତରମାନେ ତ ଚିହ୍ନିପାରନ୍ତି ନାହିଁ ! ସେମାନଙ୍କ କୌଣସି ଔଷଧ ମଧ୍ୟ କାର୍ଯ୍ୟକରେ ନାହିଁ । କୌଣସି ଏକ୍ସ-ରେ ଦ୍ୱାରା ସେମାନଙ୍କର ଫିଲ୍ମ ଦେଖିବା ମଧ୍ୟ ଅସମ୍ଭବ ହୋଇଥାଏ । କେତେକଙ୍କର ମୁଣ୍ଡବ୍ୟଥା, କେତେକଙ୍କର ଶୈଲ୍ୟରୋଗ, ଆଣ୍ଠୁବିନ୍ଧା, ପେଟବ୍ୟଥା,ସ୍ତ୍ରୀମାନଙ୍କଠାରେ ରହି ଗର୍ଭପାତ, ରକ୍ତସ୍ରାବ ଇତ୍ୟାଦି କରିବା ଛଡା କେତେକଙ୍କୁ ପାରାଲେସିସ୍, ମୁର୍ଚ୍ଛା ଇତ୍ୟାଦି ରୋଗରେ ମଧ୍ୟ ପିଡୀତ କରିଥା'ନ୍ତି । ମାନବ ବ୍ୟତୀତ ଅନ୍ୟ ପଶୁମାନଙ୍କୁ ମଧ୍ୟ ଏହି ଗ୍ରହପୀଡା ହୋଇଥାଏ । ଗ୍ରହପୀଡାରୁ ମୁକୁଳିବାକୁ ହେଲେ ଭକ୍ତିମାର୍ଗ ଆପଣାଇବାକୁ ପଡିଥାଏ । କେହି ମନ୍ତ୍ରମାର୍ଗରେ କିଛିକାଳ ଖସିଯାଇ ପାରନ୍ତି ସିନା ତାହା ଶାଶ୍ୱତ ନୁହେଁ । ତେଣୁ ଜ୍ଞାନଶକ୍ତି ହିଁ ଏକମାତ୍ର ଉନ୍ନତ ମାର୍ଗ ବୋଲି କୁହାଯାଇ ପାରେ ।

ଏ ପର୍ଯ୍ୟନ୍ତ ଗ୍ରହମାନଙ୍କ ବାବଦରେ କହିବାକୁ ପଡିଲା କାରଣ ଆମକୁ ବିଗ୍ରହ କ'ଣ ଜାଣିବାକୁ ହେବ । ବିଗ୍ରହ କ'ଣ ଜାଣିବା ଆମର ମୁଖ୍ୟ ବିଷୟ ହୋଇଥିବା ବେଳେ ଗ୍ରହମାନଙ୍କ ବାବଦରେ ନଜାଣିଲେ ବିଗ୍ରହ ବାବଦରେ ଏତେ ଶୀଘ୍ର ବୁଝିପାରିବା ନାହିଁ । ତେଣୁ ଗ୍ରହମାନଙ୍କ ବାବଦରେ ଏତେବଡ ବିବରଣ ଦେବାକୁ ପଡିଲା । ଆମେ ଜାଣିଲେ ଯେ ମାନବର ସୂକ୍ଷ୍ମରୂପକୁ ଗ୍ରହ କୁହାଯାଏ । ସେହିଭଳି ଏକ ମୂର୍ତ୍ତିରେ ଥିବା ସୂକ୍ଷ୍ମଶରୀରକୁ ବିଗ୍ରହ କୁହାଯାଏ । ମଣିଷର ସୂକ୍ଷ୍ମଶରୀର ତାର ସ୍ଥୁଳଶରୀରରେ ମିଶି ରହିଛି । ମଣିଷର ସ୍ଥୁଳଶରୀର ଦେଖାଯାଏ ସିନା ସୂକ୍ଷ୍ମଶରୀର ଦେଖାଯାଏ ନାହିଁ । ସେହିଭଳି ମନ୍ଦିରରେ ଥିବା ଦେବତାର ସ୍ଥୁଳଦେହଟି ମୂର୍ତ୍ତି ହେବାବେଳେ, ସେହି ମୂର୍ତ୍ତିରେ ଥିବା ସୂକ୍ଷ୍ମଦେହକୁ ବିଗ୍ରହ କୁହାଯାଏ । ମୂର୍ତ୍ତିରେ ବିଗ୍ରହ ମିଶି ରହିଛି । ଉପରକୁ ଅମୁକ ଦେବତାର ମୂର୍ତ୍ତି ଭଳି ଦେଖାଯାଉଥିଲେ ମଧ୍ୟ ଭିତରେ ଥିବା ବିଗ୍ରହ କାହାକୁ ଦେଖାଯାଇ ନଥାଏ । ଏହିଭଳି ପ୍ରତ୍ୟେକ ମୂର୍ତ୍ତିରେ ବିଗ୍ରହଟିଏ ରହିଥାଏ । ମାନବର ମରଣରେ ସୂକ୍ଷ୍ମଶରୀର ଚାଲିଯାଇ ସ୍ଥୁଳଶରୀର ବଳକା ରହିଯିବା ଭଳି, ମୂର୍ତ୍ତିରୁ ବିଗ୍ରହ ଚାଲିଯାଇ କେବଳ ମୂର୍ତ୍ତି ରହିଯାଏ ଅର୍ଥାତ୍ ମରିଯାଇଥିବା ମାନବ କଳେବର ଆଉ ବିଗ୍ରହ ନଥିବା ମୂର୍ତ୍ତି ଏକାଭଳି । ମାନବର ସୂକ୍ଷ୍ମଦେହ ତା'ର ସ୍ଥୁଳଦେହର ଆକାର ନେଇ ରହିଥିବା ଭଳି, ମୂର୍ତ୍ତିର ଆକାରକୁ ବିଗ୍ରହ ବିସ୍ତାର କରି ରହିଥାଏ; ତଥାପି ଗ୍ରହ ଆଉ ବିଗ୍ରହର ଅନେକ ତାରତମ୍ୟ ରହିଥାଏ । ସେଗୁଡିକରୁ କିଛି ତଳେ ଦେଉଛୁ ଦେଖନ୍ତୁ ।

୧- ଗ୍ରହ ଥରେ ସ୍ଥୁଳଦେହକୁ ଛାଡି ଚାଲିଗଲେ ଆଉ ସେଥିରେ ପ୍ରବେଶ କରିପାରେ ନାହିଁ । ଗ୍ରହ ଅନେକ ଥର ମୂର୍ତ୍ତିକୁ ଛାଡି ବାହାରକୁ ଯାଇପାରେ ଏବଂ ଆସିପାରେ । ୨- ଗ୍ରହ ଇତର ପଦାର୍ଥକୁ ଚୋରାଇ ନେଇପାରେ, କିନ୍ତୁ ବିଗ୍ରହ ସେପରି କରେନାହିଁ । ୩- ଗ୍ରହ ଅନ୍ୟମାନଙ୍କୁ ରୋଗଯନ୍ତ୍ରଣା ଦେଇପାରେ, ବିଗ୍ରହ ମଧ୍ୟ କେତେକଙ୍କୁ ରୋଗଯନ୍ତ୍ରଣା ଦେଇପାରେ;

ତଥାପି କେତେକଙ୍କୁ ରୋଗମୁକ୍ତ କରିପାରେ । ୪- କେତେକ ଗ୍ରହ ଜ୍ଞାନୀ, କେତେକ ଅଜ୍ଞାନୀ ହୋଇପାରନ୍ତି, କିନ୍ତୁ ସମସ୍ତ ବିଗ୍ରହଠାରେ କିଛି କିଛି ଜ୍ଞାନଶକ୍ତି ରହିଥାଏ, ସେମାନଙ୍କ ଭିତରେ ମହାଜ୍ଞାନୀ ମଧ୍ୟ ଥାଆନ୍ତି । ୫- ଗ୍ରହମାନେ ନୀତିନିୟମ ନମାନି ଆଚରଣ କରିଥା'ନ୍ତି, ହେଲେ ବିଗ୍ରହମାନେ ସେପରି ନଥା'ନ୍ତି ।

କରିଥିବା କର୍ମ ଜୀବର କର୍ମଚକ୍ର ଦ୍ୱାରା ଆସି, ଅନ୍ୟ ମାତୃଗର୍ଭରୁ ଜନ୍ମିତ ଶିଶୁଠାରେ ପ୍ରବେଶ କରି, ଶିଶୁ ଶରୀରରେ ପ୍ରାଣ ଆସିବା ଭଳି, ଶିଳ୍ପୀ ତିଆରି କରିଥିବା ମୂର୍ତ୍ତିରେ କର୍ମ କାରଣରୁ ଜୀବଟିଏ ପ୍ରବେଶ କଲାବେଳେ ସେଥିରେ ପ୍ରାଣ ଆସିବା ଭଳି ହୋଇଥାଏ । ଏହିଭଳି ପ୍ରବେଶ କରିଥିବା ଜୀବର ସ୍ଥୁଳଶରୀର ମୂର୍ତ୍ତି, ସୂକ୍ଷ୍ମଶରୀର ବିଗ୍ରହ ହୋଇଥାଏ । ମାନବଶରୀର ଭଳି ମୂର୍ତ୍ତିର ଶରୀର ଚଳପ୍ରଚଳ କରିପାରେ ନାହିଁ । ମାନବର ସୂକ୍ଷ୍ମଶରୀର ଚଳପ୍ରଚଳ ହେବା ଭଳି ମୂର୍ତ୍ତି(ବିଗ୍ରହ)ର ସୂକ୍ଷ୍ମଶରୀର ଚଳପ୍ରଚଳ କରି ପାରେ । ଭୋଗୀମାନଙ୍କଠାରେ, ପାପୀ ମାନଙ୍କଠାରେ, ଜନ୍ତୁମାନଙ୍କଠାରେ ମନ୍ଦିରର ଦେବତାମାନଙ୍କଠାରେ ଏପରି ସମସ୍ତଙ୍କଠାରେ ସମାନଭାବରେ ଥାଏ ଆତ୍ମା । ଦେବତା ମୂର୍ତ୍ତିରେ ଜୀବଟିଏ ପ୍ରବେଶ କରିବାକୁହେଲେ ସେ ଅନେକ ଭଲକାର୍ଯ୍ୟ କରିଥିବା ଆବଶ୍ୟକ । ଭଲକାର୍ଯ୍ୟ କରିଥିବା ଜୀବମାନେ ଦେବତାମୂର୍ତ୍ତିରେ ପ୍ରବେଶକରି, ସେଥିରେ ଯୋଗାଚରଣ କରି, ସେମାନଙ୍କ କର୍ମକାଟି ମୋକ୍ଷ ପାଇଥାନ୍ତି । ଆଉକେତେକ ଦେବତାମୂର୍ତ୍ତିରେ ରହି ଦୈବଧର୍ମ ଆଚରଣ ନକରି ପ୍ରାପଞ୍ଚିକ କାର୍ଯ୍ୟରେ ବୁଡିରହି କର୍ମ ସଞ୍ଚୟ କରିଥା'ନ୍ତି । ଏଠାରେ ମନ୍ଦିରର ଦେବତାମାନେ ମହାନ ବୋଲି ଯେଉଁମାନଙ୍କର ବିଶ୍ୱାସ ଥାଏ ସେମାନେ ମୋ କଥା ବୁଝି ନପାରି ହୁଏତ ମୋତେ ଭୂଲ୍ ବୁଝି ପାରନ୍ତି ! ଏସବୁ ଆପଣ ବିଶ୍ୱାସ କରନ୍ତୁ ବା ନକରନ୍ତୁ, ଏହା ନିରାଟ ସତ୍ୟ ହୋଇଥିବାରୁ, ମୋତେ ଭୂଲ୍ ବୁଝିବା ଆଗରୁ ଆପଣଙ୍କ ଦୃଷ୍ଟି ବିସ୍ତାର କରି ଦେଖିବା ଉଚିତ୍ ।

ଭଗବଦ୍ଗୀତା ଶାସ୍ତ୍ରର ବିଜ୍ଞାନ ଯୋଗରେ **"ପ୍ରକୃତି ସମ୍ବନ୍ଧୀୟ ପାପରେ ଆଶା ରଖି, ଅଜ୍ଞାନୀହୋଇ, ମୋତେ ପୂଜା ନକରି ମାନବ ଅନ୍ୟଦେବତା ଆରାଧନା କରିଥାଏ । ଯିଏ ଯେଉଁଭଳି ଶ୍ରଦ୍ଧାରେ ଦେବତାମାନଙ୍କୁ ପୂଜାକରେ, ତା'ର ସେହି ଦେବତାମାନଙ୍କ ଉପରେ ବିଶ୍ୱାସ ଆସିବା ଭଳି କରାଇ, ସେହି ଦେବତାମାନଙ୍କୁ ସେ ଶ୍ରଦ୍ଧାରେ ପୂଜାକରିବା ଭଳି ମୁଁ କରାଇଥାଏ ।** ମଣିଷ ଯେଉଁ ଦେବତାକୁ ଶ୍ରଦ୍ଧା ପୂର୍ବକ ଆରାଧନା କରେ, ତା'ର ଆରାଧନାର ଫଳସ୍ୱରୂପ ତା'ର ଆଶାକୁ ମୁଁ ପୂରଣ କରିଥାଏ" ବୋଲି ପରମାତ୍ମା କହିଛନ୍ତି । ମନ୍ଦିରର ଦେବତା ବାସ୍ତବରେ କିଛି କରିନଥାଏ । ଦେବତାର ଅନ୍ତରାତ୍ମା ହୋଇଥିବା ପରମାତ୍ମା ସବୁକିଛି କରିଥା'ନ୍ତି । ଆମର ଯହାକିଛି ହୋଇଥାଏ ତାହା ପରମାତ୍ମା ହିଁ କରିଥା'ନ୍ତି । ଅଣ୍ଡ, ପିଣ୍ଡ, ବ୍ରହ୍ମାଣ୍ଡର ଅଧିପତି ପରମାତ୍ମା । ପରମାତ୍ମାଙ୍କୁ ବିଶ୍ୱାସ କରି କିଛି ଜ୍ଞାନଶକ୍ତି ଅର୍ଜନ କରିଥିବା ଜୀବମାନେ ମୂର୍ତ୍ତିରେ ବିଗ୍ରହଭାବରେ ଜନ୍ମନେଇ ସେମାନଙ୍କର ପୁଣ୍ୟ ବଶତଃ ଅନେକ ପୂଜା, ନାନା ନୈବେଦ୍ୟ ଗ୍ରହଣ କରିଥା'ନ୍ତି ।

ଦୈବପ୍ରତିମାରେ ଥିବା ଜୀବମାନେ ପ୍ରେତମାନେ ପ୍ରବେଶ କରିବା ଭଳି ମଣିଷ ଶରୀରରେ ପ୍ରବେଶ କରି, ଆମର ଅମୁକ ପୂଜା କର ବୋଲି କହିଥାନ୍ତି, ମୋତେ ଅମୁକ ଜିନିଷ ଦେବାକୁ ମାନସିକ କରିଥିଲ ତାହା ଦେଇନାହଁ, ତୁରନ୍ତ ଦିଅ ବୋଲି କହିଥାନ୍ତି । ମୋର ପୂଜାରେ ବିଘ୍ନ କରୁଛ, ତୁମର ଅମୁକ କ୍ଷତି କରିବି କହି ଧମକାଉଥିବା ଦେବତାମାନେ ମଧ୍ୟ ଅଛନ୍ତି । ତେଣୁ ଏମାନେ ପ୍ରତିମାରେ ରହି ମଧ୍ୟ ମାୟାରେ ପଡିଛନ୍ତି ବୋଲି ଜଣାଯାଉଛି । ଆଉକେତେକ ଦେବତାମାନେ ଥାଆନ୍ତି ସେମାନଙ୍କର ପୂଜା କରନ୍ତୁ ବା ନ କରନ୍ତୁ, ସେମାନଙ୍କ ଗୁଣଗାନ କରନ୍ତୁ ବା ନିନ୍ଦା କରନ୍ତୁ ସେଥିପ୍ରତି ଦୃଷ୍ଟି ନଦେଇ ମୌନଭାବରେ ଯୋଗ ଆଚରଣ କରିଥାନ୍ତି ।

ଗୋଟିଏ ନାଆଁରେ ଥିବା ଅନେକ ଲୋକ ମାନବ ସମାଜରେ ଥିବାଭଳି, ଗୋଟିଏ ନାଆଁ ରହିଥିବା ଅନେକ ମୂର୍ତ୍ତିରେ ଅନେକ ଦେବତା ରହିଥା'ନ୍ତି । ଶ୍ରୀରାମ ନାଆଁରେ ଥିବା ମୂର୍ତ୍ତିଗୁଡିକ ଅନେକ ରହିଥାଏ, ହନୁମାନ ନାମରେ ଅନେକ ମୂର୍ତ୍ତି ରହିଥାଏ, କିନ୍ତୁ ସେଗୁଡିକରେ ଯେ ଗୋଟିଏ ରାମ, ଗୋଟିଏ ହନୁମାନ ଅଛି ଭାବିବା ଭ୍ରମ, ସେହି ହନୁମାନ ମୂର୍ତ୍ତିଗୁଡିକରେ ଥିବା ବିଗ୍ରହ (ଦେବତା)ମାନେ ଅଲଗା ଅଲଗା । ସେହିଭଳି ମୂର୍ତ୍ତିରେ ମଧ୍ୟ ନାନା ଭିନ୍ନତା ରହିଥାଏ । ବିଗ୍ରହମାନଙ୍କର ପାପ ପୁଣ୍ୟରେ, ଜ୍ଞାନଶକ୍ତିରେ, ଗୁଣରେ ଅନେକ ଭିନ୍ନତା ରହିଥାଏ । ସମସ୍ତ ମୂର୍ତ୍ତିର ବିଗ୍ରହ ଏକଶକ୍ତି ବିଶିଷ୍ଟ ନୁହଁନ୍ତି । ନାନାସ୍ଥାନରେ ନାନାପ୍ରକାରର ପୂଜା ହୋଇଥାଏ, ନାନା ସ୍ଥାନରୁ ନାନା ପ୍ରକାରର ଫଳ ମିଳିଥାଏ । ସତ୍ୟ ଯେ, ଆଞ୍ଜନେୟସ୍ୱାମୀ (ହନୁମାନ) ନାମରେ ଦେଶରେ ଅନେକ ମନ୍ଦିର ଥାଏ, ହେଲେ ସେହି ମନ୍ଦିରର ମୂର୍ତ୍ତି (ପ୍ରତିମା)ଗୁଡିକରେ ଥିବା ଜୀବମାନେ ଏକ ପ୍ରକାରର ନୁହନ୍ତି । ଗୋଟିଏ ମନ୍ଦିରର ଆଞ୍ଜନେୟ ପାଖରେ ନିତ୍ୟ-ପୂଜା ହେଉଥିବା ବେଳେ କେଉଁଠାରେ ପୂଜା ମଧ୍ୟ ହୋଇନଥାଏ । ଏଭଳି ସମସ୍ତେ ଆଞ୍ଜନେୟସ୍ୱାମୀ ନାମରେ ଥିଲେ ମଧ୍ୟ, ଶତ୍ରୁଗ୍ରହମାନେ ସେମାନଙ୍କ ମନ୍ଦିରରେ ପ୍ରବେଶ କଲେ ହେଁ କେତେକ ଆଞ୍ଜନେୟ ସେମାନଙ୍କର କିଛି କରିପାରନ୍ତି ନାହିଁ । କେତେକ ଆଞ୍ଜନେୟ ସେହି ଗ୍ରହମାନଙ୍କ ସହିତ କଳିଝଗଡା କରି ନିଜେ ହାରିଯାଆନ୍ତି । କେତେକ ଆଞ୍ଜନେୟ ବିଶେଷ ବଳ ବିଶିଷ୍ଟ ହୋଇ ଦୁଷ୍ଟ ଗ୍ରହମାନଙ୍କୁ ପିଟି ବାହାର କରିଦିଅନ୍ତି । କେତେକଙ୍କଠାରେ ଦୁଷ୍ଟ ଗ୍ରହମାନେ ପ୍ରବେଶ କରିଥିବାବେଳେ ସେମାନେ ଯଦି କୌଣସି ବଳଶାଳୀ ଆଞ୍ଜନେୟଙ୍କ ପାଖକୁ ଯାଇ ଭଲ ହୋଇଯିବାକୁ କାମନା କରନ୍ତି ତେବେ ସେହି ଆଞ୍ଜନେୟ ବୁଦ୍ଧିବିଶିଷ୍ଟ ହୋଇଥିଲେ ସେହି ଦୁଷ୍ଟ ଗ୍ରହମାନଙ୍କ ସହ ଭଲରେ କଥାବାର୍ତ୍ତା ହୋଇ ପୀଡିତର ଶରୀରରୁ ଗ୍ରହମାନେ ଦୂରକୁ ଚାଲିଯିବା ଭଳି କରିଥାନ୍ତି । ଏସବୁ ଆମେ କେତେକ

ଜାଗାରେ ଦୃଷ୍ଟାନ୍ତ ଭାବରେ ଦେଖୁଛେ । ଗ୍ରହ ହୋଇଥିବା ମାନବ ସହିତ ଏକ ବିଗ୍ରହ ହୋଇଥିବା ଆଞ୍ଜନେୟସ୍ୱାମୀ ସବୁଦିନ ସଂଧ୍ୟାରେ ଲଢେଇ କରୁଥିବା ଦୃଶ୍ୟ **ଅନନ୍ତପୁର ଜିଲ୍ଲାର ଗୁନ୍ତକଲରେ ଥିବା କଷାପୁରରେ ଦେଖିପାରିବେ** । ଏ ବାବଦରେ ଜାଣି ନ୍ଥିବା କେହି ମଧ୍ୟ କଷାପୁର ଯାଇ ଦେଖିପାରିବେ ।

ଯୋଗଶକ୍ତି ଥିବା ମଣିଷକୁ ବିଗ୍ରହମାନେ ମଧ୍ୟ ଭୟ କରିଥା'ନ୍ତି, କାରଣ ଦୈବଶକ୍ତି ବିଗ୍ରହମାନଙ୍କ ଅପେକ୍ଷା ଯୋଗୀମାନଙ୍କ ପାଖରେ ଅଧିକ ରହିଥାଏ । ଯୋଗୀମାନଙ୍କ ପାଖକୁ କୌଣସି ବିଗ୍ରହ ଆସିବା ବେଳେ ବିନୟର ସହିତ ଆସିଥାଏ, ଭୟ କରିଥାଏ । ଗୋଟିଏ ମନ୍ଦିରରେ ଯୋଗୀ ଶୋଇଥିବା ବେଳେ ସବୁଦିନ ଜଣକ ଦେହରେ ପ୍ରବେଶ କରି ପୂଜା ଗ୍ରହଣ କରୁଥିବା ସେହି ମନ୍ଦିରର ଦେବତା ସେଦିନ ତାର କେତେ ପୂଜା କରାଯାଇଥିଲେ ମଧ୍ୟ ସେ ବ୍ୟକ୍ତି ଦେହରେ ପ୍ରବେଶ କରି କଥାବାର୍ତ୍ତା କଲା ନାହିଁ, କାହିଁକିନା ! ସେଠାରେ ଯୋଗୀ ଜଣକ ଥିଲେ, ସେହି ଯୋଗୀ ତାର କାର୍ଯ୍ୟକଳାପ ଦେଖି ହୁଏତ ତା ଉପରେ କ୍ରୋଧିତ ହୋଇ ପାରନ୍ତି ନାମକ ଭୟ ତାଠାରେ ଥିଲା । ଏହି ଘଟଣାରେ ମନ୍ଦିରର ଦେବତା ମଧ୍ୟ ଯୋଗୀକୁ ଭୟକରେ ବୋଲି ଜଣାଯାଉଛି । ସେଥିଲାଗି ଏସବୁ ଜାଣିଥିବା ଯୋଗୀମାନେ କୌଣସି ମନ୍ଦିରକୁ ଯାଆନ୍ତି ନାହିଁ, କୌଣସି ମନ୍ଦିରର ଉତ୍ସବ ସମୟରେ, ପୀରପର୍ବରେ, ଦଣ୍ଡଯାତରାଭଳି ଜାଗାରେ ଦେବତାମାନେ ମଣିଷ ଦେହରେ ଆସି କଥାବାର୍ତ୍ତା କରନ୍ତି ବୋଲି ଜାଣି ଯୋଗୀମାନେ ସେଭଳି ସ୍ଥଳକୁ ଯାଆନ୍ତି ନାହିଁ । ଯଦି ଯାଆନ୍ତି ତେବେ ସେମାନଙ୍କଠାରେ ଥିବା ଜ୍ଞାନାଗ୍ନି ତାତିରେ ଦେବତାମାନେ କଷ୍ଟ ଭୋଗିଥାନ୍ତି ।

ହେ ମାନବ ! ଦେବାଳୟର ଦେବତାମାନଙ୍କଠାରେ ମଧ୍ୟ ଅନ୍ତର୍ଯ୍ୟାମୀ ହୋଇ ରହିଥିବା ପରମାତ୍ମାଙ୍କୁ ଜାଣିବାପାଇଁ ଯୋଗୀଭାବରେ

ଥିବା ଗୁରୁମାନଙ୍କୁ ଆଶ୍ରୟ କରି, ସେମାନଙ୍କ ବାଣୀବୋଧ ନାମକ ଅମୃତ ପାନକରି ମୃତ୍ୟୁଞ୍ଜୟ ହୁଅନ୍ତୁ, ତା ନକଲେ ଜନ୍ମହେବା, ଦୁଃଖସୁଖ ଅନୁଭବ କରିବା ସାର ହେବ । ଘୋର ଯନ୍ତ୍ରଣାକୁ ସମ୍ମୁଖୀନ କଲାବେଳେ ପରମାତ୍ମାଙ୍କୁ ଡାକିଲେ ମଧ୍ୟ ସେ ଦୟା ଦେଖାଇବା ପାତ୍ର ନୁହନ୍ତି । କର୍ମରୁ ବହିର୍ଭୂତ ହେବାକୁ ହେଲେ ଜ୍ଞାନ ଆବଶ୍ୟକ । ସେଥିଲାଗି ଗୀତାଶାସ୍ତ୍ରର ଜ୍ଞାନଯୋଗରେ "କର୍ମ ଜାଳିବାକୁ ହେଲେ ଜ୍ଞାନ ନାମକ ଅଗ୍ନି ଆବଶ୍ୟକ, ଜ୍ଞାନ ଆବଶ୍ୟକ ହେବାବେଳେ ଜ୍ଞାନଧନ ଥିବା ଲୋକମାନଙ୍କ ପାଖକୁ ଯାଇ ଜ୍ଞାନ ମାଗିବାକୁ ପଡିବ ବୋଲି ଭଗବାନ କହିଛନ୍ତି । ତେଣୁ ସମସ୍ତେ ଜ୍ଞାନ ଅର୍ଜନ କରିବାକୁ ଚେଷ୍ଟା କରିବା ଉଚିତ୍ । ପ୍ରଥମେ ମନ୍ଦିର ଯାଇ ପୂଜାକରି ସେଠାରେ ନାନା କାମନା କରିବା ବନ୍ଦକରି ମନ୍ଦିର ନିର୍ମାଣର ଉଦ୍ଦେଶ୍ୟ ଜାଣି, ସେଠାରେ ହେଉଥିବା ଆଚରଣଗୁଡିକର ଅର୍ଥ ଜାଣି, ତାପରେ ଗୁରୁଙ୍କ ପାଖରୁ ଉପଦେଶ ଗ୍ରହଣ କରି, ଯୋଗ ସାଧନା ଦ୍ୱାରା ଯୋଗଶକ୍ତି ଅର୍ଜନ କରି, ଯେଗଶକ୍ତିର ପରିପୂର୍ଣ୍ଣ ସ୍ଥିତି ହାସଲ କରୁଥାଇ ଆତ୍ମାରେ ଐକ୍ୟ ହେବା ଉଚିତ୍ ।

ଦେବାଳୟର ଦେବତା ମୂର୍ତ୍ତିରେ ମଧ୍ୟ ପରମାତ୍ମା ଥାଆନ୍ତି ବୋଲି ସତ୍ୟକୁ ଜାଣିନଥିବା ଅଜ୍ଞାନୀମାନେ ହୁଅନ୍ତୁ, ଜାଣିଥିବା ଜ୍ଞାନୀମାନେ ହୁଅନ୍ତୁ ସେମାନେ କରୁଥିବା ପୂଜାର ଭୋକ୍ତା ସ୍ୱୟଂ ପରମାତ୍ମା, ସମସ୍ତ ପୂଜା ତାଙ୍କର ବୋଲି ଜାଣିବା ଉଚିତ୍ । ତେଣୁ ଗୀତାର ରାଜବିଦ୍ୟା ରାଜଗୁହ୍ୟ ଯୋଗରେ "**ଶ୍ରଦ୍ଧାବହି ଅନ୍ୟଦେବତାର ଆରାଧନା କଲେ ମଧ୍ୟ ତାର ଅଜାଣତରେ ସେ ମୋତେ ହିଁ ଆରାଧନା କରିଥାଏ** ବୋଲି ପରମାତ୍ମା କହିଛନ୍ତି ।"

ପରମାତ୍ମା ସମସ୍ତଙ୍କଠାରେ ଅଛନ୍ତି ବୋଲି ଯିଏ ଜାଣିଥାଏ, ଆମେ କରୁଥିବା ସମସ୍ତ ପୂଜା ପରମାତ୍ମାଙ୍କୁ ପ୍ରାପ୍ତ ହୋଇଥାଏ ବୋଲି ସେ

ଜାଣିଥାଏ, ତା'ର ପରମାତ୍ମା ପ୍ରାପ୍ତି ହୋଇପାରେ । ଦୈବ ପ୍ରତିମାରେ ଥିବା ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କୁ ନଜାଣି ପୂଜା କରୁଥିବା ଲୋକମାନେ କରୁଥିବା ପୂଜା ଦ୍ୱାରା ପୁଣ୍ୟଫଳ ପ୍ରାପ୍ତ ହୋଇ ସୁଖ ଭୋଗ କରିଥା'ନ୍ତି, ସେମାନଙ୍କର ସେହି ପୁଣ୍ୟ ସମାପ୍ତ ହୋଇଯିବା ପରେ ସେମାନଙ୍କର ସୁଖ ମଧ୍ୟ ସମାପ୍ତ ହୋଇଯାଇଥାଏ । ତେଣୁ ପିତୁଳାରେ ଥିବା ଅନ୍ତର୍ଯ୍ୟାମୀ ପରମାତ୍ମାଙ୍କୁ ଯେଉଁମାନେ ଚିହ୍ନି ନ ପାରନ୍ତି ସେମାନେ ସୁଖ ପାଇଥା'ନ୍ତି ସିନା, ସେମାନଙ୍କର ସେହି ସୁଖ କିଛିକାଳ ରହି ତା'ପରେ ଦୁଃଖ ଆସିବା ଆରମ୍ଭ ହୋଇଥାଏ । ତେଣୁ ଗୀତାର ରାଜବିଦ୍ୟା ରାଜଗୁହ୍ୟ ଯୋଗରେ **ସର୍ବ ଦେବତାମାନଙ୍କୁ ଅର୍ପଣ କରାଯାଉଥିବା ଯଜ୍ଞର ଭୋକ୍ତା ମଧ୍ୟ ମୁଁ ବୋଲି କହି ପୁଣି ସେ ସମସ୍ତଙ୍କର ପ୍ରଭୂ ବୋଲି ମଧ୍ୟ କହିଛନ୍ତି** । ସେମାନଙ୍କର ପୁଣ୍ୟଫଳ ଦ୍ୱାରା ସୁଖ କିଛି ମିଳିଲେ ମଧ୍ୟ ସେମାନଙ୍କ ସୁଖ ପରେ ଦୁଃଖ ନିଶ୍ଚୟ ଆସିଥାଏ । ତେଣୁ କେହି ମଧ୍ୟ ଗ୍ରହ କହିଲେ କଅଣ ? ବିଗ୍ରହ କହିଲେ କଅଣ ? ଯଦି ଭଲଭାବରେ ଜାଣିଥାଏ ଏବଂ ସେହି ଗ୍ରହ, ବିଗ୍ରହର ଶକ୍ତି ହିଁ ପରମାତ୍ମା ବୋଲି ଜାଣିଥାଏ ତେବେ ସେ ହିଁ ପ୍ରକୃତ ଭକ୍ତ ବୋଲି କହି ପାରିବା । ଜ୍ଞାନୀମାନେ ସର୍ବଦା ପରମାତ୍ମାଙ୍କୁ ଆଶ୍ରୟ କରିଥା'ନ୍ତି । ତେଣୁ ସେମାନେ ହିଁ ଦିନେ ପରମାତ୍ମାରେ ଲୀନ ହୋଇପାରନ୍ତି ।

*****

# ମହର୍ଷି - ଆନନ୍ଦ

ଭୂପୃଷ୍ଠରେ ଅନେକ ମଣିଷ ବାସ କରନ୍ତି । ସେମାନଙ୍କ ଭିତରେ କେତେକ ମାନ୍ୟ ବ୍ୟକ୍ତି ଥିବାବେଳେ ଅସଂଖ୍ୟ ସାମାନ୍ୟ ବ୍ୟକ୍ତି ମଧ୍ୟ ରହିଥା'ନ୍ତି । ଜନ୍ମ ହେବାବେଳେ ସମସ୍ତେ ସାମାନ୍ୟ ବ୍ୟକ୍ତି ଭାବରେ ଜନ୍ମ ହେଉଥିଲେ ମଧ୍ୟ ଜନ୍ମ ହୋଇ ବଡ ହେବା ପରେ ସେମାନଙ୍କ ଭିତରୁ

ଅନେକ ଲୋକ ସେହି ସାମାନ୍ୟ ଭାବରେ ରହିଯିବା ବେଳେ, ମାତ୍ର କେତେଜଣ ମାନ୍ୟ ଭାବରେ (ପୂଜ୍ୟ ଭାବରେ) ବଦଳି ପାରିଥା'ନ୍ତି । କେବଳ ଜ୍ଞାନମାର୍ଗରେ ଥିବା ବ୍ୟକ୍ତିମାନେ ପୂଜ୍ୟ ବା ମାନ୍ୟତାର ପାତ୍ର ହୋଇ ପାରିଥା'ନ୍ତି । ଯାହା ପାଖରେ ଧନ ଅଧିକ ଥାଏ ସେମାନେ ମାନ୍ୟତାର ପାତ୍ର ହୋଇ ପାରିଥା'ନ୍ତି ବୋଲି କେତେକଙ୍କର ଭାବନା ଥିଲେ ମଧ୍ୟ, ତାହା କେବଳ ଭ୍ରମ ହୋଇପାରେ ବୋଲି କହି ପାରିବା । ବାସ୍ତବରେ ଜ୍ଞାନ ବା ଜ୍ଞାନାଗ୍ନି ଅର୍ଜନ କରିଥିବା ବ୍ୟକ୍ତିମାନେ ସମାଜରେ ମାନ୍ୟତାର ପାତ୍ର ବା ପୂଜିତ ହୋଇଥା'ନ୍ତି ବୋଲି ଜାଣିବା ଉଚିତ୍ ।

ଆତ୍ମାଧର୍ମକୁ ଜାଣି ଆଚରଣ କରୁଥିବା ବ୍ୟକ୍ତିଠାରେ ଜ୍ଞାନାଗ୍ନି ନାମକ ଶକ୍ତି ଉତ୍ପନ୍ନ ହୋଇଥାଏ । ଏଭଳି ଜ୍ଞାନାଗ୍ନି ଉତ୍ପନ୍ନ ହୋଇଥିବା ବ୍ୟକ୍ତିମାନଙ୍କୁ ଯୋଗୀ କୁହାଯାଏ । ଯେଉଁମାନେ ଆତ୍ମାଧର୍ମକୁ ଆଚରଣ କରିଥା'ନ୍ତି ସେମାନଙ୍କୁ ଆମେ ଯୋଗୀ କହୁଛେ । ତେଣୁ ସେହି ଯୋଗୀମାନଙ୍କ ଭିତରୁ କିଏ ବଡ କିଏ ସାନ ତାହା ମଧ୍ୟ ଆମେ ଜାଣିବା ଦରକାର । ଗୋଟିଏ ବିଦ୍ୟାଳୟରେ ବିଦ୍ୟାଭ୍ୟାସ କରିବାକୁ ଯାଉଥିବା ଛାତ୍ରଛାତ୍ରୀମାନଙ୍କୁ ଆମେ ବିଦ୍ୟାର୍ଥୀ କହୁଛେ, କିନ୍ତୁ ସେମାନଙ୍କ ଭିତରେ ପ୍ରଥମ, ଦ୍ୱିତୀୟ ଏଭଳି ଅନେକ ସ୍ଥିତିର ବିଦ୍ୟାର୍ଥୀମାନେ ରହିଥା'ନ୍ତି ବୋଲି କହିପାରିବା । ସେହିଭଳି ଆତ୍ମାଧର୍ମକୁ ଆଚରଣ କରୁଥିବା ବ୍ୟକ୍ତିମାନେ ସମସ୍ତେ ଯୋଗୀ ହେଲେ ମଧ୍ୟ ସେମାନେ ଯେ, ସମସ୍ତେ ସମାନ ବୋଲି କହି ପାରିବା ନାହିଁ । ଯୋଗୀମାନଙ୍କ ଭିତରେ ମଧ୍ୟ ଛୋଟ ବଡ ଭେଦଭାବ ରହିଥାଏ, ସେମାନଙ୍କ ଭିତରୁ ମହାନ ଯୋଗୀ ମଧ୍ୟ ରହିଥା'ନ୍ତି । ତେଣୁ ସେହି ଯୋଗୀମାନଙ୍କର ଭିନ୍ନତାକୁ ସେତେବେଳର ଜ୍ଞାନୀମାନେ ଜାଣିପାରି ସେମାନଙ୍କ ସ୍ଥିତି ଅନୁସାରେ ସେମାନଙ୍କ ସ୍ତର ଭିଭାଜନ କରି ଏକ ଏକ ସ୍ତରର ଏକ ଏକ ନାମଦେଇ କହୁଥିଲେ । ପୂର୍ବର ବଡମାନେ ଯୋଗୀମାନଙ୍କୁ ବିଭାଜନ କରି ସେମାନଙ୍କୁ ଚାରି ଶ୍ରେଣୀରେ ବିଭାଜନ କରିଥିଲେ । ଯୋଗୀମାନଙ୍କର

ସ୍ଥିତିର କ୍ରମ ଅନୁସାରେ ସେମାନେ ସେହି ଚାରି ସ୍ଥିତିକୁ ଅତିକ୍ରମ କରି ଶେଷରେ ମୋକ୍ଷ ନାମକ ସ୍ଥିତିରେ ପହଞ୍ଚୁଥିଲେ । ଯୋଗୀମାନଙ୍କର ସେହି ଚାରି ଶ୍ରେଣୀ ହେଉଛି ୧-ମହର୍ଷି, ୨-ରାଜର୍ଷି, ୩-ଦେବର୍ଷି, ୪-ବ୍ରହ୍ମର୍ଷି । ପରମାତ୍ମାଙ୍କୁ ପାଇବାକୁ ହେଲେ ସଂପୂର୍ଣ୍ଣ ଶକ୍ତି ଆବଶ୍ୟକ ହୋଇଥାଏ । ସେହି ସଂପୂର୍ଣ୍ଣ ଶକ୍ତିର ଏକ ଚତୁର୍ଥାଂଶ ଭାଗ ହେଉଛି ମହର୍ଷି ସ୍ଥିତି । ସଂପୂର୍ଣ୍ଣ ଶକ୍ତିର ଏକ ଚତୁର୍ଥାଂଶ ଶକ୍ତି ଅର୍ଜନ କରିଥିବା ଯୋଗୀକୁ ମହର୍ଷି ନାମରେ କୁହାଯାଏ । ଅର୍ଦ୍ଧେକ ଶକ୍ତି ରହିଥିବା ଯୋଗୀକୁ ରାଜର୍ଷି କୁହାଯାଏ । ଚାରି ଭାଗରୁ ତିନି ଭାଗ ଶକ୍ତି ଅର୍ଜନ କରିଥିବା ଯୋଗୀକୁ ଦେବର୍ଷି କୁହାଯାଏ । ସେହିଭଳି ସଂପୂର୍ଣ୍ଣ ଶକ୍ତିକୁ ହାସଲ କରିଥିବା ଯୋଗୀକୁ ବ୍ରହ୍ମର୍ଷି କୁହାଯାଏ ।

ଏବେ ଅନେକଙ୍କଠାରେ ଗୁଡିଏ ସନ୍ଦେହ ଆସିପାରେ ଯେ, ଶକ୍ତି କ'ଣ ଆଖିକୁ ଦେଖାଯାଏ ? ଆମେ ତା'କୁ କିପରି ଏକ ଚତୁର୍ଥାଂଶ କିମ୍ବା ଅର୍ଦ୍ଧେକ ଇତ୍ୟାଦି ଭାବରେ ହିସାବକୁ ଆଣିବା ? ଏହି ସନ୍ଦେହଗୁଡିକର ସମାଧାନ ନିଶ୍ଚୟ ଜାଣିବାକୁ ହେବ । ଯୋଗୀ ଅର୍ଜନ କରୁଥିବା ଶକ୍ତି ଆଖିକୁ ଦେଖାଯାଏ ନାହିଁ । ତେଣୁ ତାହା କେତେ ବୋଲି କୌଣସି ମାପ କରି ଜାଣି ପାରିବା ନାହିଁ । ସେଥିଲାଗି କେତେବଡ ଯୋଗୀ ହେଲେ ମଧ୍ୟ ତାକୁ ତା'ର ସ୍ଥିତି ବାବଦରେ ଜଣା ନଥାଏ । ଦିନେ ବ୍ରହ୍ମର୍ଷି ହେବାକୁ ଚେଷ୍ଟା କରୁଥିବା ବିଶ୍ୱାମିତ୍ରଙ୍କୁ ତୁମେ ବ୍ରହ୍ମର୍ଷି ହୋଇଯାଇଛ ବୋଲି ଅନ୍ୟମାନେ ନ କହିବା ପର୍ଯ୍ୟନ୍ତ ସେ ଜାଣି ନଥିଲେ । ଜଣେ ଯୋଗୀଠାରେ କେତେ ଶକ୍ତି ଅଛି ତାହା ତା'କୁ ଜଣା ନଥାଏ, କିନ୍ତୁ ଅନ୍ୟଜଣେ ଯୋଗୀକୁ ଆଉଜଣେ ଯୋଗୀର ଶକ୍ତି କଅଣ ବା କେତେ ତାହା ଜଣା ପଡିଯାଇଥାଏ । ସାଧାରଣ ଯୋଗୀ ନୁହଁନ୍ତି ! ଯେଉଁମାନେ ବ୍ରହ୍ମର୍ଷି ସ୍ଥାନର ଯୋଗୀ କେବଳ ସେମାନେ ହିଁ ଅନ୍ୟ ଏକ ଯୋଗୀର ସ୍ଥିତିକୁ ଜାଣି ପାରିଥା'ନ୍ତି । ସେଥିଲାଗି ବିଶ୍ୱାମିତ୍ର ସ୍ୱୟଂ ବ୍ରହ୍ମର୍ଷି ହେଲେ ମଧ୍ୟ ତାଙ୍କୁ ତାହା ଜଣା ନଥିଲା । ବ୍ରହ୍ମର୍ଷି ବଶିଷ୍ଠ ମଧ୍ୟ ନିଜକୁ ଜଣେ ବ୍ରହ୍ମର୍ଷି ବୋଲି ଚିହ୍ନି ପାରି ନଥିଲେ । ତେଣୁ ଜଣାପଡିଥାଏ

ଯେ, ଯୋଗୀମାନେ ବ୍ରହ୍ମର୍ଷି, ଦେବର୍ଷି, ରାଜର୍ଷି କି ମହର୍ଷି ତାହା ସେମାନଙ୍କୁ ସ୍ୱୟଂ ଜଣାନଥାଏ । କେବଳ ଜଣେ ବ୍ରହ୍ମର୍ଷିର ଅନ୍ୟର ଯୋଗଶକ୍ତିକୁ ଜାଣି ପାରିବା କ୍ଷମତା ଥାଏ, ସେ ଅମୁକ ସ୍ଥିତିର ବୋଲି କହିପାରିଥାଏ ।

ପୂର୍ବକାଳର ପ୍ରଜାମାନେ ମଣିଷ ଆଉ ମହର୍ଷିମାନଙ୍କ ଶ୍ରେଣୀକୁ ଜାଣି ପାରୁଥିଲେ, କିନ୍ତୁ ଆଜିର କାଳରେ ମହର୍ଷିର ଅର୍ଥ କ'ଣ ମଣିଷକୁ ଜଣା ନାହିଁ । ସେ ସବୁରେ ଆମର କି କାମ ବୋଲି କହୁଥିବା ଲୋକମାନେ ମଧ୍ୟ ସମାଜରେ ଅଛନ୍ତି । ପ୍ରଜାମାନଙ୍କୁ ଜ୍ଞାନ ମାର୍ଗରେ ପରିଚାଳିତ କରିବାପାଇଁ ରହିଥିବା ସ୍ୱାମିଜୀମାନେ, ପୀଠାଧିପତିମାନେ ନାନା କାହାଣୀ କହି କାଳ କାଟୁଛନ୍ତି । ସେଥିଲାଗି ଆଜି ପୂର୍ବର ଭାବ ବଦଳି ଗଲାଣି । ଏବେ ମହର୍ଷି କହିଲେ କ'ଣ, ପୂର୍ବେ ତାହା କେଉଁ ଅର୍ଥ ପ୍ରଦାନ କରୁଥିଲା ସେ ବାବଦରେ ଜାଣିବାକୁ ଚେଷ୍ଟା କରିବା । **"ହର୍ଷ"ର ଅର୍ଥ ହେଉଛି ସନ୍ତୋଷତା । "ହର୍ଷି" କହିଲେ ଯିଏ ସନ୍ତୋଷତାର ସହିତ ରହିଥାଏ ।** ମହା କହିଲେ ମହାନ ବା ବଡ । ସେହି ଅନୁସାରେ "ମହର୍ଷି"ର ଅର୍ଥ ବଡ ସନ୍ତୋଷତାର ସହିତ ଯିଏ ରହିଥାଏ । ଜଣେ ଯୋଗୀକୁ ବଡ ସନ୍ତୋଷତାରେ ରହିଥିବା ବ୍ୟକ୍ତି ବୋଲି କାହିଁକି କହିବା ? ପ୍ରଶ୍ନ କଲେ ସମାଧାନ ଆସେ ଯେ, ଜଣେ ଯୋଗୀ ଆତ୍ମାର ଅନୁଭବ କରିଥାଏ ସେଥିଲାଗି । ଏବେ ଆତ୍ମାନୁଭୂତି କିପରି ବୋଲି ପ୍ରଶ୍ନ କରିବା ବେଳେ, ସେହି ଆତ୍ମାନୁଭୂତିକୁ ଆମେ କଥାରେ କହି ପାରିବା ନାହିଁ । ଜଣେ ଯୋଗୀ ତାର ଆତ୍ମାନୁଭୂତିକୁ କୌଣସି ବ୍ୟକ୍ତିକୁ କହିବାକୁ ପଡିଲେ ସେଥିରେ ଖୁବ୍ ଆନନ୍ଦ ଥାଏ ବୋଲି ବର୍ଣ୍ଣନା କରିଥାଏ । ଅନୁଭବ ଭିତରେ ସବୁଠାରୁ ମହାନହେବା ଜିନିଷ ଆଉ ବା କଅଣ । ତାହାକୁ ଆନନ୍ଦ ହିଁ ତ କୁହାଯିବ ! ତେଣୁ ଆତ୍ମାନୁଭୂତିକୁ ଆନନ୍ଦ କୁହାଯାଏ, କିନ୍ତୁ ତାହା ଆନନ୍ଦ ମଧ୍ୟ ନୁହେଁ ! ତାହା ବର୍ଣ୍ଣନାତୀତ ହୋଇଥିବାରୁ ଆନନ୍ଦ, ବ୍ରହ୍ମାନନ୍ଦ ବୋଲି ଜ୍ଞାନୀମାନେ କହିଥିଲେ । ଯୋଗକୁ ଆନନ୍ଦ ବୋଲି ବର୍ଣ୍ଣନା କରିଥିବା ଜ୍ଞାନୀମାନେ ଯୋଗକୁ ଯିଏ ଅନୁଭବ

କରିଥାଏ ତାକୁ ମଧ୍ୟ ଆନନ୍ଦ କହିଥିଲେ । ଆଜିର କାଳରେ ମଧ୍ୟ ସ୍ୱାମିଜୀ ସ୍ଥିତିର ଲୋକମାନେ ଆନନ୍ଦ ଲାଗିଥିବା ନାମରେ କୁହାଯାଇଥାନ୍ତି । ହେଲେ କାହାଠାରେ କେତେ ଆନନ୍ଦ ରହିଛି ତାହା ଅଧେ କି ଚଉଠ ଇତ୍ୟାଦି ଭାଗରେ ହିସାବ କରି କେହି କହିପାରିବେ ନାହିଁ । ଆଜି ଆନନ୍ଦ ଏକ ପରମ୍ପରା ଭାବେ ବଦଳିଯାଇଛି ସିନା ସେମାନଙ୍କର ଶ୍ରେଣୀ ବିଭାଜନ କରି କହି ପାରୁଥିବା ପୂର୍ବଜମାନେ ଆଉ ନାହାନ୍ତି । ଏହା ଜାଣିବା ପରେ ଜଣାଯାଏ ଯେ, ଆଜିର ଆନନ୍ଦମାନେ ଯଦି ତାହା ଜାଣି ଥାଆନ୍ତେ ତେବେ ରାଜାନନ୍ଦ, ଦେବାନନ୍ଦ, ବ୍ରହ୍ମାନନ୍ଦ ଇତ୍ୟାଦି ନାମରେ ନିଜର ନାମଗୁଡିକୁ ରଖିଥାନ୍ତେ । ଆଜି ଆମେ କହୁଥିବା ଏଇ କଥା ଅନେକଙ୍କୁ ନୂଆ ଲାଗୁଥିଲେ ମଧ୍ୟ ଏହା ନିରାଟ ସତ୍ୟକଥା । ଆନନ୍ଦ ନାମକ ଶବ୍ଦର ଏକାର୍ଥ ବୋଧକ ଶବ୍ଦ ହେଉଛି ମହର୍ଷି ନାମକ ଶବ୍ଦ । ଆନନ୍ଦ, ମହର୍ଷି ନାମକ ଦୁଇଟି ଶବ୍ଦର ଅର୍ଥ ଭିନ୍ନ ନୁହେଁ । ତେଣୁ ଜଣେ ଯୋଗୀକୁ ମହର୍ଷି କହି ପାରିବା । ମହର୍ଷିଠାରୁ ଯୋଗଶକ୍ତିରେ ଯିଏ ଅଧିକ ତା'କୁ ରାଜର୍ଷି କହିବାରେ ଅର୍ଥ ରହିଛି । ଯିଏ ସବୁଠାରୁ ବଡ ତାକୁ ରାଜା କୁହାଯାଏ । ସେଥିଲାଗି ମହର୍ଷି ପରେ ବଡ ରାଜର୍ଷି । ମହାନ ହୋଇଥିବା ରାଜାଠାରୁ ମଧ୍ୟ ଦେବତାମାନେ ମହାନ । ତେଣୁ ମହର୍ଷି, ରାଜର୍ଷି ପରେ ଯିଏ ଟିକିଏ ବଡ ସେ ଦେବର୍ଷି । ଦେବତାମାନଙ୍କଠାରୁ ମହାନ ପରମାତ୍ମା । ପରମାତ୍ମାଙ୍କଠାରୁ ଆଉ କେହି ବଡ ନଥା'ନ୍ତି । ବ୍ରହ୍ମର ଅର୍ଥ ମଧ୍ୟ ବଡ, ତେଣୁ ଯିଏ ସମସ୍ତଙ୍କଠାରୁ ବଡ ତାକୁ ବ୍ରହ୍ମର୍ଷି କୁହାଯାଉଥିଲା । ମହର୍ଷି,ରାଜର୍ଷି,ଦେବର୍ଷି,ବ୍ରହ୍ମର୍ଷି କ୍ରମ ଥିବାଭଳି ଆନନ୍ଦ,ରାଜାନନ୍ଦ,ଦେବାନନ୍ଦ,ବ୍ରହ୍ମାନନ୍ଦ ପଦର କ୍ରମ ଥାଏ ।

ଆଜିର କାଳରେ ମଧ୍ୟ ଯୋଗୀମାନଙ୍କ ଭିତରେ ମହାନ ଶକ୍ତି ହାସଲ କରିଥିବା ମହର୍ଷିମାନଙ୍କଠାରୁ ଆରମ୍ଭ କରି ରାଜର୍ଷି, ଦେବର୍ଷି, ବ୍ରହ୍ମର୍ଷି ପର୍ଯ୍ୟନ୍ତ ଯୋଗୀମାନେ ଥାଇପାରନ୍ତି । କିନ୍ତୁ ଅନ୍ୟ ଜଣେ ନ କହିବା ପର୍ଯ୍ୟନ୍ତ ସେମାନଙ୍କ ସ୍ଥିତି ସେମାନଙ୍କୁ ଜଣା ନଥାଏ । ତେଣୁ ଆମେ କେଉଁ

ସ୍ଥିତିରେ ଅଛୁ ବୋଲି ଜାଣି ନଥିବା ଅନେକ ଯୋଗୀ ରହିଛନ୍ତି । କେତେକ ଭାବି ପାରନ୍ତି ଯେ ଏସବୁ ଆପଣ କିପରି ଜାଣିଲେ ? ଆପଣ କହୁଥିବା କଥାକୁ ଆମେ କିପରି ସ୍ୱୀକାର କରିବୁ ? ସେମାନଙ୍କ ଭାବନା ଅନୁସାରେ ସମାଧାନ କରିବାକୁ ଗଲେ, କେହି କୌଣସି ସ୍ଥାନରେ କେବେ କହିଥିବା ବିଷୟ ବାରମ୍ବାର ଆସିବା ଦ୍ୱାରା, ପଢିବା, ଶୁଣିବା ଦ୍ୱାରା ଏବେ ଶୁଣୁଥିବା ଏ ବିଷୟ ଆଗରୁ ଜାଣିଥିବା ବିଷୟ ଭଳି ହୋଇ ନଥିବାରୁ ଏଭଳି ପ୍ରଶ୍ନ କରିବା କିଛି ଖରାପ ନୁହେଁ । ଗୋଟିଏ ଗଛରେ ଭାରି ମିଠାଫଳ ଫଳିଛି ବୋଲି ଭାବିବା,ଏହା ଅନେକ ଲୋକ ଜାଣିଛନ୍ତି ବୋଲି ଭାବିବା । ଜଣେ ଫଳ ବେପାରି ଫଳ ବିକ୍ରି କରିବାବେଳେ ସେ ସେହି ଗଛର ଫଳ ଆଣି ବିକ୍ରି କରୁନଥିଲେ ମଧ୍ୟ ସେ ଗଛଟି ସମସ୍ତଙ୍କର ପରିଚିତ ଗଛ ହୋଇଥିବାରୁ ସେହି ଗଛର ନାଆଁ କହି ମୁଁ ଅମୁକ ଗଛର ଫଳ ଆଣିଛି କହିବା ଦ୍ୱାରା କିଣୁଥିବା ଲୋକମାନେ ମିଠାଫଳ ଭାବି ଆଗ୍ରହର ସହିତ କିଣିଥା'ନ୍ତି । ସେହିଭଳି ଗତକାଳର ନାଆଁ ଥିବା କେତେଜଣ ସ୍ୱାମୀଜୀମାନଙ୍କ ନାଆଁ କହି ଏହା ସେମାନେ କହିଥିବା କଥା, ସେମାନଙ୍କ ରଚନା ଇତ୍ୟାଦି କହି ଲୋକମାନଙ୍କୁ ଆକୃଷ୍ଟ କରାଇଥା'ନ୍ତି । ଉଦାହରଣସ୍ୱରୂପ ଆମ ଦେଶରେ କାଳୀମାତାଙ୍କୁ ପୂଜା କରୁଥିବା ଜଣେ ଗୁରୁଙ୍କର ବଡ ନାଆଁ ଥିଲା, ତାଙ୍କ ଶିଷ୍ୟର ମଧ୍ୟ ସେହିଭଳି ନାଆଁ ଥିଲା, ଶିଷ୍ୟ ଯାହା ଲେଖୁଥିଲେ, ଯାହା କହୁଥିଲେ ତାହା ଶୁଣିବାକୁ ପଢିବାକୁ ଲୋକେ  ଖୁବ୍ ଭଲପାଉଥିଲେ । ଏହା ସ୍ୱାଭାବିକ୍ କଥା । ଏବେ ସେହି ଗୁରୁ କିମ୍ବା ଶିଷ୍ୟଙ୍କର ନାଆଁ ନେଇ ଯାହା ଲେଖିଲେ ମଧ୍ୟ ଲୋକେ ଉତ୍ସାହର ସହିତ ପଢିବେ । ସେମାନେ ଭଗବଦ୍ଗୀତା ଲେଖି ନଥିଲେ ମଧ୍ୟ ସେମାନଙ୍କ ନାଆଁ ନେଇ ଯଦି କେହି ଲେଖେ ଲୋକେ ତା'କୁ ଅତି ଆଦରରେ କିଣି ପଢିବେ, ଏହା ବି ନିରାଟ ସତକଥା । **ଶଙ୍କରାଚାର୍ଯ୍ୟ ଏଇଭଳି କହିଛନ୍ତି, ରାମକୃଷ୍ଣ ପରମହଂସ କହିଛନ୍ତି, ବିବେକାନନ୍ଦ କହିଛନ୍ତି, ରମଣ ମହର୍ଷି କହିଛନ୍ତି ବୋଲି**

**ସେତେବେଳର ନାଆଁ ଥିବା ବ୍ୟକ୍ତିମାନଙ୍କର ନାଆଁ କହି** ସେମାନେ ଜଣାଇବାକୁ ଥିବା ବିଷୟକୁ ପ୍ରସ୍ତାବିତ କରି ପ୍ରଚାର କରିଥା'ନ୍ତି । ହେଲେ ଆମେ ଲେଖୁଥିବା ବିଷୟକୁ କାହାର ନାଆଁ ନେଇ କହୁନାହୁଁ, କାହା କଥାକୁ ଅନୁସରଣ କରୁନାହୁଁ । ଯାହା ଆଜି ନାହିଁ ଆଉ ପୂର୍ବେ ଥାଇ ଯାହା ଆଜି ନାହିଁ ଆମେ ସେହି ବିଷୟକୁ କହୁଛୁ । ତେଣୁ ଆମେ କହୁଥିବା କଥା ଅସତ୍ୟ ବୋଲି ଖଣ୍ଡନ କରିବା କ୍ଷମତା କାହାର ନାହିଁ । ଆମେ ବିବରଣ ଜଣାଉଥିବା ବିଷୟର ଆଚରଣ ଦିନେ ଥିଲା, ସେହି ଆଚରଣ ଆଜି ଥିଲେ ମଧ୍ୟ ତା'ର ଭାବ ଅଭାବ ହୋଇଯାଇଛି, ଆମେ କହୁଥିବା ବିଷୟର ପ୍ରମାଣ ଭାବରେ ସେହି ଆଚରଣଗୁଡିଏ ବଳକା ରହିଯାଇଛି । ପୂର୍ବେ ମହର୍ଷି, ରାଜର୍ଷି, ଦେବର୍ଷି ବ୍ରହ୍ମର୍ଷିମାନେ ଥିଲେ, ଏହା ସମସ୍ତଙ୍କୁ ଜଣାଥିବା ବିଷୟ । ଆଜି ସେମାନେ ନଥିଲେ ମଧ୍ୟ ସେତେବେଳେ ଥିଲେ ଏହା ସମସ୍ତଙ୍କୁ ଜଣାଅଛି,ହେଲେ ସେମାନଙ୍କର ଥିବା ନାଆଁଗୁଡିକ ଥିଲେ ମଧ୍ୟ ତା'ର ଅର୍ଥ କ'ଣ କାହାକୁ ଜଣା ନାହିଁ । ତେଣୁ ଆମେ ଜଣାଇଥିବା ସତ୍ୟକୁ ସମସ୍ତେ ନ ହେଲେ ମଧ୍ୟ ମାତ୍ର କେଇଜଣ ତ ଜାଣିପାରିବେ ! ମୋର ନାଆଁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ବୋଲି ମୋର ଗୁରୁ ଦେଇଛନ୍ତି । ଶ୍ରେଣୀ ଅନୁସାରେ ମୁଁ କେଉଁ ଶ୍ରେଣୀର ତାହା ମୋତେ ମଧ୍ୟ ଜଣା ନାହିଁ । ଆନନ୍ଦ ମୋର ନାଆଁରେ ମଧ୍ୟ ରହିଛି, କିନ୍ତୁ ମୁଁ କେଉଁ ଶ୍ରେଣୀର ତାହା ମୋତେ ଜଣା ନାହିଁ । ଯଦି କେହି ବ୍ରହ୍ମର୍ଷି ଏକଥା ଆମକୁ କହେ ତେବେ ଆମେ ତାହା ମଧ୍ୟ ସ୍ୱୀକାର କରିବୁ । ଖାଲି ପ୍ରବୋଧାନନ୍ଦ କାହିଁକି ଯୋଗୀଶ୍ୱର ବୋଲି ମଧ୍ୟ ନାଆଁ ଥିବା ମୁଁ କେଉଁ ଶ୍ରେଣୀର ତାହା ଆପଣ ଆପଣଙ୍କ ଅନୁଭୂତିରୁ କହିପାରିବେ ।

*****

# ଶିବ

ଦୁନିଆଁରେ ପ୍ରତି ଜୀବ ନିର୍ଣ୍ଣୀତ ହୋଇଥିବା ବାୟୁ ଅନୁସାରେ ଜୀବନ ବଞ୍ଚି ଶେଷରେ ମୃତ୍ୟୁବରଣ କରିଥାଏ । ମଣିଷର ଜୀବନଯାତ୍ରା ମଧ୍ୟ ଏହି ନିୟମ ଅନୁସାରେ ହେଉଛି । ଶରୀରଗାଡିରେ ଏଇ ବାୟୁର ମାପ ଯେଉଁଦିନ ଶେଷ ହୋଇଯାଏ ଜୀବ ସେହିଦିନ ଶରୀରରୁ ଓହ୍ଲାଇଯାଏ, ଏହି ନିୟମ ପ୍ରତ୍ୟେକ ଜୀବପାଇଁ ଲାଗୁହୁଏ ।

ଆମେ ଗୋଟିଏ ଗାଆଁକୁ ଯିବାବେଳେ ସେ ଗାଆଁ କେତେ ଦୂରରେ ଅଛି, ଆମେ ଗାଡିରେ ଗଲେ କେଉଁଠି ଓହ୍ଲାଇବା, କେତେ ଟଙ୍କା ଖର୍ଚ୍ଚ ନେଇ ଆମକୁ ଯିବାକୁ ହେବ ଇତ୍ୟାଦି ବିଷୟକୁ ଜାଣି, ମନେରଖି ଆମର ଯାତ୍ରା ଆରମ୍ଭ କରୁଛେ । ଆମେ କେତେଦୂର ଯିବା ସେହି ଅନୁସାରେ ବା ଆମର ଲକ୍ଷ୍ୟ ଅନୁସାରେ ଆମ ପାଖରେ ପଇସାପତ୍ର ରଖୁଛେ । ସେମିତି ଗାଡିରେ ଗଲାବେଳେ ଆମ ସହିତ ଯେଉଁମାନେ ଯାତ୍ରା କରୁଛନ୍ତି ସେମାନଙ୍କ ସହିତ କେତେ ସ୍ନେହଁ ସମ୍ପର୍କ ରଖିବାକୁ ହେବ ରଖୁଛେ । କାରଣ ! ଆମେ ଜାଣିଛେ ଯେ, ମୁଁ ଅମୁକ ସ୍ଥାନରେ ଗାଡିରୁ ଓହ୍ଲାଇବି । ଆମେ ଆମର ଲକ୍ଷ୍ୟ ଜାଣିଥିବାରୁ ଆମ ସହିତ ଯାତ୍ରା କରୁଥିବା ସହଯାତ୍ରୀମାନଙ୍କ ସହିତ ଶାଶ୍ୱତ ସ୍ନେହଁ ନରଖି ଯେତିକି ରଖିବାକଥା ସେତିକି ରଖି ଯାତ୍ରା କରୁଛେ ।

ଜୀବନଯାତ୍ରାରେ ସମସ୍ତଙ୍କର ଲକ୍ଷ୍ୟ ମରଣ ବୋଲି ସମସ୍ତେ ଜାଣିଛେ ସିନା, ସେ ଲକ୍ଷ୍ୟ କେତେଦୂର ତାହା କାହାକୁ ଜଣାନଥାଏ, ସେ ଲକ୍ଷ୍ୟ କେବେ ଆସିବ ତାହା କାହାକୁ ଜଣାନଥାଏ । ୫୦ କି.ମି ବେଗରେ ଦିଲ୍ଲୀ ଗଲେ ସେ ଯାତ୍ରା ଆଠଦିନ ଲାଗିଥାଏ କି ଆମେରିକା ଗଲେ ସେ ଯାତ୍ରା ୧ମାସ ହୋଇପାରେ । ତେଣୁ ଆମେ ଏହି ଯାତ୍ରାରେ ଆମ ସହଯାତ୍ରୀଙ୍କ ସହିତ ଯେଉଁ ସ୍ନେହଁ ସ୍ଥାପନ କରୁଛେ ତାହା ମାତ୍ର କିଛି ଦିନ ପାଇଁ ବା ପ୍ରକୃତସ୍ନେହଁ ହୋଇନଥିବା ସ୍ନେହଁ ବୋଲି କହି ପାରିବା, କିନ୍ତୁ ଆମ ଜୀବନଯାତ୍ରାର ଲକ୍ଷ୍ୟ ଆମକୁ ଜଣାନଥିବା ବେଳେ, ଆମ

ସହିତ ଯାତ୍ରା କରୁଥିବା ଲୋକମାନଙ୍କ ସହିତ ଶାଶ୍ୱତ ସ୍ନେହଁ ରଖିବସୁଛେ ! ଆମ ଯାତ୍ରା ଦିନେ କି ଦୁଇଦିନ ତାହା ଆମକୁ ଜଣା ନାହିଁ ! କିନ୍ତୁ ଆମେ ସେମାନଙ୍କ ସହିତ ସ୍ନେହଁ ବନ୍ଧନରେ ବାନ୍ଧି ହୋଇଯାଉଛେ ! ! ଦିଲ୍ଲୀ ଯାତ୍ରା ଆଠଦିନ ବୋଲି ଜାଣି ମଧ୍ୟ ଆମ ସହଯାତ୍ରୀ ସହ ଆମେ ସ୍ନେହଁ ରଖୁ ନାହେଁ ! ହେଲେ ଆମେ ଆଠଦିନ ବଞ୍ଚିବା କି ନାହିଁ ବୋଲି ଜାଣି ନଥିବା ଜୀବନଯାତ୍ରାରେ ଆମ ସହଯାତ୍ରୀ ବାପା, ମାଆ, ଭାଇ, ଭଉଣୀ, ସ୍ତ୍ରୀ, ପିଲା ଇତ୍ୟାଦିଙ୍କ ସହିତ ନିବିଡ ସ୍ନେହଁରେ ଆବଦ୍ଧ ହୋଇଯାଉଛେ ! ! ଏହା ଜ୍ଞାନରହିତ ବିଷୟ ନୁହେଁ ତ ଆଉ କ'ଣ ? ଜ୍ଞାନଯୁକ୍ତ ଭାବରେ ବିଚ୍ଚରକଲେ ଆମେ ସମସ୍ତେ ଏକାଠି ବସି ଯାତ୍ରା କରୁଥିଲେ ମଧ୍ୟ ଯାହାର ଲକ୍ଷ୍ୟ ଯାହାର । ଯାହାର ଯାତ୍ରା ତାହାର ଲକ୍ଷ୍ୟସ୍ଥଳରେ ସମାପ୍ତ ହେବ । ତୋ'ଲକ୍ଷ୍ୟ ପର୍ଯ୍ୟନ୍ତ ନିଶ୍ଚୟ ଭାବରେ କେହି ରହିବେ ବୋଲି କୌଣସି ଗ୍ୟାରେଣ୍ଟି ନାହିଁ, ଏକଥା କେହି ଅସ୍ୱୀକାର କରି ପାରିବେ ନାହିଁ । ଏହା କେତେଦୂର ବାସ୍ତବ ବୋଲି ବିଚ୍ଚର କଲେ ଆମକୁ ଜଣା ନଥିବା ରହସ୍ୟ ଆଉଗୋଟିଏ ମଧ୍ୟ ମିଳିଥାଏ । ତୋ'ସହିତ ଯାତ୍ରା କରୁଥିବା ଯାତ୍ରୀମାନଙ୍କ ଭିତରୁ ତୋ' ଆଖିକୁ ଦେଖାଯାଉ ନଥିବା **ଦୁଇଜଣ ଯାତ୍ରୀ** ମଧ୍ୟ ଅଛନ୍ତି, ସେମାନଙ୍କ ଭିତରୁ ଜଣକର ନାଆଁ ଅଛି, ଆଉ ଜଣକର ନାଆଁ ନାହିଁ, ନାଆଁ ଥିବା ପାତ୍ରଜଣକ ହେଉଛି **ଆତ୍ମା** । ଦ୍ୱିତୀୟ ଜଣକର ନାଆଁ ନଥିବାରୁ, ସେ ଆତ୍ମାଠାରୁ ପରମ ଭାବରେ ଥିବାରୁ ତାକୁ **ପରମାତ୍ମା, ଈଶ୍ୱର** (ଅଧିପତି), **ଶିବ** (ଶାନ୍ତ) **ଦୈବ** ଇତ୍ୟାଦି ଉପାଧିରେ କହୁଛେ ।

ତୁ ଜୀବାତ୍ମାଟିଏ ବୋଲି ଜାଣିଛୁ ସିନା, ଶରୀର ନାମକ ଗାଡିରେ ଯାତ୍ରା କରୁଛୁ ବୋଲି ଭୂଲିଯାଇଛୁ । ତୋ'ସହିତ ଆଉ ଦୁଇଜଣ ଯାଉଛନ୍ତି ବୋଲି ମଧ୍ୟ ତୁ ଭୂଲିଯାଇଛୁ । ତୁ ଟିକିଏ ଜ୍ଞାନଦୃଷ୍ଟିରୁ ଯଦି ବିଚ୍ଚର କରନ୍ତୁ ତେବେ ଜାଣିପାରନ୍ତୁ ଯେ, ତୁ ଏକା ନୁହଁ, ତୁମେମାନେ ତିନିଜଣ ଯାତ୍ରା କରୁଛ । ତୁମେମାନେ ମୋଟ ତିନିଜଣ ।

ଏହିଭଳି ସମସ୍ତ ଜୀବରାଶି ସେମାନଙ୍କ ଶରୀରରେ ଯାତ୍ରା କରୁଛନ୍ତି । ଶରୀରରେ ଯାତ୍ରା କରୁଥିବା ଆତ୍ମା, ପରମାତ୍ମା ଆଉ ତୋ'ଭିତରେ କି ଭିନ୍ନତା ରହିଛି ଆଉ ସେମାନଙ୍କ ସହିତ ତୋ'ର ସ୍ନେହ କେଉଁ ସ୍ଥିତିରେ ଅଛି ବୋଲି ବିଚାର କଲେ, ସତରେ ତୁ ସେମାନଙ୍କୁ ଚିହ୍ନି ନାହୁଁ । ଏବେ ପଢୁଥିବା ଆପଣମାନେ ସେମାନଙ୍କ ସହିତ ସ୍ନେହ ରଖିଛନ୍ତି କି ବୋଲି ଭାବିଲେ, ନାହିଁ କହିପାରିବା ସିନା ଅଛି ବୋଲି କହି ପାରିବା ନାହିଁ । ଆମେ ଯେଉଁମାନଙ୍କ ସହିତ ସ୍ନେହସଂପର୍କ ରଖିଛେ ସେମାନେ ହେଉଛନ୍ତି ଶରୀର,ସେମାନେ କିଏ କେତେବେଳେ ଚାଲିଯିବେ ଆମେ ଜାଣି ନାହେଁ । ସେମାନଙ୍କ ସ୍ନେହରେ ପାଗଳ ହୋଇଯାଇଛେ । ସେମାନଙ୍କ ଭଲ ମନ୍ଦରେ ଆମର କାଳ କଟୁଛି । ଆତ୍ମା ପରମାତ୍ମାଙ୍କ ପାଇଁ, ସେମାନଙ୍କ ସହିତ ସ୍ନେହ ରଖିବା ପାଇଁ ଆମ ପାଖରେ ସମୟ ନାହିଁ । ତୁ ଶରୀର ଭିତରେ ଥାଇ ସେମାନଙ୍କୁ ସିନା ଦେଖୁ ନାହୁଁ, ସେମାନେ ସବୁବେଳେ ତୋତେ ଚାହିଁ ରହିଛନ୍ତି, ସେମାନଙ୍କ ସ୍ନେହ ସର୍ବଦା ତୋ' ଉପରେ ରହିଛି, ସେମାନଙ୍କ ସ୍ନେହ ଯଦି ଆମମାନଙ୍କ ଉପରେ ନ ରହିବ ତେବେ ଆମେ ଗୋଟିଏ ମିନିଟ୍ ମଧ୍ୟ ବଞ୍ଚି ପାରିବା ନାହିଁ। **ଶରୀର ଯାତ୍ରାରେ ଜୀବାତ୍ମା, ଆତ୍ମା, ପରମାତ୍ମା ତିନିହେଁ ଯାତ୍ରା କରୁଥିବା ବେଳେ ଜୀବାତ୍ମାର ଲକ୍ଷ୍ୟ ଆସୁ ଆସୁ ସେ ଶରୀରଗାଡିରୁ ଓହ୍ଲାଇଯାଏ,ତାସହିତ ଆତ୍ମା ମଧ୍ୟ ଓହ୍ଲାଇଯାଏ । ଏକଥା ଭଗବଦ୍ଗୀତାର ପୁରୁଷୋତ୍ତମ ପ୍ରାପ୍ତି ଯୋଗର** ଅଷ୍ଟମ ଶ୍ଳୋକରେ କୁହାଯାଇଛି ।

ତୋ'ର ଲକ୍ଷ୍ୟସ୍ଥଳରେ ତୋ'ସହିତ ଯାତ୍ରା କରୁଥିବା ଦୁଇଜଣଙ୍କ (ଆତ୍ମା, ପରମାତ୍ମା) ଭିତରୁ ଜଣେ ତୋ' ସହିତ ଓହ୍ଲାଇଯାଏ ସିନା ଆତ୍ମାଠାରୁ ସ୍ୱତନ୍ତ୍ର ହୋଇଥିବା ପରମାତ୍ମା ଶରୀରଗାଡିରେ ସେମିତି ରହିଯାଇଥାଏ ।

ସଜୀବ ଯାତ୍ରାରେ ଜୀବ ଦୁଃଖ ସୁଖକୁ ଅନୁଭବ କରୁଥାଏ । ସେହି ଦୁଃଖ ସୁଖକୁ ଅନୁଭବ କରିବା ପାଇଁ ଶରୀର ଦ୍ୱାରା କାର୍ଯ୍ୟ ଆଚରଣ ହେବା

ନିମନ୍ତେ ଶକ୍ତି ଦେଇଥାଏ ଆତ୍ମା । ତୃତୀୟ ପାତ୍ର ହୋଇଥିବା ପରମାତ୍ମା ଶରୀରରେ କିଛି ନକରି ସବୁକିଛିର ସାକ୍ଷୀ ହୋଇ ରହିଥା'ନ୍ତି । ଜୀବ ଶରୀରରେ ରହିବାବେଳେ ହେଉ ନରହିବା ବେଳେ ହେଉ ସବୁବେଳେ ସ୍ତବ୍ଧତାର ସହିତ ରହିଥାନ୍ତି ଆତ୍ମାଠାରୁ ସ୍ୱତନ୍ତ୍ର ହୋଇଥିବା ପରମାତ୍ମା । ଆତ୍ମାଠାରୁ ଅଲଗା ହୋଇଥିବା ପରମାତ୍ମାଙ୍କୁ ପରମାତ୍ମା କହିବାର ଯଥାର୍ଥକୁ ଜାଣିଥିଲେ । ଏବେ ତାଙ୍କୁ ଈଶ୍ୱର କହିବାରେ କି ଅନ୍ତରାର୍ଥ ଅଛି ଟିକିଏ ଜାଣିବା ।

ଅଧିପତି କହିଲେ ଯିଏ ସମସ୍ତଙ୍କଠାରୁ ବଡ ବା ମହାନ । ଆମେ ଲକ୍ଷାଧିପତି କହୁଛେ । ଲକ୍ଷାଧିପତି କହିଲେ ଯିଏ ଲକ୍ଷେଟଙ୍କାର ଅଧିକାରୀ ବା ଯାହା ପାଖରେ ଲକ୍ଷାଧିକ ଟଙ୍କା ଅଛି । ସେହିଭଳି କୋଟିଶ୍ୱର ମଧ୍ୟ କହୁଛେ । ତେଣୁ ଅଧିପତି ବା ଈଶ୍ୱର କହିଲେ ଅଧିକ, ମହାନ ବା ବଡ ବୋଲି ଜଣାଯାଉଛି । ଏ ପ୍ରପଞ୍ଚରେ ଲକ୍ଷେ, କୋଟିଏ, ଇଏ, ସିଏ ନକହି ଯିଏ ସବୁକିଛିର ଅଧିପତି ବା ଯିଏ ସମସ୍ତଙ୍କଠାରୁ ମହାନ ସେ ପରମାତ୍ମା ବୋଲି କହିବା ଉଚିତ୍ । ତେଣୁ ଅମୁକର ଈଶ୍ୱର ବୋଲି କାହାକୁ ନକହି ସମସ୍ତଙ୍କର ଅଧିପତି ହୋଇଥିବା ପରମାତ୍ମାଙ୍କୁ ଈଶ୍ୱର ନାମକ ଉପାଧିରେ କୁହାଯାଇଛି । ଯାହାକୁ କେଉଁଠାରୁ ଚିହ୍ନିତ କରିହୁଏ ନାହିଁ, ଯିଏ ସର୍ବତ୍ର ବ୍ୟାପିରହିଛି, ଯିଏ କୌଣସି ପ୍ରୟୋଗ ଦ୍ୱାରା ଜାଣି ହୁଏ ନାହିଁ, ବଞ୍ଚିଥିବା କୌଣସି ମଣିଷ ଯାହାକୁ ଜାଣି ପାରେ ନାହିଁ, କୌଣସି ଜ୍ଞାନୀକୁ, ଯୋଗୀକୁ ମଧ୍ୟ ଯାହା ବାବଦରେ ସଂପୂର୍ଣ୍ଣ ଜଣା ନାହିଁ ସେହି ଅଗମ୍ୟ ଅଗୋଚରକୁ ଜ୍ଞାନୀମାନେ "ଶିବ" କହିଥିଲେ । ବାସ୍ତବରେ ଶିବମ୍ କହିଲେ ଯାହା ଜଣା ନାହିଁ । ଜ୍ଞାନୀ, ଯୋଗୀମାନଙ୍କୁ ଏହି ଶିବ ନାମକ କିଛି ଗୋଟିଏ ଅଛି ବୋଲି ଜଣାଥିଲା ସିନା, ତାହା ଏମିତି କି ସେମିତି ବୋଲି ଜଣାନଥିଲା କି ଆଜି କାହାକୁ ଜଣା ନାହିଁ । ଜୀବ ଜ୍ଞାନ,ଯୋଗ ଦ୍ୱାରା ଶରୀରରେ ଥିବା ଆତ୍ମାକୁ ଜାଣିପାରେ ସିନା "ଶିବ"କୁ ଜାଣିପାରେ ନାହିଁ । ସମସ୍ତ କର୍ମ

ବିନାଶ ହେବା ପରେ ଜନ୍ମ ନଥିବା ସ୍ଥିତିରେ ପହଞ୍ଚୁଥିବା ଯୋଗୀମାନେ ଏହି 'ଶିବ'ରେ ଐକ୍ୟ ହୋଇଯାଇଥା'ନ୍ତି । ସେତେବେଳେ ଶିବ କ'ଣ ସେମାନଙ୍କୁ ଜଣା ପଡିଥାଏ ସିନା ବଞ୍ଚିଥିବା କୌଣସି ବ୍ୟକ୍ତି ଜାଣି ପାରନ୍ତି ନାହିଁ ।

ଶରୀରର ଜୀବନଯାତ୍ରାରେ, ମରଣ ନାମକ ଲକ୍ଷ୍ୟରେ ଆତ୍ମା, ଜୀବାତ୍ମା ଶରୀରରୁ ଚାଲିଯିବା ପରେ ସେଥିରେ ବଳକା ରହିଯାଇଥା'ନ୍ତି କେବଳ ଶିବ । ବଞ୍ଚି ରହିଥିବାବେଳେ ନୀଚ ଗୁଣଗୁଡିକ ସହିତ ସମ୍ବନ୍ଧୀତ ହୋଇଥିବା ଜୀବ ଆଉ ଶରୀରରେ ରହିନଥାଏ । କୌଣସି ନୀଚ ଭାବ ଆଉ ମୃତ ଶରୀରରେ ନଥାଏ । ସୃଷ୍ଟିରେ ପରମାତ୍ମାଙ୍କ ଛଡା ଆଉ କେହି ନାହାନ୍ତି । ତେଣୁ ସେ ବିଷୟ ଜାଣିଥିବା ଜ୍ଞାନୀ, ଯୋଗୀମାନେ ଜଣେ ବ୍ୟକ୍ତି ମୃତ୍ୟୁବରଣ କଲେ ସେହି ମୃତ ଶରୀରକୁ ଅନ୍ତଃକ୍ରିୟା କରିବା ଆଗରୁ ସଂପୂର୍ଣ୍ଣ ଭକ୍ତିସହକାରେ ପୂଜା କରୁଥିଲେ,ସେହି ପରମ୍ପରା ଆଜି ଥିଲେ ମଧ୍ୟ ଯଦି ମୃତ ଦେହକୁ ପୂଜା କିମ୍ବା ନମସ୍କାର କରିଥା'ନ୍ତି ତେବେ ଭୟରେ କରିଥା'ନ୍ତି ସିନା, ସେ ନମସ୍କାରର ଅର୍ଥ କ'ଣ ଜାଣି ନଥା'ନ୍ତି । ପୂର୍ବେ ଏଭଳି ଜ୍ଞାନ ନଜାଣି କୌଣସି କାର୍ଯ୍ୟ କରୁନଥିଲେ । ସେମାନେ ସବୁକାର୍ଯ୍ୟର ଅର୍ଥକୁ ଜାଣି କରୁଥିଲେ । ଜୀବ ଚାଲିଯିବା ପରେ ଶେଷରେ ରହିଥା'ନ୍ତି ଶିବ ବୋଲି ସେମାନଙ୍କୁ ଜଣାଥିଲା । ତେଣୁ ମୃତଦେହକୁ ସେମାନେ ଶିବ କହୁଥିଲେ । କାଳକ୍ରମେ ଭାବ ବଦଳି ଯାଇଛି । **ଶିବ ଶବ୍ଦଟି 'ଶବ'**ରେ ପରିଣତ ହୋଇଯାଇଛି ସିନା, ପୂର୍ବର ଆଚରଣ ଆଜି ମଧ୍ୟ ବିଶେଷ କିଛି ବଦଳି ନାହିଁ ।

କର୍ମ ଶେଷ ହୋଇଯାଇଥିବା ଯୋଗୀମାନେ ଅନ୍ୟ ଜନ୍ମକୁ ନଯାଇ ପରମାତ୍ମାଙ୍କଠାରେ ଐକ୍ୟ ହୋଇଥା'ନ୍ତି, ସେମାନେ ମରଣ ସମୟରେ ଶରୀରରୁ ଅନ୍ୟତ୍ର ଯିବା ଅବଶ୍ୟକ ନାହିଁ,କାରଣ ଶରୀରର ଅଣୁ ଅଣୁରେ ଶିବ ରହିଥା'ନ୍ତି । ସେଭଳି ଯୋଗୀମାନଙ୍କ ଶରୀରକୁ ଶେଷ ଦିନରେ

ପୂଜା କରିବା ଛଡା ତାଙ୍କୁ ସମାଧିରେ ରଖି ଚିରକାଳ ପୂଜା କରିବା ପାଇଁ ସେତେବେଳର ଜ୍ଞାନୀମାନେ ନିର୍ଣ୍ଣୟ ନେଇଥିଲେ । ଏଭଳି କରିବା ଦ୍ୱାରା ସାକ୍ଷାତ୍ ପରମାତ୍ମାଙ୍କୁ ଆରାଧନା କରିବା ଭଳି ଫଳ ମିଳେ ବୋଲି ସେମାନଙ୍କୁ ଜଣାଥିଲା ।

ଗୋଟିଏ ମୃତ୍ୟୁବରଣ କରିଥିବା ଜୀବର ଶରୀର 'ଶବ' ନୁହେଁ 'ଶିବ' ବୋଲି ଆମକୁ ଜଣାଗଲା ବେଳେ ଯାହାକୁ ଶିବ ବଦଳରେ ଆଜି ଶବ କହୁଛେ ତାହା ଅତି ଶୁଭ ସୂଚକ ବୋଲି ବର୍ତ୍ତମାନ ଜାଣିବା ଉଚିତ୍ ସିନା, ସାଧାରଣ ଲୋକମାନଙ୍କ ଭଳି ମଡା, ଭୂତ, ପିଶାଚ, ପ୍ରେତ, ମୁର୍ଦ୍ଦାର କହିବା ଉଚିତ ନୁହେଁ । କୌଣସି ପୂଜା କରନ୍ତୁ କିମ୍ବା ନକରନ୍ତୁ ଦୋଷ ନାହିଁ, କିନ୍ତୁ ଯାହାକୁ ଶବ କହୁଛେ ତା'କୁ ଶିବ ଭାବନ୍ତୁ । ଅନ୍ତଃକ୍ରିୟା କରି ପାରୁନଥିବା ପରିବାରକୁ ସାହାଯ୍ୟ କରନ୍ତୁ । ମୁସ୍ଲିମ୍ ଧର୍ମରେ କିଛି ଜଣା ନଥିବା ଲୋକଟିଏ ମଧ୍ୟ ଶବଟିଏ ଦେଖିଲେ ତା'ର ନିଜର କାର୍ଯ୍ୟ ଛାଡି ଶବପେଟିକା ସାଥିରେ କବ୍ରସ୍ଥାନ ପର୍ଯ୍ୟନ୍ତ ଯାଉଥିବା ଆମେ ଦେଖୁଛେ । ଖ୍ରୀଷ୍ଟଧର୍ମରେ ସେମାନଙ୍କ ଧର୍ମଗୁରୁ ବାଇବେଲ୍ ପଢି ଭକ୍ତି ସହକାରେ ମୃତ ଦେହର ଶେଷକାର୍ଯ୍ୟ କରିଥା'ନ୍ତି, ହେଲେ ସବୁଠାରୁ ଆଗରୁ ଜନ୍ମ ନେଇଥିବା ହିନ୍ଦୁଧର୍ମରେ ନାମମାତ୍ର ଆଚରଣ ସହିତ ଯେତେଶୀଘ୍ର ପାରୁଛନ୍ତି ସେତେଶୀଘ୍ର ମୃତ ଦେହରୁ ଦୁର୍ଗନ୍ଧ ବାହାରିବା ଭୟରେ ଶ୍ମଶାନକୁ ପଠାଇ ଦେଇଥା'ନ୍ତି । ଜ୍ଞାନର ସଂକୁଚିତ ଅବସ୍ଥାରେ ଆମେ ସେହି ପରମାତ୍ମା ଶିବଙ୍କୁ ଶବ ବୋଲି ଆଜି କହୁଛେ । ସେହି ପୁରୁଣା ଆଚରଣରେ ଥିବା ନିତ୍ୟ ଜ୍ଞାନକୁ ନଭୂଲି ଗୋଟିଏ ଶବ(ଶିବ)କୁ ଆମର ପୂର୍ବପୁରୁଷମାନଙ୍କ ଚକ୍ଷୁରେ ଦେଖିବାକୁ ହେବ ।

*****

# ପ୍ରାଣାୟାମ

ଜୀବର ଶରୀରରେ ପାଞ୍ଚଗୋଟି ବାୟୁ ଥାଏ । ତାହାକୁ ପଞ୍ଚପ୍ରାଣ କୁହାଯାଏ । ଏହି ପ୍ରାଣବାୟୁଗୁଡିକର ଉପବାୟୁଗୁଡିକୁ ମଧ୍ୟ ଗୋଟିଏ ଗୋଟିଏ ଉପପ୍ରାଣ କୁହାଯାଏ । ଉପପ୍ରାଣ ପ୍ରାଣବାୟୁରେ ମିଶି ରହିଥା'ନ୍ତି । ପ୍ରାଣ ବୋଲାଉଥିବା ଏହି ପଞ୍ଚବାୟୁ ଏକତ୍ରିତ ହେବା ହେଉଛି "ପ୍ରାଣାୟାମ" । ଏହି ପ୍ରାଣାୟାମ ଦୁଇ ପ୍ରକାରର । ଜୀବ ଭିତରକୁ ଶ୍ୱାସ ନେବା ପୂରକ ବା ପ୍ରଶ୍ୱାସ, ଶ୍ୱାସ ବାହାରକୁ ଛାଡିବା ରେଚକ ବା ନିଶ୍ୱାସ । ପ୍ରଶ୍ୱାସ ବାହାରକୁ ନଛାଡି ଭିତରେ ଅଟକାଇ ରଖିବାକୁ କୁମ୍ଭକ କହନ୍ତି । କୁମ୍ଭକ ଦ୍ୱାରା ପଞ୍ଚ ପ୍ରାଣଗୁଡିକୁ ବାହାରକୁ ନଛାଡି ଏକତ୍ର କରି ରଖିବା ଏକ ପ୍ରକାରର ପ୍ରାଣାୟାମ । ଜୀବ କୁମ୍ଭକ ଦ୍ୱାରା ଶ୍ୱାସକୁ ନ ଅଟକାଇ ତାର ଯୋଗ ଦ୍ୱାରା ଶ୍ୱାସ ଆପଣାଛାଏ ଅଟକିଯାଇ ଭିତରେ ଥିବା ବାୟୁଗୁଡିକ ଏକତ୍ରିତ ହୋଇଯିବାକୁ ଅନ୍ୟ ଏକ ପ୍ରକାରର ପ୍ରାଣାୟାମ କୁହାଯାଏ । ତେଣୁ ଏହି ଦୁଇଟି ପ୍ରକ୍ରିୟାରୁ ଯାହା ବି କରାଯାଏ ତାହାକୁ ପ୍ରାଣାୟାମ କୁହାଯିବ । ଦୁଇଟିଯାକ ପ୍ରାଣାୟାମ ଭିତରୁ ବାୟୁଗୁଡିକ କୁମ୍ଭକ ଦ୍ୱାରା ଅଟକାଇ ରଖିବା ଖୁବ୍ କଷ୍ଟଦାୟକ ପ୍ରକ୍ରିୟା, କିନ୍ତୁ ଦ୍ୱିତୀୟ ପଦ୍ଧତିଟି ଖୁବ୍ ସହଜ ଏବଂ ବିପଦ ବିହୀନ ଅଟେ । ଏହି ଦୁଇ ପ୍ରାଣାୟାମ ପଦ୍ଧତି ବାବଦରେ ଜାଣିବା ।

ପ୍ରତି ମାନବ ଶରୀରରେ ବ୍ରହ୍ମନାଡୀ ରହିଥାଏ, ତାହାକୁ ମେରୁଦଣ୍ଡ ମଧ୍ୟ କୁହାଯାଏ । ଏହା ମସ୍ତିସ୍କରୁ ଆରମ୍ଭ ହୋଇ ପିଠି ମଧ୍ୟ ଦେଇ ଗୁହ୍ୟସ୍ଥାନ ପର୍ଯ୍ୟନ୍ତ ବ୍ୟାପିରହିଥାଏ । ମସ୍ତିସ୍କଠାରୁ ନିମ୍ନଭାଗ ପର୍ଯ୍ୟନ୍ତ ବ୍ୟାପିରହିଥିବା ଏହି ବ୍ରହ୍ମନାଡୀରେ ନାଡୀଗୁଡିକର ସାତଗୋଟି କେନ୍ଦ୍ର ରହିଥାଏ । ଏହି ସ୍ଥାନଗୁଡିକୁ ସପ୍ତନାଡୀକେନ୍ଦ୍ର, ସପ୍ତକମଳ ବା ସପ୍ତଚକ୍ର ବୋଲି ଯୋଗୀମାନେ କହିଥା'ନ୍ତି । ଏହି ନାଡୀକେନ୍ଦ୍ରଗୁଡିକ ଶରୀରରେ କାର୍ଯ୍ୟକାରୀ ହେଉଥିଲେ ମାନବ ସବୁକିଛି କରିପାରେ । ତା'ର ଶରୀରର ଭିତର ବାହାର ଅବୟବଗୁଡିକ କାର୍ଯ୍ୟକ୍ଷମ ହୋଇଥାଏ । ଏହି କେନ୍ଦ୍ରଗୁଡିକରୁ

ଆସିଥିବା ନାଡୀଗୁଡିକ ଫୁସ୍‌ଫୁସ୍ (lungs)କୁ ସଂକୋଚନ ପ୍ରସାରଣ କରିଥାଏ । ଫୁସ୍‌ଫୁସ୍ ସଂକୁଚିତ ହେବାବେଳେ ଶ୍ୱାସ ବାହାରକୁ ଯାଏ, ତାହାକୁ ନିଶ୍ୱାସ କୁହାଯାଏ । ଫୁସ୍‌ଫୁସ୍ ପ୍ରସାରିତ ହେବାବେଳେ ଶ୍ୱାସ ଭିତରକୁ ପ୍ରବେଶ କରେ ଏବଂ ତାହାକୁ ପ୍ରଶ୍ୱାସ କୁହାଯାଏ । ବ୍ରହ୍ମନାଡୀରେ ଥିବା ନାଡୀକେନ୍ଦ୍ରଗୁଡିକରୁ ଆସିଥିବା ନାଡୀଗୁଡିକ ଫୁସ୍‌ଫୁସ୍‌କୁ କାର୍ଯ୍ୟକ୍ଷମ କରାଇଥା'ନ୍ତି ଏବଂ ଜୀବ ନିଶ୍ୱାସ ପ୍ରଶ୍ୱାସ ନେଇଥାଏ । ଗୋଟିଏ ଥର ଶ୍ୱାସ ଭିତରକୁ ପ୍ରବେଶ କରି ବାହାରକୁ ଆସିଲେ ତାହାକୁ ଏକ ଶ୍ୱାସ କୁହାଯାଏ, ହଂସ ମଧ୍ୟ କୁହାଯାଏ । ଏହିଭଳି ଦିନକୁ ୨୧,୬୦୦ ଶ୍ୱାସକୁ ଜୀବ ଗ୍ରହଣ କରିଥାଏ । ଏହି କ୍ରିୟା ବ୍ରହ୍ମନାଡୀର କେନ୍ଦ୍ରଗୁଡିକ ଦ୍ୱାରା ହୋଇଥାଏ । ଏହି କେନ୍ଦ୍ରଗୁଡିକ କିପରି ଏହି କାର୍ଯ୍ୟ କରିଥାଏ? ବୋଲି ପ୍ରଶ୍ନକଲେ, ବ୍ରହ୍ମନାଡୀରେ ସାତଗୋଟି କେନ୍ଦ୍ର ଥାଏ । ସେଥିମଧ୍ୟରୁ ସବୁଠାରୁ ତଳେ ଥିବା କେନ୍ଦ୍ରକୁ **ଆଧାର କେନ୍ଦ୍ର (ମୂଳାଧାର)** କୁହାଯାଏ । ଏହି କେନ୍ଦ୍ରଟି ଗୁଦସ୍ଥାନର ସମସ୍ଥାନରେ ଥିବା ମେରୁଦଣ୍ଡରେ ବା ବ୍ରହ୍ମନାଡୀରେ ଥାଏ । ଏହାକୁ ଆଧାରକମଳ ବା ଆଧାରଚକ୍ର କୁହାଯାଏ । ଏହି ଆଧାରଚକ୍ର ନାଡୀକେନ୍ଦ୍ରରୁ ଆସିଥିବା କେତେକ ନାଡୀ କଡରେ ଥିବା ସୂର୍ଯ୍ୟଚନ୍ଦ୍ରନାଡୀରେ ମିଶ୍ରିତ ହୋଇ ଫୁସ୍‌ଫୁସ୍‌କୁ ଯାଇଥାଏ । ଏହି ସୂର୍ଯ୍ୟଚନ୍ଦ୍ର ନାଡୀ ବ୍ରହ୍ମନାଡୀର ଦୁଇକଡରେ ରହିଥାଏ । ବାମକଡରେ ଥିବା ନାଡୀକୁ ଚନ୍ଦ୍ରନାଡୀ, ଦକ୍ଷିଣ କଡରେ ଥିବା ନାଡୀକୁ ସୂର୍ଯ୍ୟନାଡୀ ବୋଲି ଜ୍ଞାନୀମାନେ କହିଥିଲେ । ଏହି ଦୁଇଟି ନାଡୀର ଅନ୍ୟ ନାମ ମଧ୍ୟ ରହିଛି ତାହା ହେଉଛି ଇଡାନାଡୀ ଏବଂ ପିଙ୍ଗଳାନାଡୀ । ଏହାକୁ ଆଜିର ଡାକ୍ତରମାନେ (sympathetic chains) ବୋଲି କହିଥା'ନ୍ତି । ଶେଷରେ ଥିବା ଆଧାର ନାଡୀକେନ୍ଦ୍ର ନିଜ ନାଡୀଗୁଡିକ ଦ୍ୱାରା ଫୁସ୍‌ଫୁସ୍‌କୁ ସୂର୍ଯ୍ୟୋଦୟରୁ ଆରମ୍ଭକରି ୬୦୦ ଶ୍ୱାସ ଚଳାଇଥାଏ । ୬୦୦ଶ୍ୱାସ ଚଳିବା ପରେ ତା'ର କାର୍ଯ୍ୟରେ ବିଶ୍ରାମ ଆସିଥାଏ । ତା ପରେ ଥାଏ ଦ୍ୱିତୀୟ ନାଡୀକେନ୍ଦ୍ର, ତାର ନାମ ହେଉଛି **ସ୍ୱାଧିଷ୍ଠାନ**

**ପଦ୍ମ (ସ୍ୱାଧିଷ୍ଠାନ ଚକ୍ର)** । ଏହି କେନ୍ଦ୍ର ସ୍ତ୍ରୀମାନଙ୍କର ଯୋନୀସ୍ଥାନ, ପୁରୁଷମାନଙ୍କର ଲିଙ୍ଗସ୍ଥାନର ସମସ୍ଥାନରେ ବା ମେରୁଦଣ୍ଡର ବ୍ରହ୍ମନାଡୀରେ ରହିଥାଏ । ତେଣୁ ସ୍ୱାଧିଷ୍ଠାନ ଚକ୍ର ଲିଙ୍ଗସ୍ଥାନରେ ଥାଏ ବୋଲି କହନ୍ତି । ଏହି ସ୍ୱାଧିଷ୍ଠାନଚକ୍ରର ନାଡୀକେନ୍ଦ୍ରରୁ ଆସିଥିବା ନାଡୀଗୁଡିକର ପାଖରେ ଥିବା ସୂର୍ଯ୍ୟ, ଚନ୍ଦ୍ରନାଡୀରେ ମିଳିତ ହୋଇ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ରହିଥାନ୍ତି । ସ୍ୱାଧିଷ୍ଠାନ କେନ୍ଦ୍ରର ନାଡୀଗୁଡିକ ପ୍ରଥମ କେନ୍ଦ୍ରର କାର୍ଯ୍ୟ ସରିବାଠାରୁ ୬୦୦୦ ଶ୍ୱାସ ଶେଷହେବା ପର୍ଯ୍ୟନ୍ତ କାର୍ଯ୍ୟକରିଥାଏ ଏବଂ ୬୦୦୦ ଶ୍ୱାସ ଶେଷ ହେବା ପରେ ବିଶ୍ରାମ ନିଏ । ତା'ପରେ ତୃତୀୟ ନାଡୀକେନ୍ଦ୍ରର ନାମ ମଣିପୂରକ ( ମଣିପୂରକ ଚକ୍ର) । ଏହି କେନ୍ଦ୍ର ନାଭିର ସମାନ୍ତରାଳ ହୋଇ ବ୍ରହ୍ମନାଡୀରେ ରହିଥାଏ । ତେଣୁ କହନ୍ତି ମଣିପୂରକ କେନ୍ଦ୍ର ନାଭି ସ୍ଥାନରେ ଥାଏ । ଏହିଠାରୁ ଆରମ୍ଭ ହୋଇଥିବା ନାଡୀଗୁଡିକ ମଧ୍ୟ ସୂର୍ଯ୍ୟଚନ୍ଦ୍ରନାଡୀ ସହିତ ମିଳିତ ହୋଇ ଫୁସ୍‌ଫୁସ୍‌କୁ ଯାଇଥା'ନ୍ତି । ଦ୍ୱିତୀୟ କେନ୍ଦ୍ରର କାର୍ଯ୍ୟରେ ବିଶ୍ରାମ ଆସିବା ପରେ ଏହି କେନ୍ଦ୍ରର କାର୍ଯ୍ୟ ଆରମ୍ଭ ହୋଇ ୬୦୦୦ ଶ୍ୱାସ ଶେଷ ହେବା ପର୍ଯ୍ୟନ୍ତ ନିଜର କାର୍ଯ୍ୟ ଜାରିରଖେ, ଶେଷହେବା ପରେ ବିଶ୍ରାମ ନିଏ । ତା'ପରେ ଚତୁର୍ଥ ନାଡୀକେନ୍ଦ୍ର ଯାହାର ନାମ **ଅନାହତ ପଦ୍ମ (ଅନାହତ ଚକ୍ର)** । ଏହି କେନ୍ଦ୍ର ହୃତ୍ପିଣ୍ଡ ସମାନ୍ତରାଳ ହୋଇ ବ୍ରହ୍ମନାଡୀରେ ଥାଏ । ସେଠାରୁ ଆରମ୍ଭ ହୋଇଥିବା ନାଡୀଗୁଡିକ ମଧ୍ୟ ସୂର୍ଯ୍ୟଚନ୍ଦ୍ର ନାଡୀ ସହିତ ମିଳିତ ହୋଇ ଫୁସ୍‌ଫୁସକୁ ଯାଇଥା'ନ୍ତି । ତୃତୀୟ କେନ୍ଦ୍ରର କାର୍ଯ୍ୟ ଶେଷ ହେଉହେଉ ଏହାର କାର୍ଯ୍ୟ ଆରମ୍ଭ ହୋଇ ୬୦୦୦ ଶ୍ୱାସ ଶେଷହେବା ପର୍ଯ୍ୟନ୍ତ ଅବିରାମ କାର୍ଯ୍ୟ କରି ୬୦୦୦ ଶ୍ୱାସ ଶେଷ ହୋଇଗଲେ ବିଶ୍ରାମ ନେଇଥାଏ । ତା'ପରେ ଥାଏ **ବିଶୁଦ୍ଧ ପଦ୍ମ (ବିଶୁଦ୍ଧ ଚକ୍ର)** । ଏହା କଣ୍ଠସ୍ଥାନର ସମାନ୍ତରାଳ ହୋଇ ବ୍ରହ୍ମନାଡୀରେ ଥାଏ । ତେଣୁ ବିଶୁଦ୍ଧ କେନ୍ଦ୍ରର ସ୍ଥାନ କଣ୍ଠରେ ବୋଲି କହନ୍ତି । ଏଠାରୁ ମଧ୍ୟ ନାଡୀଗୁଡିକ ସୂର୍ଯ୍ୟଚନ୍ଦ୍ର ନାଡୀ ସହିତ ମିଳିତହୋଇ ଫୁସ୍‌ଫୁସ୍‌କୁ ଯାଇଥାନ୍ତି । ଚତୁର୍ଥ

କେନ୍ଦ୍ରର କାର୍ଯ୍ୟ ଶେଷହେବା ପରେ ଏହି କେନ୍ଦ୍ରର କାର୍ଯ୍ୟ ଆରମ୍ଭ ହୋଇ ୧୦୦୦ ଶ୍ୱାସ ଶେଷ ହେବାଯାଏ କାର୍ଯ୍ୟ କରି ବିଶ୍ରାମ ନିଏ । ଷଷ୍ଠକେନ୍ଦ୍ରର ନାମ **ଆଗ୍ନେୟ ପଦ୍ମ (ଆଗ୍ନେୟ ଚକ୍ର) ।** ଏହା ଭୃକେନ୍ଦ୍ରର ସମାନ୍ତରାଳ ଭାବରେ ବ୍ରହ୍ମନାଡୀରେ ରହିଥାଏ । ଏଠାରୁ ମଧ୍ୟ ନାଡୀଗୁଡିକ ସୂର୍ଯ୍ୟଚନ୍ଦ୍ର ନାଡୀ ସହିତ ମିଳିତ ହୋଇ ଫୁସ୍‌ଫୁସ୍‌କୁ ଯାଇଥା'ନ୍ତି । ପଞ୍ଚମ କେନ୍ଦ୍ରର କାର୍ଯ୍ୟ ସମାପ୍ତ ହେବା ପରେ ଆଗ୍ନେୟ ଚକ୍ରର କାର୍ଯ୍ୟ ଆରମ୍ଭ ହୋଇ ୧୦୦୦ ଶ୍ୱାସ ଶେଷ ହେବା ପରେ ବିଶ୍ରାମ ନେଇଥାଏ । ଶେଷରେ ବାକି ରହିଥିବା ସପ୍ତମ ନାଡୀକେନ୍ଦ୍ରର ନାମ **ସହସ୍ରାର ପଦ୍ମ (ସହସ୍ରାର ଚକ୍ର)** । ଏହି କେନ୍ଦ୍ରଟି ମୁଣ୍ଡର ଠିକ୍ ମଧ୍ୟ ଭାଗରେ ରହିଥାଏ । ସବୁ କେନ୍ଦ୍ର ଭଳି ଏଠାରୁ ମଧ୍ୟ କେତେକ ନାଡୀ ସୂର୍ଯ୍ୟଚନ୍ଦ୍ର ନାଡୀରେ ମିଳିତ ହୋଇ ଫୁସ୍‌ଫୁସକୁ ଯାଇଥା'ନ୍ତି । ଏହି କେନ୍ଦ୍ର ମଧ୍ୟ ଷଷ୍ଠ କେନ୍ଦ୍ରର କାର୍ଯ୍ୟ ଶେଷହେବା ପରେ ପରେ ୧୦୦୦ ଶ୍ୱାସ ପର୍ଯ୍ୟନ୍ତ କାର୍ଯ୍ୟ କରି ବିଶ୍ରାମ ନିଏ । ସପ୍ତମ କେନ୍ଦ୍ରର କାର୍ଯ୍ୟ ସମାପ୍ତ ହେବା ପରେ ପୁନର୍ବାର ପ୍ରଥମ କେନ୍ଦ୍ର ହୋଇଥିବା ମୂଳାଧାର କେନ୍ଦ୍ରର କାର୍ଯ୍ୟ ଆରମ୍ଭ ହୋଇଥାଏ । ତା'ପରେ ଦ୍ୱିତୀୟ କେନ୍ଦ୍ର, ତା'ପରେ ତୃତୀୟ କେନ୍ଦ୍ର ଇତ୍ୟାଦି ପୂର୍ବ ଭଳି କାର୍ଯ୍ୟ କରିବା ଆରମ୍ଭ କରିଥା'ନ୍ତି, ଏକ କ୍ରମ ଅନୁସାରେ କାର୍ଯ୍ୟ ହୋଇଥାଏ । ତେଣୁ ବିଶ୍ରାମ ନନେଇ ଆମ ଶରୀରରେ ସବୁବେଳେ ଶ୍ୱାସକ୍ରିୟା ଚାଲୁ ରହିଥାଏ । ସବୁ ଚକ୍ରଗୁଡିକର କାର୍ଯ୍ୟ ମିଶି ମୋଟ ୨୧୬୦୦ ଶ୍ୱାସ ଗୋଟିଏ ଦିନରେ ଚାଲିଥାଏ । ସୂର୍ଯ୍ୟ ଉଦୟଠାରୁ ଆରମ୍ଭକରି ସବୁ ଚକ୍ରଗୁଡିକର କାର୍ଯ୍ୟ ଶେଷହେବା ବେଳକୁ ପୁନର୍ବାର ସୂର୍ଯ୍ୟୋଦୟ ହୋଇଥାଏ । ତେଣୁ ଏକ ଦିନରେ ମୋଟ ୨୧,୬୦୦ ଶ୍ୱାସ ଚାଲୁଥିବା ଜଣାଯାଏ ।

କେତେକ ଗ୍ରନ୍ଥରେ ଭିତରେ ଥିବା ଚକ୍ରଗୁଡିକୁ ଶ୍ୱାସ ପ୍ରଦକ୍ଷିଣ କରି ଆସିଥାଏ ବୋଲି ଲେଖାଅଛି । ଶ୍ୱାସ ଚକ୍ରଗୁଡିକ ପାଖକୁ ଯାଇ ପ୍ରଦକ୍ଷିଣ କରି ଫେରି ଆସିବା ଶୁଦ୍ଧ ମିଛକଥା ବୋଲି କହିପାରିବା । ଆଜିର ଡାକ୍ତରମାନେ

ଏକଥା ଶୁଣି ହସିଥା'ନ୍ତି ଏବଂ ମିଛ ବୋଲି କହିଥା'ନ୍ତି । ତେଣୁ ସେମାନଙ୍କ କଥା ଅନୁସାରେ ବ୍ରହ୍ମବିଦ୍ୟା ସବୁ ମିଛ ବୋଲି ଶରୀର ଗବେଷକମାନେ, ଡାକ୍ତରମାନେ କହିବାକୁ ବାଧ୍ୟ ହେଉଛନ୍ତି । ବିନା ଗବେଷଣାରେ ପ୍ରଥମେ ଜଣେ କହିବା ଦ୍ୱାରା ପରମ୍ପରା ଭାବରେ ସମସ୍ତେ ମିଛ ବୋଲି କହି ଚାଲିଛନ୍ତି । ତେଣୁ ସତ କଅଣ ନ ଜାଣି ଶ୍ୱାସ ଚକ୍ରଗୁଡିକୁ ଯାଇ ଫେରି ଆସୁଛି ବୋଲି କହି ଆସୁଛନ୍ତି । ଏହାକୁ ସଂପୂର୍ଣ୍ଣ ମିଛକଥା କହି ପାରିବା । ଶ୍ୱାସ ଫୁସ୍‌ଫୁସ୍ ପର୍ଯ୍ୟନ୍ତ ଯାଇ ଫେରିଆସିଥାଏ ବୋଲି ଜାଣିବା ଉଚିତ୍ । ବ୍ରହ୍ମବିଦ୍ୟାର କୌଣସି ବିଚାର ନକରି, ଫଳାଫଳ ନଜାଣିଲେ ମଧ୍ୟ, କିଏ ଜଣେ କହିଥିବା କଥାକୁ ଧରି ସମସ୍ତେ ସେହିକଥା କହି ଆସୁଛନ୍ତି ସିନା ଏଥିରେ ସତ କେତେ ? ମିଛ କେତେ ? କେହି କୌଣସି ବିଚାର କରି ଜାଣିପାରି ନାହାନ୍ତି, ସେମାନେ କୁଣ୍ଡଳିନୀ ଶକ୍ତି ସାପଭଳି ରହିଛି ଆଉ ସେ ସେଠାରେ ନିଦ୍ରାବସ୍ଥାରେ ଅଛି, ଗୋଲାକାର ସ୍ପ୍ରିଙ୍ଗ୍ ଭଳି ହୋଇ ନାଭି ସ୍ଥାନରେ ରହିଛି ଏମିତି ନାନା ପ୍ରକାରର କଥା କହୁଛନ୍ତି, ସେମାନେ କହୁଥିବା କଥା ସତ କି ମିଛ ସେମାନଙ୍କୁ ଜଣାନଥିବା ବେଳେ କେହିଜଣେ ଜାଣିଥିବା ଲୋକ କହିଲେ ସେମାନେ ତା'କଥା ନଶୁଣି ସତରେ ତାହା ଦେଖିଥିବା ଭଳି ଯିଦ୍ ଧରିଥା'ନ୍ତି । ଯୁକ୍ତିରେ ଜିତାପଟ କରି ବଡ ନାଆଁ କମାଇ ଅଭିନନ୍ଦନ ପ୍ରାପ୍ତ ହେଲେ କ'ଣ ହେବ ସତ ନଜାଣି ସେମାନଙ୍କର କୌଣସି ଲାଭ ନାହିଁ । ପରମାତ୍ମା ଆମ ଯୁକ୍ତିକୁ କ'ଣ ସ୍ୱୀକାର କରିବେ ? ତେଣୁ ପ୍ରତି ବିଷୟ ନିଜେ ଜାଣିଲେ କେତେ ଭଲ ହୁଅନ୍ତା ! କୁଣ୍ଡଳିନୀ ଶକ୍ତି କଅଣ ? ତା'ର କ'ଣ ଆକାର ଅଛି ? ଆମର ନିଦ୍ରା ଜାଗ୍ରତ ଅବସ୍ଥା ଭଳି କ'ଣ କୁଣ୍ଡଳିନୀର ନିଦ୍ରା ଜାଗ୍ରତାବସ୍ଥା ଥାଏ ? ଏ ପ୍ରଶ୍ନର ସମାଧାନ କଅଣ ? ନିହାତି ଜାଣିବା ଦରକାର । ସେସବୁ ନଜାଣି କେତେ ପ୍ରାଣାୟାମ କଲେ ମଧ୍ୟ କୌଣସି ପ୍ରୟୋଜନ ନଥାଏ ।

ବ୍ରହ୍ମନାଡୀରେ ମୋଟ ସାତଗୋଟି କେନ୍ଦ୍ର ରହିଥାଏ । ସେହି କେନ୍ଦ୍ରଗୁଡ଼ିକରେ ଏକ ଏକ ସ୍ୱତନ୍ତ୍ର ଶକ୍ତି ରହିଥାଏ । ସେହି ଶକ୍ତି କେତେକ ଦେବତା ଶକ୍ତି ସହିତ ସମାନ । ତେଣୁ ସେତେବେଳର ବଡଲୋକମାନେ ସେହି ସେହି ଚକ୍ରରେ ଅମୁକ ଅମୁକ ଦେବତା ବାସ କରିଥାନ୍ତି ବୋଲି କହୁଥିଲେ । ସାତଗୋଟି ଚକ୍ରର ମିଳିତ ଶକ୍ତି ହିଁ **"କୁଣ୍ଡଳିନୀ ଶକ୍ତି"** ବୋଲି କେତେକ ବଡଲୋକମାନେ କହିଥିଲେ । କେତେକ ଅଜ୍ଞାନ ବଶତଃ କହନ୍ତି କୁଣ୍ଡଳିନୀଶକ୍ତି ଶୋଇଛି, ତା'କୁ ଉଠାଇବାକୁ ହୋଇଥାଏ । ବାସ୍ତବରେ ସାତଗୋଟି ଚକ୍ରର ସେହି ଚୈତନ୍ୟଶକ୍ତି ହିଁ କୁଣ୍ଡଳିନୀଶକ୍ତି । କୁଣ୍ଡଳିନୀ ଶକ୍ତି ସବୁବେଳେ ଫୁସ୍‌ଫୁସ୍‌କୁ ପରିଚାଳିତ କରିବା କାର୍ଯ୍ୟରେ ଲଗ୍ନ ହୋଇଥାଏ, ଶରୀରର ଆହୁରି କେତେକ କାର୍ଯ୍ୟ କରିବାରେ ଲଗ୍ନ ହୋଇ ଅହର୍ନିଶି କାର୍ଯ୍ୟ କରୁଥାଏ । ତାହା ଶୋଇଛି ବୋଲି କିପରି କହିବା ? ଏହି ସାତଗୋଟି ଚକ୍ରର କାର୍ଯ୍ୟ ବନ୍ଦ ହୋଇଗଲେ ଜୀବ ମୃତ୍ୟୁବରଣ କରିଥାଏ । ସ୍ୱାନୁଭବର ସହିତ ଗବେଷଣା ନକରି କେତେକ ଭକ୍ତମାନେ କୁଣ୍ଡଳିନୀ ଶକ୍ତିକୁ ଭିନ୍ନରୀତିରେ ତୁଳନାକରି ସଠିକ ସମାଧାନ ଦେଇପାରୁ ନାହାନ୍ତି । କୁଣ୍ଡଳିନୀଶକ୍ତି ହେଉଛି ବ୍ରହ୍ମନାଡୀର ଚୈତନ୍ୟଶକ୍ତି, ତାହା ହିଁ ଆତ୍ମାଶକ୍ତି । ବ୍ରହ୍ମନାଡୀ ସାତଗୋଟି କେନ୍ଦ୍ର ଭାବରେ ଯୋଗବିଦ୍ୟାରେ ବିଭାଜିତ ହୋଇ ରହିଛି । ସେହି ସାତ ଭାଗର ଶକ୍ତିକୁ କୁଣ୍ଡଳିନୀ ଶକ୍ତି କୁହାଯାଏ । ସେଥିମଧ୍ୟରୁ ଯଦି ସପ୍ତମ କେନ୍ଦ୍ରର ଶକ୍ତି ନରହେ ତେବେ ବଳକା ଛଅଗୋଟି କେନ୍ଦ୍ରର ଶକ୍ତି ରହିନଥାଏ । ସପ୍ତମକେନ୍ଦ୍ରର ଶକ୍ତି କୌଣସି ଦେବତା ଶକ୍ତି ସହିତ ତୁଳିତ ହୋଇପାରେ ନାହିଁ । ଏହି ସପ୍ତମ କେନ୍ଦ୍ରର ଶକ୍ତିକୁ ଯେଉଁମାନେ ଜାଣିଥା'ନ୍ତି ସେମାନେ ହିଁ ବାସ୍ତବ ଯୋଗୀ ।

ବ୍ରହ୍ମନାଡୀରୁ ଆରମ୍ଭ ହୋଇ ଆସିଥିବା କେତେକ ନାଡୀ ପାଖରେ ଥିବା ସୂର୍ଯ୍ୟଚନ୍ଦ୍ର ନାଡୀରେ ମିଶି, ସେଠାରୁ ଫୁସ୍‌ଫୁସ୍‌କୁ ଯାଇ ଫୁସ୍‌ଫୁସ୍‌କୁ ପରିଚାଳିତ କରିଥା'ନ୍ତି । ଏହିଭଳି ପ୍ରବାହ ହେଉଥିବା ଶ୍ୱାସକୁ ଦୁଇଟି

ପଦ୍ଧତିରେ ଆକଟ କରାଯାଇ ପାରେ । ଅର୍ଥାତ୍ ଅନିଚ୍ଛାଧିନ ଭାବରେ ଥିବା ଅବୟବଗୁଡ଼ିକୁ ଇଚ୍ଛାଧିନ ଅବୟବ ଭାବରେ ବଦଳାଇବା ଶକ୍ତି ଏକମାତ୍ର ଯୋଗୀର ରହିଥାଏ । ଯୋଗୀ ଏହି ଦୁଇଟି ପଦ୍ଧତିରେ ତା'ର ଶ୍ୱାସକୁ କିପରି ସ୍ଥିର କରିପାରେ ସେ ବାବଦରେ ଆଲୋଚନା କରିବା ।

ଶ୍ୱାସକୁ କୁମ୍ଭକ ଦ୍ୱାରା ସ୍ଥିର କରି ମନକୁ ବ୍ରହ୍ମନାଡୀକୁ ପଠାଇବାକୁ ଇଚ୍ଛା କରୁଥିବା ଯୋଗୀ, ଏକ ସ୍ଥାନରେ ବସି ପ୍ରଥମେ ଫୁସ୍‌ଫୁସ୍‌ରେ ପୂର୍ଣ୍ଣ ଶ୍ୱାସକୁ ଗ୍ରହଣ କରିଥାଏ । ଭିତରକୁ ପ୍ରବେଶ କରିଥିବା ସେହି ଶ୍ୱାସକୁ ବାହାରକୁ ନଛାଡି ତିନି ଚାରି ମିନିଟ୍ ରଖିଥାଏ । ଏଭଳି ୩/୪ ମିନିଟ୍ ପରେ ଆଉ କିଛି ଶ୍ୱାସକୁ ବାହାରୁ ନେଇଥାଏ । ଏଠାରେ ଧ୍ୟାନ ଦେବାର ବିଷୟଟିଏ ରହିଛି । ଏଇଠାରେ ଏକ ସନ୍ଦେହ ମଧ୍ୟ ଆସିଥାଏ । ତାହା ହେଉଛି ! ଯୋଗୀ ଶ୍ୱାସକୁ ଫୁସ୍‌ଫୁସ୍‌ପୂର୍ଣ୍ଣ ଭାବରେ ପ୍ରଥମେ ନେବାବେଳେ ସେଥିରେ ଆଉ ଖାଲି ସ୍ଥାନ ତ ନଥାଏ ! ସେ ପୁଣି ଆଉଥରେ ୩/୪ ମିନିଟ୍ ପରେ କିପରି ଶ୍ୱାସ ଗ୍ରହଣ କରିବ ? ଏହାର ସମାଧାନ ହେଉଛି ! ପ୍ରଥମେ ଫୁସ୍‌ଫୁସ୍ ଭିତରକୁ ଯାଇଥିବା ଶ୍ୱାସ ୩/୪ ମିନିଟ୍ ପରେ କିଛି ଖାଲି ହୋଇଯାଇଥାଏ । ସେହି ଖାଲିସ୍ଥାନ କିପରି ସୃଷ୍ଟି ହୁଏ ! ଦେଖିଲେ, ଭିତରକୁ ଯାଇଥିବା ଶ୍ୱାସ ୩/୪ ମିନିଟ୍ ଭିତରେ ବାହାରକୁ ଆସିବାକୁ ଚେଷ୍ଟା କରିଥାଏ, କିନ୍ତୁ ବାହାରକୁ ବଳପୂର୍ବକ ନଛାଡିବା ଦ୍ୱାରା ତାହା କଣ୍ଠ ମାର୍ଗରେ କିଛି ବାୟୁ ଉଦର ଭିତରକୁ ଚାଲିଯାଇଥାଏ । ତେଣୁ ସେଠାରେ ଖାଲିସ୍ଥାନ ସୃଷ୍ଟି ହୋଇଥାଏ ।  ସେହି ଖାଲି ସ୍ଥାନକୁ ପୁନର୍ବାର ପୂରଣ କରାଯାଇ ପାରେ । ଏହିଭଳି ଆଉ କିଛି ସମୟ ରହିହୁଏ । ତା'ପରେ ମଧ୍ୟ କିଛି ଶ୍ୱାସ ଭିତରକୁ ନିଆଯାଇ ପାରେ । ଏପରି ଦୁଇ ତିନିଥର କରିବା ଦ୍ୱାରା ଉଦର ଏବଂ ଫୁସ୍‌ଫୁସ୍‌ରେ ସଂପୂର୍ଣ୍ଣ ବାୟୁ ପ୍ରବେଶ କରିଥାଏ । ଏହି ପଦ୍ଧତିକୁ **କୁମ୍ଭକ** ପଦ୍ଧତି କୁହାଯାଏ । ଏହି ଭଳି କୁମ୍ଭିତ ହୋଇଥିବା ବାୟୁ ଫୁଟ୍‌ବଲ୍‌ର ବ୍ଲାଡରରେ ବାୟୁ ବାନ୍ଧିହୋଇ ରହିବା ଭଳି ଥାଏ ।

୧. ବାୟୁକୁ ଆଧାର କରି ରହିଥିବା ଫୁସ୍‌ଫୁସ୍‌ରୁ ବାୟୁ ବାହାରକୁ ନଛାଡିବା ଦ୍ୱାରା ସ୍ଥିର ରହିଯାଏ ।

୨. ଫୁସ୍‌ଫୁସ୍ ସ୍ଥିର ରହିଯିବା ପରେ ଫୁସ୍‌ଫୁସ୍‌କୁ ପରିଚାଳିତ କରାଉଥିବା ନାଡୀଗୁଡିକର ଚୈତନ୍ୟ ମଧ୍ୟ ସ୍ଥିର ରହିଯାଇଥାଏ ।

୩. ନାଡୀଗୁଡିକର ଚୈତନ୍ୟ ସ୍ଥିର ରହିଯିବା ପରେ ସେହି ନାଡୀଗୁଡିକ ସହିତ ସମ୍ବନ୍ଧିତ ହୋଇଥିବା ସୂର୍ଯ୍ୟଚନ୍ଦ୍ର ନାଡୀର ପ୍ରବାହିତ ଚୈତନ୍ୟଶକ୍ତି ମଧ୍ୟ ସ୍ଥିର ରହିଯାଇଥାଏ ।

୪. ସୂର୍ଯ୍ୟଚନ୍ଦ୍ରନାଡୀର ଚୈତନ୍ୟଶକ୍ତି ବନ୍ଦ ହେବାବେଳେ ସୂର୍ଯ୍ୟଚନ୍ଦ୍ରନାଡୀକୁ ଆଧାର କରି ପରିଚାଳିତ ହେଉଥିବା ମନ ମଧ୍ୟ ସ୍ଥିର ରହିଯାଇଥାଏ ।

୫. ମନ ସ୍ଥିର ରହିଗଲେ ମନକୁ ଆଧାର କରି ରହିଥିବା ଜୀବର ଶରୀରରେ ଷଡକେନ୍ଦ୍ରର ଚୈତନ୍ୟଶକ୍ତି ସ୍ଥିର ରହିଯାଇଥାଏ । ଅର୍ଥାତ୍ ଏତିକିବେଳେ ହିଁ କୁଣ୍ଡଳିନୀ ଶକ୍ତିକୁ ଅଟକାଇ ଦିଆଯାଇଛି । ଷଡ କେନ୍ଦ୍ରର ଚୈତନ୍ୟ ଶକ୍ତି ଅଟକି ଯାଇଥାଏ, କିନ୍ତୁ ସପ୍ତମ କେନ୍ଦ୍ରର ଚୈତନ୍ୟ ଶକ୍ତି ଯଥାବତ୍ ରହିଥାଏ । ଛଅଗୋଟି ଚକ୍ରର ଚୈତନ୍ୟ ଶକ୍ତି ଅଟକିଗଲେ ମଧ୍ୟ ସପ୍ତମ କେନ୍ଦ୍ରର ଚୈତନ୍ୟ ଶକ୍ତି ଯଥାବତ୍ ରହିଥାଏ । ଏହି ସପ୍ତମ କେନ୍ଦ୍ରର ଶକ୍ତି ହେଉଛି ଅପାର ଶକ୍ତି । ତାହାକୁ ଆମେ ଭାବନା ମଧ୍ୟ କରି ପାରିବା ନାହିଁ । ତାହା କିପରି ତା'ମଧ୍ୟ କୌଣସି ଭାଷାରେ କହି ପାରିବା ନାହିଁ, ତାହାକୁ ହିଁ ଯୋଗୀମାନେ ଆତ୍ମା କହିଥା'ନ୍ତି । ଏହି ସପ୍ତମ କେନ୍ଦ୍ରର ଚୈତନ୍ୟ ଶକ୍ତି ଜୀବର ତିନି ଅବସ୍ଥା ଅର୍ଥାତ୍ ନିଦ୍ରା, ଜାଗ୍ରତ,ସ୍ୱପ୍ନାବସ୍ଥାରେ ସମାନ ଭାବରେ ଥାଏ । ତେଣୁ ସପ୍ତମ ଚକ୍ରର ଶକ୍ତି ଜୀବର ତିନି ଅବସ୍ଥାର ସାକ୍ଷୀ ଭାବରେ ରହିଥାଏ ବୋଲି କୁହାଯାଏ । କୁମ୍ଭକ ଦ୍ୱାରା ସ୍ଥିର ହୋଇଯାଇଥିବା ମନ ଏହି ସପ୍ତମ କେନ୍ଦ୍ରର ଚୈତନ୍ୟ ଶକ୍ତିରେ ମିଶି ଯାଇଥାଏ । ମନ

ସହିତ ଅନ୍ତଃକରଣ ହୋଇଥିବା ଜୀବ ସପ୍ତମ କେନ୍ଦ୍ରର ଆତ୍ମାରେ ଲୀନ ହୋଇଯାଇଥାଏ । ଜୀବ ଏହିଭଳି ଆତ୍ମା ସହିତ ମିଳିତ ହେବାକୁ "ଯୋଗ" କୁହାଯାଏ । ପୂର୍ବେ ଜଣେ ମହାନ ଯୋଗୀ ହୋଇଥିବା ବୀରବ୍ରହ୍ମ ମହାଶୟ ଏକ ପଦ୍ୟ ରୂପରେ ଲେଖି ସେଥିରେ କୁମ୍ଭକ ତତ୍ତ୍ୱକୁ ଜଣାଇଥିଲେ । କୁଣ୍ଡଳିନୀ ଶକ୍ତିକୁ ଶୋଇଛି ବୋଲି କହୁଥିବା ଲୋକମାନେ, ଭିନ୍ନ ରୀତିରେ ବଖାଣିଥିବା ଲୋକମାନେ ସମାଜରେ ଥିବା କାରଣରୁ ବୀରବ୍ରହ୍ମଙ୍କର ଏହି ପଦ୍ୟର ଭାବ ଲୁଚିଯାଇ କେବଳ ଭିକାରୀର ଭିକମାଗିବା କାର୍ଯ୍ୟରେ ଆଜି ବ୍ୟବହୃତ ହେଉଥିବା ଜଣାଯାଏ । ଅନ୍ଧକୁ ରତ୍ନ ଦେଲେ ସେ ସେଥିରୁ କୌଣସି ମୂଲ୍ୟ ଗ୍ରହଣ କରି ପାରୁନଥିବା ଭଳି ବୀରବ୍ରହ୍ମଙ୍କର ଅମୂଲ୍ୟ ପଦ୍ୟ ଆଜି ନିରର୍ଥକ ହୋଇପଡିଛି । ଏହି କୁଣ୍ଡଳିନୀ ଶକ୍ତି ବାବଦରେ ଜାଣି ଜଣାଇଥିବା ବୀରବ୍ରହ୍ମଙ୍କର ସେହି ପଦ୍ୟକୁ ଟିକିଏ ଆଲୋଚନା କରିବା ।

(ବୀରବ୍ରହ୍ମଙ୍କ ପଦ୍ୟର ଓଡିଆ ଅନୁବାଦ)

୧. ଡେଣା ନାଶା ହୀନ ପକ୍ଷୀ ତପ କରେ ଦିନ ରାତି,
ପୋଖରୀ ମାଛଙ୍କୁ ଏକା ଗିଳିଲା ।

୨. ଘର ପଛପଟେ ଭ୍ରମର ନ ଦେଖିବା ଲୋକ ଦେଖ ହେ
ସପରିବାରଙ୍କୁ ଉଦରେ ନେଲା ।

୩. ହାତଗୋଡ ନାହିଁ ଯାହାର ସାଥେ ଢାଳ ମାଠିଆ ନେଇ
ଶୁଖାଇଲା ସିଏ ପୂରିଲାକୂଅ ।

୪. ହୁଡାପରେ ଧଳା ବଗଟି ଶିକାରୀ ହେଲେ ସେ କି ହେବ
ଖାଇଗଲା ତା'କୁ ସେ ମୀନ ପୁଅ ।

୫. ବୀରବ୍ରହ୍ମ ଦାସ କହଇ ଗହନ ଆତ୍ମାର ତତୁଅ
ଏଗଣ୍ଠି ଫିଟାଅ ସୁଜ୍ଞାନୀ ଜନ ।

ଫିଟାଇଲେ ଖାଲି ହେବନି, ଆଚରଣେ ଆଣ ଆଣ ହେ
ବନ୍ଧନୁ ଫିଟିବ ଏଇ ଜୀବନ ।

ଏହାର ଅର୍ଥ ହେଉଛି ! :- ବୀରବ୍ରହ୍ମ ମହାଶୟ ଏହି ପଦ୍ୟ କହି ଏକ ମହାନ ମନ୍ତ୍ର କହିଦେଇଛନ୍ତି, ସେହି ମନ୍ତ୍ର ହିଁ ଆମ ଶ୍ୱାସ । ଶ୍ୱାସ ଭିତରକୁ ପ୍ରବେଶ କଲାବେଳେ "ସୋ" ନାମକ ଶବ୍ଦରେ, ବାହାରକୁ ଆସିବା ବେଳେ "ହମ୍" ନାମକ ଶବ୍ଦରେ ଆସିଥାଏ । ଏହି ଦୁଇ ଶବ୍ଦ ମିଶି "ସୋହଂ" ସୃଷ୍ଟି ହୋଇଛି । ଏହା ଏକ ମହିମାମୟ ବିଷୟ ହୋଇଥିବାରୁ ଏହାକୁ ମନ୍ତ୍ର କୁହାଯାଇଛି । "ସୋହଂ" ନାମକ ମନ୍ତ୍ର ଆଦିମନ୍ତ୍ର ଭାବେ ବଦଳିଥାଏ । ତାହା କିପରି ଅଛି ନା ! "ସୋ" ନାମକ ପଦ ଶେଷରେ "ଓ" ନାମକ ଶବ୍ଦ ରହିଛି, ସେହିଭଳି "ହମ୍' ନାମକ ଶବ୍ଦ ଶେଷରେ "ମ୍" ନାମକ ପଦ ରହିଛି । ଗୋଟିଏଥର ଶ୍ୱାସ ଭିତରକୁ ଯାଇ ବାହାରକୁ ଆସିଲେ "ସୋହଂ" ନାମକ ଶବ୍ଦ ସୃଷ୍ଟି ହେଉଛି । ଏହି ସୋହଂ ନାମକ ଶବ୍ଦରେ ହିଁ "ଓଁ" ନାମକ ଶବ୍ଦ ମିଶି ରହିଛି । ସେଥିଲାଗି "ସୋହଂ" ମାଆ, "ଓମ୍" ଶିଶୁ । "ଓଁ' ପ୍ରପଞ୍ଚ ଜନ୍ମରୁ ରହି ଆସିଥିବାରୁ ଏହାକୁ ଆଦିମନ୍ତ୍ର କୁହାଯାଇଛି ।

**୧. ଡେଣା ନାଶା ହୀନ ପକ୍ଷୀ ତପ କରେ ଦିନ ରାତି,**
**ପୋଖରୀ ମାଛଙ୍କୁ ଏକା ଗିଳିଲା ।**

ନାଶାରନ୍ଧ୍ରରେ ପ୍ରବେଶ କରୁଥିବା ଶ୍ୱାସର ଆକାର ନଥାଏ ତେଣୁ ଡେଣା ନାକ ନଥିବା ପକ୍ଷୀ ବୋଲି କହିଛନ୍ତି । ଏହି ଶ୍ୱାସ ଅବିରାମ ଗତିରେ ଚାଲିଥାଏ ତେଣୁ ଦିନରାତି ତପସ୍ୟା କରିବା କଥା ଲେଖିଛନ୍ତି । ଏହି ଶ୍ୱାସ ଶରୀରରେ ପ୍ରବେଶ କରି କୁମ୍ଭକ ଦ୍ୱାରା ସ୍ଥିର ରହି ଶରୀରର ଚୈତନ୍ୟକୁ ସ୍ଥିର ରଖିଥାଏ । ତେଣୁ ପୋଖରୀରେ ଥିବା ଅନେକ ପ୍ରକାରର ମାଛଙ୍କୁ ଗିଳିଦେଲା ବୋଲି ଲେଖିଛନ୍ତି ।

**୨. ଘର ପଛପଟେ ଭ୍ରମର ନ ଦେଖିବା ଲୋକ ଦେଖ ହେ**
**ସପରିବାରଙ୍କୁ ଉଦରେ ନେଲା ।**

ଶ୍ୱାସ ସବୁବେଳେ ସୋହଂ ଶବ୍ଦ କରୁଥାଏ ତେଣୁ ଏକ ଶବ୍ଦ କରୁଥିବା ଭ୍ରମର ବୋଲି କହିଛନ୍ତି । ଦେଖାଯାଉ ନଥିବା ବ୍ରହ୍ମନାଡୀର ଚୈତନ୍ୟ ହିଁ ଶ୍ୱାସର ଆଧାର । ତେଣୁ ତା'କୁ ଘର ପଛରେ ଥିବା ଭ୍ରମର ବୋଲି କହିଛନ୍ତି । ଘର ହେଉଛି ଏହି ଶରୀର । ଶ୍ୱାସ କୁମ୍ଭକ ଦ୍ୱାରା ଶରୀରରେ ଥିବା ବ୍ୟାନ, ସମାନ, ଉଦାନ, ପ୍ରାଣ, ଅପାନ ବାୟୁଗୁଡିକ ବାନ୍ଧି ହୋଇଯାଇଥାଏ । ତେଣୁ ଘରର ପରିବାର ସଦସ୍ୟମାନଙ୍କୁ ଗିଳିଲା ବୋଲି କହିଛନ୍ତି । କୁମ୍ଭକରେ ଶ୍ୱାସ ଅଟକିଯିବା ପରେ ଫୁସ୍‌ଫୁସ୍‌ରେ ଖାଲିସ୍ଥାନ ସୃଷ୍ଟି ହୋଇଥାଏ । ସେତେବେଳେ ୨/୩ ଥର ବାହାର ବାୟୁ ଭିତରକୁ ପ୍ରବେଶ କରି ବାହାରକୁ ନଆସି ଭିତରେ ସ୍ଥିର ରହିଯାଇଥାଏ ।

**୩. ହାତଗୋଡ ନାହିଁ ଯାହାର ସାଥେ ଡାଳ ମାଠିଆ ନେଇ**
**ସୁଖାଇଲା ସିଏ ପୂରିଲାକୂଅ ।**

ଶ୍ୱାସର ରୂପ ନଥିବାରୁ ପଦ୍ୟରେ ହାତ, ଗୋଡ ନଥିବା ବ୍ୟକ୍ତି ବୋଲି କହିଛନ୍ତି । ଶ୍ୱାସ ନାସାରନ୍ଧ୍ର ଦୁଇଟିରୁ ଗୋଟିକରେ ଅଧିକ ଏବଂ ଅନ୍ୟଟିରେ କମ୍ ପ୍ରବାହିତ ହୋଇଥାଏ । ତେଣୁ ଅଧିକ ଶ୍ୱାସକୁ ମାଠିଆ ଏବଂ କମ୍ ଶ୍ୱାସକୁ ଡାଳ କହିଛନ୍ତି । ଶରୀରରେ ଆସୁଥିବା ଭାବନାଗୁଡିକ ଶ୍ୱାସସହିତ ସ୍ଥିର ହୋଇଯାଏ, ତେଣୁ ପୂରିଲାକୂଅର ଜଳକୁ ଶୁଖାଇଲା କହିଛନ୍ତି ।

**୪. ହୁଡାପରେ ଧଳା ବଗଟି ଶିକାରୀ ହେଲେ ସେ କି ହେବ**
**ଖାଇଗଲା ତା'କୁ ସେ ମୀନ ପୁଅ ।**

ଶ୍ୱାସ ସ୍ଥିର ରହିଯିବା ପରେ ପ୍ରଥମେ ଫୁସ୍‌ଫୁସ୍, ତା'ପରେ ସୂର୍ଯ୍ୟ ଏବଂ ଚନ୍ଦ୍ରନାଡୀ, ଏହିଭଳି ଷଡଚକ୍ର ମଧ୍ୟ ଗୋଟିକ ପରେ ଗୋଟିଏ ନିଜର

ଚୈତନ୍ୟକୁ ହରାଇଥା'ନ୍ତି । ତେଣୁ ଶ୍ୱାସକୁ ଧଳାବଗ ଭାବରେ ତୁଳନା କରିଛନ୍ତି । ଗୋଟିକ ପରେ ଗୋଟିଏ ଚୈତନ୍ୟ ହରାଇବା ଦ୍ୱାରା, ସପ୍ତମ କେନ୍ଦ୍ରରେ ଶ୍ୱାସ ନିରୋଧ ହେଲେ ମଧ୍ୟ ସେଠାରେ ଚୈତନ୍ୟ ଯଥାବିଧି ରହିଥିବା ବେଳେ, ଶ୍ୱାସ ସବୁଗୁଡ଼ିକର ଚୈତନ୍ୟକୁ ହାରାଇଦେଇ ପାରିଲେ ମଧ୍ୟ ସପ୍ତମକେନ୍ଦ୍ରକୁ ଆସି ନିଜର ଶକ୍ତି ତାହାକୁ ଜିତି ନ ପାରି ସେହିଠାରେ ଅଟକିଯାଉଥିବାରୁ, ମାଛଛୁଆଟି ବଗକୁ ଖାଇଗଲା କହିଛନ୍ତି । ଏହିଠାରେ ସପ୍ତମକେନ୍ଦ୍ରର ଚୈତନ୍ୟକୁ ମାଛଛୁଆ ଭାବରେ ତୁଳନା କରିଛନ୍ତି । ଏହିଭଳି ପ୍ରାଣାୟାମ ବାବଦରେ ଥିବା ତତ୍ତ୍ୱକୁ ଜ୍ଞାନୀମାନେ କହିଥିଲେ ହେଁ ଆଜି ସେଗୁଡ଼ିକୁ ବୁଝିନପାରି ଜୀବନ ବୃଥା କରୁଛନ୍ତି ।

ବାୟୁ ତତ୍ତ୍ୱରେ ଆକାଶ ତତ୍ତ୍ୱ ମିଶି ମନ ସୃଷ୍ଟି ହୋଇଛି । ତେଣୁ ମନ ସହିତ ପବନ ବା ବାୟୁର ନିବିଡ ସମ୍ପର୍କ ରହିଛି । ଶ୍ୱାସ ସ୍ଥିର ରହିବାବେଳେ ମନ ମଧ୍ୟ ସ୍ଥିର ରହିଯାଏ କିମ୍ବା ମନ ସ୍ଥିର ରହିଯିବା ବେଳେ ଶ୍ୱାସ ମଧ୍ୟ ସ୍ଥିର ରହିଯାଇଥାଏ । ଶ୍ୱାସ ସ୍ଥିର ରହିଯିବା ପରେ ମନ ସ୍ଥିର ରହିଯିବା କାର୍ଯ୍ୟକୁ କୁମ୍ଭକ କହନ୍ତି । ଏହି କୁମ୍ଭକ ପଦ୍ଧତି ହିଁ ତାରକ ପଦ୍ଧତି । ମନ ସ୍ଥିର ରହିଯିବା ପରେ ଶ୍ୱାସ ସ୍ଥିର ରହିବାକୁ ମଧ୍ୟ ପ୍ରାଣାୟାମ କହିହେବ, ଏହି ପଦ୍ଧତି ହିଁ ଅମନସ୍କ ପଦ୍ଧତି । ଏବେ ଅମନସ୍କ ପଦ୍ଧତି ଦ୍ୱାରା ଯୋଗୀମାନେ କିପରି ପ୍ରାଣାୟାମ କରିଥା'ନ୍ତି ତାହା ଜାଣିବା ।

ଯୋଗୀ ସ୍ଥିର ରହି ତା'ମନକୁ ତା'ର ଚେଷ୍ଟା ଦ୍ୱାରା ନିଃସଙ୍କଳ୍ପିତ କରିଥାଏ । ବ୍ରହ୍ମନାଡୀର ନାଡୀକେନ୍ଦ୍ରଗୁଡ଼ିକର ଚୈତନ୍ୟ ମନକୁ ଚଳପ୍ରଚଳ କରିଥାଏ । ମନ ଚଳପ୍ରଚଳ ନହୋଇ ସ୍ଥିରହେବା ବେଳେ ମନର ସ୍ଥାନ ସୂର୍ଯ୍ୟଚନ୍ଦ୍ର ନାଡୀ ନିଜର ଚୈତନ୍ୟ ହରାଇଥାଏ । ସୂର୍ଯ୍ୟଚନ୍ଦ୍ର ନାଡୀର ମଧ୍ୟରେ ଥିବା ବ୍ରହ୍ମନାଡୀରେ ମନ ପ୍ରବେଶ କରିଥାଏ । ମନ ବ୍ରହ୍ମନାଡୀରେ ପ୍ରବେଶ କରିବା ପରେ ବ୍ରହ୍ମନାଡୀରେ ଥିବା ନାଡୀକେନ୍ଦ୍ରଗୁଡ଼ିକ ଚୈତନ୍ୟ

ହରାଇ ଦେଇଥା'ନ୍ତି । ଏହିଭଳି ମନ ସ୍ଥିର ରହିଯିବା ଦ୍ୱାରା ସୂର୍ଯ୍ୟଚନ୍ଦ୍ର ନାଡୀ ଏବଂ ବ୍ରହ୍ମନାଡୀର କେନ୍ଦ୍ରଗୁଡିକ ଚୈତନ୍ୟ ହରାଇଥା'ନ୍ତି । ଶ୍ୱାସକୁ ପରିଚାଳିତ କରିପାରୁଥିବା ଶକ୍ତି ସୂର୍ଯ୍ୟଚନ୍ଦ୍ର ନାଡୀରେ ଥିବା ବ୍ରହ୍ମାନଡୀର ଷଡକେନ୍ଦ୍ରର ରହିଥାଏ । ତେଣୁ ଏହି କେନ୍ଦ୍ରଗୁଡିକ ସ୍ଥିର ରହିଯିବା ପରେ ଶ୍ୱାସ ସ୍ଥିର ରହିଯାଇଥାଏ । ଏହି ପଦ୍ଧତିରେ ଯୋଗୀମାନେ ଶ୍ୱାସକୁ ମନ ଦ୍ୱାରା ସ୍ଥିର କରିଦେଇଥା'ନ୍ତି । ଏହି ଅନୁସାରେ ପ୍ରାଣାୟାମ ଦୁଇପ୍ରକାରର ରହିଛି, ସେଗୁଡିକ ମଧ୍ୟରୁ ପ୍ରଥମଟିକୁ **'ତାରକ ପଦ୍ଧତି'** ଆଉ ଦ୍ୱିତୀୟଟିକୁ **'ଅମନସ୍କ ପଦ୍ଧତି'** ବୋଲି କହିପାରିବା ।

ଶ୍ୱାସ ଆଉ ମନ ସହିତ ସମ୍ପର୍କ ସୂର୍ଯ୍ୟଚନ୍ଦ୍ର ନାଡୀ ଦ୍ୱାରା ରହିଥାଏ । ତେଣୁ ମନ ସ୍ଥିର ରହିଯିବା ଦ୍ୱାରା ଶ୍ୱାସ ମଧ୍ୟ ସ୍ଥିର ରହିଯାଇଥାଏ ବୋଲି ଆମେ କହୁଛୁ । ଏଇଠାରେ ଅନେକଙ୍କର ଏକ ସନ୍ଦେହ ଆସିପାରେ । ତାହା ହେଉଛି ! ଆମେ ଯେତେବେଳେ ନିଦ୍ରାଯାଉଛେ ସେତେବେଳେ ମନ ତ ସ୍ଥିର ରହିଯାଉଛି ! ସେତେବେଳେ ଶ୍ୱାସ ମଧ୍ୟ ସ୍ଥିର ରହିଯିବା ଉଚିତ୍ ! ହେଲେ କାହିଁ ସେପରି ହେଉନାହିଁ ଆଉ ଆମେ ଜାଗ୍ରତ ଏବଂ ନିଦ୍ରା ସମୟରେ ମଧ୍ୟ ଯଥାବିଧ ଶ୍ୱାସ ଗ୍ରହଣ କରୁଛେ !! ଏହି ଅନୁସାରେ ମନ ଅଟକିଗଲେ ଶ୍ୱାସ ଅଟକିଯାଏ କେମିତି କହିବା ? ବୋଲି ପଚାରି ପାରନ୍ତି । ଏହାର ସମାଧାନ ହେଉଛି ! ନିଦ୍ରା ସମୟରେ ମନ ଆପଣାଛାଏଁ ବ୍ରହ୍ମନାଡୀରେ ପ୍ରବେଶ କରିଥାଏ । ତେଣୁ ସୂର୍ଯ୍ୟଚନ୍ଦ୍ର ନାଡୀ ନିଜର ଚୈତନ୍ୟକୁ ହରାଇନଥାଏ ଆଉ ମନ ସେହି ନାଡୀରେ ରହିବା ଦ୍ୱାରା ସ୍ୱାଧିନ ହୋଇ ଶ୍ୱାସକୁ ନିଜର ଇଚ୍ଛା ମୁତାବକ ଚଲାଇଥାଏ । ମନ ସୂର୍ଯ୍ୟଚନ୍ଦ୍ର ନାଡୀ ଉପରେ ଥିବାବେଳେ ଶ୍ୱାସ ମନକୁ ଅନୁସରଣ କରି ପରିଚାଳିତ ହୋଇଥାଏ । ଯେତେବେଳେ ଜୀବର ଅଜାଣତରେ ମନ ବ୍ରହ୍ମନାଡୀରେ ମିଳିତ ହୁଏ ସେତେବେଳେ ଶ୍ୱାସ ମନ ଅନୁସାରେ ପ୍ରବାହିତ ନହୋଇ ନିଜ ଇଚ୍ଛା ଅନୁସାରେ ପ୍ରବାହିତ ହୋଇଥାଏ । ସେଥିପାଇଁ ଶୋଇବାବେଳେ

କେତେକଙ୍କର ଶ୍ୱାସ ଅଧିକ ବେଗରେ ପ୍ରବାହିତ ହୋଇଥାଏ (ଘୁଙ୍ଗୁଡି ଆସିଥାଏ), କିନ୍ତୁ ଯୋଗ ସମୟରେ ସେଭଳି ନହୋଇ ମନ ଜୀବର ଚେଷ୍ଟାରେ ବ୍ରହ୍ମନାଡୀକୁ ଯାଏ । ଯୋଗ ସମୟରେ ଷଡଚକ୍ର ନିଜ ନିଜର ଚୈତନ୍ୟ ଶକ୍ତିକୁ ହରାଇଥା'ନ୍ତି । ସୂର୍ଯ୍ୟଚନ୍ଦ୍ର ନାଡୀ ମଧ୍ୟ ନିଜର ଚୈତନ୍ୟ ଶକ୍ତି ହରାଇବା ଦ୍ୱାରା ସେମାନଙ୍କ ଦ୍ୱାରା ଚାଲୁଥିବା ଶ୍ୱାସ ମଧ୍ୟ ସୂର୍ଯ୍ୟଚନ୍ଦ୍ର ନାଡୀର ଅଧିନରେ ନଥାଏ । ଯୋଗ ଆଉ ନିଦ୍ରା ଭିତରେ ଅନେକ ଭିନ୍ନତା ରହିଛି । ନିଦ୍ରା ଅଜ୍ଞାନ ସ୍ୱରୂପ, ଯୋଗ ଜ୍ଞାନ ସ୍ୱରୂପ । ନିଦ୍ରା ସମୟରେ ଜୀବ ନିଜକୁ ଭୂଲିଯାଏ, କିନ୍ତୁ ଯୋଗ ସମୟରେ ଜୀବ ନିଜକୁ ଜାଣି ପାରିଥାଏ । ନିଦ୍ରାରେ ଶରୀରରେ ଜ୍ଞାନଶକ୍ତି ପ୍ରବେଶ କରିନଥାଏ, କିନ୍ତୁ ଯୋଗରେ ଶରୀରରେ ଜ୍ଞାନଶକ୍ତି ପ୍ରବେଶ କରିଥାଏ । ନିଦ୍ରା ଆଉ ଯୋଗ ବିଷୟରେ ଚିନ୍ତାକଲେ, ଶ୍ୱାସବିଷୟ କାହିଁକି ଶରୀରର ଅନେକ କାର୍ଯ୍ୟରେ ଅନେକ ଭିନ୍ନତା ରହିଥାଏ ବୋଲି ଜଣାଯାଏ ।

ପ୍ରତ୍ୟେକ ମଣିଷର ଶ୍ୱାସ ସାଧାରଣତଃ ନାସାରନ୍ଦ୍ରଠାରୁ ୧୨ ଇଞ୍ଚ ବାହାରକୁ ଆସି ଯାଇଥାଏ । ଯୋଗଦ୍ୱାରା ମନକୁ କିଛି ପରିମାଣରେ ଅଟକାଇ ରଖି ପାରିଥିବା ବ୍ୟକ୍ତିର ଶ୍ୱାସ ୧୨ ଇଞ୍ଚ ନହୋଇ କେତେ ଇଞ୍ଚ କମ୍ ଲମ୍ବରେ ପ୍ରବାହିତ ହୋଇଥାଏ । ମନ ସ୍ଥିର ରହିବା କ୍ରମରେ ଶ୍ୱାସର ବେଗ ମଧ୍ୟ କମ୍ ହୋଇଥାଏ । ମନ ସଂପୂର୍ଣ୍ଣ ସ୍ଥିର ହୋଇଗଲେ ଶ୍ୱାସ ମଧ୍ୟ ସ୍ଥିର ରହି ବାହାରକୁ ଭିତରକୁ ପ୍ରବାହିତ ହୋଇନଥାଏ । ଏହିଭଳି ମନ ଅନୁସାରେ ଶ୍ୱାସ କମ୍ କିମ୍ବା ଅଧିକ ପ୍ରବାହିତ ହୋଇଥାଏ । ମନର ଉଦ୍ରେକତା ଦ୍ୱାରା ଶ୍ୱାସର ବେଗ ବଢି ୧୮ ଇଞ୍ଚ ଲମ୍ବ ପର୍ଯ୍ୟନ୍ତ ହୋଇ ପାରେ । ମାନବର ଆୟୁଷ ତା'ର ଶ୍ୱାସ ଉପରେ ଆଧାରିତ ହୋଇ ନିର୍ଣ୍ଣୀତ ହୋଇଥାଏ । ଶ୍ୱାସ ଉପରେ କାଳ, କର୍ମଚକ୍ରର ଗମନ ଆଧାରିତ ହୋଇ ରହିଥାଏ । ଆମେ ସେକେଣ୍ଡ୍ ଦ୍ୱାରା ମିନିଟ୍ ଆଉ ଘଣ୍ଟାକୁ ଚିହ୍ନିବା ଭଳି, ପରମାତ୍ମା ଶ୍ୱାସ ଦ୍ୱାରା ଜୀବର କାଳ, କର୍ମକୁ ଚିହ୍ନିଥା'ନ୍ତି । ଆମେ ଏକ ନିର୍ଣ୍ଣୀତ ଲମ୍ବର ଶ୍ୱାସକୁ ଏକ ଶ୍ୱାସ ବା ଏକ

ହଂସ ବୋଲି ଚିହ୍ନୁଛେ । ପରମାତ୍ମାଙ୍କ ଦୃଷ୍ଟିରେ ଜୀବର ନାଶାରନ୍ଧ୍ର ଚଉଡାର ୨୪ଗୁଣ ଅଧିକ ଲମ୍ବର ବାୟୁ ପ୍ରବାହକୁ ଏକ ଶ୍ୱାସ ବୋଲି କହିପାରିବା । ସେହି ଅନୁସାରେ ମାନବର ଶ୍ୱାସ ୧୨ଇଞ୍ଚର ବୋଲି କହିପାରିବା । **ମଣିଷର ନାସାରନ୍ଧ୍ର ଚଉଡାର ୨୪ଗୁଣ ଅଧିକ ଲମ୍ବର ବାୟୁ ପ୍ରବାହକୁ ଏକ ଶ୍ୱାସ ବୋଲି କେଉଁ ପ୍ରମାଣର ସହିତ କହିବା ?** ବୋଲି ଏଇଠାରେ କେତେକଙ୍କଠାରେ ସନ୍ଦେହ ଆସିପାରେ । ତାର ସମାଧାନ ହେଉଛି ! ଆମ କପାଳରେ କାଳକର୍ମ ଚକ୍ର ସହିତ ମଣିଷର ନାସାରନ୍ଧ୍ରର ଥିବା ସମ୍ପର୍କ ଅନୁସାରେ କହି ପାରିବା । ତେଣୁ ମଣିଷର ନାକପୁଡା (ନାସାରନ୍ଧ୍ର) ଅନୁସାରେ ତା'ର ପ୍ରବାହିତ ଶ୍ୱାସ ୧୨ ଇଞ୍ଚର ବୋଲି, ହାତୀର ନାସାରନ୍ଧ୍ର ଅନୁସାରେ ତା'ର ଶ୍ୱାସ ୬ ଫୁଟର ବୋଲି କହିପାରିବା । ସେହିଭଳି ଏକ ମାଛିର ଶ୍ୱାସ, ଏକ ପିମ୍ପୁଡିର ଶ୍ୱାସ ମଧ୍ୟ ତା'ର ନାସାରନ୍ଧ୍ର ଅନୁସାରେ ହୋଇଥାଏ । ଏହି ସୂତ୍ର ଅନୁସାରେ କୌଣସି ଜୀବର ଶ୍ୱାସ କେତେ ଲମ୍ବର କହି ପାରିବା ।

ଯୋଗ ସାଧନା ଦ୍ୱାରା ଶ୍ୱାସର ଲମ୍ବ ୧୨ଇଞ୍ଚରୁ ଏକଇଞ୍ଚ ପର୍ଯ୍ୟନ୍ତ କମ୍ କରି ପାରିବା । ମାନବର ୧୨ ଇଞ୍ଚର ଶ୍ୱାସ ୨୧,୬୦୦ ଥର ବାହାରକୁ ଆସି ଚାଲିଗଲେ ପରମାତ୍ମାଙ୍କ ସୃଷ୍ଟିରେ ମାନବର ଦିନଟିଏ ହୋଇଥାଏ । ଯୋଗ ସାଧନା ଦ୍ୱାରା ୧ ଇଞ୍ଚର ଶ୍ୱାସ ଚାଲିଲେ ୧୧ ଇଞ୍ଚର ଶ୍ୱାସ ବଳକା ରହିଯାଇଥାଏ । ୧ଇଞ୍ଚର ଶ୍ୱାସ ୨୧,୬୦୦ ଥର ଆସିଲେ ପରମାତ୍ମାଙ୍କ ସୃଷ୍ଟିରେ ଏକ ଦିନ ଭାବରେ ହିସାବ ହୋଇଥାଏ । କାଳ, କର୍ମଚକ୍ରର ଭ୍ରମଣ ମଧ୍ୟ ୧୧ ଗୁଣ କମିଯାଇଥାଏ । ସାଧାରଣ ମାନବର ୧୨ ଇଞ୍ଚର ଶ୍ୱାସ ୨୧,୬୦୦ ଥର ଯିବା ଆସିବା କରି ଗୋଟିଏ ଦିନ ଭାବରେ ହିସାବ ହେବାବେଳେ, ଯୋଗ ସାଧନା କରୁଥିବା ବ୍ୟକ୍ତିର ୧ ଇଞ୍ଚର ଶ୍ୱାସ ୨୧,୬୦୦ ଥର ଚାଲିଲେ ତା'ପାଇଁ ଏକ ଦିନ ଭାବରେ ହିସାବ ନହୋଇ ୧୨ ଦିନରେ ଏକ ଦିନ ହିସାବ ହୋଇଥାଏ । ତେଣୁ ମାନବର ଆୟୁଷ ବଢିବା ପାଇଁ, କମିବା ପାଇଁ, ତା'ର ଶ୍ୱାସ ହିଁ ଆଧାର ହୋଇ ରହିଥାଏ ।

କେତେକ ଯୋଗୀ ଶ୍ୱାସକୁ ସଂପୂର୍ଣ୍ଣ ବାନ୍ଧି ନିଜର ଆୟୁଷ ବଢାଇଥିବା ଇତିହାସ ମଧ୍ୟ ରହିଛି ।


ପ୍ରାରବ୍ଧକର୍ମ ଅନୁସାରେ ଜୀବର (ମାନବର) ଶ୍ୱାସକୁ ପରମାତ୍ମା ନିର୍ଣ୍ଣୟ କରି ରଖିଛନ୍ତି । ନିର୍ଣ୍ଣୀତ ଶ୍ୱାସ ପ୍ରତିଦିନ ୨୧,୬୦୦ ଥର ଖର୍ଚ୍ଚ ହୁଏ, ଏହିଭଳି ନିର୍ଣ୍ଣୀତ ଶ୍ୱାସ ପ୍ରତିଦିନ ଖର୍ଚ୍ଚ ହେବା ଦ୍ୱାରା ଶେଷ ହୋଇଗଲେ ଜୀବ ଶରୀର ଛାଡି ଚାଲିଯାଏ । ଜାଣିଥିବା ଲୋକେ ସେମାନଙ୍କର ଶ୍ୱାସଖର୍ଚ୍ଚ କମ୍ କରି ନିଜର ଆୟୁଷ ବଢାଇ ପାରିଛନ୍ତି । ଏଠାରେ କିପରି ? ନାମକ ପ୍ରଶ୍ନର ଉତ୍ତର ଆପଣ ପାଇପାରିବା ଭଳି ନିମ୍ନ ଉଦାହରଣଟି ବୁଝିବାକୁ ଚେଷ୍ଟା କରନ୍ତୁ । ଜଣେ ମାନବର ପ୍ରାରବ୍ଧକର୍ମ ଅନୁସାରେ ୩୧,୫୩,୬୦,୦୦୦ ଶ୍ୱାସ ଶେଷହେବା ପର୍ଯ୍ୟନ୍ତ ଜୀବ ଶରୀରରେ ରହିବା ଭଳି କର୍ମନିର୍ଣ୍ଣୟ ରହିଛି ବୋଲି ଭାବିବା । ଦିନକୁ ୨୧,୬୦୦ ଶ୍ୱାସ ଖର୍ଚ୍ଚ ହେଲେ ୩୧,୫୩,୬୦,୦୦୦ ଶ୍ୱାସ ଶେଷହେବା ପାଇଁ ୪୦ ବର୍ଷ ଲାଗିବ । ତେଣୁ ତାର ଆୟୁଷ ୪୦ବର୍ଷ ବୋଲି କହିପାରିବା, ହେଲେ ସେ ୨୦ବର୍ଷରୁ ପ୍ରାଣାୟାମ ଅଭ୍ୟାସ କରିଛି, ଦିନକୁ ୨ ଘଣ୍ଟା ପ୍ରାଣାୟାମ କରୁଛି ଭାବିଲେ ତା'ର ଦୈନିକ ଶ୍ୱାସରୁ ଦୁଇଘଣ୍ଟାରେ ୧୮୦୦ ଶ୍ୱାସ ବଞ୍ଚୁଥିଲା । ତେଣୁ ସେ ବ୍ୟକ୍ତିର ୧୮୦୦ ଶ୍ୱାସ ଦିନକୁ ବଞ୍ଚୁଥିଲା ଆଉ ୧୯,୮୦୦ ଶ୍ୱାସ ଖର୍ଚ୍ଚ ହେଉଥିଲା, ତେଣୁ ଆମେ ଯଦି ଏଠାରେ ତା'ର ଆୟୁଷ ହିସାବ କରିବା ତେବେ ତା'ର ସଂପୂର୍ଣ୍ଣ ଶ୍ୱାସ ଶେଷହେବା ପାଇଁ ୪୧ବର୍ଷ, ୮ମାସ, ୩ଦିନ ଲାଗିବ, ଅର୍ଥାତ୍ କହିପାରିବା ଯେ ଆୟୁଷ ୧ବର୍ଷ, ୮ମାସ, ୩ଦିନ ବଢିଛି । ଏହିଭଳି କେତେକ ଯୋଗୀମାନେ ପ୍ରାଣାୟାମ ଦ୍ୱାରା ସେମାନଙ୍କ ଆୟୁଷ ବୃଦ୍ଧି କରିପାରିଥିଲେ । ଆଜି ଆମେ ମଧ୍ୟ କରିପାରିବା । ପୂର୍ବେ କେତେକ ସେମାନଙ୍କ ଆୟୁଷ ବୃଦ୍ଧିକରି ଶହଶହ ବର୍ଷ ବଞ୍ଚି ରହିଥିବା ଇତିହାସ ମଧ୍ୟ ରହିଛି ।

*****

# ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର

ଜୀବର ଜନ୍ମ ମରଣର କାରଣ ହେଉଛି କର୍ମ । କର୍ମକୁ ଜୀବ ଅନୁଭବ କରିଥାଏ, କର୍ମ ଆଚରଣ କରିବା ଅବସ୍ଥାରେ ଜୀବ କର୍ମ ସଞ୍ଚୟ ମଧ୍ୟ କରିଥାଏ । ଜୀବ ଗତ ଜନ୍ମର କର୍ମକୁ ଏହି ଜନ୍ମରେ, ଏ ଜନ୍ମର କର୍ମକୁ ଆସନ୍ତା ଜନ୍ମରେ ଅନୁଭବ କରୁକରୁ କର୍ମଚକ୍ରରୁ ବାହାରକୁ ଆସିନପାରି ଅନେକ ପ୍ରକାରର ଦୁଃଖସୁଖକୁ ଅନୁଭବ କରିଥାଏ । ଏହି କର୍ମଚକ୍ରରୁ ମୁକୁଳିବାକୁ ହେଲେ, କର୍ମ କ'ଣ ? କେଉଁଠାରୁ ଆସି ଆମ ଉପରେ ପଡି ଆମକୁ ଦୁଃଖ ଦେଇଥାଏ ? ତା'ଠାରୁ କିପରି ମୁକ୍ତ ହେବା ? ବୋଲି ଜ୍ଞାନ ସହକାରେ ଜାଣିପାରିଲେ କର୍ମଚକ୍ରରୁ ମୁକୁଳିବା ପାଇଁ ଜୀବକୁ କିଛି ସୁଯୋଗ ମିଳିଥାଏ । ତେଣୁ କର୍ମଚକ୍ର ବାବଦରେ କିଛି ଜାଣିବା ।

କର୍ମ କହିଲେ ପାପ ଏବଂ ପୁଣ୍ୟ । ଏହି ପାପପୁଣ୍ୟ ଦୁଇଟି ଚକ୍ର ଭଳି ତିଆରି ହୋଇ ଜୀବକୁ ସେହି ଚକ୍ରରେ ଘୂରାଇ ପାପ, ପୁଣ୍ୟର ଅନୁଭବ କରାଉଛି । ଆମେ ଅର୍ଜନ କରିଥିବା ପାପ, ପୁଣ୍ୟ କର୍ମଚକ୍ର ଭିତରେ ରହି କାଳାନୁଗୁଣ ଆମ ଉପରକୁ ପ୍ରସାର ହେଉଛି । ଯାହାର କର୍ମ ତା'ର କର୍ମଚକ୍ରରେ ଲିଖିତ ହୋଇ ରହୁଛି ଏବଂ ପୁନର୍ବାର ତା'ରି ଉପରେ ପ୍ରସାର ହେଉଛି । ଏହି ଚକ୍ର ପ୍ରତ୍ୟେକ ଜୀବର ମସ୍ତକରେ ରହିଥାଏ । ପାପପୁଣ୍ୟ ଆଖିକୁ ଦେଖାଯାଏ ନାହିଁ, ତେଣୁ ପାପପୁଣ୍ୟର ମିଶ୍ରଣ ଏହି ଚକ୍ର ମସ୍ତକରେ ରହିଥିଲେ ମଧ୍ୟ ଦେଖାଯାଏ ନାହିଁ । ଦେଖିବାକୁ ଜ୍ଞାନନେତ୍ର ଆବଶ୍ୟକ ହୋଇଥାଏ । ମସ୍ତିସ୍କର ଏହି କର୍ମଚକ୍ର ବାର (୧୨) ଭାଗରେ ବିଭକ୍ତ ହୋଇ ରହିଛି । କର୍ମଚକ୍ରର ଚିତ୍ର ଦିଆଯାଇଥିବା ୧ ନମ୍ବର ଚିତ୍ରରୁ ଦେଖନ୍ତୁ ।




ଚିତ୍ର ନଂ -୧
ମୁଣ୍ଡରେ ଥିବା କର୍ମଚକ୍ରର ଭାଗଗୁଡିକ

ଏହିଭଳି ୧୨ ଭାଗର କର୍ମଚକ୍ରରେ ପାପ ପୁଣ୍ୟଗୁଡିକ ନିର୍ଣ୍ଣୀତ ଭାଗରେ ପହଞ୍ଚିଥାଏ । କର୍ମଚକ୍ରର ୧, ୫, ୯ ଭାଗଗୁଡିକରେ ଜୀବର ପୁଣ୍ୟକର୍ମ ପ୍ରବେଶ କରିଥାଏ । ଏହିଭଳି ୩, ୭, ୧୧ତମ ଭାଗଗୁଡିକରେ ଜୀବର ପାପ ଲିଖିତ ହୋଥାଏ । ବାକି ବଳକା ରହିଥିବା ଛଅଗୋଟି ଭାଗରେ ପାପ ଏବଂ ପୁଣ୍ୟ ମିଶ୍ରିତ ଭାବରେ ପ୍ରବେଶ କରିଥାଏ । ଏହିଭଳି କାହିଁକି ରହିଥାଏ ବୋଲି ଯଦି ପ୍ରଶ୍ନ ଆସେ ତେବେ ତା'ର ସମାଧାନରେ ଜ୍ଞାନୀମାନେ କହିଥା'ନ୍ତି ଯେ, ମାନବ ତା' ଜୀବନରେ ଏକପ୍ରକାର ପାପ ବା ଏକପ୍ରକାରର ପୁଣ୍ୟ ସଞ୍ଚୟ କରିନଥାଏ ।  ଅନେକ ପ୍ରକାରର ପାପ କାର୍ଯ୍ୟ ପୁଣ୍ୟକାର୍ଯ୍ୟ ଦ୍ୱାରା ଅନେକ ପ୍ରକାରର କର୍ମ ସଞ୍ଚୟ କରିଥାଏ । ଏକ ଏକ ପ୍ରକାରର ପାପ ବା ଏକ ଏକ ପ୍ରକାରର ପୁଣ୍ୟ କର୍ମଚକ୍ରର ନିର୍ଦ୍ଦିଷ୍ଟ ଭାଗଗୁଡିକରେ ନିର୍ଣ୍ଣୀତ ହୋଇ ରହିଥାଏ । ତେଣୁ କେତେକ ଭାଗରେ ପୁଣ୍ୟ ତ କେତେକ ଭାଗରେ ପାପ ଏବଂ ଅନ୍ୟ କେତେକ ଭାଗରେ ପାପପୁଣ୍ୟ ମିଶ୍ରିତ ଭାବରେ ରହିଥାଏ, ତାହାକୁ ଦ୍ୱିତୀୟ ଚିତ୍ରରେ ଦେଖନ୍ତୁ ।

ଏହିଭଳି ଅନେକ ପ୍ରକାରର ପାପପୁଣ୍ୟ କପାଳରେ ଥିବା କର୍ମଚକ୍ରରେ ରହିଥାଏ । କର୍ମଚକ୍ରରୁ କର୍ମଗୁଡିକୁ ନବଗ୍ରହ କୁହାଯାଉଥିବା ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ, ଗୁରୁ, ଶୁକ୍ର, ଶନି, ରାହୁ, କେତୁ ଇତ୍ୟାଦି ଗ୍ରହଗୁଡିକ ୧୨ଗୋଟି ଥାଆନ୍ତି, ବର୍ତ୍ତମାନ କେବଳ ନବଗ୍ରହ ବାବଦରେ କହୁଛୁ । ଏହି ଗ୍ରହମାନେ ହିଁ ଜୀବ ଉପରେ କର୍ମ ପ୍ରସାର କରିଥା'ନ୍ତି । ଦ୍ୱାଦଶ ଗ୍ରହଙ୍କ ବିବରଣ ଆମେ ରଚନା କରିଥିବା **"ଜ୍ୟୋତିଷ୍ୟ ଶାସ୍ତ୍ର"** ନାମକ ଗ୍ରନ୍ଥରେ ଜଣାଇଛୁ । ଏହି ନବଗ୍ରହମାନେ କାଳଚକ୍ରରେ ରହି କାଳ




ଚିତ୍ର ନଂ –୨


ଅନୁସାରେ କର୍ମଚକ୍ରରେ ଥିବା ପାପପୁଣ୍ୟକୁ ଜୀବ ଉପରେ ପକାଇଥା'ନ୍ତି । କାଳଚକ୍ରଟି ମଧ୍ୟ ଘୂରୁଥିବା କାରଣରୁ ନବଗ୍ରହମାନେ ଘୂରୁଥା'ନ୍ତି । ଏବଂ ଗୋଟିଏ ସମୟରେ କେବଳ ପାପ କିମ୍ବା କେବଳ ପୁଣ୍ୟ ଜୀବ ଉପରେ ପ୍ରସାରିତ ନହୋଇ କିଛି ପାପପୁଣ୍ୟ ମିଶ୍ରିତ ଭାବରେ ଜୀବ ଶରୀରରୁ ଅମଳ ହୋଇଥାଏ (ଜୀବ ଶରୀରରେ ଅନୁଭବ ହୋଇଥାଏ) । ଏହାକୁ ହିଁ "ପ୍ରାରବ୍ଧକର୍ମ" କୁହାଯାଏ ।

କର୍ମଚକ୍ରଟି ଆମ ମୁଣ୍ଡରେ ରହିଥିବା କାରଣରୁ ସମସ୍ତେ କିଛି ଖରାପ ଘଟଣା ଘଟିବା ବେଳେ ମୋ କର୍ମ କହି ମୁଣ୍ଡରେ ହାତ ଦେଇଥା'ନ୍ତି କିମ୍ବା କିଛି ଦୁର୍ଘଟଣା ଘଟିଯିବା ବେଳେ ଏହା ମୋ'କପାଳ ଲେଖା କି ତା କପାଳ ଲେଖା ବୋଲି କହିଥା'ନ୍ତି । ସେହିଭଳି କାହାର ଯଦି କିଛି ଲାଭ ହେଉଥାଏ ତେବେ କହନ୍ତି ଯେ, ସେସବୁ ତା'ର ପୁଣ୍ୟଫଳ ବା ତା'ର ପୁଣ୍ୟ ସେହଭଳି ଥିଲା, କାହାର କିଛି କ୍ଷତି ଘଟିବାବେଳେ ତାହା ତା'ର ପାପ ବୋଲି କଥା ପ୍ରସଙ୍ଗରେ କହିଥା'ନ୍ତି । ଭଲକୁ ପୁଣ୍ୟ ଆଉ ଖରାପକୁ ପାପ ବୋଲି ଆମେ କଥା କହିବାବେଳେ ଆମ ଅଜାଣତରେ ତୁଣ୍ଡରୁ ବାହାରିପଡେ । ସେମିତି ମୋ'କର୍ମ, ମୋ'କପାଳଲିଖନ, ଯାହା ମୋର ଲେଖା ଅଛି, ମୋରି ଭାଗ୍ୟ ବୋଲି ଆମ ଅଜାଣତରେ ଆମ ତୁଣ୍ଡରୁ ବାହାରି ଯାଇଥାଏ । ଆମତୁଣ୍ଡରୁ ବାହାରିବା ସହିତ ଆମହାତ ମଧ୍ୟ ଆମ ଅଜାଣତରେ କପାଳରେ ପହଞ୍ଚି ଯାଇଥାଏ । ଏହି ସବୁରୁ ଜାଣିବାକୁ ହୁଏ ଯେ, କର୍ମଚକ୍ରରେ କରିଥିବା ପାପପୁଣ୍ୟ ଅଛି, ପାପପୁଣ୍ୟକୁ ଆମେ ଅନୁଭବ କରୁଛେ, ତେଣୁ ଆମର ଅଜାଣତରେ ଆମ ହାତ କପାଳ ଦିଗରେ ଯିବା ସହିତ ଆମ ତୁଣ୍ଡରୁ ମଧ୍ୟ କର୍ମର ବାସ୍ତବତା ବାହାରି ଆସିଥାଏ ।


କର୍ମର ଅଧିନେତା ନବଗ୍ରହମାନେ କାଳ ଚକ୍ରରେ ରହିଥା'ନ୍ତି । ତେଣୁ କର୍ମଚକ୍ରରେ ଥିବା କର୍ମ ଅନୁସାରେ ନବଗ୍ରହମାନେ ଜୀବକୁ

ପରିଚାଳିତ କରିଥା'ନ୍ତି । କର୍ମଚକ୍ର ଭଳି କାଳଚକ୍ର ମଧ୍ୟ ୧୨ଭାଗର ହୋଇ ରହିଛି । ଏହି ୧୨ ଭାଗର ଅଧିନେତା ହେଉଛନ୍ତି ସପ୍ତଗ୍ରହ । କାଳଚକ୍ରର ୧୨ ଭାଗର ମଧ୍ୟ ୧୨ଗୋଟି ନାମ ରହିଛି । ୧) ମେଷ, ୨) ବୃଷ, ୩) ମିଥୁନ, ୪) କର୍କଟ, ୫) ସିଂହ, ୬) କନ୍ୟା, ୭) ତୁଳା, ୮) ବିଛା, ୯) ଧନୁ, ୧୦) ମକର, ୧୧) କୁମ୍ଭ, ୧୨) ମୀନ । ଏହି ୧୨ଭାଗ ଉପରେ ସପ୍ତଗ୍ରହମାନଙ୍କର ଅଧିକାର ରହିଥାଏ । ଏହି ଅନୁସାରେ ସୂର୍ଯ୍ୟ ସିଂହରାଶିର ଅଧିନେତା ହୋଇ ଥାଏ ବା ସିଂହନାମକ ସ୍ଥାନରେ ସୂର୍ଯ୍ୟ ନିଜର ଆଧିପତ୍ୟ ବିସ୍ତାର କରିଥାଏ । ସେହିଭଳି ଚନ୍ଦ୍ରର କର୍କଟ ଭାଗ, ମଙ୍ଗଳର ମେଷ ଏବଂ ବୃଶ୍ଚିକ ଭାଗ, ବୁଧର ମିଥୁନ ଓ କନ୍ୟା ଭାଗ, ଗୁରୁର ମୀନ ଓ ଧନୁ ଭାଗ, ଶୁକ୍ରର ବୃଷଭ ଓ ତୁଳା ଭାଗ, ଶନିର ମକର ଓ କୁମ୍ଭ ଭାଗ ନାମକ ଦୁଇ ଦୁଇଟି ଭାଗ ସ୍ୱସ୍ଥାନ ଭାବରେ ଗଣାଯାଇଥାଏ । ଏହିଭଳି ୧୨ ଗୋଟି ଭାଗ ନିମନ୍ତେ ସାତଜଣ ଅଧିନେତା ସୃଷ୍ଟି ପ୍ରାରମ୍ଭରୁ ରହିଛନ୍ତି । ମଧ୍ୟରେ ଆସିଥିବା ରାହୁ ଶନିର ନିଜ ଭାଗ ହୋଇଥିବା କୁମ୍ଭ ଭାଗରେ, କେତୁ ଗୁରୁର ନିଜଭାଗ ହୋଇଥିବା ମିଥୁନ ଭାଗରେ ନିଜର ସ୍ଥାନ ଅଧିକାର କରି ରହିଛନ୍ତି । ଏହିଭଳି ନଅଗୋଟି ଗ୍ରହ ୧୨ଗୋଟି ଭାଗର ଅଧିନେତା ଭାବରେ ରହିଛନ୍ତି । ଆହୁରି ମଧ୍ୟ ତିନିଗୋଟି ଦେଖାଯାଉ ନଥିବା ଗ୍ରହ ରହିଛନ୍ତି । ସେମାନଙ୍କ ବାବଦରେ **"ଜ୍ୟୋତିଷ୍ୟ" ନାମକ ଗ୍ରନ୍ଥରେ** ଜଣାଇବୁ । ଏହି କାଳଚକ୍ର କର୍ମଚକ୍ରକୁ ଲାଗିରହି ଉପରେ ଘୂରିଥାଏ । ତାହାକୁ ତୃତୀୟ ଚିତ୍ରରେ ଦେଖିପାରିବେ ।

କର୍ମଚକ୍ରରେ କର୍ମକୁ ଘୂରାଇଥାନ୍ତି ନବଗ୍ରହ, ସେହିଭଳି କାଳଚକ୍ରରେ ନବଗ୍ରହଙ୍କୁ ଘୂରାଇଥାଏ ଆତ୍ମା । ଆତ୍ମା ତା'ର ଅଧିନରେ ଥିବା ନବଗ୍ରହମାନଙ୍କ ସାହାଯ୍ୟରେ ଜୀବ ଉପରୁ କର୍ମଅମଳ କରିଥାଏ । ଜୀବରାଶିଙ୍କର ଶରୀରରେ ଥିବା କପାଳରେ କର୍ମ, କାଳଚକ୍ର ଭ୍ରମଣ କରିଥାଏ । କର୍ମଚକ୍ର ଉପରେ ନବଗ୍ରହମାନଙ୍କର ଅଧିକାର ରହିଥାଏ ।




ଚିତ୍ର ନଂ – ୩ (କର୍ମଚକ୍ର)




ଚିତ୍ର ନଂ – ୪

କାଳଚକ୍ର ଉପରେ ଆତ୍ମାର ଅଧିକାର ରହିଥାଏ । ଆତ୍ମାଧର୍ମକୁ ଅମାନ୍ୟ ନହୋଇ କାଳଚକ୍ର ସବୁବେଳେ ଘୂରିଥାଏ । କର୍ମକୁ ନବଗ୍ରହମାନେ ଅମଳ କରୁଥିବା ବେଳେ, ନବଗ୍ରହମାନଙ୍କୁ ଯମ (ଆତ୍ମା) ପରିଚାଳିତ କରିଥାଏ, କିନ୍ତୁ ସମସ୍ତଙ୍କୁ ଗୁରୁ (ପରମାତ୍ମା) ମଝିରେ ରହି ନିଜର ମହାକର୍ଷଣ ଶକ୍ତି ଦ୍ୱାରା ନିଜ ଚାରିକଡେ ଘୂରିବାଭଳି କରିଥା'ନ୍ତି । ମଝିରେ ଥିବା ମହାକର୍ଷଣ ଶକ୍ତିକୁ (ଚିତ୍ର ନଂ-୪) ରେ ଦେଖିପାରିବେ ।


କର୍ମ, କାଳଚକ୍ର ପାଇଁ ଅଖ ଭାବରେ ପରମାତ୍ମା ରହି, କାଳ ନାମରେ ନବଗ୍ରହମାନଙ୍କୁ, କର୍ମକୁ ନିଜର ଆକର୍ଷଣ ଶକ୍ତି ଦ୍ୱାରା ପରିଚାଳିତ କରାଇ ସାକ୍ଷୀ ଭାବରେ ରହିଥା'ନ୍ତି । ତେଣୁ ଗୀତାଶାସ୍ତ୍ରର ରାଜବିଦ୍ୟା ରାଜଗୁହ୍ୟ ଯୋଗ ନାମକ ଅଧ୍ୟାୟରେ କହିଛନ୍ତି ଯେ, **"ମୁଁ ଭୂପୃଷ୍ଠର ପ୍ରକୃତି ଉପରେ ଅଧ୍ୟକ୍ଷତା ବହନ କରିଥାଏ । ମୋ'ଦ୍ୱାରା ଜୀବରାଶି ଜନ୍ମ ହୋଇଥା'ନ୍ତି, ମୃତ୍ୟୁବରଣ କରିଥା'ନ୍ତି । ଏହି କାରଣ ଦ୍ୱାରା ସାରା ଜଗତ ଚକ୍ର ଭଳି ଘୂରୁଛି" ।**

ସର୍ବଜୀବରାଶିର ବ୍ରହ୍ମନାଡୀରେ ମଧ୍ୟମ ପୁରୁଷ ହୋଇଥିବା ଆତ୍ମା ରହିଥାଏ । ବ୍ରହ୍ମନାଡୀର ସପ୍ତମ ସ୍ଥାନରେ ଆତ୍ମାଶକ୍ତି କେନ୍ଦ୍ରିକୃତ ହୋଇ ରହିଛି । ସପ୍ତମ ସ୍ଥାନକୁ କେନ୍ଦ୍ରକରି ତା'ଚାରିକଡେ କର୍ମ, କାଳଚକ୍ର ଘୂରିବୁଲୁଛି । କାଳଚକ୍ରରେ ଦିନରାତି, ଶୁକ୍ଲପକ୍ଷ, କୃଷ୍ଣପକ୍ଷ, ମାସ, ଉତ୍ତର ଦକ୍ଷିଣାୟନ ଏବଂ ବର୍ଷ ସମ୍ଭବ ହେଉଛି । ରାତି ଦିନଠାରୁ ଆରମ୍ଭ କରି ବର୍ଷ ବର୍ଷ ପର୍ଯ୍ୟନ୍ତ ଜୀବରାଶି ନିଜ ନିଜର କର୍ମ ଅନୁଭବ କରୁଛନ୍ତି । କାଳଚକ୍ରରେ ରାତିଦିନ କିପରି ହୋଇଥାଏ ବୋଲି ଚିନ୍ତାକଲେ ! କର୍ମଚକ୍ରରେ ଥିବା ଭାଗଗୁଡିକୁ କାଳଚକ୍ରରେ ଥିବା ସୂର୍ଯ୍ୟ ଅତିକ୍ରମ କରି ତା'ର ଯାତ୍ରା କରୁଥାଏ । ପ୍ରତ୍ୟେକ ଭାଗକୁ ଅତିକ୍ରମ କରିବା ପାଇଁ ତାକୁ ୨ ଘଣ୍ଟାଏ କାଳ ଲାଗିଥାଏ । ସୂର୍ଯ୍ୟୋଦୟରୁ ଆରମ୍ଭ କରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ

୬ ଗୋଟି ଭାଗକୁ ଅତିକ୍ରମ କରିବା ପାଇଁ ତାକୁ ୧୨ ଘଣ୍ଟା ଲାଗିଥାଏ । ଏହାକୁ ଦିନ ଭାବରେ ସମସ୍ତେ ଦେଖୁଛେ । ସେହିଭଳି ବଳକା ୬ ଗୋଟି ଭାଗକୁ ଅତିକ୍ରମ କରିବା ପାଇଁ ଆଉ ୧୨ ଘଣ୍ଟା କାଳ ଲାଗିଥାଏ । ତାହାକୁ ଆମେ ରାତି କହୁଛେ । ସୂର୍ଯ୍ୟ ଆମ କପାଳରେ ଥିବା କର୍ମଚକ୍ରକୁ ଅତିକ୍ରମ କରୁଥାଇ କାଳଚକ୍ରରେ ଭ୍ରମଣ କରୁଥାଏ । ଏହିଭଳି କାଳଚକ୍ରରେ ଭ୍ରମଣ କରୁଥାଇ କର୍ମଚକ୍ରର ଭାଗଗୁଡିକୁ ଅତିକ୍ରମ କରିବା ପାଇଁ ସୂର୍ଯ୍ୟକୁ ୨୪ ଘଣ୍ଟା କାଳ ଲାଗିଥାଏ । ୨୪ ଘଣ୍ଟାକୁ ଆମେ ଏକ ଦିନ ଭାବରେ ହିସାବ କରୁଛେ । କର୍ମଚକ୍ରର ମଧ୍ୟରେଖାର ବାମପାର୍ଶ୍ୱରେ ଥିବା ୬ ଗୋଟି ଭାଗ ଦିନ ଏବଂ ଦକ୍ଷିଣପାର୍ଶ୍ୱରେ ଥିବା ୬ଗୋଟି ଭାଗକୁ ରାତି ଭାବରେ କହିବା ପାଇଁ ଆମକୁ ସୂର୍ଯ୍ୟର ପରିଭ୍ରମଣ ଆଧାର ମିଳିଥାଏ । ଚିତ୍ର ନଂ-୫ରେ ଏହି ଦିନରାତିକୁ ଦେଖିପାରିବେ ।


ସୂର୍ଯ୍ୟ କାଳଚକ୍ରରେ ପରିଭ୍ରମଣ କରିଥାଏ,କାଳଚକ୍ର ୧୨ଭାଗର । ସୂର୍ଯ୍ୟ କାଳଚକ୍ରର ପ୍ରତ୍ୟେକ ଭାଗକୁ ଅତିକ୍ରମ କରିବା ପାଇଁ ଏକ ଏକ ମାସ କାଳ ଲାଗିଥାଏ । ତେଣୁ ୧୨ ଗୋଟି ଭାଗକୁ ଅତିକ୍ରମ କରିବା ପାଇଁ ସୂର୍ଯ୍ୟକୁ ୧୨ ମାସ ବା ୧ ବର୍ଷକାଳ ଲାଗିଥାଏ । କାଳଚକ୍ରର ମଝିରେ ଜୀବରେଖା ରହିଛି । ଜୀବରେଖାର ବାମ ଭାଗରେ ଥିବା ୬ ଗୋଟି ଭାଗକୁ ସୂର୍ଯ୍ୟ ଅତିକ୍ରମ କରିବାପାଇଁ ୬ମାସ କାଳ ଲାଗିଥାଏ । ସେହି ଛଅମାସ କାଳକୁ ଉତ୍ତରାୟଣ କୁହାଯାଏ । ସେହିଭଳି ଜୀବରେଖାର ଦକ୍ଷିଣ ଭାଗରେ ଥିବା ୬ ଗୋଟି ଭାଗକୁ ଅତିକ୍ରମ କରିବା ପାଇଁ ଆଉ ୬ମାସ କାଳ ଲାଗିଥାଏ । ତାହାକୁ ଦକ୍ଷିଣାୟନ କୁହାଯାଏ । ଏହି ଉତ୍ତରାୟଣ ଏବଂ ଦକ୍ଷିଣାୟନକୁ ଚିତ୍ର ନଂ-୬ ରେ ଦେଖି ପାରିବେ ।

କାଳଚକ୍ରର ପ୍ରତ୍ୟେକ ଭାଗକୁ ଅତିକ୍ରମ କରିବା ପାଇଁ ଚନ୍ଦ୍ରକୁ ଅଢେଇଦିନ କାଳ ଲାଗିଥାଏ । ଜୀବରେଖାର ବାମ ପାର୍ଶ୍ୱରେ ଥିବା ୬




ଚିତ୍ର ନଂ – ୫


ଗୋଟି ଭାଗକୁ ଅତିକ୍ରମ କରିବାପାଇଁ ୧୫ଦିନ କାଳ ଲାଗିଥାଏ । ସେହିଭଳି ଜୀବରେଖାର ଦକ୍ଷିଣଭାଗରେ ଥିବା ୬ଗୋଟି ଭାଗକୁ ଅତିକ୍ରମ କରିବା ପାଇଁ ମଧ୍ୟ ୧୫ଦିନ କାଳ ଲାଗିଥାଏ । ତେଣୁ ସମ୍ପୂର୍ଣ୍ଣ ୧୨ ଗୋଟି ଭାଗକୁ




ଚିତ୍ର ନଂ – ୬ (କାଳଚକ୍ର)


ଅତିକ୍ରମ କରିବା ପାଇଁ ଚନ୍ଦ୍ରକୁ ୩୦ଦିନ ବା ୧ମାସ କାଳ ଲାଗିଥାଏ । ଏହି ହିସାବରେ ଚନ୍ଦ୍ର ଜୀବରେଖାର ବାମ ପାର୍ଶ୍ୱରେ ଥିବା ୬ ଗୋଟି ଭାଗକୁ ଅତିକ୍ରମ କରୁଥିବା କାଳକୁ ଶୁକ୍ଳପକ୍ଷ ଏବଂ ଦକ୍ଷିଣ ପାର୍ଶ୍ୱରେ ଥିବା ୬ଗୋଟି ଭାଗକୁ ଅତିକ୍ରମ କରୁଥିବା କାଳକୁ କୃଷ୍ଣପକ୍ଷ କୁହାଯାଏ । ଏହି କୃଷ୍ଣପକ୍ଷ, ଶୁକ୍ଳପକ୍ଷକୁ  ପର ଫର୍ଦ୍ଦର ୭ମ ଚିତ୍ରରେ ଦେଖିପାରିବେ ।

ଏହିଭଳି କାଳଚକ୍ରରେ ରାତି ଦିନ, ଶୁକ୍ଳପକ୍ଷ, କୃଷ୍ଣପକ୍ଷ ଏବଂ ଆୟନଗୁଡିକ ସମ୍ଭବ ହୋଇଥାଏ । ଯୋଗ ଦ୍ୱାରା ଜୀବକୁ ମିଳିଥିବା ଯୋଗଶକ୍ତି କର୍ମ, କାଳଚକ୍ରର ମଧ୍ୟରେ ଥିବା ଗୁରୁକେନ୍ଦ୍ରରେ ରହିଥାଏ । ଯାହାର ଯୋଗଶକ୍ତି ପରିପୂର୍ଣ୍ଣ ସ୍ଥିତିକୁ ଆସିଥାଏ କାଳ ଚକ୍ରରେ ତା'ର ଜୀବରେଖାର ବାମପାର୍ଶ୍ୱରେ ଏବଂ କର୍ମଚକ୍ରର ଜୀବ ରେଖାର ବାମପାର୍ଶ୍ୱରେ ସୂର୍ଯ୍ୟ ଥିବା ସହିତ ଚନ୍ଦ୍ର ମଧ୍ୟ କାଳଚକ୍ରର ଜୀବ ରେଖାର ବାମପାର୍ଶ୍ୱରେ ଥିବାବେଳେ ମୃତ୍ୟୁ ସମ୍ଭବ ହୋଇଥାଏ । ଏହିଭଳି ମୃତ୍ୟୁବରଣ କରିଥିବା




ଚିତ୍ର ନଂ – ୭ (କାଳଚକ୍ର)

ଜୀବ ମଧ୍ୟରେ ଥିବା କେନ୍ଦ୍ର ଭିତରକୁ ପ୍ରବେଶ କରିପାରେ ଅର୍ଥାତ୍ ଆତ୍ମାରେ ମିଳିତ ହୋଇପାରେ । ଏହା ବ୍ୟତୀତ ଜୀବ ଅନ୍ୟ ସମୟରେ ମୃତ୍ୟୁବରଣ କଲେ କେନ୍ଦ୍ରରେ ଥିବା ଆତ୍ମା ସ୍ଥାନରେ ପହଞ୍ଚିପାରି ନଥାଏ । ଦିନବେଳା, ଶୁକ୍ଲପକ୍ଷ ଏବଂ ଉତ୍ତରାୟଣ ମିଳିତ ହୋଇଥିବା କାଳରେ ଜୀବ ଆତ୍ମାରେ ମିଳିତହେବା ସୁଯୋଗ ରହିଥାଏ,ଏହାକୁ ଅଷ୍ଟମ ଚିତ୍ରରେ ଦେଖିପାରିବେ ।





ଚିତ୍ର ନଂ - ୮ (କାଳଚକ୍ର)

ରାତ୍ରି, ଶୁକ୍ଲପକ୍ଷ, ଦକ୍ଷିଣାୟନରେ ମୃତ୍ୟୁବରଣ କରିଥିବା ଯୋଗୀ ଆତ୍ମାରେ ପହଞ୍ଚିପାରେ ନାହିଁ । ସେ ସମୟରେ ମୃତ୍ୟୁବରଣ କରିଥିବା ଯୋଗୀର କାଳ ଚକ୍ରରେ ଆତ୍ମା ପାଖକୁ ଯିବା ପାଇଁ ରାସ୍ତା ନ ଥାଏ । ରାତ୍ରି, ଶୁକ୍ଲପକ୍ଷ, ଦକ୍ଷିଣାୟନରେ କାଳଚକ୍ରରେ କେଉଁଭଳି ରାସ୍ତା (ମାର୍ଗ) ନଥାଏ ତାହା (ଚିତ୍ର, ନଂ-୯)ରେ ଦେଖନ୍ତୁ ।

ଦିନବେଳା, ଶୁକ୍ଲପକ୍ଷ, ଦକ୍ଷିଣାୟନରେ ମୃତ୍ୟୁବରଣ କରିଥିବା ଯୋଗୀ ଆତ୍ମାରେ ପହଞ୍ଚିପାରେ ନାହିଁ । ସେ ସମୟରେ ମୃତ୍ୟୁବରଣ କରିଥିବା ଯୋଗୀର କାଳଚକ୍ରରେ ପହଞ୍ଚିବା ରାସ୍ତା ନଥାଏ । ଦିନବେଳା,

ଶୁକ୍ଳପକ୍ଷ, ଦକ୍ଷିଣାୟନରେ କାଳଚକ୍ରରେ କେଉଁଭଳି ମାର୍ଗ ରହିଛି ତାହା ଚିତ୍ର ନଂ-୧୦ରେ ଦେଖନ୍ତୁ ।





ଚିତ୍ର ନଂ - ୯ (କାଳଚକ୍ର)

ଆତ୍ମାରେ ପହଞ୍ଚିବା ପାଇଁ ସମସ୍ତ ଦ୍ୱାର ଗୋଟିଏ ଦିଗରେ ଅର୍ଥାତ୍ ବାମକଡରେ ରହିଥିବା ଆବଶ୍ୟକ । ତା'ନହୋଇ କାଳଚକ୍ରରେ କୌଣସି ଦ୍ୱାର ଦକ୍ଷିଣକଡରେ ଥିଲେ ଯୋଗୀକୁ ବାମକଡରେ ରାସ୍ତା ମିଳି ନଥାଏ ତେଣୁ ପୁନର୍ବାର ଅନ୍ୟ ଶରୀରରେ ଜନ୍ମ ନେବାକୁ ପଡିଥାଏ । ଏହା କେବଳ ଯୋଗୀମାନଙ୍କ ପାଇଁ ନିର୍ଣ୍ଣୀତ ହୋଇ ରହିଛି ।


ଯୋଗୀ ଉତ୍ତରାୟଣରେ, କୃଷ୍ଣପକ୍ଷ, ଦିନବେଳା ମୃତ୍ୟୁବରଣ କରିଥିଲେ ଆତ୍ମାରେ ପହଞ୍ଚିପାରି ନଥାଏ । କାରଣ କାଳଚକ୍ରରେ ତା'ପାଇଁ ରାସ୍ତା ନଥାଏ, ସେ ରାସ୍ତା କିପରି ଥାଏ ତାହା ଚିତ୍ର (ନଂ-୧୧) ରେ ଦେଖିପାରିବେ ।

ଏହିଭଳି ଆତ୍ମାରେ ପହଞ୍ଚିବା ପାଇଁ ମାର୍ଗ ନପାଇ ଜୀବ ପୁଣି ଥରେ ଜନ୍ମ ହୋଇଥାଏ । ଏ ବାବଦରେ ଗୀତାରେ ଶ୍ରୀକୃଷ୍ଣ ପରମାତ୍ମା




ଚିତ୍ର ନଂ - ୧୦ (କାଳଚକ୍ର)

ଅକ୍ଷରପରବ୍ରହ୍ମ ଯୋଗରେ କହିବାକୁ ଯାଇ **"ହେ ଅର୍ଜୁନ ! ଯୋଗୀମାନେ କେଉଁ ସମୟରେ ମୃତ୍ୟୁବରଣ କଲେ ପୁଣି ଜନ୍ମହୁଅନ୍ତି ନାହିଁ ଆଉ କେଉଁ ସମୟରେ ମୃତ୍ୟୁବରଣ କଲେ ଜନ୍ମହୁଅନ୍ତି ତାହା କହୁଛି ଶୁଣ୍ । ଦିନବେଳା ସୂର୍ଯ୍ୟକିରଣ ପଡିଥିବା ଅଞ୍ଚଳରେ, ଉତ୍ତରାୟଣର ଶୁକ୍ଳ ପକ୍ଷରେ ଯେଉଁ ଯୋଗୀ ମୃତ୍ୟୁବରଣ କରିଥାଏ ସେ ଆତ୍ମାରେ ମିଳିତ ହେବା ସୁଯୋଗ ପାଇଥାଏ । ତା'ନହୋଇ ମେଘାବୃତ୍ତ ଅଞ୍ଚଳରେ, ରାତିରେ, ଦକ୍ଷିଣାୟନର କୃଷ୍ଣ ପକ୍ଷରେ ଯେଉଁ ଯୋଗୀମାନେ ମୃତ୍ୟୁବରଣ କରିଥା'ନ୍ତି ସେମାନେ ଚନ୍ଦ୍ରତେଜରେ ତେଜିୟାନ୍ ହୋଇ ପୁଣି ଜନ୍ମ ହୋଇଥା'ନ୍ତି"** ବୋଲି କହିଛନ୍ତି । ଯେଉଁମାନେ ସଂପୂର୍ଣ୍ଣ ଯୋଗୀ ସେମାନେ ମୃତ୍ୟୁବରଣ କରିବା ସମୟରେ ଦିନବେଳା ସୂର୍ଯ୍ୟକିରଣ ପଡିଥିବା ସମୟ ହୋଇ, ବର୍ଷର ଉତ୍ତରାୟଣ ଏବଂ ମାସର ଶୁକ୍ଳପକ୍ଷ ହୋଇଥାଏ । ପ୍ରପଞ୍ଚରେ ସେ ଯେତେବଡ ସ୍ୱାମିଜୀ ବୋଲାଇଲେ ମଧ୍ୟ ଯଦି ସେମାନଙ୍କର କର୍ମ ସଂପୂର୍ଣ୍ଣ ବିନାଶ ହୋଇନଥାଏ ତେବେ ସେମାନେ




ଚିତ୍ର ନଂ - ୧୧ (କାଳଚକ୍ର)

ଦକ୍ଷିଣାୟନର କୃଷ୍ଣପକ୍ଷ ରାତିରେ ମୃତ୍ୟୁବରଣ କରିଥା'ନ୍ତି । ତେଣୁ ବଞ୍ଚିଥିବା ଜୀବନର ସାର ମଲାବେଳେ ଜଣାପଡିଥାଏ ବୋଲି ପୂର୍ବପୁରୁଷରୁ ରୂଢିଟିଏ ମଧ୍ୟ ରହିଆସିଛି ।





ଚିତ୍ର ନଂ - ୧୨

କାଳ ଚକ୍ରରେ ସୂର୍ଯ୍ୟ ଦ୍ୱାରା ଦିନ, ଆୟଣ, ବର୍ଷକୁ ଆମେ ହିସାବ କରୁଛେ । ଏହି ହିସାବ ଅନୁସାରେ ଆମର ଯୁଗ ବିତିଥାଏ । ଏକ ଯୁଗରେ ଆମେ ଶହେକୋଟି କିମ୍ବା ତାଠାରୁ ଅଧିକ ଥର ଜନ୍ମ ନେବାକୁ ପଡିଥାଏ । ଏହିଭଳି ଏକହଜାର ଯୁଗ ହେଲେ ପରମାତ୍ମାଙ୍କର ଗୋଟିଏ ଦିନ ହୋଇଥାଏ । ସେହିଭଳି ଆମ ହିସାବର ଏକହଜାର ଯୁଗରେ ପରମାତ୍ମାଙ୍କର ଏକ ରାତି ହୋଇଥାଏ । ପରମାତ୍ମାଙ୍କ ଦିନ ହୋଇଥିବା ଏକହଜାର ଯୁଗରେ ସୃଷ୍ଟି ଭିତରେ ଜୀବରାଶି ଜନ୍ମ ହୋଇଥା'ନ୍ତି ଏବଂ ମୃତ୍ୟୁବରଣ କରିଥା'ନ୍ତି । ପରମାତ୍ମାଙ୍କ ଦିନ ବା ବ୍ରହ୍ମଦିନ ଏକହଜାର ଯୁଗ କାଳ ବିତିଯିବା ପରେ ବ୍ରହ୍ମରାତି ବା ପରମାତ୍ମାଙ୍କର ରାତି ଆରମ୍ଭ ହୋଇଥାଏ । ଏହି ବ୍ରହ୍ମରାତିର ଏକହଜାର ଯୁଗ କାଳରେ ଜୀବରାଶି କିମ୍ବା ପ୍ରକୃତି ନଥାଏ । ସବୁକିଛି କଳ୍ପନା କରିହେଉ ନଥିବା ଶୁନ୍ୟସ୍ଥିତି । ବ୍ରହ୍ମରାତି ଶେଷହେବା ପରେ ପୁଣି ଥରେ ପ୍ରକୃତି ଜନ୍ମ ହୋଇଥାଏ । ଏହାକୁ ଭଗବଦ୍ଗୀତାର ଅକ୍ଷରପରବ୍ରହ୍ମ ଯୋଗର ୧୭,୧୮,୧୯,୨୦ ତମ ଶ୍ଳୋକଗୁଡିକରେ କୁହାଯାଇଛି । ଏହି ବ୍ରହ୍ମଦିବସ ଏବଂ ବ୍ରହ୍ମରାତ୍ରିକୁ ଚିତ୍ରନଂ- ୧୨ରେ ଦେଖିପାରିବେ ।

ଏହିଭଳି ବ୍ରହ୍ମଚକ୍ର ଏକହଜାର ଯୁଗ ଦିନ ଭାବରେ ଆଉ ଏକ ହଜାର ଯୁଗ ରାତି ଭାବରେ ପରିଭ୍ରମଣ କରିଥାଏ । ହେ ଜୀବ! ଏ ପର୍ଯ୍ୟନ୍ତ ତୁ ଜାଣିଥିବା ଏହି ବ୍ରହ୍ମ, କାଳ, କର୍ମ, ଗୁଣଚକ୍ରରେ ଛନ୍ଦି ନହୋଇ ସେଗୁଡିକୁ ଅତିକ୍ରମ କରି ଯଦି ଆତ୍ମାରେ ପହଞ୍ଚି ପାରିବୁ ତେବେ ତୋ'ର କୌଣସି ଦୁଃଖ ରହିବ ନାହିଁ । ତେଣୁ ଏବେ ମଧ ତୋ'ପାଖରେ ସମୟ ଅଛି ତୋ'ର ପାପପୁଣ୍ୟକୁ କର୍ମ ଚକ୍ରରେ ସ୍ଥାନ ଦିଏ ନାହିଁ । ତୋତେ ବାରମ୍ବାର କହୁଛି !

ଆମ ମୁଣ୍ଡରେ ଥିବା ଏହି ବ୍ରହ୍ମ, କାଳ, କର୍ମ, ଗୁଣଚକ୍ରକୁ ଚିତ୍ର ନଂ- ୧୩ ରେ ଦେଖନ୍ତୁ ।




ବ୍ରହ୍ମ, କାଳ, କର୍ମ, ଗୁଣଚକ୍ର ଚିତ୍ର ନଂ – ୧୩

*****

## ସଗୁଣ-ସାକାର-ନିରାକାର

ସାକାର କହିଲେ ଯାହା ଆଖିକୁ ଦେଖାଯାଉଛି ଆଉ ନିରାକାର କହିଲେ ଯାହା ଆଖିକୁ ଦେଖାଯାଉ ନାହିଁ, ଏହା ସମସ୍ତେ ଜାଣିଥିବା ସତ୍ୟକଥା । ଏହି ସତ୍ୟକୁ ଏବେକାର ମୁଖ୍ୟ ଅଂଶ କରି ସାକାର ଆଉ ନିରାକାର ବାବଦରେ କିଛି ଅଧିକ ଜାଣିବା । ଆଜି ମାନବର ଅଭିପ୍ରାୟ ଅନୁସାରେ ସାକାର କହିଲେ ମନ୍ଦିରମାନଙ୍କରେ ଦେଖାଯାଉଥିବା ପ୍ରତିମା

ଆଉ ନିରାକାର କହିଲେ ଆଖିକୁ ଦେଖାଯାଉ ନଥିବା ଆତ୍ମା ବୋଲି ଜଣାଯାଏ । ସାକାର ଉପାସନା ବା ସଗୁଣୋପାସନା କହିଲେ ମନ୍ଦିରର ପ୍ରତିମାକୁ ଏବଂ ନିରାକାର ବା ନିର୍ଗୁଣ ଉପାସନା କହିଲେ ଆତ୍ମାପୂଜା କରିବା ବୋଲି ଭାବିଥା'ନ୍ତି । ଏକଥାକୁ କିଛିକିଛି ଜ୍ଞାନ ଜାଣିଥିବା ଲୋକମାନେ ବି ଜାଣିଥା'ନ୍ତି । ସଗୁଣ, ନିର୍ଗୁଣ ସମ୍ବନ୍ଧୀୟ ବିଷୟ ବାସ୍ ଏତିକି ନା ଆଉ କିଛି ଅଛି ବୋଲି ବିଚାର କଲେ, ଆମକୁ କିଛି ତଥ୍ୟ ମିଳିଥାଏ, ତାହା ନିମ୍ନମତେ ଦେଖନ୍ତୁ ।

ଯେଉଁମାନେ ମନ୍ଦିର ଯାଆନ୍ତି ସେମାନେ ପ୍ରକୃତ ଭକ୍ତିର ସହିତ ଯାଇ ସେଠାରେ କିଛିକାଳ ଚିନ୍ତାଶୂନ୍ୟ ହୋଇ ରହିବା ଉଚିତ୍, ଏହା ହିଁ ଆରାଧନା ସାରାଂଶ ବୋଲି ଆମ ରଚନାର **"ଦେବାଳୟ ରହସ୍ୟ"** ନାମକ ଗ୍ରନ୍ଥରେ ଲେଖିଛୁ । ଦେବାଳୟକୁ (ମନ୍ଦିରକୁ) ଯାଇ ସେଠାରେ ଥିବା ପ୍ରତିମା ନିକଟରେ ନିଜ ମୁଣ୍ଡରେ ଥିବା ଗୁଣଗୁଡିକୁ ବୁଦ୍ଧିର ବିଚାରରେ ନଆଣି, ମନକୁ ଇତର ବିଷୟ ଉପରେ ନ ଖେଳାଇ ଅତି କମ୍‌ରେ ଏକକ୍ଷଣ ଏକାଗ୍ରତାରେ ରଖିବା ହିଁ ପ୍ରକୃତ ଆରାଧନା ବୋଲି ବଡମାନେ ମଧ୍ୟ କହିଛନ୍ତି । ଦୈବ ପ୍ରତିମା ନିକଟରେ କୌଣସି ଭୌତିକ ବିଷୟକୁ ମନରେ ନ ଆଣିବା ଉଚିତ୍, ଆଣିଲେ ଆରାଧନାର ମୂଲ୍ୟ ନଥାଏ ବୋଲି ମଧ୍ୟ କହିଛନ୍ତି । ପ୍ରକୃତ ଆରାଧନା କହିଲେ ସେଠାରେ ମନକୁ କିଛିକ୍ଷଣ ସ୍ଥିର କରିବା ଅର୍ଥାତ୍ ଗୁଣହୀନ ସ୍ଥିତିରେ ରହିବା । ସେତେବେଳେ ଯଦି ଆମର କୌଣସି ଏକ ଗୁଣ କାର୍ଯ୍ୟ କରିବ ତେବେ ସେହି ଗୁଣ ସମ୍ବନ୍ଧୀୟ ସ୍ମୃତି ବାହାରି ଆସିବ । ତେଣୁ ମନ୍ଦିରକୁ ଗଲାବେଳେ ଆମେ ସଂପୂର୍ଣ୍ଣ ଗୁଣରହିତ ଭାବରେ ଯିବା ଉଚିତ୍ ।

ପଦ୍ଧତି ଅନୁସାରେ ବିଷୟ ଚିନ୍ତା ନକରି ମନକୁ ଦୈବଙ୍କଠାରେ ଲଗ୍ନ କରିବା ବେଳେ ଗୁଣଗୁଡିକ ନଥାଏ, ସେତେବେଳର ଆରାଧନାକୁ

ସଗୁଣ ଉପାସନା କାହିଁକି କହନ୍ତି ? ଏ ପ୍ରଶ୍ନ ନଆସି ରହି ପାରିବ ନାହିଁ । ଗୁଣରହିତ ମନକୁ ଦୈବଙ୍କଠାରେ ଲଗ୍ନ କରିବାବେଳେ ତାହା ଗୁଣରହିତ ପୂଜା ହୋଇଥାଏ । ଅର୍ଥାତ୍ ନିର୍ଗୁଣ ଉପାସନା ହୋଇଥାଏ । ଏହା ସଗୁଣ ଉପାସନା ହୋଇପାରିବ ନାହିଁ । କୌଣସି ପୂଜା ହେଉ ଗୁଣରହିତ ଭାବରେ କଲେ ତାହା ନିର୍ଗୁଣପୂଜା ହୋଇଥାଏ । ଏହି ପୂଜାରେ ସଗୁଣ ନାମକ ଶବ୍ଦ ଆସିଲା କେମିତି ? କ'ଣ ଏହି ସଗୁଣ ଉପାସନାର କିଛି ଅର୍ଥ ଅଛି ? ଏଭଳି ପ୍ରଶ୍ନ ମଧ୍ୟ ନିଶ୍ଚୟ ଆସିଥାଏ । ଏଭଳି ପ୍ରଶ୍ନ ଆସିବାବେଳେ ସମାଧନ ମିଳିବା ମଧ୍ୟ କାଠିକର ପାଠ ହୋଇଥାଏ ।

କେଇଜଣ ବିମର୍ଶକ ଏଭଳି ଅନେକ ପ୍ରଶ୍ନର ସମାଧାନ ନପାଇ ଶେଷରେ ଆମ ନିକଟକୁ ଆସି ଆମକୁ କିଛି ପଚାରିଥିଲେ, ସେମାନଙ୍କ ସହିତ ଆମର ହୋଇଥିବା ସମ୍ଭାଷଣକୁ ତଳେ ଲେଖୁଛୁ ।

**ସେମାନେ ପଚାରିଥିବା ପ୍ରଶ୍ନ-** ସଗୁଣପୂଜା (ସଗୁଣୋପାସନା) କହିଲେ ମନ୍ଦିରର ପ୍ରତିମା ପୂଜା ବୋଲି ଅନେକ ଲୋକ କହନ୍ତି, ପୂର୍ବଜମାନେ ମଧ୍ୟ କହିଛନ୍ତି । ପ୍ରତିମା ସମ୍ମୁଖକୁ ଯିବାବେଳେ କୌଣସି ଗୁଣ କାର୍ଯ୍ୟ ନକରି ଏକ ଏକଗ୍ରତା ସ୍ଥିତିରେ ରହି ପୂଜା କରିବା ଉଚିତ୍, ସେହି ଭାବ ହିଁ ମନ୍ଦିରରେ ଥିବା ଘଣ୍ଟିଠାରୁ ଆରମ୍ଭକରି ପ୍ରତିମା ପର୍ଯ୍ୟନ୍ତ ସ୍ଥାପନ କରାଯାଇଛି । ତା'ଛଡା ଆମେ କରୁଥିବା ଆରାଧନାରେ ଦୀପ, କର୍ପୁର, ପାନ, ଗୁଆ, ଚୂନ ଇତ୍ୟାଦିର ଭାବ ମଧ୍ୟ ତାହା ଜଣାଉଛି । ସେଥିଲାଗି ସେଠାରେ ଆମର ମନ କୌଣସି ବିଷୟ ଉପରକୁ ନଯାଇ କେବଳ ଦୈବଙ୍କ ଉପରେ ଲଗ୍ନ ରହିବା ଉଚିତ୍ । ସେତେବେଳେ ତ ଆମଠାରେ କୌଣସି ଗୁଣ ରହୁନାହିଁ ! ତେଣୁ ତାହା ସଗୁଣୋପାସନା କିପରି ହେଲା ? ଗୁଣହୀନ ପୂଜା ନିର୍ଗୁଣ ପୂଜା ହେବାକଥା ! ତେଣୁ କିଛି ବୁଝାପଡୁ ନାହିଁ । ଏ ବାବଦରେ ଆପଣ କିଛି କୁହନ୍ତୁ ବୋଲି ଅନୁରୋଧ କରୁଛୁ ।

**ଆମ ସମାଧାନ –** ଆପଣ ପଚାରିଥିବା ପ୍ରଶ୍ନ ଏକ ହେତୁବନ୍ଧ ପ୍ରଶ୍ନ । ଭୂପୃଷ୍ଠରେ ଅନେକ ଉପାସକ ଅଛନ୍ତି । ଯିଏ ହନୁମାନ ପୂଜା କରୁଛି ସେ ହନୁମାନ ଉପାସକ । ଯିଏ କୌଣସି ଦେବୀର ପୂଜା କରୁଛି ସେ ସେହି ଦେବୀର ଉପାସକ । କାଳୀକାଦେବୀଙ୍କୁ ଯିଏ ପୂଜା କରୁଛି ସିଏ କାଳୀ ଉପାସକ । ଏହିଭଳି ଯିଏ ଯେଉଁ ଦେବତାର ପୂଜା କରୁଛି ସେହି ଦେବତାର ନାଆଁ ଅନୁସାରେ ତାକୁ ଅମୁକ ଉପାସକ ବୋଲି କହୁଛେ । ସେହିଭଳି ନିର୍ଗୁଣୋପାସନା କହିଲେ ଯେଉଁଥିରେ ଗୁଣ ନାହିଁ ତାହାର ପୂଜା କରିବା ବୋଲି ପଦ୍ଧତି ଅନୁସାରେ କହିବାକୁ ପଡିଥାଏ । ଯେମିତି ହନୁମାନ ଉପାସନା କହିଲେ ହନୁମାନଙ୍କୁ ପୂଜା ବା ଆରାଧନା କରିବା ହୋଇଥାଏ, ସେମିତି ସଗୁଣ ଉପାସନା କହିଲେ ଯାହାର ଗୁଣଅଛି ତା'ର ପୂଜା କରିବା ହୋଇଥାଏ । ଏହି ସୂତ୍ର ଅନୁସାରେ ବିବରଣ କହିବାକୁ ଗଲେ, ସମ୍ମୁଖରେ ଯାହାକୁ ପୂଜା କରୁଛେ ତାହାର ନାମ ଅନୁସାରେ ଉପାସନାର ନାମ କୁହାଯାଏ ସିନା, ଯିଏ ପୂଜା କରୁଛି ତା'ର ନାମ ଅନୁସାରେ ଅମୁକ ଉପାସନା ବୋଲି କହି ପାରିବା ନାହିଁ । ଏହା ଭଲଭାବରେ ଜାଣି ହୋଇଯାଉଛି ।

ଯାହାର ପୂଜା କରୁଛେ ଯଦି ତା'ର ଗୁଣ ଅଛି ତେବେ ସଗୁଣପୂଜା କହିବା, ଗୁଣ ନଥିଲେ ନିର୍ଗୁଣ ପୂଜା କହିବା ହିଁ ସଠିକ ପଦ୍ଧତି ହେବ । ଏହି ସୁତ୍ର ଅନୁସାରେ ମନ୍ଦିରରେ ଥିବା ପ୍ରତିମାର ପୂଜାକୁ କେଉଁ ପୂଜା ବା କେଉଁ ଉପାସନା କହିବା ତାହା ଆପଣମାନେ ବିଚାର କରନ୍ତୁ । ପ୍ରତିମାର ଚଳନ ନାହିଁ, ଗୁଣ ନାହିଁ, ତେଣୁ ପ୍ରତିମା ପୂଜାକୁ ନିର୍ଗୁଣପୂଜା ବା ନିର୍ଗୁଣୋପାସନା କହିବା ଉଚିତ୍ । ସମ୍ମୁଖରେ ଯାହାର ପୂଜା କରୁଛେ ତା'ର ନାଆଁ ଅନୁସାରେ ହିଁ ଉପାସନାର ନାଆଁ ହୋଇଥାଏ । ଯିଏ ପୂଜା ବା ଉପାସନା କରୁଛି ତାର ନାଆଁ ଅନୁସାରେ ଉପାସନାର ନାଆଁ ହୋଇନଥାଏ ବୋଲି ଜାଣିବା ଉଚିତ୍ । ଯାହାକୁ ରଖି ପୂଜା କରିବା ତାହାରି ଉପାସନା ହେବ । ତେଣୁ ଯିଏ ହନୁମାନର ଉପାସନା କରୁଛି ସେ ହନୁମାନ ଉପାସକ ।

ଏହିସୂତ୍ର ଅନୁସାରେ ଦେଖିଲେ ସମସ୍ତେ କରୁଥିବା ପୂଜାକୁ ଦୁଇଭାଗରେ ବିଭକ୍ତ କରିପାରିବା, ତାହା ହେଲା **୧- ନିର୍ଗୁଣୋପାସନା ୨- ସଗୁଣୋପାସନା** । ତେଣୁ ଯାହାର ଗୁଣଅଛି ତା'ର ପୂଜା କରିବାକୁ ସଗୁଣୋପାସନା ବୋଲି ସୂତ୍ରବଦ୍ଧ ଭାବରେ କହିପାରିବା । ସେହି ଅନୁସାରେ ମନ୍ଦିରରେ ଥିବା ନାନା ପ୍ରକାରର ପ୍ରତିମା ପୂଜାକୁ ନିର୍ଗୁଣୋପାସନା ବୋଲି ନିସଃନ୍ଦେହରେ କହି ପାରିବା । ଆପଣ ଏପର୍ଯ୍ୟନ୍ତ ମନ୍ଦିରର ପ୍ରତିମାପୂଜାକୁ ସଗୁଣୋପାସନା ଭାବି ଭୂଲ୍ ବୁଝିଥିଲେ । ଆମେ ହେତୁବଦ୍ଧ ପ୍ରଶ୍ନ କରି ତା'ର ସମାଧାନ ଖୋଜିଲେ ନିଶ୍ଚୟ ଆମକୁ ଉନ୍ନତ ସମାଧାନ ମିଳିଥାଏ । ରାସ୍ତା ଜାଣିଥିଲେ ଯାତ୍ରା କଲାବେଳେ ବିପଦ ନଥାଏ । ରାସ୍ତା ନ ଜାଣି ଯାତ୍ରାକଲେ ବିପଦ ଥାଏ । ସେହିଭଳି ଏକ ସୂତ୍ର ପଦ୍ଧତି (ଶାସ୍ତ୍ର ପଦ୍ଧତି) ଅନୁସାରେ ଯେଉଁମାନେ ବିଚାର କରନ୍ତି ସେମାନଙ୍କୁ ନିଶ୍ଚୟ ସମାଧାନ ମିଳିଥାଏ ।

(ମନ୍ଦିରର ପୂଜାକୁ ସଗୁଣୋପାସନା କହିବା ଭୂଲ୍ । ଏହା ଏକ ଅଜଣା ରହସ୍ୟ । ଏହି ସତ୍ୟକୁ ବିଚାରବନ୍ତମାନେ ଗ୍ରହଣ କରିପାରିବେ ।)

**ସେମାନେ ପଚାରିଥିବା ପ୍ରଶ୍ନ –** ଆପଣ କହୁଥିବା ସୂତ୍ର ଅନୁସାରେ ମନ୍ଦିରର ପୂଜା ନିର୍ଗୁଣ ଉପାସନା । ତେବେ ସଗୁଣ ଉପାସନା କାହାକୁ କହିବା ତାହା ମଧ୍ୟ ସୂତ୍ରବଦ୍ଧ ଭାବରେ କହିବାକୁ ଅନୁରୋଧ କରୁଛୁ ।

**ଆମ ସମାଧାନ –** ଗୁଣହୀନର ପୂଜା କଲାବେଳେ ତାହା ନିର୍ଗୁଣ ଉପାସନା ହେବାବେଳେ, ଯାହାର ଗୁଣ ଅଛି ତା'ର ପୂଜା କରିବା ସଗୁଣ ଉପାସନା ହୋଇଥାଏ । ସଜୀବ, ସଗୁଣ ଥିବା ଜଣେ ଗୁରୁଙ୍କୁ, ଜଣେ ମହର୍ଷିଙ୍କୁ କିମ୍ବା କୌଣସି ମାନ୍ୟ ବ୍ୟକ୍ତିଙ୍କୁ ଦୈବ ସମାନ ଭାବି ପୂଜା କରିବା ସଗୁଣ ଉପାସନା ହୋଇଥାଏ । ସେତେବେଳ କାଳରେ ରାଜାମାନେ ଗୁରୁମାନଙ୍କର ପାଦପୂଜା କରୁଥିଲେ । ତେଣୁ ସେହି ପୂଜା ସଗୁଣପୂଜା

ହୋଇଥାଏ । ଗୁରୁଙ୍କୁ ଶିଷ୍ୟମାନେ ପୂଜାକରିବା ସଗୁଣ ଉପାସନା ହେବ । ଶ୍ରୀରାମଙ୍କୁ ସେଦିନର ଶବରୀ ପୂଜା କରିଥିଲା, ଶ୍ରୀକୃଷ୍ଣଙ୍କୁ ସେଦିନର ରାଧା ଆରାଧନା କରୁଥିଲେ । ଏଭଳି ଗୁଣଥିବା ବ୍ୟକ୍ତିମାନଙ୍କୁ ପୂଜା କରିବା ସଗୁଣ ଉପାସନା ହୋଇଥାଏ । ଆଗରେ ଯାହାକୁ ରଖି ପୂଜା କରାଯାଏ, ତାହାର ନାମ ଅନୁସାରେ ଉପାସନାର ନାମ ହୋଇଥାଏ । ହେଲେ ଯିଏ ପୂଜା କରୁଥାଏ ତା'ର ନାମ ଅନୁସାରେ ଉପାସନାର ନାମ ହୋଇ ନଥାଏ । ଉଦାହରଣ ସ୍ୱରୂପ ଆଦିତ୍ୟ ନାମକ ବ୍ୟକ୍ତି ଯଦି ହନୁମାନଙ୍କୁ ପୂଜା କରୁଥାଏ ସେତେବେଳେ ତା'ଆଗରେ ଥିବା ହନୁମାନର ନାମ ଅନୁସାରେ ତା'ର ଉପାସନାକୁ ହନୁମାନ ଉପାସନା କହିପାରିବା, କିନ୍ତୁ ପୂଜା କରୁଥିବା ଆଦିତ୍ୟ ନାମକ ବ୍ୟକ୍ତିର ନାମ ଅନୁସାରେ ଆଦିତ୍ୟଉପାସନା ବୋଲି କହି ପାରିବା କି ? କହି ପାରିବା ନାହିଁ ନା ! ସେହିଭଳି ବିଚାରକଲେ ଗୁଣନଥିବା ଦୈବପ୍ରତିମାକୁ କରାଯାଉଥିବା ପୂଜାଗୁଡିକ ନିର୍ଗୁଣପୂଜା ଏବଂ ଗୁଣଥିବା ମଣିଷର ପୂଜାକୁ ସଗୁଣପୂଜା କୁହାଯାଏ ।

**ସେମାନେ ପଚାରିଥିବା ପ୍ରଶ୍ନ –** ସ୍ୱାମିଜୀ ! ଜଣେ ବ୍ୟକ୍ତି ମନ୍ଦିରର ପ୍ରତିମା ହେଉ ବା କୌଣସି ମଣିଷକୁ ହେଉ, ପୂଜା ନକରି ଗୋଟିଏ ଗାଈକୁ ଦୈବ ଭାବନା ନେଇ ପୂଜା କଲାବେଳେ ତା'ର ସେହି ପୂଜାକୁ ଆମେ କେଉଁ ପୂଜା କହିବା ?

**ଆମ ସମାଧାନ –** ଗାଈର ମଧ୍ୟ ଜୀବନ ଅଛି, ଗୁଣ ମଧ୍ୟ ଅଛି । ତେଣୁ ତା'ର ପୂଜାକୁ ସଗୁଣପୂଜା କୁହାଯିବ ।

**ସେମାନେ ପଚାରିଥିବା ପ୍ରଶ୍ନ –** ଗୁରୁମାନେ, ଉନ୍ନତ ମହର୍ଷିମାନେ ଗୁଣଗୁଡିକୁ ଜୟ କରିଥା'ନ୍ତି । ସେମାନଙ୍କର କୌଣସି ଗୁଣ ନଥାଏ ବୋଲି କହନ୍ତି, ତେବେ ସେମାନଙ୍କ ପୂଜାକୁ ଆମେ କିପରି ସଗୁଣପୂଜା ବା ସଗୁଣୋପାସନା କହିବା ?

**ଆମ ସମାଧାନ –** ଗୁରୁମାନେ, ମହର୍ଷିମାନେ, ଯୋଗ କରୁଥିବା ସମୟରେ ଗୁଣଗୁଡିକୁ ଜୟକରି ଗୁଣ ବିହୀନ ହୋଇ ରହିଥା'ନ୍ତି । ପୁନର୍ବାର ସେମାନେ ଆଖି ଖୋଲିବା ପରେ ସେମାନଙ୍କଠାରେ ଗୁଣଗୁଡିକ କାର୍ଯ୍ୟ କରିଥାଏ । ବ୍ରହ୍ମଯୋଗ ଆଚରଣ କରୁଥିଲେ ମଧ୍ୟ ସେମାନଙ୍କୁ ଗୁଣ ଛାଡେ ନାହିଁ । ତେଣୁ ଗୁଣଗୁଡିକ କାର୍ଯ୍ୟ କରୁଥିବା ବେଳେ ସମସ୍ତେ ଚଳପ୍ରଚଳ ହୋଇ କୌଣସି ନା କୌଣସି କାର୍ଯ୍ୟ କରିଥା'ନ୍ତି । ଗୁଣ ନଥିବାବେଳେ ଶରୀରରେ ମଣିଷର ଚଳନ ହିଁ ନଥାଏ ।  ଗୁରୁ, ମହର୍ଷିମାନେ ଯୋଗ ଆଚରଣ କରୁଥିବା ବେଳେ ଗୁଣଗୁଡିକୁ ଜୟ କରିବା ଶକ୍ତି ସେମାନଙ୍କର ଥାଏ ବୋଲି କହିହୁଏ । ସେହି କାରଣରୁ ସେମାନଙ୍କୁ ଗୁଣଜୟୀ ବୋଲି କହିହୁଏ ସିନା, ସାଧାରଣ ମାନବ କୌଣସି ସମୟରେ ଗୁଣଗୁଡିକରେ ବିଚରଣ କରିଥାଏ, ଗୁଣଜୟୀ ହୋଇପାରି ନଥାଏ ।   ତେଣୁ ସେମାନଙ୍କୁ ଆମେ ଗୁଣଜୟୀ ବୋଲି କହି ପାରିବା ନାହିଁ ।

**ସେମାନେ ପଚାରିଥିବା ପ୍ରଶ୍ନ –** ସଗୁଣ ନିର୍ଗୁଣ ଭଳି ସାକାର ନିରାକାର ପୂଜା ମଧ୍ୟ କହିଥା'ନ୍ତି । ସାକାର ପୂଜା କହିଲେ ଆଖିକୁ ଦେଖା-ଯାଉଥିବା ପୂଜା, ନିରାକାର ପୂଜା କହିଲେ ଯାହାର ଆକାର ନାହିଁ ବା ପରମାତ୍ମାଙ୍କ ପୂଜା ବୋଲି ଆମେ ଭାବୁଛୁ । ଏହା ଠିକ୍ ନା ଭୂଲ୍ କହନ୍ତୁ ?

**ଆମ ସମାଧାନ –** ପରମାତ୍ମାଙ୍କର ରୂପ ନାହିଁ, ସେହି ରୂପହୀନ ପରମାତ୍ମା ଧର୍ମ ଜଣାଇବା ପାଇଁ ରୂପ ଥିବା ମଣିଷ ହୋଇ ଆମମାନଙ୍କ ଭିତରେ ଆସି ଧର୍ମ ଜଣାଇ ପୁନର୍ବାର ଅରୂପସ୍ଥିତିକୁ ଚାଲିଯାଆନ୍ତି । ରୂପ ନେଇ ଆସିଥିବା ପରମାତ୍ମାଙ୍କୁ ସାକାର କହିପାରିବା, କିନ୍ତୁ ତାଙ୍କର ଉଦ୍ଦେଶ୍ୟ ପୂରଣ କରି ଯିବା ପରେ ନିରାକାର କହିବା ଉଚିତ୍ । ନିରାକାର ପରମାତ୍ମା ସାକାରରେ ଆସିବା ବେଳେ ତାଙ୍କ ପୂଜାକୁ ସାକାରପୂଜା, ଆକାର ନଥିବା ପରମାତ୍ମାଙ୍କୁ ଧ୍ୟାନକରିବା ନିରାକାର ପୂଜା କୁହାଯାଏ ।

**ସେମାନେ ପଚାରିଥିବା ପ୍ରଶ୍ନ-** ଜଣେ ଗୁରୁ ପ୍ରକୃତରେ ପରମାତ୍ମାଙ୍କ ଅବତାର ନୁହନ୍ତି, କିନ୍ତୁ ତାଙ୍କୁ ଦୈବସମ ପୂଜା କରାଯାଉଛି ବୋଲି ଭାବିବା । ଆପଣ କହିବା ଅନୁସାରେ ଏହା ସଗୁଣ ପୂଜା ହେଲେ ମଧ୍ୟ ସେ ଗୁରୁଙ୍କର ଆକାର ଅଛି ତେଣୁ ତାଙ୍କୁ ପୂଜା କରିବା ସାକାର ପୂଜା ହେବ ! ସେହିଭଳି ପରମାତ୍ମା ମଣିଷ ହୋଇ ଆସିବାବେଳେ ଆମେ ତାଙ୍କୁ ପୂଜା କରୁଛେ ବୋଲି ଭାବିଲେ ସେତେବେଳେ ତାହା ସାକାର ପୂଜା ହେଲେ ମଧ୍ୟ ତା'କୁ ଆମେ ସଗୁଣ ପୂଜା କହି ପାରିବା କି ନାଇଁ ?

**ଆମ ସମାଧାନ-** ଆକାର ଥିବାବେଳେ ଗୁଣରାଜି, ଗୁଣରାଜି ଥିବାବେଳେ ଆକାର ନିଶ୍ଚୟ ରହିଥାଏ । ତେଣୁ ସେହି ପୂଜାକୁ ସଗୁଣ ସାକାରପୂଜା କୁହାଯାଇ ପାରେ, କିନ୍ତୁ ନିର୍ଗୁଣ ପୂଜା ହୋଇଥିବା ପ୍ରତିମା ଆରାଧନା ନିରାକାର ପୂଜା ନୁହେଁ । କାରଣ ! ପ୍ରତିମାର ଆକାର ଅଛି, କିନ୍ତୁ ପରମାତ୍ମାଙ୍କର ଆକାର ନାହିଁ ।

| ନିର୍ଗୁଣ | ସଗୁଣ | ---- | ସାକାର | ନିରାକାର |
|---|---|---|---|---|
| ↓ | ↑ | | ↑ | ↓ |
| 1 | → | | ← | 1 |

ସଗୁଣପୂଜା ସାକାର ପୂଜାର ଏକ ଭାଗ ହୋଇପାରେ, କିନ୍ତୁ ନିର୍ଗୁଣପୂଜା ନିରାକାର ପୂଜାର ଏକଭାଗ ହୋଇପାରେ ନାହିଁ ବୋଲି ଜାଣିବା ଉଚିତ୍ । ଆଗରେ ଯାହା ଅଛି ବା ଯିଏ ଅଛି ସେହି ଅନୁସାରେ ଆରାଧନାର ନାମ ହୁଏ ସିନା, ଯିଏ ଆରାଧନା କରେ

ତା'ର ନାମ ଅନୁସାରେ ଆରାଧନାର ନାମ ହୁଏ ନାହିଁ । ଜାଣି ନଥିବା ଲୋକମାନେ ଏହାକୁ ଜାଣି ମନେରଖନ୍ତୁ ବୋଲି ଜଣାଉଛୁ ।

*****

## ଜ୍ଞାନଯଜ୍ଞ

ଯଜ୍ଞର ବାସ୍ତବ ଅର୍ଥ ହେଉଛି ଥିବା ଜିନିଷକୁ ନ ରହିବା ଭଳି କରିବା (ନିଖୋଜ କରିବା) କିମ୍ବା ପୋଡିଦେବା । ସେହି ଅନୁସାରେ କହି ପାରିବା ଯେ ଦ୍ରବ୍ୟଗୁଡିକୁ ପୋଡିଦେବା ହିଁ ଦ୍ରବ୍ୟଯଜ୍ଞ । ସେହିଭଳି ଜ୍ଞାନଯଜ୍ଞ କହିଲେ ଜ୍ଞାନକୁ ପୋଡିଦେବା ବୋଲି ବୁଝାଯାଏ । ଦ୍ରବ୍ୟଯଜ୍ଞ କହିଲେ ପୋଡିଦେବା ବୋଲି ଯେଉଁମାନେ ଭାବନ୍ତି, ସେମାନେ ଜ୍ଞାନ ପୋଡିଦେବା ହିଁ ଜ୍ଞାନଯଜ୍ଞ କହିବା କେତେଦୂର ଠିକ୍ ? ବାସ୍ତବରେ ଜ୍ଞାନଯଜ୍ଞ କହିଲେ କଅଣ ? ବୋଲି କେତେକଙ୍କଠାରେ ନିଶ୍ଚୟ ସନ୍ଦେହ ଆସି ପାରେ । ଏହାର ସମାଧାନ ଜାଣିବାକୁ ହେବ ।

ଏହି ଦ୍ରବ୍ୟଯଜ୍ଞ, ଜ୍ଞାନଯଜ୍ଞ ବାବଦରେ ଭଗବାନ ଗୀତାରେ କହିଛନ୍ତି । ଯେହେତୁ ଗୀତାରେ କୁହାଯାଇଛି ଏହାର ଶାସ୍ତ୍ରବଦ୍ଧତା ନିଶ୍ଚୟ ରହିଛି । ଏହା ଅଶାସ୍ତ୍ରୀୟ ନୁହେଁ । ଜ୍ଞାନଯୋଗର ୩୩ତମ ଶ୍ଳୋକରେ ଏହି ଦୁଇଟି ଯଜ୍ଞ ଭିତରୁ ଜ୍ଞାନଯୋଗକୁ ଭଗବାନ ଶ୍ରେଷ୍ଠ କହିଛନ୍ତି । ଗୀତାର ଭାବ ଅନୁସାରେ ଦ୍ରବ୍ୟଯଜ୍ଞରେ ଦ୍ରବ୍ୟଗୁଡିକୁ ପୋଡିଦେବା କହିଲେ ଯଥାର୍ଥ ହୋଇଥାଏ । ତେଣୁ ସେହି ଅନୁସାରେ ଜ୍ଞାନଯଜ୍ଞର ଅର୍ଥକୁ ବୁଝିଲେ ଜ୍ଞାନକୁ ପୋଡିଦେବା ହିଁ ଯଥାର୍ଥ ହୋଇଥାଏ । ଜଗତର ଆଶ୍ଚର୍ଯ୍ୟ ହୋଇଥିବା ଭଗବାନ କୃଷ୍ଣ ଜଗତର ସୀମାକୁ ଆଙ୍କିଛନ୍ତି । ତେଣୁ ତାଙ୍କ ବାଣୀ କେବେ ମଧ୍ୟ ଭୂଲ୍ ସ୍ଥାନରେ ନଥାଏ । ବାସ୍ତବ ବିଷୟକୁ ସୂଚିତ କରିବା ପାଇଁ

ସେଥିରେ କିଛି ଅପ୍ରକାଶିତ ଅର୍ଥ ରହିବା ଭଳି ଗୋଟିଏକୁ ଦ୍ରବ୍ୟଯଜ୍ଞ ଆଉ ଗୋଟିଏକୁ ଜ୍ଞାନଯଜ୍ଞ ଏପରି ଦୁଇଟି ନାମରେ ଭଗବାନ କୃଷ୍ଣ ନାମିତ କରିଛନ୍ତି । ଦ୍ରବ୍ୟଯଜ୍ଞରେ ଚାରି ଭାଗରେ ବିଭାଜିତ ନାନା ପ୍ରକାରର ଦ୍ରବ୍ୟ ପୋଡିଯାଇଥାଏ, ସେହି ପୋଡିବା ବା ଜଳିବା ସ୍ଥାନ ଉଦର ବୋଲି ଜଣାପଡୁଛି । ବାକି ରହିଥିବା ଦ୍ରବ୍ୟଯଜ୍ଞର ବାସ୍ତବ ଅର୍ଥ କଅଣ ତାହା ଆମେ ପରିଷ୍କୃତଭାବରେ ଜାଣିବା ।

ମାନବର ଶରୀରରେ ଦୁଇ ପ୍ରକାରର ଅବୟବ ରହିଛି । ତାହା ହେଉଛି କର୍ମେନ୍ଦ୍ରିୟ ଏବଂ ଜ୍ଞାନେନ୍ଦ୍ରିୟ । ଏହି କର୍ମେନ୍ଦ୍ରିୟ ଏବଂ ଜ୍ଞାନେନ୍ଦ୍ରିୟର ମିଳନରେ ଅନେକ ପ୍ରକାରର କାର୍ଯ୍ୟ ହୋଇଥାଏ । ଭିତରେ କର୍ମ ଦ୍ୱାରା ଅର୍ଥାତ୍ ନିର୍ଣ୍ଣୀତ ହୋଇ ରହିଥିବା ପ୍ରାରବ୍ଧକର୍ମ ଦ୍ୱାରା ନାନା କାର୍ଯ୍ୟ ହେଉଥିବା ସ୍ଥଳେ, ସେହି କାର୍ଯ୍ୟ ଦ୍ୱାରା ଆସୁଥିବା ଆଗାମି କର୍ମ ମିଳିତ ହୋଇ ରହିଛି । ହେଉଥିବା କାର୍ଯ୍ୟରୁ ଆସୁଥିବା ଆଗାମିକର୍ମକୁ ପୋଡିଦେବା ହିଁ କର୍ମଯଜ୍ଞ । ଏହି କର୍ମଯଜ୍ଞକୁ ଗୀତାରେ ଭଗବାନ ଜ୍ଞାନଯଜ୍ଞ ବୋଲି ନାମ ଦେଇ କହିଛନ୍ତି । ଏଭଳି ଜ୍ଞାନଯଜ୍ଞ ନାମ ଦେଇଥିବାରୁ ଏଥିରେ ଜ୍ଞାନ ଜଳିଯାଏ କି ? ବୋଲି କେତେକ ପଚାରି ପାରନ୍ତି । ଏହାର ସମାଧାନ ହେଉଛି ! ଜ୍ଞାନେନ୍ଦ୍ରିୟର ଜ୍ଞାନ ଜାଳିଦେବାକୁ ଜ୍ଞାନଯଜ୍ଞ କହି ପାରିବା । ସେଥିଲାଗି ଆଖି, ନାକ, କାନ, ଜିଭ ଏବଂ ଚର୍ମକୁ ଜ୍ଞାନେନ୍ଦ୍ରିୟ କୁହାଯାଇଛି । ତେଣୁ ଜ୍ଞାନେନ୍ଦ୍ରିୟଗୁଡିକର ଜ୍ଞାନ ଜାଳିବା କ୍ରିୟାକୁ ଜ୍ଞାନଯଜ୍ଞ କହିବା ଯଥାର୍ଥ ହୋଇଛି । ଜ୍ଞାନେନ୍ଦ୍ରିୟର ଅଗ୍ନି ହେଉଛି ଆତ୍ମଜ୍ଞାନ କୁହାଯାଉଥିବା ଅଗ୍ନି । ସେହିଭଳି ଦ୍ରବ୍ୟଯଜ୍ଞରେ ଉପଯୋଗ ହେଉଥିବା ଅଗ୍ନିଗୁଡିକର ନାମ ହେଉଛି ଭୌତିକତଃ କ୍ଲୋମ, ପୈତ୍ୟ, ଲାଳ । ସ୍ଥୁଳ ଗ୍ରନ୍ଥିଗୁଡିକରୁ ଝରି ଆସୁଥିବା ରସର ରସାୟନାଗ୍ନି ପାକସ୍ଥଳିରେ ପ୍ରବେଶ କରି ସେଠାରେ ଥିବା ଆହାର ଦ୍ରବ୍ୟଗୁଡିକୁ ଜୀର୍ଣ୍ଣ କରିଥାଏ । ସେହିଭଳି ମୁଣ୍ଡରେ ସୂକ୍ଷ୍ମତଃ ଥିବା ଆତ୍ମା, ଅନାତ୍ମାର ସୂକ୍ଷ୍ମ ବିଷୟକୁ ଜାଣିବା ଦ୍ୱାରା ତିଆରି ହେଉଥିବା

ଅଗ୍ନି ଜ୍ଞାନେନ୍ଦ୍ରିୟଗୁଡିକରେ ଥିବା ଜ୍ଞାନାର୍ଥଗୁଡିକୁ ଜଳାଇଦେବା ହିଁ ପ୍ରକୃତ ଜ୍ଞାନଯଜ୍ଞ ବୋଲି ଜଣାଯାଉଛି । ଦ୍ରବ୍ୟଯଜ୍ଞରେ ସବୁକିଛି ସ୍ଥୂଳଭାବରେ ହେବାବେଳେ ଜ୍ଞାନଯଜ୍ଞରେ ସବୁକିଛି ସୂକ୍ଷ୍ମଭାବରେ ହୋଇଥାଏ ବୋଲି ଜାଣିବା ଉଚିତ୍ । ଦ୍ରବ୍ୟଯଜ୍ଞରେ ଚାରି ପ୍ରକାରର ଦ୍ରବ୍ୟ ବିନାଶ ହୋଇଥାଏ, ଏହି ଚାରି ପ୍ରକାରର ଆହାର ବିନାଶ ହୋଇ ସେଥିରୁ ପୋଷକ ପଦାର୍ଥ ଉତ୍ପନ୍ନ ହୋଇଥାଏ । ସେହିଭଳି ଜ୍ଞାନଯଜ୍ଞରେ ଜ୍ଞାନେନ୍ଦ୍ରିୟଗୁଡିକରେ ମିଶି ରହିଥିବା ପାଞ୍ଚ ପ୍ରକାରର ଜ୍ଞାନବିଷୟ ବିନାଶ ହୋଇ ଶରୀର ନାଶନ କ୍ରିୟା (ଜନ୍ମରହିତ କ୍ରିୟା) ଘଟିଥାଏ । ଦ୍ରବ୍ୟଯଜ୍ଞରେ ଶରୀର ପୋଷଣ ପାଇଁ ଚାରି ପ୍ରକାରର ଆହାରକୁ ଆହୁତି ଦିଆଯାଇଥାଏ । ଜ୍ଞାନଯଜ୍ଞରେ ପାଞ୍ଚ ପ୍ରକାରର ଭୌତିକ ବିଷୟକୁ ଆହୁତି ଦିଆଯାଇଥାଏ । ଜ୍ଞାନେନ୍ଦ୍ରିୟଗୁଡିକ ଦ୍ୱାରା ଆସୁଥିବା କର୍ମକୁ ଆତ୍ମାନାତ୍ମା ବିବରଣ ଦ୍ୱାରା ଅର୍ଥାତ୍ ଏହା ଆତ୍ମା, ଏହା ଆତ୍ମା ହୋଇନଥିବା ଅହଂକାର ବୋଲି ଜାଣିବା ଦ୍ୱାରା ତାହାକୁ ବିନାଶ କରିପାରିବା ଏବଂ ଆମର ଆଗାମି କର୍ମକୁ ସହଜରେ ବିନାଶ କରିଦେଇ ପାରିବା । ଜ୍ଞାନେନ୍ଦ୍ରିୟଗୁଡିକ ଦ୍ୱାରା କର୍ମ ଆସିଥାଏ ତେଣୁ ଏହି ଯଜ୍ଞକୁ ଜ୍ଞାନଯଜ୍ଞ କୁହାଯାଇଛି । ଏହିଯଜ୍ଞରେ ବାହାରର ଜ୍ଞାନକୁ ଜଳାଇବାକୁ ହୋଇଥାଏ । ଭିତରେ ଆତ୍ମା ସମ୍ବନ୍ଧୀୟ ଜ୍ଞାନକୁ ପୋଡିଦିଆଯାଏ ବୋଲି ଭାବନ୍ତୁ ନାହିଁ । ଏହି ଜ୍ଞାନକୁ ମୁଖ୍ୟତଃ ଜାଣିବା ଉଚିତ୍ । ଜ୍ଞାନଯଜ୍ଞରେ କର୍ମ ଜଳିଯାଇଥାଏ ତେଣୁ ଏହାକୁ କର୍ମଯଜ୍ଞ ମଧ୍ୟ କହି ପାରିବା ।

*****

## ଜପମାଳାରେ କେତେଗୋଟି ମାଳି ଥାଏ ?

ଇନ୍ଦୁ ଧର୍ମର (ହିନ୍ଦୁ ଧର୍ମର) ଏକ ମୁଖ୍ୟ ଧର୍ମ ହେଉଛି ଜପମାଳାର ବ୍ୟବହାର । ଇନ୍ଦୁଧର୍ମ ସୃଷ୍ଟିକର୍ତ୍ତା ହୋଇଥିବା ଈଶ୍ୱର ବା ପରମାତ୍ମାଙ୍କୁ

ଚିହ୍ନାଇଥାଏ, ତେଣୁ ତାହା ଆମକୁ ନିହାତି ଜାଣିବାକୁ ହୋଇଥାଏ । ପ୍ରଥମେ ଧର୍ମ କହିଲେ କ'ଣ ଜାଣିବା । ଏକ ବସ୍ତୁ ବା ପଦାର୍ଥ ତାହା ସଜୀବ ବା ନିର୍ଜୀବ ହେଉ ସେଥିରେ ଥିବା ସୂକ୍ଷ୍ମ ସହଜାତତତ୍ତ୍ୱକୁ (ସହଜତତ୍ତ୍ୱକୁ) ତାର ଧର୍ମ କୁହାଯାଏ । ଧର୍ମ ଜନ୍ମରୁ ଆସିଥାଏ । ଧର୍ମ ଜନ୍ମରୁ ଆସିଥିବାରୁ ତାହାକୁ ସହଜାତତତ୍ତ୍ୱ କୁହାଯାଇଛି । 'ଜ' ର ଅର୍ଥ ଜନ୍ମିତ, ସହଜ କହିଲେ ସହିତ ଜନ୍ମିଥିବା । ଗୋଟିଏ ଜାତିର ସମସ୍ତଙ୍କଠାରେ ଜନ୍ମରୁ ଯାହା ଏକ ପ୍ରକାରର ଆସିଥାଏ ତାହା ସେ ଜାତିର ଧର୍ମ ହୋଇଥାଏ । ମାନବ ଜାତିର ଜନ୍ମରୁ ଏକ ପ୍ରକାରର ଆତ୍ମା ଧର୍ମ ଆସିଥିଲେ ହେଁ ତାହା ଆମେ ଜାଣି ନ ପାରିବା ଦ୍ୱାରା ଆତ୍ମା ଧର୍ମଗୁଡ଼ିକ ଅଧର୍ମ ଭାବରେ ବଦଳି ଯାଇଛି ବୋଲି କହି ପାରିବା । ସିଦ୍ଧାନ୍ତ ଅନୁସାରେ ଆଚରଣ ଯୋଗ୍ୟ ଆତ୍ମାଧର୍ମ ସମସ୍ତ ଜୀବ ପାଇଁ ଗୋଟିଏ ହୋଇ ରହିଛି । ମତବୈଷମ୍ୟହୀନ ସମସ୍ତ ମାନବଜାତି ପାଇଁ କାର୍ଯ୍ୟକାରୀ ହେଉଥିବା ଧର୍ମକୁ ଇନ୍ଦୁଧର୍ମ କୁହାଯାଏ । ଜ୍ଞାନଯୁକ୍ତ ଆତ୍ମା ସମସ୍ତଙ୍କଠାରେ ରହିଛି । ତେଣୁ ମାନବର ଧର୍ମକୁ ଇନ୍ଦୁଧର୍ମ କୁହାଯାଏ । ଜ୍ୟୋତିଷ୍ୟଶାସ୍ତ୍ର ଅନୁସାରେ ଜ୍ଞାନର ଅଧିପତି ହେଉଛନ୍ତି ଚନ୍ଦ୍ର । ଚନ୍ଦ୍ରକୁ ହିଁ ଜ୍ଞାନର ଚିହ୍ନ ଭାବରେ ନିଆଯାଇଛି । ଚନ୍ଦ୍ରକୁ ଇନ୍ଦୁ କୁହାଯାଏ । ଧର୍ମ ଆତ୍ମାଜ୍ଞାନ ସମ୍ବନ୍ଧୀୟ ହୋଇଥିବାରୁ ଚନ୍ଦ୍ରର ନାମକୁ ସୂଚିତ କରି ଇନ୍ଦୁ ଧର୍ମ କୁହାଯାଇଛି । ଇନ୍ଦୁଧର୍ମ କହିଲେ କୌଣସି ସ୍ୱତନ୍ତ୍ର ଧର୍ମ ବୋଲି ଭାବନ୍ତୁ ନାହିଁ । ଏହା ଆତ୍ମା ରହିଥିବା ସମସ୍ତ ଜୀବରାଶି ସମ୍ବନ୍ଧୀୟ ବୋଲି ଜାଣିବା ଉଚିତ୍ ।

ପୂର୍ବେ ଭାରତ ଦେଶରେ ଆତ୍ମଜ୍ଞାନ ଜାଣିଥିବା ଲୋକମାନେ ରହୁଥିଲେ । ସାରା ଭୂମଣ୍ଡଳରେ ସବୁଠାରୁ ଅଧିକ ଜ୍ଞାନ ଜଣାଥିବା ଭାରତଦେଶକୁ ଜ୍ଞାନର ଦେଶ ବୋଲି କହୁଥିଲେ । ଜ୍ଞାନଜ୍ୟୋତିର ଅଧିପତି ହେଉଛି ଚନ୍ଦ୍ର । ତେଣୁ ଚନ୍ଦ୍ରର ଅନ୍ୟନାମ ଇନ୍ଦୁ ଅନୁସାରେ ସମସ୍ତେ ଜ୍ଞାନୀମାନଙ୍କୁ ଇନ୍ଦୁ କହି ଭାରତର ଅଧିବାସୀମାନଙ୍କୁ ଇନ୍ଦୁମାନେ ବୋଲି

କହୁଥିଲେ । ସେଥିଲାଗି ଆମ ଦେଶକୁ ଇନ୍ଦୁଦେଶ କୁହାଯାଏ । ଅନ୍ୟ ଅର୍ଥରେ ଭାରତ ମଧ୍ୟ ଜ୍ଞାନ ସମ୍ବନ୍ଧୀୟ ଶବ୍ଦ । ପୂର୍ବକାଳରେ ଭାରତରେ ରହୁଥିବା ଜ୍ଞାନୀମାନେ ଆଜି ପୂର୍ବକାଳ ଭଳି ନଥିଲେ ମଧ୍ୟ ଇନ୍ଦୁଦେଶ (ହିନ୍ଦୁଦେଶ) ନାମକ ନାଆଁ ଆଜି ମଧ୍ୟ ବଜାୟ ରହିଥିବାରୁ ଆମେ ଆନନ୍ଦିତ ହେବା ଉଚିତ୍ । ଆଜି ଇନ୍ଦୁଦେଶର ଲୋକମାନଙ୍କୁ ଇନ୍ଦୁଧର୍ମ କଅଣ ଅଜ୍ଞାତ ରହିବା ଦ୍ୱାରା ଆମ ମତ ବା ଆମ ଧର୍ମ ଅଲଗା ଆମର ଆରାଧ୍ୟ ଅଲଗା ବୋଲି ଭାବୁଛନ୍ତି, ହେଲେ ଇନ୍ଦୁ ନାଆଁଟି ପ୍ରତ୍ୟେକଙ୍କ ସମ୍ପର୍କୀୟ ବୋଲି କେହି ଜାଣିପାରୁ ନାହାନ୍ତି । ଇନ୍ଦୁ ନାମକ ଶବ୍ଦ କୌଣସି ମତ (ଧର୍ମ) ସମ୍ବନ୍ଧୀୟ ନୁହେଁ । କାରଣ ! ଇନ୍ଦୁଧର୍ମ ଦୈବଙ୍କର ନିକଟତମ ଶବ୍ଦ । ତେଣୁ ଦୈବଜ୍ଞାନ ଜାଣିଥିବା ପ୍ରତ୍ୟେକ ମଣିଷକୁ ଇନ୍ଦୁ କହି ପାରିବା । ପ୍ରତ୍ୟେକ ମାନବ ସମ୍ବନ୍ଧୀୟ ଇନ୍ଦୁଧର୍ମକୁ ସବୁବେଳେ ସମସ୍ତେ ଜାଣନ୍ତୁ ବୋଲି ନାନା ଆଚରଣକୁ ସମାଜରେ ଆମର ପୂର୍ବଜ ଜ୍ଞାନୀମାନେ ରଖାଇଥିଲେ; ତଥାପି ଇନ୍ଦୁଧର୍ମର ପ୍ରକୃତ ବିବରଣ ଅଜ୍ଞାନ ଅନ୍ଧକାରରେ ଲୁଚିଯାଇ ଅଧର୍ମରେ ପରିଣତ ହୋଇଯାଇଛି କହିଲେ ଅତ୍ୟୁକ୍ତି ହେବନାହିଁ । ଆଜି ସେମାନେ ରଖାଇଥିବା କେତେକ ଆଚରଣ ଆଚରିତ ହେଉଥିଲେ ମଧ୍ୟ ଅର୍ଥରହିତ ହୋଇ ଅଧର୍ମ ଦିଗକୁ ରାସ୍ତା ହୋଇ ରହିଛି । ସେହିଭଳି ଇନ୍ଦୁର ରହିଥିବା ଅନେକ ଆଚରଣ ଭିତରୁ ଗୋଟିଏ ଆଚରଣ ହେଉଛି ମଣିଷ ଜପମାଳାର ବ୍ୟବହାର କରିବା । ସେହି ଜପମାଳା କଅଣ ? ସେଥିରେ କି ଦୈବଧର୍ମ ଲୁଚି ରହିଛି ସେ ବାବଦରେ କିଛି ଗବେଷଣା କରି ଜାଣିବା ।

ଏହି ପ୍ରପଞ୍ଚର କିଛି ଆୟୁଷ ପ୍ରମାଣ ରହିଛି । ତାହା ଶାସ୍ତ୍ରବଦ୍ଧ ଭାବରେ ଭଗବଦ୍ଗୀତାରେ ରହିଛି । ଗୀତାରେ ପ୍ରପଞ୍ଚ (ପ୍ରକୃତି ବା ଜନ୍ମିତ ପଞ୍ଚ ଭୌତିକ)ର ଆୟୁଷକୁ ଶାସ୍ତ୍ରବଦ୍ଧ ଭାବରେ ଏକ ହଜାର ଯୁଗ ବୋଲି ଭଗବାନ କହିଛନ୍ତି । କୃତ୍ୟୁଗ ବା ସତ୍ୟଯୁଗ, ତ୍ରେତାଯୁଗ, ଦ୍ୱାପରଯୁଗ, କଳିଯୁଗ ଭାବରେ ଚାରି ଯୁଗର କାଳ ୨୫୦ଥର ଗତିକଲେ

ପ୍ରପଞ୍ଚର ଆୟୁଷ ଏକ ହଜାରଯୁଗ ସମ୍ପୂର୍ଣ୍ଣ ହୋଇଥାଏ । **"ସହସ୍ରଯୁଗ ପର୍ଯ୍ୟନ୍ତ ମହାର୍ଯ୍ୟବ୍ରହ୍ମଣୋ ବିଦୁଃ"** ନାମକ ଦୈବବାଣୀ ଅନୁସାରେ ଏକ ହଜାରଯୁଗ ପରମାତ୍ମାଙ୍କର ଦିନ ବା ତାହା ହିଁ ଜଗତ ସୃଷ୍ଟି ବୋଲି ଆମେ ପୂର୍ବରୁ ଆଲୋଚନା କରିଥିଲେ । ସତ୍ୟଯୁଗ ବା କୃତଯୁଗର କାଳ ପରିମାଣ ୧୭,୨୮,୦୦୦ବର୍ଷ । ତ୍ରେତାଯୁଗର କାଳ ପରିମାଣ ୧୨,୯୬, ୦୦୦ ବର୍ଷ । ଦ୍ୱାପର ଯୁଗର କାଳ ପରିମାଣ ୮,୬୪,୦୦୦ବର୍ଷ ଆଉ କଳିଯୁଗର କାଳପରିମାଣ ୪,୩୨,୦୦୦ ବର୍ଷ । ଏହି ଚାରିଯୁଗର ମୋଟ କାଳ ପରିମାଣ ହେଉଛି ୪୩,୨୦,୦୦୦ ବର୍ଷ । ଏହା କଳିଯୁଗର ଦଶଗୁଣ । ସେହି ଅନୁସାରେ ଚାରିଯୁଗ ୨୫୦ଥର ବିତିଲେ ୪୩, ୨୦, ୦୦୦× ୨୫୦ =୧୦୮,୦୦,୦୦,୦୦୦ ଅର୍ଥାତ୍ ପ୍ରପଞ୍ଚର ଆୟୁଷ ୧୦୮କୋଟି ବର୍ଷ ବୋଲି ଶାସ୍ତ୍ରବଦ୍ଧଭାବେ ଭଗବାନ କହିଛନ୍ତି ।

ଭୂମି (ପୃଥିବୀ) ହେଉ, ଆକାଶ ହେଉ କି ଭୂପୃଷ୍ଠର ସାମ୍ରାଜ୍ୟ ହେଉ ବା ସାମ୍ରାଜ୍ୟର ମତ (ଧର୍ମ) ହେଉ ସବୁକିଛି ରହିବ ଏଇ ୧୦୮କୋଟି ବର୍ଷ ଭିତରେ । ତୁ ଅଭିନୟ କରୁଥିବା ରଙ୍ଗମଞ୍ଚର ପରଦା ପଡିବ ସେହି ୧୦୮ କୋଟି ବର୍ଷରେ । ଜୀବାତ୍ମାର କଥା ୧୦୮କୋଟି ବର୍ଷରେ ହିଁ ସମାପ୍ତ ହେବ । ଏହା ହିଁ ପରମାତ୍ମା ଜୀବ ପଛରେ ପଠାଇଥିବା ଆୟୁଷ । ଆମର ଏହି ଆୟୁଷର ଧର୍ମକୁ ସମସ୍ତେ ଜାଣିବା ପାଇଁ ୧୦୮ ସଂଖ୍ୟାକୁ ସେତେବେଳର ଜ୍ଞାନୀମାନେ ସମାଜରେ ରଖାଇଥିଲେ । ୧୦୮ ସଂଖ୍ୟା କଅଣ ତାହା ଜାଣିନଥିବା ଲୋକେ ଜାଣିବା ପାଇଁ, ଜାଣିଥିବା ଲୋକ ଭୂଲିନଯିବା ପାଇଁ, ଦୈବ ଆରାଧନାରେ, ନାମ ଜପରେ, ମନ୍ତ୍ର ଜପରେ ୧୦୮ଗୋଟି ଜପମାଳାର ବ୍ୟବହାର ସୂଚିତ କରିଛନ୍ତି । ଦେବାଳୟର ପ୍ରଦକ୍ଷଣ (ମନ୍ଦିର, ଦେବାଦେବୀ ଚାରିକଡେ ନମସ୍କାର କରି ବୁଲିବା) ମଧ୍ୟ ୧୦୮ ଥର କରାଯିବା ଉଚିତ ବୋଲି ସୁଚିତ କରିବା ଛଡା ସେହି ୧୦୮ ସହିତ ଆଉ ଏକ ନିବିଡ ସମ୍ପର୍କ ମଧ୍ୟ ରହିଛି । ତାହା ହେଉଛି !

ଆମ ଶରୀରରେ ଆଶା (କାମ), କ୍ରୋଧ, ଲୋଭ, ମୋହ, ମଦ (ଗର୍ବ), ମାତ୍ସର୍ଯ୍ୟ (ଅସୂୟା) ନାମକ ଛଅଗୋଟି ମନ୍ଦଗୁଣ ରହିଥାଏ । ତାହାର ବିପରୀତ ଭଲ ଗୁଣଗୁଡିକ ହେଉଛନ୍ତି ଦାନ, ଦୟା, ଉଦାରତା (ଔଦାର୍ଯ୍ୟ), ବୈରାଗ୍ୟ, ବିନୟ, ପ୍ରେମ । ଗୁଣଗୁଡିକ ଶରୀରରେ ରହିବା ଦ୍ୱାରା ଏଗୁଡିକ ଉପରେ କର୍ମର ପ୍ରଭାବ ଏବଂ କର୍ମ ଉପରେ ନବଗ୍ରହର ପ୍ରଭାବ ପଡିଥାଏ । ଅର୍ଥାତ କର୍ମ କାରଣରୁ ଗ୍ରହଗୁଡିକର ପ୍ରଭାବ ଗୁଣ ଉପରେ ପଡିଥାଏ । ଆଦିତ୍ୟାଦି ନବଗ୍ରହମାନେ ରହିଥିବାରୁ ଗୁଣଗୁଡିକ ମଧ୍ୟ ପ୍ରତ୍ୟେକ ନଅ ନଅ ଭାଗରେ ବିଭକ୍ତ ହୋଇଥା'ନ୍ତି । ଉଦାହରଣସ୍ୱରୂପ କୋପ ବା କ୍ରୋଧ (ରାଗିବା) ଗୁଣ ନଅଗୋଟି ସ୍ଥିତିରେ ରହିଛି । ଛୋଟ ଛୋଟ କଥାରେ,ସାଧାରଣ କଥାରେ ରାଗିବାଠାରୁ ଆରମ୍ଭ ହୋଇ ଭୟଙ୍କର ରାଗ (କ୍ରୋଧ) ଆସିବା ଭଳି ନଅଗୋଟି ସ୍ଥିତିର କ୍ରୋଧ ମଣିଷ ଦେହରେ ଆସିଥାଏ । ସେହିଭଳି ବଡ କାମନା, ଛୋଟ ଛୋଟ କାମନା ଏମିତି ସବୁ ଗୁଣଗୁଡିକର ସ୍ଥାନ ନଅ ନଅ ଭାଗ ହୋଇ ରହିଛି । ଏହା ପ୍ରତ୍ୟକ୍ଷ ଭାବରେ ସମସ୍ତଙ୍କୁ ଦେଖାଯାଉଥିବା ବିଷୟ । ଏହିଭଳି ଆମ ଶରୀରରେ ଖରାପଗୁଣ ଏବଂ ଭଲଗୁଣ ନାମରେ ଗୁଣଗୁଡିକ ରହିଥାନ୍ତି । ପ୍ରତ୍ୟେକ ଗୁଣ ନଅ ନଅ ଭାଗରେ ବିଭକ୍ତ ହୋଇ ରହିଛନ୍ତି । ଆମ ଶରୀରରେ ଥିବା ଭଲ ଗୁଣଗୁଡିକ ୬ × ୯ = ୫୪ ଗୋଟି, ସେହିଭଳି ଖରାପ ଗୁଣଗୁଡିକ ୬ × ୯ = ୫୪ ଗୋଟି । ତେଣୁ ମାନବ ଶରୀରରେ ଉଭୟ ଗୁଣ ମିଶି ମୋଟ ୫୪ + ୫୪ = ୧୦୮ଗୋଟି ଗୁଣ ରହିଛି ।

ପ୍ରପଞ୍ଚର ଆୟୁଷ ୧୦୮କୋଟି ବର୍ଷକୁ ଅନୁସରଣ କରି ମାନବ ଜୀବନକୁ ପରିଚାଳିତ କରିବା ପାଇଁ ୧୦୮ ଗୋଟି ଗୁଣ ଅତି ସୂକ୍ଷ୍ମ ଭାବରେ ମଣିଷର ମୁଣ୍ଡରେ ପରମାତ୍ମା ଖଞ୍ଜି ରଖିଛନ୍ତି । ଗଣିତରେ ସବୁଠାରୁ ବଡ ସଂଖ୍ୟା ୧କୋଟି । (ଏହା ପରେ କହିବା ପାଇଁ ସଂଖ୍ୟାର କେତେକ ନାମ ଥିଲେ ମଧ୍ୟ ସେଗୁଡିକୁ ହିସାବରେ ନିଆଯାଏ ନାହିଁ ) ଗଣିତର ୧୦୮

କୋଟି ମନେରହିବା ଭଳି ୧୦୮କୋଟି ଆଲୋଚନା ବିକାର ଆମ ଶରୀରରେ ପରମାତ୍ମା ଖଞ୍ଜିଛନ୍ତି । ଏହି ଆଲୋଚନା ବିକାର ଅନେକ ସନ୍ଦର୍ଭରେ ଗୁଣିତ ହୋଇ ଆସୁଥିବାରୁ ଗୁଣିତ ଶବ୍ଦର ନିକଟତମ ଶବ୍ଦ ଗୁଣ ନାମରେ ନାମିତ ହୋଇଛି । ଏହିଭଳି ଶରୀରରେ ବିଭିନ୍ନ ପ୍ରକାରର ଥିବା ଅଲୋଚନା, ବିବେଚନାର ନାମ ହୋଇଛି ଗୁଣ । ଅନେକ ଆଲୋଚନା, ବିବେଚନା (ବିଚାର ଦ୍ୱାରା ନିର୍ଣ୍ଣୟ) କରି ଆମ ପୂର୍ବପୁରୁଷ ଜ୍ଞାନୀମାନେ ଗୁଣଗୁଡିକର ନାମଦେଇଛନ୍ତି, ତା'ର ଏକ ସ୍ୱତନ୍ତ୍ର ଗଣନ ସଂଖ୍ୟା ୧୦୮ ମଧ୍ୟ ରଖିଛନ୍ତି । ୧୦୮ କୋଟି ବର୍ଷରେ, ୧୦୮ ଗୋଟି ଗୁଣରେ ରହି ମାନବକୁ ଜୀବନ ବଞ୍ଚିବାକୁ ପଡିଥାଏ । ତେଣୁ ତାହାକୁ ମନେ ରଖିବା ପାଇଁ ଜପମାଳାରେ ୧୦୮ଗୋଟି ମାଳିର ନିୟମ ରଖାଇଛନ୍ତି; ତଥାପି ସେମାନଙ୍କ କଥାକୁ ଆମେ ଠିକ୍ ଭାବରେ ବୁଝିପାରି ନାହେଁ । ଜୀବର ଆୟୁଧର୍ମ ଅଧର୍ମ ଭାବରେ ବଦଳି ଯାଇଛି । ଜପମାଳାର ମାଳି ଏବେ ମଧ୍ୟ ସେଇଭଳି ଥିବାବେଳେ, ଦାନ ଦେବାବେଳେ, ଭେଟିର ଦେବାବେଳେ କିମ୍ବା କାହାକୁ ଉପହାର ଦେବାବେଳେ ୧୦୧ ନଚେତ ୧୧୧ ସଂଖ୍ୟାକୁ ବ୍ୟବହାର କରୁଛନ୍ତି, କେତେକ ଜପମାଳାରେ ୧୧୬ ମାଳି ମଧ୍ୟ ବ୍ୟବହାର କରୁଛନ୍ତି, ତାହା ଠିକ୍ ନୁହେଁ । ଏପରି କେତେକ ଧର୍ମରେ (ମତରେ) କରୁଛନ୍ତି ସିନା କୌଣସି ଧର୍ମ (ମତ) ନଥିବା କାଳରୁ ବଦଳିଯାଇଥିବା ସଂଖ୍ୟାକୁ ବଦଳାଇଦେଲେ ହିଁ ତା'ର ପ୍ରକୃତ ଅର୍ଥ ବହିର୍ଗତ ହୋଇଥାଏ, ନଚେତ ଆମେ କରୁଥିବା ଆଚରଣର କୌଣସି ମୂଲ୍ୟ ରହିବ ନାହିଁ । ପରମାତ୍ମାଙ୍କ ଉପରେ ଯାହାର ବିଶ୍ୱାସ ଅଛି ସେ ଯେଉଁ ଜାତିର, ଯେଉଁ ଧର୍ମର ହେଉପଛେ ସେ ହିଁ ପ୍ରକୃତ ଇନ୍ଦୁ, ସେ ହିଁ ଜ୍ଞାନୀ । ଇନ୍ଦୁ ଶବ୍ଦଟି ଧର୍ମ (ମତ) ସମ୍ବନ୍ଧୀୟ ନୁହେଁ ଜ୍ଞାନ ସମ୍ବନ୍ଧୀୟ ତେଣୁ ସବୁ ମତରେ ଜପମାଳାକୁ ବ୍ୟବହାର କରାଯାଉଥିବା ଦେଖାଯାଏ । ସବୁ ମତରେ ଜପ-ମାଳା ଥିଲେ ମଧ୍ୟ ତା'ର ବୈଶିଷ୍ଟ୍ୟତା ସମସ୍ତଙ୍କୁ ଅଜଣା ରହିଯାଇଛି ।

ଇନ୍ଦୁଧର୍ମର ମୁଖ୍ୟତଃ ଏହି ଆୟୁଧର୍ମ ଆଜି ଅଧର୍ମ ହେବାକୁ ବସିଛି । ଧର୍ମର ଉପଯୁକ୍ତ ଆଚରଣ ଦ୍ୱାରା ସ୍ୱଧର୍ମ ହୋଇଥିବା ଆତ୍ମଧର୍ମର ଆଚରଣ ହୋଇଥାଏ । ଏହା ଆପଣଙ୍କୁ କର୍ମରୁ ରକ୍ଷା କରିଥାଏ ଏବଂ ପରମାତ୍ମାଙ୍କ ସାନ୍ନିଧ୍ୟ ଲାଭ କରାଇବାରେ ସହାୟ ହୋଇଥାଏ ।

**ଧର୍ମର ଆଚରଣ କର୍, ତାହା ତୋତେ ରକ୍ଷା କରିବ ।**

*****

# ପର୍ବ

କାଳ ହେଉଛି ଦୈବସ୍ୱରୂପ ଏବଂ ଅତି ପବିତ୍ର । ଏକ ସନ୍ଦର୍ଭରେ "ମୁଁ ହିଁ କାଳ" ବୋଲି ଦିନେ ପରମାତ୍ମା ମଧ୍ୟ ଗୀତାରେ କହିଛନ୍ତି । କାଳ ଅତି ମହାନ ହେଲେ ମଧ୍ୟ ଆମେ ତା'କୁ ସର୍ବସାଧାରଣ ଭାବୁଛେ । ତା'ର ମୂଲ୍ୟକୁ ଆମେ ଜାଣିପାରୁ ନାହେଁ । କେହି କାଳ ବାବଦରେ କେହି ଆଲୋଚନା କରୁନାହାନ୍ତି । କେତେକ ମହାନ ବ୍ୟକ୍ତି କାଳର ମୂଲ୍ୟକୁ ବୁଝି କାଳ ଅତି ମହାନ, ଟାଇମ୍ ଇଜ୍ ମନି (କାଳ ଟଙ୍କା ସହିତ ସମାନ) ବୋଲି ମଧ୍ୟ କହିଛନ୍ତି । ଏହି ବାକ୍ୟଠାରୁ କାଳ ଅହୁରି ଅନେକ ଗୁଣରେ ମହାନ ବୋଲି ଆମେ ମଧ୍ୟ କହୁଛୁ । କାରଣ ! ଚାଲିଯାଇଥିବା ଟଙ୍କାକୁ ଆଉଥରେ ପାଇପାରିବା, କିନ୍ତୁ ବିତିଯାଇଥିବା କାଳକୁ ଆଉ ଫେରି ପାଇ ପାରିବା ନାହିଁ ।

ପ୍ରତି ଜୀବରାଶି କାଳକୁ ଅନୁଭବ କରିଥାଏ । ପ୍ରତ୍ୟେକ ବ୍ୟକ୍ତି ତା'ର ଭଲ ମନ୍ଦ କାର୍ଯ୍ୟରେ କାଳକୁ ବିନିଯୋଗ କରିଥାଏ । ବିତିଥିବା କାଳରେ ଭଲ କାର୍ଯ୍ୟ ହୋଇଥାଉ କି ଖରାପ କାର୍ଯ୍ୟ ହୋଇଥାଉ ଜୀବ କେବଳ ସେହି କାର୍ଯ୍ୟର ଫଳକୁ ଅନୁଭବ କରିଥାଏ, ହେଲେ କାଳର ଭଲମନ୍ଦ ସହିତ ସମ୍ପର୍କ ନଥାଏ । ତେଣୁ କାଳ ଦୈବସ୍ୱରୂପ କହିବାରେ

ସନ୍ଦେହ ନଥାଏ । କାଳ ଜଣେ ମଣିଷ ପାଇଁ, ଗୋଟିଏ ଜାତି ପାଇଁ କିମ୍ବା ଗୋଟିଏ ଦେଶ ପାଇଁ ପରିମିତ ନହୋଇ ସାରା ଦୁନିଆ ପାଇଁ ବିନିଯୋଗ ହୋଇଥାଏ । ଉଦାହରଣସ୍ୱରୂପ ଇଣ୍ଡିଆରେ ଥିବା ବ୍ୟକ୍ତି ପାଇଁ, ଆମେରିକାରେ ରହୁଥିବା ବ୍ୟକ୍ତି ପାଇଁ ଗୋଟିଏ ପ୍ରକାରର ଥାଏ । ସମସ୍ତଙ୍କ ପାଇଁ ସମାନ ହୋଇଥିବା କାଳରେ ସେମାନଙ୍କର କାର୍ଯ୍ୟ, ସେମାନଙ୍କର ଅନୁଭବ ଅଲଗା ହୋଇପାରେ, ହେଲେ କାଳ ସମସ୍ତଙ୍କ ପାଇଁ ସମାନ । ସେଥିଲାଗି କାଳ ଦୈବସ୍ୱରୂପ ବୋଲି କହିପାରିବା ।

ଜନ୍ମରୁ ପ୍ରାରମ୍ଭ ହେଉଥିବା କାଳ ମରଣରେ ଅନ୍ତ ହୁଏ । ଜନ୍ମ ଏବଂ ମରଣର ମଝି ସମୟକୁ ଜୀବନ ବା ଜୀବନକାଳ କୁହାଯାଏ । ଜୀବନକାଳ ଭିତରେ କିଏ ଭଲରେ ତ କିଏ ମନ୍ଦରେ ଜୀବନ ବଞ୍ଚିଥା'ନ୍ତି । ଏହି ଅନନ୍ତ କାଳରେ କିଏ କେଉଁ ପ୍ରକାରରେ ବଞ୍ଚିଲେ ମଧ୍ୟ ଶେଷରେ ଦିନେ କାଳ ଗର୍ଭରେ ମିଶିଯିବା ନିଶ୍ଚୟ ହୋଇ ରହିଛି ।

ଜୀବନରେ କେତେକ ସ୍ୱତନ୍ତ୍ର ବ୍ୟକ୍ତିଙ୍କୁ ଚିରଞ୍ଜିବୀ କୁହାଯାଇଥାଏ, ସେମାନଙ୍କ ଜୀବନକାଳ ଅଳ୍ପ ହୋଇଥିଲେହେଁ ଜୀବନଲକ୍ଷ୍ୟ ମହାନ ହୋଇଥାଏ, ଏମାନେ ସମସ୍ତଙ୍କ ଭଳି ଜୀବନ ନ ବିତାଇ ଜୀବନରେ କିଛି ବିଶେଷ ସାଧନା କରିପାରିଥାନ୍ତି, ଏମାନଙ୍କର ଜନ୍ମକୁ କାରଣଜନ୍ମ କୁହାଯାଇଥାଏ, ଏଇମାନଙ୍କୁ ହିଁ ଚିରଞ୍ଜିବୀ  କୁହାଯାଇଥାଏ ।

ଚଳିତ କାଳରେ କାଳ କହିଲେ କଅଣ ? ବୋଲି କେତେକ ବିଚାର ନକରି, ବୃଥା କାଳାତିପାତ କରି, ହୁଙ୍କା ଭିତରେ ଫୁଟିଥିବା ଛତୁ ନଷ୍ଟ ହୋଇଯିବା ଭଳି ନିରର୍ଥକ ଜୀବନ ବଞ୍ଚିଥାନ୍ତି । ଅନୁକ୍ଷଣ ଆମ ଶରୀରରେ ପରିବର୍ତ୍ତନ ଆସିଥାଏ । କ୍ଷଣ କ୍ଷଣର ଏହି ପରିବର୍ତ୍ତନରେ ଶରୀର ବାଲ୍ୟରୁ ବାର୍ଦ୍ଧକ୍ୟରେ ପହଞ୍ଚୁଛି, ଦିନୁଦିନ କାଳ ବିତିବା କ୍ରମରେ ମୃତ୍ୟୁ ନିକଟତର

ହେଉଛି । ବିତୁଥିବା କାଳରେ ଦିନେ ହଠାତ୍ ମରଣ ଆସି ଉପସ୍ଥିତ ହେଉଛି; ତଥାପି ବିତିଯାଇଥିବା କାଳକୁ ଦୃଷ୍ଟିଦେଇ ମରଣ ଆମର ନିକଟ ହେଉଛି ପରା ! ବୋଲି କେହି ଭାବୁ ନାହାନ୍ତି । ଆମେ ଏପରି ଭାବିଲେ ନ ଭାବିଲେ ମଧ୍ୟ କାଳ ଅଟକିଯାଉ ନାହିଁ, ମରଣ ନ ଆସି ଅଟକିଯାଉ ନାହିଁ ।

ମାନବ ଦୃଷ୍ଟିରେ କାଳର ମୂଲ୍ୟ କିଛି ନଥିବାବେଳେ କାଳର ମୂଲ୍ୟକୁ ଜଣାଇବା ପାଇଁ, ବିତିଯାଇଥିବା ଗତକାଳ ପୁନର୍ବାର ଫେରି ଆସିବ ନାହିଁ, ତୋର ଜୀବନକାଳ ଖୁବ୍ କମ୍, ସେହି କମ୍ ସମୟ ମଧ୍ୟ ଅଜାଣତରେ ଖର୍ଚ୍ଚ ହୋଇଯାଏ, ବିତିଯାଇଥିବା କାଳରେ ତୁ କ'ଣ ସଞ୍ଚୟ କରିଛୁ, ତାହାକୁ ଜାଣିବା ଉଚିତ୍, କାଳର ମୂଲ୍ୟକୁ ଜାଣିବା ତୋ ଜୀବନର ଲକ୍ଷ୍ୟ । ଏହିଭଳି କାଳ ବାବଦରେ ଜଣାଇବା ନିମନ୍ତେ ଆମ ପୂର୍ବପୁରୁଷ ଜ୍ଞାନୀମାନେ ସମାଜରେ ପର୍ବକୁ ଏକ ଆଚରଣ ଭାବରେ ରଖାଇଥିଲେ ।

ସାଧାରଣତଃ ପ୍ରକୃତି ସିଦ୍ଧ ଭାବରେ ପ୍ରତ୍ୟେକ ଗଛ ବର୍ଷକୁ ଥରେ, ଛଅ ମାସରେ ଥରେ କିମ୍ବା ତିନିମାସରେ ଥରେ ପୁଷ୍ପିତ ହୋଇ ଫଳଦେବା ଘଟିଥାଏ । ଗଛରେ ଫଳ ଫଳି ପକ୍ୱଫଳ (ପାଚିଲା ଫଳ)ରେ ବଦଳିବା ପାଇଁ ଏକବର୍ଷ କାଳ ବ୍ୟବଧାନ ରହିଥାଏ । ଗୋଟିଏ ଗଛକୁ ଉଦାହରଣ ଭାବରେ ନେବା । ଗଛର ପୂର୍ଣ୍ଣ ଜୀବନରେ ଥରେ ଫଳିବା ପାଇଁ ସାଧାରଣତଃ ଏକ ବର୍ଷକାଳ ଲାଗିଥାଏ । ସେହିଭଳି ମାନବର ଜୀବନକାଳରୁ ଏକ ବର୍ଷ ବିତିଗଲେ ଗଛ ଭଳି ତା'ର ମଧ୍ୟ ଏକବର୍ଷର ଫଳ ଆସିଗଲା, ସେଥିଲାଗି ଫଳ ପାଚିବା କାଳ ହୋଇଗଲା ବୋଲି ବର୍ଷର ଶେଷଦିନକୁ ପକ୍ୱଦିନ ନାମରେ କହୁଥିଲେ । କାଳକ୍ରମେ ସେହି 'ପକ୍ୱଦିନ' 'ପର୍ବଦିନ' ହୋଇଯାଇଛି ।

ଗଛ ଏକବର୍ଷ କାଳ ପରେ ତା'ର ସାର ଜିନିଷ ହୋଇଥିବା ଫଳଟିଏ ଦେଇ ଅନ୍ୟର ଉପକାରରେ ଆସିଥାଏ । ତୁ ଅନ୍ୟ ପାଇଁ କେଉଁ

ଉପଯୋଗରେ ଆସିଛୁ ବୋଲି ମନେ ପକାଇବା ପାଇଁ, ବିତାଇଥିବା ବର୍ଷକ ଭିତରେ ତୁ କେଉଁ ଫଳ ଆପଣାର କରିଛୁ ବୋଲି ବିଚାର ଆଣିବା ପାଇଁ ବର୍ଷର ଗୋଟିଏ ଦିନକୁ ପର୍ଵଦିନ (ପର୍ବଦିନ) ଭାବରେ ସମାଜରେ ରଖିଥିଲେ । ନିତ୍ୟଜୀବନରେ ବ୍ୟସ୍ତ ଥିବା ମାନବ କାଳକୁ ଭୂଲିଯାଇଛି । ତେଣୁ ତା' ଜୀବନର କିଛିକାଳ ବିତିଗଲା ବୋଲି ମଣିଷ ଜାଣିବା ପାଇଁ ସମାଜରେ ପର୍ବକୁ ରଖାଇଥିଲେ । ଉଦାହରଣ ଭାବରେ ଯୁଗାଦି (ତେଲୁଗୁ ନୂତନ ବର୍ଷ ବା ସୃଷ୍ଟିର ପ୍ରଥମ ଦିନ)କୁ ନେବା । ଗତବର୍ଷ ଆମେ ଏହି ପର୍ବ ପାଳନ କରିଥିଲେ, ଏବର୍ଷ ମଧ୍ୟ କରୁଛେ । ଏହାକୁ ନୂଆବର୍ଷ ମଧ୍ୟ କୁହାଯାଏ । ପୂର୍ବେ ବଡମାନେ ଜୀବନର ଗୋଟିଏ ବର୍ଷ ବିତିଗଲା, ପୁଣି ନୂଆବର୍ଷ ଆରମ୍ଭ ହେବ, ଗତ ବର୍ଷ ମୁଁ କେଉଁ ଜ୍ଞାନସବୁ ଜାଣିଥିଲି ତାହାକୁ ଟିକେ ମନେ ପକାଇବି ବୋଲି ସେଦିନ ଗତକାଳକୁ ମନେ ପକାଉଥିଲେ । ସେଥିଲାଗି ସେଦିନ ନିତ୍ୟ ଜୀବନର କାର୍ଯ୍ୟକଳାପରେ ଲଗ୍ନ ନରହି ସବୁକିଛି ଛାଡି ବିଶ୍ରାମ ନେଇ, କିଛିକାଳ ପୂର୍ବରୁ ଆହାରପଦାର୍ଥ ଉପରେ ଚିନ୍ତା ନ ରହିବା ଭଳି ଆହାରପଦାର୍ଥ ସଂଗ୍ରହ କରି ରଖୁଥିଲେ । ଏହିପରି ଆହାର, ବସ୍ତ୍ର ର ଚିନ୍ତା ନ ରହିବା ଭଳି କରି, ସବୁ ପ୍ରକାରର କାମଧନ୍ଦା ଛାଡି ଗତକାଳ ବାବଦରେ ବିଚାର କରିବା ସେଦିନର କର୍ତ୍ତବ୍ୟ ଥିଲା । ସେଦିନ ସେମାନେ ଜୀବନର କାଳ ବାବଦରେ ବିଚାର କରୁଥିବାରୁ ସେହି ଦିନକୁ ଏକ ଜ୍ଞାନ ସମ୍ବନ୍ଧୀୟ ଦିନ ବୋଲି ଭାବୁଥିଲେ । ମୋ ଜୀବନର ଏତେକାଳ ଏହିପରି ବିତିଗଲା, ତେଣୁ ଆସୁଥିବା ପର୍ବ ଦିନରୁ ମୋ ଜୀବନ ଜ୍ଞାନମାର୍ଗରେ ବିତୁ ବୋଲି କାମନା କରି ମନ୍ଦିରରେ, ଘରେ ଦୈବାରାଧନା କରୁଥିଲେ ।

ତୋର ଜୀବନ କଞ୍ଚାଫଳରୁ ପାଚିଲାଫଳ ହୋଇଗଲାଣି, କେତେବେଳେ ଝଡିପଡିବ କହିପାରିବା ନାହିଁ ନାମକ ବିଚାରର ଚିହ୍ନଭାବରେ ସେଦିନ ବଡମାନେ ସମାଜରେ ପର୍ବ ରଖିଥିଲେ । ନିତ୍ୟଜୀବନରେ ଲଗ୍ନ

ହୋଇଯାଇଥିବା ମାନବକୁ ତୋର ଆୟୁଷ କିଛି ବିତିଗଲାଣି, ବିତିଯାଇଥିବା କାଳରେ ଜନ୍ମହୋଇ ତୁ ଏପର୍ଯ୍ୟନ୍ତ କଣ ସାଧିଛୁ ବୋଲି ଜଣାଇବା ପାଇଁ ବଡମାନେ ସମାଜରେ ପର୍ବ ରଖିଥିଲେ । ଏହି ପର୍ବ କେବଳ ଗୋଟିଏ ମତରେ ସୀମିତ ରହି ନଯାଇ ସବୁ ମତରେ ଥିବା ଜଣାଯାଏ । ପ୍ରତ୍ୟେକ ମତ ପାଇଁ ଏକ ଏକ ପର୍ବ ନିର୍ଣ୍ଣୟ ହୋଇ ରହିଛି । ପୂର୍ବେ ସବୁ ମତର ବଡମାନେ ଗୋଟିଏ ଭାବଧାରାରେ ସମାଜରେ ପର୍ବ ରଖିଥିଲେ କି ନାଇଁ କହିପାରିବା ନାହିଁ ; ତଥାପି କହିପାରିବା ଯେ, ପର୍ବ କହିଲେ ତୋ ଜୀବନ ପରିପକ୍ୱ ଅବସ୍ଥାକୁ ଆସିଯାଇଛି ବୋଲି ଜାଣି, ଅନ୍ୟମାନଙ୍କୁ ମଧ୍ୟ ଜଣାଇବା କାର୍ଯ୍ୟକ୍ରମ ହେଉଛି ପର୍ବ ।

ଆଜିର କାଳରେ ସବୁ ମତର ପର୍ବଗୁଡିକ ଗୋଟିଏ ପଦ୍ଧତି, ଗୋଟିଏ ଭାବ ନେଇ ନାହିଁ ବୋଲି ଭାବୁଛୁ । ପର୍ବ କହିଲେ ସବୁ ମତାବଲମ୍ବୀ ନୂଆ ବସ୍ତ୍ର ପିନ୍ଧିବା, ଭଲ ଖାଇବା, କୌଣସି ଏକ ଆରାଧ୍ୟର ଆରାଧନା କରିବା ପରମ୍ପରା ହୋଇ ରହିଛି । କେତେକ କେବଳ ଖାଇବା ପାଇଁ ପର୍ବ ରହିଛି କହିବା ଭଳି ସବୁଦିନ ଅପେକ୍ଷା ସେଦିନ ଖାଇବା ମଜା ନିଅନ୍ତି । କେତେକ ଝୁଲିବା, ଖେଳିବାରେ ସନ୍ତୋଷତା ଅନୁଭବ କରନ୍ତି, କେତେକ ପିଇ ପିଇ ମଜା ନିଅନ୍ତି, କେତେକ ଅନ୍ୟ ଚିନ୍ତା ନରଖି ତାସ୍ ଖେଳରେ ମାତି ରହନ୍ତି, ଆଉକେତେକ ଈଶ୍ୱରଙ୍କୁ କିଛି ମାଗିବାକୁ ଲାଇସେନ୍ସ ମିଳିଥିବା ଦିନ ଭାବନା କରି ସେଦିନ ଇଚ୍ଛା ଥାଉବାନଥାଉ କୌଣସିଏକ ମନ୍ଦିରକୁ ଯାଇ ମୁଣ୍ଡିଆ ମାରି ହାତ ଝାଡିଦେଇଥାନ୍ତି । କେତେକ ଚାକିରିଆମାନେ ଚାକିରିରୁ ଛୁଟି ମିଳିଯିବା ଖୁସି ଅନୁଭବ କରନ୍ତି । ବେପାରିମାନେ ଗତବର୍ଷ କେତେ ପାପ କେତେ ପୁଣ୍ୟ କରିଥିଲେ ବୋଲି ବିଚାର ନକରି ଟଙ୍କା କେତେ ରୋଜଗାର ହୋଇଛି ବୋଲି ହିସାବରେ ଲଗ୍ନ ରହନ୍ତି ।

ପୂର୍ବେ ଜ୍ଞାନୀମାନେ ରଖିଥିବା ଭାବ ମାଟିରେ ମିଶିଗଲା ଭଳି ଆଜି ପର୍ବର ଭାବ କିଛି ନାହିଁ । ଆଜି ଭଳି ପୂର୍ବେ ସେତେ ପର୍ବ ନଥିଲା

କିନ୍ତୁ ଯେତିକି ଥିଲା ତାହା ଜ୍ଞାନ ସମ୍ବନ୍ଧୀୟ ହୋଇ ରହିଥିଲା । ଆଜିର କାଳରେ ନାନା ନୂତନ ପର୍ବ ମଣିଷ ନିଜ ଇଚ୍ଛାରେ ନିଜର ସୁଖପାଇଁ ସୃଷ୍ଟି କରିଛି । ପୂର୍ବେ ଏକ ପରମାତ୍ମା ଭାବ ସବୁ ପର୍ବରେ ରହିଥିଲା । ଆଜି ନାନା ଦେବାଦେବୀଙ୍କର ନାନା ପୂଜା ନାନା ପର୍ବ ପାଳନ କରାଯାଉଛି । ଆଗକୁ ଯେ କ'ଣ ହେବ, ଆମର ପର୍ବ ପରମ୍ପରା କି ରୂପ ନେବ କିଛି କହିହେଉ ନାହିଁ । ମାନବ ଜୀବନରେ ପର୍ବକୁ କାହିଁକି ବଡମାନେ ରଖିଥିଲେ ତାହା ବିଚାର ନକରି ଆମେ ଅନେକ ପର୍ବ ପାଳନ କରିଆସିଛେ, କେତେ ପର୍ବ ମଧ୍ୟ ପାଳନ କରିବା ସମୟ ଆସୁଛି । ଏପର୍ଯ୍ୟନ୍ତ ଆମେ ପର୍ବକୁ କିପରି ପାଳନ କରିଛେ ! କିପରି ପାଳନ କରିବା ଉଚିତ୍ ! ତାହା ଆପଣମାନେ ହିଁ ବିଚାର କରନ୍ତୁ ।

*****

# କୀର୍ତ୍ତି ? – ତତ୍ତ୍ୱ ?

କୀର୍ତ୍ତିପ୍ରତିଷ୍ଠା କହିଲେ କଅଣ ଆମେ ନିଶ୍ଚୟ କିଛି ଜାଣିଛେ । ତାଙ୍କର କୀର୍ତ୍ତି କହିଲେ ନସରେ ନାମକ ବାକ୍ୟ ଆମେ କେତେକ ସ୍ଥାନରୁ ଶୁଣିବାକୁ ପାଉଛେ । ସେହିଭଳି ତତ୍ତ୍ୱଜ୍ଞାନ ନାମକ ଶବ୍ଦ ମଧ୍ୟ କାହା କାହାର ବାକ୍ୟରେ ବ୍ୟବହାର ହେଉଥିବା ଶୁଣୁଛେ । ଏହି ଅନୁସାରେ କୀର୍ତ୍ତି ଅଲଗା ଆଉ ତତ୍ତ୍ୱ ଅଲଗା ବୋଲି ସହଜରେ ଜାଣି ହୋଇଯାଉଛି । କୀର୍ତ୍ତି ଭୌତିକ ବା ପ୍ରପଞ୍ଚ ସମ୍ବନ୍ଧୀୟ, ତତ୍ତ୍ୱ ପରମାତ୍ମା ସମ୍ବନ୍ଧୀୟ,ଦୈବିକ ବୋଲି ଜଣାପଡୁଛି । କାରଣ ! କୀର୍ତ୍ତି ଯେତେ ଅର୍ଜନ କଲେ ମଧ୍ୟ ତାହା ଏହି ପ୍ରପଞ୍ଚରେ ହିଁ ରହିଯାଏ । ତତ୍ତ୍ୱକୁ ଯେତେ ଅର୍ଜନ କରିବା ତାହା ସେତେ ପରମାତ୍ମାଙ୍କ ନିକଟ କରାଇଥାଏ । କୀର୍ତ୍ତି ଦ୍ୱାରା ମଣିଷ ଭୌତିକତଃ ଜଗତ ଭିତରେ ପ୍ରତିଷ୍ଠିତ ହୋଇଥାଏ, ତତ୍ତ୍ୱ ପରମାତ୍ମାଲୋକ ବା ପରଲୋକ (ମୋକ୍ଷ)

ପର୍ଯ୍ୟନ୍ତ ବିସ୍ତୃତ ହୋଇଥାଏ । ଉଦାହରଣସ୍ୱରୂପ ମହାତ୍ମାଗାନ୍ଧୀ ଭୌତିକ କୀର୍ତ୍ତି ଅର୍ଜନ କରି ଅନ୍ୟ ଜନ୍ମକୁ ଯାଇଛନ୍ତି ବୋଲି କହି ପାରିବା ସିନା, ସେ ମୋକ୍ଷ ପାଇଛନ୍ତି ବୋଲି କହିପାରିବା ନାହିଁ । ତତ୍ତ୍ୱ ଅର୍ଜନ କରିଥିବା ମହାରାଜା ଜନକ ପରଲୋକକୁ ଗଲେ ବୋଲି କହିପାରିବା ସିନା, ପର ଜନ୍ମକୁ ଗଲେ ବୋଲି କହି ପାରିବା ନାହିଁ । ଅନେକ ଲୋକ ଏହି ତତ୍ତ୍ୱ ଆଉ କୀର୍ତ୍ତିର ସଂପୂର୍ଣ୍ଣ ବିବରଣ ନଜାଣି ଭ୍ରମିତ ହୋଇ କହିବା ସନ୍ଦର୍ଭରେ ଭୂଲ୍ କରିଥା'ନ୍ତି । ଏହାର ବିଭେଦକୁ ନଜାଣିବା ଦ୍ୱାରା ତା'ର ଫଳ କ'ଣ ମଧ୍ୟ ଜାଣିହୁଏ ନାହିଁ । ତେଣୁ ଏ ବାବଦରେ ନିହାତି ଜାଣିବା ଆବଶ୍ୟକ ।

ଅନ୍ୟର ଭୌତିକ ଆବଶ୍ୟକତାକୁ ଯିଏ ପୁରଣ କରିଥାଏ, ସମସ୍ତେ ତା'ର ଗୁଣଗାନ କରିଥା'ନ୍ତି । ଏଭଳି ତା'ର ଗୁଣଗାନ କରିବାକୁ ତା'ର କୀର୍ତ୍ତିଗାନ କରିବା ବୋଲି କୁହାଯାଏ । ଜଣେ ଅନ୍ୟର କିଛି ଉପକାର କରିବା ଦ୍ୱାରା କୀର୍ତ୍ତି ଅର୍ଜନ କରିଥାଏ । ଅନ୍ୟର କ୍ଷୁଧା ନିବାରଣ କରିବା ଦ୍ୱାରା, କାହାର ପିପାସା ନିବାରଣ କରିବା ଦ୍ୱାରା, ପିନ୍ଧିବା ପାଇଁ ବସ୍ତ୍ରଦାନ କରିବା ଦ୍ୱାରା, ରହିବା ପାଇଁ ବସତି ଯୋଗାଇଦେବା ଦ୍ୱାରା କୌଣସି ବ୍ୟକ୍ତି କୀର୍ତ୍ତି ଅର୍ଜନ କରିପାରିଥାଏ । ଭୌତିକ ଆବଶ୍ୟକ ହିଁ ମହାନ ଭାବୁଥିବା ମଣିଷକୁ ଏଭଳି ସାହାଯ୍ୟ କରି ଅନ୍ୟ ଜଣେ କୀର୍ତ୍ତି ଅର୍ଜନ କରି ପାରେ, ସେତେବେଳେ ସେ ବ୍ୟକ୍ତିଜଣକ ଆବଶ୍ୟକ ପୁରଣ ହୋଇଥିବା ଲୋକ ପାଇଁ ମହାନ ହୋଇଯାଇଥାଏ । ଭୌତିକ ଆବଶ୍ୟକତାକୁ ମହାନ ନଭାବି ଯିଏ ଦୈବଜ୍ଞାନକୁ ମହାନ ଭାବିଥାଏ ସେ ତା'କୁ ଦୈବଜ୍ଞାନ ଯୋଗାଇ ଦେଇଥିବା ଲୋକଟିକୁ ମହାନ ଭାବିଥାଏ । ଯେଉଁମାନଙ୍କର ଦୈବଜ୍ଞାନରେ ଜୀଜ୍ଞାସା ଥାଏ ସେମାନେ ଭୌତିକ ଆବଶ୍ୟକତାକୁ କେବେହେଲେ ମହାନ ନଭାବି ଦୈବଜ୍ଞାନ ଦେଇଥିବା ଲୋକକୁ ମହାନ ଭାବିଥା'ନ୍ତି । ଏହି କଥା ଅନୁସାରେ ଭୌତିକକୀର୍ତ୍ତି ଏବଂ ଜ୍ଞାନକୀର୍ତ୍ତି ବୋଲି କୀର୍ତ୍ତିକୁ ଦୁଇ ଭାଗରେ ବିଭାଜନ କରିପାରିବା । ଉଦାହରଣ ଭାବରେ ଦୈବଜ୍ଞାନ

କୀର୍ତ୍ତିକୁ ଅର୍ଜନ କରିଛନ୍ତି ବୋଲି ଅନେକ ବୋଧକମାନଙ୍କ ନାଆଁ ନେଇ ପାରିବା । ମଣିଷର ଦୈବଜ୍ଞାନ ମଧ୍ୟ ଆବଶ୍ୟକ ହେଉଥିବାରୁ ତା'କୁ ଦୈବଜ୍ଞାନ ଯୋଗାଇ ଦେଇଥିବା ବୋଧକକୁ ମହାନ ଭାବି ତା'ର ଗୁଣଗାନ (କୀର୍ତ୍ତନ) କରିଥାଏ । କୀର୍ତ୍ତିପ୍ରତିଷ୍ଠା ଭିନ୍ନ ଆଉ ତତ୍ତ୍ୱଜ୍ଞାନ ଭିନ୍ନ ବୋଲି ଆମେ ଆଗରୁ ଜାଣିଛେ । ଏଠାରେ ଜ୍ଞାନକୀର୍ତ୍ତି ଅର୍ଜନ କରିଥିବା ବୋଧକକୁ ଆତ୍ମଜ୍ଞାନ (ତତ୍ତ୍ୱଜ୍ଞାନ) ଜଣା ନଥିଲେ ସେ ମୋକ୍ଷ ପାଇପାରେ ନାହିଁ । ଏହି ସୂତ୍ର ଅନୁସାରେ ଦୈବଜ୍ଞାନ କହିବାରେ ଅନେକ କୀର୍ତ୍ତି ଅର୍ଜନ କରିଥିବା ଶଙ୍କରାଚାର୍ଯ୍ୟ, ରାମାନୁଜାଚାର୍ଯ୍ୟ ଇତ୍ୟାଦି ମହାନ ବୋଲାଉଥିବା ଲୋକମାନେ ମଧ୍ୟ ପ୍ରକୃତ ଯୋଗୀ ହୋଇ ନପାରି ମୋକ୍ଷ ପାଇପାରି ନାହାନ୍ତି । ଏତେ ବଡ ବଡ ପଣ୍ଡିତମାନେ, ସିଦ୍ଧାନ୍ତକର୍ତ୍ତାମାନେ ଯେତେବେଳେ ମୋକ୍ଷ ପାଇ ପାରିନଥିଲେ, ସେମାନଙ୍କୁ ଅନୁସରଣ କରି ସେମାନଙ୍କ ଜ୍ଞାନକୁ ଆହରଣ କରିଥିବା ଲୋକମାନଙ୍କୁ ମଧ୍ୟ ମୋକ୍ଷ ମିଳିନାହିଁ ବୋଲି କହି ପାରିବା । ଭୌତିକକୀର୍ତ୍ତି ହେଉ, ଜ୍ଞାନକୀର୍ତ୍ତି ହେଉ ଦୁଇଟିଯାକ ତତ୍ତ୍ୱଜ୍ଞାନ ହୋଇ ପାରିବ ନାହିଁ । କେତେକଙ୍କର ଏଇଠାରେ ନିଶ୍ଚୟ ଏକ ସନ୍ଦେହ ଆସିପାରେ ଯେ, ଦୈବଜ୍ଞାନ ଆଉ ତତ୍ତ୍ୱଜ୍ଞାନ କଣ ଅଲଗା ଅଲଗା ? ସେଥିପାଇଁ ସମାଧାନ ହେଉଛି ! ଦୈବଜ୍ଞାନ ଆଉ ତତ୍ତ୍ୱଜ୍ଞାନ ଦୁଇଟିଯାକ ଗୋଟିଏ, କିନ୍ତୁ ଏଠାରେ ବୋଧକମାନଙ୍କ ଦ୍ୱାରା ଯାହା କୁହାଯାଇଥାଏ ତାହା ଦୈବଜ୍ଞାନ ନାମରେ ନାମିତ ହେଉଥିଲେ ମଧ୍ୟ ସେସବୁକୁ ପ୍ରକୃତିଜ୍ଞାନ କହିପାରିବା ସିନା, ଦୈବଜ୍ଞାନ କହିପାରିବା ନାହିଁ ।

ଯାହାକୁ ଶୋଷ ହୁଏ ସେ ପାଣି ପିଇବାକୁ ଚାହେଁ । ଯଦି କିଏ ତା'କୁ ପାଣି ପିଇବା ପାଇଁ ଦିଏ ଏବଂ ସେ ପିଇବା ଆରମ୍ଭକରେ ସେତେବେଳେ ସେ ଜାଣିପାରେ ଯେ, ମୋତେ ଦିଆଯାଇଥିବା ପାଣି ଭଲପାଣି କି ଖରାପ ପାଣି । ପାଣି ବିଷୟ ବା ପାଣି ବାବଦରେ ତାକୁ ଜଣାଥିବାରୁ ସେ କହିପାରେ ଯେ, ତାହା ଭଲପାଣି କି ମନ୍ଦପାଣି ବା ମଧୁର ପାଣି କି ଲୁଣିଆ ପାଣି ।

ଯଦି କିଏ ତା'କୁ ଲୁଣିଆପାଣି ଦେଇ କହିବ ଯେ, ଏହା ଭଲପାଣି ତେବେ ପିଉଥିବା ଲୋକଟି ଜାଣିପାରି କହିପାରେ ଯେ, ଏହା ଭଲପାଣି ନୁହେଁ ଲୁଣିଆ ପାଣି । ଯାହାର ଜ୍ଞାନ ଜିଜ୍ଞାସା ଥାଏ ସେ ସବୁବେଳେ ଦୈବଜ୍ଞାନ କେଉଁଠାରୁ ମିଳିବ ଆଶା କରିଥାଏ । କେହିଜଣେ ବୋଧକ ଯେତେବେଳେ ତାକୁ ଦୈବଜ୍ଞାନ କହେ ତାହାକୁ ସେ ଦୈବଜ୍ଞାନ ଭାବିଥାଏ, ହେଲେ ତାହା ଦୈବଜ୍ଞାନ ! କି ପ୍ରକୃତିଜ୍ଞାନ ! ଜାଣି ପାରି ନଥାଏ । କାରଣ ! ତା'କୁ ପାଣିର ବିବରଣ ଜଣାପଡିବା ଭଳି ଜ୍ଞାନର ବିବରଣ ଜଣାନଥାଏ । ତେଣୁ ସେ ପ୍ରକୃତି ଜ୍ଞାନକୁ ଦୈବଜ୍ଞାନ ବା ପରମାତ୍ମାଜ୍ଞାନ ବୋଲି ବିଶ୍ୱାସ କରିଥାଏ । **"ଯେଉଁଠାରେ ସ୍ତ୍ରୀ ସ୍ୱରୂପକୁ ଦେବତା କୁହାଯାଉଛି, ଯେଉଁଠି ମନ୍ତ୍ରର ବୀଜାକ୍ଷର କୁହାଯାଉଛି, ଯେଉଁଠି ମନ୍ତ୍ରପାଠ କରାଯାଉଛି, ଯେଉଁଠି ବାହ୍ୟଯଜ୍ଞ ବାବଦରେ କୁହାଯାଉଛି, ଯେଉଁଠି ବାହ୍ୟ ଆରାଧନା ବିଷୟରେ କୁହାଯାଉଛି ସେଠାରେ ଯାହାସବୁ କୁହାଯାଉଛି ସବୁକିଛି ପ୍ରକୃତିଜ୍ଞାନ ବୋଲି ଅନେକ ଜ୍ଞାନଜିଜ୍ଞାସୁମାନଙ୍କୁ ଜଣାନଥାଏ"** । କେତେ ବଡ ବଡ ବୋଧକମାନେ ଗୁରୁ ନାମରେ ପରିଗଣିତ ହୋଇ ଦୈବଜ୍ଞାନ ନାମରେ, ପ୍ରକୃତିଜ୍ଞାନ ବୋଧ କରୁଛନ୍ତି । ଏହିଭଳି ବାଣୀ ବୋଧନ ଦ୍ୱାରା ଯେଉଁମାନେ କୀର୍ତ୍ତି ଅର୍ଜନ କରିଥା'ନ୍ତି ସେମାନେ କୀର୍ତ୍ତିବନ୍ତ ହୋଇପାରନ୍ତି ସିନା ତତ୍ତ୍ୱଜ୍ଞାନୀ ନୁହନ୍ତି ।

ଜଳ, ଅନ୍ନ, ବସ୍ତ୍ର, ଧନ ଇତ୍ୟାଦି ନଥିବା ଲୋକମାନଙ୍କୁ ଦାନଦେଇ ନାମ କମାଇଥିବା ଲୋକମାନେ ଅନେକ ଅଛନ୍ତି । ଦାନ ଦେଉଥିବା ବ୍ୟକ୍ତି ଧନକୁ ନ୍ୟାୟ ବା ଅନ୍ୟାୟ ମାର୍ଗରେ ଅର୍ଜନ କଲେ ମଧ୍ୟ ଅନ୍ୟମାନଙ୍କର ଆବଶ୍ୟକ ବେଳେ ଦେଇଦେବା ଦାନ ହୋଇଥାଏ । ଏହିଭଳି ଦାନ ଦ୍ୱାରା କୀର୍ତ୍ତି ଅର୍ଜନ ହୋଇପାରେ ସିନା, ମୋକ୍ଷ ମିଳିନଥାଏ । ତେଣୁ ଭଗବଦ୍ଗୀତାରେ ଦାନଦ୍ୱାରା ମୋକ୍ଷ ମିଳେନାହିଁ ବୋଲି ଭଗବାନ କହିଛନ୍ତି । ଏହା ଯଦି ଆପଣମାନଙ୍କର ବିଶ୍ୱାସ ହେଉନାହିଁ ତେବେ ଭଗବଦ୍ଗୀତାର

ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଦେଖନ୍ତୁ । ଜଣେ ଦୁର୍ମାର୍ଗିର ଦାନଦେବା କାର୍ଯ୍ୟରୁ ତା'କୁ କୀର୍ତ୍ତି ମିଳିଥାଏ । ଜଣେ ମନ୍ତ୍ରୀ ଜଣେ ଗରିବ ଲୋକକୁ ଯାହା ଦେଲେ ତାହା ଦାନ ହୁଏ, କିଏ ଦେଲା କିଏ ନେଲା ତାହା ମୁଖ୍ୟ ବିଷୟ ନୁହେଁ, କିନ୍ତୁ ଦେଇଥିବା ବ୍ୟକ୍ତିକୁ ଦାନଗ୍ରହୀତା ମହାନ ଭାବି ତା'ର ଯଶଗାନ କରିଥାଏ । ସେଭଳି ଜଣେ ଜ୍ଞାନଜିଜ୍ଞାସୁ ଜଣେବୋଧକ ଦ୍ୱାରା ବାଣୀ ଶୁଣିବା ବେଳେ ଶୁଣୁଥିବା ବ୍ୟକ୍ତି ବୋଧକର ଯଶ ବା ଗୁଣଗାନ କରିଥାଏ । ଏଠାରେ ଶୁଣିଥିବା ବ୍ୟକ୍ତି ଶୁଣାଇଥିବା ବ୍ୟକ୍ତିଟି ପ୍ରକୃତିଜ୍ଞାନ କି ପରମାତ୍ମାଜ୍ଞାନ ବୋଧ କରୁଛି ବୋଲି ଦେଖୁନଥାଏ । ବୋଧ କରୁଥିବା ବ୍ୟକ୍ତି ଦୈବଜ୍ଞାନ କହି ଯାହାସବୁ ଶିଖାଉଛି ତାହାକୁ ଜିଜ୍ଞାସୁ ଦୈବଜ୍ଞାନ ଭାବି ବୁଝିବା ସ୍ଥିତିରେ ରହିଥାଏ । ଏହି କ୍ଷେତ୍ରରେ ପ୍ରକୃତିଜ୍ଞାନ ବୋଧ କରାଉଥିବା ବ୍ୟକ୍ତିର ମଧ୍ୟ କୀର୍ତ୍ତିପ୍ରତିଷ୍ଠା ହୋଇଥାଏ । ଅତୀତରେ ଚକ୍ରବର୍ତ୍ତୀ ବଳୀ ଦାନଦେବାରେ ଖୁବ୍ ନାମ କମାଇଥିଲେ । କର୍ଣ୍ଣଙ୍କୁ ମଧ୍ୟ ମହାଦାନୀ କୁହାଯାଏ । ଏମାନେ ଭୌତିକ ସମ୍ବନ୍ଧୀୟ ଧନ ଦାନକରି ନାମ କମାଇଥିଲେ ବା କୀର୍ତ୍ତିବନ୍ତ ଭାବରେ ପରିଗଣିତ ହୋଇଥିଲେ । ସେହିଭଳି ଗତକାଳରେ ଅନେକ ବୋଧକମାନେ ଗୁରୁ ଭାବରେ ପରିଗଣିତ ହୋଇ କୀର୍ତ୍ତିପ୍ରାପ୍ତ ହୋଇଥିଲେ ।

ଚଳିତ କାଳରେ ଧନୀମାନେ ଧନ ଦାନ, ବୋଧକମାନେ ଜ୍ଞାନ ଦାନ କରୁଛନ୍ତି । ତା'ଛଡା ଧନୀମାନେ ମଧ୍ୟ ବୋଧକମାନଙ୍କୁ ଧନ ଦେଇ ସେମାନଙ୍କ ଦ୍ୱାରା ଜ୍ଞାନ ଦାନ କରାଉଛନ୍ତି ଏବଂ ସେଥିରେ ତୃପ୍ତି ଅନୁଭବ କରୁଛନ୍ତି । ଏଠାରେ ସେମାନେ ଭାବୁଛନ୍ତି ଯେ, ଆମ ଦ୍ୱାରା ଜ୍ଞାନ ଦାନ କରାଗଲା । ବୋଧକ ମଧ୍ୟ ବାଣୀବୋଧନ କାର୍ଯ୍ୟରୁ ଅର୍ଜନ କରୁଥିବା ଧନ ଦ୍ୱାରା ପ୍ରଜାମାନଙ୍କୁ ବସ୍ତୁଦାନ ଦେଇ ନିଜେ ଦାନ ଦେଉଛନ୍ତି ବୋଲି ତୃପ୍ତି ଅନୁଭବ କରୁଛନ୍ତି । ଉଦାହରଣସ୍ୱରୂପ କୌଣସି ଅଞ୍ଚଳର ଜଣେ ବାବା ପାଖାପାଖି ଗାଆଁଗୁଡିକରେ ଏକ ଉତ୍ସବ ସନ୍ଦର୍ଭରେ ଲୋକମାନଙ୍କୁ

ବସ୍ତ୍ର, ମିଷ୍ଟାନ୍ନ ବାଣ୍ଟିବା ପାଇଁ ଭାବିଲେ, ଏହା **ଜଣେ ବୋଧକର ବସ୍ତୁଦାନ ହେବ** । ସେହିଭଳି ଜଣେ ଧନୀ ତାଙ୍କ ପାଖାପାଖି ଗାଆଁଗୁଡିକରେ ଜଣେ ସ୍ୱାମୀଜିଙ୍କ ଦ୍ୱାରା ଜ୍ଞାନ ବିତରଣ କରିବା ପାଇଁ ଭାବିଲେ ତାହା ସେହି **ଧନୀ ବ୍ୟକ୍ତିର ଜ୍ଞାନଦାନ ହେବ** । ଏହିଭଳି  ଜଣେ ଧନୀ ବସ୍ତୁଦାନ, ଜ୍ଞାନ ଦାନ କରୁଥିବା ବେଳେ, ଜଣେ ବୋଧକ ଜ୍ଞାନଦାନ, ବସ୍ତୁଦାନ କରୁଛନ୍ତି । ଏସବୁ ମିଶି କୀର୍ତ୍ତି ସମ୍ବନ୍ଧୀୟ ହୋଇପାରେ ସିନା ତତ୍ତ୍ୱଜ୍ଞାନ ସମ୍ବନ୍ଧୀୟ ହୋଇପାରେ ନାହିଁ ।

ତତ୍ତ୍ୱଜ୍ଞାନ କଅଣ ? ଏ ପ୍ରଶ୍ନର ସମାଧାନରେ **ଅତ୍ମା ବାବଦରେ ଜାଣିବା ଆତ୍ମଜ୍ଞାନ ବା ତତ୍ତ୍ୱଜ୍ଞାନ ବୋଲି ଆମେ କହୁଛୁ** । ଏପର୍ଯ୍ୟନ୍ତ ଅଦ୍ୱୈତ ହେଉ, ବିଶିଷ୍ଟାଦ୍ୱୈତ ହେଉ କିମ୍ବା ଦ୍ୱୈତ ହେଉ ଏଗୁଡିକରେ ଆତ୍ମା ବିଷୟରେ ପ୍ରସ୍ତାବନା ହିଁ ନାହିଁ । ସେଥିଲାଗି ଆଦିଶଙ୍କରାଚାର୍ଯ୍ୟ ହୁଅନ୍ତୁ, ରାମାନୁଜଚାର୍ଯ୍ୟ ହୁଅନ୍ତୁ, ମଧ୍ୱାଚାର୍ଯ୍ୟ ହୁଅନ୍ତୁ ଏମାନଙ୍କୁ ଆତ୍ମଜ୍ଞାନ ଜଣାନାହିଁ ବୋଲି କହୁଛୁ । ଆମ କଥାର ସତ୍ୟତାକୁ ଗ୍ରହଣ ନକରି ଅସତ୍ୟ ବୋଲି କହିଲେ ମଧ୍ୟ ଏହା ନିରାଟ ସତ୍ୟ । **"ଲୁଚି ରହିଥାଇ ଏବେ ବାହାରକୁ ନୂଆ ଆସିଥିବା ତ୍ରୈତସିଦ୍ଧାନ୍ତ ବ୍ୟତୀତ ଆତ୍ମଜ୍ଞାନ ଆଉ କେଉଁଥିରେ ନାହିଁ, ତ୍ରୈତସିଦ୍ଧାନ୍ତ ଆଦିକର୍ତ୍ତା ଶ୍ରୀଶ୍ରୀଶ୍ରୀ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱରଙ୍କଠାରୁ ବହିର୍ଗତ ହୋଇଥିବା ତ୍ରୈତସିଦ୍ଧାନ୍ତରେ ଆତ୍ମଜ୍ଞାନ କଅଣ ତାର ବିବରଣ ଦିଆଯାଇଛି"** । ଅଦ୍ୱୈତ ସିଦ୍ଧାନ୍ତକର୍ତ୍ତା ଶଙ୍କରାଚାର୍ଯ୍ୟ ପରମାତ୍ମାଙ୍କ ବାବଦରେ କହିଛନ୍ତି । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକର୍ତ୍ତା ରାମାନୁଜାଚାର୍ଯ୍ୟଙ୍କଠାରୁ ଜାଣିବାକୁ ମିଳିଛି ଯେ, ପ୍ରକୃତିଠାରୁ ବିଶିଷ୍ଟ ଭାବରେ ପରମାତ୍ମା ଅଛନ୍ତି । ଦ୍ୱୈତସିଦ୍ଧାନ୍ତ ଆଦିକର୍ତ୍ତା ମଧ୍ୱାଚାର୍ଯ୍ୟଙ୍କଠାରୁ ଜୀବାତ୍ମା, ପରମାତ୍ମା ବିଷୟ ଜଣାପଡିଛି,କିନ୍ତୁ **ଆତ୍ମା ବାବଦରେ କହୁଥାଇ ପ୍ରବୋଧାଚାର୍ଯ୍ୟ ତ୍ରୈତ ସିଦ୍ଧାନ୍ତ ବାବଦରେ ଜଣାଇଛନ୍ତି** । ତେଣୁ ଆତ୍ମଜ୍ଞାନ କାହାକୁ ଜଣା ନାହିଁ ବୋଲି ଜଣାଉଛୁ ।

ଏ ପର୍ଯ୍ୟନ୍ତ କୀର୍ତ୍ତି ବାବଦରେ, ତତ୍ତ୍ୱଜ୍ଞାନ ବାବଦରେ ଜାଣିଲେ । ଧନଥିବା ଧନବାନ କୀର୍ତ୍ତି ସମ୍ପାଦନ କଲେ କିଛିକଥା ନାହିଁ, କିନ୍ତୁ ଜ୍ଞାନଧନ ଥିବା ଜଣେ ବୋଧକ ଭୌତିକ କୀର୍ତ୍ତି ଅର୍ଜନ କରିବା ଭଲକଥା ନୁହେଁ । ଜଣେ ଧନବାନ ପ୍ରପଞ୍ଚସେବାର ଏକ ଭାଗ ବିଶିଷ୍ଟ ହୋଇଥିବା ଦାନକାର୍ଯ୍ୟ କରିପାରେ, ହେଲେ ଜଣେ ବୋଧକ ଦୈବସେବାର ଏକ ଭାଗ ବିଶିଷ୍ଟ ସେବାକୁ ତତ୍ତ୍ୱଜ୍ଞାନ ବୋଧ ବୋଲି ଭାବିବା ଉଚିତ୍ । ଦୁନିଆରେ ଉପ-ଯୋଗ ହେଉଥିବା ଧନ,ବସ୍ତୁ,ବସ୍ତ୍ର,ବାହାନାଦି ଭୂପୃଷ୍ଠରେ କିଛିଦିନ ପାଇଁ ଉପଯୋଗ ହୋଇଥାଏ । ଏକୈକ ଆତ୍ମଜ୍ଞାନ ହିଁ କେବଳ ପରଜନ୍ମ ପର୍ଯ୍ୟନ୍ତ ପଛରେ ଆସି ଶାଶ୍ୱତଭାବରେ ଉପଯୋଗ ହୋଇଥାଏ । ସେଥିଲାଗି ଜଣେ ସ୍ୱାମିଜୀ ଦୈବଜ୍ଞାନ ସମ୍ବନ୍ଧୀୟ ବହିଗୁଡିଏ ଅଜ୍ଞାନ ପ୍ରଜାମାନଙ୍କୁ ଦେଇ ପାରିବା ସମର୍ଥନୀୟ ହୋଇଥାଏ, ତା' ନ ହୋଇ ଜଣେ ଧନବାନ ଭଳି ଅନେକ ଗ୍ରାମରେ ପାଣି ସୁବିଧା, ଅନ୍ନଦାନ ସୁବିଧା, ବସ୍ତ୍ରଦାନ ଇତ୍ୟାଦି କଲେ ତାହା ଅସମର୍ଥନୀୟ ହୋଇଥାଏ । ଏସବୁ ଧନବାନମାନେ କିମ୍ବା ସରକାର କରିପାରନ୍ତି, କିନ୍ତୁ ଜଣେ ସ୍ୱାମିଜୀ କରିବା ଉଚିତ୍ ନୁହେଁ । ମାନବଠାରେ ପାପଭୀତି କଳ୍ପନା କରାଇ ପାପକୁ ବିନାଶ କରିବା ପାଇଁ ତତ୍ତ୍ୱଜ୍ଞାନ ଜଣାଇବା ଉଚିତ୍ ବୋଲି ସ୍ୱାମିଜୀମାନେ, ବାବାମାନେ ଭାବିବା ଉଚିତ୍ । ଧୋବାକାର୍ଯ୍ୟ ଧୋବା,ଭଣ୍ଡାରୀକାର୍ଯ୍ୟ ଭଣ୍ଡାରୀ କରିବା ଉଚିତ୍ । ତା' ନହୋଇ ଯେମିତି ଧୋବା ଭଣ୍ଡାରୀକାର୍ଯ୍ୟ, ଭଣ୍ଡାରୀ ଧୋବାକାର୍ଯ୍ୟ କରିବା ସେମାନଙ୍କର ବୃତ୍ତି ନୁହେଁ ବୋଲି କହୁଛେ, ସେମିତି ସ୍ୱାମିଜୀମାନେ ଦାନଦେବା, ଧନବାନମାନେ ଜ୍ଞାନଦେବା ଭଳି ହୋଇଯିବ ।

ବିଦ୍ୟା ହେଉ, ବୈଦ୍ୟ ହେଉ, ଅନ୍ନ ହେଉ, ବସ୍ତ୍ର ହେଉ ମାନବର ବାହ୍ୟ ଦୁନିଆରେ ଯାହାସବୁ ଦରକାର ତାହା ତା'ର କର୍ମ ଅନୁସାରେ ଆଗରୁ ନିର୍ଣ୍ଣୀତ ହୋଇ ରହିଥାଏ । କେବଳ ଦୈବଜ୍ଞାନ କର୍ମର ଅତୀତ ଭାବରେ ରହିଥାଏ । କର୍ମର ଅତୀତ ଦୈବଜ୍ଞାନ ଜଣାଇବା ବୋଧକ

(ସ୍ୱାମିଜୀ)ମାନଙ୍କ କାର୍ଯ୍ୟ ହୋଇଥାଏ । । ବିଦ୍ୟା, ବୈଦ୍ୟ, ଅନ୍ନ, ବସ୍ତ୍ର କାହାର କେତେବେଳେ ଆବଶ୍ୟକ ତାହାସବୁ ଆଗରୁ ନିର୍ଣ୍ଣୀତ ହୋଇ ରହିଥାଏ । କେଉଁ ସମୟରେ କ'ଣ ଦରକାର ତାହା କାହା ଦ୍ୱାରା ମଧ୍ୟ ହୋଇପାରିଥାଏ, କିନ୍ତୁ ଜ୍ଞାନ କେବଳ ଜ୍ଞାନୀମାନଙ୍କ ଦ୍ୱାରା ମିଳିଥାଏ । ତେଣୁ ଜ୍ଞାନୀମାନେ ଭୌତିକ ସାହାଯ୍ୟ ନକରି ଜ୍ଞାନ ଦାନକରିବା ଉଚିତ୍ । କୌଣସି ଏକ ସନ୍ଦର୍ଭରେ କେତେଜଣ ଆସି ଦିନେ ଆମକୁ ପଚାରିଲେ ଯେ, ଆପଣ କ'ଣ ସମାଜସେବା କରୁଛନ୍ତି ? ସେତେବେଳେ ଆମେ କହିଲୁ ଯେ, **'ଜ୍ଞାନସେବା, ମାନବସେବା ଆମେ କିଛି ମଧ୍ୟ କରୁନାହୁଁ** । ମାନବସେବା ସରକାର କରିବେ, ଧନବାନମାନେ କରିବେ । ଆମେ ତୁମ ପାଇଁ ଅଛୁ ବୋଲି ସରକାର କହିଥିବା ବେଳେ ନାନା କାର୍ଯ୍ୟକ୍ରମ ଦ୍ୱାରା ସେମାନେ ପ୍ରଜା ପରିପାଳନ କରୁଥିବା ବେଳେ, ପ୍ରଜାମାନଙ୍କର କେଉଁଠି କ'ଣ କମ୍ ରହିଗଲା ତାହା ସେମାନେ ପୁରଣ କରିବା ଉଚିତ୍, ପ୍ରଜାମାନେ ସରକାରକୁ ମାଗିବା ଉଚିତ୍ । ସେହିଭଳି ସ୍ୱଚ୍ଛ ଜ୍ଞାନଦାନ କର ବୋଲି ଆମକୁ ଆପଣ ଜ୍ଞାନ ମାଗିପାରିବେ' ବୋଲି ଆମେ ସେମାନଙ୍କୁ କହିଲୁ । ଆଜି ଅନେକ ସ୍ୱାମିଜୀମାନେ ଭୌତିକ କୀର୍ତ୍ତି ଅର୍ଜନ ପାଇଁ, ନିଜେ ଅର୍ଜନ କରିଥିବା ଧନ ପ୍ରଜାମାନଙ୍କ ପିଛା ଖର୍ଚ୍ଚକରି ଖ୍ୟାତିଅର୍ଜନ କରୁଛନ୍ତି । କୌଣସି ପ୍ରକାରରେ ନିଜ ପ୍ରବଚନ ଦ୍ୱାରା, ମାହାତ୍ମ୍ୟ ଦ୍ୱାରା ଧନବାନମାନଙ୍କର ପ୍ରିୟ ହୋଇ ସେମାନଙ୍କ ସାହାଯ୍ୟରେ ନାନା ଦାନ, ବୈଦ୍ୟସଦୁପାୟ, ଜଳ ବନ୍ଦୋବସ୍ତ, ଭୋଜନ ଦାନ, ବାସଭବନାଦିର ବ୍ୟବସ୍ଥା ପ୍ରଜାମାନଙ୍କ ପାଇଁ କରି ନାନା କୀର୍ତ୍ତି ଅର୍ଜନ କରି ପାରୁଛନ୍ତି ।

ଏହିଭଳି ଆଜିର ଅନେକ ସ୍ୱାମିଜୀମାନେ ଭୌତିକତଃ ସହାୟ ହେବା ଛଡା, ଆମେ ଜ୍ଞାନୀ ବୋଲି ଜ୍ଞାନ କହି ବଡ ବଡ ସଭା ଆୟୋଜନ ପୂର୍ବକ ଜ୍ଞାନବୋଧ ନାମରେ କାର୍ଯ୍ୟମାନ କରୁଛନ୍ତି । ଅତୀତରେ କୀର୍ତ୍ତି ଅର୍ଜନ କରିଥିବା ବ୍ୟକ୍ତିମାନଙ୍କର ନାମ ବ୍ୟବହାର କରି ପ୍ରବଚନ ଦେଉଛନ୍ତି । ଗତ

କୀର୍ତ୍ତିବନ୍ତମାନଙ୍କ ବିଷୟରେ କହିବା ବ୍ୟତୀତ, ନିଜ ନାମରେ ଗୀତ ରଚନା କରି ସେଥିରେ ନିଜର କୀର୍ତ୍ତି ପାଇଁ ନାନା ଭାବକୁ ସ୍ଥାନ ଦେଉଛନ୍ତି । ଏହିଭଳି ଅନେକ ସ୍ୱାମିଜୀମାନେ ନିଜକୁ ଜଣାଥିବା ତତ୍ତ୍ୱଜ୍ଞାନ ନକହି ନିଜଠାରୁ ଆଗରୁ ଜନ୍ମ ହୋଇଥିବା କୀର୍ତ୍ତିବନ୍ତମାନମାନଙ୍କ ବିଷୟରେ, ସେମାନଙ୍କ ମାହାତ୍ମ୍ୟ ବିଷୟରେ, ସେମାନଙ୍କ ଜୀବନୀ ବାବଦରେ, ସେମାନଙ୍କ ବାଣୀକୁ କଥା ରୂପରେ କହୁଛନ୍ତି, ଆଉକିଛି ଗୀତରୂପରେ ବୋଲୁଛନ୍ତି । ଶେଷରେ ସେଥିରେ କୀର୍ତ୍ତିନ ଛଡା ଆତ୍ମଜ୍ଞାନ କିଛି ବି ରହୁନାହିଁ । ଆଉ କେତେକ ସ୍ୱାମିଜୀମାନେ ଅର୍କେଷ୍ଟ୍ରା ଭଳି କେତେକ ବାଦ୍ୟଯନ୍ତ୍ର ନେଇ ଗୀତ ବୋଲୁଛନ୍ତି । ଶୁଣିବା ଲୋକେ ମୁଣ୍ଡ ହଲାଉଥିଲେ, ଆନନ୍ଦରେ ଶୁଣୁଥିଲେ ସ୍ୱାମିଜୀମାନେ ତାହା ଅଧିକ ଉତ୍ସାହିତ ହୋଇ ଗାଉଛନ୍ତି । ତୋ'ନାମ ଶୁଣିଲେ କର୍ମ ଚାଲିଯାଏ, ତୋ'ଦର୍ଶନ ମିଳିଗଲେ ଆଉ ଜନ୍ମ ନଥାଏ ବୋଲି ଜଣେ ସ୍ୱାମିଜୀ ଗାଇବା ବେଳେ, ହେ ଗୀତନାଥ ତୋ'ଠାରୁ ଆଉକିଏ ବଡଅଛି, ତୋ' ସ୍ପର୍ଶରେ ରୋଗ ନିବାରଣ ହୁଏ, ତୋ' ଦୃଷ୍ଟି ପଡିଲେ ଅନେକ ଲାଭ ହୁଏ ବୋଲି ଆଉ ଜଣେ ସ୍ୱାମୀ ଗାଉଛ'ନ୍ତି । ଜଣେ ପୁରାଣକଥା କହିବା ସ୍ଥଳେ, ଆଉଜଣେ ପୁଣ୍ୟକ୍ଷେତ୍ର ବାବଦରେ କହୁଛନ୍ତି । ଜଣେ ରାମାୟଣ ମହାଭାରତ କହିବା ସ୍ଥଳେ ଆଉଜଣେ ଦେବାଦେବୀଙ୍କର ମାହାତ୍ମ୍ୟ ବର୍ଣ୍ଣନା କରୁଛନ୍ତି । ଇଷ୍ଟଦେବତାମାନଙ୍କ ବାବଦରେ କିଏ କହୁଥିବା ସ୍ଥଳେ, ଇଚ୍ଛା ପୁରଣ କରି କଷ୍ଟ ନିବାରଣ କରୁଥିବା ଦେବତାମାନଙ୍କ ବାବଦରେ କିଏ କହୁଛନ୍ତି । ଏହିଭଳି ଅନେକ ପ୍ରକାରର ପ୍ରବଚନ ଆଜିର ସ୍ୱାମିଜୀମାନେ ଦେଉଛନ୍ତି । ଏସବୁକୁ ଗବେଷଣା କଲେ ଆତ୍ମା ବିଷୟର ଜ୍ଞାନ ହେଉ କି ଜୀବାତ୍ମା ବିଷୟରେ ହେଉ ବା ପରମାତ୍ମାଙ୍କ ଧର୍ମ ହେଉ କିଛିବି ମିଳୁନାହିଁ ବୋଲି ଜଣାପଡୁଛି । ତାହେଲେ କ'ଣ ସ୍ୱାମିଜୀମାନେ ଯାହା କହୁଛନ୍ତି ତାହା ଦୈବଜ୍ଞାନ ନୁହେଁ ? ବୋଲି ଯଦି କିଏ ପଚାରେ ତେବେ, ହଁ ସେଗୁଡିକ ଦୈବଜ୍ଞାନ ନୁହେଁ ବୋଲି ସିଧା କହି ପାରିବା, ସେମାନେ କହୁଥିବା ଜ୍ଞାନ

ପ୍ରକୃତି ବା ମାୟାଜ୍ଞାନ । ସେମାନେ ଅନ୍ୟର ଗୁଣଗାନ ବା କୀର୍ତ୍ତି କରୁଛନ୍ତି, ସେମାନେ ବୋଲୁଥିବା ଗୀତ ହିଁ କୀର୍ତ୍ତନ ବୋଲି ଜଣାଯାଉଛି । କେଉଁଠାରେ ଯଦି କୌଣସି ସ୍ୱାମିଜୀ ଭଗବଦ୍ଗୀତାର ବ୍ୟାଖ୍ୟା କରୁଥା'ନ୍ତି ସେଥିରେ ଭଗବାନ ଶ୍ରୀକୃଷ୍ଣ କହିଥିବା ଜ୍ଞାନ ଥିବାବେଳେ ସ୍ୱାମିଜୀମାନଙ୍କ ତୁଣ୍ଡରେ ଜୀବାତ୍ମା ପରମାତ୍ମାଙ୍କ କଥା ରହୁଛି ସିନା, ଉଭୟର ମଧ୍ୟବର୍ତ୍ତୀ ହୋଇଥିବା ଆତ୍ମା ବାବଦରେ କେହି କହୁ ନାହାନ୍ତି । ଆତ୍ମାର ପ୍ରସ୍ତାବନା ନଥିବାବେଳେ ସେଠାରେ ଜୀବାତ୍ମା, ପରମାତ୍ମାଙ୍କ ବିଷୟରେ କୁହାଗଲେ ମଧ୍ୟ ଆତ୍ମଜ୍ଞାନ କିଛି କୁହାଯାଉ ନାହିଁ ବୋଲି ସ୍ପଷ୍ଟ ଜଣାଯାଉଛି । ଏହିଭଳି ଭଗବଦ୍ଗୀତାର ବାଣୀ ବୁଝାଇବା ବେଳେ ମଧ୍ୟ ଆତ୍ମଜ୍ଞାନକୁ ଭୁଲିଯାଉଛନ୍ତି ।  ଭବିଷ୍ୟତରେ ଆତ୍ମା ବାବଦରେ ଭୂଲିନଯିବା ପାଇଁ ଆତ୍ମା ନାମକ ଶବ୍ଦକୁ ଜ୍ଞାନୀମାନେ ଆମ ଭିତରେ ରଖାଇଛନ୍ତି, ସେଗୁଡିକ ମଧ୍ୟରୁ **ଆତ୍ମହତ୍ୟା, ଆତ୍ମବୋଧ, ଆତ୍ମବନ୍ଧୁ, ଆତ୍ମାଭିମାନ, ଆତ୍ମାଶକ୍ତି, ଆତ୍ମଗମନ, ଆତ୍ମସାକ୍ଷୀ, ଆତ୍ମବଳ, ଆତ୍ମଚୈତନ୍ୟ, ଆତ୍ମବିଶ୍ୱାସ, ଆତ୍ମବିମର୍ଶ, ଆତ୍ମଜ୍ଞାନ, ଆତ୍ମତେଜ** ଏମିତି ଅନେକ ଶବ୍ଦ ରହିଛି । ତାଛଡା ଭଗବଦ୍ଗୀତାରେ ମଧ୍ୟ ଆତ୍ମା ଶବ୍ଦକୁ ଭଗବାନ ବାରମ୍ବାର ବ୍ୟବହାର କରିଛନ୍ତି; ତଥାପି ମାନବ ସ୍ୱାମିଜୀ ଭାବରେ ବଦଳିଗଲେ ମଧ୍ୟ ଅନ୍ୟର କୀର୍ତ୍ତି କରିବା ଛଡା ଅନ୍ୟ ଦେବତାମାନଙ୍କ ଆରାଧନା କରି, କରାଇ ଦୁନିଆରେ କୀର୍ତ୍ତି ଅର୍ଜନ କରିବା ପାଇଁ ଭୌତିକ କାର୍ଯ୍ୟରେ ପ୍ରଜାମାନଙ୍କୁ ସାହାଯ୍ୟ କରୁଛି, ସହାନୁଭୂତି ଦେଖାଉଛି । ତେଣୁ ପ୍ରତ୍ୟେକ ବ୍ୟକ୍ତି ମାନ୍ୟ ନହୋଇ ସାମାନ୍ୟ ହୋଇଥିବା ମୁଁ ଆଉ କାହାର କୀର୍ତ୍ତନ କରୁଛି କି ? ମୁଁ କୀର୍ତ୍ତି ଅର୍ଜନ କରୁଛି କି ? କୀର୍ତ୍ତି ସମ୍ବନ୍ଧୀୟ କାର୍ଯ୍ୟ କରୁଛି କି ? ବୋଲି ନିଜକୁ ପ୍ରଶ୍ନକରି, ନିଜେ ବିଚାର କରିବା ଉଚିତ୍ । ତା'ଛଡା ମୁଁ ଆତ୍ମଜ୍ଞାନ ଶିଖୁଛି କି ? ମୁଁ ଆତ୍ମଜ୍ଞାନ ଶିଖାଉଛି କି ? ବୋଲି ଦେଖିବା ମଧ୍ୟ ଆବଶ୍ୟକ ରହିଛି । ତେଣୁ ମାନବ ତା'ର ଜୀବନରେ ପୁଣ୍ୟ ଅର୍ଜନ କରାଯାଉଥିବା କୀର୍ତ୍ତିକୁ ଛାଡିଦେଇ ମୋକ୍ଷ

ଆଣିଦେଉଥିବା ଆତ୍ମଜ୍ଞାନ (ତତ୍ତ୍ୱ) ଜାଣିବା ପାଇଁ ସବୁବେଳେ ସୁଯୋଗ ଖୋଜିବା ଆବଶ୍ୟକ । ଆତ୍ମଜ୍ଞାନର ଆଚରଣରେ ମଣିଷର ଜୀବପଦରୁ ମୁକ୍ତି ହୋଇଥାଏ ।

*****

# ଶରୀର ଏକ ଭଡାଘର

ଜଣେ ମଣିଷକୁ ବିଭାଜନ କରିଦେଲେ ତାହା ଗୋଟିଏ ଶରୀର ଏବଂ ଗୋଟିଏ ଜୀବାତ୍ମାର ମିଶ୍ରଣ ବୋଲି ଜଣାପଡେ । ଜୀବର ଶରୀରକୁ 'ଶବ' କୁହାଯାଏ । ଶରୀର ନଥିବା ଜୀବକୁ 'ପ୍ରେତ' କୁହାଯାଏ । ତେଣୁ ଗୋଟିଏ ଶରୀର ଆଉ ଏକ ପ୍ରେତ (ସୂକ୍ଷ୍ମ) ମିଶିଯିବା ବେଳେ ତା'ହା ଶରୀର ହୋଇଥାଏ । ଆଉ ଟିକିଏ ଅଧିକା କହିଲେ ଜୀବ ଏକ ଶରୀରରେ ନିବାସ କରି ଜୀବନ ବିତାଉଛି ବୋଲି କହିପାରିବା । ଜୀବର ଶରୀର ଗୋଟିଏ ଘର ଭଳି । ଶରୀରଗୃହରେ ଜୀବ କିଛି ଦିନ ରହି ପାରେ । ଜୀବ ଶରୀରଗୃହରେ ନିବାସ କରିବା ସମୟ ହିଁ ଜୀବନକାଳ । ଶରୀର ଏକ ଭଡାଘର ବୋଲି କହିବା ବେଳେ କାହାର ଭଡାଘର ବୋଲି ପ୍ରଶ୍ନ ଆସେ । ତା'ର ସମାଧାନ ଦେଖିବା ।

ସହରରେ କେତେଜଣ ଲୋକ ନିଜ ଘରେ ରହିବାବେଳେ ନିଜ ଘରର ବଳକା ଅଂଶକୁ ଅନ୍ୟକୁ ଭଡା ଦେଇଥା'ନ୍ତି । ଉଦାହରଣସ୍ୱରୂପ ଜଣେ ଘରମାଲିକ ଆଉଜଣେ ଲୋକକୁ ତା'ର ଏକ ଘର ଭଡାଦେଲା ବୋଲି ଭାବିବା । ସେତେବେଳେ ସେ ତା'ପାଇଁ ପାଣି, ପାଇଖାନା, ବିଜୁଳି ଇତ୍ୟାଦି ସହିତ ସମସ୍ତ ପ୍ରକାରର ବନ୍ଦୋବସ୍ତ କରି ତା'ର ପ୍ରତିଫଳ ଭାବରେ ତା'ଠାରୁ ଭଡା ନେଇଥାଏ । ଏହା ସମସ୍ତଙ୍କୁ ଜଣାଥିବା ବିଷୟ । ଆଉ ଜଣାନଥିବା ମୁଖ୍ୟ ବିଷୟ ହେଉଛି ! ଅନେକ ବଖରା ଥିବା ଏକ ବଡ

ଘରର ଘର (ବଖରା) ଗୁଡିକରୁ ମାତ୍ର ଗୋଟିଏ ଘରେ (ବଖରାରେ) ରହି ଘରମାଲିକଙ୍କୁ ଘରଭଡା ଦେଇ, ଭଡାଟିଆ ଭଳି ଜୀବ ଶରୀର ଗୃହରେ ନିବାସ କରିଥାଏ । ଶରୀରରୂପୀ ବଡ ଘରେ ଆତ୍ମା ନାମକ ଘର ମାଲିକ ସଂପୂର୍ଣ୍ଣ ଘରର ଅଧିକାରୀ ହୋଇଥିବା ବେଳେ, ଜୀବାତ୍ମା ନାମକ ଭଡାଟିଆ ସେହି ବଡ ଘରର (ଶରୀରର) କୌଣସି ଏକ ବଖରାରେ ନିବାସ କରିଥାଏ । ଜୀବ ନିଜଘରେ ନିବାସ କରିବା ପାଇଁ ତା'ର ଦରକାରୀ ଜିନିଷଗୁଡିକ ଆତ୍ମା ନାମକ ଘରମାଲିକ ଯୋଗାଇ ଦେଇଥାଏ । ତା'ର ପ୍ରତିଫଳ ସ୍ୱରୂପ ଜୀବ ନାମକ ଭଡାଟିଆ ଶରୀର ଗୃହର ଘରମାଲିକଙ୍କୁ (ଆତ୍ମାକୁ) ଆହାର (ଘରଭଡା) ନାମକ ଘରଭଡା ଦେଇଥାଏ । ଜୀବ ଦେଉଥିବା ଆହାରରୂପୀ ଭଡାକୁ ଆତ୍ମା ନିଜେ ବଞ୍ଚିବା ପାଇଁ ବିନିଯୋଗ କରିଥାଏ । ବାହାରେ ଭଡାଟିଆମାନେ ମାସକୁ ଗୋଟିଏ ଥର ଘରଭଡା ଦେଇଥା'ନ୍ତି । ଭିତରେ ଥିବା ଜୀବ ଦିନକୁ ତିନି ଥର ଘରଭଡା (ଖାଦ୍ୟ) ଆତ୍ମାକୁ ଦେଇଥାଏ । ବାହାରର ଘରମାଲିକ ମାସକୁ ଥରେ ଘରଭଡା ମାଗିବା ବେଳେ, ଭିତରର ଆତ୍ମା ଦିନକୁ ତିନିଥର ନିଜର ଖାଦ୍ୟ ମାଗିଥାଏ । ଭିତର ଘରର ମାଲିକଙ୍କୁ ଘରଭଡା ଦେବାପାଇଁ ଜୀବାତ୍ମାକୁ ଅନେକ କାର୍ଯ୍ୟ କରିବାକୁ ପଡିଥାଏ । ଏହି କାର୍ଯ୍ୟଗୁଡିକ କରିବା ପାଇଁ ତା'କୁ ଅନେକ ବିଦ୍ୟା ଶିଖିବାକୁ ପଡିଥାଏ । ସେଥିପାଇଁ ଆମ ପୂର୍ବପୁରୁଷମାନେ **"ପେଟପାଇଁ ନାନା ନାଟ"** ବୋଲି କହୁଥିଲେ । ଆଜି ଏଇ ପେଟର ଜୀବନ ୬୦ବର୍ଷ ହୋଇଯାଇଥିବା ବେଳେ ମଣିଷର ଆୟୁ ୩୦ବର୍ଷ ଯାଏ ପାଠପଢାରେ ବିତି ଯାଉଛି ।

ଆଜିର ମାନବ ଆମେ ବିଜ୍ଞାନ ଜାଣିବା ପାଇଁ ପାଠ ପଢୁଛୁ ବୋଲି କହିଲେ ମଧ୍ୟ ଶେଷରେ ବିଜ୍ଞାନ ମଧ୍ୟ ଆହାର ଉପାର୍ଜନ ପାଇଁ ଶିଖୁଛେ ବୋଲି ଜଣାଯାଉଛି । ଅନେକ ବିଦ୍ୟା ଅର୍ଜନ କଲେ ମଧ୍ୟ, ନାନା ସାର୍ଟିଫିକେଟ୍

ହାସଲ କରିଥିଲେ ମଧ୍ୟ ସବୁ ବାହାର ବିଷୟ ବୋଲି ଜଣାଯାଉଛି । ମୁଁ ଜଣକ ପାଖରେ ଭଡାରେ ଅଛି, ମୋର ଜଣେ ଘରମାଲିକ ଅଛି, ତା'ରି ଘରେ ମୁଁ ରହୁଛି, ଜୀବନ କହିଲେ ଶରୀରରେ ବାସ କରିବା ବୋଲି କେଉଁ ବିଜ୍ଞାନ କି କେଉଁ ସାର୍ଟିଫିକେଟ୍ ବୁଝାଇପାରୁ ନାହିଁ । ଶରୀରର ମାଲିକ ହୋଇଥିବା ଆତ୍ମା ବିଷୟରେ ଜାଣିବା ହେଉଛି ବ୍ରହ୍ମବିଦ୍ୟା । ବ୍ରହ୍ମ କହିଲେ ଆଉ କିଛି ନୁହେଁ, ବ୍ରହ୍ମର ଅର୍ଥ ବଡ । ତୋ'ଠାରୁ ଜଣେ ବଡ ଅଛି, ସେହି ଜଣକ ତୋ'ର ଆତ୍ମା ବୋଲି ଜଣାଇଥାଏ ବ୍ରହ୍ମବିଦ୍ୟା । ପ୍ରପଞ୍ଚ ବିଦ୍ୟାରେ ଡାକ୍ତରି, ଇଞ୍ଜିନିଅରିଂ, ଓକିଲାତି ଇତ୍ୟାଦି ବିଦ୍ୟା ଭଳି ବିଦ୍ୟା ଅନେକ ରହିଥାଏ । ବାହାରେ କୌଣସି ବିଜ୍ଞାନ ପଢିଲେ ମଧ୍ୟ ସେସବୁ ଭୌତିକ ଶରୀର ପାଇଁ ଉପଯୋଗୀ ହୋଇଥାଏ, କିନ୍ତୁ ଭୌତିକ ଶରୀରର ଅଧିପତି ଆତ୍ମା ବିଷୟରେ ସେଥିରୁ କିଛି ଜାଣିବାକୁ ମିଳେ ନାହିଁ ।

ଏବେ ଗୋଟିଏ ଗପ ଶୁଣନ୍ତୁ । ଭୂପତି ନାମକ ଜଣେ ଲୋକ ଜଣକର ବଡଘରେ ଥିବା ଅନେକ ବଖରାରୁ ଗୋଟିଏ ବଖରା ଘରକୁ ଭଡାନେଇ ରହୁଥିଲା । ଘର ମାଲିକର ନାଆଁ ହେଉଛି ପତି । ସେ ତା'ର ସଂପୂର୍ଣ୍ଣ ଘରକୁ ଭଡା ଦେଇ ଭଡାଟିଆ ରହୁଥିବା ବଖରାର ପଛରେ ଥିବା ଏକ ଛୋଟ ବଖରାରେ ରହୁଥିଲା । ପତିର ଦୁଇ ଡର୍ଜନ (୨୪ଜଣ) ଚାକର ବାକର ଥିଲେ । ସେ ଏତେବଡ ମାଲିକ ହେଲେ ମଧ୍ୟ ତା'ଠାରେ ଟିକିଏ ଗର୍ବ ନଥିଲା । ଚାକରମାନଙ୍କୁ ସବୁ କାର୍ଯ୍ୟ କହିଦେଇ ସେମାନଙ୍କ କାର୍ଯ୍ୟକୁ ଦେଖିବା ଛଡା ସେମାନଙ୍କୁ କିଛି କହୁନଥିଲା । ସବୁକିଛି ତା'ର ଚାକରମାନେ ଦେଖୁଥିଲେ । ପାଖଘରେ ରହୁଥିବା କାରଣରୁ ୨୪ଜଣଙ୍କର ସମସ୍ତ କାର୍ଯ୍ୟକୁ ସେ ନିରୀକ୍ଷଣ କରି ପାରୁଥିଲା । ଏହିଭଳି ସମୟରେ ପତିର ଲୋକମାନେ ଭୂପତିକୁ ସବୁ ପ୍ରକାରର ସାହାଯ୍ୟ ସହଯୋଗ କରୁଥିଲେ । ଶେଷକୁ ଭୂପତି ମଧ୍ୟ ପତି ଭଳି ଚାକର ବାକରଙ୍କ ମାଲିକ ଭଳି ନିଜକୁ

ଭାବିବା ବ୍ୟତୀତ ନିଜେ ମାଲିକ ଭଳି ଚାକରମାନଙ୍କ ସହିତ ବ୍ୟବହାର କରିବାକୁ ଲାଗିଲା । ଏମିତି କିଛିଦିନ ପରେ ପତିର ୨୪ଜଣ ଚାକରଙ୍କ ଭିତରୁ କେତେକ ପତିର ବିପକ୍ଷରେ, କେତେକ ଭୂପତିର ସପକ୍ଷରେ ରହିବା ଆରମ୍ଭକଲେ, ସେମାନଙ୍କ ଭିତରୁ ତୁସୁ, ତସୁ ନାମକ ଦୁଇଜଣ ଚାକର ପତିର ସଂପୂର୍ଣ୍ଣ ବିରୁଦ୍ଧ ହୋଇଗଲେ । ତୁସୁ ନାମକ ଚାକରଟି ପତିର ସବୁ ଭଲମନ୍ଦ ଭୂପତିକୁ ଆସି କହିଦେଉଥିଲା । ଆଉ ତସୁ ନିଜେ ଭାବୁଥିଲା ଯେ, ମୁଁ ଭୂପତି ପାଖରେ ରହି କାର୍ଯ୍ୟ କରୁଛି, ତେଣୁ ଭୂପତି ହିଁ ମୋର ମାଲିକ । ପରଘରକୁ ଭଡାନେଇ ରହୁଛି ବୋଲି ନଭାବି ତୁସୁ, ତସୁଙ୍କ କଥାରେ,ସେମାନଙ୍କ ବ୍ୟବହାରରେ ଭୂପତି ଗର୍ବରେ ଫୁଲି ଉଠୁଥିଲା । ସେମାନଙ୍କ ଦ୍ଵାରା ନିଜର ସମସ୍ତ କାର୍ଯ୍ୟ କରାଉଥିଲା । ଛୋଟ ଛୋଟ କାର୍ଯ୍ୟଠାରୁ ଆରମ୍ଭକରି ଭୂପତିର ମୁଖ୍ୟ ମୁଖ୍ୟ କାର୍ଯ୍ୟ ପର୍ଯ୍ୟନ୍ତ ତୁସୁ, ତସୁ କରିଦେଉଥିଲେ । ସାରା ଘରର ମୁଖ୍ୟ କାର୍ଯ୍ୟକୁ ଚାକରମାନଙ୍କ ଭିତରୁ ମାତ୍ର ଚାରିଜଣ କରିଦେଉଥିଲେ । ତୁସୁ, ତସୁଙ୍କ ବ୍ୟତୀତ ସଦି, ଗିଦି ନାମକ ଆଉ ଦୁଇଜଣ ସେହି ମୁଖ୍ୟ ଚାରିଜଣ ଚାକରମାନଙ୍କ ଭିତରେ ଥିବାବେଳେ, ତୁସୁ, ତସୁ ସଂପୂର୍ଣ୍ଣରୂପେ ଆମେ ଭୂପତିର ବୋଲି ନିଜ ନିଜକୁ ଭାବି ନେଇଥିଲେ । ଏହି ଚାରିଜଣ ଚାକର ଦୁଇଟି ଦଳ ଭଳି ରହି ଗୋଟିଏ ଦଳରେ ସଦି,ଗିଦି ଆଉ ଗୋଟିଏ ଦଳରେ ତୁସୁ,ତସୁ ଥିଲେ । ଏମାନେ ଭୂପତିର ସପକ୍ଷରେ ବା ଅନୁକୂଳ ଭାବରେ ରହିଥିଲେ । ଉଭୟ ଦଳ ଭୂପତିର ଅନୁକୂଳ ଭାବରେ ରହିଥିଲେ ମଧ୍ୟ ତୁସୁ, ତସୁ ୧୦୦ରୁ ୧୦୦ପ୍ରତିଶତ ପତିର ବିପକ୍ଷ ହୋଇଯାଇଥିଲେ, ହେଲେ ସଦି, ଗିଦି ପତିକୁ ଟିକିଏ ମାନୁଥିଲେ । ଆମ ଦ୍ଵାରା ସବୁକାର୍ଯ୍ୟ ହେଉଛି ବୋଲି ସଦି, ଗିଦି ଭୂପତିକୁ କହୁଥିଲେ ମଧ୍ୟ ମୋ' ଅନୁମତି ନନେଇ ଘରେ କୌଣସି କାର୍ଯ୍ୟ ହୁଏ ନାହିଁ ବୋଲି ଗିଦି କହୁଥାଇ, ଭୂପତି ପାଇଁ ଆମେ ସିନା କାର୍ଯ୍ୟ କରୁଛୁ ପତିପାଇଁ କରୁନାହୁଁ ବୋଲି ଭାବୁଥିଲା ।

ଭୂପତି ପତିର ଘରେ ରହୁଥାଇ ମଧ୍ୟ ମୁଁ କାହାକୁ ଭଡା ଦେଉନାହିଁ, ଘରର ବାକରମାନେ ମଧ୍ୟ ମୋର, ଏହି ତସ୍ମୁ, ତିସ୍ମୁ ମଧ୍ୟ ମୋରି ଲୋକ ବୋଲି ଭାବିବା ଛଡା ବାହାରେ ମଧ୍ୟ କହିବାକୁ ଆରମ୍ଭକଲା । ସବୁ ଜାଣି ମଧ୍ୟ ପତି ଭୂପତିକୁ କିଛି କହୁନଥିଲା । ଜଣେ ଭିକାରୀ ଭଳି ମୋ'ଘରେ ଭୂପତି ଅଛି ବୋଲି ଜାଣି ମଧ୍ୟ ପତି ଭୂପତିକୁ କିଛି ନକହିବାର କାରଣ ମଧ୍ୟ ଥିଲା । ସେହି କାରଣ ହେଉଛି ! ଘରର ମାଲିକ ପତି ହେଲେ ମଧ୍ୟ ତା'ର ଘର ଆଉ ଜଣକ ପାଖରେ ବନ୍ଧାପଡିଥିଲା । ଘରର ସମସ୍ତ କାଗଜପତ୍ର ଘରକୁ ବନ୍ଧା ରଖିଥିବା ଲୋକ ପାଖରେ ଥିଲା । ଘରଟି ନିଜ ନାଆଁରେ ଥିବା ଭଳି କାଗଜପତ୍ର ସବୁ ବନ୍ଧା ରଖିଥିବା ଲୋକ ପାଖରେ ଥିଲା । କାଗଜ ପତ୍ରରେ ସବୁକିଛି ପତିର ନାଆଁରେ ରହିଛି । ତେଣୁ ବନ୍ଧା ରଖିଥିବା ଲୋକ ହିଁ ସବୁକିଛିର ସାକ୍ଷୀ, ତା'ର ନାଆଁ ହେଉଛି ପରପତି । ଘର ପତିର ହେଲେ ମଧ୍ୟ ବନ୍ଧା ପଡିଥିବା କାରଣରୁ, ଘରର ରେକର୍ଡ ସବୁ ପରପତି ପାଖରେ ଅଛି । ଭୂପତି ଯାହା ଭାବିଲେ ମଧ୍ୟ ତା କଥାର କିଛି ମୂଲ୍ୟ ନାହିଁ । ଲେଖାଯୋଖାରେ ସବୁ ପତିର ନାଆଁ ଅଛି । ଘର ପତିର ବୋଲି କହିବା ପାଇଁ ତୃତୀୟ ପାତ୍ର ପାଖରେ ପତିର ଘର ବନ୍ଧାପଡିଛି । ଘର ପତିର ହେଲେ ମଧ୍ୟ ବନ୍ଧା ପଡିଥିବାରୁ, ଘରର ରେକର୍ଡ ସବୁ ପରପତି ପାଖରେ ଥିବାରୁ ବର୍ତ୍ତମାନର ଘରମାଲିକ, ଘରର ଅଧିପତି ପରପତି ବୋଲି କହି ପାରିବା । ସେଥିଲାଗି ଭୂପତି ଘର ତା'ର ବୋଲି ଭାବୁ କି ନଭାବୁ ପତି ଦୁଃଖ କରୁନଥିଲା ! ହେଲେ ସେ ପରପତିଠାରୁ ଆଣିଥିବା କରଜ ଶୁଝିବାକୁ ହେଲେ ଭୂପତିକୁ ନିଜର ଘରଭଡା ଆଣି ପରପତିକୁ ଦେବାକୁ ହେବ । ଭୂପତି ଦେଉଥିବା ଘରଭଡା ପରପତି ପାଖରେ ଜମା ହୋଇ ପତି ନେଇଥିବା କରଜ ଶୁଝିଯିବା ଭଳି ହୋଇଗଲେ ପତିର ବନ୍ଧାପଡିଥିବା ଘର ମୁକୁଳିଯିବ । ହେଲେ ଭୂପତି କରଜ ଶୁଝିବ କ'ଣ ? ପତି ତାର ଘର ମୁକୁଳାଇବା କଅଣ ? କିଛି ବୁଝିହେଉନି ବୋଲି ପ୍ରଶ୍ନ ଆସିଥାଏ । ତା'ର

ସମାଧାନ କ'ଣ ହେବ ନିମ୍ନମତେ ଦେଖନ୍ତୁ । ବାସ୍ତବରେ ଭୂପତି ହିଁ ପରପତିଠାରୁ କରଜ (ବାକି) ଆଣିଥିଲା, ହେଲେ ଭୂପତି ଦ୍ୱାରା ମୁଁ ତୋ'ର କରଜ ଶୁଝାଇବି ବୋଲି ମଝିରେ ଆସି ପତି ପରପତିକୁ କଥା ଦେଇଛି, ଅର୍ଥାତ୍ ପତି ମଝିରେ ରହି ମାନି (ମଧ୍ୟସ୍ଥି) ରହିଥିଲା । ତେଣୁ ଭୂପତି ଅତି ଅବିବେକୀ ହେଲେ ମଧ୍ୟ ପତି ବାଧ୍ୟ ହୋଇ ସବୁ ସହି ଭୂପତିକୁ ତା'ଘରେ ଆଣି ରଖିଛି ।

ଭୂପତି ପରପତିଠାରୁ କରଜ ଆଣି, ପତିକୁ ପରପତି ନିକଟରେ ମଧ୍ୟସ୍ଥି କରାଇ, ପରପତି ପାଖରେ ଘରକୁ ବନ୍ଧାପକାଇ, ଏସବୁ କଥାକୁ ଭୁଲିଯାଇ, ମୁଁ କାହା ପାଖରୁ କରଜ କରି ନାହିଁ ଭାବିବା ଛଡା ସେ ରହୁଥିବା ଘର ମଧ୍ୟ ମୋର ବୋଲି ଭାବୁଥିଲା । ଭୂପତି ଯାହା ଭାବୁଥିଲେ ମଧ୍ୟ ପତି, ଭୂପତି ଦୁଇଜଣଯାକ ମୋ' ଅଧିନରେ ଅଛନ୍ତି ବୋଲି ପରପତି ବ୍ୟସ୍ତ ନହୋଇ ନିଶ୍ଚିନ୍ତ ରହିଥିଲା । ଭୂପତି ସମସ୍ତ କରଜ ନ ଶୁଝିବାଯାଏ ତା'କୁ ଛାଡିବି ନାହିଁ ବୋଲି ପତି ମଧ୍ୟ ଭାବୁଥିଲା । ଏଇ କ୍ଷେତ୍ରରେ ଭୂପତି ଯାହା ଶୁଝିବ ତାହା ଯଦି ସେ ପରପତିକୁ ଶୁଝୁଛି ବୋଲି ଭାବିବ ତେବେ ତାହା ସିଧା ପରପତିର ବାକି ଶୁଝିବା ଭଳି ହେବ । ତା'ନକରି ମୁଁ ପତିକୁ ଶୁଝିବି ଭାବି ପତିକୁ ଦେଲେ ମଧ୍ୟ ଶେଷରେ ତାହା ପରପତିକୁ ପତି ଦେଇଦେବା ଭଳି ହେବ । କୌଣସି ରୂପରେ କରଜ ଶୁଝିବା ଭଳି ଉପାୟଟିଏ ଥିଲେ ମଧ୍ୟ ମୁଁ କାହାଠାରୁ କରଜ ଆଣି ନାହିଁ, ଏଘର ମୋର, ପତି, ପରପତିଙ୍କୁ ମୁଁ ଚିହ୍ନିନାହିଁ ବୋଲି ଭାବିବା ଦ୍ୱାରା ଭୂପତିର କରଜ ଶୁଝିବା ଦୂରେଥାଉ, ଦିନକୁ ଦିନ ବଢିବା ଭଳି ହୋଇଗଲା ।

ଭୂପତି ପରମ ମୂର୍ଖ ବୋଲି ଜାଣି ପାରିଥିବା ପରପତି କରଜ ବାବଦରେ କିଛି ରିହାତି ମଧ୍ୟ ଦେଇଥିଲା । ତାହା ହେଉଛି ! ଭୂପତି ଯଦି ପତିକୁ କରଜ ଶୁଝିବ ତେବେ ଯେତିକି କରଜ ଥିଲା ସେହି କରଜର କିଛି ଅଂଶ ବିନାସୁଧରେ ଶୁଝିବା ଭଳି ହେବ ଆଉ ଏହିଭଳି ସେ ସମସ୍ତ

କରଜ ଧିରେ ଧିରେ ଶୁଝିପାରିବ । ନାଇଁ ଯଦି ସିଧା ସେ ପରପତିକୁ ଶୁଝିଲା ତେବେ ଯେତିକି କରଜ ଥିଲା ତାର ହଜାରେଗୁଣ ଅଧିକ ଶୁଝିଦେବା ଭଳି ହେବ । ଏଭଳି କାହିଁକି ! କି ପରପତି ତା ସ୍ତ୍ରୀ ଦ୍ୱାରା ଭୂପତିକୁ କରଜ ଦେଇଛି ଆଉ ପତି ମଧ୍ୟ ଭୂପତି କରଜ ନେବାବେଳେ ପରପତିର ସ୍ତ୍ରୀ ସହିତ ଚୁକ୍ତି କରିଛି । ତେଣୁ ପରପତିର ସ୍ତ୍ରୀ ହୋଇଥିବା ସୁକୃତିଦେବୀ ପତି ଦ୍ୱାରା ଯେତିକି କରଜ ଅସୁଲକରେ ତାହା ପରପତି ପାଖରେ ଜମା ହୁଏ । ନିଜ ସ୍ତ୍ରୀ ଭାରି ହିସାବିଲୋକ ତେଣୁ ଭୂପତି ଏତେ ସହଜରେ କରଜ ଶୁଝିପାରିବ ନାହିଁ କି ମୋ ସ୍ତ୍ରୀ ତା'କୁ ସହଜରେ ଛାଡିବ ନାହିଁ, ତେଣୁ ସୁକୃତିଦେବୀଙ୍କର ଅଧିପତି ହୋଇଥିବା ପରପତି ନିଜ ଇଚ୍ଛାରେ ଭୂପତି ପାଇଁ ଏକ ରିହାତିର ବନ୍ଦୋବସ୍ତ କରିଛି । ଭୂପତି ଯଦି ସିଧା ମୋତେ ଶୁଝିବ ତାହା ନେଇ ଗୋଟିଏ ଦିନରେ ମଧ୍ୟ ତା'ର ସମସ୍ତ କରଜ ଶୁଝିଯିବା ଭଳି କରିଦେବି । ଅର୍ଥାତ୍ ଭୂପତି ଏଇ ସୁଯୋଗ ନେଇ ଯଦି ତା'ର କରଜ ଶୁଝନ୍ତା ତେବେ ସହଜରେ କରଜମୁକ୍ତ ହୋଇ ପାରନ୍ତା । ପରପତି ଏଭଳି ସୁଯୋଗ ଦେଇଥିଲେ ମଧ୍ୟ ପତି କିଏ, ପରପତି କିଏ ମୁଁ ଜାଣିନି, ମୁଁ ହେଉଛି ଭୂପତି, ମୁଁ କାହା ଅଧିନରେ ନାହିଁ, ମୋର ସ୍ୱାଧିନତା ଅଛି, ମୁଁ ସ୍ୱତନ୍ତ୍ର, ମୋ' ଇଚ୍ଛା ଅନୁସାରେ ମୁଁ କିଛି ମଧ୍ୟ କରି ପାରିବି ବୋଲି ଭାବୁଛି । ତେଣୁ ଭୂପତିର ସାଧାରଣ ଜମା ହେଉ କି ରିହାତି ଜମା ହେଉ ପରପତି ପାଖରେ ପହଞ୍ଚିପାରୁ ନାହିଁ । କିଛିଚିନ୍ତା ନକରି କରଜ ନଶୁଝି ଭୂପତି ଭୂପୃଷ୍ଠରେ ଏକ ଭଡାଘରେ ରହିଛି । ଏଭଳି କରଜ ଥାଇ ମୁଁ କାହାଠାରୁ କରଜ ଆଣି ନାହିଁ ବୋଲି ଭୂପତି ଭାବିବା କ'ଣ ଅନ୍ୟାୟ ନୁହେଁ ? । ତା'ପାଇଁ ମଝିରେ ମାନିହୋଇ ନିଜ ଘରକୁ ବନ୍ଧାଦେଇ ତା'କୁ ଏତେ ସାହାଯ୍ୟ କରୁଥିବା ପତିକୁ ମଧ୍ୟ ଭୁଲିଯିବା କ'ଣ ଅନ୍ୟାୟ ନୁହେଁ ? ସେ କରଜ ମୁକ୍ତ ହେଉ ବୋଲି, ଟଙ୍କାଏ ଶୁଝିଲେ ହଜାରେ ଟଙ୍କା ଶୁଝିବା ଭଳି ହେବ ବୋଲି ରିହାତି ନ୍ୟସ୍ତ କରିଥିବା ପରପତିକୁ ମଧ୍ୟ ହିସାବରେ

ନ ଆଣିବା କେତେ ବଡ ଅନ୍ୟାୟ ଆପଣ ବିଚାର କରନ୍ତୁ । ସୁଧ ଦେବା ଦରକାର ନାହିଁ ମୋତେ ଖାଲି ମୂଳଟଙ୍କା ଦେଇଦେଲେ ତୁ ଦିନେ କରଜମୁକ୍ତ ହୋଇଯିବୁ ବୋଲି କହୁଥିବା ପତିକୁ, ତୁ ମୋତେ ଟଙ୍କାଏ ଶୁଝିଲେ ହଜାରେ ଟଙ୍କା ଶୁଝିବା ଭଳି ହେବ ବୋଲି କହିଥିବା ପରପତିକୁ ଖାତର କରୁନଥିବା ଭୂପତିକୁ କ'ଣ କହିବା ଆପଣ କହନ୍ତୁ । ନୀଚ, ନିକୃଷ୍ଟ, ଦୁଷ୍ଟ, ଦୁର୍ମାର୍ଗି ଯହା କହିଲେ ମଧ୍ୟ କମ୍ ହେବ ବୋଲି ମୁଁ ଭାବୁଛି ।

ଏହି କାହାଣୀରୁ ଭୂପତିକୁ କେହି ଭଲ ପାଉନଥିବେ ବୋଲି ଭାବୁଛି । ଏତେ ଧୈର୍ଯ୍ୟବାନ ହୋଇଥିବା ପତିକୁ, କରଜ ଶୁଝିବା ପାଇଁ ରିହାତି ଘୋଷଣା କରିଥିବା ପରପତିକୁ ଆମେ ପ୍ରଶଂସା ନକରି ରହିପାରିବା ନାହିଁ । ଏତେବଡ କାହାଣୀ କହିବା ଏଠାରେ କ'ଣ ଆବଶ୍ୟକ ଥିଲା ? ବୋଲି ମଧ୍ୟ କେତେକ ଭାବି ପାରନ୍ତି । ଏହାର ସମାଧାନ ହେଉଛି ! ଏହି କାହାଣୀକୁ ସମସ୍ତେ ବୁଝିବା ଆବଶ୍ୟକ । କାରଣ ! ଏହା ଏକ କଳ୍ପିତ କାହାଣୀ ନୁହେଁ, ଯଥାର୍ଥ କାହାଣୀ । କାହାଣୀରେ ଥିବା ଭୂପତି ପାତ୍ରଧାରୀ ଆଉ କେହି ନୁହେଁ ! ପ୍ରତ୍ୟକ୍ଷ ଭାବରେ ଥିବା ତୁ । ଭଡାଘର ହେଉଛି ତୁ ରହୁଥିବା ଶରୀର । ପତି ହେଉଛି ତୋ' ଶରୀରର ଅଧିପତି ଆତ୍ମା । ପରପତି ଆଉ କେହିନୁହେଁ ଆତ୍ମାଠାରୁ ଭିନ୍ନ ଏବଂ ଆତ୍ମାଠାରୁ ସ୍ୱତନ୍ତ୍ର ହୋଇଥିବା ପରମାତ୍ମା । ପତିର ଚାକରମାନେ ହେଉଛନ୍ତି ତୋ'ଶରୀରର ୨୪ ଗୋଟି ଅବୟବ । ପତିର ଚାକର ହୋଇ ମଧ୍ୟ ତା'ର ବିରୋଧି ହୋଇ ଭୂପତିକୁ ଅବାଟରେ ନେଉଥିବା ଚାରିଜଣ ଚାକରଙ୍କ ଭିତରୁ ତୁସୁ ହେଉଛି ଆମ ମନ, ତସୁ ହେଉଛି ଆମ ଅହଂ, ସଦି ହେଉଛି ବିଚାର କରୁଥିବା ଆମର ବୁଦ୍ଧି ଆଉ ଗିଦି ହେଉଛି ଆମ ଭିତରେ ନିର୍ଣ୍ଣୟ ନେଉଥିବା ଚିତ୍ତ । ଭୂପତି ଦେବାକୁ ଥିବା ଘରଭଡା ହେଉଛି ଆମେ ଖାଉଥିବା ଆହାର । ଭୂପତିର କରଜ ହେଉଛି ଜୀବାତ୍ମାର କର୍ମ । ବାକି ଶୁଝିବା ଅର୍ଥାତ୍ କର୍ମକୁ ନିର୍ମୂଳ କରିବା । କର୍ମକୁ ନଥିବାର କରିବା ହିଁ ପରମାତ୍ମାଙ୍କ ପାଖରୁ କରଜ ମୁକ୍ତ

ହେବା । ପତି, ପରପତିକୁ ଭୂପତି ଚିହ୍ନି ନପାରିବା ହେଉଛି ଜୀବାତ୍ମା ଅର୍ଥାତ୍ ଆମେ ଆତ୍ମା ଆଉ ପରମାତ୍ମାଙ୍କ ଜ୍ଞାନ ଜାଣି ନପାରିବା । ପତି ଭୂପତି ସହିତ ରହିବା ହେଉଛି ଆତ୍ମା ଜୀବାତ୍ମା ସହିତ ସର୍ବଦା ରହିବା ଏବଂ ଜୀବାତ୍ମାର କାର୍ଯ୍ୟ କରାଇବା । ପତିକୁ ଭଡାଦେବା ହେଉଛି ଆତ୍ମାକୁ ବ୍ରହ୍ମଯୋଗ, କର୍ମଯୋଗ ଦ୍ୱାରା ଆରାଧନା କରିବା । ପରପତିକୁ ସିଧା କରଜ ଶୁଝିବାର ଅର୍ଥ ପରମାତ୍ମାଙ୍କୁ ଭକ୍ତିଯୋଗ ଦ୍ୱାରା ପାଇବା । ଭକ୍ତିଯୋଗ ଦ୍ୱାରା ଶୀଘ୍ର କର୍ମ ବିନାଶ ହୋଇପାରେ ତେଣୁ ପରପତିକୁ ସିଧା କରଜ ଶୁଝିଲେ ଅର୍ଥାତ୍ ପରମାତ୍ମାକୁ ଭକ୍ତି କଲେ ଶୀଘ୍ର ମୁକ୍ତି ପାଇବା । ସୁକୃତିଦେବୀ ଆଉ କେହି ନୁହେଁ ଏଇ ପ୍ରକୃତି  ବୋଲି ଆମେ ଜାଣିବା ଦରକାର । ନିୟମ ହେଉଛି ଧର୍ମ । ଧର୍ମକୁ ଅତିକ୍ରମ କରି ମୋକ୍ଷ ଦେବା ଏକୈକ ପରମାତ୍ମାଙ୍କ ଦ୍ୱାରା ସାଧ ହୋଇଥାଏ ତେଣୁ ପରପତି ନିଜ ଇଚ୍ଛାରେ ରିହାତି ଘୋଷଣା କରିଥିଲା ବୋଲି କାହାଣୀରେ କୁହାଯାଇଛି । ପରମାତ୍ମା ପ୍ରକୃତି ଦ୍ୱାରା ସାରା ଜଗତକୁ ପରିଚାଳିତ କରିଥା'ନ୍ତି । ତେଣୁ ପରପତି ତାର ସ୍ତ୍ରୀ ଦ୍ୱାରା କରଜ ଦେଇଛି ବୋଲି କୁହାଯାଇଛି । ଏହିଭଳି ଏତେବଡ କାହାଣୀ ଆମରି ଶରୀରରେ ହିଁ ଘଟୁଛି, ଏହି କାହାଣୀ ସାଧାରଣ କାହାଣୀ ନୁହେଁ କର୍ମବିମୁକ୍ତର ଯଥାର୍ଥକୁ ଜଣାଉଥିବା ଯଥାର୍ଥ କାହାଣୀ । ଏହା ଦ୍ୱାରା ଆପଣ ଖୁବ୍‌ଶୀଘ୍ର ମୁକ୍ତିମାର୍ଗରେ ପରିଚାଳିତ ହୁଅନ୍ତୁ ବୋଲି ଆଶା କରୁଛୁ ।

| **କଳ୍ପିତ** | | **ଯଥାର୍ଥ** |
|---|---|---|
| ୧. ପତି | -- | ଜୀବାତ୍ମା |
| ୨. ପତି | -- | ଆତ୍ମା |
| ୩. ପରପତି | -- | ପରମାତ୍ମା |

| | | |
|---|---|---|
| ୪. ଘର | -- | ଶରୀର |
| ୫. ଭଡା | -- | ଆହାର |
| ୬. ଗ୍ଯକରମାନେ | -- | ଶରୀରାବୟବ |
| ୭. ତୁସୁ | -- | ମନ |
| ୮.ତସୁ | -- | ଅହଂ |
| ୯. ସଦି | -- | ବୁଦ୍ଧି |
| ୧୦. ଗିଦି | -- | ଚିତ୍ତ |
| ୧୧. କରଜ | -- | କର୍ମ |
| ୧୨. ବନ୍ଧାପଡିବା | -- | ସାଥିରେ ରହିବା |
| ୧୩. ପତିକୁ ଭୂଲିଯିବା | -- | ଆତ୍ମ ଜ୍ଞାନ ନଜାଣିବା |
| ୧୪. ପତିକୁ ଶୁଝିବା | -- | ବ୍ରହ୍ମ,କର୍ମଯୋଗ ଆଚରଣ |
| ୧୫. କରଜ ସମ୍ପୂର୍ଣ୍ଣ ଶୁଝିବା | -- | ମୋକ୍ଷ ପାଇବା |
| ୧୬. ସୁକୃତି ଦେବୀ | -- | ପ୍ରକୃତିଶକ୍ତି |
| ୧୭. ନିୟମ | -- | ଧର୍ମ |
| ୧୮. କରଜରେ ରିହାତି | -- | କର୍ମ କ୍ଷମା କରିବା |

*****

# ଶେଷମରଣ

ଜଣେ ମଣିଷ ବଞ୍ଚିଛି ଅର୍ଥାତ୍ ତା'ର ଶରୀର ଏକ ଯନ୍ତ୍ରଭଳି ନିଶ୍ଚୟ କାର୍ଯ୍ୟ କରୁଛି । ସେହି ଶରୀରଯନ୍ତ୍ରର କିଛି ଭାଗ ବାହାରକୁ ଦେଖାଯାଉଛି, ଆଉ କିଛିଭାଗ ଦେଖାଯାଉ ନାହିଁ । ୧୦ଭାଗ ବାହାରକୁ ଦେଖାଯାଉଥିବା ସ୍ଥଳେ, ଦେଖାଯାଉ ନଥିବା ୧୪ ଭାଗ ମଧ୍ୟ ଶରୀରରେ ଦେଖାନଯାଇ ରହିଛି । ଶରୀର ଯନ୍ତ୍ରଟି ବାହାରର ଲୁହାଖଣ୍ଡରେ ତିଆରି ନୁହେଁ । ଲୁହା-ଖଣ୍ଡରେ ତିଆରି ହୋଇଥିବା ଯନ୍ତ୍ରରେ ସମସ୍ତ ଭାଗ ଥିଲେ ମଧ୍ୟ ସେଥିରେ ଇନ୍ଧନ ଭାବରେ ତୈଳ (ତେଲ) ଦରକାର । ତୈଳ ଥିଲେ ମଧ୍ୟ ତାହା ଚଳାଇବା ପାଇଁ ଜଣେ ବ୍ୟକ୍ତି ଦରକାର । ତାହାକୁ ଆମେ ଚାଳକ ବୋଲି ଓଡିଆ ଭାଷାରେ, ଡ୍ରାଇଭର ବୋଲି ଇଂରାଜୀ ଭାଷାରେ କହୁଛେ । ଦେଖାଯାଉଥିବା କେତେକ ଭାଗ ମାଂସରେ ତିଆରି ଯନ୍ତ୍ରପାତି ସହିତ ଶରୀରଯନ୍ତ୍ରରେ ଇନ୍ଧନଭାବରେ ରକ୍ତ ପ୍ରବାହିତ ହୋଇଥାଏ । ତା'ଛଡା ସବୁଥାଇ ଶରୀରଯନ୍ତ୍ରଟି ଚଳାଇବା ପାଇଁ ଜଣେ ଚାଳକ ଦରକାର । ବାହାରର ଯନ୍ତ୍ରଟିକୁ ଚଳାଇବା ପାଇଁ ଜଣେ ମଣିଷ ଦରକାର ହେଉଥିବା ସ୍ଥଳେ,ଏଠାରେ ଶରୀରଯନ୍ତ୍ରଟିକୁ ମିଷ୍ଟର "×" ଚଳାଉଛି ବୋଲି ଭାବିବା । **ବାହାର ଯନ୍ତ୍ରଟିକୁ ଯିଏ ଚଳାଏ ତାକୁ ଆମେ ଯାନ୍ତ୍ରୀକ କହୁଛେ । ସେହିଭଳି ଶରୀର ରୂପୀ ଯନ୍ତ୍ରକୁ ଯିଏ ଚଳାଉଛି ତା'କୁ ଆମେ ମାନ୍ତ୍ରୀକ କହୁଛୁ ।** ଲୌହ ନିର୍ମିତ ଉପକରଣରେ ଖଞ୍ଜା ଯାଇଥିବା ଯନ୍ତ୍ରର ଚାଳକକୁ ଯାନ୍ତ୍ରୀକ କହିବା ବେଳେ, ମାଂସରେ ତିଆରି ଅବୟବ ଦ୍ୱାରା ଖଞ୍ଜା ଯାଇଥିବା ଶରୀରର ଚାଳକକୁ ମାନ୍ତ୍ରୀକ କହିହେବ । ପୂର୍ବେ ଏହିଭଳି ଯାନ୍ତ୍ରୀକ, ମାନ୍ତ୍ରୀକ ନାଆଁ ହିଁ ଥିଲା । ଏ ବାବଦରେ ଆଉ ଟିକିଏ ଆମ ଭାଷାରେ କହିଲେ ବାହାରେ ଦେଖାଯାଉଥିବା ଯନ୍ତ୍ରର ଚାଳକକୁ ଯାନ୍ତ୍ରୀକ କହି, ଶରୀର ଯନ୍ତ୍ରକୁ ଭିତରେ ଦେଖାନଯାଇ ଚଳାଉଥିବା ପାତ୍ରକୁ ଆମେ ମାନ୍ତ୍ରୀକ କହୁଛୁ ।

ଯାହା ଦେଖାନଯାଇ କାର୍ଯ୍ୟ କରୁଛି ତାହାକୁ ଆମେ ମନ୍ତ୍ର କହୁଛେ, ମନ୍ତ୍ରକୁ ଯିଏ କାର୍ଯ୍ୟକାରୀ କରାଉଛି ତା'କୁ ମାନ୍ତ୍ରୀକ କହୁଛେ । ଶରୀର ଭିତରେ ଆମକୁ ଦେଖାନଯାଇ ୧୪ ଗୋଟି ଅବୟବ ରହିଛି, ସେଗୁଡିକ ପ୍ରତ୍ୟେକ ଭିନ୍ନ ଭିନ୍ନ କାର୍ଯ୍ୟ କରିଥା'ନ୍ତି । ଏହି ସନ୍ଦର୍ଭରେ ଆମର ଆବଶ୍ୟକ ହେଉଥିବା ଏକ ଶରୀର ଭାଗ ହେଉଛି ମନ । **ମନନଶୀଳ ବା ମନନ କାର୍ଯ୍ୟ କରୁଥିବାରୁ ତା'କୁ ଆମେ ମନ କହୁଛୁ ।** ଶରୀରରେ ସମସ୍ତ ସ୍ମୃତିର କାରଣ ହେଉଛି ମନ । ମଣିଷ ଜୀବନରେ ମଧ୍ୟ ସବୁଠାରୁ ଶେଷରେ ବିନାଶ ହୋଇଥାଏ ମନ । ମରଣ ପୂର୍ବରୁ ଶରୀରରେ ଦେଖାଯାଉନଥିବା ଅନ୍ୟାନ୍ୟ ଭାଗଗୁଡିକ ବିନାଶ ହେବା ପରେ ଶେଷରେ ମନର ବିନାଶ ହୋଇଥାଏ । ଶରୀରର ମନ ବିନାଶ ହୋଇଯିବା ପରେ ଜୀବ ସେହି ଶରୀରକୁ ଛାଡି ଚାଲିଯାଇଥାଏ । ଏଠାରେ ଧ୍ୟାନ ଦେବାକୁ ହେବ ଯେ, ଶରୀରର ଅନ୍ୟାନ୍ୟ ୧୪ ଗୋଟି ସୂକ୍ଷ୍ମଭାଗର ବିନାଶ ହୁଏ ସିନା, ଜୀବର ବିନାଶ ହୋଇନଥାଏ । ଜୀବ ଅବିନାଶୀ ବୋଲି ମନେରଖିବା ଉଚିତ୍ । ମରଣରେ ଶରୀରର ବାହ୍ୟ ସ୍ଥୁଳ ଅବୟବ ୧୦ଗୋଟି ସହିତ ଭିତରେ ଥିବା ୧୪ଗୋଟି ସୂକ୍ଷ୍ମଭାଗ ସହିତ ଜୀବର ସଂପର୍କ ତୁଟିଯାଇଥାଏ । ମଣିଷ ବଞ୍ଚି ରହିଥିବା ବେଳେ, ତା'ର ସମସ୍ତ ଶରୀର ଭାଗ କାର୍ଯ୍ୟ କରୁଥିବା ବେଳେ, **ଶରୀରକୁ ପରିଚାଳିତ କରୁଥିବା ଡ୍ରାଇଭର୍ (ମାନ୍ତ୍ରୀକ) ଶରୀରର ଜୀବ ନୁହେଁ ବୋଲି ଜାଣିବା ଉଚିତ୍ । ଆଉ ଜାଣିବା ଉଚିତ୍ ଯେ, ଶରୀର ନାମକ ବାହାନରେ ଜୀବ କେବଳ ଜଣେ ଯାତ୍ରୀ ।**

ଜୀବ(ଜୀବାତ୍ମା) ନାମକ ଯାତ୍ରୀ ଯାତ୍ରା କରିବା ପାଇଁ ଶରୀର-ବାହାନ ନିର୍ମାଣ କରାଯାଇଛି । ବାହାନଟି ଚାଲୁଥିବା ପର୍ଯ୍ୟନ୍ତ ସେଥିରେ ଜୀବ ଯାତ୍ରା କରୁଥାଏ । ବାହାନଟି ନ ଚାଲିବା ସ୍ଥିତିକୁ ଆସିବା ବେଳେ, ତାହା ଚଳାଉଥିବା ଡ୍ରାଇଭର ଏହି ବାହାନଟି ଆଉ କାର୍ଯ୍ୟ କରୁନଥିବାରୁ ଜୀବକୁ ସାଥିରେ ନେଇ ଆଉଏକ ନୂଆବାହାନ ଚଢି ଚାଲିଯାଏ । ବାହାନଟି

ଉପଯୋଗୀ ନହେବା ବେଳେ ସେଥିରେ ଯାତ୍ରା କରୁଥିବା ଯାତ୍ରୀ ଏବଂ ସେହି ବାହାନର ଚାଳକ ମଧ୍ୟ ସେ ବାହାନରୁ ଓହ୍ଲାଇଯାଏ । ଏହିଭଳି ବାହାନଟି କାର୍ଯ୍ୟ ନକରିବା ବେଳେ ଉଭୟ ଯାତ୍ରୀ ଏବଂ ଡ୍ରାଇଭର ସେଥିରୁ ଓହ୍ଲାଇ ଆସନ୍ତି । ବାହାନ ଯେଉଁଭଳି ହେଲେ ମଧ୍ୟ ସେଥିରେ ଯାତ୍ରା କରୁଥିବା ଯାତ୍ରୀ ଜଣେ ଆଉ ଡ୍ରାଇଭର୍ ମଧ୍ୟ ଜଣେ ରହିଥାଏ । ବାହାନଟି ଏଭଳି ତିଆରି ହୋଇଥାଏ ଯେ, ସେଥିରେ ଜଣେ ମାତ୍ର ଯାତ୍ରୀ ବସିପାରେ ଏବଂ ତା'ପାଇଁ ସେହି ବାହାନର ଜଣେମାତ୍ର ଶାଶ୍ୱତ ଚାଳକ ରହିପାରେ । ଯେତେଗୋଟି ବାହାନ ଖରାପ ହେଉପଛେ ସେଥିରେ ଜଣେ ଯାତ୍ରୀ, ଜଣେ ଚାଳକ, ରାସ୍ତା ମଧ୍ୟ ଗୋଟିଏ ରହିଥାଏ ବୋଲି ମନେରଖିବାକୁ ହେବ । **ବାହାନ ଖରାପ ହୋଇ ନଚାଲିବା ସ୍ଥିତିକୁ ଆସିବାବେଳେ,ଅନ୍ୟଏକ ନୂଆବାହାନ ତିଆରିକରି ଯୋଗାଇ ଦେବାପାଇଁ ଅନ୍ୟ ଜଣେ ପାତ୍ର ମଧ୍ୟ ରହିଥାଏ, ସେ ହିଁ ସମସ୍ତ ବାହାନର ମାଲିକ** । ଯେତେଜଣ ଯାତ୍ରୀ ଥାଆନ୍ତୁ ନା କାହିଁକି, ନୂଆ ବାହାନଗୁଡିକ ଯୋଗାଇଦେବା କ୍ଷମତା ବାହାନଗୁଡିକ ତିଆରି କରୁଥିବା ପାତ୍ରର ରହିଥାଏ । ବାହାନଗୁଡିକ ଯିଏ ତିଆରି କରେ ସେ ସମସ୍ତ ବାହାନରେ ଜଣେ ବସିବା ଭଳି ଏକ ସିଟ୍ ଏବଂ ଚାଳକ ବସିବା ପାଇଁ ଏକ ସିଟ୍ ଥିବା ବାହାନ ତିଆରି କରିଥାଏ, ତା'ଛଡା ପ୍ରଥମ ବାହାନର ଯେତିକି ଯନ୍ତ୍ରପାତି ଥିଲା, ସେହି ନମୂନାରେ ବାହାନଗୁଡିକୁ ତିଆରିକରି ରଖିଥାଏ ।

ଗୋଟିଏ ବାହାନର ଯାତ୍ରା ବନ୍ଦ ହୋଇଗଲେ ସେଥିରୁ ଚାଳକ, ଯାତ୍ରୀ ଉଭୟ ଓହ୍ଲାଇ ଆଉ ଏକ ନୂଆ ବାହାନରେ ଯାତ୍ରା କରନ୍ତି । ଶରୀର ନାମକ ବାହାନରେ ଜୀବ ନିଜର ଜିନିଷ (ଲଗେଜ) ସହିତ ଯାତ୍ରାକରେ । ବାହାନକୁ ଚଳାଉଥିବା ଚାଳକକୁ ଆମେ ମିଷ୍ଟର "×" ଭାବିଥିଲେ । ସେହି ମିଷ୍ଟର "×" କିଏ ତାହା ପରେ ଦେଖିବା । ଯେତେ ନୂଆବାହାନ ଆସେ ସେଗୁଡିକୁ ଜଣେ ଦେଇଥାଏ, **ସେହି ବାହାନଗୁଡିକର ମାଲିକକୁ**

**ପରମାତ୍ମା ବା ଈଶ୍ୱର କୁହାଯାଏ । ଏବେ ତୋ'ର ଶରୀର ଏକ ବାହାନ ହେଲେ ତା'କୁ ଦେଇଛନ୍ତି ପରମାତ୍ମା । ତୋ'ଶରୀର ବାହାନରେ ଜୀବନଯାତ୍ରା ତୁ ହିଁ କରୁଛୁ ବୋଲି ଜାଣ୍ ।** ହେଲେ କେତେକୋଟି ବର୍ଷରୁ ତୋ'ର ଶାଶ୍ୱତ ଚାଳକ ହୋଇ (ପରମାନେଟ୍ ଡ୍ରାଇଭର୍), ତୋ'ଶରୀର ବାହାନରେ ତୋ'ସହିତ ରହି ତୋର ଶରୀରକୁ ଚଳାଉଥିବା ଚାଳକକୁ ତୁ କେବେ ମଧ୍ୟ ଦେଖିନାହୁଁ, ସେ କିଏ ବୋଲି ଅନେକଙ୍କୁ ଜଣା ନାହିଁ । ତା'କୁ ଏବେ ମଧ୍ୟ ଆମେ ମିଷ୍ଟର "×" ବୋଲି କହିବା । ଜୀବ ଯାତ୍ରା କରୁଥିବା ଶରୀର ବାହାନରେ ନିଜର ଲଗେଜ୍ ନେଇ ଯାତ୍ରା କରେ ବୋଲି ଜାଣିଥିଲେ । ଯେତେବେଳେ ବାହାନ ପୁରୁଣା ହୋଇଯାଏ ସେତେବେଳେ ଚାଳକ ସହିତ ଯାତ୍ରୀ ମଧ୍ୟ ବାହାନରୁ ଓହ୍ଲାଇ ନୂଆ ବାହାନରେ ଯାତ୍ରା କରେ, ସେତେବେଳେ ମଧ୍ୟ ସେ ତା'ର ଲଗେଜକୁ ନଛାଡି ପୁନର୍ବାର ଯାତ୍ରା କରୁଥିବା ନୂଆବାହାନରେ ଲଦିଥାଏ । ତା'ର ଏହି ଲଗେଜରେ କ'ଣ ଥାଏ ଯେ, ସେ ତାହା କାହିଁକି ଛାଡେ ନାହିଁ ବୋଲି ବିଚାରକଲେ, ସେଥିରେ ଅନେକ ପ୍ରକାରର କଞ୍ଚା, ପାଚିଲା ଫଳ ରହିଛି ବୋଲି ଜଣାଯାଏ । ଅହରହ ଚାଲିଥିବା ଯାତ୍ରାରେ ଜୀବ ସେହି ଫଳଗୁଡିକୁ ଖାଦ୍ୟ ରୂପରେ ବ୍ୟବହାର କରେ । ଏହିଭଳି ତା'ର ଲଗେଜ ବ୍ୟାଗ୍‌ରେ ଥିବା ଫଳ ଖାଇବାରେ ବ୍ୟାଗ୍‌ଟି ଖାଲି ହେଉଥାଏ, କିନ୍ତୁ ତାହା ଖାଲି ହେବାକୁ ନଦେଇ ଯାତ୍ରା କରୁଥିବା ରାସ୍ତାର କଡରେ ଥିବା ଫଳ ଗଛଗୁଡିକରୁ ଫଳଗୁଡିକୁ ତୋଳି ପୁଣି ସେହି ଲଗେଜବ୍ୟାଗ୍‌ରେ ସେ ରଖି ଦେଉଥାଏ । ଏହିଭଳି ରାସ୍ତାକଡରେ ଥିବା ଅନେକ ପ୍ରକାରର ଗଛରୁ ଜୀବ ଅନେକ ପ୍ରକାରର ଫଳ ତୋଳୁଥିବାରୁ ଯେତେଦୂର ଯାତ୍ରା କଲେ ମଧ୍ୟ ତା'ର ବ୍ୟାଗରୁ ଫଳ କେବେ ଖାଲି ହୋଇନଥାଏ । ବ୍ୟାଗ୍‌ରେ ଅନେକ କଞ୍ଚା, ପାଚିଲା ଫଳ ଥିବାରୁ ପାଚିଲା ଫଳଗୁଡିକ ସେ ପ୍ରଥମେ ଖାଇଦେଇଥାଏ । ଏହିଭଳି ସେ ଦିନକୁ ଚାରି ପାଞ୍ଚଗୋଟି ଫଳ ଖାଇଦିଏ ସିନା, ନଅ ଦଶଗୋଟି ନୂଆ

ଫଳକୁ ବ୍ୟାଗରେ ଆଣି ରଖିଥାଏ । କେବେ ୧୦ଗୋଟି ଫଳ ଖାଇଦିଏ; ତଥାପି ତା'ର ଫଳତୋଳା ବନ୍ଦ ହୋଇନଥାଏ । ତେଣୁ ସେ ଯେତିକି ଫଳ ଖାଉଥାଏ ସେତିକି ନୂଆଫଳ ଆଣି ଜମା କରୁଥାଏ । ଏମିତି ସବୁ ବାହାନରେ ଥିବା ସମସ୍ତ ଯାତ୍ରୀଙ୍କ ପାଖରେ ଫଳଭରା ବ୍ୟାଗ୍ ରହିଥାଏ, ଏସବୁ ଜୀବର ଯାତ୍ରା ବୋଲି ଆଗରୁ କହିଛୁ । ତେବେ ଏହି ଲଗେଜ ବ୍ୟାଗ୍ କଥା କଅଣ ବୋଲି ଅନେକଙ୍କଠାରେ ପ୍ରଶ୍ନ ଆସିବାବେଳେ ତାହା କର୍ମ ବୋଲି କହି ପାରିବା । ତାହା ହିଁ ଆମର କର୍ମମୁଣା । ଏହି ମୁଣା ବା ବ୍ୟାଗ୍‌ରେ ପାପ ପୁଣ୍ୟର ଅନେକ ଫଳ ରହିଥାଏ । ଆମେ ଏହି ପାପପୁଣ୍ୟ ନାମକ କର୍ମ ଭୋଗୁଥିବା (ଅନୁଭବ କରୁଥିବା) ସମୟରେ ପୁଣି ନୂଆ କର୍ମ ସୃଷ୍ଟି କରି ଏହି କର୍ମମୁଣାକୁ ପୂର୍ଣ୍ଣ କରି ଚାଲିଛେ ।

ଯେତେବେଳେ ଯାତ୍ରା ଚାଲିଛି ସେତେବେଳେ ସେ ଯାତ୍ରାର ଏକ ଲକ୍ଷ୍ୟ ନିଶ୍ଚୟ ରହିଛି । ହେଲେ ଆମେ ତ ଅହରହ ଯାତ୍ରା କରିଚାଲିଛେ ! ତେବେ ଆମର ଲକ୍ଷ୍ୟ କେଉଁଠି ? ବୋଲି ପ୍ରଶ୍ନକଲେ **ସେହି ଲକ୍ଷ୍ୟକୁ ମୋକ୍ଷ** ବୋଲି କହିପାରିବା । ଏହି ଲକ୍ଷ୍ୟରେ ପହଞ୍ଚିବାକୁ ହେଲେ ଏକ ନିୟମ ମାନିବାକୁ ହୁଏ । ତାହା ହେଉଛି ! ଯାତ୍ରୀ ପାଖରେ ଥିବା ଫଳମୁଣାଟି ଯେତେବେଳେ ଯେଉଁଠାରେ ଖାଲି ହୋଇଯିବ ସେଇଠାରେ ହିଁ ଯାତ୍ରୀର ଲକ୍ଷ୍ୟ ସଂପୂର୍ଣ୍ଣ ହେବ । ସେହି ନିୟମ ଅନୁସାରେ ଯାତ୍ରା ଆରମ୍ଭ କରିଥିବା ଜୀବ, ସେହି ନିୟମକୁ ଭୂଲିଯାଇ ନିଜ ବ୍ୟାଗ୍‌କୁ (କର୍ମ ଫଳକୁ) ପୁର୍ଣ୍ଣ କରିବାରେ ଲାଗିଛି । ଏମିତି ଖାଇଦେଉଥିବା ଫଳଠାରୁ ଜମା କରୁଥିବା ଫଳ ଅଧିକ ହୋଇ ତାହା ମଧ୍ୟ ସାଥିରେ ରହୁଛି । ଏହି ବିଷୟକୁ ଗୋଟାଏ ଗପ ଭଳି ନଭାବି ସେହି ଯାତ୍ରୀ ତୁ ନିଜେ ବୋଲି ଭାବ୍, ସେହି ବାହାନଟି ତୋ'ର ଶରୀର ବୋଲି ଭାବ୍ । **ଲଗେଜ ବ୍ୟାଗ୍ ହିଁ ତୋ'ର କର୍ମ ବୋଲି ଭାବ୍, ସେହି ବ୍ୟାଗରେ ତୋ'ର ପାପପୁଣ୍ୟ ରହିଛି ବୋଲି ଜାଣ୍ ।** ତୁ କେତେ ଅନୁଭବ କଲେ ମଧ୍ୟ କିଛି ଲାଭ ନାହିଁ ତୋ'ପଖରେ ତୋର

କର୍ମଫଳ ଆହୁରି ଅନେକ ରହିଛି । ଏବେ ତୋ'ର ମୁଖ୍ୟ ଲକ୍ଷ୍ୟ କ'ଣ ବୋଧହୁଏ ତୁ ବୁଝିସାରିବୁଣି ।

ଯାତ୍ରା ଆଉ ଯାତ୍ରୀ ବିଷୟରୁ ଜଣାଯାଉଛି ଯେ, ଜୀବ କାହିଁ କେତେକୋଟି ବର୍ଷରୁ ଜୀବନକୁ ନାନା ପ୍ରକାରର ଶରୀରରେ ଅନୁଭବ କରିଆସୁଛି । ମରଣରେ କେହି କୁଆଡେ ଯିବାର ପ୍ରଶ୍ନ ନାହିଁ । ମରଣରେ ଶରୀରର ବିନାଶ ହୋଇଯାଏ ସିନା, ଜୀବର ବିନାଶ ହୋଇନଥାଏ । ମରଣରେ କେବଳ ଶରୀରର ବିନାଶ ହୋଇଥାଏ । ମରଣ କାରଣରୁ ଜୀବର ପୁରୁଣା ଶରୀର ନଷ୍ଟ ହୋଇ ନୂଆଶରୀର ମିଳିଥାଏ । ସେଥିଲାଗି ଜୀବ ମରୁନାହିଁ କି ଜନ୍ମ ହେଉନାହିଁ ବୋଲି କହିପାରିବା । ମୃତ୍ୟୁବରଣ କରିଥାଏ ଶରୀର ଏବଂ ଜନ୍ମ ମଧ୍ୟ ହୋଇଥାଏ ଶରୀର । ଜୀବ ପୁରୁଣା ବସ୍ତ୍ର ଛାଡି ନୂଆ ବସ୍ତ୍ର ପିନ୍ଧିବା ଭଳି ପୁରୁଣା ଶରୀର ଛାଡି ନୂଆ ଶରୀର ଧାରଣ କରିଥାଏ । ପୁରୁଣା ଶରୀରବାହନ ଅଚଳ ହୋଇଗଲେ ମରଣ ଏବଂ ନୂଆ ଶରୀରବାହାନ ମିଳିଲେ ଜନ୍ମ କୁହାଯାଏ । ମରଣରେ ହେଉ କି ଜନ୍ମରେ ହେଉ ଶରୀର ବାହାନରେ ରହିଥିବା ଜୀବ କିମ୍ବା ଶରୀର ବାହାନକୁ ଚଳାଉଥିବା ଚାଳକ କେବେ ବଦଳି ନଥା'ନ୍ତି । ମରଣରେ ସ୍ମୃତିର ଖଣି ହୋଇଥିବା ମନ ବିନାଶ ହୋଇଯିବା ଦ୍ୱାରା ଗତ ଜନ୍ମର ଶରୀରରେ ଥିବା ସ୍ମୃତି ଗତଜନ୍ମର ଶରୀର ସହିତ ବିନାଶ ହୋଇଯାଏ । ସେଥିଲାଗି ପୁରୁଣା ଶରୀରର କୌଣସି ସ୍ମୃତିକୁ ମନେ ପକାଇବା ପାଇଁ ଗତ ଜନ୍ମର ମନ ନଥିବାରୁ ଜୀବର ଏ ଜନ୍ମରେ ଗତଜନ୍ମ କଥା କିଛି ମନେପଡେ ନାହିଁ । ମିଳିଥିବା ନୂଆଶରୀରର ନୂଆ ମନରେ ଆସୁଥିବା ବିଷୟ ହିଁ ଜୀବ ଜାଣି ପାରିଥାଏ । ଗତଜନ୍ମରେ ସେ କ'ଣ କରିଥିଲା ତା'ର କିଛି ମନେପଡେ ନାହିଁ । ଆମର ଶରୀରଭାଗଗୁଡିଏ ଥିବା ଭଳି ଆମେ ଭାବିଥିବା ଶରୀର ଚାଳକ ମିଷ୍ଟର "×" ର କୌଣସି ଅବୟବ ନଥାଏ, ସେ ସ୍ୱତନ୍ତ୍ର ହୋଇଥିବାରୁ ଶରୀରରେ ଘଟୁଥିବା ସମସ୍ତଘଟଣା ତାର

ମନେଥାଏ, ସବୁକିଛି ମନେଥିଲେ ମଧ୍ୟ ସେ ବାବଦରେ ସେ ଜୀବକୁ କିଛି ମଧ୍ୟ କହିନଥାଏ । କେବଳ ଶରୀର ବାହାନକୁ ଚଳାଇବା ତା'ର କାର୍ଯ୍ୟ, ସେହିଁ ମିଷ୍ଟର "×" ଭାବରେ ଜୀବକୁ ଜଣାନପଡି ରହିଥାଏ । (**ସୂଚନା**)- ଗତଜନ୍ମର ବିବରଣ ଜାଣିନହେବା ଦ୍ୱାରା, ତାହାକୁ ପ୍ରତ୍ୟକ୍ଷ ପ୍ରମାଣ ଭାବରେ କିମ୍ବା ଶାସ୍ତ୍ରବଦ୍ଧ ଭାବରେ କେହି ନକହିବା ଦ୍ୱାରା, ଭୂପୃଷ୍ଠରେ ମଣିଷ ସଂପୂର୍ଣ୍ଣ ଅଜ୍ଞାନ ବଶୀଭୂତ ହୋଇ ଜୀବମ୍ରାର ଆଉ ଜନ୍ମ ନାହିଁ ବୋଲି ଦୃଢନିଶ୍ଚୟ ହୋଇଯିବା ଦୁର୍ଯୋଗ ରହିଛି । ଆଜି ନୂଆ ଜନ୍ମ ହୋଇଥିବା ମତଗୁଡିକରେ ମଧ୍ୟ ମଣିଷ ମୃତ୍ୟୁବରଣ କରିବା ପରେ ଆଉ ଜନ୍ମ ହୁଏ ନାହିଁ ବୋଲି କହୁଛନ୍ତି । ତା'ଛଡା ହିନ୍ଦୁମତର ହେତୁବାଦୀମାନେ, ନାସ୍ତିକମାନେ ମଧ୍ୟ ପୂନର୍ଜନ୍ମ ଅବାସ୍ତବ ବୋଲି କହୁଛନ୍ତି । ତେଣୁ ଭୂପୃଷ୍ଠରେ ପୂନର୍ଜନ୍ମ ନାହିଁ ବୋଲି ମଣିଷ ବିଶ୍ୱାସ କରିବାର ପରିସ୍ଥିତି ନଆସୁ ସେଥିପାଇଁ କୌଣସି ଏକ ସମୟରେ, କୌଣସି ଏକ ସ୍ଥାନରେ ଆମ ଶରୀରରେ ରହୁଥିବା ମିଷ୍ଟର "×" କୌଣସି ଏକ ବାଳକ କିମ୍ବା ବାଳିକା ଶରୀର ୩ ରୁ ୬ ବର୍ଷ ହେବା ଭିତରେ ଗତ ର୍ଜନ୍ମର କେଇଗୋଟି ସ୍ମୃତିକୁ ଆଣି ଜୀବକୁ ଜଣାଇଥାଏ । ସେତେବେଳେ ସେହି ବାଳକ କିମ୍ବା ବାଳିକା ତାକୁ ଭିତରୁ ଜଣାପଡୁଥିବା ବିଷୟକୁ ତୁଣ୍ଡ ଦ୍ୱାରା ବାହାରକୁ କହିଥାଏ । ଏଭଳି ଘଟଣା ଗୋଟିଏଦୁଇଟି ନୁହେଁ, ଅନେକ ଘଟୁଥିବା ଜଣାଯାଏ । ଏଭଳି ପୂନର୍ଜନ୍ମରେ ଗତ ଜନ୍ମର ଘଟଣା ମାତ୍ର ଏକ ବର୍ଷ ଭିତରେ ହିଁ ବହିର୍ଗତ ହୋଇଥାଏ । ତା'ପରେ ଆଉ କିଛି ମନେପଡେ ନାହିଁ । ବାସ୍ତବରେ ସେହିସ୍ମୃତି ସ୍ମୃତି ନୁହେଁ । ଶରୀରକୁ ଚଳାଉଥିବା ମିଷ୍ଟର "×" ଯେଉଁପର୍ଯ୍ୟନ୍ତ କହିଥାଏ ସେହି ଶରୀରରୁ ସେତିକିବେଳ ପର୍ଯ୍ୟନ୍ତ ଗତଜନ୍ମ କଥା ବାହାରିଥାଏ, ସେ ଯେତେବେଳେ କହିବା ବନ୍ଦ କରିଦିଏ ସେତେବେଳେ ଗତଜନ୍ମ ରହସ୍ୟ କହୁଥିବା ସେହି ବାଳକ କିମ୍ବା ବାଳିକା ଆଉ କିଛି କହିପାରନ୍ତି ନାହିଁ । ଏହି ରହସ୍ୟ ଜାଣିନଥିବା ହେତୁବାଦୀ, ନାସ୍ତିକବାଦୀମାନେ ସେହି ପିଲାମାନଙ୍କୁ

କୌଣସି ରୋଗ ହୋଇଛି ବୋଲି କହିଥା'ନ୍ତି । ଏବାବଦରେ ଆମ ରଚନାର **ପୂନର୍ଜନ୍ମ ରହସ୍ୟ** ନାମକ ଗ୍ରନ୍ଥରେ ବିପୁଳ ଭାବରେ ରହିଛି । (ଏହି ଗ୍ରନ୍ଥର ରଚନା ପୂର୍ବରୁ ପୁନର୍ଜନ୍ମ ରହସ୍ୟ ରଚନା ହୋଇନଥିଲା । ତାହା ରଚନା ହେବ, ତା'ର ନାଆଁ ପୂନର୍ଜନ୍ମସ୍ମୃତି ହେବ ବୋଲି ଏଇଠାରେ ଶ୍ରୀଶ୍ରୀଶ୍ରୀ ପ୍ରବୋଧାନନ୍ଦ ଯୋଗୀଶ୍ୱର ସୂଚନା ଦେଇଥିଲେ)

ଜୀବ ଯେତେଗୋଟି ଶରୀର ଧାରଣ କଲେ ମଧ୍ୟ, ତା'ର କୌଣସି ଶରୀରର ଗତକଥାକୁ କହିପାରେ ନାହିଁ । ସେଥିଲାଗି ମୁଁ ଏବେ ଏହି ଜନ୍ମରେ ଜନ୍ମହେଲି ବୋଲି ଭାବିଥାଏ । ଗତଜନ୍ମର ସ୍ମୃତି ନଥିବା କାରଣରୁ ମୁଁ ଆଉ କେବେ ଏହାପୂର୍ବରୁ ଭୂପୃଷ୍ଠରେ ଜନ୍ମହୋଇ ନଥିଲି ବୋଲି ଭାବିଥାଏ । **ବାସ୍ତବରେ କେତେ ଥର ଜନ୍ମ ହୋଇଥିଲା, ଭବିଷ୍ୟତ କାଳରେ ମଧ୍ୟ ଆହୁରି କେତେ ଥର ଜନ୍ମ ହେବ ନଜାଣି କେବଳ ଏଇ ଜନ୍ମରେ ମୁଁ ଜନ୍ମ ହୋଇଛି ଭାବୁଥିବା ମଣିଷ ଏବେକାର ଜୀବନ ବ୍ୟତୀତ ପୂର୍ବାପରକୁ ନଜାଣି ପରମେଶ୍ୱର ମୋତେ ଏବେ ହିଁ ଜନ୍ମ ଦେଇଛନ୍ତି ବୋଲି ଭାବିଥାଏ କିମ୍ବା ମୋତେ କେଉଁ ପରମେଶ୍ୱର ଜନ୍ମଦେଇ ନାହାନ୍ତି ମୁଁ ହିଁ ଜନ୍ମ ହୋଇଛି ବୋଲି ଭାବିଥାଏ ।** ଏହି ଭାବ କେବଳ ହିନ୍ଦୁମତ ବ୍ୟତୀତ ଅନ୍ୟମତଗୁଡିକରେ ମଧ୍ୟ ରହିଛି । ହିନ୍ଦୁମତର ଭଗବଦ୍ଗୀତା ବାଣୀ ଅନୁସାରେ ମଣିଷର ଅନେକ ବିତିଯାଇଥିବା ଜନ୍ମ ରହିଛି ଆଉ ସେ ମୋକ୍ଷ ପାଇବା ପର୍ଯ୍ୟନ୍ତ ଅନେକ ଜନ୍ମ ନେବାକୁ ହେବ ବୋଲି ଜଣାଯାଏ । ଅନ୍ୟଏକ ମତରେ ମଣିଷ ମୃତ୍ୟୁବରଣ କରିବା ପରେ ଅନେକ ବର୍ଷ ଉତ୍ତାରେ ପରମେଶ୍ୱର ପୁନର୍ବାର ଏହି ଶରୀରରେ ଜୀବକୁ ପୁନର୍ଜୀବିତ କରି, ତା'ର ପାପ ପୁଣ୍ୟକୁ ହିସାବ କରି ହିସାବ ଅନୁସାରେ ଦଣ୍ଡ ଦେଇଥା'ନ୍ତି ବୋଲି କୁହାଯାଏ । ଏହା ବାସ୍ତବ କି ବୋଲି ବିଚାର କଲେ, ବାସ୍ତବ ନୁହେଁ, ଅଶାସ୍ତ୍ରୀୟ ବୋଲି ସ୍ପଷ୍ଟ ଜଣାପଡିଥାଏ । ଏଭଳି କଥାସବୁ ହିନ୍ଦୁମତର ପୁରାଣଗୁଡିକରେ ମଧ୍ୟ ରହିଛି । ଯେପରି ହିସାବ

କଲେ ମଧ୍ୟ ପୁରାଣଗୁଡିକରେ ଶାସ୍ତ୍ରୀୟତା (ସତ୍ୟ) ନାହିଁ, ହେଲେ ଗୀତା ସଂପୂର୍ଣ୍ଣ ଶାସ୍ତ୍ରବଦ୍ଧ । ଗୀତାରେ ଥିବା ବାଣୀ ସର୍ବଦା ଶାସ୍ତ୍ରୀୟତାର ସହିତ ରହିଥାଏ, ସର୍ବକାଳରେ ପ୍ରମାଣିତ ହୋଇଥାଏ ।

ଭଗବଦ୍ଗୀତାର ଜ୍ଞାନ ଯେଉଁମାନେ ଜାଣିଥା'ନ୍ତି ସେମାନେ ସେମାନଙ୍କର ଅନେକ ଜନ୍ମ ବିତିଯାଇଛି ବୋଲି ବିଶ୍ୱାସ କରି, ଆଗତ ଜନ୍ମଗୁଡିକରୁ ମୁକ୍ତି ପାଇବା ପାଇଁ ବ୍ୟାକୁଳ ହୋଇ ଏବେଠାରୁ ସେମାନଙ୍କର ପ୍ରୟାସ ଆରମ୍ଭ କରିଦେଇଥା'ନ୍ତି । କିନ୍ତୁ ଏହିଭଳି ଉଦ୍ଦ୍ୟେଶ୍ୟ ରଖିଥିବା ଅନେକ ଭକ୍ତମାନଙ୍କୁ ଉପଯୁକ୍ତ ଜ୍ଞାନ ନମିଳି, ସେମାନେ ସେମାନଙ୍କର କର୍ମମୁଣା ବାବଦରେ ନ ଜାଣି ମଧ୍ୟ ମୋକ୍ଷ ଚେଷ୍ଟାରେ ଲାଗିପଡିଛନ୍ତି । ଆମ ପାଖରେ କର୍ମ ଥିବା ପର୍ଯ୍ୟନ୍ତ  ଶରୀର ବାହାନର ଚାଳକ ମାନ୍ତ୍ରୀକ ବା ମିଷ୍ଟର "×" ବାରମ୍ବାର ନୂତନ ବାହାନ ଭିତରକୁ ବଳପୂର୍ବକ ଭିଡି ନେଉଥିବ । ଯେତେବେଳେ ଆମର କର୍ମଗୁଡିକ ସଂପୂର୍ଣ୍ଣ ବିନାଶ ହେବ ସେତେବେଳେ ହିଁ ଆମକୁ ମୁକ୍ତି ମିଳିବ । କାରଣ ! କର୍ମଲଗେଜ୍ ଆମ ପାଖରେ ଥିବା ପର୍ଯ୍ୟନ୍ତ ନିୟମ ଅନୁସାରେ ମିଷ୍ଟର "×" ଆମକୁ ଛାଡିବ ନାହିଁ । ଏହା ପରମେଶ୍ୱରଙ୍କ ଆଦେଶ ଅର୍ଥାତ୍ ଦୈବିଶାସନ ଭାବି ମିଷ୍ଟର "×" ତା'ର କାର୍ଯ୍ୟ କରିଚାଲିଛି । ଯେଉଁଠାରେ କର୍ମଥିବା ଜୀବ ରହିଥିବ ସେଠାରେ ନିଶ୍ଚୟ ମିଷ୍ଟର "×" ସେ ଜୀବର ଚାଳକ ଭାବରେ କାର୍ଯ୍ୟ କରୁଥିବ । ଏହିଭଳି ପ୍ରତ୍ୟେକ ଜୀବର ଏକ ଶରୀର ଆଉ ଜଣେ ଚାଳକ ରହିଥାଏ ।

ଭୂପୃଷ୍ଠରେ କେତେକ ବ୍ୟକ୍ତି ସେମାନଙ୍କର ମୋକ୍ଷ ହୋଇଯାଉ ବୋଲି ନାନା ମାର୍ଗରେ ନାନାଚେଷ୍ଟା ଜାରି ରଖିଥା'ନ୍ତି ।  ଯିଏ ଯେଉଁମାର୍ଗ ଅବଲମ୍ବନ କଲେ ମଧ୍ୟ କର୍ମ ବିଷୟ ନଜାଣିବା ପର୍ଯ୍ୟନ୍ତ, ଶରୀରର ଚାଳକ ବାବଦରେ ନଜାଣିବା ପର୍ଯ୍ୟନ୍ତ କେହି ମଧ୍ୟ ମୋକ୍ଷ ପାଇ ପାରିବେ ନାହିଁ । ଆମ ପାଖରେ କର୍ମମୁଣା ଥିବା ପର୍ଯ୍ୟନ୍ତ ଶରୀର ବାହାନର ଚାଳକ ଆମକୁ

ଛାଡିବ ନାହିଁ ବୋଲି ଜାଣି ନଥିବା ଲୋକମାନେ ଶରୀର ଭିତରର ଧ୍ୟାନ ଛାଡି, ବାହ୍ୟ ଭକ୍ତିରେ ପଡି ନାନା ଉପାୟ ଅବଲମ୍ବନ କରନ୍ତି । ମୋକ୍ଷ ପାଇଁ ନାନାଯଜ୍ଞ କରୁଥିବା ଲୋକମାନେ, ଧନସମ୍ପତ୍ତି ଦାନ ଦେଉଥିବା ଲୋକମାନେ, ନିତ୍ୟ ବେଦପଠନ କରୁଥିବା ଲୋକମାନେ ଏବଂ ତପସ୍ୟା କରୁଥିବା ଲୋକମାନେ ଅନେକ ରହିଛନ୍ତି । କେତେକ ଏଭଳି କାର୍ଯ୍ୟମାନ କରାଉଥିବା ଲୋକମାନେ ଆମେ ଏଭଳି କଲେ ମୋକ୍ଷ ପାଇଯିବୁ ବୋଲି ମଧ୍ୟ ଭାବୁଛନ୍ତି । ଏହିଭଳି ଚାରି ପ୍ରକାରର ମାର୍ଗକୁ ଆଶ୍ରୟ କରୁଥିବା ଭକ୍ତମାନେ କେବେ ମଧ୍ୟ ମୋକ୍ଷ ପାଇପାରିବେ ନାହିଁ ବୋଲି ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଭଗବାନ ୪୮ ଏବଂ ୫୩ତମ ଶ୍ଳୋକରେ କହିଛନ୍ତି ବୋଲି ଜାଣିନପାରି ପ୍ରକୃତମାର୍ଗରେ ଗତି କରିପାରୁ ନାହାନ୍ତି । ଭଗବାନ ଭଗବଦ୍ଗୀତାରେ ଶରୀରସୀମା ବାବଦରେ କହିଛନ୍ତି । ଶରୀର ଭିତରକୁ ନଦେଖି, ନାନା ବାହ୍ୟ ଆରାଧନା କରି, ଶରୀର ଭିତରେ ଥିବା ପରିଚାଳକକୁ ନଚିହ୍ନି ଯେତେ ଚେଷ୍ଟା କଲେ ମଧ୍ୟ ମୋକ୍ଷ ମିଳିବାର ପ୍ରଶ୍ନ ନାହିଁ, ଏହା ଧୃବସତ୍ୟ । ଯେଉଁମାନଙ୍କୁ କର୍ମ ସିଦ୍ଧାନ୍ତ ଜଣା ନାହିଁ, ଶରୀରରେ ରହି ଆମ କର୍ମ ଅନୁସାରେ ଆମକୁ ଶକ୍ତି ଦେଇ ଚଳପ୍ରଚଳ କରାଇ ଦୁଃଖସୁଖକୁ ଅନୁଭବ କରାଉଥିବା ପାତ୍ରକୁ ଯେଉଁମାନେ ଜାଣିନାହାନ୍ତି ସେମାନେ କେତେ ବଡ ସ୍ୱାମିଜୀ ହୁଅନ୍ତୁ କି କେତେ ବଡ ପୀଠର ଅଧିପତି ହୁଅନ୍ତୁ ସେମାନଙ୍କୁ ଶରୀର ଗାଡିରେ ଚଢି ଯାତ୍ରା କରିବାକୁ ହିଁ ହେବ । ପରମେଶ୍ୱରଙ୍କ ହିସାବରେ କେତେବଡ ସ୍ୱାମିଜୀ ହେଉ କି ସାଧାରଣ ହେଉ, ଧନୀ ହେଉ କି ଦିନ ଦରିଦ୍ର ହେଉ ସମସ୍ତେ ସମାନ । **ଜ୍ଞାନ ପଥରେ ଚାଲୁଥିବା ସାଧାରଣ ବ୍ୟକ୍ତିର ମଧ୍ୟ ମୋକ୍ଷ ହୋଇଥାଏ, ଜ୍ଞାନ ପଥରେ ଚାଲୁନଥିବା ବଡ ସ୍ୱାମିଜୀ ମଧ୍ୟ ମୋକ୍ଷ ପାଇପାରେ ନାହିଁ ।** ଯନ୍ତ୍ରକୁ ବା ବାହାନକୁ ଚଳାଉଥିବା ଶରୀର ଚାଳକଟିଏ ଥିବା ଭଳି, ଶରୀର ବାହାନକୁ ଚଳାଉଥିବା ମାନ୍ତ୍ରୀକଟିଏ

ଅଛି ବୋଲି ଜାଣି, କର୍ମ ସମାପ୍ତ ନହେବା ପର୍ଯ୍ୟନ୍ତ ସେ ଆମକୁ ଛାଡିବ ନାହିଁବୋଲି ଦୃଢହୋଇ, କର୍ମମୁଣାର ଫଳ ଖାଇ,ସେଥିରେ ଆଉ ନୂଆ ଫଳ ନ ମିଶାଇ ତାହା ଖାଲି କରି ଯେଉଁଦିନ ମିଷ୍ଟର ×କୁ ଦେଇ ପାରିବୁ ସେହିଦିନ ତୋ'ର ମୋକ୍ଷ ହେବ । ସେତିକିବେଳେ ମୃତ୍ୟୁବରଣ କରିଥିବା ଜୀବର ମରଣ ଶେଷମରଣ ହୋଇପାରିବ, ତା'ନହୋଇ ତୁ ତୋ'ର ଅନ୍ତଃ ବିବରଣ ନ ଜାଣି, ଖାଲି ହୋଇଯାଇଥିବା କର୍ମମୁଣାଟି ମିଷ୍ଟର × କୁ ନଦେଲେ ତୋ'ର ଯେତେ ଥର ମରଣ ହେବ ତାହା ଶେଷମରଣ ହୋଇ ପାରିବ ନାହିଁ ।

ଏବେ ଶେଷମରଣ କ'ଣ ଜାଣିପାରିଲେ । କେତେକ ସ୍ୱାମିଜୀମାନେ ମୃତ୍ୟୁବରଣ କରିବାବେଳେ ଆମ ଗୁରୁଙ୍କର ମୋକ୍ଷ ହୋଇଗଲା ବୋଲି ଶିଷ୍ୟମାନେ କହିଥା'ନ୍ତି । ସେତେବେଳେ ମୃତ୍ୟୁବରଣ କରିଥିବା ସ୍ୱାମିଜୀର ମରଣ ଶେଷମରଣ ବୋଲି ଭାବି ପାରନ୍ତି । ଏଭଳି ଭାବିବା ସତ ହୋଇପାରେ କିମ୍ବା ମିଛ ହୋଇପାରେ । ଶେଷମରଣ ହୋଇନଥିବା ବ୍ୟକ୍ତିର ଶେଷମରଣ ହେଲା ବୋଲି ଆମେ ଭୂଲ୍ ବସତଃ ଭାବି ପାରିବା । ସେହିଭଳି ବାସ୍ତବରେ ମୋକ୍ଷ ପାଇଥିବା ବ୍ୟକ୍ତିର ମରଣକୁ ମଧ୍ୟ ଆମେ ଭୂଲ୍ ବଶତଃ ଶେଷମରଣ ନୁହେଁ କି ତାର ମୋକ୍ଷ ହୋଇ ନାହିଁ ବୋଲି ଭାବିପାରିବା । ଏହିଭଳି କାହାର ମରଣ କେଉଁଭଳି ମରଣ, କିଏ ମୋକ୍ଷ ପାଇଲା, କିଏ ମୋକ୍ଷ ପାଇଲା ନାହିଁ ସଠିକ ନିର୍ଣ୍ଣୟ ନେଇ ନପାରିବା ପରିସ୍ଥିତି ମଣିଷର ଆସିବ ବୋଲି ଜାଣିଥିବା ଭଗବାନ, ତାଙ୍କ ଭଗବଦ୍ଗୀତାରେ ଶେଷମରଣ ବାବଦରେ କହିବାକୁ ଯାଇ, ଅକ୍ଷରପରବ୍ରହ୍ମ ଯୋଗ ନାମକ ଅଧ୍ୟାୟର ୨୩ତମ ଶ୍ଲୋକଠାରୁ ଆରମ୍ଭକରି ୨୮ତମ ଶ୍ଲୋକ ପର୍ଯ୍ୟନ୍ତ କହିଛନ୍ତି, ସେଗୁଡିକ ମଧ୍ୟରୁ ସେ କହିଥିବା ପ୍ରଥମ ଶ୍ଲୋକଟିର ବିବରଣ (ବ୍ୟାଖ୍ୟାନ) କ'ଣ ରହିଛି ତା ଉପରେ ଟିକିଏ ନଜର ପକାଇବା ଏହି ସନ୍ଦର୍ଭରେ ଉଚିତ୍ ବୋଧ ହେଉଛି ।

**ଅଧ୍ୟାୟ- ୮, ଶ୍ଲୋକ - ୨୩ :**

**ଯତ୍ରକାଲେ ତ୍ୱନାବୃତ୍ତିଂ ମାବୃତ୍ତିଂ ଚୈବ ଯୋଗୀନଃ ।**

**ପ୍ରଯାତା ଯାନ୍ତି ତଂ କାଲମ୍ ବକ୍ଷ୍ୟାମି ଭରତର୍ଷଭ ॥**

ଅର୍ଥାତ୍ ଯୋଗୀମାନେ ଯେଉଁ କାଳରେ ମୃତ୍ୟୁବରଣ କଲେ ପୁଣି ଥରେ ଜନ୍ମ ହୁଅନ୍ତି, ଯେଉଁ କାଳରେ ମୃତ୍ୟୁବରଣ କଲେ ଆଉ ଜନ୍ମ ହୁଅନ୍ତି ନାହିଁ ସେହି କାଳ ବାବଦରେ କହୁଛି ଶୁଣ୍ ବୋଲି କହିଛନ୍ତି ।

ଏହାକୁ ଶାସ୍ତ୍ରବଦ୍ଧ ବିଷୟ ଭାବରେ ସମସ୍ତଙ୍କୁ ଗ୍ରହଣ କରିବାକୁ ହେବ । ଭଗବାନ କହିଥିବା କାଳକୁ ଜାଣିବା ପରେ ଆଉ ସନ୍ଦେହର ପ୍ରଶ୍ନ ରହିନଥାଏ । କୌଣସି ବ୍ୟକ୍ତିର ମରଣକୁ ଭଗବାନଙ୍କର ଏହି ସୂତ୍ର ଅନୁସାରେ ତୁଳନା କରି ଆମେ କହିପାରିବା ଯେ, ଅମୁକ ବ୍ୟକ୍ତି ମୋକ୍ଷ ପାଇଲା କି ଜନ୍ମକୁ ଗଲା । ଉପର ଶ୍ଲୋକରେ ଯୋଗୀନଃ ନାମକ ଶବ୍ଦକୁ ଭଗବାନ ବ୍ୟବହାର କରିଛନ୍ତି । ତେଣୁ ଯୋଗୀମାନଙ୍କ ଭିତରୁ କର୍ମ ବିନାଶ ହୋଇଥିବା ଯୋଗୀ କିଏ ? ଆଉ କର୍ମ ବଳକା ରହିଥିବା ଯୋଗୀ କିଏ ସହଜରେ ଜାଣି ହୋଇଯିବ । ଯେଉଁମାନେ ଯଜ୍ଞ କରନ୍ତି, ବେଦପଠନ କରନ୍ତି, ଦାନ ଦିଅନ୍ତି ଆଉ ତପସ୍ୟା କରନ୍ତି ସେମାନଙ୍କୁ କଦାପି ମୋକ୍ଷ ମିଳିବ ନାହିଁ ବୋଲି ଗୀତାର ମୋକ୍ଷସନ୍ୟାସ ଯୋଗର ୪୮, ୫୩ ତମ ଶ୍ଲୋକରେ ଭଗବାନ କହିଥିବାରୁ ତାହାକୁ ଶାସ୍ତ୍ରବଦ୍ଧ ଭାବରେ ଗ୍ରହଣ କରି ସେମାନଙ୍କର ଅନ୍ୟ ଜନ୍ମ ଅଛି ବୋଲି କହି ପାରିବା ସିନା, ସେମାନଙ୍କର ମୋକ୍ଷ ହେଲା ବୋଲି କହି ପାରିବା ନାହିଁ । ଯଜ୍ଞ, ବେଦପଠନ, ଦାନ, ତପସ୍ୟା କରୁଥିବା ଚାରିପ୍ରକାରର ଲୋକମାନଙ୍କ ବ୍ୟତୀତ ଯୋଗୀମାନଙ୍କ ଭିତରେ ମଧ୍ୟ ଯାହାର କର୍ମ ବିନାଶ ହୋଇ ନାହିଁ, ଯିଏ ଚାଳକକୁ ନଛାଡିଛି, ତା'ର ମରଣ ଶେଷମରଣ ନୁହେଁ । ଯାହାର ଶରୀରକୁ ଚଳାଉଥିବା ଡ୍ରାଇଭର ତା'କୁ ଛାଡି ଚାଲିଯାଏ, ଯାହାର କର୍ମ ସଂପୂର୍ଣ୍ଣ ବିନାଶ ହୋଇଯାଏ ସେହି

ଯୋଗୀର ମରଣ ଶେଷମରଣ ବୋଲି ଜାଣିବା ଉଚିତ୍ । ଶେଷମରଣ ପାଉଥିବା ଯୋଗୀମାନେ ମଧ୍ୟ କେଉଁ ସମୟରେ ମୃତ୍ୟୁବରଣ କରନ୍ତି ସେକଥା ଗୀତାର ଅକ୍ଷରପରବ୍ରହ୍ମ ଯୋଗର ୨୪ ତମ ଶ୍ଳୋକରେ ଭଗବାନ ଜଣାଇଛନ୍ତି । ତେଣୁ ସେହି ସମୟ ବାବଦରେ ଏଠାରେ ମୁଁ ଲେଖୁନାହିଁ । ଭଗବଦ୍ଗୀତା ପାଠକଲେ ଆମ ଚାଳକ ମିଷ୍ଟର "×" କିଏ ଆପଣ ନିଶ୍ଚୟ ଜାଣିପାରିବେ ବୋଲି ଜଣାଉଛୁ । ଆମେ ଅନେକଥର ଭଗବଦ୍ଗୀତା ପାଠକରିଛୁ, ଆପଣ କହୁଥିବା ଶେଷମରଣ ବାବଦରେ ଆଉ ଶରୀରକୁ ପରିଚାଳିତ କରୁଥିବା ଚାଳକ ବାବଦରେ କାହିଁ କେଉଁଠି ତ ଲେଖାନାହିଁ ! ବୋଲି କେତେକ ଭାବି ପାରନ୍ତି । ସେଥିପାଇଁ ଆମ ସମାଧାନ ହେଉଛି ! **ଆଧ୍ୟାତ୍ମିକ ସମାଜରେ ବିପ୍ଳବାତ୍ମକଭାବରେ ଚାଞ୍ଚଲ୍ୟ ସୃଷ୍ଟି କରିଥିବା ଆମ ରଚନାଗୁଡିକ ଭିତରୁ "ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା" ନାମକ ମହାଗ୍ରନ୍ଥ ପାଠକରନ୍ତୁ, ସବୁ ବିଷୟ ବୁଝିପାରିବେ ।**


**ଏକ ବିଷୟକୁ ସମର୍ଥନ କରିବା ପାଇଁ ଶାସ୍ତ୍ର ଯେତିକି ଆବଶ୍ୟକ**
**ସେହିଭଳି ଏକ ବିଷୟକୁ ଖଣ୍ଡନ କରିବା ପାଇଁ ମଧ୍ୟ ଶାସ୍ତ୍ର ସେତିକି ଆବଶ୍ୟକ ।**

*****

**ଅସତ୍ୟକୁ ହଜାରେ ଜଣ ସତ୍ୟ କହିଲେ ମଧ୍ୟ ତାହା ସତ୍ୟ ନୁହେଁ, ସତ୍ୟକୁ**
**ହଜାରେ ଜଣ ଅସତ୍ୟ କହିଲେ ମଧ୍ୟ ତାହା ଅସତ୍ୟ ନୁହେଁ**

*****

**ତୋର ମାତା କିଏ ତୋତେ ଜଣାପଡିଗଲେ ତୋର ପିତାଙ୍କୁ ଜାଣି ପାରିବୁ, ତୋର**
**ପିତା କିଏ ତୋତେ ଜଣାପଡିଗଲେ ତୋର ଲକ୍ଷ୍ୟ କଣ ଜାଣି ପାରିବୁ ।**



## ହିନ୍ଦୁ ରକ୍ଷଣ! ହିନ୍ଦୁ ଭକ୍ଷଣ!!
## ଯିଏ ଭଗବଦ୍ଗୀତା ପଢି ନାହିଁ ସେ ହିନ୍ଦୁ ରକ୍ଷକ?
## ଯେଉଁମାନେ ହିନ୍ଦୁ ଧର୍ମକୁ ଜାଣିନାହାନ୍ତି ସେମାନେ ହିନ୍ଦୁ ରକ୍ଷକ ?

ହିନ୍ଦୁମାନେ ଆଜି ନାନା ଜାତିରେ ବିଭାଜିତ ହୋଇ ଛୋଟ, ବଡ ଜାତିରେ ବା କୁଳରେ ବର୍ଣ୍ଣିତ ହୋଇଛନ୍ତି, ଏହା ଆଜି ସମସ୍ତେ ଜାଣିଥିବା ସତ୍ୟକଥା । ଈଶ୍ୱର ସମସ୍ତଙ୍କୁ ସମାନ ଭାବରେ ଜନ୍ମ କରାଇଥିବା ବେଳେ କିଛିଲୋକ ସେମାନଙ୍କର ସ୍ୱାର୍ଥବୁଦ୍ଧିରେ ହିନ୍ଦୁ (ଇନ୍ଦୁ) ସମାଜକୁ ଖଣ୍ଡ ଖଣ୍ଡକରି, ବଳହୀନ କରି ସେଇମାନେ ହିଁ ବଡ, ସେମାନେ ଯାହା କହୁଛନ୍ତି ତାହା ସମସ୍ତେ ଶୁଣି, ସେହି ଅନୁସାରେ କାର୍ଯ୍ୟ କରିବା ଉଚିତ୍ ବୋଲି କହୁଛନ୍ତି । ନାନା କୁଳ (ଜାତି) ଭାବରେ ଥିବା ହିନ୍ଦୁ ସମାଜରେ ସେମାନଙ୍କ କୁଳ ହିଁ ଉଚ୍ଚକୁଳ ବା ଅଗ୍ରକୁଳ (ବଡଜାତି) ବୋଲି କହିବା ବ୍ୟତୀତ, ଅନ୍ୟ କୁଳଗୁଡିକର ସେଇମାନେ ହିଁ ମାର୍ଗଦର୍ଶକ, ଗୁରୁ ବୋଲି କହୁଛନ୍ତି । ଭବିଷ୍ୟତରେ ଯେମିତି କେହି ସେମାନଙ୍କର ଅବରୋଧ ନହେବେ ସେଥିଲାଗି ଅନ୍ୟକୁଳଗୁଡିକୁ ଅଛୁତଜାତି କରିଦେଇ, ହିନ୍ଦୁଧର୍ମପାଇଁ ଘୋର ଅନ୍ୟାୟ କରିଛନ୍ତି । ସେତିକିରେ ରହିନଯାଇ ଆଜି ମଧ୍ୟ ଆମେ ହିନ୍ଦୁ ସମାଜର ରକ୍ଷକ ହୋଇ ରହିଛୁ ବୋଲି କହୁଥାଇ, ହିନ୍ଦୁ ସମାଜର ସର୍ବନାଶ କରି, ହିନ୍ଦୁ ସମାଜର ଲୋକମାନେ ଅନ୍ୟ ମତରେ ପ୍ରବେଶ କରିବାର ପ୍ରଥମ କାରକ ହେଉଛନ୍ତି । ସେଇଭଳି ଥିବା ଲୋକମାନେ ହିନ୍ଦୁସମାଜର କ୍ଷତିକାରକ ହୋଇ ରହିଥିଲେ ମଧ୍ୟ ଅନ୍ୟ ଜାତିର ଲୋକମାନେ ସେମାନଙ୍କ ପ୍ରକୃତ ସ୍ୱରୂପକୁ ନ ଜାଣି ସେମାନେ କହିବା ଅନୁସାରେ ଶୁଣୁଥିବାରୁ, ହିନ୍ଦୁ ସମାଜ ସଂପୂର୍ଣ୍ଣ ଅଜ୍ଞାନ ଦିଗରେ, ଅଧର୍ମ ବାଟରେ ଚାଲୁଛି । ପ୍ରଜାମାନେ ଦୈବଜ୍ଞାନ ଜାଣିବାରୁ ବଞ୍ଚିତ ରହିଯାଇ ସେମାନେ କହୁଥିବା କଥାକୁ ହିଁ ବାସ୍ତବ ଦୈବଜ୍ଞାନ ଭାବୁଛନ୍ତି ।

ଏହିଭଳି ସ୍ଥିତିରେ ଆଜି ତ୍ରୈତ ସିଦ୍ଧାନ୍ତର କର୍ତ୍ତାଭାବରେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ମହାଶୟ ଅଜ୍ଞାନ ଦିଗରେ ରହିଯାଇଥିବା ହିନ୍ଦୁ ସମାଜକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରାଇବା ପାଇଁ, ଭଗବଦ୍ଗୀତାର ପୁରୁଷୋତ୍ତମପ୍ରାପ୍ତିଯୋଗ ନାମକ ଅଧ୍ୟାୟରେ ବୋଧ କରାଯାଇଥିବା କ୍ଷର,

ଅକ୍ଷର, ପୁରୁଷୋତ୍ତମ ନାମକ ତିନି ପୁରୁଷଙ୍କ ବିଷୟକୁ 'ତ୍ରୈତ ସିଦ୍ଧାନ୍ତ' ନାଆଁରେ ପ୍ରତିପାଦନ କରି ଦୈବଜ୍ଞାନକୁ ସମସ୍ତେ ବୁଝିପାରିବା ଭଳି ଗ୍ରନ୍ଥରୂପରେ ଲେଖୁଛନ୍ତି, ବୋଧ ବି କରୁଛନ୍ତି, ତା'ଦ୍ୱାରା ଆଜି ଅନେକଲୋକ ଆମକୁ ବାସ୍ତବ ଜ୍ଞାନ ମିଳିଯାଇଛି ବୋଲି ଖୁସି ହେଉଛନ୍ତି । ଅଗ୍ରକୁଳ କୁହାଯାଉଥିବା କୁଳର ଲୋକମାନେ ମଧ୍ୟ ସେମାନଙ୍କ ଅଜ୍ଞାନ ଅନ୍ଧକାରକୁ ଦୂରକରି, ଆଜିଯାଏଁ ଆମକୁ ଜଣାପଡି ନଥିବା ଜ୍ଞାନ ଯୋଗୀଶ୍ୱରଙ୍କ ଦ୍ୱାରା ଜାଣିପାରିଛୁ କହି ଶିଷ୍ୟ ଭାବରେ ରହିଛନ୍ତି । ହେଲେ ଅଗ୍ରକୁଳର ମାତ୍ର କିଛିଲୋକ ଯୋଗୀଶ୍ୱର ଜଣାଉଥିବା ଜ୍ଞାନବିଷୟକୁ ଦେଖି, ଏହି ଜ୍ଞାନ ଦ୍ୱାରା ପ୍ରଜାମାନେ ଜ୍ଞାନଚୈତନ୍ୟ ପାଇ, ଜ୍ଞାନ ଜାଣି ନଥିବା ସେମାନଙ୍କୁ ସମ୍ମାନ ଦେବେନାହିଁ ବୋଲି ଭାବୁଛନ୍ତି ଆଉ ଏଭଳି ହେବା ଦ୍ୱାରା ସମାଜ ଉପରେ ସେମାନଙ୍କର ଆଧିପତ୍ୟ ରହିବ ନାହିଁ ବୋଲି ଯୋଗୀଶ୍ୱର ଜଣାଉଥିବା ତ୍ରୈତସିଦ୍ଧାନ୍ତ ହିନ୍ଦୁମାନଙ୍କର ନୁହେଁ, ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ମଧ୍ୟ କଦାପି ହିନ୍ଦୁମାନଙ୍କର ନୁହେଁ, ତାହା ଖ୍ରୀଷ୍ଟିଆନମାନଙ୍କର, ତାହା କେହି ପଢିବା ଉଚିତ୍ ନୁହେଁ ବୋଲି ପ୍ରଚାର କରିବା ଆରମ୍ଭ କଲେଣି । ତା'ଛଡା ସେମାନେ ନିଜକୁ ହିନ୍ଦୁଧର୍ମର ରକ୍ଷକ କହି କିଛି ରାଜକୀୟ ରଙ୍ଗ ବୋଲିହୋଇ, ଆମ ଜ୍ଞାନ ପ୍ରଚାର ହେବାରେ ଅନେକ ସ୍ଥାନରେ ଅବରୋଧ ହେଉଛନ୍ତି । ସେମାନଙ୍କ କଥା ଶୁଣୁଥିବା ଇତରକୁଳର ଲୋକମାନଙ୍କୁ ମଧ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର କହୁଥିବା ଜ୍ଞାନ ହିନ୍ଦୁଜ୍ଞାନ ନୁହେଁ, ତାହା ଖ୍ରୀଷ୍ଟଧର୍ମର ଜ୍ଞାନ, ସେମାନେ ହିନ୍ଦୁମାନଙ୍କ ବେଶରେ ପ୍ରଚାର କରୁଛନ୍ତି ବୋଲି କହୁଛନ୍ତି । ତା'ଛଡା ସେହି ନିମ୍ନକୁଳର ଲୋକମାନଙ୍କୁ ପ୍ରେରଣା ଦେଇ ଆମ ଜ୍ଞାନ ପ୍ରଚାରରେ ଅବରୋଧ ହେଉଛନ୍ତି ।

ଯୋଗୀଶ୍ୱର ସ୍ଥାପନ କରିଥିବା ହିନ୍ଦୁ (ଇନ୍ଦୁ) ଜ୍ଞାନ ବେଦୀକା ଏଭଳି ଲୋକମାନଙ୍କର ନାଟକୁ ଅନେକ ଦିନଧରି ଧୈର୍ଯ୍ୟର ସହିତ ସହିଆସିଛି । ଆମଠାରେ ଧୈର୍ଯ୍ୟର ସୀମା ଡେଇଁଯିବା ପରେ, ଆମକୁ ପରମତ ପ୍ରଚାରକ ବର୍ଣ୍ଣନା କରି କହୁଥିବା ଅଗ୍ରକୁଳ (ବଡଜାତି)ର ଲୋକମାନଙ୍କୁ, ସେମାନଙ୍କ

ଅନୁଚରମାନଙ୍କୁ ସମ୍ମୁଖୀନ କରି ପ୍ରଶ୍ନ କରିବାକୁ ପଡିଛି । ଆମେ ପଚାରିଥିବା କୌଣସି ଗୋଟିଏ ପ୍ରଶ୍ନର ମଧ୍ୟ ସଠିକ ସମାଧାନ ସେମାନେ କହିପାରି ନାହାନ୍ତି । ସେମାନଙ୍କ ଉତ୍ତର କେଉଁଭଳି ଥିଲା ତାହା ନିମ୍ନମତେ ଦେଉଛୁ ଆପଣମାନେ ଟିକିଏ ଦେଖନ୍ତୁ ।

**ଆମପ୍ରଶ୍ନ –** ଏପର୍ଯ୍ୟନ୍ତ ହିନ୍ଦୁମାନେ କରୁନଥିବା କାର୍ଯ୍ୟ କରିବା ପୂର୍ବକ ଆମେ ଗାଆଁ ଗାଆଁ, ଘର ଘର ବୁଲି ହିନ୍ଦୁଧର୍ମର ପ୍ରଚାର କରୁଛୁ, ଆପଣ ଆମକୁ ପରମତ ପ୍ରଚାରକ ବୋଲି କାହିଁକି କହୁଛନ୍ତି ?

**ସେମାନଙ୍କ ସମାଧାନ –** ହିନ୍ଦୁ ମତରେ (ହିନ୍ଦୁ ଧର୍ମରେ) ଅନେକ ସ୍ୱାମିଜୀ ଅଛନ୍ତି । ସେମାନେ କେହି ଘର ଘର ବୁଲି ପ୍ରଚାର କରନ୍ତି ନାହିଁ, ହିନ୍ଦୁମାନେ ଏମିତି କେବେ ବି ପ୍ରଚାର କରନ୍ତି ନାହିଁ, ସେଥିଲାଗି କହୁଛୁ ଆପଣ ହିନ୍ଦୁବେଶରେ ଘର ଘର ବୁଲି ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ।

**ଆମ ପ୍ରଶ୍ନ** – ଯଦି ଆମେ ଖ୍ରୀଷ୍ଟିଆନ ତେବେ ଭଗବଦ୍ଗୀତା କାହିଁକି ପ୍ରଚାର କରୁଛୁ ?

**ସେମାନଙ୍କ ସମାଧାନ** – ଆପଣମାନେ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତା ପଚାର କରୁଛନ୍ତି, ତାହା ଖ୍ରୀଷ୍ଟିଆନ ମାନଙ୍କର । ଆପଣମାନେ ବାଇବେଲ୍‌ର ଏଭଳି ନାଆଁ ଦେଇଛନ୍ତି ।

**ଆମ ପ୍ରଶ୍ନ –** ଖ୍ରୀଷ୍ଟିଆନମାନେ ନିଜକୁ ଖ୍ରୀଷ୍ଟିଆନ କହନ୍ତି, ସେମିତି ବାଇବେଲକୁ ବାଇବେଲ କହନ୍ତି । ସେମାନଙ୍କ ପ୍ରଚାର ଖ୍ରୀଷ୍ଟଧର୍ମ ଏବଂ ବାଇବେଲ ହୋଇଥିବା ବେଳେ ସେହି ନାଆଁରେ ପ୍ରଚାର କରିବେ ସିନା, ହିନ୍ଦୁ ବେଶରେ ଭଗବଦ୍ଗୀତା ନାଆଁରେ କାହିଁକି ପ୍ରଚାର କରିବେ ? ଏମିତି ଆଯିଯାଏ କେଉଁଠି ହୋଇନାହିଁ । ଯେଉଁ ଧର୍ମର ଲୋକେ ସେଇ ଧର୍ମର ପ୍ରଚାର କରିବେ ସିନା, ଅନ୍ୟ ଧର୍ମର ପ୍ରଚାର କାହିଁକି କରିବେ ? ଏତେକଥା କାହିଁକି ଆପଣ ଆମ ଭଗବଦ୍ଗୀତା ଖୋଲି ଦେଖିଛନ୍ତି ? ସେଥିରେ ଭଗବଦ୍ଗୀତା ଶ୍ଳୋକ ଅଛି କି ବାଇବେଲ୍ ବାକ୍ୟ ଅଛି ?

**ସେମାନଙ୍କ ସମାଧାନ** – ବାଇବେଲ ବାକ୍ୟ ନ ଥିଲେ କ'ଣହେଲା ତ୍ରୈତ ସିଦ୍ଧାନ୍ତ ବୋଲି ତ ଅଛି ! ତ୍ରୈତ କହିଲେ ତ୍ରୀତ୍ୱ ବା ଟ୍ରିନିଟି ବୋଲି ଆମକୁ ଭଲରେ ଜଣାଅଛି ।

**ଆମ ପ୍ରଶ୍ନ –** ହିନ୍ଦୁ ଧର୍ମରେ ଥିବା ଅଦ୍ୱୈତ ସିଦ୍ଧାନ୍ତକୁ ଆଦି ଶଙ୍କରାଚାର୍ଯ୍ୟ ପ୍ରତିପାଦନ କରିଥିଲେ । ବିଶିଷ୍ଟାଦ୍ୱୈତ ସିଦ୍ଧାନ୍ତକୁ ରାମାନୁଜାଚାର୍ଯ୍ୟ ପ୍ରତିପାଦନ କରିଥିଲେ, ଦ୍ୱୈତ ସିଦ୍ଧାନ୍ତକୁ ମଧ୍ୱାଚାର୍ଯ୍ୟ ପ୍ରକଟିତ କରିଥିଲେ । ଏବେ ଆଚାର୍ଯ୍ୟ ପ୍ରବୋଧାନନ୍ଦ ଯୋଗୀଶ୍ୱର ତ୍ରୈତ ସିଦ୍ଧାନ୍ତ ପ୍ରତିପାଦନ କରିଛନ୍ତି । ସିଦ୍ଧାନ୍ତକର୍ତ୍ତାମାନେ ଏବଂ ସେମାନଙ୍କ ସିଦ୍ଧାନ୍ତଗୁଡିକ ଅଲଗା ଅଲଗା ହେଲେ ମଧ୍ୟ ସେମାନେ ସମସ୍ତେ ହିନ୍ଦୁ ବୋଲି ଆପଣ କାହିଁକି ଭାବୁନାହାନ୍ତି ?

**ସେମାନଙ୍କ ସମାଧାନ** – ଆପଣଙ୍କ ତ୍ରୈତ ସିଦ୍ଧାନ୍ତ ଭଗବଦ୍ଗୀତାରେ ଯଜ୍ଞ କରିବା ଉଚିତ ନୁହେଁ ବୋଲି ଲେଖିଛନ୍ତି ! ବାସ୍ତବ ଭଗବଦ୍ଗୀତାରେ କ'ଣ ତାହା ଅଛି !

**ଆମ ପ୍ରଶ୍ନ** – ଆପଣ ହିନ୍ଦୁମାନଙ୍କ ଭିତରେ ମୁଖ୍ୟଲୋକ ଭାବରେ ରହି ଏମିତି ମୂର୍ଖଙ୍କ ଭଳି କିପରି କଥା କହୁଛନ୍ତି ? ସାରା ଦୁନିଆଁରେ ଭଗବଦ୍ଗୀତା ଗୋଟିଏ ! ତମ ଭଗବଦ୍ଗୀତା, ଆମ ଭଗବଦ୍ଗୀତା ହୋଇ ଭଗବଦ୍ଗୀତା ନାହିଁ । ଭଗବଦ୍ଗୀତାର ଭାଷ୍ୟ ଲେଖିବା ବେଳେ ଯିଏ ଯାହାର ଭାବର ଅନୁଗୁଣ ବିବରଣ ଲେଖିଥାଇ ପାରନ୍ତି, ହେଲେ ଭଗବଦ୍ଗୀତା ସମସ୍ତଙ୍କର ମୂଳଗ୍ରନ୍ଥ ବୋଲି ଗ୍ରହଣ କରନ୍ତୁ । ତ୍ରୈତସିଦ୍ଧାନ୍ତ ଭଗବଦ୍ଗୀତା ଅନ୍ୟମାନେ ଲେଖିଥିବା ଭଗବଦ୍ଗୀତାର ଭାବଠାରୁ ଉନ୍ନତ ଭାବର ସହିତ ଲେଖାଯାଇଛି ବୋଲି ଜ୍ଞାନୀମାନେ ତା'ର ଗୁଣଗାନ କରିବା ସହିତ ଆପଣଙ୍କ କୁଳର ଅନେକ ଲୋକମାନେ ମଧ୍ୟ ପ୍ରଶଂସା କରୁଛନ୍ତି । ଆପଣଙ୍କ ଭଳି ମାତ୍ର କିଛିଲୋକ ଏହାର ବିରୁଦ୍ଧ ହୋଇ ରହିଛନ୍ତି ବୋଲି ଲାଗୁଛି । ଯଜ୍ଞ କରନାହିଁ ବୋଲି ଆମେ କେଉଁଠି କହିନାହୁଁ । ଯଜ୍ଞ ଦ୍ୱାରା ପୁଣ୍ୟ ହୁଏ, ସ୍ୱର୍ଗ ମିଳିଥାଏ କହିଛୁ । ଯଜ୍ଞ ଦ୍ୱାରା ମୋକ୍ଷ ମିଳେ ନାହିଁ, ଈଶ୍ୱର ଜଣାପଡନ୍ତି ନାହିଁ କହିଛୁ । ଏତେକଥା କାହିଁକି ଆପଣ ଆପଣଙ୍କୁ ସ୍ୱଚ୍ଛ ହିନ୍ଦୁ ବୋଲି କହୁଛନ୍ତି ପରା ! ଭଗବଦ୍ଗୀତାରେ କୁହାଯାଇଥିବା ଗୋଟିଏ ହିନ୍ଦୁଧର୍ମକୁ କହନ୍ତୁ ।

**ସେମାନଙ୍କ ସମାଧାନ-** ଏତେକଥା ଆମର ଦରକାର ନାହିଁ... ଆପଣ ହିନ୍ଦୁ ନୁହନ୍ତି ।

**ଆମ ପ୍ରଶ୍ନ** – ମୁର୍ଖଙ୍କଭଳି କଥା କୁହନ୍ତୁ ନାହିଁ । ଆପଣ ଅଗ୍ରକୁଳର ବୋଲି ମନଇଚ୍ଛା ଯାହା ପାଇବେ ତାହା କହନ୍ତୁ ନାହିଁ । ଆମେ ହିନ୍ଦୁ ନୋହୁଁ ବୋଲି ଆପଣ ଗୋଟିଏ ପ୍ରମାଣ ଦେଇପାରିବେ ? ଆମକଥା ଛାଡନ୍ତୁ ! ଆପଣ ଯଦି ସ୍ୱଚ୍ଛ ହିନ୍ଦୁ ତେବେ ଭଗବଦ୍ଗୀତାର ବିଶ୍ୱରୂପ ସନ୍ଦର୍ଶନ ଯୋଗରେ ଥିବା ୪୮ ଏବଂ ୫୩ ତମ ଶ୍ଳୋକରେ ଭଗବାନ କ'ଣ କହିଛନ୍ତି ଆପଣ ହିଁ କହନ୍ତୁ ।

**ସେମାନଙ୍କ ସମାଧାନ** – ଆମେ ଏପର୍ଯ୍ୟନ୍ତ ବଭଗବଦ୍ଗୀତା କେବେ ପଢିନାହୁଁ । ଯଦି ଆପଣଙ୍କର ଏ ସମାଧାନ ଦରକାର ତେବେ ସଂପୂର୍ଣ୍ଣାନନ୍ଦସ୍ୱାମୀଙ୍କ ଦ୍ୱାରା କୁହାଇଦେଇ ପାରିବୁ ।

**ଆମପ୍ରଶ୍ନ –** ଅତି କମରେ ଭଗବଦ୍ଗୀତା ପଢିନଥିବା ଆପଣମାନେ ଯୋଗୀଶ୍ୱର ହୋଇଥିବା ପ୍ରବୋଧାନନ୍ଦ ସ୍ୱାମୀଙ୍କୁ ନିନ୍ଦା କରିବା କ'ଣ ଭଲ ? ଗୋଟିଏ ହିନ୍ଦୁଧର୍ମକୁ ମଧ୍ୟ ଜାଣି ନଥିବା ଆପଣମାନେ ଆମେ ହିନ୍ଦୁଧର୍ମର ରକ୍ଷକ ବୋଲି କିପରି କହୁଛନ୍ତି ? ଯୋଗୀଶ୍ୱର ଲେଖିଥିବା କୌଣସି ଗୋଟିଏ ଗ୍ରନ୍ଥ ମଧ୍ୟ ନପଢି ଆମଛଡା ପୁଜ୍ୟହୋଇ, ଗୁରୁହୋଇ ଆଉ କେହି ନରହନ୍ତୁ ବୋଲି ଘୃଣାର ସହିତ ଏମିତି କଥାବାର୍ତ୍ତା କଲେ ଈଶ୍ୱର ସହିବେ ନାହିଁ ।

**ସେମାନଙ୍କ ସମାଧାନ** – ଆମ ହିନ୍ଦୁଧର୍ମରେ ଅନେକ ଦେବତା ଅଛନ୍ତି । ଶିବ ଜଣେ ଦେବତା, ତାଙ୍କ ପୁଅ ଗଣେଶ ଜଣେ ଦେବତା, ରାମ ଜଣେ ଦେବତା ତାଙ୍କ ଭକ୍ତ ହନୁମାନ ମଧ୍ୟ ଜଣେ ଦେବତା ଏମିତି ଅନେକ ଦେବତା ଥିବା ବେଳେ, ହିନ୍ଦୁ ମତରେ କେବଳ ଜଣେ ଦୈବ ବା ଈଶ୍ୱର ଅଛନ୍ତି ବୋଲି ଆପଣଙ୍କର କହିବା କ'ଣ ଭୂଲ ନୁହେଁ ?

**ଆମ କଥା** – ଆମେ ଧର୍ମ (ମତ) ବାବଦରେ କହୁନାହୁଁ । ହିନ୍ଦୁମତରେ ନାନା ଦେବତା ଅଛନ୍ତି ସତକଥା, ହେଲେ ହିନ୍ଦୁଜ୍ଞାନରେ, ହିନ୍ଦୁଧର୍ମ ଅନୁସାରେ ସାରାବିଶ୍ୱର ଦୈବ ଜଣେ ଅଛନ୍ତି ବୋଲି କହୁଛୁ । ଭଗବଦ୍ଗୀତାରେ ଈଶ୍ୱର ଯାହା କହିଛନ୍ତି ସେଇକଥା କହୁଛୁ ସିନା

ଦେବତାମାନେ ହିଁ ନାହାନ୍ତି ବୋଲି କହୁନାହୁଁ ! ଦେବତାମାନଙ୍କର ଜଣେ ଅଧିପତି ଅଛି ସେ ହିଁ ଦେବାଧିଦେବ, ଈଶ୍ୱର ବା ପରମାତ୍ମା ତାଙ୍କରି ଉପାସନା କର ବୋଲି କହିଛୁ ।

**ସେମାନଙ୍କ ପ୍ରଶ୍ନ –** ଆପଣ ରାମଙ୍କ ନାଆଁ କହୁନାହାନ୍ତି, ଶିବଙ୍କ ନାଆଁ କହୁନାହାନ୍ତି କି ଗଣେଶଙ୍କ କଥା କହୁନାହାନ୍ତି । କାହା ନାଆଁ ନକହି ଈଶ୍ୱର, ସୃଷ୍ଟିକର୍ତ୍ତା ବୋଲି ଅନେକ ଥର କହିଛନ୍ତି । ଈଶ୍ୱର, ସୃଷ୍ଟିକର୍ତ୍ତା ଭଳି ଶବ୍ଦଗୁଡିକ ଖ୍ରୀଷ୍ଟିଆନମାନେ ବ୍ୟବହାର କରନ୍ତି ସିନା, ହିନ୍ଦୁମାନେ ବ୍ୟବହାର କରନ୍ତି ନାହିଁ, ସେଥିଲାଗି ଆପଣଙ୍କୁ, ଆପଣମାନଙ୍କୁ ଏମାନେ ହିନ୍ଦୁ ନୁହନ୍ତି ଖ୍ରୀଷ୍ଟିଆନ ବୋଲି କହୁଛୁ ।

**ଆମପ୍ରଶ୍ନ** – ଖ୍ରୀଷ୍ଟଧର୍ମ ଜନ୍ମ ହୋଇ ଦୁଇହଜାର ବର୍ଷ ବିତିଲାଣି । ସୃଷ୍ଟି କେବେଠାରୁ ହୋଇଛି ସେ ବାବଦରେ କେହି କହିପାରିବେ ନାହିଁ । ସୃଷ୍ଟି ଆରମ୍ଭରୁ ଈଶ୍ୱର, ସୃଷ୍ଟିକର୍ତ୍ତା ଇତ୍ୟାଦି ଶବ୍ଦକୁ ହିନ୍ଦୁମାନେ ହିଁ ବ୍ୟବହାର କରି ଆସୁଛନ୍ତି । ଆଜି ଈଶ୍ୱର, ସୃଷ୍ଟିକର୍ତ୍ତା ନାମକ ଶବ୍ଦ କ'ଣ ହିନ୍ଦୁମାନେ ଖ୍ରୀଷ୍ଟିଆନମାନଙ୍କୁ ଲିଜ୍ ଦେଇଦେଇଛନ୍ତି ? କି ପୁରା ବିକି ଦେଇଛନ୍ତି ? ସୃଷ୍ଟିକର୍ତ୍ତା, ଈଶ୍ୱର ନାମକ ଶବ୍ଦ ହିନ୍ଦୁମାନେ ବ୍ୟବହାର କରିବା ଉଚିତ୍ ନୁହେଁ ବୋଲି କେଉଁଠି ଲେଖାହୋଇଛି ?

**ସେମାନଙ୍କ ସମାଧାନ** – ଆପଣ ହିନ୍ଦୁଧର୍ମ ନୁହେଁ ଖ୍ରୀଷ୍ଟଧର୍ମ ପ୍ରଚାର କରୁଛନ୍ତି ବୋଲି କହିବାପାଇଁ ନିଜେ ନିଜକୁ ହିନ୍ଦୁ କହୁଛନ୍ତି । ନିଜକୁ ହିନ୍ଦୁ ମଧ୍ୟ ନ କହି ଇନ୍ଦୁ କହୁଛନ୍ତି । ହିନ୍ଦୁଧର୍ମକୁ ଇନ୍ଦୁଧର୍ମ କହିବା ଦ୍ୱାରା ଆପଣ ହିନ୍ଦୁଧର୍ମକୁ ଖଣ୍ଡ ଖଣ୍ଡ କରିଦେବା ଭଳି ହେଉଛି । ସ୍ୱତନ୍ତ୍ର ଇନ୍ଦୁଧର୍ମ ପ୍ରଚାର ହେବାଭଳି ହେଉଛି । ଆପଣ ଯଦି ହିନ୍ଦୁ ତେବେ ଆପଣଙ୍କ ଗ୍ରନ୍ଥଗୁଡିକରେ, ଆପଣଙ୍କ ପ୍ରବଚନରେ ସ୍ୱତନ୍ତ୍ରଭାବେ ଇନ୍ଦୁ ବୋଲି କାହିଁକି କହୁଛନ୍ତି ?

**ଆମ କଥା –** ଆମେ ଗୋଟିଏ ସିଧାପ୍ରଶ୍ନ ପଚାରୁଛୁ ତା'ର ସମାଧାନ କରନ୍ତୁ । ହିନ୍ଦୁ ଆଉ ଇନ୍ଦୁ ନାମକ ଶବ୍ଦରେ ମାତ୍ର ଟିକିଏ ଭିନ୍ନତା ଛଡା ଆଉ କ'ଣ ଅଛି ଆପଣ କହନ୍ତୁ । ତେଲୁଗୁ ଭାଷାରେ ଲେଖିଥିବା ଲୋକମାନେ ହିରଣ୍ୟ କଶ୍ୟପକୁ 'ନରଶିଂହ ସ୍ୱାମୀ' ମାରିଥିଲେ ବୋଲି ଲେଖିଛନ୍ତି ।

ଆଜି ଏଇ ନାଆଁ ଥିବା ଲୋକମାନେ ମଧ୍ୟ 'ନରଶିଂହ' ଲେଖୁଛନ୍ତି । ହେଲେ ତାହା ଏଭଳି ଲେଖାଯିବା ଅନୁଚିତ୍ 'ନରସିଂହ' ଲେଖାଯିବା ଉଚିତ୍ ବୋଲି ଆମେ କହୁଛୁ । ଜଙ୍ଗଲର ରାଜା 'ସିଂହ' କୁହାଯାଏ ସିନା 'ଶିଂହ' କୁହାଯାଏ ନାହିଁ । 'ସିଂ'ହର ଅର୍ଥ ଅଛି ହେଲେ 'ଶିଂହ'ର କିଛି ଅର୍ଥ ନାହିଁ । ଏମିତି ଯାହା ଠିକ୍ ତାହା ଲେଖାଯିବା ଉଚିତ୍ । ସେହିଭଳି 'ଇନ୍ଦୁ'ର ଅର୍ଥ ଅଛି ସିନା 'ହିନ୍ଦୁ'ର ଅର୍ଥ ନାହିଁ ବୋଲି କହିଛୁ । ସୃଷ୍ଟ୍ୟାଦିରେ ଜନ୍ମ ହୋଇଥିଲା ଇନ୍ଦୁସମାଜ, ତାହା ମଝିରେ ବଦଳି 'ସଂକ୍ରାନ୍ତିକୁ' 'ସଙ୍କରାତି' କହିବା ଭଳି ଇନ୍ଦୁ ଶଦ୍ଦ ହିନ୍ଦୁ ହୋଇଯାଇଛି ବୋଲି କହିଛୁ । ଇନ୍ଦୁ ଶଦ୍ଦର ଅର୍ଥ କଅଣ, କାହିଁକି ହିନ୍ଦୁ ନକହି ଇନ୍ଦୁ କହିବା ଉଚିତ୍ ତାହା ମଧ୍ୟ ଆମ ଗ୍ରନ୍ଥଗୁଡିକରେ ବିବରଣାତ୍ମକ ଲେଖିଛୁ । ଥିବା ସତକଥାକୁ କହିଲେ ତାହା ଘୃଣା କାହିଁକି ଲାଗୁଛି । ଆମଠାରୁ ଆଉ କେହି ବଡ ନରହନ୍ତୁ ଭାବର ସହିତ କଥା କହୁଛନ୍ତି ଆପଣ ।

ଅଗ୍ରକୁଳର ଅନେକଲୋକ ଆମ ଜ୍ଞାନକୁ ଜାଣି ସନ୍ତୋଷତା ବ୍ୟକ୍ତ କରୁଛନ୍ତି, କିନ୍ତୁ ମାତ୍ର କେଇଜଣ ସଠିକ ଭାବରେ ବୁଝି ନପାରି ମାରିଦବୁ, ପୋଡିଦବୁ ଏସବୁ ପ୍ରଚାର କରନାହିଁ ବୋଲି କହୁଛନ୍ତି । ଏହା ଠିକ୍ କଥା ନୁହେଁ । ଆମର କୌଣସି ଗ୍ରନ୍ଥ ମଧ୍ୟ ନପଢି, ଆମକଥା ନଶୁଣି ଏସବୁ ଡ୍ରାମା, ନାଟକ କହିବା ଠିକ୍ ନୁହେଁ । ଆପଣଙ୍କ ଭିତରୁ କେହି ଜଣେ ଆସି ଆମେ କାହାକୁ ଅମୂକ ଧର୍ମରେ ରହ ବୋଲି କହୁଛୁ କି ଆମେ ଅନ୍ୟମତ ପ୍ରଚାର କରୁଛୁ ବୋଲି ପ୍ରମାଣିତ କରନ୍ତୁ । ଏମିତି ଯିଏ ପ୍ରମାଣ କରି ଦେଖାଇଦେବ ତାକୁ ଇନ୍ଦୁ ଜ୍ଞାନବେଦୀକା ତରଫରୁ ୧୦ଲକ୍ଷ ଟଙ୍କା ଦେବୁ, ଯଦି ପ୍ରମାଣିତ କରି ନ ପାରିବେ ତେବେ ଆପଣ କୌଣସି ଗାଆଁରେ ଥିବା ଶ୍ରୀକୃଷ୍ଣ ମନ୍ଦିରକୁ ମାତ୍ର ୧ଲକ୍ଷ ଟଙ୍କା ଦେବାକୁ ହେବ । ଏହି ସର୍ତ୍ତରେ କେହି ଆଗକୁ ଆସିପାରିବେ ? ବୋଲି ପଚାରୁଛୁ ।

ଇତି

# ଇନ୍ଦୁ ଜ୍ଞାନ ବେଦୀକା